# ମହୀମଣ୍ଡଳ ଗୀତା

## ମହାପୁରୁଷ ସନ୍ଥକବି ଅରକ୍ଷିତ ଦାସଙ୍କ ଦୁଃଖ ଯାତନାର ଆତ୍ମକାହାଣୀ




ଓଁ

**ଶ୍ରୀ ଶ୍ରୀ ଶ୍ରୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି**

**ଓଲାଶୁଣୀ ଗୁମ୍ଫା**

# ମହିମଣ୍ଡଳ ଗୀତା

ମହାପୁରୁଷ ଅରକ୍ଷିତ ଦାସ



ମହାପୁରୁଷ ଅରକ୍ଷିତ ଦାସଙ୍କ ସ୍ୱହସ୍ତ ଲିଖିତ ତାଳପତ୍ର ପୋଥିର ଶ୍ଳୋକ ଓ ସ୍ୱାକ୍ଷରର
ଏକ ନମୁନା *

ଏହା ସେ ଜଙ୍ଗଲ ପ୍ରଭୃତି ଭ୍ରମଣ କରି ବୁଲୁଥିବା ସମୟରେ ଲେଖନ ଅଭାବରୁ ବଣ କଣ୍ଟାରେ ଲେଖି ଛନ୍ତି । ସମସ୍ତ **ମହୀମଣ୍ଡଳ ଗୀତା**ଟି କଣ୍ଟାଦ୍ୱାରା ଲେଖାହୋଇଛି ।

# ଭୂମିକା

ସନ୍ଥ ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତାର ଅଧ୍ୟୟନ ଓ ଚିନ୍ତନ ଯେଉଁ ଆଧ୍ୟାତ୍ମିକ ସ୍ତରରୁ କରିବାର କଥା, ତାହା ମୁଁ କରିନାହିଁ। ମୋର ମନେହୁଏ ଅନ୍ୟ ଅନେକ ମଧ୍ୟ କରୁ ନଥିବେ। ମହିମା ଧର୍ମ ସମ୍ବନ୍ଧରେ ଯେତେ ପୁସ୍ତକ ପ୍ରକାଶିତ ହେଲାଣି, ଓ ସେଥିରେ ଯେଉଁମାନେ ଉତ୍ସାହ ପ୍ରକାଶ କରି ସେ ତତ୍ତ୍ୱର ବାଖ୍ୟା କରିଛନ୍ତି, ସେଥିରେ ମୋର ମନ ମାନିନାହିଁ। ଅଥଚ ମୁଁ ମଧ୍ୟ ସେଥିପାଇଁ ଉପଯୁକ୍ତ ନୁହେଁ। କିନ୍ତୁ ମୁଁ ଅନୁଭବ କରୁଛି ଯେ ''ମନ ଚୈତନ୍ୟ ସମ୍ବାଦ'' ଗଭୀର ଆଧ୍ୟାତ୍ମିକ ଅନୁଭୂତିର ବିଷୟ। ସେ ସାଧାରଣ ସାହିତ୍ୟ ନୁହେଁ ବା ସାଧାରଣ ଜ୍ଞାନ ପ୍ରସୂତ ନୁହେଁ। ଭାରତରେ ଯେତେ ସନ୍ଥ ଯେତେ ଶାସ୍ତ୍ର ଲେଖିଛନ୍ତି ସବୁ ଅନୁଭୂତି ପ୍ରସୂତ। କୌଣସି ବୌଦ୍ଧିକ କ୍ରିୟା ପ୍ରସୁତି ନୁହେଁ। ପାଶ୍ଚାତ୍ୟ ଦେଶ ଭାବରେ ଭାରତୀୟ ଦର୍ଶନକୁ ବିଚାର କଲେ ଭାରତୀୟ ଦର୍ଶନର ଗଭୀରତା ବୁଝିବା କଠିନ। ଏହା ଶ୍ରୀଅରବିନ୍ଦ ପ୍ରକାଶ କରିଛନ୍ତି। ଶ୍ରୀଅରବିନ୍ଦ ନିଜ ସାଧନା ଓ ଅନୁଭିତି ଯୋଗେ ''ମନ''ର ଯେଉଁ ବିଶ୍ଳେଷଣ କରିଛନ୍ତି ଓ ମନୁଷ୍ୟ ଚେତନାର ଯେଉଁ କ୍ରମ ବିକାଶତତ୍ତ୍ୱର ପ୍ରତିପାଦନ କରିଛନ୍ତି, ସେଥିରୁ ଯେତିକି ମୁଁ ବୁଝିପାରୁଛି, ତାହାକୁ ହିଁ ପ୍ରୟୋଗ କରି ଅନୁଭବ କରୁଛି ଯେ 'ମନ ଚୈତନ୍ୟ ସମ୍ବାଦ ଗଭୀର ଅଧ୍ୟାତ୍ମିକ ସାଧନା ଓ ଅନୁଭୂତିରୁ ଲିଖିତ। ଏଣୁ ଏହାକୁ ସାଧାରଣ ସାହିତ୍ୟ ହିସାବରେ ବିଚାର କରିବା ଏକ ଭ୍ରମ।

ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା' ସେହିପରି ସାଧନା ଓ ଅନୂଭୁତି ପ୍ରସୂତ। ମନ ଓ ଚୈତନ୍ୟ ମଧ୍ୟରେ କଥୋପକଥନ ବା ଭାବର ଆଦାନ ପ୍ରଦାନ କେବଳ ସାଧକହିଁ ବୁଝି ପାରିବେ, ଅନ୍ୟ କେହି ନୁହେଁ। କୌଣସି ସନ୍ଥକୁ ଅନ୍ୟ ଏକ ସନ୍ଥଙ୍କ ସହିତ ତୁଳନା କରିବା ଠିକ୍ ନୁହେଁ। ଏଣୁ କେଉଁ ସନ୍ଥର ସାଧନାକୁ କିଏ ଅନୁସରଣ କରିବ ତାହା ବ୍ୟକ୍ତି ବିଶେଷର ନିଜର ବିଶ୍ୱାସ ଉପରେ ନିର୍ଭର କରେ। ଅରକ୍ଷିତ ଦାସଙ୍କ ଅନୁଭୂତି ପୁସ୍ତକାକାରରେ ପ୍ରକାଶିତ ହେଉଛି ଏହା ଆନନ୍ଦର ବିଷୟ। 'ମହୀମଣ୍ଡଳ ଗୀତା'କୁ ଆଧ୍ୟାତ୍ମିକ ବିଚାରର ବ୍ୟାଖ୍ୟା କରିବା ପାଇଁ ମୁଁ ଭକ୍ତମାନଙ୍କୁ ନିବେଦନ କରୁଛି। ଏ ପୁସ୍ତକକୁ ସାଧାରଣ ସାହିତ୍ୟ ହିସାବରେ ବିଚାର

ନ କରିବାକୁ ଅନୁରୋଧ କରୁଛି। 'ମହୀମଣ୍ଡଳ ଗୀତା' ଏକ ନିର୍ଦ୍ଦିଷ୍ଟ ଦର୍ଶନ ଉପରେ ପ୍ରତିଷ୍ଠିତ ଓ ସେ ଦର୍ଶନ ବୌଦ୍ଧିକ ନୁହେଁ, ତାହା ଅନୁଭୂତି ପ୍ରସୂତ।

ଏକ୍ରାମ ନିବାସ,

ଭୁବନେଶ୍ୱର

ତା ୨୧/୧/୭୦ ଶ୍ରୀ ହରେକୃଷ୍ଣ ମହତାବ

## ଦ୍ୱିତୀୟ ମୁଦ୍ରଣ ପାଇଁ ପଦେ

ମାଘ କୃଷ୍ଣ ଏକାଦଶୀ ୧୯୭୦ ମସିହାରେ ବହୁ କଷ୍ଟ ଓ ଶ୍ରମ ଫଳରେ ଶ୍ରୀଶ୍ରୀ ମହାପୁରୁଷଙ୍କ ବିରଚିତ 'ମହୀମଣ୍ଡଳ ଗୀତା'ଟି ପ୍ରଥମ ଥର ପାଇଁ ପ୍ରକାଶ ହୋଇଥିଲା। ଅଗଣିତ ପାଠକ, ଭକ୍ତ ସୁଧୀ ବୃନ୍ଦଙ୍କ ଦ୍ୱାରା ଆଦୃତ ହୋଇ ପ୍ରକାଶନର ସମସ୍ତ ବହି ଶେଷ ହୋଇଯିବାରୁ ଓଳାଶୁଣୀ ଉନ୍ନୟନ ପରିଷଦ ବହୁ ଉତ୍ସାହୀ ଭକ୍ତ, ପାଠକ, ସାହିତ୍ୟ ପିପାସୁ ପଣ୍ଡିତମାନଙ୍କ ଅନୁରୋଧ କ୍ରମେ ପୁସ୍ତିକାଟିର ଦ୍ୱିତୀୟ ମୁଦ୍ରଣ ପାଇଁ ପୟାସୀ ପଣ୍ଡିତମାନଙ୍କ ଅନୁରୋଧ କ୍ରମେ ପୁସ୍ତିକାଟିର ଦ୍ୱିତୀୟ ମୁଦ୍ରଣ ପାଇଁ ପ୍ରୟାସୀ ହେଲେ। କିନ୍ତୁ ପୁସ୍ତକ ପ୍ରକାଶନ ଏକ ବ୍ୟୟ ବହୁଳ କାର୍ଯ୍ୟ ହୋଇଥିବାରୁ ଓଳାଶୁଣୀ ମଠ ତା'ର ସିମୀତ ସମ୍ବଳ ମଧ୍ୟରେ ପ୍ରକାଶାନର ଗୁରୁଦାୟିତ୍ୱ ବହନ କରିବାକୁ ନିରୁତ୍ସାହିତ ହେବାରୁ ମହାପୁରୁଷଙ୍କର ଅସୀମ କରୁଣା ବଶତଃ ମଠ ଧର୍ମାବଲମ୍ବୀ ସନ୍ୟାସୀ ଶ୍ରୀ ପର୍ଶୁରାମ ଦାସ ପୁସ୍ତକ ପ୍ରକାଶନର ସମସ୍ତ ବ୍ୟୟ ବହନ କରି ପୁସ୍ତକ ପ୍ରକାଶ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଶ୍ରଦ୍ଧାଞ୍ଜାପନ କରୁଅଛି। ଚଣ୍ଡୀଖୋଲର 'ଭାରତୀ ପ୍ରେସ' ଅଳ୍ପ ସମୟ ମଧ୍ୟରେ ବହୁ କଷ୍ଟ ସ୍ୱୀକାର କରି ପୁସ୍ତକଟିକୁ ଯଥା ସମୟରେ ପ୍ରକାଶ କରିଥିବାରୁ ମୁଦ୍ରାଣାଳୟର ଉତ୍ତରୋତ୍ତର ଉନ୍ନତି ପାଇଁ ମୁଁ ମହାପୁରୁଷଙ୍କ ନିକଟରେ ପ୍ରାର୍ଥନା କରୁଅଛି।

ଅଗଣିତ ଭକ୍ତ, ସାଧକ ତଥା ସାହିତ୍ୟାନୁରାଗୀ ସୁଧୀ ଧର୍ମପ୍ରାଣ ପାଠକମାନଙ୍କ କୈବଲ୍ୟ ପ୍ରାପ୍ତରେ ଏହା ସାହାଯ୍ୟ କରୁ ଏତିକି କାମନା।

ଓଳାଶୁଣୀ ମଠ

ମାଘ କୃଷ୍ଣ ଏକାଦଶୀ ୧୯୭୮ ମହନ୍ତ ଶ୍ରୀ ଲଚ୍ଛମନ ଦାସ

# ମହାପୁରୁଷ ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା'ର ଏକ ବିହଙ୍ଗାବଲୋକନ

ମୁଁ ପ୍ରାୟ ୨୩ ବର୍ଷ ତଳେ 'ମହୀମଣ୍ଡଳ ଗୀତା' ପୋଥି ପଢ଼ିଥିଲି। ଏବେ ଛପା ବହି ଆକାରରେ ତାକୁ ଦେଖି ଆହୁରି ଖୁସି ହେଲି। ଏ ଦିଗରେ ମହନ୍ତ ଶ୍ରୀ ଲଛମନ ଦାସ, ଶ୍ରୀ ପରମାନନ୍ଦ ଭୂୟାଁ, ଶ୍ରୀ ରୂପାକର ଷଡ଼ଙ୍ଗୀ, ଶ୍ରୀ କସ୍ତୁରୀ ଚରଣ ସାମଲ ତଥା ଉତ୍କଳର ଦ୍ୱିତୀୟ ଭଞ୍ଜ ଶ୍ରୀ ଗୋଲକ ଚନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଅବିସ୍ମରଣୀୟ।

ମହାପୁରୁଷ ଅରକ୍ଷିତ ଦାସ ବଡଖେମୁଣ୍ଡି (ଗଞ୍ଜାମ) ରାଜବାଟୀ ଛାଡ଼ି ସମସ୍ତ ସୁଖ ସମ୍ପଦ ଓ ଐଶ୍ୱର୍ଯ୍ୟ ତ୍ୟାଗ କରି ବିଭିନ୍ନ ସ୍ଥାନ ତତ୍ତ୍ୱ ଅନ୍ୱେଷଣ, ନିଜନାମ ଏକାକ୍ଷର ବ୍ରହ୍ମ - ଓଁକାର ତତ୍ତ୍ୱ ପ୍ରଚାର, ଯୋଗ ସାଧନ, ସମାଜ ସଂସ୍କାର ଆନୟନ, ଧର୍ମ ସଂସ୍ଥାପନ ଓ ସନ୍ଥ ସେବା ଦେବା ଓ ଗ୍ରହଣ କରିବା ଆଦିରେ ତାଙ୍କର ଜୀବନ ଅତିବାହିତ କରିଛନ୍ତି।

ସେ ପ୍ରାୟ ୧୫୦ ବର୍ଷ ତଳେ ପ୍ରାଣତ୍ୟାଗ କରିଛନ୍ତି, ମହା ସମାଧି ପ୍ରାପ୍ତ ହୋଇ ମାତ୍ର ତାଙ୍କ ସଂସ୍ଥାପିତ ଓ ସଂପ୍ରଚାରିତ ଧର୍ମଦ୍ୱାରା ଦର୍ଶନ ଆଜି କ୍ରମବର୍ଦ୍ଧମାନ ଅବସ୍ଥାରେ ବିକଶିତ ହୋଇ ଉଠୁଛି।

ସେ ନାମ ଧର୍ମ ଆଜ୍ଞା ଧର୍ମ ଓ ବ୍ରହ୍ମ ଅବଧୂତ ଧର୍ମର ପ୍ରଚାର କରିପାରିଛନ୍ତି। ପରନ୍ତୁ ସେ ଯେଉଁ ଅନୁଭୂତିସିଦ୍ଧ ଅନ୍ୱେଷଣର ଅନୁଶାସନ ଓ ଅନୁଭବ ଦେଇଯାଇଅଛନ୍ତି ଓ ଅଲୌକିକ ଅଘଟନମାନଙ୍କର ପଦର୍ଶନ କରିଛନ୍ତି, ତାହା ତାଙ୍କୁ ଆଜି ମହାପୁରୁଷ କରି ସାରିଛି। ସେ ଥିଲେ ଜାତିସ୍ମର, ସିଦ୍ଧସାଧକ, ନାଗାନ୍ତି ଯୋଗାନ୍ତି, ବୋଦାନ୍ତି, ସିଦ୍ଧାନ୍ତି - ଚାରି ସୋପାନ ସାଧନ କରିସାରି ସେ ଶେଷରେ ଓଳାଶୁଣୀ ପାହାଡରେ ରହି ଭକ୍ତି ଯୋଗ ପାର୍ଥନା କରି ଘଟଛାଡ଼ି ବ୍ରହ୍ମରେ ଲୀନ

ହୋଇଯାଇଛନ୍ତି। ତାଙ୍କାଦ୍ୱାରା ରଚିତ ଅନେକ ଭଜନ ଜଣାଣ, ସ୍ତୁତି, ସ୍ତବ, ପ୍ରାର୍ଥନା, ଚଉତିଶା, ଚଉପଦୀ, ମହୀମଣ୍ଡଳ ଗୀତା ତଥା ଭକ୍ତିଟୀକା, ତତ୍ତ୍ୱବୋଧ, ମହାକବଚ ଆଦି ତାଙ୍କର ଅସୀମ ଜ୍ଞାନପ୍ରାପ୍ତ ବ୍ରହ୍ମଚୈତନ୍ୟ ଆତିମାନସ ଚୈତ୍ୟ ସ୍ଥିତିର ସୂଚନା ଦିଏ। ମେସାଇ ସଂପ୍ରଦାୟ ଓ ଅଲେଖ ମହିମା ସଂପ୍ରଦାୟ ଭଳି ଜାତି, ଧର୍ମ ଓ ବର୍ଣ୍ଣ ନିବିଶେଷରେ ସମସ୍ତଙ୍କୁ ତାଙ୍କ କୃପାରେ ମୋହିତ କରୁଥିଲେ। ସେ ନିରାକାର ବ୍ରହ୍ମ ବା ଶୂନ୍ୟ ବ୍ରାହ୍ମଣଙ୍କ ସର୍ବବ୍ୟାପ୍ତି ଅନୁଭବ କରି ତାଙ୍କୁ ଆରାଧନା କରୁଥିଲେ ମଧ୍ୟ ସନାତନ ହିନ୍ଦୁଧର୍ମ ଓ ହିନ୍ଦୁ ଦେବାଦେବୀମାନଙ୍କର ମହାତ୍ମ୍ୟ ବା ନାମଗାନରୁ ବିରତ ହୋଇନାହାନ୍ତି। ବ୍ରାହ୍ମଣ, ଧୋବା ଓ ଭଣ୍ଡାରୀ ଘରୁ ଏହି ମହାପୁରୁଷଙ୍କ ସଂପ୍ରଦାୟ ସିଦ୍ଧା ଗ୍ରହଣ କରନ୍ତି। ଉପର ଠାଉରିଆ ଭାବରେ, ପିତୁଳି ପୂଜା ଓ ବ୍ରାହ୍ମଣ୍ୟ ଧର୍ମର ସେ ନିନ୍ଦା କରିଛନ୍ତି।

ତାଙ୍କର ଆଗମନ ସଂକ୍ରାନ୍ତରେ 'ଲେହୀ ଗୀତାରୁ' ଜଣାଯାଏ ଯେ ସେ ଧର୍ମ ପ୍ରଚାର, ପୁଣ୍ୟ ବିଚାର ଓ ଯୋଗାଚାର ପାଇଁ ଲଳିତଗିରି ସନ୍ନିକଟସ୍ଥ ଓଁକାରାକୃତି ଓଲାଶୁଣୀରେ ଅବସ୍ଥାନ କରି ମହାଭାବ ସମାଧି ପ୍ରାପ୍ତ ହେବେ। ପରାତ୍ପର ପରଂବ୍ରହ୍ମ ପରମେଶ୍ୱରଙ୍କର ସେ ଥିଲେ ସ୍ତାବକ, ଠିକ୍ ଭକ୍ତ କବି ମଧୁସୂଦନଙ୍କ ଭଳି। ସେ ହେଉଛନ୍ତି ଶ୍ରେଷ୍ଠ ଅନ୍ତରଙ୍ଗ ଭକ୍ତ ତାଙ୍କ ସଂପ୍ରଦାୟର ସନ୍ନ୍ୟାସୀମାନେ ଗଳାରେ ''ନାମ'' ଲେଖା ହୋଇଥିବା ପଦକମାନ ଧାରଣ କରନ୍ତି।

ବର୍ତ୍ତମାନର ବାଣୀ ବିହାର ଉତ୍କଳ ବିଶ୍ୱବିଦ୍ୟାଳୟର ମୁଖ୍ୟ ଓଡ଼ିଆ ଅଧ୍ୟାପକ ଶ୍ରୀଯୁକ୍ତ ଡକ୍ଟର ବଂଶୀଧର ମହାନ୍ତିଙ୍କ ସଙ୍ଗରେ ମୁଁ ତାଙ୍କ ପୀଠକୁ ଯାଇଥିଲି ଓ ଆମେ କେତେକ ତଥ୍ୟବଳୀ ସଂଗ୍ରହ କରିଥିଲୁ। ତାହା ଡକ୍ଟର ମହାନ୍ତିଙ୍କ ''ଅରକ୍ଷିତ ଦାସ ଓ ''ମହୀମଣ୍ଡଳ ଗୀତା'' ନିବନ୍ଧରେ 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା।

ସେ ରାଜପୁତ୍ର ହୋଇ ମଧ୍ୟ ଅଠର ବୟସରେ ଗୃହତ୍ୟାଗ କରିଥିଲେ ହେଁ ଶ୍ରୀମଦ୍ ଭଗବତ୍ ଗୀତା, ଭାଗବତ, ଶାସ୍ତ୍ର ପୁରାଣମାନ କିଛି ନା କିଛି ଶୁଣିଥିବେ ବା

ଅଧ୍ୟୟନ କରିଥିବେ। ସେ ସମସ୍ତଙ୍କର ସାର ସୌରଭ, ବୈଷ୍ଣବୀୟ ପଞ୍ଚସଖାମାନଙ୍କ ଭକ୍ତି ସଙ୍ଗୀତ ତଥା ବୌଦ୍ଧଚର୍ଯ୍ୟାମାନଙ୍କର ଚର୍ଯ୍ୟାଗୀତିକା ଆଦି ତାଙ୍କ ଉପରେ ଅପରୋକ୍ଷରେ କିଛି ନା କିଛି ପ୍ରଭାବ ପକାଇ ତାଙ୍କୁ ଏକ ଅଦ୍ୱିତୀୟ ସିଦ୍ଧସାଧକ ରୂପେ ପରିଣତ କରିଛି। ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ପ୍ରଭୃତିର ସାରତତ୍ତ୍ୱ ତାଙ୍କ ରଚନାରେ ଦେଖିବାକୁ ମିଳେ।

ଆମ ଉତ୍କଳର ଯୋଗାଚାର ସୁଖ-ଶାନ୍ତି ଓ ସୌଭାଗ୍ୟ ଦାୟକ ହୋଇଥିବାରୁ ସେ ତାଙ୍କ ଯୋଗସୂତ୍ରକୁ ହଜ-ସହଜ ସମାଧିରେ ପ୍ରକାଶ କରିଯାଇଛନ୍ତି ଓ ପିଣ୍ଡ ବ୍ରହ୍ମାଣ୍ଡ ତଥା କୀଟଠୁଁ ବ୍ରହ୍ମଯାଏ ସେ ସମଦୃଷ୍ଟରେ ଦେଖି ଅକର୍ମ ସାଧନ ଓ ଅବିକାର ଚିତ୍ତତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ସାଧନାର ଶ୍ରେଷ୍ଠ ସ୍ତରର ସୋପାନରେ ପହଞ୍ଚିଛି।

ମହୀମଣ୍ଡଳ ଗୀତାର ୬୬ ଅଧ୍ୟାୟରେ ବ୍ରହ୍ମବିଚାରରେ ସେ ଗଦ୍ୟରେ ଅର୍ଥ ଦେଇଛନ୍ତି ଜଗନ୍ନାଥ ଦାସଙ୍କ ତୁଳାଭିଣାର ଅର୍ଥପରି। ସେ ଡବୁଡୁବା, ଖଣ୍ଡଗିରି, ଚିତ୍ରକୂଟ, ବରୁଣାଇ, ପୁରୀ ପ୍ରଭୃତି ପର୍ବତମାନ ବୁଲି ଝଙ୍କଡ଼, କୁଜଙ୍ଗ, ପାରାଦ୍ୱୀପ, ଯଦୁପୁର, କେନ୍ଦ୍ରାପଡ଼ା ଦେଇ ଓଳାଶୁଣୀରେ ଅବସ୍ଥାନ କରିଛନ୍ତି ଓ ତାଙ୍କ ଆଜ୍ଞାଧର୍ମର ପ୍ରସାର କରାଇଛନ୍ତି। ସେ ଅନନ୍ତ ଗୁମ୍ଫାରେ ବାସ କରୁଥିଲେ ଏବଂ ତାଙ୍କର ପବିତ୍ର କେଶରୁ ଗୋଟିଏ ଲଳିତଗିରି ନିବାସୀ ସ୍ୱର୍ଗତ କମ୍ପୂ ମହାରଣାଙ୍କ ପ୍ରପିତାମହୀ ଭକ୍ତି ସ୍ୱରୂପ ପାଇ ଅଦ୍ୟାବିଧି ତାଙ୍କ ପରିବାରରେ ଥିବା ଓ ପୂଜା କରାଯାଉଥିବାର ଜଣାଯାଏ।

ଆମେ ଗୃହୀ ଭକ୍ତଗଣ ନାମ ଧର୍ମ ଗ୍ରହଣ କରି ନାମରେ ପ୍ରେମ ହୋଇ ଓ ତାହା ଗାଇ ଗାଇ କୈବଲ୍ୟ ମୁକ୍ତିର ସଂଧାନ କରିବା ଭଲ ଏଇ ମହାପୁରୁଷଙ୍କୁ ଯଥେଷ୍ଟ ସମ୍ମାନ ଦେଇ। ସେ ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ମଣୁଥିଲେ। ମୁଁ ଶ୍ରୀ ଶ୍ରୀ ଅଭିରାମ ପରମହଂସଙ୍କ ଠାରୁ ଶୁଣିଥିଲି ଅରକ୍ଷିତ ଦାସ ଥିଲେ ଜଣେ ମହାନ ତ୍ୟାଗୀ ଓ ଅବଧୂତ ସନ୍ୟାସୀ ଓ ଏକାକ୍ଷର ଭାବ ତଥା ଏକାକ୍ଷର ବ୍ରହ୍ମ ସାଧନ।

ଏହି ମହୀମଣ୍ଡଳ ଗୀତାଟି ପଢ଼ିଲେ ମହାପୁରୁଷ ସନ୍ତକବି ଅରକ୍ଷିତ ଦାସଙ୍କ ଦୁଃଖ ଯାତନାର ଆତ୍ମକାହାଣୀ, ଆମ ସମାଜର ରୂପରେଖ ତାଙ୍କର ଏକାଗ୍ରତା ତଥା ଧୈର୍ଯ୍ୟ ସାହାସ, ଅଧ୍ୟବସାୟାଦି ଅବଗତ ହୋଇ ଆମେ ସତରେ ତାଙ୍କ ପ୍ରତି ଦରଦୀ ହୋଇ ଉଠୁ।

ସେ ନିରିଶ୍ୱରବାଦୀ ନୁହନ୍ତି। ଏହି ଗୀତାରେ ଶୁଦ୍ରମୂନୀ ଶାରଳା ଦାସଙ୍କ ଭଳି ଓ ଭୀମଭୋଇଙ୍କ ଭଳି ସେ ଉତ୍କଳର କେତେକ ଚିତ୍ର ଓ ଜନମାନସ ଚିତ୍ରଣ କରିଛନ୍ତି। ତାଙ୍କର ରଚନାବଳୀ ପାଠକଲେ ସେ ମାନସ ମୋହନ ପାଇଁ ବ୍ରହ୍ମ ଚୈତନ୍ୟ ସ୍ଥିତି କଥା ବୁଝାଇ ଥିବାର ମନେ ହୁଏ। ତାଙ୍କର ଅନ୍ୟାନ୍ୟ ଗ୍ରନ୍ଥ ଶୀଘ୍ର ପ୍ରକାଶ ହେବ ବୋଲି ଆଶା। ଏହା ହେଲେ ତାଙ୍କ ପ୍ରତିଭା ବିଭବର ଆହୁରି ଅନେକ ବିଭବ ଉନ୍ମୋଚିତ ହେବ।

ମହୀମଣ୍ଡଳର ଗୀତାର କେତେକ ବଛା ବଛା ପଦ –

ଯେବେ ଏ ଦେହ ଛାଡ଼ିଯିବ। ପୃଥ୍ୱୀ ରସାତଳେ ପଡ଼ିବ॥
ପବନ ବିନା ପାଶେ ଧରି। ଚାଲିଛୁ ଯନ୍ତ୍ର କୁଟ କରି ॥ ୪ର୍ଥ ଅଧ୍ୟାୟ

* * * * *

ହିଂସା ରାଗ ଯେ ହେଲି ମୁହିଁ। ମୁଁ ମୋତେ କପଟ କରଇ॥ ୭ମ ଅଧ୍ୟାୟ

* * * * *

ନିର୍ମାୟା ହୋଇଣ ରହିବୁ। ତୁହିତ କେବେ ନ ମରିବୁ॥ ୧୭ ଅଧ୍ୟାୟ

* * * * *

କୀଟରୁ ବ୍ରହ୍ମ ଯାଏ ଜାଣ। ଆଜ୍ଞାରୁ ଜାତ ହେଲେ ପୁଣ॥ ୨୬ ଅଧ୍ୟାୟ

* * * * *

ସକଳ ଜୀବ ହୃଦେ ଥାଇ। ଓଁକାରରୂପେ ବିହରଇ॥ ୨୯ଶ ଅଧ୍ୟାୟ

* * * * *

ଛୁଆଁ ଅଛୁଆଁ ନବାରିବୁ। ଏହାଙ୍କୁ ସମାନ ଦେଖିବୁ॥ ୩୪ଶ ଅଧ୍ୟାୟ

* * * * *

ଦେବତା ଏହି ଦେହେଛନ୍ତି । ଏହା ନ ଯାଣେ ମୂଢ଼ ମତି ॥
ପିତଳ କାଷ୍ଠ ପାଷାଣକୁ । ଦେବତା ବୋଲି ପୂଜେ ତାଙ୍କୁ ॥
ସେ କି ଗତି ମୁକ୍ତ ଦେବ । ଏହା ନ ଜାଣେ ମୂଢ଼ ଜୀବ ॥ ୩୮ ଅଧ୍ୟାୟ

* * * * *

ଏ ଘେନି ସର୍ବ ଘରେ ଖାଇ । ଏକ ଆତ୍ମାଟି ସର୍ବ ଦେହି ॥ ୪୬ ଅଧ୍ୟାୟ
ହେ ବ୍ରହ୍ମ ତୁମ୍ଭ ବ୍ୟତିରେକେ । ନାହାନ୍ତି କେହି ତିନି ଲୋକେ ॥ ୪୭ ଅଧ୍ୟାୟ

* * * * *

ହେ ବ୍ରହ୍ମ ସର୍ବାକ୍ଷର ହେଲ । ବ୍ରହ୍ମାଣ୍ଡ ଯାକରେ ଘୋଟିଲ ॥ ୯୩ ଅଧ୍ୟାୟ

* * * * *

ହେ ମନ ଏବେ ଶୁଣ ତୁହି । ବ୍ରହ୍ମଙ୍କୁ ନ ଜାଣନ୍ତି କେହି ॥
କେବଳ ଭାବେ ବଶ୍ୟ ସେହି । ହେ ମନ ଭାବ ତାକୁ ତୁହି ॥
ସର୍ବ ଘଟରେ ସେହୁ ଥାଇ । ନ ଲାଗି ବିଲଗେ ଖଳଇ ॥ ୬୬ ଅଧ୍ୟାୟ

* * * * *

ବିନା ଫାଶେ ବାନ୍ଧିଣ ତୁ ତାହାଙ୍କୁ ରଖିବୁ
ବିନା ଫାଶ ଭକତିଟି ଚିହ୍ନିଲେ ପାଇବୁ ॥
ଶ୍ରୀକୃଷ୍ଣ ଶ୍ରୀ ପାଦପଦ୍ମେ କରିଥିବୁ ଲୟେ
ଶ୍ରୀହରିଟି ସର୍ବ ଜୀବ ଯାକରେ ଉଦୟେ । (ମନ ଚଇତନ ଚଉତିଶା)

ଏହି ସନ୍ଥଙ୍କର ଆର୍ବିଭାବ ସୂଚନା ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ''ଛୟାଳିଶ ପଟଳ''ରୁ ମଧ୍ୟ ଜଣାଯାଏ । ସେଥିଲେ ଅନ୍ତର୍ଯ୍ୟାମୀ । ସମସ୍ତ ସୃଷ୍ଟିକୁ ସେ ବ୍ରହ୍ମମୟ ଦେଖୁଥିଲେ । ତାଙ୍କ ଅନୁଭୂତି ସିଦ୍ଧ, ଅନୁଭବଲବ୍ଧ ଅନୁଶୀଳନଯୁକ୍ତ ''ମହୀମଣ୍ଡଳ ଗୀତା'' ନବନୀତ ଭଳି କୋମଳ ସରଳ ଶକ୍ତି କାରକ ଗ୍ରନ୍ଥ ଅଟେ । ବ୍ରହ୍ମସ୍ଥିତି ତୃତୀୟା ଗତି ତଥା ତଟସ୍ଥ ଭାବ ବିକାରର ପ୍ରାଞ୍ଜଳ ରଚନା ଏଥିରେ ଦେଖିବାକୁ ମିଳେ । ଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଆମକୁ ବାଇଶି ପାହାଚ ଅତିକ୍ରମ କରିଯିବାକୁ ପଡ଼ିଲାପରି ଏହି ଗୀତାର ବିଷୟ ବସ୍ତୁକୁ ୨୨ଟି ସୋପାନରେ ବିଭକ୍ତିକରଣ

କରାଯାଇଛି। ସପ୍ତାଙ୍ଗ, ଅଷ୍ଟାଙ୍ଗ ଶିଶୁବେଦ ଓ ନାଦବ୍ରହ୍ମ, ଶବ୍ଦବ୍ରହ୍ମ ତଥା ଅକ୍ଷୟ ଅକ୍ଷର ବହ୍ମଙ୍କ ବର୍ଣ୍ଣନା ଏଥିରେ ରହିଛି। ଏହା ତାଙ୍କର ଉର୍ଦ୍ଧ୍ୱସ୍ତରର ଅଧ୍ୟାତ୍ମିକ ଚେତନାର ପ୍ରବାହ ଅଟେ ଓ ଏକ ନିଷ୍ଟ ଦୃଢ଼ ଭକ୍ତିରେ ବ୍ରହ୍ମୋପାସନର ପରିପ୍ରକାଶ ଅଟେ।

ଓଳାଶୁଣୀରେ ସମାଧି ନେବାପରେ ସେ ପୁରୀ ଜଗନ୍ନାଥଙ୍କ ନିକଟରେ ଓ ଖଣ୍ଡଗିରିରେ ପ୍ରକଟିତ ହୋଇଥିବାରୁ କେତେକ କିମ୍ବଦନ୍ତୀ ଏବେବି ଶୁଣାଯାଏ।

ରାମକୃଷ୍ଣ, ବିବେକାନନ୍ଦ, ନିଗମାନନ୍ଦ, ସାଇବାବା, ଅରବିନ୍ଦଙ୍କ ଭଳି ସେ ମଧ୍ୟ ସିଦ୍ଧସାଧକ ଓ ବୁଦ୍ଧ, ମହାବୀର ଚୈତନ୍ୟ, ଶଙ୍କର, ଗୋରଖନାଥଙ୍କ ଭଳି ଏକ ବିରାଟ ଯୋଗୀ। ରାମ ମୋହନ ରାୟ ଓ ଦୟାନନ୍ଦଙ୍କ ଭଳି ସଂସ୍କାରକ। ତୈଲଙ୍ଗସ୍ୱାମୀ, ତୁକାରାମଙ୍କ ଭଳି ନିର୍ବିକାର। ସାଲବେଗଙ୍କ ଭଳି ଭକ୍ତିମତ୍ତା ଅନୁକୁଳଙ୍କ ଭଳି ଚେତନା ପ୍ରଚୋଦିତ।

''ମହୀମଣ୍ଡଳ ଗୀତା''ର ଦର୍ଶନ ଏକ ମୌଳିକ ଓ ସ୍ୱତନ୍ତ୍ର ଦର୍ଶନ। ଏହି ଗ୍ରନ୍ଥଟି ଭାବୋଦୀପ୍ତ ପ୍ରତିଭାର ଏକ ସମୁଜ୍ୱଳ ସ୍ମାରକୀ।

ଏହି ସଦ୍‌ଗ୍ରନ୍ଥଟିର ଶିଶୁ ସୁଲଭ ସରଳତା ଓ ପ୍ରଜ୍ଞାସିଦ୍ଧ ସବଳର ଦୃଷ୍ଟି ଗୋଚର ହୁଏ। ସ୍ୱକୀୟତା - ସ୍ୱତନ୍ତ୍ରତାରେ ଏହି ଗ୍ରନ୍ଥର ଦର୍ଶନର ଏକ ବୈଶିଷ୍ଟ୍ୟ ପରିଦୃଶ୍ୟମାନ।

ମହାପୁରୁଷ ଥିଲେ ମାନବତାବାଦୀ ସନ୍ଥକବି - ତାଙ୍କର ସଂସ୍କାର ମନ ଭକ୍ତିଯୋଗ ସାଧନରେ ସଦା ନିମଜ୍ଜିତ ଥିଲା। ମହାପୁରୁଷଙ୍କର ଆର୍ଶିବାଦ ଆମ ସମସ୍ତଙ୍କ ଉପରେ ଝରିପଡୁ। ଏତିକି କାମନା।

ତା ୪/୧୧/୧୯୭୭

ଶ୍ରୀ ଧନେଶ୍ୱର ସାମଲ (ପ୍ରଧାନ ଶିକ୍ଷକ)
ଜଗନ୍ନାଥପୁର ହାଇସ୍କୁଲ
ପୋ.ଅ. ତିରଣ, ଜି. କଟକ

--- ୦ ---

# ପଦେ

ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଅଦ୍ୟାବଧି ଯେତେ ଗୀତାର ପ୍ରକାଶ ସମ୍ଭବପର ହୋଇଛି ସବୁ ଦୃଷ୍ଟିକୋଣରୁ ବିଚାର କଲେ, ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା ସେମାନଙ୍କଠାରୁ କୌଣସି ଗୁଣରେ ନିକୃଷ୍ଟ ବୋଲି କୁହାଯାଇ ନପାରେ। ପଞ୍ଚସଖାଙ୍କର ସମସ୍ତ ଭାବ, ସାଧନା, ବର୍ଣ୍ଣନା ପରିପାଟୀ ଓ ଅନୁଭୂତି ଧାରଣ କରି ଅରକ୍ଷିତ ଦାସ ଯେ କିପରି ଲାଞ୍ଛିତ ଓ ଜର୍ଜରିତ ହୋଇ ଏପରି ଏକ ଅମୂଲ୍ୟ ସମ୍ପଦ ରଖିଯାଇଛନ୍ତି ତାହା ପ୍ରତ୍ୟେକ ଆଧ୍ୟାତ୍ମିକ ପ୍ରାଣଙ୍କୁ ଉଦ୍‌ବୋଧ କରିବ ଏଥିରେ ସନ୍ଦେହ ନାହିଁ।

ପରଚେ ଗୀତା, ଗୁପ୍ତଗୀତା, ଗୁରୁଭକ୍ତି ଗୀତା, ଗରୁଡ଼ ଗୀତା, କୈବର୍ତ୍ତ ଗୀତା ପ୍ରଭୃତି ଯେପରି ସ୍ୱୀୟ ନିଜତ୍ୱ ବଳରେ ଓଡ଼ିଶାର ବୈଷ୍ଣବ ସାହିତ୍ୟକୁ ଉଦ୍‌ଯାପିତ କରି ରଖିଛନ୍ତି; ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା ସେଥିରେ ଯେ ଭକ୍ତି ରୂପକ ତୈଳ ସଂଯୋଗ କରିବ, ଏଥିରେ ସନ୍ଦେହ ନାହିଁ।

ଭକ୍ତମାନଙ୍କ ପ୍ରାଣ କେଦାରରେ ଏହା ଯେ ଭକ୍ତିରସ, ଆଦର୍ଶ ଉଦ୍‌ଫୁଲ୍ଲତାର ବୀଜ ପବନ କରିବ ଏହା ଯେ କୌଣସି ଆଧ୍ୟାତ୍ମିକବାଦୀ ବିଶ୍ୱାସ କରିବେ। ବଣମଲ୍ଲି ପରି ପଡ଼ିରହିଥିବା ଅରକ୍ଷିତ ଦାସଙ୍କ ଏହି ଗୀତାକୁ ପ୍ରକାଶ କରିବାକୁ ଯେଉଁମାନେ ଆଗେଇ ଆସିଲେ ଏବଂ ଏପରି ଏକ ବିରାଟ ଗ୍ରନ୍ଥର ପ୍ରକାଶ ଯେଉଁ କେତେ ଜଣ ଉତ୍ସାହୀ ଭକ୍ତ-ପ୍ରାଣ ଲୋକଙ୍କ ଦ୍ୱାରା ସମ୍ଭବ ହେଲା ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି।

ଶ୍ରୀ ପ୍ରମଥନାଥ ଜେନା, ଏମ୍.ଏ

ଝାଞ୍ଜରୀ ବଙ୍ଗଳା

କଟକ - ୧

## ପ୍ରକାଶକଙ୍କ କଲମରୁ .... ✍

ସନ୍ଥ ଅରକ୍ଷିତ ଦାସ ଓଡ଼ିଶାର ଧର୍ମ ସାହିତ୍ୟ ଏବଂ ଇତିହାସରେ ଜଣେ ବିଚିତ୍ରକର୍ମା ବ୍ୟକ୍ତି। ସେ ଜଣେ ଧର୍ମ ବିପ୍ଳବୀ ଥିଲେ। ସେ ବ୍ରାହ୍ମଣ ଧର୍ମ ଏବଂ ପ୍ରତିମା ପୂଜାର ଘୋର ବିରୋଧି ଥିଲେ। ସେ ଏହାରି ବିରୋଧରେ ପ୍ରକାଶ୍ୟ ପ୍ରଚାର କରି ଯାଇଛନ୍ତି। ଲୋକଙ୍କୁ କେବଳ ନିରାକାର ବ୍ରହ୍ମକୁ ହିଁ ଧ୍ୟାନ କରିବାକୁ ଆହ୍ୱାନ କରିଛନ୍ତି।

ବଙ୍ଗଳାର ବ୍ରାହ୍ମ ଧର୍ମ ପ୍ରତିଷ୍ଠାତା ରାଜା ରାମମୋହନ ରାୟ ଏବଂ କେଶବଚନ୍ଦ୍ର ସେନ୍‌ଙ୍କ ପରି ଓଡ଼ିଶାରେ ଅରକ୍ଷିତ ଦାସ ଏକେଶ୍ୱରବାଦ ଧର୍ମ ପ୍ରଚାର କରି ଯାଇଛନ୍ତି। ଏମାନେ ଏକ ସମୟରେ ନିଜ ନିଜର ଧର୍ମ ପ୍ରଚାର କରିଥିବାର ଜଣାଯାଏ।

ସନ୍ଥ ଅରକ୍ଷିତ ଦାସଙ୍କ ଜୀବନ ରାଜକୁମାର ବୁଦ୍ଧଙ୍କ ଜୀବନ ସଙ୍ଗେ ସମାନ। ଅରକ୍ଷିତ ଦାସ ସଂସାର ପତି ବିରାଗୀ ହୋଇ ବଡ଼ ଖେମଣ୍ଡିତ ରାଜା ଐଶ୍ୱର୍ଯ୍ୟ ମୋହ ଏଡ଼ି ଦେଇ ୧୭ ବର୍ଷ ବୟସରେ ଗୃହ ପରିତ୍ୟାଗ କରିଥିଲେ। ୧୮ ବର୍ଷ ବଣ ଜଙ୍ଗଲରେ ବୁଲି ନାନା ଦୁଃଖ କଷ୍ଟ ସହ୍ୟ କରିଥିଲେ। ଉଦ୍ଦେଶ୍ୟ ହେଲା ସତ୍ୟ ଏବଂ ଆଧ୍ୟାତ୍ମିକ ସନ୍ଧାନ।

ବଣ ଜଙ୍ଗଲରେ ବୁଲୁଥିବାବେଳେ ସେ ଭଜନ, ଜଣାଣ, ଚଉତିଷା, କବଚ, ବାଲ୍ୟବୋଧ, ଭକ୍ତିଟୀକା ଶକାବ୍ଦ ଏବଂ ମହୀମଣ୍ଡଳ ଗୀତା ପ୍ରଭୃତି ରଚନା କରି ଯାଇଛନ୍ତି। ସମସ୍ତ ଗ୍ରନ୍ଥ ମଧ୍ୟରୁ ମହୀମଣ୍ଡଳ ଗୀତା ମହୀମଣ୍ଡଳ ଗୁପ୍ତଟିକା ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତୀ। ଏହି ଗ୍ରନ୍ଥଟି ତାଳପତ୍ରରେ ବଣର କଣ୍ଟାଦ୍ୱାରା ଲିଖିତ ବୋଲି ତାଙ୍କର ହସ୍ତର ମୂଳ ପୋଥିରୁ ଦେଖାଯାଏ। କାରଣ ଜଙ୍ଗଲରେ ଲେଖିବାକୁ ଲେଖନ ପାଇ ନଥିବାରୁ ଜଣାପଡୁଛି। ଏହି ପ୍ରମାଣ ପାଇଁ ତାଙ୍କର ଶେଷ ଜୀବନର କର୍ମସ୍ଥଳ ଓଳାଶୁଣି ଗୁମ୍ଫା ଗାଦିରେ ଥିବା ତାଙ୍କ ସ୍ୱହସ୍ତଲିଖିତ ପୋଥିରୁ ଦୁଇଟି ପତ୍ର ବ୍ଲକ କରାଯାଇ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି।

ସନ୍ଥ ଅରକ୍ଷିତ ଦାସ ୧୪୫ ବର୍ଷ ହେବ ମହାପ୍ରୟାଣ କରିଥିବାର ଜଣାଯାଏ। ତାଙ୍କର ମହୀମଣ୍ଡଳ ଗୀତା ଓ ଅନ୍ୟ କେତେକ ପୋଥି ଏହି ପବିତ୍ର କ୍ଷେତ୍ରରେ ପୂଜା ପାଉଛି। ତାଙ୍କର ଏହି ମହୀମଣ୍ଡଳ ଗୀତାଟି ତେୟାନବେ ଅଧ୍ୟାୟରେ ସମ୍ପୂର୍ଣ୍ଣ ହୋଇଛି।

ଉତ୍କଳର ଅନିସନ୍ଧିସ୍ନୁ ଲେଖକ ଏବଂ ପାଠକମାନେ ମହୀମଣ୍ଡଳ ଗୀତା ପାଇଁ ଆକାଂକ୍ଷୀତ ହୋଇ ରହିଥିଲେ। ବହୁବର୍ଷ ପରେ ତାହା ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା କରାଗଲା। ଏହି ପବିତ୍ର କାର୍ଯ୍ୟରେ ଧର୍ମ ବିଶ୍ୱାସୀ କଟକ ଜିଲ୍ଲା ଲଳିତଗିରି ଗ୍ରାମନିବାସୀ ଶ୍ରୀ ପରମାନନ୍ଦ ଭୂୟାଁ, ଶ୍ରୀ ନିମାଇଁ ଚରଣ ଜେନା, ଶ୍ରୀ କରୁଣାକର ସିଂହ ଓ ଶ୍ରୀ ପୂରନ୍ଦର ନାୟକଙ୍କ ଅକ୍ଲାନ୍ତ ଶ୍ରମଯୋଗୁ ଏହି ମହାନ ଗ୍ରନ୍ଥର ଦ୍ୱିତୀୟ ସଂସ୍କରଣ ପ୍ରକାଶ ସମ୍ଭବ ହେଲା। ସେମାନେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ନ ଦେଇ ଥିଲେ ଏହି ବିରାଟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥାନ୍ତା। ସେଥିପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ।

କୁସୁପୁର ନନ୍ଦ କିଶୋର ବିଦ୍ୟା ମନ୍ଦିରର ସହକାରୀ ଶିକ୍ଷକ ଶ୍ରୀ ରୂପାକର ଷଡଙ୍ଗୀ ତାଙ୍କର ବହୁମୂଲ୍ୟ ସମୟ ଦେଇ ଉକ୍ତ ଗ୍ରନ୍ଥ ପଠନ କରି ମାତ୍ରା ସଂଶୋଧନ କରିଥିବାରୁ ମୁଁ ତାଙ୍କ ନିକଟରେ ବହୁ ଭାବରେ ଋଣୀ ଓ ଶ୍ରୀ ରାଜେନ୍ଦ୍ର ବର୍ମା ଏହି ଗ୍ରନ୍ଥ ପ୍ରକାଶନରେ କେତେକ ବିଜ୍ଞ ପରାମର୍ଶ ଦେଇଥିବାରୁ ତାଙ୍କୁ ଆଶୀର୍ବାଦ କରୁଛି।

ସନ୍ଥ ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତା ପ୍ରକାଶ ଦ୍ୱାରା ଉତ୍କଳର ଧର୍ମପ୍ରାଣ ବ୍ୟକ୍ତିମାନେ ଉକ୍ତ ପୁସ୍ତକ ପାଠକରି କିଞ୍ଚିତ ଜ୍ଞାନଲାଭ କଲେ ମୋର ଶ୍ରମ ସାର୍ଥକ ହେବ।

ଏହି ମହୀମଣ୍ଡଳ ଗୀତା ସନ୍ଥ ଅରକ୍ଷିତ ଦାସଙ୍କ ଲିଖିତ। ତାହା ତାଙ୍କର ଓଳାଶୁଣୀ ଗୁମ୍ଫାର ସମ୍ପତ୍ତି। ମୁଁ ସେହି ଧର୍ମପୀଠର ଅଧିକାରୀ ଭାବରେ ଏହି ଗ୍ରନ୍ଥ ପ୍ରକାଶ କରୁଛି। ଅନ୍ୟ ଏହି ଏ ଗ୍ରନ୍ଥ ପ୍ରକାଶ କରିବାର ଅଧିକାର ନାହିଁ।

●

ଓଳାଶୁଣୀ ଗୁମ୍ଫା **ମହନ୍ତ ଶ୍ରୀ ଲଚ୍ଛମନ ଦାସ**

୨/୨/୭୮

# ସୂଚୀପତ୍ର


| | ବିଷୟ | ଅଧ୍ୟାୟ | ପୃଷ୍ଠା |
|---|---|---|---|
| ୧. | ପଞ୍ଚଭୂତ ମହିମା | ୧-୫ | ୧ |
| ୨. | ବିଭୂତି ମହିମା ବର୍ଣ୍ଣନ | ୬-୧୩ | ୨୦ |
| ୩. | ଆତ୍ମାର ମହିମା | ୧୪-୧୫ | ୪୮ |
| ୪. | ନାମର ମହିମା | ୧୬-୧୭ | ୫୫ |
| ୫. | ଆଜ୍ଞାର ମହିମା | ୧୮-୨୫ | ୬୧ |
| ୬. | ଭକତି ଯୋଗ | ୨୬-୨୭ | ୮୪ |
| ୭. | ମହାଶୂନ୍ୟ କଥା | ୨୮ | ୯୦ |
| ୮. | ଓଁକାର ମହିମା | ୨୯-୩୦ | ୯୩ |
| ୯. | ସପ୍ତାଙ୍ଗ ଯୋଗ | ୩୧ | ୯୮ |
| ୧୦. | ପରମ ପୁରୁଷଙ୍କ ସ୍ତବ | ୩୨-୩୫ | ୧୦୨ |
| ୧୧. | ଦୁଃଖ ସୁଖ କଥା | ୩୬ | ୧୧୫ |
| ୧୨. | ଦଶ ଅବଦାର କଥା | ୩୭ | ୧୧୮ |
| ୧୩. | ଆଚାର ଅଣାଚାର ବର୍ଣ୍ଣନ | ୩୮ | ୧୨୧ |
| ୧୪. | ନାମର ମହାତ୍ମ ଓ ଚାରି ଯୁଗର କଥା | ୩୯-୪୦ | ୧୨୪ |
| ୧୫. | ଭ୍ରମଣ ବର୍ଣ୍ଣନା | ୪୧ | ୧୩୧ |
| ୧୬. | ଭକତି ଯୋଗ ପ୍ରାର୍ଥନା | ୪୨-୪୯ | ୧୩୪ |
| ୧୭. | ସହସ୍ର ନାମରେ ମହିମା | ୫୦-୫୫ | ୧୬୩ |
| ୧୮. | ଜୀବ ପରମ ଭାବ | ୫୬-୬୫ | ୧୭୮ |
| ୧୯. | ବ୍ରହ୍ମର ମହିମା ବର୍ଣ୍ଣନ | ୬୬ | ୨୧୧ |
| ୨୦. | ଗୃହତ୍ୟାଗ ବିଷୟ ବର୍ଣ୍ଣନ | ୬୭ | ୨୧୭ |
| ୨୧. | ଭ୍ରମଣ ବିବରଣ | ୬୮-୮୦ | ୨୨୦ |
| ୨୨. | ଓଲାଶୁଣୀ ପ୍ରବେଶ | ୮୧ | ୨୫୬ |
| ୨୩. | ଅକ୍ଷର ମହିମା | ୮୨-୯୩ | ୨୫୯ |

# ପ୍ରଥମ ଅଧ୍ୟାୟ

ମହାଶୂନ୍ୟୁ ଆକାଶ ଜନ୍ମ ତଂ, ଆକାଶୁ ପବନ ସମ୍ଭବଂ
ପବନୁ ଅଗ୍ନି ଜନ୍ମତଂ, ଅଗ୍ନିରୁ ଜଳ ସମ୍ଭବଂ ।
ଜଳରୁ ପୃଥ୍ୱୀ ଜନ୍ମିତଂ କ୍ରୀଡ଼ନ୍ତି ସଂସାର ସାଗରଂ ।
ଲୀଳା ହତେ ପଞ୍ଚ ଭୂତେ, ବ୍ରହ୍ମରେ ସର୍ବେ ମିଶ୍ରିତଂ ।
ପୃଥ୍ୱୀ ଭୂତେ ସର୍ବ ସ୍ଥିତଂ, ବ୍ୟାପିତଂ ସଚରାଚର ।
ପୃଥ୍ୱୀ ବିନୁ ସର୍ବ ହତଂ, ସର୍ବ ଶୂନ୍ୟମଧ୍ୟେ ବ୍ରହ୍ମ ।
ଜଳ ଭୂତେ ସର୍ବ ଜୀବଂ ଜନ୍ମନ୍ତି ସଚରାଚର ।
ଜଳ ହତେ ସର୍ବ ନାଶଂ, ଜଳରୁ ପୃଥ୍ୱୀ ସମ୍ଭବଂ ।
ଅଗ୍ନିଭୂତେ ସର୍ବ ଜୀବଂ ବଂଚନ୍ତି ସଚରାଚର ।
ଅଗ୍ନି ହତେ ସର୍ବ ନାଶଂ, ଅଗ୍ନିରୁ ଜଳ ସମ୍ଭବଂ
ପବନ ଭରଂ ସର୍ବ ଜୀବେ, ବିହରେ ସଚରାଚର ।
ପବନ ହତେ ସର୍ବ ନାଶଂ, ପବନୁ ଅଗ୍ନି ଜନ୍ମିତଂ ।
ଆକାଶୁ ସର୍ବେ ଜନ୍ମିତଂ, ତା ଗର୍ଭେ ସଚରାଚର
ଆକାଶ ହରେ ସର୍ବ ନାଶଂ, ମହାଶୂନ୍ୟେ ସର୍ବେ ମିଶ୍ରିତଂ
ମହାଶୂନ୍ୟ ଅନ୍ଧକାରଂ, ଠୁଳ ରୂପଂ ସମଦିତଂ
ଆଦିଶକ୍ତି ଅର୍ଦ୍ଧ ମାତ୍ର, ଓଁ କାର ରୂପେ ବ୍ୟାପିତଂ ।

ନାମ ବ୍ରହ୍ମସାର ଯେ ଭଜନ୍ତି ନର,
ପୃଥ୍ୱୀନାଶେ କ୍ଷୟ ନୁହନ୍ତି ଯୁଗେ ଯୁଗେ ସେ ଅମର ।
ଅକ୍ଷର ଯେ ନାମ ବ୍ରହ୍ମ ନ ଭଜନ୍ତି ମୂଢ଼ ନର,
ତେଣୁ ଅକ୍ଷେ ନୀଶି ଯାନ୍ତି ଯେ ଭଜନ୍ତି ସେ ଅମର ।

ମନ ଚୈତନକୁ ଦେଖିଣ।
ଅତି ଆନନ୍ଦ ଯେ ହୋଇଣ।୧।
ଏ ମହୀ ମଣ୍ଡଳରେ ମୁହିଁ
ତୁମ୍ଭଙ୍କୁ ଖୋଜି ଯେ ନ ପାଇ।୨।
ତୁମର ଦୟା ଥିଲା ଯେଣୁ
ଦର୍ଶନ ଦେଲ ମୋତେ ତେଣୁ।୩।
ଏବେ ମୋ ସର୍ବ ଦୁଃଖ ଗଲା
ତୁମ୍ଭ ଦର୍ଶନ ଯେ ମିଳିଲା।୪।
ଏବେ ମୁଁ କଥାଏ ଜଣାଇ
କହିବ ମୋତେ ଦୟା ବହି।୫।
ମହୀ ମଣ୍ଡଳ ଗୀତା କହ
ମୋ ମନୁ ସଶୟ ଫିଟାଅ।୬।
ଏ ମହୀ ସ୍ଥିତିରେ ଯେ ଗୁଣ
ଶୁଣିହେ ନିସ୍ତରିବ ପୁଣ।୭।
ପ୍ରକୃତି ସଙ୍ଗରେ ଭ୍ରମଇ
ତୁମ୍ଭଙ୍କୁ ସେବି ନ ପାରଇ।୮।
ହେ ପ୍ରଭୁ ମୋର ପ୍ରାଣ ପତି
ତୋ ବିନୁ ଆନେ ନାହିଁ ଗତି।୯।
ନମସ୍ତେ ଗୁରୁ ସର୍ବ ଦାତା
ନମସ୍ତେ ଗୁରୁ ଜଗତ୍ କର୍ତ୍ତା।୧୦।
ନମସ୍ତେ ଗୁରୁ ସର୍ବ ଦେହୀ
ତୋ ବିନୁ ଅନ୍ୟ ନାହିଁ କେହି।୧୧।
ନମସ୍ତେ ଗୁରୁ ସର୍ବ ଦେବ
ମୋତେ ଦୟାଟି ତୋର ଥିବ।୧୨।
ନମସ୍ତେ ଗୁରୁ ମାୟାଧର
ମୋତେ ତୁ ମାୟା ଯେ ନକର।୧୩।
ନମସ୍ତେ ଗୁରୁ ଅନ୍ତର୍ଯ୍ୟାମୀ
ତୋ ମାୟା କେ ପାରିବ ଜାଣି।୧୪।
ନମସ୍ତେ ଗୁରୁ ଦୟା ଯାକୁ
ତୋ ମାୟା ନ ଲାଗଇ ତାକୁ।୧୫।
ନୋହିଲେ ତୋ ମାୟା କେ ତରେ
ବ୍ରହ୍ମାଦି ଦେବା ସୂର ନରେ।୧୬।
ନମସ୍ତେ ଗୁରୁ ସର୍ବ ଦେହୀ
ତୋହର ରୂପ ବର୍ଣ୍ଣ ନାହିଁ।୧୭।
ନମସ୍ତେ ଗୁରୁ ତୁ ଅନନ୍ତ
ନମସ୍ତେ ଗୁରୁ ଜଗତ୍ତାତ।୧୮।
ନମସ୍ତେ ସର୍ବ ଜୀବ ଗୁରୁ
ନମସ୍ତେ ବାଞ୍ଛା କଳ୍ପତରୁ।୧୯।
ନମସ୍ତେ ଗୁରୁ ମୋକ୍ଷ ଦାତା
ନମସ୍ତେ ଗୁରୁ ପିତା ମାତା।୨୦।
ନମସ୍ତେ ଗୁରୁ ଦୟାକର
କଥାଏ ଜଣାଏ ଛାମୁର।୨୧।
ପଞ୍ଚଭୂତଙ୍କ କଥା କହ
ମୋ ମନୁ ସଂଶୟ ଫିଟାଅ।୨୨।
ଏହି ଦେହରେ ମୁହିଁ ଥାଇ
ପଞ୍ଚଭୂତଙ୍କୁ ନ ଚିହ୍ନଇ।୨୩।
ଏ ଦେହେ ପଞ୍ଚଭୂତ କେହୂ
ଏହା କହିବ ମହାବାହୁ।୨୪।

ପୃଥିବୀ କାହୁଁ ଜାତ ହେଲା
ତୁମ୍ଭ ମାୟାରୁ ନ ଜାଣିଲା ।୨୫ ।
ଯେବେ ତୋ ମାୟା ମୋତେ ହେବ
କିମ୍ପା ପୃଥ୍ୱୀରେ ଏହୁ ଥିବ ।୨୬ ।
ହେ ଦେବ ଗୁରୁ ତ୍ରାହି ତ୍ରାହି
ଏ ଦେହୁ ପାରି କର ତୁହି ।୨୭ ।
ଏ ଦେହେ କିଛି କାର୍ଯ୍ୟ ନାହିଁ
ଯେବେ ତୁମ୍ଭଙ୍କୁ ନ ସେବଇ ।୨୮ ।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମଞ୍ଜୁ ବାଣୀ ।୨୯ ।
ହେ ମନ ଜାଣି ନ ପାରୁଛୁ
ପୃଥ୍ୱୀକି କିମ୍ପାଇଁ ନିନ୍ଦୁଛୁ ।୩୦ ।
ପଞ୍ଚଭୂତଙ୍କ କଥା ତୁହି
ପଚାରିଲୁ ଯେ ଶୁଣ କହି ।୩୧ ।
ପୃଥ୍ୱୀର ମହିମା କହିବା
ତୋ ମନୁ ସଂଶୟ ଫେଡ଼ିବା ।୩୨ ।
ପୃଥ୍ୱୀ ନଥିଲେ ତୁହି ମୁହିଁ
କି ଘେନି ଲୀଳା କରିବଇଁ ।୩୩ ।
ପୃଥ୍ୱୀ ନଥିଲେ ଲୀଳା କାହିଁ
ଦେହ ଗଲେଟି ଶୂନ୍ୟ ହୋଇ ।୩୪ ।
ଶୂନ୍ୟରେ କି ଲୀଳା କରିବା
ଏକ ଅଙ୍ଗ ହୋଇ ରହିବା ।୩୫ ।
ସେଠାରେ ଲୀଳା ନାହିଁ ଶୁଣ
ପଞ୍ଚଭୂତ ହିଁ ନ ଗମିଣ ।୩୬ ।
ପଞ୍ଚଭୂତଟି ଏ ପୃଥ୍ୱୀରେ
ଲୀଳା କରନ୍ତି ଏ ସଂସାରେ ।୩୭ ।
ପୃଥ୍ୱୀ ନଥିଲେ ଲୀଳା ନାହିଁ
କି ଘେନି ବିହରିବୁ ତୁହି ।୩୮ ।
ନାନାଦି ଭୋଗ ତୁ କରିବୁ
ଯେବେ ପୃଥ୍ୱୀକି ରଖିଥିବୁ ।୩୯ ।
ନାନାଦି ଲୀଳା ମୋର ଯେତେ
ପୃଥ୍ୱୀ ରଖିଣ ଦେଖ ଚିତ୍ତେ ।୪୦ ।
ପୃଥ୍ୱୀ ଗଲେ କାହିଁ ରଖିବୁ
କି ଘେନି ଭୋଗ ତୁ କରିବୁ ।୪୧ ।
ପୃଥ୍ୱୀ ଗଲେଟି ମୋର ନାମ
ଚିନ୍ତା କରିବୁ ତୁହିଁ ପୁଣ ।୪୨ ।
ପୃଥ୍ୱୀ ଥିଲେଟି ସର୍ବ କରି
ନାନା କୌତୁକେ ତୁ ବିହରି ।୪୩ ।
ପୃଥ୍ୱୀ ଥିଲେଟି ସର୍ବ ସୁଖ
ନାନାଦି ଲୀଳା ମୋର ଦେଖ ।୪୪ ।
ନାନାଦି ଦ୍ରବ୍ୟ ତୁ ଭୁଞ୍ଜିବୁ
ଖଟ ପଲଙ୍କେ ପହୁଡିବୁ ।୪୫ ।
ନାନାଦି ଅଳଙ୍କାର ଯେତେ
ନାନାଦି ପୁଷ୍ପ ଅଛି କେତେ ।୪୬ ।
ନାନାଦି ବାହାନ ଯେ ଚଢ଼ି
ନାନାଦି ବସ୍ତ୍ର ଯେ ପହୁଡ଼ି ।୪୭ ।
ନାନାଦି ଚୁଆ ଚନ୍ଦନ ହିଁ
କର୍ପୂର କସ୍ତୁରୀ ଅଛଇ ।୪୮ ।

ପୃଥ୍ୱୀ ଥିଲେ ଭୋଗ କରିବୁ
ପୃଥ୍ୱୀ ଗଲେ କାହିଁ ରହିବୁ ।୪୯ ।

ସ୍ୱର୍ଗପୁର ବୈକୁଣ୍ଠ ପୁର
ଏ ଦେହେ ସିନା ଭୋଗ ସାର ।୫୦ ।

ପୃଥ୍ୱୀ ଥିଲାକୁ କର୍ମ ଧର୍ମ
ପାପ ପୂଣ୍ୟକୁ ଯେ ଯାଣିଣ ।୫୧ ।

ପୃଥ୍ୱୀ ଗଲେ କିଛି ନ ଜାଣି
ପୃଥ୍ୱୀ ଥିଲେଟି ସବୁ ମଣି ।୫୨ ।

ପୃଥ୍ୱୀ ଘେନିଣ ତୁ ରହିଛୁ
ସଂସାରେ ଲୀଳା ତୁ କରୁଛୁ ।୫୩।

ହସୁଛୁ ବସୁଛୁ ଶୋଉଛୁ
ନାନା କୌତୁକେ ବିହରୁଛୁ ।୫୪ ।

ଦେହ ଗଲେ କାହିଁ ରହିବୁ
କି ଘେନି ସଂସାରେ ଭ୍ରମିବୁ ।୫୫ ।

ଛପନ କୋଟି ଜୀବ ଗଣ
ପୃଥ୍ୱୀକି ଘେନି ଲୀଳା ପୁଣ ।୫୬ ।

ପୃଥ୍ୱୀ ନ ଥିଲେ ଲୀଳା କାହିଁ
ହେ ମନ ଚେତ ଏବେ ତୁହି ।୫୭ ।

ନାମକୁ ନିତ୍ୟେ ଚିନ୍ତାକର
ତୋ ପୃଥ୍ୱୀ ହେବ ଅଜ୍ରାମର ।୫୮ ।

ପୃଥ୍ୱୀ ଘେନି ଅମରେ ଥିବୁ
ବ୍ରହ୍ମାଣ୍ଡ ଯାକେ ତୁ ଭ୍ରମିବୁ ।୫୯ ।

ପୃଥ୍ୱୀ ସଙ୍ଗତେ ପୃଥ୍ୱୀହେବୁ
ସକଳ ସମାନ ଦେଖିବୁ ।୬୦ ।

ଭକତି ଭାବେ ଚିତ୍ତ ଦିଅ
ପୃଥ୍ୱୀକି ଘେନି ବୁଲୁ ଥାଅ ।୬୧ ।

ପୃଥ୍ୱୀ ଥିଲେଟି ସବୁ ଅଛି
ପୃଥ୍ୱୀ ଗଲେ କିଛି ନ ଗଛି ।୬୨ ।

ପୃଥ୍ୱୀବୀ ବ୍ରହ୍ମାଣ୍ଡ ଯାକରେ
ଘୋଟି ରହିଛି ଚରାଚରେ ।୬୩।

ଜଳରୁ ପୃଥିବୀ ଜନ୍ମିଲା ।
ଶୁଣ ସୁମନେ ତା'ର ଲୀଳା ।୬୪ ।

ମେରୁ ଠାରୁ ଯେତେ ପର୍ବତ
ପୃଥ୍ୱୀରେ ଅଛନ୍ତି ସମସ୍ତ ।୬୫ ।

କାକରୁ ଗରୁଡ଼ ପର୍ଯ୍ୟନ୍ତେ
ପୃଥ୍ୱୀରେ ଅଛନ୍ତି ସମସ୍ତେ ।୬୬ ।

ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ପୃଥିରେ ଅଛନ୍ତି ପ୍ରତ୍ୟକ୍ଷ ।୬୭ ।

ଚାଣ୍ଡାଲୁ ବ୍ରହ୍ମଯାଏ ପୁଣ
ପୃଥ୍ୱୀରେ ସର୍ବୋଛନ୍ତ ଜାଣ ।୬୮ ।

ସିଂହରୁ ଦଶିପୋକ ଯାଏଁ
ପୃଥ୍ୱୀରେ ସର୍ବ ସିନା ରହେ ।୬୯ ।

ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ପୃଥ୍ୱୀରେ ଅଛନ୍ତି ଏ ସର୍ବ ।୭୦ ।

ଉଡା ବୁଡ଼ା ଚଳ ନିଶ୍ଚଳ
ଏ ଚାରିଖାନି ଯେ ସକଳ ।୭୧ ।

ପୃଥ୍ୱୀ ଥିଲାକୁ ସର୍ବେ ରହି
ନୋହିଲେ ସର୍ବେ ନାଶ ଯାଇ ।୭୨ ।

ସପ୍ତ ସମୁଦ୍ର ତୁହି ଜାଣ।
ପୃଥ୍ୱୀ ଥିଲାକୁ ରହେ ପୁଣ।୭୩।
ଚଉଦ ବ୍ରହ୍ମାଣ୍ଡ ସହିତେ
ପୃଥ୍ୱୀ ଥିଲାକୁ ଏ ସମସ୍ତେ।୭୪।
ସପ୍ତ ପାତାଳ ସପ୍ତ ଦ୍ୱୀପ
ପୃଥ୍ୱୀକି ଘେନି ସର୍ବ ଦେଖ।୭୫।
ପୃଥ୍ୱୀ ଥିଲାକୁ ସର୍ବ ରହେ
ପୃଥ୍ୱୀ ଗଲେଟି କିଛି ନୋହେଁ।୭୬।
ପୃଥ୍ୱୀରୁ ସର୍ବେ ଜନ୍ମ ହୋନ୍ତି
ଏହାତ କେହି ନ ଜାଣନ୍ତି।୭୭।
ପୃଥ୍ୱୀ ନଥିଲେ ଜଳ କାହିଁ
ରହନ୍ତା ଶୁଣ ମୁଁ କହଇ।୭୮।
ପୃଥ୍ୱୀ ଥିଲାକୁ ଜଳ ଜାଣ
ବିହରେ ସିନା ସର୍ବ ସ୍ଥାନ।୭୯।
ପୃଥ୍ୱୀରୁ ଜଳ ମେଘ ନେଇ
ବ୍ରହ୍ମାଣ୍ଡ ପାଳୁ ଯେ ଅଛଇ।୮୦।
ପୃଥ୍ୱୀ ନ ଥିଲେ ଜଳ ନାହିଁ
ମେଘ ଆଣନ୍ତା ଜଳ କାହିଁ।୮୧।
ପୃଥ୍ୱୀ ଥିଲାକୁ ଜଳ ଜାଣ
ନୋହିଲେ ଜଳ କାହିଁ ପୁଣ।୮୨।
ପୃଥ୍ୱୀ ନ ଥିଲେ ମେଘ କାହୁଁ
ଜଳ ଆଣନ୍ତା ଶୁଣ କହୁ।୮୩।
ପୃଥ୍ୱୀ ଥିଲାକୁ ଜଳ ରହି
ଖାଇ ବଞ୍ଚନ୍ତି ସର୍ବ ଦେହି।୮୪।
ପୃଥ୍ୱୀ ଥିଲାକୁ ଜଳ ରହେ
ତେଣୁଟି ସର୍ବ ଜାତ ହୋଏ।୮୫।
ଛପନ କୋଟି ଜୀବ ଯେତେ
ପୃଥ୍ୱୀରେ ଅଛନ୍ତି ସମସ୍ତେ।୮୬।
ପୃଥ୍ୱୀରେ ଯେତେ ରୂପ ହୋଇ
ତୋ ଦେହେ ଛନ୍ତି ଚେତ ତୁହି।୮୭।
ପୃଥ୍ୱୀ ଭୂତଙ୍କ କଥା ଶୁଣି
ମନ ଆନନ୍ଦ ହୋଏ ପୁଣି।୮୮।
କହଇ ଅରକ୍ଷିତ ଦାସ
ପୃଥ୍ୱୀ ଭୂତଙ୍କ କଥା ରସ।୮୯।
ଆହେ ସୂଜନ ମାନେ କହି
ପୃଥ୍ୱୀକି ରଖ ନାମ ଧ୍ୟାୟି।୯୦।
ନୋହିଲେ ପୃଥ୍ୱୀ ନାଶ ଯିବ
ଆଉତ ଦେହ ନ ପାଇବ।୯୧।
କେ ବୋଲେ ମଲେ ଜନ୍ମ ହୋଇ
ଏ ମିଛ ସତ କେବେ ନୋହି।୯୨।
ପୃଥ୍ୱୀ ଭୂତଙ୍କ କଥା ଶୁଣ
ତେୟାନବେ ପଦରେ ପୂର୍ଣ୍ଣ।୯୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
ପୃଥ୍ୱୀଭୂତ ମହିମା ବର୍ଣ୍ଣନେ ନାମ ପ୍ରଥମୋଽଧ୍ୟାୟ।

--- ୦ ---

# ଦ୍ୱିତୀୟ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ପୃଥ୍ୱୀ ମହିମା ଶୁଣିଲଇଁ ।୧ ।
ଜଳର ମହିମା କହିବ
ମୋ ମନୁ ସଂଶୟ ଫେଡ଼ିବ ।୨ ।
ମୁହିଁ ତୋ ଚରଣେ ଶରଣ
ମାୟା ନକରି କହ ପୁଣ ।୩ ।
ତୁମ୍ଭର ମାୟା ମୋତେ ନାହୁ
ତୋ ନାମେ ମୋର ମନ ରହୁ ।୪ ।
ତୋ ମାନ ନିତ୍ୟେ ଚିନ୍ତୁ ଥିବି
ତୋ ଭାବେ ମୋ ମନ ରଞ୍ଜିବି ।୫ ।
ଏହି ଦୟାଟି ମୋର ଥିବ
ତୋ ମାୟା କେବେ ନ ଲାଗିବ ।୬ ।
ଚୈତନ୍ୟ କହେ ମନ ଶୁଣ
ତୁଯାହା ପଚାରିଲୁ ପୁଣ ।୭ ।
ଜଳ ଭୂତଙ୍କ କଥା କେହି
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।୮ ।
ଜଳର ମହିମା କିଞ୍ଚିତେ
ଶୁଣ କହିବା ତୋ ଅଗ୍ରତେ ।୯ ।
ଅଗ୍ନିରୁ ଜଳ ଜାତ ହୋଇ
ଏହା ତ ନଜାଣନ୍ତି କେହି ।୧୦ ।
ଜଳର ମହିମା ତୁ ଶୁଣ
ସେ ସର୍ବ ଘଟେ ଥାଇ ଯାଣ ।୧୧ ।
ସ୍ୱର୍ଗ ମଞ୍ଚ ପାତାଳ ହୋଇ
ଜଳଟି ଘୋଟିଣ ଅଛଇ ।୧୨ ।
ସପ୍ତ ବ୍ରହ୍ମାଣ୍ଡ ସପ୍ତ ଦ୍ୱୀପ
ଜଳ ଘୋଟିଛି ସର୍ବ ଦେଖ ।୧୩ ।
ନବଖଣ୍ଡ ପୃଥିବୀ ଜାଣ
ଜଳଟି ଘୋଟିଅଛି ପୁଣ ।୧୪ ।
ଆକାଶୁ ମହୀ ଯାଏ ପୁଣ
ପୂରିଛି କେହି ନ ଜାଣିଣ ।୧୫ ।
ଜୀବେ ଅଜୀବେ ପୂରି ଥାଇ
ସର୍ବ ଜାତ କରୁଛି ସେହି ।୧୬ ।
ଛପନ କୋଟି ଜୀବ ଯେତେ
ଜଳରୁ ଯାତ ଏ ସମସ୍ତେ ।୧୭ ।
ତେତିଶ କୋଟି ଦେବ ଯାଣ
ଜଳରୁ ସର୍ବେ ଜାତ ପୁଣ ।୧୮ ।
ମେରୁ ଠାରୁ ଯେତେ ପର୍ବତ
ଜଳରୁ ଜାତ ଏ ସମସ୍ତ ।୧୯ ।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଜଳରୁ ଜାତ ଏ ପ୍ରତ୍ୟକ୍ଷ ।୨୦ ।
କାକରୁ ଗରୁଡ଼ ପର୍ଯ୍ୟନ୍ତ
ଜଳରୁ ଜାତ ଏ ସମସ୍ତ ।୨୧ ।
ଚାଣ୍ଡାଲୁ ବ୍ରହ୍ମ ଯାଏ ପୁଣ
ଜଳରୁ ଜାତ ଏ ପ୍ରମାଣ ।୨୨ ।

ସିଂହରୁ ଦଶି ପୋକ ଯାଏ
ଜଳରୁ ସର୍ବ ଜାତ ହୁଏ ।।୨୩।
ଚଳନ୍ତା ଚୌଦ କୋଟି ଜୀବ
ଜଳରୁ ଏ ସର୍ବ ସମ୍ଭବ ।୨୪।
ନିଶ୍ଚଳ ଚୌଦ କୋଟି ହୋଇ
ଜଳରୁ ସର୍ବ ଜାତ କହି ।୨୫।
ଉଡା ଚଉଦ କୋଟି ଛନ୍ତି
ଜଳରୁ ଏ ସର୍ବେ ଜନ୍ମନ୍ତି ।୨୬।
ବୁଡ଼ା ଚଉଦ କୋଟି ଜାଣ
ଜଳରୁ ଜାତ ଏ ପ୍ରମାଣ ।୨୭।
ହେ ମନ ତୁହିଁ ପଚାରିଲୁ
ଜଳର ମହିମା ଶୁଣିଲୁ ।୨୮।
ଜଳଟି ସର୍ବ ଜାତ କରେ
ଜଳଟି ସମସ୍ତ ସହାରେ ।୨୯।
କୀଟ ପତଙ୍ଗ ତରୁ ତୃଣ
ଜଳରୁ ଜାତ ଏବେ ଶୁଣ ।୩୦।
ସୁନାର ହୀରା ପରିଯନ୍ତେ
ଜଳରୁ ଜାତ ଏ ସମସ୍ତେ ।୩୧।
ରୂପାରୁ ଲୁହା ଯାଏଁ ପୁଣ
ଜଳରୁ ଜାତ ଏ ପ୍ରମାଣ ।୩୨।
ଆମ୍ବିଲୁ ରାଗ ଯାଏ କହି
ଜଳରୁ ସର୍ବ ଜାତ ହୋଇ ।୩୩।
ନୀଳରୁ ରଙ୍ଗ ଯାଏ ଜାଣ
ଜଳରୁ ସମସ୍ତ ଭିଆଣ ।୩୪।
ଷଡ଼୍ ଋତୁଟି ଜଳୁ ଜାତ
ଶୁଣ ସୁମନେ ଦେଇ ଚିତ୍ତ ।୩୫।
ନାନାଦି ପୁଷ୍ପ ଜଳୁ ଜାତ
ନାନାତି ଫଳ ଜଳୁ ପୁଣ ।୩୬।
ନାନାଦି ବର୍ଣ୍ଣ ଜଳ ଧରେ
ତା'ମାୟା କେ ଜାଣେ ସଂସାରେ ।୩୭।
ନାନାଦି ଆହାର ଯେ ଜଳ
ଜାତ କରୁଛି ଏ ସକଳ ।୩୮।
ରକ୍ତ ମାଂସ ଏ ହାଡ଼ ଚର୍ମ
ଜଳରୁ ସମସ୍ତ ଭିଆଣ ।୩୯।
ଜଳ ସୁଖିଲେ ହଂସ ଉଡ଼ି
ମହା ଶୂନ୍ୟରେ ଯିବ ବୁଡ଼ି ।୪୦।
ଜଳ ଥିଲେଟି ହଂସ ଖେଳେ
ମୀନ ଥାଇଣ ଜଳ ସ୍ଥଳେ ।୪୧।
ବକା ଯେ ମୀନକୁ ଟାକିଣ
ଜଗି ଯେ ବସି ଥାଇ ଜାଣ ।୪୨।
ତୋଖରି ଶୁଣିଲେ ଏ ତିନି
ଚଳନ୍ତି ଯେଝା ଗୁଣ ଘେନି ।୪୩।
ଜଳ ଥିଲେଟି ସର୍ବ ଥାନ୍ତି
ଆନନ୍ଦେ ଜଳେ ବିହରନ୍ତି ।୪୪।
ଜଳ ଯେବେ ମନେ ପାଞ୍ଚଇ
ଏମନେ ଥିବେ କିସ ପାଇଁ ।୪୫।
ଏମନ୍ତ ପ୍ରଳୟ ଯେ କରେ
କେହି ନ ରହନ୍ତି ଜଳରେ ।୪୬।

ଚାରି ମେଘେ ବୃଷ୍ଟି କରନ୍ତି
ପ୍ରଳୟେ ପୃଥ୍ୱୀକି କରାନ୍ତି ।୪୭ ।
ଅଣଚାଣ ମରତି ଧରି
ପବନ ବହେ ତିନିପୁରୀ ।୪୮ ।
ପ୍ରଚଣ୍ଡ ଘୋର ନାଦ କରି
ଅଗ୍ନି ଜଳଇ ତିନି ପୁରି ।୪୯ ।
କାରୁଣ୍ୟ ଜଳ ତେଜ ଘାତେ ।
ସମସ୍ତେ ହୁଅନ୍ତି ନିପାତେ ।୫୦ ।
ଏମନ୍ତ ପୃଥ୍ୱୀ ନାଶ ଯାଇ
ଶୁଣ ସୁମନେ ଚିତ୍ତ ଦେଇ ।୫୧ ।
ଜଳ ଯେବେ ମନେ ପାଞ୍ଚଇ ।
ପୃଥ୍ୱୀକି ରଖିଥିବି ମୁହିଁ ।୫୨ ।
ପୃଥ୍ୱୀଟି ସଦାକାଳେ ଥାଇ
ଆନନ୍ଦେ ସମସ୍ତେ ଯେ ରହି ।୫୩।
ନୋହିଲେ ଯଶ ନାହିଁ ଜାଣ
ଜଳର ଏମନ୍ତିଟି ଗୁଣ ।୫୪ ।
ଜଳ ଭୂତଙ୍କ କଥା ମୁହିଁ
କିଛି ସିନା ଯେ କହିଲଇଁ ।୫୫ ।
ତାହାଙ୍କ ଗୁଣ ତିନିପୁରେ
ନ ଜାଣେ ଦେବା ସୁର ନରେ ।୫୬।
ଜଳ ସଙ୍ଗତେ ଜଳ ହେବୁ
ସକଳ ସମାନ ଦେଖିବୁ ।୫୭ ।
ତେବେ ଅମର ହେବୁ ଜାଣ
କହିଲି ତୋତେ ମୁହିଁ ଶୁଣ ।୫୮ ।
ମନ ଶୁଣି ଆନନ୍ଦ ହୋଇ
ବୋଲଇ କର ତ୍ରାହି ତ୍ରାହି ।୫୯ ।
କହଇ ଅରକ୍ଷିତ ଦାସ
ଜଳର ମହିମା ଅଶେଷ ।୬୦ ।
ଆହେ ସୁଜନ ମାନେ ଶୁଣ
ଜଳରୁ ସର୍ବ ଜାତ ପୁଣ ।୬୧ ।
ତାହାଙ୍କୁ ମନେ ଭାବି ରଖ
ତେବେ ପୃଥ୍ୱୀରେ ନାହିଁ ଦୁଃଖ ।୬୨ ।
ଜଳ ଭୂତ ମହିମା ମୁହିଁ
ତେଷଠି ପଦରେ ଭଣଇ ।୬୩।

ଇତି ଶ୍ରୀ ମନଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା ଜଳ ଭୂତ
ମହିମା କଥନେ ନାମ ଦ୍ୱିତୀୟୋଽଧ୍ୟାୟ

--- ୦ ---

# ତୃତୀୟ ଅଧ୍ୟାୟ

ମନ କହୁଛି ପ୍ରଭୁ ଶୁଣ
ମୋ ଦୋଷ ନ ଘେନିବ ପୁଣ । ୧ ।
ଜଳର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି । ୨ ।
ଅଗ୍ନି ଭୂତଙ୍କ କଥାକହ
ଯେବେ ତରିବି ମାୟା ମୋହ ।୩।
ଅଗ୍ନିର ମହିଁମା ଶୁଣିବି
ତେବେ ମୁଁ ଭ୍ରାନ୍ତି ଯେ ଛାଡ଼ିବି ।୪ ।
ନୋହିଲେ ଭ୍ରାନ୍ତି ମୋ ନ ଯାଇ
କହ ତୁ ମୋତେ ଦୟା ବହି ।୫ ।
ହେ ପ୍ରଭୁ ମୁଁ ତୁମ୍ଭ କିଙ୍କର
ମୋ ଦୋଷେ ବାରେ ଯେ ନ ଧର ।୬।
ମୁହିଁ ଯେ ସଦା ଅପରାଧୀ
ତୁମ୍ଭେ ତ କରୁଣା ବାରିଧି ।୭।
ହେ ପ୍ରଭୁ ମାୟା ତୁ ନକର
କହ ଅଗ୍ନିର ସମାଚାର ।୮ ।
ଯେବେ ମୋଠାରେ ଦୟା ଥିବ
ଅଗ୍ନି ବିଷୟ ଯେ କହିବ ।୯ ।
ନିର୍ଦ୍ଦୟା ଥିଲେ ମୋର ତହିଁ
କିମ୍ପା କହିବ ଭାବଗ୍ରାହୀ । ୧ ୦ ।
ମନ ମୁଖରୁ ଏହାଶୁଣି
ଚୈତନ୍ୟ କହେ ମଞ୍ଜୁବାଣୀ । ୧ ୧ ।

ତୁହି ମୁହିଁଟି ଏ ଦେହରେ
ବିହରୁ ରାତ୍ର ଦିବସରେ । ୧ ୨
ଆମ୍ଭର ଦୟା ତୋର ତହିଁ
ମୋତୋଟି ଛାଡୁ ସିନା ତୁହି । ୧ ୩।
ପ୍ରକୃତି ସଙ୍ଗରେ ଭ୍ରମିଲୁ
ମୋତେ ତୁ ସେବି ନ ପାରିଲୁ । ୧ ୪ ।
ତେଣୁ ସିନା ମୁଁ ମାୟା କରେ
ନୋହିଲେ ଦୟା ତୋରଠାରେ । ୧ ୫ ।
ଏବେ ତୁ ମୋର ନାମ ଧର
ତୋ ପୃଥି ହେବ ଅଜ୍ରାମର । ୧ ୬ ।
ନୋହିଲେ କେବେ ନ ରହଇ
ମନ ବୋଲଇ ତ୍ରାହି ତ୍ରାହି । ୧ ୭ ।
ତୁମ୍ଭର ଦୟା ଯେବେ ହେବ
ତେବେ ଏ ନାମକୁ ଚିହ୍ନିବ । ୧ ୮ ।
ନୋହିଲେ ମୁଁ କିସ ଚିହ୍ନିବି
ତୁମ୍ଭ ଦୟା ହେଲେ ଭାବିବି । ୧ ୯ ।
ହେ ପ୍ରଭୁ ଦୟା ମୋତେ କର
ଜଣାଉ ଅଛି ମୁଁ ଛାମୁର । ୨ ୦ ।
ଅଗ୍ନିଭୂତଙ୍କ କଥା କହ
ହେ ପ୍ରଭୁ ଦୟା ମୋରେ ହୁଅ । ୨ ୧ ।
ହେ ମନ ଏବେ ଶୁଣ ତୁହି
ଅଗ୍ନିଭୂତଙ୍କ କଥା ଏହି । ୨ ୨ ।

ପବନୁ ଅଗ୍ନି ଜାତ ହୋଇ
ଶୁଣ ସୁମନେ ଚିତ୍ତ ଦେଇ ।୨୩।
ଅଗ୍ନିଟି ସର୍ବଭୂତେ ପୂରି
ଜୀବେ ଅଜୀବେ ସମସରି ।୨୪।
ସକଳ ଜୀବ ହୃଦେ ଥାଇ
ତେଜ ସ୍ୱରୂପେ ପ୍ରକାଶଇ ।୨୫।
ତାଙ୍କର ତେଜ ନ ଲାଗିଲେ
କେହୁ ବଞ୍ଚିବ ଶୁଣ ଭଲେ ।୨୬।
ଅଗ୍ନିଙ୍କ ତେଜ ଲାଗି ପୁଣ
ଆହାର ପାକ ହୁଏ ଜାଣ ।୨୭।
ଆହାର ପାକ ଯେବେ ନୋହେ
ଏ ପୃଥ୍ୱୀ କେବେ ହେଁ ନ ରହେ ।୨୮।
ଅଗ୍ନିଟି ସର୍ବ ଘଟେ ଥାଇ
ତା'ଭାବ କେହି ନ ଜାଣଇ ।୨୯।
ଛପନ କୋଟି ଜୀବ ଯେତେ
ଅଗ୍ନି ବିହରେ ସେ ଗୁପତେ ।୩୦।
ଅଗ୍ନି ସଙ୍ଗତେ ଜଳ ଥାଇ
ଅଗ୍ନିଟି ଜଳେ ଗୋପ୍ୟ ହୋଇ ।୩୧।
ପୃଥ୍ୱୀ ସଙ୍ଗତେ ଅଗ୍ନି ମିଶି
ବିହରେ ନିତ୍ୟେ ଦିବାନିଶି ।୩୨।
ଅଗ୍ନି ସକାଶୁ ପୃଥ୍ୱୀ ରହେ
ନୋହିଲେ ଜଳେ ବୁଡ଼ି ଯାଏ ।୩୩।
ଅଗ୍ନିଙ୍କ ତେଜ ବଳ ଘାତେ
ଜଳ ଯେ ଶୁଖଇ ତୁରିତେ ।୩୪।
ଜଳ ବଳିଲେ ଅଗ୍ନି ଛପେ
ପୃଥ୍ୱୀଟି ନାଶ ଯାଇ କୋପେ ।୩୫।
ଏ ଦୁହେଁ ଯେବେ ସମେ ଥାନ୍ତି
ପୃଥ୍ୱୀକି କେହି ନ ନାଶନ୍ତି ।୩୬।
ଏ ଦୁହେଁ ଯେବେ ବାଦ କଲେ
ପୃଥ୍ୱୀଟି ନାଶ ଯାଇ ଭଲେ ।୩୭।
ଏ ଦୁହେଁ ପୃଥ୍ୱୀର କାରେଣୀ
ଏହା ନ ଜାଣେ ମୁର୍ଖ ପ୍ରାଣୀ ।୩୮।
ହେ ମନ ପଚାରିଲୁ ତୁହି
ଅଗ୍ନି ମହିମା ଶୁଣ କହି ।୩୯।
ଅଗ୍ନିଟି ସର୍ବ ଭୂତେ ଥାଇ
ଜୀବେ ଅଜୀବେ ବିହରଇ ।୪୦।
ଛପନ କୋଟି ଜୀବ ଯେତେ
ଅଗ୍ନି ବିହରେ ସର୍ବ ଗାତ୍ରେ ।୪୧।
ଜଳ ନିଶ୍ଚଳ ବୁଡା ହୋଇ
ଅଗ୍ନିଟି ସର୍ବ ଭୂତେ ଥାଇ ।୪୨।
ଉଡା ସହିତେ ଚାରି ଖାନି
ଅଗ୍ନିଟି ବ୍ୟାପେ ସର୍ବ ଘେନି ।୪୩।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ହୋଇ
ଅଗ୍ନି ଘୋଟିଛି ଦେଖ ତୁହି ।୪୪।
ନବ ଖଣ୍ଡ ପୃଥ୍ୱୀ ଜାଣ
ଅଗ୍ନି ଘୋଟିଛି ସର୍ବ ସ୍ଥାନ ।୪୫।
ଚଉଦ ବ୍ରହ୍ମାଣ୍ଡ ସହିତେ
ଅଗ୍ନି ବିହରେ ସର୍ବ ଗାତ୍ରେ ।୪୬।

ହେ ମନ ଅଗ୍ନିର ମହିମା
କେହି ନ ଜାଣେ ତା'ର ସୀମା ।୪୭ ।
ଏତେ ତେବେ ସେ କଳି ନୋହେ
ବଢ଼ାଇଲେ ସେ ବଢୁଥାଏ ।୪୮ ।
କଣିକାରୁ ଅଗ୍ନି ବଢ଼ିଲେ
ସପ୍ତ ବ୍ରହ୍ମାଣ୍ଡ ଦହେ ଭଲେ ।୪୯ ।
ବଢ଼ାଇଲେ ସେ ବଢୁଥାଇ
କେବେ ହେଁ ସରି ସେ ନ ଯାଇ ।୫୦ ।
ଛପାଇଲେ ସେ ଛପିଯାଏ
ତାହାକୁ ଦେଖିବ ବା କିଏ ।୫୧ ।
କେଉଁ ସ୍ଥାନକୁ ସେଇ ଯାଇ
ଏହାତ କେହି ନ ଜାଣଇ ।୫୨ ।
କେଉଁ ସ୍ଥାନରୁ ଆସେ ପୁଣ
କେଉଁଠି ଥାଏ ସେ ରହିଣ ।୫୩ ।
କାହିଁ ଆସିଣ କାହି ଯାଇଁ
ଏହାତ ନ ଜାଣନ୍ତି କେହି ।୫୪ ।
ଏମନ୍ତେ ଅଗ୍ନିର ମହିମା
କେହି ନ ଜାଣେ ତା'ର ସୀମା ।୫୫ ।
ଏକା ଅଗ୍ନିଟି ନାନା ତେଜ
ପ୍ରକାଶେ ନାନା ରୂପେ ହେଜ ।୫୬ ।
ଛପନ କୋଟିରେଟି ଅଗ୍ନି
ପ୍ରକାଶେ ନାନା ରୂପ ଘେନି ।୫୭ ।
ହେ ମନ ପଚାରିଲୁ ତୁହି
ଅଗ୍ନି ମହିମା କହିଲଇଁ ।୫୮ ।
ଅଗ୍ନି ସଙ୍ଗେତେ ମିଶିଥିବୁ
ତେବେ ତୁ ଅଜ୍ରାମର ହେବୁ ।୫୯ ।
ହେ ମନ ଅଗ୍ନି ଭାବେ ରସ
ନମଇ ଅରକ୍ଷିତ ଦାସ ।୬୦ ।
ଆହେ ସୁଜନମାନେ କହି
ଅଗ୍ନିଟି ସର୍ବ ଭୂତେ ରହି ।୬୧ ।
ଏ ଘେନି ସମାନେ ଦେଖିବ
ଭୟତ କାହିଁ ନ ରଖିବ ।୬୨ ।
ଅଗ୍ନି ଭୂତ ମହିମା ଶୁଣି
ତରିବ ଭବ ତତଙ୍ଗିଣୀ ।୬୩ ।
ତାହାଙ୍କ ଗୁଣ ତିନିପୁରେ
କେହି ନ ଜାଣନ୍ତି ସଂସାରେ ।୬୪ ।
ଅଗ୍ନିଭୂତ ମହିଁମା ଶୁଣ
ପଞ୍ଚଷଠି ପଦରେ ପୂର୍ଣ୍ଣ ।୬୫ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
ଅଗ୍ନି ଭୂତ ମହିମା ବର୍ଣ୍ଣନେ ନାମ ତୃତୀୟୋଧ୍ୟାୟ ।

--- ୦ ---

# ଚତୁର୍ଥ ଅଧ୍ୟାୟ

ମନ କହଇ ଚଇତନ
ଅଗ୍ନି ଭୂତ କଥା ଶୁଣିଣ ।୧ ।
ଅଗ୍ନିର ଏମନ୍ତ ମହିମା
କେହି ନ ଜାଣ ତା'ର ସୀମା ।୨ ।
ଶୁଣି ମୁଁ ଅସମ୍ଭବ ମଣି
ଆଉ କଥାଏ କହ ପୁଣି ।୩ ।
ପବନ ଭୂତ କଥା କହ
ହେ ପ୍ରଭୁ ଦୟା ମୋରେ ବହ ।୪ ।
ପବନ ଭୂତ କାହୁଁ ଜାତ
ମୋତେ କହିବ ପ୍ରାଣନାଥ ।୫ ।
ପବନ ଭୂତଙ୍କ ମହିଁମା
ଶୁଣିବି ତୁମ୍ଭ ମୁଖୁ ସିନା ।୬ ।
ମନ ମୁଖରୁ ଏହା ଶୁଣି
ତା'ର ମହିମା କେ ନ ଜାଣି ।୭ ।
ବ୍ରହ୍ମାଦି ଦେବା ସୁର ନରେ
ତାଙ୍କୁ କେ ଜାଣିବ ସଂସାରେ ।୮ ।
ଯାହାର ରୂପ ବର୍ଣ୍ଣ ନାହିଁ
ତାକୁ ବା ଜାଣିବଟି କେହି ।୯ ।
ତୁ ଯେ ସଚାରିଲୁ ହୋ ମନ
କିଛି କହିବା ତାଙ୍କ ଗୁଣ ।୧୦ ।
ପବନ ଭୂତ କଥା ତୁହି
ଶୁଣ ତୁ ସାବଧାନ ହୋଇ ।୧୧ ।
ଆକାଶୁ ପବନ ଜନ୍ମିଲା
ବ୍ରହ୍ମାଣ୍ଡ ଯାକରେ ଘୋଟିଲା ।୧୨ ।
ସକଳ ଜୀବ ହୃଦେ ଥାଇ
ରାତ୍ର ଦିବସେ ବିହରଇ ।୧୩ ।
ଛପନ କୋଟି ଜୀବମାନ
ପବନ ବଳୁ ଜନ୍ମେ ଜାଣ ।୧୪ ।
ସକଳ ଜୀବ ଦେହେ ଥାଇ
ନ ଲାଗି ବିଲଗେ ଖେଳଇ ।୧୫ ।
ସକଳ ଜୀବର କରତା
ଏହାକୁ ନାହିଁନା ଚିହ୍ନନ୍ତା ।୧୬ ।
ସକଳ ଜୀବ ପିତା ସେହି
ଏହାକୁ ଭାବ ମନ ତୁହି ।୧୭ ।
ପୃଥିବୀ ଜଳ ଅଗ୍ନି ତିନି
ତବନ ଆଶ୍ରେ ଚଳେ ପୁଣି ।୧୮ ।
ଚନ୍ଦ୍ର ସୂର୍ଯ୍ୟ ଯେ ତାରା ଗଣ
ପବନ ବଳେ ଚଳେ ପୁଣ ।୧୯ ।
ଚାରି ମେଘ ଚାରି ଦେବହିଁ
ପବନ ବଳେ ଚଳେ ସେହି ।୨୦ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ପବନ ଆଶ୍ରେ ଚଳେ ସର୍ବ ।୨୧ ।
ମେରୁଠାରୁ ଯେତେ ପର୍ବତ
ପବନ ସବୁଠାରେ ସ୍ଥିତ ।୨୨ ।

ଅଶ୍ୱତ୍‌ଥ ଠାରୁ ଯେତେ ବୃକ୍ଷ
ପବନ ବସଇ ପ୍ରତ୍ୟକ୍ଷ ।୨୩।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ପବନ ରହଇ ପ୍ରତ୍ୟକ୍ଷେ ।୨୪।
ସିଂହରୁ ଦଶି ପୋକ ଯାଏ
ପବନ ବହେ ସର୍ବଠାଏ ।୨୫।
ଚାଣ୍ଡାଲୁ ବ୍ରହ୍ମ ଯାଏ ଜାଣ
ପବନ ବହେ ସର୍ବ ସ୍ଥାନ ।୨୬।
ସ୍ଥାବର କୀଟ ପତଙ୍ଗ ହିଁ
ଜଙ୍ଗମ ସହିତେ ତା କହି ।୨୭।
ଏ ଚାରି ଖାନି ଜୀବଗଣ
ପବନ ସବୁ ଦେହେ ଜାଣ ।୨୮।
ପିତୃଗଣ ଯମ ଗଣ ହିଁ
ପବନ ବଳେ ଜାଣ ରହି ।୨୯।
ଦେବ ଗଣ ରାକ୍ଷସ ଗଣ
ପବନ ବଳେ ଚଳେ ଜାଣ ।୩୦।
ରୁଦ୍ର ଗଣ ନାଗ ଗଣ ହିଁ
ପବନ ବଳେ ଚଳେ କହି ।୩୧।
ଯୋଗ୍ନୀ ଗଣ ଯେ ପିତୃ ଗଣ
ପବନ ବଳେ ଚଳେ ଜାଣ ।୩୨।
ଚଳନ୍ତା ଚୌଦକୋଟି ଜୀବ
ପବନ ଆଶ୍ରେ ଚଳେ ସର୍ବ ।୩୩।
ଉଡା ଚଉଦ କୋଟି ଛନ୍ତି
ପବନ ଆଶ୍ରେ ଯେ ଉଡନ୍ତି ।୩୪।
ବୁଡା ଚଉଦ କୋଟି ଜୀବ
ପବନ ଆଶ୍ରେ ବୁଡେ ସର୍ବ ।୩୫।
ନିଶ୍ଚଳ ଚୌଦ କୋଟି ଛନ୍ତି
ପବନ ଆଶ୍ରେ ସେ ରହନ୍ତି ।୩୬।
ଏମନ୍ତେ ଛପନ କୋଟି ତହିଁ
ପବନ ଆଶ୍ରେ ସର୍ବେ ରହି ।୩୭।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୁଣ
ପବନ ଆଶ୍ରେ ରହେ ଜାଣ ।୩୮।
ଚଉଦପୁର ଚାରିଖାନି
ପବନ ସବୁଠାରେ ପୁଣି ।୩୯।
ଜଳ ସ୍ଥଳ ନଭ ପୃଥିବୀ
ପବନ ସବୁଠାରେ ଭାବି ।୪୦।
ଦେଖ ପବନ ବ୍ରହ୍ମାଣ୍ଡରେ
ବହୁଛି ସବୁରି ଦେହରେ ।୪୧।
ଜୀବେ ଅଜୀବେ ସେ ପବନ
ଘୋଟିଛି ବ୍ରହ୍ମାଣ୍ଡରେ ଜାଣ ।୪୨।
ରେଣୁ ପଡ଼ିବା ଠାବ ନାହିଁ
ସପ୍ତ ବ୍ରହ୍ମାଣ୍ଡ ଘୋଟି ରହି ।୪୩।
ଷଡ଼ ଋତୁଟି ଷଡ ରସ
ପବନ କରଇ ପ୍ରକାଶ ।୪୪।
ନବ ରତ୍ନଟି ଅଷ୍ଟ ଧାତୁ
ପବନ ସବୁଠରେ ହେତୁ ।୪୫।
ବାର ମାସଟି ସାତ ବାର
ପବନ ସବୁଠାରେ ସାର ।୪୬।

ଖରା ବରଷା ଶୀତ ହୋଇ
ପବନ ସବୁଠି କରଇ ।୪୭ ।

ପନ୍ଦର ତିଥି ଷୋଳ ଘଡ଼ି
ପବନ ସବୁଠାରେ ଜଡ଼ି ।୪୮ ।

ବାର ଚନ୍ଦ୍ର ଯୋଗ କରଣ
ପବନ ସବୁ କରେ ଜାଣ ।୪୯ ।

ନକ୍ଷତ୍ର ନବ ଗ୍ରହ କହି
ପବନ ସବୁଟି କରଇ ।୫୦ ।

ଲୀଳା ନିମନ୍ତେ ଯେତେ ଜାତ
ସବୁଟି ପବନ ସଞ୍ଜୁତ ।୫୧ ।

ବ୍ରହ୍ମାଣ୍ଡ ଯାକେ ବିହରୁଛି
ରୂପ ତା' ନ ଦିଶଇ କିଛି ।୫୨ ।

ହସ୍ତ ପାଦ ଶିର କର୍ଣ୍ଣ ହିଁ
ନୟନ ନାଶା ମୁଖ ନାହିଁ ।୫୩।

ହୃଦୟ କଟି ନାହିଁ ଶୁଣ
ଅଜ୍ୟୋତି ଅବର୍ଣ୍ଣ ଯେ ପୁଣ ।୫୪ ।

ରୂପ ବର୍ଣ୍ଣ ଚିହ୍ନ ହିଁ ନାହିଁ।
ବ୍ରହ୍ମାଣ୍ଡ ଘୋଟି ଅଛି ସେହି ।୫୫ ।

ଏହି ଦେହରେ ଯେ ପବନ
ବିହରେ ରାତ୍ର ଦିବସେଣ ।୫୬।

ଖଞ୍ଜାକୁ ଖଞ୍ଜି ଚାଲେ ସେହି
ଦଣ୍ଡେ ବିଶ୍ରାମ ତା'ର ନାହିଁ ।୫୭ ।

ରୁମ ରୁମକେ ବିହରୁଛି
ଏରୂପେ ପୃଥିବୀ ଧରିଛି ।୫୮ ।

ହସି କାନ୍ଦିଣ ଖେଳେ ସେହି
ଶୁଆଇ ଉଠାଇ ଚଳାଇ ।୫୯ ।

ବସାଇ ଖେଳାଇ ଉଡାଇ
ବୁଡ଼ାଇ ଖୁଆଇ ପିଆଇ ।୬୦ ।

ପ୍ରକୃତି ମାନ ରୋଗ ଯେତେ
ପବନ ଚାଲଇ ସଂଯୁତେ ।୬୧ ।

ଯେବେ ଏ ଦେହ ଛାଡ଼ି ଯିବ
ପୃଥ୍ୱୀ ରସାତଳେ ପଡ଼ିବ ।୬୨ ।

ପବନ ବିନା ପାଶେ ଧରି
ଚାଲୁଛି ଯନ୍ତ୍ର କୁଟ କରି ।୬୩।

ପବନ ବଳେ ସର୍ବ ଚଳେ
ଭୂମି ଆଚ୍ଛାଦି ଦିଗପାଳେ ।୬୪ ।

ପବନ ବଳେ ଆତଯାତ
ପବନ ସବୁ କରେ ହତ ।୬୫ ।

ପବନ ବଳେ ଜନ୍ମ ହୋନ୍ତି
ପବନ ଛପିଲେ ମରନ୍ତି ।୬୬।

ବିଚିତ୍ର କୁଟ ମାୟା କରି
ସମସ୍ତ ଅଛଇ ଆବୋରି ।୬୭ ।

ମାୟାରେ ସର୍ବ ଜୀବେ ଖେଳେ
ନ ଜାଣେ ବ୍ରହ୍ମା ଦିଗପାଳେ ।୬୮ ।

ଏହାଙ୍କ ଠାରୁ ବଡ ନାହି
ତା' ମାୟା କେ ପାରିବ କହି ।୬୯ ।
ପବନ ଭୂତ କଥା ଯେତେ ।
ମୁଁ କିସ କହିବି ଯୁକତେ ।୭୦ ।
ତା' କଥା ଅତି ଅଗୋଚର
ନ ଦିଶେ ରୂପ ବର୍ଣ୍ଣ ତା'ର ।୭୧ ।
ଏତେ ତେତେ ସେ କଳି ନୋହେ
ବ୍ରହ୍ମାଣ୍ଡେ ପୂରି ସେହୁ ଥାଏ ।୭୨ ।
ହେ ମନ ପବନ ଭୂତକୁ
କହିଲି ଭାବ ହୋ ତାହାଙ୍କୁ ।୭୩ ।
ପବନ ସଙ୍ଗେ ମିଶିଥିବୁ
ତେବେ ଅଜ୍ରାମରେ ରହିବୁ ।୭୪ ।
ପବନ ଥିଲେ ଦେହ ରହି
ହେ ମନ ଚେତ ଏବେ ତୁହି ।୭୫ ।
ମନ ଚୈଇତନ୍ୟ ମୂଖୁ ଶୁଣି
ବୋଲି ମନେ ମନେ ଗୁଣି ।୭୬ ।
ପବନ ଭୂତଙ୍କ ଚରିତ
ଶୁଣି ମୁଁ ହେଲି ଆଚମ୍ବିତ ।୭୭ ।
କେ ତାକୁ ଜାଣି ପାରିବ
ତା' ଦୟା ଯାକୁ ସେ ତରିବ ।୭୮ ।
ମୁହିଁତ ଭରସା କରିଛି
ତାରୁ ବା ମାରୁ ଯେ କହୁଛି ।୭୯ ।
ହେ ପ୍ରଭୁ ମାୟା କର ନାଶ
ଜଣାଇ ଅରକ୍ଷିତ ଦାସ ।୮୦ ।
ଆହେ ସୁଜନ ମାନେ ଶୁଣ
ପବନ ଭାବ ମନେ ଗୁଣ ।୮୧ ।
ତା'ଭାବ ମନେ ଯେ ଭାବିବ
ଏ ଘୋର ସଂସାରୁ ତରିବ ।୮୨ ।
ନୋହିଲେ କେବେ ନ ତରିଇ
ତା'ଭାବ ମନେ ଥିବ ଧ୍ୟାୟି ।୮୩ ।
ପବନ ଭୂତଙ୍କୁ ଯେ ଭାବ
ହେଳା କଲେଟି ମାରି ନେବ ।୮୪ ।
ପବନ ଭୂତଙ୍କର ଗୁଣ
ଚୌରାଶୀ ପଦେ ଯେ ସମ୍ପୂର୍ଣ୍ଣ ।୮୫

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
ପବନ ଭୂତ ମହିମା ବର୍ଣ୍ଣନେ ନାମ ଚତୁର୍ଥୋଽଧ୍ୟାୟଃ

---o---

# ପଞ୍ଚମ ଅଧ୍ୟାୟ

ଆହେ ଚୈତନ୍ୟ ବ୍ରହ୍ମ ତୁମ୍ଭେ
କଥାଏ ଜଣାଉଛି ଏବେ ।୧ ।
ପବନ ଭୂତଙ୍କୁ କହିଲ
ମନୁ ମୋ ସଂଶୟ ଫେଡ଼ିଲ ।୨ ।
ଏବେ ଆକାଶ ଭୂତ କଥା
ଶୁଣି ମୋ ମନୁ ଛାଡୁ ବ୍ୟଥା ।୩।
ଆକାଶ କାହୁଁ ଜାତ ହୋଇ
ମୋ ମନୁ ଭ୍ରାନ୍ତି ଫେଡ କହି ।୪ ।
ଆକାଶ ମହିମା ଶୁଣିବି
ତୋ ମୁଖୁ ଶୁଣି ପ୍ରତେ ଯିବି ।୫ ।
ଆକାଶ କଥା ଅଗୋଚର
କହ ହେ ଭ୍ରମ ଯାଉ ଦୂର ।୬ ।
ହେ ମନ ଆକାଶ ମହିମା
କହିଲେ ନ ସରଇ ସୀମା ।୭ ।
ଆକାଶ ଭୂତ କଥାକୁ ହିଁ
କେ ତାହା କଳି ନ ପାରଇ ।୮ ।
ତାକୁ କେ କଳିବ ସଂସାରେ
ଶୁଣ କହିବା କିଛି ତୋରେ ।୯ ।
ମହା ଶୂନ୍ୟରୁ ଯେ ଆକାଶ,
ଜାତ ହୋଇଲାଟି ଅଶେଷ ।୧୦ ।
ଆକାଶ ଭୂତଙ୍କ ମହିମା
କହିବି ଭାବ ତାଙ୍କୁ ସିନା ।୧୧ ।
ଆକାଶ ବ୍ରହ୍ମାଣ୍ଡେ ଘୋଟିଛି
କାହିଁ ନଲାଗି ସର୍ବେ ଗଛି ।୧୨ ।
ଆକାଶ ଅନ୍ଧକାର କହି
ତା'ଗର୍ଭେ ସର୍ବେ ଛନ୍ତି ରହି ।୧୩।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଜାଳ
ତା'ଗର୍ଭେ ସର୍ବେ ଛନ୍ତି ଶୁଣ ।୧୪ ।
ଚଉଦ ବ୍ରହ୍ମାଣ୍ଡ ସହିତେ
ତା'ଗର୍ଭେ ଅଛନ୍ତି ସମସ୍ତେ ।୧୫ ।
ସପ୍ତ ସମୁଦ୍ର ସ୍ୱର୍ଗ ସପ୍ତ
ତା'ଗର୍ଭେ ରହିଛି ସମସ୍ତ ।୧୬ ।
ନବ ଦ୍ୱୀପ ନବ ପୃଥ୍ୱୀବୀ
ତା'ଗର୍ଭେ ସର୍ବେ ଛନ୍ତି ଭାବି ।୧୭ ।
ଜଳ ପବନ ଅଗ୍ନି କହି
ତା'ଗର୍ଭେ ଆତଯାତ ହୋଇ ।୧୮ ।
ଚାରି ମେଘ ଯେ ତାରା ଗଣ
ତା'ଗର୍ଭେ ଆତଯାତ ପୁଣ ।୧୯ ।
ଚାରି ବେଦ ଷଡରତୁ ହିଁ
ତା'ଗର୍ଭେ ଆତଯାତ ହୋଇ ।୨୦ ।
ଚନ୍ଦ୍ର ସୂର୍ଯ୍ୟେଟି ଦୁଇ ଦ୍ୱୀପ
ତା' ଗର୍ଭେ ଜଳୁଥାନ୍ତି ଦେଖ ।୨୧ ।
ସଂସାରେ ଖେଳ ପାଇଁ ଜାଣ
ଚନ୍ଦ୍ର ସୂର୍ଯ୍ୟ ନିତ୍ୟେ ଭ୍ରମିଣ ।୨୨ ।
ଜଳ ପବନ ଅଗ୍ନି କହି
ଲୀଳା ନିମନ୍ତେ ଭ୍ରମେ ସେହି ।୨୩।
ଆକାଶ ଗର୍ଭେ ଲୀଳା କରି
ସମସ୍ତ ଅଛନ୍ତି ଆବୋରି ।୨୪ ।

ଛପନ କୋଟି ଜୀବ ଯେତେ
ତା'ଗର୍ଭେ ଅଛନ୍ତି ସମସ୍ତେ ।୨୫ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ତା'ଗର୍ଭେ ଅଛନ୍ତି ଏ ସର୍ବ ।୨୬ ।
ମେରୁ ଠାରୁ ଯେତେ ପର୍ବତ
ତା'ଗର୍ଭେ ଅଛନ୍ତି ସମସ୍ତ ।୨୭ ।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ତା'ଗର୍ଭେ ଅଛନ୍ତି ପ୍ରତ୍ୟକ୍ଷ ।୨୮ ।
ଚାଣ୍ଡାଳୁ ବ୍ରହ୍ମ ଯାଏ ପୁଣ
ତା'ଗର୍ଭେ ଅଛନ୍ତି ଯେ ଜାଣ ।୨୯ ।
ସିଂହରୁ ଦଶି ପୋକ ଯାଏ
ତା'ଗର୍ଭେ ଆତଯାତ ହୁଏ ।୩୦ ।
ଉଡା ବୁଡା ଚଳ ନିଶ୍ଚଳ
ନଭେ ସିନା ଚଳ ପ୍ରଚଳ ।୩୧ ।
ଆକାଶ ଭୂତ କଥା ଯେତେ
କହିଲେ ନ ସରଇ ଚିତ୍ତେ ।୩୨ ।
ଆକାଶ ଭୂତ କଥା ଶୁଣ
ତା'ଗର୍ଭୁ ଜନ୍ମ ମୃତ୍ୟୁ ଜାଣ ।୩୩ ।
ମହାଶୂନରୁ ଆକାଶ ହିଁ
ଆକାଶୁ ପବନ ଜନ୍ମଇ ।୩୪ ।
ପବନୁ ଅଗ୍ନି ଜାତ ପୁଣ
ଅଗ୍ନିରୁ ଜଳ ଜାତ ପୁଣ ।୩୫ ।
ଜଳରୁ ପୃଥ୍ୱୀବୀ ଜନ୍ମିଲା
ସଂସାରେ ଖେଳ ଲଗାଇଲା ।୩୬ ।

ମହାଶୂନ୍ୟରୁ ପଞ୍ଚଭୂତ
ଜାତ ହୋଇଣ ଏ ସଂଯୁକ୍ତ ।୩୭ ।
ଏ ପଞ୍ଚଭୂତ ଭିନ୍ନାଭିନ୍ନ
ନାହିଁଟି ଶୁଣ ହେ ସୁମନ ।୩୮ ।
ଲୀଳା ନିମନ୍ତେ ଭିନ୍ନ ହେଲେ
ସଂସାରେ ଖେଳ ଲଗାଇଲେ ।୩୯ ।
ଖେଳ ସରିଲେ ସର୍ବେ ଯାନ୍ତି
ଏକା ଅଙ୍ଗରେ ସେ ଚଳନ୍ତି ।୪୦ ।
ମହାଶୂନ୍ୟରେ ସେ ମିଶିଣ
ଏକା ଅଙ୍ଗରେ ସେ ଗୋପ୍ୟାନ ।୪୧ ।
ହେ ମନ ପଞ୍ଚଭୂତ ଗୁଣ
କେହି ନ ଜାଣନ୍ତି ଯେ ପୁଣ ।୪୨ ।
ତୋ ଠାରେ ମୋର ଦୟା ଯେଣୁ
ପଚାରିଲ ଯେ କହେ ତେଣୁ ।୪୩ ।
ତୁମ୍ଭ ଆମ୍ଭର ଭିନ୍ନ ନାହିଁ
ତେଣୁ ମୁଁ ତୋତେ କହିଲଇଁ ।୪୪ ।
ଆକାଶ ଭୂତ ସଙ୍ଗେ ପଶ
ତେବେ ପାଇବୁ ସିନା ଯଶ ।୪୫ ।
ଏ ପଞ୍ଚଭୁତ ସଙ୍ଗେ ଦେହ,
ମିଶାଇ ଆନନ୍ଦରେ ରହ ।୪୬ ।
ତେବେ ଅମର ହେବୁ ଜାଣ
ତୋ ପୃଥ୍ୱୀ ଥିବ ସଦା ଦିନ ।୪୭ ।
ପୃଥ୍ୱୀ ସଙ୍ଗତେ ପୃଥ୍ୱୀ ହେବୁ
ଜଳ ସଙ୍ଗତେ ଜଳେଥିବୁ ।୪୮ ।

ଅଗ୍ନି ସଙ୍ଗତେ ଅଗ୍ନି ହୋଇ
ରହିବୁ ଶୁଣ ମନ ତୁହି ।୪୯ ।
ପବନ ସଙ୍ଗତେ ପବନ,
ମିଶିଣ ରହିଁଥିବୁ ଜାଣ ।୫୦ ।
ଆକାଶ ସଙ୍ଗତେଣ ତୁହି,
ମିଶି ଆକାଶେ ଥିବୁ ରହି ।୫୧ ।
ଏ ପଞ୍ଚଭୂତ ସଙ୍ଗେ ମିଶି,
ଖେଳୁ ହୋ ଥିବୁ ଦିବା ନିଶି ।୫୨ ।
ଏହାଙ୍କ ସଙ୍ଗେ ଖେଳୁଥିବୁ
ମହା ଶୂନ୍ୟେ ହେତୁ ରଖିବୁ ।୫୩।
ତେବେ ତୋହର ନାହିଁ ଭୟେ
ଅଜ୍ରାମର ହେବ ତୋ କାୟେ ।୫୪ ।
ମହା ଶୂନ୍ୟରୁ ନିଜ ନାମ,
ହେତୁ କରିଣ ଭାବ ମନ ।୫୫ ।
ସଂସାରେ ଯେତେ ନାମ ପୁଣ
ଭକତେ ଦେଇଛନ୍ତି ଜାଣ ।୫୬।
ହେ ମନ ନିଜ ନାମ ବ୍ରହ୍ମ
ଆଉଟି ସବୁ ମିଥ୍ୟା ଜାଣ ।୫୭ ।
ବ୍ରହ୍ମରେ ପୃଥ୍ୱୀ ଆତଯାତ,
ବ୍ରହ୍ମରେ ଅଛନ୍ତି ସମସ୍ତ ।୫୮ ।
ବ୍ରହ୍ମରୁ ସର୍ବେ ଜନ୍ମିଛନ୍ତି
ସଂସାରେ ଲୀଳା ଯେ କରନ୍ତି ।୫୯ ।
ବ୍ରହ୍ମରୁ ପଞ୍ଚଭୂତ ଜନ୍ମ
ଲୀଳା ନିମନ୍ତେ ଭିନ୍ନାଭିନ୍ନ ।୬୦ ।

ହେ ମନ ବ୍ରହ୍ମରୁଟି ସର୍ବ,
ଜାତ ହୁଅନ୍ତି ଅସମ୍ଭବ ।୬୧ ।
ମଲେ ସେ ବ୍ରହ୍ମରେ ପଶନ୍ତି
ବ୍ରହ୍ମରେ ଲୀନ ସେହ ହୁଅନ୍ତି ।୬୨ ।
ପଞ୍ଚଭୂତରୁ ଯେ ଗୋଟିଏ,
ନଥିଲେ ଲୀଳା କେବେ ନୋହେ ।୬୩।
ଆକାଶ ନଥିଲେ ପବନ,
କାହୁଁ ଏ ଜାତ ହୋନ୍ତା ପୁଣ ।୬୪ ।
ପବନ ଯେବେଟି ନଥାଇ,
ଅଗ୍ନିଟି ଜାତ ହ୍ୱନ୍ତା କାହିଁ ।୬୫ ।
ଅଗ୍ନି ନ ଥିଲେ ଜଳ ପୁଣ
କାହୁଁ ଏ ଜାତ ହ୍ୱନ୍ତା ଜାଣ ।୬୬ ।
ଜଳ ନ ଥିଲେ ପୃଥ୍ୱୀ କାହିଁ
ଜାତ ହୁଅନ୍ତା କହ ତୁହି ।୬୭ ।
ଏ ପଞ୍ଚଭୁତରୁ ଗୋଟିଏ
ନ ଥିଲେ କାହୁଁ ଜନ୍ମ ହୋଏ ।୬୮ ।
ଏ ପଞ୍ଚ ଭୂତରୁ ସଂସାର
ଜାତ ହୁଅନ୍ତି ଚରାଚର ।୬୯ ।
ଏ ପଞ୍ଚଭୂତ ଭିନ୍ନ ନାହିଁ
ଏକା ଅଙ୍ଗଟି ଶୁଣ ତୁହି ।୭୦ ।
ଆକାଶୁ ପବନ ଜନ୍ମଇ
ପବନୁ ଅଗ୍ନି ଜାତ ହୋଇ ।୭୧ ।
ଅଗ୍ନିରୁ ଜଳ ଜାତ ଜାଣ
ଜଳରୁ ପୃଥିବୀ ଭିଆଣ ।୭୨ ।

ପୃଥ୍ୱୀରୁ ଜଳ ଜାତ ହୋଇ
ଜଳରୁ ଅଗ୍ନିଟି ଜନ୍ମଇ ।୭୩।
ଅଗ୍ନିରୁ ପବନ ଜନ୍ମିଲା
ପବନୁ ଆକାଶ ହୋଇଲା ।୭୪ ।
ଏମନ୍ତେ ପଞ୍ଚଭୂତ କଥା,
ଅତି ଅଗୋଚର ବ୍ୟବସ୍ଥା ।୭୫ ।
ଏ ପଞ୍ଚଭୂତ ସତ୍ୟ ଜାଣ,
ଆଉଟି ସର୍ବ ମିଥ୍ୟା ଶୁଣ ।୭୬ ।
ଏ ପଞ୍ଚଭୂତ ଲୀଳା କରେ,
ଏ ପଞ୍ଚଭୂତ ଯେ ସଂହାରେ ।୭୭ ।
ସଂହାରି ଶୂନ୍ୟରୁ ପଶନ୍ତି
ଶୂନ୍ୟରୁ ପୁଣି ଜନ୍ମ ହୋନ୍ତି ।୭୮ ।
ଏମନ୍ତେ ଜନ୍ମ ମୃତ୍ୟୁ ହୋଇ,
ଏହାତ ନ ଜାଣନ୍ତି କେହି ।୭୯ ।
ଏମନ୍ତେ ପଞ୍ଚଭୂତ କଥା
ଶୁଣି ସୁମନ ହୁଅଚେତ୍ତା ।୮୦ ।
ଚୈତନ୍ୟ ମୂଖୁ ଏହା ଶୁଣି
ବୋଲଇ ନିସ୍ତରିଲି ପୁଣି ।୮୧ ।
ପଞ୍ଚଭୂତଙ୍କ କଥା ଯେତେ
କହିଣ ଦେଲ ଯେ ଗୁପତେ ।୮୨ ।
ମୋଠାରେ ଦୟା ଥିଲା ଯେଣୁ
ଆପଣ କହି ଦେଲେ ତେଣୁ ।୮୩।
ମୁଁ ଯେ ସଦା ପାପୀ ଅଟଇ
ମୋଠାରେ ଦୟା ଥିବ କହି ।୮୪ ।
ମୁହିଁ ତ ଭରସା କରିଛି
ମୋ ଚିତ୍ତେ ଭୟ ନାହିଁ କିଛି ।୮୫ ।
ପାପ ପୁଣ୍ୟକୁ ଭୟ ନାହିଁ
ଯେଣୁ ଭରସା କରିଛଇଁ ।୮୬।
ତାର ନ ତାର ଏ ଅଧମ
ଭରସା କରି ଅଛି ପୁଣ ।୮୭ ।
କହଇ ଅରକ୍ଷିତ ଦାସ
ନିଜ ନାମ ବ୍ରହ୍ମକୁ ଆଶ ।୮୮ ।
ଆକାଶ ଭୂତଙ୍କ ମହିମା
କହିଲେ ନ ସରଇ ସୀମା ।୮୯ ।
ଆହେ ସୁଜନ ମାନେ ଶୁଣ
ପଞ୍ଚଭୂତଙ୍କ ଯେତେ ଗୁଣ ।୯୦ ।
ଭୂତ ଗୋଟିକେ ଯେ ଅଧ୍ୟାୟେ
କହିଲି ଶୁଣ ସୁଜନ ହେ ।୯୧ ।
ଏମନ୍ତେ ପାଞ୍ଚ ଅଧ୍ୟା ହୋଇ
ପଞ୍ଚଭୂତଙ୍କ କଥା ଏହି ।୯୨ ।
ଏ ପଞ୍ଚଭୂତଙ୍କ ମହିମା
କେ କହିପାରେ ଗୁଣ ସୀମା ।୯୩।
ଆକାଶେ ଭୂତଙ୍କ ଚରିତ
ଚୌରାନବେ ପଦେ ଭଣିତ ।୯୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
ଆକାଶ ଭୂତ ମହିମା କଥନେ ନାମ ପଞ୍ଚମୋଽଧ୍ୟାୟଃ

--- ୦ ---

# ଷଷ୍ଠ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଶିରରେ ବେନି କର ଯୋଡ଼ି ।୧ ।
ତୁମ୍ଭେ ମୋହର ପ୍ରାଣଗୁରୁ
ତୁ କିମ୍ପା ମୋତେ ମାୟା କରୁ ।୨ ।
ଏହି ଦେହରେ ମୁହିଁ ଥାଇ
ତୋତେ ମୁଁ ଚିହ୍ନି ନ ପାରଇ ।୩ ।
ହେ ପ୍ରଭୁ ମାୟା ତୁ ନକର
କଥାଏ ଜଣାଏ ଛାମୁର ।୪ ।
ଏ ଦେହ କାହୁଁ ଜାତ ହେଲା ।
ତୁମ ମାୟାରୁ ନ ଚିହ୍ନିଲା ।୫ ।
ଛପନ କୋଟି ଜୀବ ଯେତେ
ଜାତ ହୋଇଲେ ଏ କେମନ୍ତେ ।୬ ।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ହେତୁବାଣୀ ।୭ ।
ମହାଶୂନ୍ୟରୁ ସର୍ବଜାତ
ତୋତେ ମୁଁ କହିଦେଲି ସତ ।୮ ।
ଛପନକୋଟି ଜୀବ ମୁହିଁ
ମୁଁ ସୁଖେ ବିହାର କରଇ ।୯ ।
ଲୀଳା ନିମନ୍ତେ ଜାତ ହେଲି
ନାନା ରୂପଟି ମୁଁ ଧଇଲି ।୧୦ ।
ନାନା ଜୀବ ଜନ୍ତୁଟି ମୁହିଁ
ନାନା ନାମଟି ମୋର ହୋଇ ।୧୧ ।
ଚାଣ୍ଡାଳୁ ବ୍ରହ୍ମଲୋକ ଯାଏଁ
ନାନା ନାମଟି ମୋର ହୋଇ ।୧୨ ।
ଇନ୍ଦ୍ରଙ୍କ ଠାରୁ ଦେବ ଯେତେ
ନାନା ନାମଟି ବହି କେତେ ।୧୩ ।
ମେରୁଠାରୁ ଯେତେ ପର୍ବତ
ନାନା ନାମଟି ବହି ସତ୍ୟ ।୧୪ ।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ନାନା ନାମ ବହି ପ୍ରତ୍ୟକ୍ଷ ।।୧୫ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ନାନା ନାମଟି ମୋ ଚିନ୍ତନ୍ତେ ।୧୬ ।
ସିଂହରୁ ଦଶିପୋକ ଯାଏଁ
ନାନା ନାମଟି ମୋର ହୋଏ ।୧୭ ।
ଚଳନ୍ତା ଚୌଦ କୋଟି ଜୀବ
ମୁହିଁଟି ହୋଇ ଅଛି ସର୍ବ ।୧୮ ।
ନିଶ୍ଚଳ ଚୌଦ କୋଟି ଜାଣ
ମୁହିଁଟି ସର୍ବ ହେଲି ପୁଣ ।୧୯ ।
ଉଡ଼ା ଚୌଦ କୋଟି ମୁହିଁ
ମୁଁ ସର୍ବ ରୂପ ହୋଇଛଇଁ ।୨୦ ।
ବୁଡା ଚୌଦ କୋଟି ହେଲି
ମୁଁ ସର୍ବ ରୂପ ଯେ ଧଇଲି ।୨୧ ।
ଛପନ କୋଟି ଜୀବ ମୁହଁ
ନାନା ନାମଟି ମୋତେ ଦେଇ ।୨୨ ।

ମୁଁ ଦଶ ଅବତାର ହେଲି
ନାନା ନାମଟି ମୁଁ ବହିଲି ।୨୩।
ମନ କହୁଛି ପ୍ରଭୁ ଶୁଣ
ତୋ ନାମ କହହେ ବହନ ।୨୪।
ସଂସାରେ ଯେତେ ନାମ ତୋର
କହିତ ଦେବ ମୋ ଆଗର ।୨୫।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମୃଦୁ ବାଣୀ ।୨୬।
ମୁଁ ନାନା ଅବତାର ହୋଇ
ମୁଁ ମୋତେ ନାମ ଯେ ଦିଅଇ ।୨୭।
ମୁହିଁଟି ଭକ୍ତ ବୃନ୍ଦ ହେଲି
ମୁହିଁଟି ମୋତେ ନାମ ଦେଲି ।୨୮।
କିଛି ନାମ ହିଁ କହି ଦେବା
ତୋ ମନୁ ସଂଶୟ ଫେଡ଼ିବା ।୨୯।
ମୁଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ତୋତେ କହିଲି ମୁଁ ନିକର ।୩୦।
ଶଙ୍ଖାସୁର ଅଇରି ମୁହିଁ
କଂସ ଅଇରି ମୁଁ ବୋଲାଇ ।୩୧।
କଳପ ତରୁ ମୁହିଁ ହେଲି
ମୁଁ ଭଗବାନ ବୋଲାଇଲି ।୩୨।
ନିରଞ୍ଜନଟି ମୋର ନାମ
ନାରାୟଣଟି ହେଲି ପୁଣ ।୩୩।
ଅତ୍ରାହି ଭଞ୍ଜନ ହୋଇଲି
ଗୋପିଜୀବନ ବୋଲାଇଲି ।୩୪।
ବସୁଦେବ ସୁତଟି ମୁହିଁ
ହରିନାମଟି ମୁଁ ଅଟଇ ।୩୫।
ବନମାଳିଟି ମୁହିଁ ଜାଣ
କମଳା ବିଳାସ ପ୍ରମାଣ ।୩୬।
ପୀତ ବସନ ମୁହିଁ ହେଲି
ଯାଦବ ପତି ବୋଲାଇଲି ।୩୭।
ଅନନ୍ତ ନାମ ମୋର ହୋଇ
ବୈକୁଣ୍ଠ ସାଇଁ ମୁଁ ବୋଲାଇ ।୩୮।
ଦୈତ୍ୟାରି ଅଚ୍ୟୁଟି ହେଲି
ରାମ ନାମଟି ବୋଲାଇଲି ।୩୯।
ମୁଁ ନାଗ ଦର୍ପ ଗଞ୍ଜା ହେଲି
ଅର୍ଜ୍ଜୁନ ଭଞ୍ଜା ବୋଲାଇଲି ।୪୦।
କେଶୀ ସୁଦନ ନାମ ବହି
କୃପାସିନ୍ଧୁଟି ମୁଁ ବୋଲାଇ ।୪୧।
ଚାଣୁର ମର୍ଦ୍ଦନ ମୁଁ ଗୁଣ
ଜଗଜ୍ଜୀବନ ମୁହିଁ ଜାଣ ।୪୨।
ଶଙ୍ଖ ଚକ୍ରଧାରୀଟି ମୁହିଁ
ସମ୍ପୂର୍ଣ୍ଣ ସ୍ୱାଇଁ ମୁଁ ବୋଲାଇ ।୪୩।
ମୁକୁନ୍ଦ ବିଦ୍ୟାଧର ହେଲି
ପୁରୁଷୋତ୍ତମ ବୋଲାଇଲି ।୪୪।
ଗରୁଡ଼ ଆସନଟି ମୁହିଁ
ପତିତପାବନ ବୋଲାଇ ।୪୫।
ପରାପ୍ରର ନାଥଟି ହେଲି
ପରମାନନ୍ଦ ବୋଲାଇଲି ।୪୬।

ପରମ ପୁରୁଷଟି ମୁହିଁ
ନୃସିଂହ ଆଦିମୂଳ ହୋଇ ।୪୭ ।
ଆତଙ୍କ ଭଞ୍ଜନ ମୁଁ ହେଲି
ଶକଟା ଭଞ୍ଜା ବୋଲାଇଲି ।୪୮ ।
ଦିନବନ୍ଧୁ ରାଘବ ହୋଇ
ଶ୍ରୀ ରଙ୍ଗାଧର ମୁଁ ବୋଲାଇ ।୪୯ ।
ଅକ୍ଷିଳ ପତି ଘନଶ୍ୟାମ
ନିଳାଦ୍ରି ଚନ୍ଦ୍ର ମୋର ନାମ ।୫୦ ।
ବାଞ୍ଚାନିଧିଟି ମୁହିଁ ହେଲି
କରୁଣାନିଧି ବୋଲାଇଲି ।୫୧ ।
ଠାକୁର ଶିରୋମଣି ହୋଇ
ଆରତ ତ୍ରାଣ ମୁଁ ବୋଲାଇ ।୫୨ ।
ଶ୍ରୀରାମ ଚନ୍ଦ୍ର ମୋର ନାମ
ଅନନ୍ତ ଶୟନ ଯେ ପୁଣ ।୫୩।
ବୈକୁଣ୍ଠ ବିହାରିଟି ମୁହିଁ
ଶ୍ରୀଜଗନ୍ନାଥ ମୁଁ ବୋଲାଇ ।୫୪ ।
ଶ୍ରୀ ରାମନାମ ମୁଁ ବହିଲି
ନୀଳାଦ୍ରି ପତି ବୋଲାଇଲି ।୫୫ ।
ରଘୁନାଥଟି ମୁହିଁ ଜାଣ
ନୀଳାଦ୍ରି ନାଥ ମୁହିଁ ପୁଣ ।୫୬।
ବୈକୁଣ୍ଠ ପତି ମୁହିଁ ହେଲି
ବୈକୁଣ୍ଠ ନାଥ ବୋଲାଇଲି ।୫୭।
ରଘୁପତି କେଶବ ମୁହିଁ
ଜଗତ ପତି ମୁଁ ବୋଲାଇ ।୫୮ ।

ନୀଳାଦ୍ରି ଦାସରଥି ହେଲି
ଗୋବର୍ଦ୍ଧନଟି ବୋଲାଇଲି ।୫୯ ।
ମାଧବ ଦନାର୍ଦ୍ଦନ ମୁହିଁ
ଜଗତ ନାଥ ମୁଁ ଅଟଇ ।୬୦ ।
ଆତଙ୍କ ନାଶନଟି ପୁଣ
ବନମାଳିଟି ମୁଁ ହିଁ ଜାଣ ।୬୧ ।
ପୁଣ୍ଡରିକାକ୍ଷ ଭାବଗ୍ରାହୀ
ଚିନ୍ତାମଣିଟି ମୁଁ ବୋଲାଇ ।୬୨ ।
ଅନାଦି ନିରାକାର ହେଲି
ମହିମା ମେରୁ ବୋଲାଇଲି ।୬୩।
ଜଗତ ଜୀବନଟି ମୁହିଁ
ଜଗତ ପତି ମୁଁ ବୋଲାଇ ।୬୪ ।
ଭକ୍ତ ବତ୍ସଳ ମୋର ନାମ
ବାସୁଦେବଟି ମୁଁ ପ୍ରମାଣ ।୬୫ ।
କୃଷ୍ଣ ଦୟାନିଧିଟି ମୁହିଁ
ମହା ବାହୁଟି ମୁଁ ବୋଲାଇ ।୬୬।
ଜଗତ ଜୀବନଟି ପୁଣ
ଶ୍ରୀକୃଷ୍ଣ ନାମଟି ପ୍ରମାଣ ।୬୭ ।
ଶ୍ରୀହରି ଶ୍ରୀପତିଟି ମୁହିଁ
ଶ୍ରୀକୃଷ୍ଣଚନ୍ଦ୍ର ମୁଁ ବୋଲାଇ ।୬୮ ।
ଶୂନ୍ୟ ପୁରୁଷ ମୁହିଁ ଜାଣ
ଆତଙ୍କ ନାଥ ମୁଁ ପ୍ରମାଣ ।୬୯ ।
ଆତଙ୍କ ଭଞ୍ଜନଟି ମୁହିଁ
କରୁଣା ସାଗର ଅଟଇ ।୭୦ ।

ଚକ୍ରଧରଟି ମୁହିଁ ଜାଣ
ଚକ୍ରଧାରୀଟି ମୁହିଁ ପୁଣ ।୭୧ ।
କୃପା ଜଳଧି ମୁହିଁ ହେଲି
ଗୋପାଳ ମୁହିଁ ବୋଲାଇଲି ।୭୨ ।
ଦାରୁ ବ୍ରହ୍ମ ବିରାଟ ମୁହିଁ
ବିଶ୍ୱେଶ୍ୱରଟି ମୁଁ ଅଟଇ ।୭୩।
ପରମ ରାଧାକାନ୍ତ ଜାଣ
ଦୟାସାଗର ମୁଁ ପ୍ରମାଣ ।୭୪ ।
ଈଶ୍ୱର ଆଦିକନ୍ଦ ହେଲି
ପରମ ବ୍ରହ୍ମ ବୋଲାଇଲି ।୭୫ ।
ଗିରିଧାରୀଟି ମୁହିଁ ଜାଣ
ନିତ୍ୟାନନ୍ଦଟି ମୁହିଁ ପୁଣ ।୭୬।
ମୁଁ ସଦାନନ୍ଦ ବୃନ୍ଦାବନ
ଦ୍ୱାରକାନାଥ ହେଲି ଜାଣ ।୭୭ ।
ମଧୁରାନାଥ ହେଲି ମୁହିଁ
ଗଙ୍ଗାଧରଟି ମୁଁ ବୋଲାଇ ।୭୮ ।
ଲକ୍ଷ୍ମୀବଲ୍ଲଭ ମୁହିଁ ହେଲି
ଶ୍ୟାମ ବନ୍ଧୁଟି ବୋଲାଇଲି ।୭୯ ।
ମୁଁ ପୀତାମ୍ବର ଚଇତନ
ବିଶ୍ୱେଶ୍ୱରଟି ହେଲି ଜାଣ ।୮୦ ।
ଘନଶ୍ୟାମଟି ମୁହିଁ ହେଲି
ଗୋବିନ୍ଦଚନ୍ଦ୍ର ବୋଲାଇଲି ।୮୧ ।
ମଧୁସୂଦନ ମୁହିଁ ଜାଣ
ଗୋବର୍ଦ୍ଧନଟି ହେଲି ପୁଣ ।୮୨ ।
କୁଞ୍ଜବିହାରୀ ନାମ ବହି
ସାରଙ୍ଗଧର ମୁଁ ଅଟଇ ।୮୩।
ହିଂସ ପୁରୁଷ ମୁହିଁ ହେଲି
ବେଣୁଧରଟି ବୋଲାଇଲି ।୮୪ ।
ମୂରଲୀଧର ମୁହିଁ ଜାଣ
ନନ୍ଦ ସୂତଟି ହେଲି ପୁଣ ।୮୫ ।
ଯଶୋଦା ସୂତ ମୁହିଁ ହେଲି
ନନ୍ଦ କହ୍ନାଟି ବୋଲାଇଲି ।୮୬ ।
ହୃଷିକେଶଟି ମୋର ନାମ
ଅର୍ଜ୍ଜୁନ ଭଞ୍ଜା ହେଲି ଜାଣ ।୮୭ ।
ମୁଁ ମଧୁରିପୁ ରାବଣାରି
ମଦନ ମୋହନ ମୁରାରି ।୮୮ ।
କଳା ଶ୍ରୀମୁଖ ମୋର ନାମ
ଚକାଡୋଳାଟି ହେଲି ପୁଣ ।୮୯ ।
ସାକେତ ପତି ମୁହିଁ ହେଲି
ରାମ ନାମଟି ବୋଲାଇଲି ।୯୦ ।
ଶରଣ ପଞ୍ଜରଟି ମୁହିଁ
ବ୍ରହ୍ମାଣ୍ଡ ନାଥ ମୁଁ ବୋଲାଇ ।୯୧ ।
ପଦ୍ମନାମଟି ନାମ ମୋର
ମୁହିଁ ହୋଇଲି ବେଣୁଧର ।୯୨ ।
ଦେବକୀସୁତ ମୋର ନାମ
ଦାମୋଦରଟି ମୁଁ ପ୍ରମାଣ ।୯୩।
ମୁଁ ଦୀକ୍ଷାଗୁରୁ ଅବଧୂତ
ଚକ୍ରପାଣିଟି ହେଲି ସତ୍ୟ ।୯୪ ।

ଶରଣ ସୋଦର ମୁଁ ହେଲି
ଦୟାସାଗର ବୋଲାଇଲି ।୯୫ ।
ଦେବ ନାରାୟଣଟି ମୁହିଁ
ବ୍ରହ୍ମ ରାଶିଟି ମୁଁ ଅଟଇ ।୯୬ ।
ତିନି ଭୂବନ ପତି ହେଲି
ଶ୍ୟାମ ସୁନ୍ଦର ବୋଲାଇଲି ।୯୭ ।
ଅଯ୍ୟାମା ବ୍ରଜ ବନ୍ଧୁ ମୁହିଁ
ମଦନ ସୁନ୍ଦର ବୋଲାଇ ।୯୮ ।
ମୁଁ ରାଧାପତି ବିଦ୍ୟାଧର
ରୁକ୍ମଣୀ ପତି ନାମ ମୋର ।୯୯ ।
ମୁଁ ସତ୍ୟଭାମା ପତି ହେଲି
ଜଳଧି ପତି ବୋଲାଇଲି ।୧୦୦ ।
ଜଗତ ନାଥ ମୁହିଁ ଜାଣ
ଗୋପୀବଲ୍ଲଭ ମୁହିଁ ପୁଣ ।୧୦୧ ।
ଇନ୍ଦ୍ରାଧିପତି ମୋର ନାମ
ଆକାଶ ପତି ହେଲି ଜାଣ ।୧୦୨ ।
କ୍ଷୀରୋଦ ସୂତ ମୁହିଁ ହେଲି
ବାସୀକୀ ପତି ବୋଲାଇଲି ।୧୦୩।
ବାଳମୁକୁନ୍ଦ ମୁହିଁ ଜାଣ
ବ୍ରହ୍ମ ବିବର୍ଦ୍ଧନ ବ୍ରାହ୍ମଣ ।୧୦୪ ।
ବାଳକୃଷ୍ଣଟି ହେଲି ମୁହିଁ
କାଳୀ ମର୍ଦ୍ଦନ ମୁଁ ଅଟଇ ।୧୦୫ ।
କୋଦଣ୍ଡଧାରୀ ମୁହିଁ ହେଲି
ରଘୁନନ୍ଦନ ବୋଲାଇଲି ।୧୦୬ ।
କୌଶଲ୍ୟା ନନ୍ଦନଟି ମୁହିଁ
ଯମୁନା ବିହାରୀ ବୋଲାଇ ।୧୦୭ ।
ମୁଁ ମହାପ୍ରଭୁ ଶୂନ୍ୟନାଥ
ଅଚିନ୍ଦା ମଣି ମୁହିଁ ସତ୍ୟ ।୧୦୮ ।
ବରଜ ସୁନ୍ଦରଟି ମୁହିଁ
ପଦ୍ମଲୋଚନ ମୁଁ ଅଟଇ ।୧୦୯ ।
ଜଗ ମୋହନ ମୋର ନାମ
ଗରୁଡ଼ଧ୍ୱଜ ହେଲି ପୁଣ ।୧୧୦ ।
ମଦନ ମୋହନଟି ମୁହିଁ
ବିଶ୍ୱକେସନ ମୁଁ ଅଟଇ ।୧୧୧ ।
ମୁଁ ମନୋହର ଦେବ ଈଶ
ଶୁଣି ସୁମନେ ହୁଅ ତୋଷ ।୧୧୨ ।
ଶ୍ରୀକର ଉପଇନ୍ଦ୍ର ମୁହିଁ
ବରଜ ନାମ ମୁଁ ବହଇ ।୧୧୩।
ଚତୁର୍ଭୁଜଟି ମୁହିଁ ଜାଣ
କୁଞ୍ଜ ଲୋଚନ ମୁହିଁ ପୁଣ ।୧୧୪ ।
ତ୍ରିବିକ୍ରମଟି ହେଲି ମୁହିଁ
ରାମ ଶବରୀ ନାମ ବହି ।୧୧୫ ।
ନନ୍ଦ ନନ୍ଦନ ମୁହିଁ ହେଲି
ଦିନ ବାରଟି ବୋଲାଇଲି ।୧୧୬।
କୃପା ନିଧନ ନାମ ବହି
ରାମା ରମଣ ମୁଁ ଅଟଇ ।୧୧୭ ।
ଅନାଥ ବନ୍ଧୁ ନାମ ମୋର
ଶ୍ରୀବାସ ହରି ମୁଁ ଶ୍ରୀକର ।୧୧୮ ।

କୃପାଳୁ ନାମ ମୁହିଁ ହେଲି
କଦମ୍ବ ଧାରୀ ବୋଲାଇଲି ।୧୧୯ ।
କରୁଣା ବାରିଧିଟି ମୁହିଁ
କେଶୀ ସୁଦନ ମୁଁ ଅଟଇ ।୧୨୦ ।
ଲକ୍ଷ୍ମଣାନୁଜ ମୁହିଁ ହେଲି
ଲକ୍ଷ୍ମୀ ନାମଟି ମୁଁ ବହିଲି ।୧୨୧ ।
ଅଇରିଧର ମୁଁ ଅଟଇ
ଗୋବର୍ଦ୍ଧନ ଧାରୀଟି ମୁହିଁ ।୧୨୨ ।
ଆନନ୍ଦ ଶ୍ରୀଗର୍ଭଟି ପୁଣ
କାରୁଣ୍ୟ କମ୍ବୁପାଣୀ ଜାଣ ।୧୨୩ ।
କିଶୋର କ୍ଷମା ସିନ୍ଧୁ ମୁହିଁ
ଜଗତ ସୋଦର ଅଟଇ ।୧୨୪ ।
ଶରଣ ସୋଦର ମୁହିଁ ହେଲି
ଗୌରାଙ୍ଗ ନାମ ମୁଁ ବହିଲି ।୧୨୫ ।
ଅଲେଖ ଇଷ୍ଟ ଦାତା ମୁହିଁ
ନବଘନଟି ମୁଁ ଅଟଇ ।୧୨୬ ।
କାଳ ପୁରୁଷ ମୁହିଁ ହେଲି
ଗର୍ବ ଗଞ୍ଜନ ବୋଲାଇଲି ।୧୨୭ ।
କଦମ୍ବ ବିହାରୀଟି ମୁହିଁ
ଶିରୀଧରଟି ନାମ ବହି ।୧୨୮ ।
ଜଗତ ବଲ୍ଲଭଟି ଜାଣ
ନନ୍ଦିଘୋଷ ବିହାରୀ ପୁଣ ।୧୨୯ ।
ମହେନ୍ଦ୍ର ପତି ମୁଁ ଅଟଇ
ମହେନ୍ଦ୍ର ନାମ ମୁଁ ବହଇ ।୧୩୦ ।
ପାତାଳ ପତି ମୁହିଁ ଜାଣ
କଳ୍ପ ଦ୍ରୁମଟି ମୁହିଁ ପୁଣ ।୧୩୧ ।
ପଦ୍ମଲୋଚନ ମୁଁ ବୋଲାଇ
ଅଭୟ ଚରଣଟି ମୁହିଁ ।୧୩୨ ।
ଅଭୟ ପଦ୍ମ ପାଦ ଜାଣ
ବଳୀୟାର ଭୁଜଟି ପୁଣ ।୧୩୩ ।
ଗୁରୁ ଶିଷ୍ୟଟି ମୁହିଁ ହେଲି
ମୁଁ ତୋତେ ବୁଝାଇ କହିଲି ।୧୩୪ ।
ମୁହିଁ ଟି ମୋତେ ନାମ ଦେଇ
ମୁଁ ମୋତେ ବିଦ୍ୟା ଯେ ସାଧଇ ।୧୩୫ ।
ତୁ ଯାହା ପଚାରିଲୁ ମୋତେ
କିଛି ନାମ କହିଲି ତୋତେ ।୧୩୬ ।
କହଇ ଅରକ୍ଷିତ ଦାସ
ଏମନ୍ତେ ତୋ ନାମ ପ୍ରକାଶ ।୧୩୬
ସୁଜନ ଜନମାନେ ଶୁଣ
ନନିଜ ନାମ ନ କହି ଜାଣ ।୧୩୮ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଷଷ୍ଠୋଽଧ୍ୟାୟଃ ।

---୦---

# ସପ୍ତମ ଅଧ୍ୟାୟ

ମନ ଚୈତନ୍ୟ ମୁଖ ଚାହିଁ
ବୋଲଇ ନିସ୍ତରିଲି ମୁହିଁ ।୧ ।
ଏହି ଦେହରେ ଯେତେ କଥା
ଫେଡ଼ି କହହେ ସେବ୍ୟବସ୍ଥା ।୨ ।
ଚୈତନ୍ୟ କହେ ମନ ଶୁଣ
ତୋତେ କହିବି ଯେ ଫେଡ଼ିଣ ।୩ ।
ମନ ଚୈତନ୍ୟ ମୁହିଁ ହେଲି
ଜୀବ ପରମ ବୋଲାଇଲି ।୪ ।
ନଖ ମୂଖ ନାସିକା ହୋଇ
ମୁଁ ହାଡ ଚର୍ମ ଯେ ବୋଲାଇ ।୫ ।
ରକ୍ତ ମାଏଁସ ମୁହିଁ ଜାଣ
ମୁଁ ଷୋଳ ଡମ୍ବରୁ ପ୍ରମାଣ ।୬ ।
ପାଞ୍ଚ ମନଟି ହେଲି ମୁଁହିଁ
ପଚିଶ ପ୍ରକୃତି ଅଟଇ ।୭ ।
ତ୍ରିଗୁଣ ତ୍ରିକୁଟଟି ହେଲି
ଷଡ ଗୁଣଟି ବୋଲାଇଲି ।୮ ।
ସାତ'ଶ ବାସ୍ତରୀ ଯେ ନାଡ଼ି
ମୁଁ ମୋତେ ହୋଇ ଅଛି ଜଡ଼ି ।୯ ।
ଚୌଷିଠି ରୋଗ ମୁହିଁ ହେଲି
ମୁଁ ନାନା ବ୍ୟାଧି ବୋଲାଇଲି ।୧୦ ।
ଏକାଦଶ ଇନ୍ଦ୍ରିଟି ମୁହିଁ
ମୁଁ ଦଶଦ୍ୱାରଟି ବୋଲାଇ ।୧୧ ।
ପଞ୍ଚାଶ ପାଖୁଡାଟି ଜାଣ
ଷଡ଼ ଚକ୍ରଟି ମୁଁ ପ୍ରମାଣ ।୧୨ ।
ମୂଳ କମଳ ମୁହିଁ ହେଲି
ଷଡ଼ ଦଳଟି ବୋଲାଇଲି ।୧୩ ।
ମୁଁ ସତ୍ୱ ରଜ ତମ ଜାଣ
କ୍ରୋଧ ଲୋଭଟି ମୁହିଁ ପୁଣ ।୧୪ ।
କୂଟ କପଟ ମୁହିଁ ହେଲି
ମୁଁ ଦୟା ଶାନ୍ତି ବୋଲାଇଲି ।୧୫ ।
ମୁଁ ପ୍ରେମ ଆସ୍ୱାଦନ ଜାଣ
ଭଲ ମନ୍ଦଟି ମୁହିଁ ପୁଣ ।୧୬ ।
କୁବୁଦ୍ଧି ସୁ ବୁଦ୍ଧିଟି ମୁହିଁ ।
କୃପଣ ଅହଂକାର ହୋଇ ।୧୭ ।
ଆହାର ନିଦ୍ରା ମୁହିଁ ହେଲି
ମୈଥୁନ ବାୟୁ ବୋଲାଇଲି ।୧୮ ।
ଗୁରୁଜନେ ବିଶ୍ୱାସ ମୁଁ ହିଁ
ନିର୍ମଳ ଉଦାସ ବୋଲାଇ ।୧୯ ।
ହାନି ଲାଭଟି ମୁହିଁ ଜାଣ
ଏବେ ମୁଁ କହୁଅଛି ପୁଣ ।୨୦ ।
ମୁଁ ସ୍ତିରୀ ପୁରୁଷଟି ହେଲି
ଯୋନି ଇନ୍ଦ୍ରିଟି ବୋଲାଇଲି ।୨୧ ।
ସ୍ତିରି ରୁପଟି ମୁହିଁ ଜାଣ
ମୁଁ ମୋତେ ମୋହୁଅଛି ପୁଣ ।୨୨ ।

ମାତା ପିତାଟି ହେଲି ମୁହିଁ
ଜାତ କରୁଛି ସର୍ବ ଦେହୀ ।୨୩।
ଗେରସ୍ତ ଭାରିଜାଟି ମୁହିଁ।
ପୁଅ ଝିଅଟି ମୁଁ ବୋଲାଇ ।୨୪ ।
ପୁତୁରା ମଉଳାଟି ହେଲି
ମାଇଁ ଭଣଜା ବୋଲାଇଲି ।୨୫ ।
ଅଜା ନାତିଟି ହେଲି ମୁହିଁ
ଜୁଆଇଁ ପିଉସା ବୋଲାଇ ।୨୬ ।
ଖୁଡୁତା ଭାଇବୋହୂ ମୁହିଁ
ମୁଁ ଦେଢ଼ଶୁର ଶାଳୀ ହୋଇ ।୨୭ ।
ଆଈ ମାଇଁଟି ବୋଲାଇଲି
ଶାଶୁ ଶ୍ୱଶୁର ମୁହିଁ ହେଲି ।୨୮ ।
ଅଷ୍ଟ ପାଟକ ଜାତି ମୁହିଁ
ଲୀଳା ନିମନ୍ତେ ଭିନ୍ନ ହୋଇ ।୨୯ ।
ଅନ୍ଧ କାଲଟି ମୁହିଁ ହେଲି
ଜଡ଼ା କଣାଟି ବୋଲାଇଲି ।୩୦ ।
କୁଜା ଛୋଟାଟି ମୁହିଁ ଜାଣ
ଭୋଗୀ ରୋଗୀଟି ମୁଁ ପ୍ରମାଣ ।୩୧ ।
ରାଜା ପରଜା ଦେଲି ମୁହିଁ
ସେବକ ସାମନ୍ତ ବୋଲାଇ ।୩୨ ।
ବ୍ରାହ୍ମଣ ହାଡ଼ି ମୁହିଁ ଜାଣ
ନାନା ଜାତିଟି ମୁହିଁ ପୁଣ ।୩୩।
ତୁ ଏହା ଅନୁଭବ କର
ମୋ ମାୟା ହୋଇଯିବୁ ପର ।୩୪ ।
ତୁ ମୋତେ ଚିହ୍ନି ନ ପାରିଲେ
ଏ ଦେହ ଛାଡ଼ିବାଟି ଭଲେ ।୩୫ ।

ରୂପ ଗୋଟାକୁ ଭାଙ୍ଗି ଦେବା
ଅରୁପ ହୋଇଣ ରହିବା ।୩୬ ।
ତୁ ତୋତେ ଚିହ୍ନି ଯେ ପାରିଲେ
ଏ ଦେହ ରହିବଟି ଭଲେ ।୩୭ ।
ମୋହର ଖେଳ ଯେ ନିମନ୍ତେ
ମାୟା ଦେଖାଉ ଥାଉ ନତ୍ୟେ ।୩୮ ।
ମୁଁ ମୋତେ କିଣଇ ବିକଇ
ମୁଁ ତୋତେ ହାଣଇ ମାରଇ ।୩୯ ।
ମୁଁ ମୋତେ ଖାଇ ଯେ ପିଅଇ
ମୁଁ ମୋତେ ଶାନ୍ତି ଯେ ଦିଅଇ ।୪୦ ।
ହିଂସା ରାଗ ଯେ ହେଲି ମୁହିଁ
ମୁଁ ମୋତେ କପଟ ହୁଅଇ ।୪୧ ।
ଭଲ ମନ୍ଦ ଯେ ମୁହିଁ ଜାଣ
ହସି ଟାପରା କରେ ପୁଣ ।୪୨ ।
ମୁହିଁ ଯେ ମୋତେ ରତି କରି
ରଜ ବୀର୍ଯ୍ୟ ରୂପ ଯେ ଧରି ।୪୩।
କାଳ ଅକାଳ ମୁହିଁ ହେଲି
ଧର୍ମ ଅଧର୍ମ ବୋଲାଇଲି ।୪୪ ।
ମୁଁ ମୋତେ ଖାଇ ଶାନ୍ତି ହୋଇ
ମୁଁ ମୋତେ ଭୟ ଯେ କରଇ ।୪୫ ।
ମୁହିଁ ତ ମୋତେ ଯେ ଡରିଣ
ମୁଁ ମୋତେ ବାନ୍ଧି ରଖେ ପୁଣ ।୪୬ ।
ମୁଁ ମୋତେ ପାଳିଣ ମାରଇ
ମୁଁ ମୋତେ ଆଶ୍ରେ ଯେ କରଇ ।୪୭ ।
ମୁହିଁ ଯେ ହସି କାନ୍ଦେ ଜାଣ
ଚିନ୍ତା ଅଚିନ୍ତା କରେ ପୁଣ ।୪୮ ।

ଦୁଃଖ ଅଦୁଃଖ ହେଲି ମୁହିଁ
ସୁଖ ଅସୁଖ ମୁଁ ବୋଲାଇ ।୪୯ ।
ଭୟ ନିଭୟ ମୁହିଁ ହେଲି
ଦୟା ନିର୍ଦ୍ଦୟା ବୋଲାଇଲି ।୫୦ ।
ଜ୍ଞାନ ଅଜ୍ଞାନ ହେଲି ମୁହିଁ
ସାଧୁ ଅସାଧୁ ମୁଁ ଅଟଇ ।୫୧ ।
ହେତୁ ଅହେତୁ ମୁହିଁ ଜାଣ
ଯୋଗୀ ଅଯୋଗୀ ହେଲି ପୁଣ ।୫୨ ।
ବିକାର ଅବିକାର ମୁହିଁ
ପାପ ପୁଣ୍ୟଟି ମୁଁ ଅଟଇ ।୫୩।
ତୀର୍ଥ ବାରବ୍ରତଟି ହେଲି
ଉପାସ ଓଷା ବୋଲାଇଲି ।୫୪ ।
ଦାନୀ ଅଦାନୀ ମୁହିଁ ଜାଣ
କର୍ମ ଅକର୍ମ ଅଟେ ପୁଣ ।୫୫ ।
ବାଦ ବିଦ୍ୟାଟି ମୁଁ ଅଟଇ
ବିଶ୍ୱାସ ଘାତକଟି ମୁହିଁ ।୫୬।
ସର୍ବ ସମଟି ମୁହିଁ ହେଲି
ଶୁଦ୍ଧ ଅଶୁଦ୍ଧ ବୋଲାଇଲି ।୫୭ ।
ତର୍କ ଅତର୍କ ମୁହିଁ ଜାଣ
ସୁର ଅସୁର ମୁହିଁ ପୁଣ ।୫୮ ।
ବଳବନ୍ତଟି ମୁହିଁ ହେଲି
ନିର୍ବଳ ବନ୍ତ ବୋଲାଇଲି ।୫୯ ।
ପ୍ରତାପୀ ସାହସୀ ମୁଁ ଜାଣ
ଏବେ କହିବି ତୁହିଁ ଶୁଣ ।୬୦ ।
ଭୋଗୀ ରୋଗୀଟି ମୁହିଁ ଜାଣ
ଜନ୍ମ ମରଣ ମୁହିଁ ପୁଣ ।୬୧ ।
ମୁହିଁଟି ଜୀଅଇ ମରଇ
କ୍ଷୟ ଅକ୍ଷୟ ମୁଁ ବୋଲାଇ ।୬୨ ।
ଜୀବ ଅଜୀବ ମୁହିଁ ହେଲି
ରୂପ ଅରୂପ ବୋଲାଇଲି ।୬୩।
ଜପା ଅଜପା ମୁହିଁ ଜାଣ
ମୁଁ ହର୍ତ୍ତାକର୍ତ୍ତା ତୁହି ଶୁଣ ।୬୪ ।
ଥଳ ଅଥଳ ମୁହିଁ ହେଲି
କାୟା ଅକାୟା ବୋଲାଇଲି ।୬୫ ।
ଥାନ ଅତାନ ହେଲି ମୁହିଁ
ଶୂନ୍ୟ ଅଶୂନ୍ୟ ମୁହିଁ ଅଟଇ ।୬୬ ।
ପରମ୍ପରଟି ମୁହିଁ ଜାଣ
ଏହା ତୁ ହେତୁ କରି ଘେନ ।୬୭ ।
ଆବର ଖେଳଇ ଯେମନ୍ତେ
ମୁଁ ଏବେ କହି ଦେବି ତୋତେ ।୬୮ ।
କହଇ ଅରକ୍ଷିତ ଦାସ
ପ୍ରଭୁଙ୍କ ମାୟାଟି ଅଶେଷ ।୬୯ ।
ଆହେ ସୁଜନ ମାନେ କହି
ତା'ମାୟା କେହି ନ ଜାଣଇ ।୭୦ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ସପ୍ତମୋଽଧ୍ୟାୟଃ ।

--- ୦ ---

# ଅଷ୍ଟମ ଅଧ୍ୟାୟ

ଚୈତନ୍ୟ କହେ ମନ ତୁହି
ତୁ ମୋର ଅର୍ଦ୍ଧ ଅଙ୍ଗ ହୋଇ ।୧ ।
ଛପନ କୋଟି ଜୀବ ହେଲି
ତୋତେ ମୁଁ ଘେନି ବିହରିଲି ।୨ ।
ମୁଁ ଯେଣୁ ନାନା ରୂପ ଧରି
ତେଣୁ ମୁଁ ବହୁ ମାୟା କରି ।୩ ।
ମାୟାକୁ ସତ୍ୟ ତୁ ମଣିଲୁ
ତୁ ମୋତେ ଚିହ୍ନି ନ ପାରିଲୁ ।୪ ।
ମୁଁ ଏବେ କହିଦେବି ଶୁଣ
ଯେତେ ରୂପରେ ମୁଁ ଭିଆଣ ।୫ ।
ନାନା ବୃକ୍ଷଟ ହେଲି ମୁହିଁ
ନାନା ପୁଷ୍ପଟି ମୁଁ ବୋଲାଇ ।୬ ।
ନାନା ଫଳଟି ମୁହିଁ ହେଲି
ନାନା ମୂଳଟି ବୋଲାଇଲି ।୭ ।
ନାନା ବସ୍ତୁଟି ମୁହିଁ ଜାଣ
ନାନା ଥାନଟି ମୁହିଁ ଶୁଣ ।୮ ।
ନାନା ମନ୍ତ୍ର ଯନ୍ତ୍ରଟି ମୁହିଁ
ନାନା ଔଷଧି ମୁଁ ଅଟଇ ।୯ ।
ନାନା ଭଜନ ମୁହିଁ ହେଲି
ନାନ ଉପାୟ ବୋଲାଇଲି ।୧୦ ।
ବିଷ ଅମୃତ ହେଲି ମୁହିଁ
ନାନା ଯନ୍ତୁଟି ମୁଁ ବୋଲାଇ ।୧୧ ।
ନାନା ମାଛଟି ମୁହିଁ ହେଲି
ଗେଣ୍ଡା କୋଚିଆ ବୋଲାଇଲି ।୧୨ ।
ନାନା ପୋକ ଯୋକଟି ମୁହିଁ
ନାନା ପକ୍ଷୀ ଜନ୍ତୁ ବୋଲାଇ ।୧୩ ।
ନାନା ମାଛି ଡାଆଁସ ହେଲି
ବ୍ୟାଘ୍ର ଭାଲୁ ରୂପ ଧଇଲି ।୧୪ ।
ହସ୍ତୀ ଘୋଡ଼ାଟି ହେଲି ମୁହିଁ
ଗୋରୁ ମହିଷ ମୁଁ ବୋଲାଇ ।୧୫ ।
ବରାହ ମୃଗ ଯେ ମୟୁର
ବିରାଡ଼ି ମୂଷା ଯେ କୁକୁର ।୧୬ ।
ଇତ୍ୟାଦି ଜୀବ ଜନ୍ତୁ ଯେତେ
ମୁଁ ହୋଇଅଛି ଶୁଣ ଚିତ୍ତେ ।୧୭ ।
ନାନା ରୂପଟି ହେଲି ମୁହିଁ
ଗନ୍ଧ ଦୁର୍ଗନ୍ଧ ଯେ ବୋଲାଇ ।୮ ।
ବିଷ୍ଟା କୃମିଟି ମୁହିଁ ଜାଣ
ବାସ ଅବାସ ହେଲି ପୁଣ ।୧୯
ନାନା ପଦାର୍ଥ ହେଲି ମୁହିଁ
ନାନା ରଙ୍ଗଟି ମୁଁ ବୋଲାଇ ।୨୦ ।
ଆମ୍ବିଳ ପିତା ବୋଲାଇଲି
କଷା ମଧୁର ଯେ ହୋଇଲି ।୨୧ ।
ଖାଇ ରାଗଟି ମୁହିଁ ଜାଣ
ନାନା ରୂପରେ ମୁଁ ଭିଆଣ ।୨୨ ।

ଘର ଦ୍ୱାରଟି ମୁହିଁ ହେଲି
ତହିଁରେ ବିହାର ମୁଁ କଲି ।୨୩।

ନବ ରତ୍ନଟି ମୁହିଁ ଜାଣ
ଅଷ୍ଟ ଧାତୁଟି ମୁହିଁ ପୁଣ ।୨୪।

ବେଶ ଭୂଷାଟି ହେଲି ମୁହିଁ
ମୁଁ ସୁଖେ ବିହାର କରଇ ।୨୫।

ମୁହିଁ ମୋହର ଆଶ୍ରେ ଥାଇ
ମୁଁ ନାନା ରୂପରେ ଖେଳଇ ।୨୬।

ମୁହିଁଟି ଯେତେ ରୂପ ଧରି
କେ କହି ପାରେ ଅନ୍ତ କରି ।୨୭।

କୀଟ ପତଙ୍ଗ ତରୁ ତୃଣ
ମୁଁ ହୋଇଅଛି ସର୍ବ ଜାଣ ।୨୮।

ମେରୁ ଠାରୁ ଯେତେ ପର୍ବତ
ମୁଁ ହୋଇଅଛି ଜାଣ ସତ୍ୟ ।୨୯।

କାକରୁ ଗରୁଡ଼ ପର୍ଯ୍ୟନ୍ତେ
ମୁଁ ହୋଇଅଛି ଜାଣ ଚିତ୍ତେ ।୩୦।

ଚାଣ୍ଡାଳୁ ବ୍ରହ୍ମ ଲୋକ ଯାଏଁ
ମୁଁ ସର୍ବ ହୋଇଅଛି କହେ ।୩୧।

ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ମୁଁ ହୋଇଅଛି ଜାଣ ସର୍ବ ।୩୨।

ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ମୁହିଁଟି ଜାଣିବୁ ପତ୍ୟକ୍ଷ ।୩୩।

ସିଂହରୁ ଦଶିପୋକ ଯାଏ
ମୁଁ ସର୍ବ ହୋଇଅଛି କହେ ।୩୪।

ଚଳ ନିଶ୍ଚଳ ମୁହିଁ ହେଲି
ଉଡ଼ା ବୁଡ଼ାଟି ବୋଲାଇଲି ।୩୫।

ଛପନ କୋଟି ଜୀବ ମୁହିଁ
ମୋ ବିନୁ ଅନ୍ୟ ନାହିଁ କେହି ।୩୬।

ସକଳ ଏକତ୍ୱ ମଣିବୁ
ଭୟ ତୁ କାହିଁ ନ କରିବୁ ।୩୭।

ସକଳ ଏକତ୍ୱ ମଣିଲେ
ଯୁଗ ଯୁଗାନ୍ତେ ଥିବୁ ଭଲେ ।୩୮।

ଅକ୍ଷୟେ ଅମରେ ତୁ ରହି
ଆଉ କଥାଏଁ ଶୁଣ କହି ।୩୯।

ସର୍ବ ଦେବଟି ମୁହିଁ ଜାଣ
କିଛି କହିବି ମୁଁ ଫେଡ଼ିଣ ।୪୦।

ତେତିଶ କୋଟି ଦେବ ମୁହିଁ
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ବୋଲାଇ ।୪୧।

ଯମ ନୈରତ ମୁଁ କୁବେର
ଅଇରାବତ ନାମ ମୋର ।୪୨।

ବରୁଣ ବୃହସ୍ପତି ମୁହିଁ
ଦଶ ଦିଗପାଳ ବୋଲାଇ ।୪୩।

ବହନ୍ତାଂ ଜଳ ମୁଁ ପବନ
ନବଗ୍ରହ ହେଲି ଜାଣ ।୪୪।

ଏଗାର କାରଣଟି ମୁହିଁ
ବାର ଚନ୍ଦ୍ରଟି ମୁଁ ବୋଲାଇ ।୪୫।

ସତାଇଶ ନକ୍ଷତ୍ର ହେଲି
ଅପସରା ବୃନ୍ଦ ବୋଲାଇଲି ।୪୬।

ଦୁନ୍ଦୁଭି କିନ୍ନରଟି ମୁହିଁ
ଚାରଣ ସୁସିଦ୍ଧ ବୋଲାଇ ।୪୭ ।
ଦ୍ୱାଦଶ ବିଶ୍ୱଦେବା ଜାଣ
ରୁଦ୍ରଗଣଟି ପ୍ରମାଣ ।୪୮ ।
କ୍ଷେତ୍ର ଗଣ ମୁହିଁ ହେଲି
ପିତୃଗଣଟି ବୋଲାଇଲି ।୪୯ ।
ମନୁଷ୍ୟଗଣ ମୁହିଁ ଜାଣ
ଗୋପୀ ବୃନ୍ଦଟି ମୁହିଁ ପୁଣ ।୫୦ ।
ନାଗ ଗଣଟି ମୁହିଁ ହେଲି
ଚରାଚରଟି ବୋଲାଇଲି ।୫୧ ।
ମଙ୍ଗଳା ଦୁର୍ଗା ହେଲି ମୁହିଁ
କାଳୀ କପାଳୀ ମୁଁ ବୋଲାଇ ।୫୨ ।
ଚଣ୍ଡୀ ଚାମୁଣ୍ଡା ମୁହିଁ ହେଲି
ଭୂତ ପ୍ରେତଟି ବୋଲାଇଲି ।୫୩।
ଡାଏଣୀ ଡାଙ୍କୁଣୀଟି ମୁହିଁ
ଦେବାଦେବଟି ମୁଁ ବୋଲାଇ ।୫୪ ।
ବାଦ୍ୟ ମୃଦଙ୍ଗ ମୁହିଁ ଜାଣ
ଢୋଲ କମାଣ ହେଲି ପୁଣ ।୫୫ ।

ବୀଣା ମହୁରି ମୁହିଁ ହେଲି
ତୂରୀ କାହାଳୀ ବୋଲାଇଲି ।୫୬ ।
ଦୁନ୍ଦୁଭି ବାଦ୍ୟ ମୁହିଁ ଜାଣ
ନାନା ଶବଦ ହେଲି ପୁଣ ।୫୭ ।
ଊନକୋଟି ବାଦ୍ୟଟି ମୁହିଁ
ନୃତ୍ୟ ଗୀତ ନାଦ ବୋଲାଇ ।୫୮ ।
ଯାହାକୁ ଯେମନ୍ତେ ଶବଦ
ମୁଁ ପୁରି ଅଛି ସର୍ବ ଠାବ ।୫୯ ।
ସର୍ବ ଠାବଟି ମୁହିଁ ହେଲି
ଶବଦ ରୂପେ ବିହରିଲି ।୬୦ ।
ଶିଳା ଦାରୁ ରୂପଟି ହେଲି
ନାନା ପ୍ରତିମା ବୋଲାଇଲି ।୬୧ ।
ମୁଁ ମୋତେ ପୂଜା ଯେ କରଇ
ଶୁଣ ସୁମନ ମନ ଦେଇ ।୬୨ ।
ଏହାକୁ ମନେ ହେତୁ କର
ସର୍ବ ଦେଖିବୁ ମୋ ଶରୀର ।୬୩।
କହଇ ଅରକ୍ଷିତ ଦାସ
ହେ ପ୍ରଭୁ ମାୟା କର ନାଶ ।୬୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଅଷ୍ଟମୋଽଧ୍ୟାୟଃ

---o---

# ନବମ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଭୋ ସ୍ୱାମୀ କହ ସବୁ ଫେଡ଼ି ।୧ ।

ପୃଥ୍ୱୀରେ ଯେତେ ରୂପ ତୁହି
କହିବ ସବୁ କଥା ଫେଇ ।୨ ।

ମୁଁ ତୁମ୍ଭ ଚରଣେ ଶରଣ
ମୋତେ ଉଦ୍ଧର ଭଗବାନ ।୩ ।

ଏ ଦେହ ଗୋଟିକୁ ରଖିବ
ତୁମ୍ଭ ମାୟାରୁ ଯେ ତାରିବ ।୪ ।

ଚୈତନ୍ୟ କହେ ମନ ଶୁଣ
ମୁଁ ଯେତେ ରୂପେ ଅଛି ଜାଣ ।୫ ।

ସଂସାର ଗୋଟା ମୁହିଁ ହେଲି
ତହିଁରେ ବିହାର ମୁଁ କଲି ।୬ ।

ପୃଥିବୀ ମୁହିଁ ବୋଲି ଜାଣ
ମାଟି ରୂପରେ ମୁଁ ଭିଆଣ ।୭ ।

ଗୋଡ଼ି ବାଲିଟି ହେଲି ମୁହିଁ
ପଥର ରୂପଟି ଧରଇ ।୮ ।

ଖାଲି ଢିପଟି ମୁହିଁ ହେଲି
ମୁଁ ନଦୀ ନାଳ ବୋଲାଇଲି ।୯ ।

କୂଅ ପୋଖରୀ ମୁହିଁ ହେଲି
ଲତା ବନସ୍ତ ବୋଲାଇଲି ।୧୦ ।

ଚଞ୍ଚଳ ନିଶ୍ଚଳଟି ମୁହିଁ
ବୁଡ଼ା ଉଡ଼ାଟି ମୁଁ ବୋଲାଇ ।୧୧ ।

ତିନି ଭୂବନ ହେଲି ମୁହିଁ
ସପ୍ତ ସମୁଦ୍ର ମୁଁ ଅଟଇ ।୧୨ ।

ନବ ଖଣ୍ଡ ପୃଥିବୀ ହେଲି
ସାତ ଦ୍ୱୀପଟି ବୋଲାଇଲି ।୧୩ ।

ନବ ଦ୍ୱୀପଟି ମୁହିଁ ଜାଣ
ଚାରି ମଠଟି ମୁହିଁ ପ୍ରମାଣ ।୧୪ ।

ଚାରି ମେଘଟି ହେଲି ମୁହିଁ
ଚାରି ବଟଟି ମୁଁ ଅଟଇ ।୧୫ ।

ମୁଁ ଅଷ୍ଟକୂଳ ନାଗ ହେଲି
ଅଷ୍ଟ ଗିରିଟି ବୋଲାଇଲି ।୧୬ ।

ବାସୁକୀ ସର୍ପ ହେଲି ମୁହିଁ
ପୃଥିବୀ ଶିରେ ଅଛି ବହି ।୧୭ ।

ଝାଡ ପର୍ବତ ମୁହିଁ ଜାଣ
ବୃକ୍ଷ ତୃଣ ମୁଁ ହେଲି ପୁଣ ।୧୮ ।

ଜଳ ପାଷାଣ ମୁଁ ଅଟଇ
ଅନଳ ପବନଟି ମୁହିଁ ।୧୯ ।

ନକ୍ଷତ୍ର ରୋମାବଳୀ ମୁହିଁ
ନବ ଗ୍ରହଟି ମୁଁ ଅଟଇ ।୨୦ ।

ଚାରି ଦ୍ୱାରଟି ମୁହିଁ ହେଲି
ଚାରି ସମ୍ପ୍ରଦା ବୋଲାଇଲି ।୨୧ ।
ଅନନ୍ତ କୋଟି ସାଧୁ ମୁହିଁ
ବାଆନ ଦ୍ୱାର ମୁଁ ଅଟଇ ।୨୨ ।
ଚୌରାଶୀ ସିଦ୍ଧ ମୁହିଁ ହେଲି
ନବ ନାଥ ମୁଁ ବୋଲାଇଲି ।୨୩ ।
ଚୌରାଶି କାଠି ଗଙ୍ଗା ମୁହିଁ
ଚୌରାଶୀ ଯନ୍ତ୍ର ମୁଁ ବୋଲାଇ ।୨୪ ।
ଚାରି ଧାମଟି ମୁହିଁ ହେଲି
ମେଦ ମେଦାଟି ବୋଲାଇଲି ।୨୫ ।
ବେଦ ପୁରାଣ ମୁହିଁ ଜାଣ
ମୁଁ ଗୀତା ଅର୍ଥ ହେଲି ପୁଣ ।୨୬ ।
ଅଷ୍ଟାଦଶ ଗ୍ରନ୍ଥଟି ମୁହିଁ
ବାର ସ୍କନ୍ଧଟି ମୁଁ ବୋଲାଇ ।୨୭ ।
ମୁଁ ସାତକାଣ୍ଡ ରାମାୟଣ
ତୋତେ କହିବି ଏବେ ଶୁଣ ।୨୮ ।
ମୁଁ ଷଡ଼ଖଣ୍ଡ ହରିବଂଶ
ମୁଁ ବେଦ ବିଦ୍ୟା ଜଉତିଷ ।୨୯ ।
ପାଞ୍ଚଖଣ୍ଡ ଭିଷ୍ମ କେଶରୀ
ମୁହିଁଟି ସବୁ ରୂପ ଧରି ।୩୦ ।
ନବ ନାଟକ ମୁହିଁ ହେଲି
ମୁଁ ବାଦ୍ୟ ବିଦ୍ୟା ବୋଲାଇଲି ।୩୧ ।
ସୁତ୍ର ଶାସ୍ତ୍ରଟି ମୁହିଁ ପୁଣ
ଜପ ସମର୍ପ ମୁହିଁ ଜାଣ ।୩୨ ।
ଭକ୍ତି ପ୍ରେମଟି ମୁହିଁ ହେଲି
ନବଧା ଭକ୍ତି ବୋଲାଇଲି ।୩୩ ।
ବାର ମାସଟି ମୁଁ ଅଟଇ
ସାତ ବାରଟି ମୁହିଁ ହୋଇ ।୩୪ ।
ମୁଁ ରାତ୍ର ଦିବସଟି ଜାଣ
ତୋତେ କହିଲି ମୁଁ ଫେଡ଼ିଣ ।୩୫ ।
ଷୋଳ ଘଡ଼ିଟି ହେଲି ମୁହିଁ
ଖରା ବରଷା ମୁଁ ଅଟଇ ।୩୬ ।
ଶୀତ ଗ୍ରୀଷମ ମୁହିଁ ଜାଣ
କୁହୁଡ଼ି କାକର ମୁଁ ପୁଣ ।୩୭ ।
ଝଡ଼ ବରଷା ମୁଁ ବୋଲାଇ
ଘଡ଼ଘଡ଼ି ଶବଦ ମୁଁ ହୋଇ ।୩୮ ।
ଭୂ ଲୋକ ବ୍ରହ୍ମଲୋକ ପୁଣ
ସୁର ଲୋକଟି ମୁହିଁ ଜାଣ ।୩୯ ।
ଜନ ଲୋକଟି ହେଲି ମୁହିଁ
ତପ ଲୋକଟି ମୁଁ ବୋଲାଇ ।୪୦ ।
ଆକାଶ ଶୂନ୍ୟ ମୁହିଁ ହେଲି
ମହାଶୂନ୍ୟଟି ବୋଲାଇଲି ।୪୧ ।
ଚୌବନ ଅକ୍ଷରଟି ମୁହିଁ
ଚଉଦ ବ୍ରହ୍ମାଣ୍ଡ ବୋଲାଇ ।୪୨ ।

ଅଣ ଅକ୍ଷର ମୁହିଁ ହେଲି
ଏକାକ୍ଷରଟି ବୋଲାଇଲି ।୪୩।

ଅକ୍ଷର ଅଣାକ୍ଷର ମୁହିଁ
ନାମ ଅନାମ ମୁଁ ବୋଲାଇ ।୪୪ ।

ସ୍ଥାବର ଜଙ୍ଗମଟି ପୁଣ
ମୁଁ କୀଟ ପତଙ୍ଗ ପ୍ରମାଣ ।୪୫ ।

ଚଳନ୍ତା ଚୌଦ କୋଟି ମୁହିଁ
ଶୁଣ ସୁମନ ଚିତ୍ତ ଦେଇ ।୪୬ ।

ନିଶ୍ଚଳ ଚୌଦ କୋଟି ହେଲି
ତୋତେ ମୁଁ ଗୁପତ କହିଲି ।୪୭ ।

ଉଡ଼ା ଚଉଦ କୋଟି ପୁଣ
ମୁଁ ହୋଇଅଛି ସର୍ବ ଜାଣ ।୪୮ ।

ବୁଡ଼ା ଚଉଦ କୋଟି ମୁହିଁ
ମୁଁ ସୁଖେ ବିହାର କରଇ ।୪୯ ।

ଛପନ କୋଟି ଜୀବ ହେଲି
ମୁଁ ନାନା ରୂପେ ଲୀଳା କଲି ।୫୦ ।

ମୁହିଁଟି ସଂସାରେ ପୂରିଛି
ମୋ ବିନୁ ଅନ୍ୟ ନାହିଁ କିଛି ।୫୧ ।

ସଂସାରେ ଯେତେ ବିଧି ମତ
ପିଣ୍ଡରେ ଅଛଇ ସମସ୍ତ ।୫୨ ।

ପିଣ୍ଡ ବ୍ରହ୍ମାଣ୍ଡ ମୁହିଁ ହେଲି
ମୁଁ ତୋତେ ଗୁପତ କହିଲି ।୫୩।

ତୁ ଏବେ ଶୁଣ ମୋ ବଚନ
ସକଳ ଦେଖ ତୁ ସମାନ ।୫୪ ।

ଛପନ କୋଟି ଜୀବ ମୁହିଁ
ତୁ ଏବେ ଡରୁ କାହିଁ ପାଇଁ ।୫୫ ।

ମୁଁ ଏବେ କହୁଅଛି ତୋତେ
ଡର ଭୟ ତୁ ଛାଡ ଚିତ୍ତେ ।୫୬ ।

ସଂସାର ଦେଖ ଏକାକାର
ତେବେ ହୋଇବୁ ଅଜ୍ରାମର ।୫୭ ।

ମନ ଚୈତନ୍ୟ ମୁଖ ଚାହିଁ
ମୁଁ ଏବେ ଜାଣିଲି ଗୋସାଇଁ ।୫୮ ।

ତୁମ୍ଭ ସୁଦୟା ଏବେ ହେଉ
ମୋ ମାୟା ବେଗେ ଦୂର ଯାଉ ।୫୯ ।

ଏ ସପ୍ତବିଂଶ ବ୍ରହ୍ମାଣ୍ଡରେ
ତୋ ତହୁଁ ଅନ୍ୟ ନାହିଁ ପରେ ।୬୦ ।

କିମ୍ପା ତୁ ମୋତେ ମାୟାକଲୁ
ପୁର୍ବେ ଯେ ମୋତେ ନ କହିଲୁ ।୬୧ ।

କହେ ଚୈତନ୍ୟ ମନ ତୁହି
ମୋହର ଖେଳ ରସ ଏହି ।୬୨ ।

ମୋହ ମାୟାରେ ମୁଁ ପଡ଼ିଲି
ତୋତେ ମୁଁ ଗୁପତେ କହିଲି ।୬୩।

ଅରୂପେ ବ୍ରହ୍ମ ମୁଁ ବୋଲାଇ
ରୂପରେ ଜୀବ ମୁଁ ଅଟଇ ।୬୪ ।

ଏବେ ମୁଁ ତୋତେ କହିଦେବି
ତୋ ମନୁ ସଂଶୟ ଫେଡ଼ିବି ।୬୫ ।
ସର୍ବ ସମାନ ଦେଖ ଚିତ୍ତେ
ଅମର ରଖିବି ମୁଁ ତୋତେ ।୬୬ ।
ସମ ହୋଇଣି ମୁହିଁ ଥାଇଁ
ଏ ଘେନି ତୋତେ କହିଲଇଁ ।୬୭ ।
ସମାନ ଦେଖିଲେଣ ଥିବୁ
ନୋହିଲେ ଅବଶ୍ୟ ମରିବୁ ।୬୮ ।
ଏହି ଦେହକୁ ଛାଡ଼ି ଯିବୁ
ଯେବେ ତୁ ଚିହ୍ନି ନ ପାରିବୁ ।୬୯ ।
ଏହି ଦେହରୁ ତୁହି ଯିବୁ
ମୋ ଦେହ ଯାଇ ସମ୍ଭାଇବୁ ।୭୦ ।
ତୋ ଦେହ ମୋ ଦେହ ଏକତ୍ୱ
ଭିନ୍ନଟି ନାହିଁ କଦା ଚିତ ।୭୧ ।
ମୁଁ ତୋତେ ଜୀବ ଆତ୍ମା କଲି
ସଂସାର ଯାକ ବିହରିଲି ।୭୨ ।
ଚୈତନ୍ୟ କହେ ମନ ଶୁଣ
ତୁ ଏବେ ଦେଖିବୁ ସମାନ ।୭୩ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୭୪ ।
ଏ ଗୀତା ସାଧି ଯେ ପାରିବ
ସଂସାରେ ଅମର ହୋଇବ ।୭୫ ।
ଏ ବିନୁ ଅନ୍ୟ ଗତି ନାହିଁ
ଶୁଣ ସୁମନେ ଚିତ୍ତ ଦେଇ ।୭୬ ।
ପାରିଲେ ଏହା ସାଧକର
ଯେବେ ହୋଇବୁ ଅଜ୍ରାମର ।୭୭ ।
ସୁଜନେ ନ ଘେନିବେ ଦୋଷ
ମୁଁ ତୁମ୍ଭ ଦାସଙ୍କର ଦାସ ।୭୮ ।
ସେବଲ ସୁଜନ ପୟରେ
ଏ ଦୋଷ କ୍ଷମାକର ବାରେ ।୭୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ନବମୋଽଧ୍ୟାୟଃ

--- ୦ ---

# ଦଶମ ଅଧ୍ୟାୟ

ମନ ଚୈତନ୍ୟ ମୁଖ ଚାହିଁ
ଜୟ ଶବଦେ ଗୀତ ଗାଇ ।୧ ।
ନମୋ ନମସ୍ତେ ଯୋଗେଶ୍ୱର
ମୋର ଅପ୍ରାଧ କ୍ଷମା କର ।୨ ।
ନମୋ ନମସ୍ତେ ଦେବ ସ୍ୱାମୀ
ନମୋ ନମସ୍ତେ ଅନ୍ତର୍ଯ୍ୟାମୀ ।୩ ।
ନମୋ ନମସ୍ତେ ଭକ୍ତ ବନ୍ଧୁ
ନମୋ ନମସ୍ତେ କୃପାସିନ୍ଧୁ ।୪ ।
ନମୋ ନମସ୍ତେ ଦୀନବନ୍ଧୁ
ନମୋ ନମସ୍ତେ କ୍ଷମାସିନ୍ଧୁ ।୫ ।
ନମୋ ନମସ୍ତେ ହେ ଜୀବନ
ନମୋ ନମସ୍ତେ ହେ ପରମ ।୬ ।
ନମୋ ନମସ୍ତେ ନାରାୟଣ
ନମୋ ନମସ୍ତେ ଭଗବାନ ।୭ ।
ନମୋ ନମସ୍ତେ ପରଂବ୍ରହ୍ମ
ମହା ଶୂନ୍ୟରେ ତୋ ଆଶ୍ରମ ।୮ ।
ନମୋ ନମସ୍ତେ ଦଇତାରି
ନମୋ ନମସ୍ତେ ଦେବ ହରି ।୯ ।
ନମୋ ନମସ୍ତେ ହେ ରାଘବ
ନମୋ ନମସ୍ତେ ହେ ମାଧବ ।୧୦ ।
ନମୋ ନମସ୍ତେ ଦାଶରଥି
ନମୋ ନମସ୍ତେ ଜୀବପତି ।୧୧ ।
ନମୋ ନମସ୍ତେ ହର୍ତ୍ତାକର୍ତ୍ତା
ନମୋ ନମସ୍ତେ ମୋକ୍ଷଦାତା ।୧୨ ।
ନମୋ ନମସ୍ତେ ହେ ମୁକୁନ୍ଦ
ନମୋ ନମସ୍ତେ ରାମଚନ୍ଦ୍ର ।୧୩ ।
ନମୋ ନମସ୍ତେ ହେ ଗୋବିନ୍ଦ
ନମୋ ନମସ୍ତେ କୃଷ୍ଣଚନ୍ଦ୍ର ।୧୪ ।
ନମୋ ନମସ୍ତେ ବିଷ୍ଣୁ ହର
ନମୋ ନମସ୍ତେ ଦେବବର ।୧୫ ।
ନମୋ ନମସ୍ତେ ଗୋବର୍ଦ୍ଧନ
ନମୋ ନମସ୍ତେ ଘନଶ୍ୟାମ ।୧୬ ।
ନମୋ ନମସ୍ତେ ଦାମୋଦର
ନମୋ ନମସ୍ତେ ପୀତାମ୍ବର ।୧୭ ।
ନମୋ ନମସ୍ତେ ଚିନ୍ତାମଣି
ନମୋ ନମସ୍ତେ ଚକ୍ରପାଣି ।୧୮ ।
ନମୋ ନମସ୍ତେ ନିରଞ୍ଜନ
ନମୋ ନମସ୍ତେ କଳ୍ପଦ୍ରୁମ ।୧୯ ।
ନମୋ ନମସ୍ତେ ଦୀକ୍ଷାଗୁରୁ
ନମୋ ନମସ୍ତେ କଳ୍ପତରୁ ।୨୦ ।
ନମୋ ନମସ୍ତେ ବାଞ୍ଛାନିଧି
ମୋ ବାଞ୍ଛା କର ହେ ପ୍ରସିଦ୍ଧି ।୨୧ ।
ନମୋ ନମସ୍ତେ ମହାପ୍ରଭୁ
ଏ ଦେହ କିମ୍ପାଇଁ ରଖିବୁ ।୨୨ ।

ଏ ଦେହ ଯେବେ ତୁ ରଖିବୁ
ଭକତି ଯୋଗ ମୋତେ ଦେବୁ ।୨୩।
ଆନେ ମୋହର କାର୍ଯ୍ୟ ନାହିଁ
ମୁଁ ସତ୍ୟ କହିଲି ଗୋସାଇଁ ।୨୪।
ଭକତି ଯୋଗ ମୁଁ ସାଧିବି
ଝାଡ଼ ପର୍ବତେ ବିହରିବି ।୨୫।
ଝାଡ଼ ପର୍ବତେ ମୁହିଁ ଥିବି
ଭକତି ଯୋଗ ମୁଁ ସାଧିବି ।୨୬।
ଏମନ୍ତ ମନେ ମୁଁ ପାଞ୍ଚିଲି
ପାଞ୍ଚିଯେ ଘରୁ ମୁଁ ଅଇଲି ।୨୭।
ମୋ ପାଞ୍ଚ ନ ରଖିଲୁ ତୁହି
ମୋହର କିଛି ଦୋଷ ନାହିଁ ।୨୮।
ତୋହର ଦୟା ଯେବେ ହୋନ୍ତା
ଏ କିମ୍ପା ଗ୍ରାମରେ ବୁଲନ୍ତା ।୨୯।
ତୋର ନିର୍ଦ୍ଦୟା ମୋତେ ହୋଇ
ମୁଁ ଏବେ ସାଧି ନ ପାରଇ ।୩୦।
ତୋର ସୁଦୟା ହେବ ଯେବେ
କିଞ୍ଚିତେ ସାଧିବି ମୁଁ ତେବେ ।୩୧।
ମୋହର ଦୋଷ ତୁ ନ ଘେନ
ମୁଁ ତୁମ୍ଭ ଚରଣେ ଶରଣ ।୩୨।
ତୋର ମାୟାରେ ମୁଁ ଭ୍ରମଇ
ଭକତି ସାଧି ନ ପାରଇ ।୩୩।
ଏବେ ମୁଁ କହୁଅଛି ଶୁଣ
ମୋତେ ଉଦ୍ଧର ଭଗବାନ ।୩୪।
ଖଣ୍ଡିଗିରିରେ ମୁଁ ରହିଲି
ଭକତି ସାଧି ନ ପାରିଲି ।୩୫।
ଖଣ୍ଡଗିରିରୁ ମୋତେ ନିଅ
ଭକତି ଯୋଗ ଯେ ସଧାଅ ।୩୬।
ଝାଡ ପର୍ବତରେ ବୁଲାଅ
ମୋ ମନ ଶାନ୍ତି ଯେ କରାଅ ।୩୭।
ଆହାର ନିଦ୍ରାରେ ମଇଥୁନ
ଏ ମାନ ଦୁରେ ଯାଉ ପୁଣ ।୩୮।
କ୍ଷୁଧା ତୃଷାହିଁ ଦୂରେ ଯାଉ
ଶୁଣ ହେ ପ୍ରଭୁ ମହାବାହୁ ।୩୯।
ଖରା ବରଷା ଶୀତ ମୁହିଁ
ଯେମନ୍ତେ ସହିବି ଗୋସାଇଁ ।୪୦।
ଭୟ ଛାଡ଼ି ନିର୍ଭର ହେବି
ତେବେ ମୁଁ ତୁମ୍ଭକୁ ଚିହ୍ନିବି ।୪୧।
ତୁମ୍ଭ ସୁଦୟା ମୋରେ ହେଉ
ଏ ମାନ ବେଗେ ଦୂରେ ଯାଉ ।୪୨।
ତୁମ୍ଭ ସୁଦୟା ମୋରେ ହେଲେ
ଏମାନେ ଦୂରେ ଯିବେ ଭଲେ ।୪୩।
ଚୈତନ୍ୟ କହେ ମନ ଶୁଣ
ସମାନ ଦେଖ ତୁ ବହନ ।୪୪।
ସମାନ ଦେଖିଲେଣ ତୁହି
ଏମାନେ ନ ରହିବେ କେହି ।୪୫।
ମୋହର ମାୟା ସିନା ଏହି
ତୁ ଏବେ ଡରୁ କାହିଁ ପାଇଁ ।୪୬।

ତୁ ଏବେ ଶୁଣ ମୋ ବଚନ
ସକଳ ଦେଖତୁ ସମାନ ।୪୭ ।
ସକଳ ସମାନ ଦେଖିବୁ
ଭୟ ତୁ କାହିଁ ନ ରଖିବୁ ।୪୮ ।
ଖରା ବରଷା ଶୀତ ମୁହିଁ
ତୁ ଏବେ ଡରୁ କାହିଁ ପାଇଁ ।୪୯ ।
ଚୌଷଠି ରୋଗ ମୁହିଁ ଜାଣ
ତୁ ଏବେ ନ ଡରିବୁ ପୁଣ ।୫୦ ।
ମୋତେ ଯେ ଚିହ୍ନି ନ ପାରଇ
ମୋ ମାୟା ତାକୁ ଯେ ମାରଇ ।୫୧ ।
ଭକତି ଯୋଗ ଯେ ସାଧଇଁ
ମୋ ମାୟା ତାକୁ ନ ଲାଗଇ ।୫୨ ।
ଭକତି ଯୋଗ ସାଧ କର
ମୋ ମାୟା ହୋଇଯିବୁ ପାର ।୫୩।
ଭକତି ଯୋଗ ଯେ ସାଧିଲେ
ଯୁଗଯୁଗାନ୍ତେ ଥିବୁ ଭଲେ ।୫୪ ।
ଅକ୍ଷୟ ଅମର ତୁ ହେବୁ
ଯେବେ ତୁ ଏ ଯୋଗ ସାଧିବୁ ।୫୫ ।
ନାନା ଯୋଗଟି ମୁଁ ହୋଇଛି
ନାନା ଭଜନ ମୋର ଅଛି ।୫୬ ।
ନାନା ମନ୍ତ୍ର ଯନ୍ତ୍ରଟି ମୁହିଁ
ନାନା ତୀର୍ଥଟି ମୁଁ ବୋଲାଇ ।୫୭ ।
ନାନ ଔଷଧ ମୁହିଁ ହେଲି
ତୋତେ ମୁଁ ବୁଝାଇ କହିଲି ।୫୮ ।
ଏ ସର୍ବ ସତ୍ୟ ତୁ ନ ମଣ
ମୋ ମାୟା ବୋଲି ସବୁ ଜାଣ ।୫୯ ।
ଏ ସର୍ବ ଯୋଗ ମାୟା ମୋର
ଭକତି ଯୋଗ ତତ୍ତ୍ୱ ସାର ।୬୦ ।
ମୋ ନାମ ହୃଦେ ଦୃଢ଼ କର
ସର୍ବ ଦେଖିବୁ ଏକାକାର ।୬୧ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୬୨ ।
ଆହେ ସୁଜନମାନେ କହି
ଖଣ୍ଡଗିରିଯେ ଯେ ଭ୍ରମଇ ।୬୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଦଶମୋଽଧ୍ୟାୟ

---୦---

# ଏକାଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଖଣ୍ଡଗିରିରେ ଥାଇ ମୁହିଁ ।୧ ।
କେତେ କେତେ ଅନ୍ୟାୟ କଲି
ତୁମ୍ଭର ସେବା ମୁଁ ଛାଡ଼ିଲି ।୨ ।
ଏକାନ୍ତ ହୋଇବି ବୋଲିଣ
ବିଚାର କଲି ମନେ ମନ ।୩ ।
ସେ ମନ ତୁହି ହରି ନେଲୁ
ମାୟା ମୋହର ନାଶ କଲୁ ।୪ ।
ତୋର ମାୟାରେ ମୁଁ ଭ୍ରମିଲି
ଗୁମ୍ଫା ଗୁଡାଏ ଓଳାଇଲି ।୫ ।
ବୃକ୍ଷ ଗୁଡ଼ାଏ ମୁହିଁ ହାଣି
ଅପ୍ରାଧ ଅର୍ଜିଲି ମୁଁ ପୁଣି ।୬ ।
ପାଷାଣ ଗୁଡାଏ କଟାଇ
ଲୋକଙ୍କୁ ବଡ଼ କଷ୍ଟ ଦେଇ ।୭ ।
ନିର୍ଦ୍ଦୋଷ ଜୀବଙ୍କୁ ମାଇଲି
ତୋର ମାୟାରେ ମୁଁ ଭ୍ରମିଲି ।୮ ।
ତୋର ମାୟାରେ ମୁଁ ଭ୍ରମଇ
ସଙ୍ଗ ତୋ କେବେ ନ ଛାଡ଼ଇ ।୯ ।
ଏବେ କିଞ୍ଚିତେ ଦୟାକର
ଆୟତ୍ତ ନାହିଁ ଯେ ମୋହର ।୧୦ ।
ତୁମ୍ଭର ଦୟା ହେଲେ ମୁହିଁ
ଖଣ୍ଡିଗିରିକି ଛାଡ଼ି ବଇଁ ।୧୧ ।
ନୋହିଲେ ଛାଡ଼ି ନ ପାରିବି
ଅପ୍ରାଧୀ ହୋଇଣ ମରିବି ।୧୨ ।
ମିଛ ସତରେ ଘାଣ୍ଟି ହେଲି
ପେଟର ଜ୍ୱାଳା ନ ସହିଲି ।୧୩ ।
ଖରା ବରଷା ଶୀତ ମୁହିଁ
ଏହା ତ ସହି ନପାରଇ ।୧୪ ।
କ୍ଷୁଧା ତୃଷା ଯେ ନିଦ୍ରା ଭୟ
ଚୌଷଠି ରୋଗ ଅଛି ଦେହ ।୧୫ ।
ଏ ସର୍ବେ ମୋତେ ଯେ ପାଞ୍ଚିଲେ
ତୋର ଭକତି ଛଡ଼ାଇଲେ ।୧୬ ।
ଏହାଙ୍କ ସଙ୍ଗେ ବଶ ହେଲି
ତୋତେ ମୁଁ ସେବି ନପାରିଲି ।୧୭ ।
ତୁହିତ ମୋତେ ମାୟା କଲୁ
ପାପ ପୁଣ୍ୟରେ ତୁ ମାଇଲୁ ।୧୮ ।
ମୋହର କିଛି ଦୋଷ ନାହିଁ
ମୋତେ ନିର୍ଦ୍ଦୟ କଲୁ ତୁହି ।୧୯ ।
ତୋହର ମାୟା ଯେବେ ହନ୍ତା
ଏ କିମ୍ବା ଗ୍ରାମରେ ରହନ୍ତା ।୨୦ ।
ତୁହିତ ମୋତେ ପାଞ୍ଚୁଅଛୁ
ସର୍ବ ଗ୍ରକୃତି ଯେ ହୋଇଛୁ ।୨୧ ।
ତୋ ବିନୁ ଏ ଦେହରେ କେହି
ନାହାନ୍ତି ବାରେ ମୁଁ ଜଣାଇ ।୨୨ ।

ଜଳ ପବନ ଅଗ୍ନି ହେଲୁ
ରକ୍ତ ମାଉଁସ ହାଡ଼ କଲୁ ।୨୩।
ଏ ତିନି ରୁପୁଁ ସର୍ବ ଜାତ
ଏ ତିନି ସର୍ବ କରେ ହତ ।୨୪।
ଏ ତିନି ଜୀଅନ୍ତି ମରନ୍ତି
ତିନି ଭୁବନ ହୋଇଛନ୍ତି ।୨୫।
ଏହି ତିନିରୁ କେ ମରଇ
ଏହା ଜାଣନ୍ତା କେହି ନାହିଁ ।୨୬।
ତୁହିତ ଦୟା ଯାରେ କରୁ
ଜନ୍ମ ମୃତ୍ୟୁରୁ ତାକୁ ତାରୁ ।୨୭।
ନୋହିଲେ ଗତି ଆଉ ନାହିଁ
ପାପ ପୁଣ୍ୟରେ ସେ ମରଇ ।୨୮।
ପାପ ପୁଣ୍ୟକୁ ଏକ କଲେ
ସେ ପିଣ୍ଡ ନାଶ ନୋହେ ଭଲେ ।୨୯।
ପାପ ପୁଣ୍ୟରେ ଆତ ଯାତ
ସେ ପିଣ୍ଡ କେବେ ନୋହେ ହତ ।୩୦।
ପାପରେ ଏହୁ ଜାତ ହେଲା
ପୁଣ୍ୟଟି ଜଗତେ ଘୋଟିଲା ।୩୧।
ପାପକୁ ବେଗେ ଆଶ୍ରେ କର
ପୁଣ୍ୟକୁ ଘେନି ସଙ୍ଗତର ।୩୨।
ଏ ଦୁଇ ଏକ ବୋଲି ମୁହିଁ
ଜାଣିଛି ତୋର ମାୟା ହୋଇ ।୩୩।
ଏ ଦୁଇ ଏକ ମୁଁ ନ କଲି
ତୋତେ ମୁଁ ଛାଡ଼ି ନାଶ ହେଲି ।୩୪।
ତୋହର ଦୟା ଯେବେ ହେବ
ଏ ଦୁଇ ଏକ ଯେ କରିବ ।୩୫।
ନୋହିଲେ କେବେ ସଙ୍ଗ ନାହିଁ
ଭିନ୍ନା ଭିନ୍ନ କରି ମରଇ ।୩୬।
ଭିନ୍ନା ଭିନ୍ନଟି କରେ ଯେହୁ
ତୋତେ ପାଇବ କାହିଁ ସେହୁ ।୩୭।
ଏବେ ସୁଦୟା ତୁହି କର
କିଛି ନ ମାଗଇ ପାମର ।୩୮।
ରଖିଲେ ରଖ ମୁଁ ଜଣାଇ
ତୁମ୍ଭ ବ୍ୟତୀତ କେ ଅଛଇ ।୩୯।
ଦୁର୍ଲ୍ଲଭ ଶରୀର ପାଇଲା
ଏହାକୁ ଏହି ନ ଚିହ୍ନିଲା ।୪୦।
ଏହାକୁ ଏହି ନ ଚିହ୍ନିଲେ
ଏ ଦେହ ରହନ୍ତା ଯେ ଭଲେ ।୪୧।
ଏହାକୁ ଏହି ନ ଚିହ୍ନଇ
ଖୋଜିଲେ ପାଇବ ସେ କାହିଁ ।୪୨।
କାଷ୍ଠ ପାଷାଣ ରୁଦ୍ରାକ୍ଷରେ
ଖୋଜିଲେ ନାହିଁଟି ତହିଁରେ ।୪୩।
ମନ୍ତ୍ର ଯନ୍ତ୍ର ଧ୍ୟାନରେ ନାହିଁ
ତୀର୍ଥ ବ୍ରତରେ ସେହୁ କାହିଁ ।୪୪।

ଜଳ ଆହାରେ ନାହିଁ ଜାଣ
କ୍ଷୀର ପବନ କାହିଁ ପୁଣ ।୪୫ ।
ଗୁମ୍ଫା ଭିତରେ ପଶି ରହୁ
ତୋତେ ପାଇବ ସେହୁ କାହୁଁ ।୪୬ ।
ଉଲଗ୍ନ ହୋଇ ଭ୍ରମୁଥାଇ
ବଚନ କାହାକୁ ନ କରି ।୪୭ ।
ସେହିଟି ଅଜ୍ଞାନ ଅଟଇ
ତୋତେ ପାଇବ ସେହୁ କାହୁଁ ।୪୮ ।
ଏ ତୋ ବିଚିତ୍ର ମାୟା କଲୁ
ନାନା କର୍ମରେ ଭ୍ରମାଇଲୁ ।୪୯ ।
ତେଣୁଟି ଅଜ୍ଞାନ ହୋଇଲେ
ନାନାଦି ଦେବତା ପୂଜିଲେ ।୫୦ ।
ତେଣୁ ହୋଇଲେ ଅଳ୍ପାୟୁଷ
ତୋତେ ନ ସେବି ଗଲେ ନାଶ ।୫୧ ।
ତୋତେ ଯେ ଏ ଦେହେଁ ଚିହ୍ନଇ
ତାହାର ଜନ୍ମ ମୃତ୍ୟୁ କାହିଁ ।୫୨ ।
ମୁଁ ଏବେ କଥାଏ ମାଗୁଛି
ଦିଅବା ନ ଦିଅ କହୁଛି ।୫୩ ।
ଦୟାଟି ଯେବେ ମୋରେ ଥିବ
ଭକତି ଯୋଗ ମୋତେ ଦେବ ।୫୪ ।
ଏ ବିନୁ ଅନ୍ୟକ ମାଗଇ
ନ ଦେଲେ ବେଗେ ନାଶ ଯାଇ ।୫୫ ।
ସଂସାରେ ଏହୁ କିମ୍ପା ଥିବ
ନାନା କଷ୍ଟଟି ଯେ ପାଇବ ।୫୬ ।
ଏ ଯେ ପ୍ରକୃତି ଗଣମାନେ
କଷ୍ଟ ଦିଅନ୍ତି ଅନୁକ୍ଷଣେ ।୫୭ ।
ଏହାଙ୍କ ଦାଉ କେ ସହିବ
ଦେହ ଛାଡ଼ିଲେ ସର୍ବ ଯିବ ।୫୮ ।
କହଇ ଅରକ୍ଷିତ ଦାସ
ହେ ପ୍ରଭୁ ଖଣ୍ଡ ମାୟା ତ୍ରାସ ।୫୯ ।
ସୁଜନ ଜନମାନେ ଶୁଣ
ମୋ ଦୋଷ ନ ଘେନିବ ପୁଣ ।୬୦ ।
ଏ ମହୀ ମଣ୍ଡଳେ ଭ୍ରମିଲି
ପ୍ରଭୁଙ୍କୁ ସେବି ନ ପାରିଲି ।୬୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଏକାଦଶୋଽଧ୍ୟାୟଃ

---o---

# ଦ୍ୱାଦଶ ଅଧ୍ୟାୟ

ହେ ଦେବ ଦେବ ଚଇତନ
ତୁମ୍ଭ ବ୍ୟତୀତ ଏହୁ ମନ ।୧ ।
ଆଉ କାହାକୁ ନ ସେବଇ
ହେ ଦେବ ଦେବ ଭାବଗ୍ରାହୀ ।୨ ।
ହେ ଦେବ ଦେବ ଜଗତ୍ କର୍ତ୍ତା
ହେ ଦେବ ଦେବ ଜଗତ୍ ମାତା ।୩ ।
ହେ ଦେବ ଦେବ ବ୍ରହ୍ମା ଶିବ
ହେ ଦେବ ଦେବ ସର୍ବଦେବ ।୪ ।
ହେ ଦେବ ଦେବ ବିଷ୍ଣୁ ତୁହି
ତାହାର ରୂପ ବର୍ଣ୍ଣ ନାହିଁ ।୫ ।
ହେ ଦେବ ଦେବ ଶୂନ୍ୟ ନାଥ
ତୋର ଶରୀରୁ ଏ ଜଗତ ।୬ ।
ହେ ଦେବ ଦେବ ଶୂନ୍ୟଦେହୀ
ସକଳ ଘଟେ ପୁରି ରହି ।୭ ।
ହେ ଦେବ ଦେବ ମହୀପତି
ତିନି ଭୁବନେ ତୋର ସ୍ଥିତି ।୮ ।
ହେ ଦେବ ଦେବ ମହୀଧର ।
ପୂରି ରହିଛ ପରମ୍ପର ।୯ ।
ହେ ଦେବ ଦେବ ତୋ ମହିଁମା
କେହି ନ ଜାଣେ ତୋର ସୀମା ।୧ ୦ ।

ହେ ଦେବ ଦେବ ଅନ୍ତର୍ଯ୍ୟାମୀ
ସବୁରି ମନ ତୁମ୍ଭେ ଜାଣି ।୧ ୧ ।
ହେ ଦେବ ଦେବ ଭଗବାନ
ଜଳ ରୂପରେ ତୁ ଭିଆଣ ।୧ ୨ ।
ହେ ଦେବ ଦେବ ଦାଶରଥି
ପବନ ରୂପେ ତୋର ସ୍ଥିତି ।୧ ୩ ।
ହେ ଦେବ ଦେବ ନାରାୟଣ
ଅଗ୍ନି ରୂପରେ ତୁ ଭିଆଣ ।୧ ୪ ।
ହେ ଦେବ ଦେବ ଚନ୍ଦ୍ର ତୁହି
କାଳ ରୂପରେ ନାଶୁମହି ।୧ ୫ ।
ହେ ଦେବ ଦେବ ନିରଞ୍ଜନ
ସୂର୍ଯ୍ୟ ରୂପରେ ତୁ ପାଳନ ।୧ ୬ ।
ହେ ଦେବ ଦେବ ମୃତ୍ୟୁ କାଳ
ଜାତ କରି ନାଶୁ ସକଳ ।୧ ୭ ।
ହେ ଦେବ ଦେବ କଳ୍ପଦ୍ରୁମ
ପାପ ପୁଣ୍ୟରେ ତୋ ଆଶ୍ରମ ।୧ ୮ ।
ହେ ଦେବ ଦେବ ହୃଷୀକେଶ
ସ୍ୱର୍ଗ ନରକେ ତୋ ନିବାସ ।୧ ୯ ।
ହେ ଦେବ ଦେବ ଘନଶ୍ୟାମ
ଧର୍ମ ଅଧର୍ମେ ତୁ ବିଶ୍ରାମ ।୨ ୦ ।

ହେ ଦେବ ଦେବ ନିରାକାର
ସୁର ଅସୁରେ ତୁ ବିହାର ।୨୧।
ହେ ଦେବ ଦେବ ସର୍ବ ତୁହି
ତୋ ବିନୁ ଅନ୍ୟ ନାହିଁ କେହି ।୨୨।
ହେ ଦେବ ଦେବ ଖେଳ ତୋର
ଅନେକ ରୂପେ ତୋ ଶରୀର ।୨୩।
ହେ ଦେବ ଦେବ ଜୀବ ତୁହି
ସର୍ବ ଘଟରେ ପୂରି ରହି ।୨୪।
ହେ ଦେବ ଦେବ ତୁ ପରମ
ସକଳ ସିଟେ ତୁ ବିଶ୍ରାମ ।୨୫।
ହେ ଦେବ ଦେବ ଜଗତମାତ
ହେ ଦେବ ଦେବ ଜଗତ୍ତାତ ।୨୬।
ହେ ଦେବ ଦେମ ବ୍ରହ୍ମ ତୁହି
ସକଳ ଜୀବେ ପଡ଼ି ପାଇ ।୨୭।
ଛପନ କୋଟି ଜୀବ ଯେତେ
ତୋର ଶରୀରୁ ଏ ସମସ୍ତେ ।୨୮।
ଉଡ଼ା ବୁଡ଼ା ଯେ ତୁହି ହୋଇ
ଚଳ ନିଶ୍ଚଳ ତୋର ଦେହୀ ।୨୯।
ଏ ସପ୍ତ ବିଂଶ ବ୍ରହ୍ମାଣ୍ଡରେ
ପୂରିଛୁ ଜୀବ ଅଜୀବରେ ।୪୦।
ତୋହର ରୂପ ବର୍ଣ୍ଣ ନାହିଁ
ଅଜ୍ୟୋତି ଅବର୍ଣ୍ଣ ଯେ ତୁହି ।୩୧।

ହେ ଦେବ ପୁରାଣ ପୁରୁଷ
ତୋହର ମହିମା ଅଶେଷ ।୩୨।
ଭକତ କଷଣ ନ ସହି
ରୂପ ଯେ ଦରୁ ଭାବଗ୍ରାହୀ ।୩୩।
ନୋହିଲେ ରୂପ ନାହିଁ ତୋର
ଶୂନ୍ୟ ଶୂନ୍ୟରେ ତୋ ବିହାର ।୩୪।
ହେ ଦେବ ସର୍ବଜ୍ଞ ପୁରୁଷ
ତୋତେ ନ ସେବି ଗଲି ନାଶ ।୩୫।
ହେ ଦେବ ଶରଣ ସୋଦର
ଅନ୍ୟ ଭରସା ନାହିଁ ମୋର ।୩୬।
ହେ ପ୍ରଭୁ ଦୟାଶୀଳ ତୁହି
ନିର୍ଦ୍ଦୟ କଲୁ ଭାବଗ୍ରାହୀ ।୩୭।
ହେ ପ୍ରଭୁ ପତିତପାବନ
ତାରିଲେ ତାର ସି ବହନ ।୩୮।
ନୋହିଲେ ଦେହ ଛାଡ଼ି ଯାଅ
ଶୂନ୍ୟରେ ଶୂନ୍ୟ ହୋଇ ରହ ।୩୯।
ହେ ଦେବ ଦେବ ଶୁଣ ତୁହି
ଏ ଦେହେ କିଛି କାର୍ଯ୍ୟ ନାହିଁ ।୪୦।
ଏ ଦେହ ମୁହିଁ ଛାଡ଼ି ଯିବି
ତୋ ଦେହେ ଯାଇଁ ସମ୍ଭାଳିବି ।୪୨।
ଏ ଦେହେ ଅଜ୍ଞା ନ ମୁଁ ହୋଇ
ତୋତେ ମୁଁ ଚିହ୍ନି ନ ପାରଇ ।୪୧।

ଏହି ଦେହରେ ମୁହିଁ ଗଲେ
ତୋ ଅଙ୍ଗେ ମିଶିବି ମୁଁ ଭଲେ ।୪୩।
ଏ ଦେହେ କିଛି ନ ଜାଣିଲି
ପାପ ପୁଣ୍ୟରେ ଘାଣ୍ଟି ହେଲି ।୪୪ ।
ହେ ଦେବ ଦେବ ଅନ୍ତର୍ଯ୍ୟାମୀ
କଥାଏ ମାଗୁଅଛି ପୁଣି ।୪୫ ।
ହେ ଦେବ ଦେବ ଭକ୍ତି ଦିଅ
ନୋହିଲେ ଦେହ ଛାଡ଼ି ଯାଅ ।।୪୬।
ଏ ମହୀ ମଣ୍ଡଳେରେ ମୁହିଁ
ଭ୍ରମୁ ଯେ ଥିବି କାହିଁ ପାଇଁ ।୪୭ ।
ଏ ମହୀ ମଣ୍ଡଳେ ଭ୍ରମିଲି
ତୁମ୍ଭଙ୍କୁ ସେବି ନ ପାରିଲି ।୪୮ ।
ଏ ମହୀ ମଣ୍ଡଳେ ନଥିବି
ଅକ୍ଷୟ ବ୍ରହ୍ମରେ ପଶିବି ।୪୯ ।
ଏହି ଦୟା ତୁ ମୋତେ କର
ଜଣାଉଅଛି ବାରମ୍ବାର ।୫୦ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୫୧ ।
ସୁଜନ ଜନ ମାନେ ଶୁଣ
ଯେତେ ରୂପରେ ମୁଁ ଭ୍ରମିଣ ।୫୨ ।
ଆଉ ଏଣିକି କି କରିବ
ସେ କଥା ଜାଣେ ବାସୁଦେବ ।୫୩।
ଖଣ୍ଡଗିରିରେ ମୁହିଁ ରହି
ମହୀମଣ୍ଡଳ ଗୀତା କହି ।୫୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱାଦଶୋଽଧ୍ୟାୟଃ

--- ୦ ---

# ତ୍ରୟୋଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କିସ ମାଗିବି ତୋତେ ମୁହିଁ ।୧ ।
ଆହେ ଚୈତନ୍ୟ ଅନ୍ତର୍ଯ୍ୟାମୀ
ସବୁରି ମନ ତୁମ୍ଭେ ଜାଣି ।୨ ।
ଆହେ ଚୈତନ୍ୟ ଭଗବାନ
ଭକତି ଯୋଗ ଦିଅ ପୁଣ ।୩ ।
ଆହେ ଚୈଦନ୍ୟ ବାସୁଦେବ
ଭକତି ଯୋଗ ମୋତେ ଦେବ ।୪ ।
ଆହେ ଚୈତନ୍ୟ ତୁ ଈଶ୍ୱର
ଭକତି ମାଗୁଛି ପାମର ।୫ ।
ଆହେ ଚୈତନ୍ୟ ବ୍ରହ୍ମ ତୁହି
ଭକତି ଯୋଗ ଦିଅ କହି ।୬ ।
ଆହେ ଚୈତନ୍ୟ ବିଷ୍ଣୁ ଶୁଣ
ଭକତି ମାଗୁଅଛି ପୁଣ ।୭ ।
ଆହେ ଚୈତନ୍ୟ ଜଗତ କର୍ତ୍ତା
ଭକତି ଦିଅ ତୁହି ଦାତା ।୮ ।
ଆହେ ଚୈତନ୍ୟ ସର୍ବଦେହୀ
ଭକତି ଯୋଗ ଦିଅ କହି ।୯ ।
ଆହେ ଚୈତନ୍ୟ କଳ୍ପଦ୍ରୁମ
ଭକତି ମାଗୁଅଛି ପୁଣ ।୧୦ ।
ଆହେ ଚୈତନ୍ୟ ରଘୁନାଥ
ଭକତି ମାଗୁଅଛି ତାତ ।୧୧ ।
ଆହେ ଚୈତନ୍ୟ ଚକ୍ରଧର
ଭକତି ମାଗୁଛି ନିକର ।୧୨ ।
ଆହେ ଚୈତନ୍ୟ ହୃଷୀକେଶ
ଭକତି ଦିଅ ପୀତବାସ ।୧୩ ।
ଆହେ ଚୈତନ୍ୟ ନାରାୟଣ
ଭକତି ଦେବଟିକି ପୁଣ ।୧୪ ।
ଆହେ ଚୈତନ୍ୟ ରାମଚନ୍ଦ୍ର
ଭକତି ଦିଅ ହେ ଗୋବିନ୍ଦ ।୧୫ ।
ଆହେ ଚୈତନ୍ୟ କଳ୍ପତରୁ
ଭକତି ଦିଅ ମହାମେରୁ ।୧୬ ।
ଆହେ ହେ ଶରଣ ସୋଦର
ଭକତି ମାଗୁଛି ପାମର ।୧୭ ।
ଆହେ ହେ ଅଭୟ ଚରଣ
ଭକତି ମାଗୁଅଛି ପୁଣ ।୧୮ ।
ଆହେ ହେ ଅଭୟ ପଞ୍ଜର
ଭକତି ମାଗୁଛି ପାମର ।୧୯ ।
ଆହେ ହେ ଜଗତ ଜୀବନ
ଭକତି ଯୋଗ ଦିଅ ପୁଣ ।୨୦ ।
ଆହେ ହରି କୃଷ୍ଣ ମାଧବ
ଭକତି ଯୋଗ ମୋତେ ଦେବ ।୨୧ ।
ଆହେ ମହିମା ମହାବାହୁ
ଭକତି ଯୋଗ ଆଜ୍ଞା ହେଉ ।୨୨ ।

ଆହେ ହେ ଦୟାସିନ୍ଧୁ ତୁହି
ଭକତି ଯୋଗ ଦିଅ କହି ।୨୩।
ଆହେ ହେ ପତିତପାବନ
ଭକତି ଯୋଗ ଦିଅ ପୁଣ ।୨୪।
ଆହେ ହେ ବ୍ରହ୍ମାଣ୍ଡ ଠାକୁର
ଭକତି ମାଗୁଛି ପାମର ।୨୫।
ଆହେ ତ୍ରିଭୁବନ ଗୋସାଇଁ
ଭକତି ମାଗୁଅଛି ମୁହିଁ ।୨୬।
ହେ ନାଥ ଜଗତ ସୋଦର
ଭକତି ମାଗୁଛି ନିକର ।୨୭।
ଆହେ ଆରତ ନିବାରଣ
ଭକତି ଯୋଗ ଦିଅ ପୁଣ ।୨୮।
ଆହେ ତ୍ରିଭୁବନ ଈଶ୍ୱର
ଭକତି ମାଗୁଛି ପାମର ।୨୯।
ଆହେ ହେ ବୈକୁଣ୍ଠ ବିହାରୀ
ଭକତି ମାଗୁଛି ତୋହରି ।୩୦।
ଆହେ ବୈକୁଣ୍ଠ ଶୂନ୍ୟ ନାଥ
ଭକତି ମାଗୁଅଛି ତାତ ।୩୧।
ଆହେ ହେ ଅନନ୍ତ ଶୟନ
ଭକତି ଯୋଗ ଦିଅ ପୁଣ ।୩୨।
ଆହେ ବୈକୁଣ୍ଠ ବ୍ରହ୍ମରାଶି
ଭକତି ଦିଅ ହେ ବିଶେଷି ।୩୩।
ହେ ଶୂନ୍ୟ ଶୂନ୍ୟ ଶୂନ୍ୟ ତୁହି
ଭକତି ଯୋଗ ମୁଁ ମାଗଇ ।୩୪।
ଆହେ ଅରୂପାନନ୍ଦ ଶୁଣ
ଭକତି ମାଗୁଅଛି ପୁଣ ।୩୫।
ଆହେ ଅଜପା ଶୁଣ ତୁହି
ଭକତି ଯୋଗ ମୁଁ ମାଗଇ ।୩୬।
ହେ ଶଙ୍ଖ ଚକ୍ରଧାରି ଶୁଣ
ଭକତି ମାଗୁଅଛି ପୁଣ ।୩୭।
ଅହେ ଅଚିନ୍ତାମଣି ତୁହି
ଭକତି ଯୋଗ ମୁଁ ମାଗଇ ।୩୮।
ଆହେ ଚୈତନ୍ୟ ପୀତାମ୍ବର
ଭକତି ମାଗୁଛି ପାମର ।୩୯।
ଆହେ ଭକତଙ୍କ ଜୀବନ
ଭକତି ଯୋଗ ଦିଅ ପୁଣ ।୪୦।
ଆହେ ହେ ଗୋବର୍ଦ୍ଧନଧାରୀ
ଭକତି ମାଗୁଛି ତୋହରି ।୪୧।
ଆହେ ହେ ଚଉବର୍ଗଦାନୀ
ଭକତି ଯୋଗ ଦିଅ ସ୍ୱାମୀ ।୪୨।
ଯିହେ ହେ ଅନନ୍ତ ମୂରତି
ଭକତି ଦିଅ ପ୍ରାଣପତି ।୪୩।
ତୁ ଚଉବର୍ଗ ଦାନୀ ପୁଣି
ଭକତି ଯୋଗ ଦିଅ ସ୍ୱାମୀ ।୪୪।
ତୁହି ଭକତି ଯୋଗ ଧରି
ସକଳ ଘଟେ ଅଛୁ ପୁରି ।୪୫।
ତୋ ବିନୁ କେହି ନ ଜାଣନ୍ତି
ବ୍ରହ୍ମା ଶଙ୍କର ଭ୍ରମି ହୁନ୍ତି ।୪୬।

ଆଉ କେ ଜାଣିବ ସଂସାରେ
ଏ ସପ୍ତବିଂଶ ବ୍ରହ୍ମାଣ୍ଡରେ ।୪୭ ।
ନାନା ଉପାୟମାନ କଲେ
ତୋର ଭକତି ନ ଜାଣିଲେ ।୪୮ ।
ଭକତି ଗୁପତେ ରହିଛି
ତୋ ମାୟା ଘୋଟି ଯେ ମାରୁଛି ।୪୯ ।
ତୋର ନିଜ ଧର୍ମ ସେହି
କାହାକୁ ନ ଦେଲୁ ଯେ କହି ।୫୦ ।
ସ୍ୱଭାବେ ଦୁର୍ଗମ ଭଜନ
ଦୟା ତୁ କର ମୋତେ ପୁଣ ।୫୧ ।
ଏ ବିନୁ ଅନ୍ୟ ନ ମାଗଇ
ଭକତି ଯୋଗ ଦିଅ କହି ।୫୨ ।
ଭକତି ଯୋଗ ମୋତେ ଦେବୁ
ଯେବେ ତୁ ସଂସାରୁ ତାରିବୁ ।୫୩।
ନୋହିଲେ କେବେ ଗତି ନାହିଁ
ସଂସାରେ ଥିବି କିସ ପାଇଁ ।୫୪ ।
ରଖିଲେ ଭକ୍ତି ମୋତେ ଦିଅ
ନୋହିଲେ ଦେହ ଛାଡ଼ି ଯାଅ ।୫୫ ।
ମୋହର କିଛି ଦୋଷ ନାହିଁ
ଦିଅ ବା ନଦିଅ କହଇ ।୫୬ ।
ଏ ମହୀ ମଣ୍ଡଳେ ଭ୍ରମିଲି
ତୋର ମୟାକୁ ସତ୍ୟ କଲି ।୫୭ ।
ଏ ମାୟା ବେଗେ ଦୂର କର
ଜଣାଉଅଛି ମୁଁ ଛାମୁର ।୫୮ ।
ଖଣ୍ଡଗିରିରୁ ବେଗେ ନିଅ
ଭକତି ଯୋଗ ମୋତେ ଦିଅ ।୫୯ ।
ଏ ବିନୁ ଅନ୍ୟ ନ ମାଗଇ
ଏକାନ୍ତେ ଭ୍ରମୁଥିବି ମୁହିଁ ।୬୦ ।
ତୁମ୍ଭର ନାମ ସଙ୍ଗେ ଘେନି
ଭକତି ସାଧୁ ଥିବି ପୁଣି ।୬୧ ।
ଏହି ଦୟା ତ ତୁମ୍ଭେ କର
କ୍ଷୁଧା ତୃଷ୍ଣାକୁ ବେଗେ ମାର ।୬୨ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୬୩।
ଆହେ ସୁଜନମାନେ ଶୁଣ
ଏ ଗୀତା କଲି ମୁଁ ବଖାଣ ।୬୨ ।
ଏଥିରେ ଯେତେ ଦୋଷ ମୋର
କ୍ଷମା କରିବେ ଚକ୍ରଧର ।୬୫ ।
ଭକତି ଯୋଗରେ ମୋ ଆଶ
ସୁଜନେ ନ ଘେନିବା ଦୋଷ ।୬୬ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ତ୍ରୟୋଦଶୋଽଧ୍ୟାୟ

---୦---

# ଚତୁର୍ଦ୍ଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କ୍ଷୁଧା ତୃଷ୍ଣାକୁ ନାସ କହି ।୧ ।
କ୍ଷୁଧା ତୃଷ୍ଣା ଯେ ହୋଇଅଛୁ
ଭୟ ନିଦ୍ରାରେ ଯେ ମାରୁଛୁ ।୨ ।
ହିଂସା ରୋଗ ମୋହ ମାୟାରେ
ତୁହି ଭ୍ରମିଲୁ ଏ ସଂସାରେ ।୩।
ତୁହି ତ ସତ୍ତ୍ୱ ରଜ ତମ
ଲୋଭ କାମ ଯେ ତୁହି ମନ ।୪ ।
ପାଞ୍ଚ ମନହିଁ ତୁହି ଜାଣ
ପଚିଶ ପ୍ରକୃତି ଯେ ପୁଣ ।୫ ।
ଷଡ ରିପୁ ଯେ ତୁହି ହେଲୁ
ଚୌଷଠି ରୋଗରେ ନାଶିଲୁ ।୬ ।
ତୋ ବିନୁ ଏ ଦେହରେ କେହି
ନାଶୁଛୁ ମୋର ଦୋଷ ନାହିଁ ।୭ ।
ସର୍ବ ପ୍ରକୃତି ତୁମ୍ଭେ ହେଲ
ସଂସାର ଯାକରେ ଘୋଟିଲା ।୮ ।
ତୋ ବିନୁ ବ୍ରହ୍ମାଣ୍ଡ ଭିତରେ
ଅଛି କେ କହିଲି ମୁଁ ତୋରେ ।୯ ।
ସପ୍ତ ସମୁଦ୍ର ବୋଲାଇଲୁ
ନବ ଖଣ୍ଡ ପୃଥିବୀ ହେଲୁ ।୧ ୦ ।
ଝାଡ ପର୍ବତ ତୁହି ଜାଣ
ବୃକ୍ଷ ପାଷାଣ ହେଲୁ ପୁଣ ।୧ ୧ ।
ଖାଲ ଠିକର ନଦୀ ନାଳ
ତୋର ଶରୀରୁ ଏ ସକଳ ।୧ ୨ ।
କୀଟ ପତଙ୍ଗ ତରୁ ତୃଣ
ତୋହର ଶରୀରୁ ଭିଆଣ ।୧୩।
ଛପନ କୋଟି ଜୀବ ଯେତେ
ତୋର ଶରୀରୁ ଏ ସମସ୍ତେ ।୧ ୪ ।
ପୃଥିବୀ ଆକାଶ ମଣ୍ଡଳ
ତୋହର ଶରୀରୁ ସକଳ ।୧ ୫ ।
ଜଳ ପବନ ଅଗ୍ନି ହୋଇ
ତୋର ଶରୀରୁ ଜାତ କହି ।୧ ୬ ।
ଚନ୍ଦ୍ର ସୂର୍ଯ୍ୟହିଁ ତୁହି ଜାଣ
ରାତ୍ର ଦିବସ କଲୁ ପୁଣ ।୧ ୭ ।
ଷୋଳ ଘଡ଼ିଟି ତୁହି ହେଲୁ
ସାତ ବାରଟି ବୋଲାଇଲୁ ।୧ ୮ ।
ପନ୍ଦର ତିଥି ହେଲୁ ତୁହି
ସତେଇଶ ନକ୍ଷତ୍ର ବୋଲାଇ ।୧ ୯ ।
ନବ ଗ୍ରହଟି ତୁହି ଜାଣ
ବାର ମାସଟି ତୁ ପ୍ରମାଣ ।୨ ୦ ।
ଶୀତ ଗ୍ରୀଷମ ହେଲୁ ତୁହି
ଷଡ ଋତୁଟି ତୋର ଦେହୀ ।୨ ୧ ।
ଝଡ଼ି ବରଷା ତୁହି ଜାଣ
ଶବଦ କରୁ ଘନ ଘନ ।୨ ୨ ।
ମେଘ ତୋ ଶରୀରୁ ଜନ୍ମଇଁ
ବିଜୁଳି ତେଜ ତୋର ଦେହୀ ।୨୩।
ହେ ପ୍ରଭୁ ଜ୍ୟୋତି ରୂପ ଧରୁ
କେତେ ଭଙ୍ଗୀରେ ଲୀଳା କରୁ ।୨ ୪ ।

ମନ୍ତ୍ର ଯେ ଯନ୍ତ୍ର ତୁହି ହେଲୁ
ଧ୍ୟାନ ସୂତ୍ର ଯେ ବୋଲାଇଲୁ ।୨୫ ।
ଚଣ୍ଡି ଚାମୁଣ୍ଡା ଭୂତ ପ୍ରେତ
ତୋର ଶରୀରୁ ସର୍ବ ଜାତ ।୨୬ ।
ଅଷ୍ଟ ଧାତୁ ଯେ ହେଲୁ ତୁହି
ନବ ରତ୍ନଟି ତୋର ଦେହୀ ।୨୭
ପାଟ ପତନୀ ପୀତାମ୍ବର
ଚୁଆ ଚନ୍ଦନ ଅଳଙ୍କାର ।୨୮ ।
ଏ ସର୍ବ ତୋର ତହୁଁ ଜାତ
ଭୂଷଣ ହୋଉଅଛୁ ତୁ ତ ।୨୯ ।
ନାନାଦି ପକ୍ୱ ଫଳ ତୁହି
ନାନାଦି ଭୋଗ ତୋର ଦେହୀ ।୩୦ ।
ନାନାଦି ପୁଷ୍ପ ତୁମ୍ଭେ ହେଲ
ନାନାଦି ବାସ ପ୍ରକାଶିଲ ।୩୧ ।
ଶୁଷ୍କ ମାନଙ୍କରେ ସାହେର
କ୍ଷୀରରେ ଘୃତ ତୁ ବାହାର ।୩୨ ।
କାଷ୍ଠରେ ଅଗ୍ନି ରୂପେ ରହି
ତିଳରେ ତୈଳ ରୂପେ ତୁହି ।୩୩ ।
ଏକା ପୁରୁଷ ସର୍ବ ହେଲୁ
କେତେ ରଙ୍ଗରେ ଲୀଳା କଲୁ ।୩୪ ।
ସ୍ତିରୀ ପୁରୁଷ ହେଲୁ ତୁହି
ଜାତ କରୁଛୁ ସର୍ବ ଦେହୀ ।୩୫
ଏ ସପ୍ତବିଂଶ ବ୍ରହ୍ମାଣ୍ଡରେ
ତୋ ତହୁଁ ଅନ୍ୟ ନାହିଁ ପରେ ।୩୬ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତୁହି
ତୋର ଶରୀରୁ ଜାତ ହୋଇ ।୩୭ ।
ଆକାଶ ମହାଶୂନ୍ୟ ହେଲୁ
ଏ ଅନ୍ଧକାର ଯେ ଘୋଟିଲୁ ।୩୮ ।
ତେତିଶ କୋଟି ଦେବ ତୁହି
ନକ୍ଷତ୍ର ଗଣ ତୁମ୍ଭେ ହୋଇ ।୩୯ ।
ଅନନ୍ତ କୋଟି ସାଧୁ ହେଲ
ପୁରାଣମାନ ତୁମ୍ଭେ କଲ ।୪୦ ।
ଅକ୍ଷରମାନ ହେଲୁ ତୁହି
ତହିଁ ଭିତରେ ତୁହି ରହି ।୪୧ ।
ଯାହାକୁ ଯେମନ୍ତ ଶବଦ
ଅକ୍ଷର ଘେନି ତୁ ଯେ ନାଦ ।୪୨ ।
ଅକ୍ଷର ଶବଦ ଭିତରେ
ଘୋଟି ରହିଛ ଚରାଚରେ ।୪୩ ।
ଅଣ ଅକ୍ଷରୁ ଜାତ ତୁହି
ନାମ ଅନାମ ତୋର ଦେହୀ ।୪୪ ।
ସଂସାରେ ଯେତେ ଜାତ କଲୁ
ସଭିଙ୍କି ନାମ ତୁହି ଦେଲୁ ।୪୫ ।
ଏକା ନାମଟି ଭିନ୍ନା ଭିନ୍ନ
କରି ଯେ ଅଛୁ ତୁହି ପୁଣ ।୪୬ ।
ସଂସାରେ ଖେଳିବାର ପାଇଁ
କେତେ ରୂପ ଯେ ଧରୁ ତୁହି ।୪୭ ।
ଛପନ କୋଟି ଜୀବ ହେଲୁ
ଭିନ୍ନା ଭିନ୍ନ ରୂପ ହୋଇଲୁ ।୪୮ ।
ମେରୁ ଠାରୁ ଯେତେ ପର୍ବତ
ତୋର ଶରୀରୁ ଏ ସମସ୍ତ ।୪୯ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ତୋର ଶରୀରୁ ଏ ସମସ୍ତେ ।୫୦ ।
ଚାଣ୍ଡାଳୁ ଦ୍ୱିଜୁ ଯାଏ ପୁଣ
ତୋର ଶରୀରୁ ଏ ଭିଆଣ ।୫୧ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ତୋର ଶରୀରୁ ଟି ସମ୍ଭବ ।୫୨ ।

ଅଶ୍ୱତ୍ ଠାରୁ ବୃକ୍ଷ ଯେତେ
ତୋର ଶରୀରୁ ଏ ସମସ୍ତେ ।୫୩।
ସିଂହରୁ ଦଶିପୋକ ଯାଏ
ତୋର ଶରୀରୁ ଜାତ ହୋଏ ।୫୪।
କୀଟରୁ ବ୍ରହ୍ମ ଯାଏ ତୁହି
ଜାତ ହୋଇଛୁ ସର୍ବ ଦେହୀ ।୫୫।
ଚଳନ୍ତା ଚୌଦ କୋଟି ଜୀବ
ତୋର ଶରୀରୁ ଏ ସମ୍ଭବ ।୫୬।
ନିଶ୍ଚଳ ଚୌଦ କୋଟି ହୋଇ
ତୋର ଶରୀରୁ ଜାତ କହି ।୫୭।
ଉଡା ଚଉଦ କୋଟି ପୁଣ
ତୋର ଶରୀରୁ ଜାତ ଜାଣ ।୫୮।
ବୁଡା ଚଉଦ କୋଟି ହୋଇ
ତୋର ଶରୀରୁ ଜାତ କହି ।୫୯।
ଛପନ କୋଟି ଜୀବପୁଣ
ପଡ଼ି ସେ ହେଉଛ ଆପଣ ।୬୦।
ଆପଣେ ପଡ଼ି ରୂପ ହୋଇ
ଆପକୁ ଆପେ ନାଶୁ ତୁହି ।୬୧।
ଜୀବକୁ ଜୀବ ଖାଉଅଛ
ପାପ ପୁଣ୍ୟ ହିଁ ସବୁ ମିଛ ।୬୨।
ଜୀବକୁ ଜୀବ ହିଂସା କରେ
ଜୀବକୁ ଜୀବ ଧରି ମାରେ ।୬୩।
ଜୀବକୁ ଜୀବ ଖଟି ଥାଇ
ଏମନ୍ତେ ତୋର ମାୟା ହୋଇ ।୬୪।
ହେ ପ୍ରଭୁ ସକଳ ଶରୀରେ
ପୂରି ରହିଛ ପରା ପରେ ।୬୫।
ଆକାଶ ମହୀ ଯାଏ ପୁରୀ
ଜୀବେ ଅଜୀବେ ସମସରି ।୬୬।
ରେଣୁ ପଡ଼ିବା ଠାବ ନାହିଁ
ସପ୍ତ ବ୍ରହ୍ମାଣ୍ଡେ ପୂରି ରହି ।୬୭।
ଏମନ୍ତେ ଘୋଟି ଯେ ରହିଛ
ଉତ୍ପତ୍ତି ପ୍ରଳୟ କରୁଛ ।୬୮।
ଜାତ ହୋଇଛୁ ତୁହି ପୁଣ
ମଲେ ମରୁଛ ଯେ ଆପଣ ।୬୯।
ତୋ ମାୟା କେହି ନ ଜାଣନ୍ତି
ପାପ ପୁଣ୍ୟକୁ କଲେ ରୀତି ।୭୦।
ଏବେ କିଞ୍ଚିତେ ଦୟାକର
ସକଳ ଶରୀର ମୋହର ।୭୧।
ସକଳ ସମାନ ଦେଖିବି
ଭକତି ଯୋଗ ମୁଁ ସାଧିବି ।୭୨।
ଏହି ଦୟା ତୁ ମୋତେ କର
ଅନ୍ୟ ଭରସା ନାହିଁ ମୋର ।୭୩।
କହଇ ଅରକ୍ଷିତ ଦାସ
ଦୋଷ ନ ଧର ପୀତବାସ ।୭୪।
ସୁଜନ ଜନଙ୍କ ପୟରେ
ଦୋଷ ମୁଁ ମାଗେ ନିରନ୍ତରେ ।୭୫।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

---୦---

# ପଞ୍ଚଦଶ ଅଧ୍ୟାୟ

ଆହେ ଚୈତନ୍ୟ ଆପେ ତୁହି
ଦୁଃଖ ସୁଖରେ ଘାଣ୍ଟି ହୋଇ ।୧ ।
ନାନାଦି ରୋଗ ତୁହି କରୁ
ନାନାଦି କଷ୍ଟ ପାଇ ମରୁ ।୨ ।
ନାନାଦି ଜୀବ ଜନ୍ତୁ ତୁହି
ଆପକୁ ଆପେ ଧରି ଖାଇ ।୩ ।
ଆପକୁ ଆପେ ଯେ ଖାଉଛ
ପାପ ପୁଣ୍ୟ ହିଁ ସବୁ ମିଛ ।୪ ।
ଧର୍ମ ଅଧର୍ମ ତୋର ନାହିଁ
ଶୁଭ ଅଶୁଭ ତୋର କାହିଁ ।୫ ।
ସ୍ୱର୍ଗ ନରକ ନାହିଁ ଶୁଣ
ମିଛ ସତ ହିଁ କାହିଁ ପୁଣ ।୬ ।
ଆପକୁ ଆପେ ଧନ୍ଧି ହେଲୁ
ଆପକୁ ଆପେ ନାଶ କଲୁ ।୭ ।
ଆପକୁ ଆପେ ପିତା ମାତା
ଆପକୁ ଆପେ ତୁ କରତା ।୮ ।
ଆପକୁ ଆପେ ବିଭା ହେଉ
ଆପକୁ ଆପେ ଖଟି ଖାଉ ।୯ ।
ଆପକୁ ଆପେ ବାପ ଝିଅ
ଆପକୁ ଆପେ ବୋହୂ ପୁଅ ।୧୦ ।

ଆପକୁ ଆପେ ବନ୍ଧୁ ବାନ୍ଧି
ଆପକୁ ଆପେ ଛନ୍ଦା ଛନ୍ଦି ।୧୧ ।
ଆପକୁ ଆପେ ଦେଢ଼ଶୁର
ଆପକୁ ଆପେ କନ୍ୟାବର ।୧୨ ।
ଆପକୁ ଆପେ ଶଳା ମାଇଁ
ଆପକୁ ଆପେ ଶାଶୁ ହୋଇ ।୧୩ ।
ଆପକୁ ଆପେ ଭାଇ ବୋହୂ
କେତେ ଭଙ୍ଗିରେ ଲୁଚି ଥାଉ ।୧୪ ।
ଆପକୁ ଆପେ ପରଶଂସି
ଆପକୁ ଆପେ ହସାହସି ।୧୫ ।
ଆପକୁ ଆପେ କନ୍ଦାକନ୍ଦି
ଆପକୁ ଆପେ ବନ୍ଧାବନ୍ଧି ।୧୬ ।
ଆପକୁ ଆପେ ବେଶ କରି
ଆପକୁ ଆପେ ଯେ ତିଆରି ।୧୭ ।
ଆପକୁ ଆପେ ଲଜ୍ଜା କରୁ
ଆପକୁ ଆପେ ଗରୁତରୁ ।୧୮ ।
ଆପକୁ ଆପେ ଶୋଭା ଦେଖି
ଆପକୁ ଆପେ ମନ ଦୁଃଖୀ ।୧୯ ।
ଆପକୁ ଆପେ ପ୍ରୀତି କରୁ
ଆପକୁ ଆପେ ତୁହି ହରୁ ।୨୦ ।

ଆପକୁ ଆପେ ସତୀ ତୁହି
ଆପକୁ ଆପେ ଦହି ହୋଇ ।୨୧।
ଆପକୁ ଆପେ ଚିନ୍ତା କରୁ
ଆପକୁ ଆପେ ଧରି ମାରୁ ।୨୨।
ଆପେ ତୁ ବିଷ ରୂପ ଧରି
ଆପେ ଅମୃତ ଜାତ କରି ।୨୩।
ଆପକୁ ଆପେ କ୍ରୋଧ ବହି
ଆପକୁ ଆପେ ଗାଳି ଦେଇ ।୨୪।
ଆପକୁ ଆପେ ଦୂତ ହେଲୁ
ଆପକୁ ଆପେ ବରଗିଲୁ ।୨୫।
ଆପକୁ ଆପେ ଆଜ୍ଞା ମାନୁ
ଆପକୁ ଆପେ ବହୁ ତେଣୁ ।୨୬।
ଆପକୁ ଆପେ ବଧୁଥାଇ
ଆପକୁ ଆପେ ଭୟ ହୋଇ ।୨୭।
ଆପେ ରଜା ପରଜା ହେଲୁ
ସେବକ ହୋଇଣ ଖଟିଲୁ ।୨୮।
ଆପେ ବ୍ରାହ୍ମଣ ହାଡ଼ି ତୁହି
ଆପେ ସେବକ ପ୍ରଭୁ ହୋଇ ।୨୯।
ଆପକୁ ଆପେ ଯୁଦ୍ଧ କରୁ
ଆପକୁ ଆପେ ଜିଣି ପାରୁ ।୩୦।
ଆପକୁ ଆପେ ଗୁଳି କାଣ୍ଡ
ଆପକୁ ଆପେ କାଟୁ ମୁଣ୍ଡ ।୩୧।

ଆପକୁ ଆପେ ମହାବୀର
ଆପକୁ ଆପେ ତୁ କିଙ୍କର ।୩୨।
ଆପକୁ ଆପେ ଗୁରୁ ଶିଷ୍ୟ
ଖଟି ଯେ ଥାଉ ତୋର ପାଶ ।୩୩।
ଆପକୁ ଆପେ ସିଦ୍ଧି ତୁହି
ଆପକୁ ଆପେ ଯୋଗୀ ହୋଇ ।୩୪।
ଆପକୁ ଆପେ କ୍ଷୁଧା ତୃଷା
ଆପକୁ ଆପେ ତୁ ଭରସା ।୩୫।
ଆପକୁ ଆପେ ନିଦ୍ରା ଭୟ
ଚୌଷଠି ରୋଗ ତୋର ଦେହ ।୩୬।
ସାତସ ବାଆସ୍ତରୀ ନାଡ଼ି
ଆପକୁ ଆପେ ହେଲୁ ଜଡ଼ି ।୩୭।
ଆପକୁ ଆପେ ଶିର ଚର୍ମ
ରକ୍ତ ମାଉଁସ ହାଡ ରୋମ ।୩୮।
ଆପକୁ ଆପେ ତୁ ବାଳକ
ଆପକୁ ଅପେ ବୃଦ୍ଧ ଲୋକ ।୩୯।
ଆପେ ବିଧବା ରୂପ ଜାଣ
ଆପେ ଅହିଅ ରୂପ ପୁଣ ।୪୦।
ଆପକୁ ଆପେ ରୋଗ ହେଲୁ
କଷ୍ଟ ପାଇଣ ତୁହିଁ ମଲୁ ।୪୧।
ଆପେ ତୁ ମରୁଛୁ ଜୀଉଛୁ।
ଆପେ ଦେଖିଣ ଶୁଣୁ ଅଛୁ ।୪୨।

ଆପେ ବାସନା ଆପେ ଖାଉ
ଆପେ ଦୁର୍ଗନ୍ଧ ବିଷ୍ଟା ହେଉ ।୪୩।

ଆପେ ସୁବାସ ରୂପ ଧରି
ଆପେ ଦୁଗନ୍ଧ ବିଷ୍ଟା କରି ।୪୪ ।

ଆପକୁ ଆପେ ପାପ ତୁହି
ଆପକୁ ଆପେ ଧର୍ମ ହୋଇ ।୪୫ ।

ଆପକୁ ଆପେ ସ୍ତୁତି କରୁ
ଆପକୁ ଆପେ ନିନ୍ଦା କରୁ ।୪୬ ।

ଆପକୁ ଆପେ ଅପବାଦ
ଆପକୁ ଆପେ ପରମାଦ ।୪୭ ।

ଆପେ ଦେବତା ରୂପ ଧରି
ଆପକୁ ଆପେ ପୂଜା କରି ।୪୮ ।

ଆପେତୁ ଧନ ବସ୍ତ୍ର ହୋଇ
ଆପକୁ ଆପେ ମାର୍ଗ ଖାଇ ।୪୯ ।

ଆପକୁ ଆପେ ହର୍ତ୍ତା କର୍ତ୍ତା
ଆପେ ତୁ ଦଇବ ବିଧାତା ।୫୦ ।

ଆପେ ତୁ ଆପେ ବିଷ୍ଣୁ ଶିବ
ଆପକୁ ଆପେ ସର୍ବ ଦେବ ।୫୧ ।

ଆପେ ଉଡ଼ା ବୁଡ଼ାଟି ହୋଇ
ଚଳ ନିଶ୍ଚଳ ତୋର ଦେହୀ ।୫୨ ।

ଆପେ ଛପନ କୋଟି ଜୀବ
ପାପ ପୁଣ୍ୟଟି କେ ହୋଇବ ।୫୩।

ଆପକୁ ଆପେ ତୁହି ଖାଉ
ପାପ ପୁଣ୍ୟଟି କାହିଁ ଥାଉ ।୫୪ ।

ଆପକୁ ଆପେ ତୁହି ହରୁ
ପାପ ପୁଣ୍ୟ ହିଁ ତୁହି କରୁ ।୫୫ ।

ଆପକୁ ଆପେ ତୁହି ହେଉ
ଧର୍ମ ଅଧର୍ମ କାହିଁ ଆଉ ।୫୬ ।

ଆପେ ତୁ ସ୍ୱର୍ଗ ନର୍କ ହୋଇ
ଦଣ୍ଡ ମଣ୍ଡ ହିଁ କିଛି ନାହିଁ ।୫୭ ।

ଆପେ ତୁ ଖେଳିବା ନିମନ୍ତେ
ଦଣ୍ଡ ମଣ୍ଡ ହିଁ ପାଉ କେତେ ।୫୮ ।

ଆପକୁ ଆପେ ଚୋର ଖଣ୍ଟ
ଆପକୁ ଆପେ ଯେ ଗରିଷ୍ଠ ।୫୯ ।

ଆପକୁ ଆପେ ନ୍ୟାୟ କରୁ
ଧର୍ମ ଅଧର୍ମ ତୁ ବିଚାରୁ ।୬୦ ।

ଆପେ ମନୁଷ୍ୟ ଗଣ ହେଲ
ଲଜ୍ଜା ସଙ୍କୋଚ ସବୁ କଲ ।୬୧ ।

ଯେତେକ ଜୀବ ଜନ୍ତୁ ତୁହି
ଲଜ୍ଜା ସଙ୍କୋଚ କିଛି ନାହିଁ ।୬୨ ।

କୀଟରୁ ବ୍ରହ୍ମ ଯାଏ ପୁଣ
ଲୀଳା କରୁଛ ଅନୁକ୍ଷଣ ।୬୩।

ଆପେ ତୁ ପୃଥିବୀ ହୋଇଲୁ
ଆପେ ତୁ ଖେଳ ଘର କଲୁ ।୬୪ ।

ଆପେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ଆପେ ଚଉଦ ଭୂ ମଣ୍ଡଳ ।୬୫ ।
ଆପେ ଆକାଶ ରୂପ ହୋଇ
ଅନ୍ଧକାର ଯେ ଘୋଟି ରହି ।୬୬ ।
ଆପେ ଯେ ଚନ୍ଦ୍ର ସୂର୍ଯ୍ୟ ହେଲ
ରାତ୍ର ଦିବସ ତୁମ୍ଭେ କଲ ।୬୭ ।
ଆପେ ଜଳ ଅଗ୍ନି ପବନ
ଆପେ ବିହର ସର୍ବ ସ୍ଥାନ ।୬୮ ।
ଆପେଟି ସର୍ବସ୍ଥାନ ହୋଇ
ଆପେ ଘୋଟିଛ ସର୍ବ ଠାଇଁ ।୬୯ ।
ଏମନ୍ତେ କୋର ଲୀଳା ଜାଣ
ମୁଁ କିସ କହିବି ଯେ ପୁଣ ।୭୦ ।
ଆପକୁ ଆପେ ଚିହ୍ନି ରହ
ତେବେ ସଂସାରେ ସୁଖେ ଥାଅ ।୭୧ ।
ଆପକୁ ଆପେ ତୁ ଚିହ୍ନିଲେ
ଏଦେହ ରହିବଟି ଭଲେ ।୭୨ ।
ଆପେକୁ ଆପେ ଚିହ୍ନି ତୁହି
ଏଦେହ କେବେହେଁ ନ ଯାଇ ।୭୩ ।
ଆପକୁ ଆପେ ଚିହ୍ନି ଜାଣ
ଆପକୁ ଆପେ ରହ ପୁଣ ।୭୪ ।
ଆପକୁ ଆପେ ଦୟାକର
ଲୀଳା ଦେଖିବୁ ଯେ ତୋହର ।୭୫ ।
ସର୍ବ ଶରୀରେ ତୁ ଅଛଇଁ
ଏହା ଜାଣିଲି ପ୍ରଭୁ ମୁହିଁ ।୭୬ ।
କି ରୂପେ ଲୀଳା ମୁଁ କରୁଛି
ଜଗତେ କି ରୂପେ ଘୋଟିଛି ।୭୭ ।
ଏହା ଦେଖିବି ମୁଁ ବୋଲିଣ
ଭକତି ଯୋଗ ଦିଅ ପୁଣ ।୭୮ ।
ଏ ବିନୁ ଅନ୍ୟ ନ ମାଗଇ
ଭୋ ପ୍ରଭୁ ମୋତେ କର ତ୍ରାହି ।୭୯ ।
ଏ ମହୀ ମଣ୍ଡରେ ତୋ ଲୀଳା
କେମନ୍ତେ କରୁଅଛ ଖେଳା ।୮୦ ।
ଏହା ଦେଖିତେ ମୋର ଆଶ
କହଇ ଅରକ୍ଷିତ ଦାସ ।୮୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚଦଶୋଽଧ୍ୟାୟଃ ।

---୦---

# ଷୋଡ଼ଶ ଅଧ୍ୟାୟ

ମନ ମୁଖରୁ ଏହା ଶୁଣି
ଚୈତନ୍ୟ ମନେ ମନେ ଗୁଣି ।୧ ।
ତୁ ଯାହା କହିଲୁ ହୋ ସତ୍ୟ
ଏ ମୋର ମାୟା ବିମୋହିତ ।୨ ।
ମାୟାକୁ ସତ୍ୟ ତୁ ମଣିଲୁ
ତୁ ମୋତେ ଚିହ୍ନି ନ ପାରିଲୁ ।୩ ।
ତୁ ମୋର ଜୀବ ଆତ୍ମା ହୋଇ
ମୋର ସଙ୍ଗତେ ତୁହି ରହି ।୪ ।
କିମ୍ବା ତୁ ମୋତେ ପାଶୋରିଲୁ
ନାମହିଁ ମୋର ଛାଡ଼ି ଦେଲୁ ।୫ ।
ତେଣୁ ମୁଁ ତୋତେ ମାୟା କଲି
ନାନା କର୍ମରେ ଭୁଲାଇଲି ।୬ ।
ତେଣୁ ମାୟାରେ ତୁ ଭ୍ରମିଲୁ
ମୋତେ ତୁ ଚିହ୍ନି ନ ପାରିଲୁ ।୭ ।
ଏବେ ମୁଁ କହୁଅଛି ଶୁଣ
ନାମ ତୁ ଚିନ୍ତ ଅନୁକ୍ଷଣ ।୮ ।
ମାତା ପିତା ସଙ୍ଗମ କାଳେ
ରଜ ବୀର୍ଯ୍ୟଟି ଏକାବେଳେ ।୯ ।
ସେ କାଳେ ମୁହିଁ କହିଥିଲି
ନାମ ତୁ ଚିନ୍ତ ହୋ ବୋଇଲି ।୧୦ ।
ତୋତେ ତୁ ନାମ ଦୀକ୍ଷା ଦେଇ
ଶୂନ୍ୟରେ ମୁହିଁ ବୁଡ଼ିରହି ।୧୧ ।
ଗର୍ଭେ ରହିଲୁ ଦଶମାସ
ନାମରେ ଥିଲା ତୋ ବିଶ୍ୱାସ ।୧୨ ।
ପୃଥ୍ୱୀରେ ପଡ଼ି ପାଶୋରିଲୁ
ହସ କୌତୁକେ ଦିନ ନେଲୁ ।୧୩ ।
ଏବେ ତୁ ସେହି ନାମ ଚିନ୍ତ
ମୋହର ନାହିଁଟି ଆୟତ୍ତ ।୧୪ ।
ଏହି ଦେହରେ ମୁହଁ ରହିଲି
ମୋ ନାମ ମୁହିଁ ପାଶୋରିଲି ।୧୫ ।
ପ୍ରକୃତି ଗଣ ସଙ୍ଗେ ତୁହି
ଭ୍ରମିଲୁ ମାୟା ମତ୍ତ ହୋଇ ।୧୬ ।
ଏହାଙ୍କ ପାଞ୍ଚ ତୁ ନ ଜାଣି
ଦେହକୁ ସତ୍ୟ ପ୍ରାୟେ ମଣି ।୧୭ ।
ଏ ଦେହ କ୍ଷଣ କୋଟି ଯିବ
ନାମ ନିରାଶ ଯେବେ ହେବ ।୧୮ ।
ନାମକୁ ନିତ୍ୟେ ସେବା କର
ଏ ଦେହ ରହିବ ନିକର ।୧୯ ।
ନୋହିଲେ ଏ ଦେହ ନ ରହି
ନାମ ଛାଡ଼ିଲେ ପ୍ରାଣ ଯାଇ ।୨୦ ।

ନାମକୁ ହୃଦେ ଲୟ କର
ତେବେ ହୋଇବୁ ଅଜ୍ରାମର ।୨୧ ।
ଯେ ନାମ ମାତା ଗର୍ଭେ ପାଇ
ସେ ନାମ ଚିନ୍ତାକର ତୁହି ।୨୨ ।
ସଂସାରେ ଯେତେ ନାମ ଜାଣ
ସେ ନାମ ନ ଚିନ୍ତିବ ପୁଣ ।୨୩।
ଭକତେ ପିତା ମୋ ଅଟନ୍ତି
କେତେ ନାମଟି ଦେଇଛନ୍ତି ।୨୪ ।
ସେ ନାମ ନ ଚିନ୍ତିବୁ ତୁହି
ନିଜ ନାମକୁ ଭାବ କହି ।୨୫ ।
ନିଜ ନାମ ନଜାଣି ମରେ
ନିନ୍ଦା କରନ୍ତି ଏ ସଂସାରେ ।୨୬।
ସେ ନାମ ନ ଜାଣନ୍ତି କେହି
ଯେତେ ସଂସାରେ ଦେହ ବହି ।୨୭ ।
ସଂସାର ମଧ୍ୟେ ପୂରି ଅଛି
ସେ ନାମ ଗୁପତେ ରହିଛି ।୨୮ ।
ସେ ନାମ ମୁହିଁ ଜାଣିଥିଲି
ଚଉଦ ଭୁବନ ଘୋଟିଲି ।୨୯ ।
ସେ ନାମ ଈଶ୍ୱର ପାଇଲେ
ଅମର ହୋଇଣ ରହିଲେ ।୩୦ ।
ସେ ନାମ ବାରାନିଧି ପାଇ
କ୍ଷୟ ବୃଦ୍ଧିଟି ତାର ନାହିଁ ।୩୧ ।
ସେ ନାମ ବାସୁକି ଜାଣିଛି
ପୃଥିବୀ ତାର ଶିରେ ଅଛି ।୩୨ ।
ସେ ନାମ ଚନ୍ଦ୍ର ସୂର୍ଯ୍ୟ ଜାଣି
ରାତ୍ର ଦିବସ ଭ୍ରମେ ପୁଣି ।୩୩।
ସେ ନାମ ବ୍ରହ୍ମାହିଁ ଜାଣନ୍ତି
ସକଳ ସୃଷ୍ଟି ସେ କରନ୍ତି ।୩୪ ।
ସେ ନାମ ବିଷ୍ଣୁ ଯେ ଜାଣନ୍ତି
ସକଳ ସୃଷ୍ଟି ସେ ପାଳନ୍ତି ।୩୫ ।
ସେ ନାମ ଈଶ୍ୱରେ ପାଇଲେ
ସକଳ ସୃଷ୍ଟି ସଂହାରିଲେ ।୩୬ ।
ସେ ନାମ ଜଳ ଯେ ଜାଣଇ
ସେ ସର୍ବ ଘଟେ ପୂରି ଥାଇ ।୩୭ ।
ସେ ନାମ ଅଗ୍ନି ଜାଣିଛନ୍ତି
ସକଳ ଘଟେ ପୂରିଥାନ୍ତି ।୩୮ ।
ସେ ନାମ ପବନ ଜାଣଇ
ସେ ସର୍ବ ଘଟେ ପୂରି ରହି ।୩୯ ।
ସେ ନାମ ପୃଥିବି ଜାଣିଛି
ସକଳ ଭରା ସହିଅଛି ।୪୦ ।
ସେ ନାମ ଆକାଶ ଜାଣଇ
କ୍ଷୟ ବୃଦ୍ଧିଟି ତା'ର ନାହିଁ ।୪୧ ।
ସେ ନାମ ତାରା ଗଣେ ଜାଣି
ରାତ୍ର ଦିବସ ଭ୍ରମେ ପୁଣି ।୪୨ ।
ସେ ନାମ ମୁହିଁ ଆଶ୍ରେ କଲି
ସର୍ବ ଘଟକୁ ମୁଁ ଧଇଲି ।୪୩।
ସର୍ବ ଘଟରେ ଯେଣୁ ମୁହିଁ
ତେଣୁ ଅଜ୍ଞାନ ମୋର ଦେହୀ ।୪୪ ।

କିମ୍ବା ଅଜ୍ଞାନ ମୁହିଁ ଜାଣ
ଏବେ କହିବି ତୁହି ଶୁଣ ।୪୫ ।
ମୁଁ ଯେବେ ଅଜ୍ଞାନ ନୁହନ୍ତି
ସଂସାରେ କି ଲୀଳା କରନ୍ତି ।୪୬ ।
ସେ ନାମ ସର୍ବେ ଯେ ଜାଣନ୍ତେ
ଅମର ହୋଇଣ ରହନ୍ତେ ।୪୭ ।
ତେଣୁ ଅଜ୍ଞାନ ମୁହିଁ ହେଲି
ସଂସାରେ ଖେଳ ଲଗାଇଲି ।୪୮ ।
ତେଣୁ ମୁଁ ଜନମ ମରଣ
ସେ ନାମ ଛାଡ଼ିବାରୁ ପୁଣ ।୪୯ ।
ସେ ନାମ ବ୍ରହ୍ମାଣ୍ଡେ ଘୋଟିଛି
ସେହି ନାମକୁ ମୁଁ ଭାବୁଛି ।୫୦ ।
ନାମ ଜଳ ସ୍ଥଳ ଅନଳ
କେହି ନ ପାରନ୍ତି ତାର ଥଳ ।୫୧ ।
ସେହି ନାମକୁ ମୁଁ ଭାବଇ
କ୍ଷୟ ବୃଦ୍ଧିଟି ମୋର ନାହିଁ ।୫୨ ।
ଜଳରେ କେବେ ନ ବୁଡ଼ଇ
ଥାଇ ନଥାଇ ନ ଦିଶଇ ।୫୩ ।
ଶୁଖଇ ନାହିଁ ମୁହିଁ ଜାଣ
ଖଡ଼ଗେ ନ ଛିଡ଼ଇ ପୁଣ ।୫୪ ।
ଅନଳେ କେବେ ନ ପୋଡ଼ଇ
ପବନେ କେବେ ନ ଉଡ଼ଇ ।୫୫ ।
ସଂସାରେ ଖେଳ ପାଇଁ ମୁହିଁ
ଉତ୍ପତ୍ତି ପ୍ରଳୟ କରଇ ।୫୬ ।
ଏବେ ତୁ ସେହି ନାମ ଧର
ସଂସାରେ ହୋଇବୁ ଅମର ।୫୭ ।
ଆଉ କାହାକୁ ଭୟ ନାହିଁ
ସେ ନାମ ଭାବିଲେଣ ତୁହି ।୫୮ ।
ସେ ନାମ ସର୍ବ ଜୀବେ ଅଛି
ଭାବ ତୁ ଭୟ ନାହିଁ କିଛି ।୫୯ ।
ସର୍ବ ସମାନ ଦେଖ ଚିତ୍ତେ
ମୁହିଁଟି ଅଛି ସର୍ବ ଭୂତେ ।୬୦ ।
ଏବେ ତୁ ସେହି ନାମେ ରସ
ନମଇ ଅରକ୍ଷିତ ଦାସ ।୬୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
ମାନ ଷୋଡଶୋଽଧ୍ୟାୟଃ ।

---୦---

# ସପ୍ତଦଶ ଅଧ୍ୟାୟ

ହେ ମନ ଶୁଣ ମୋର ବାଣୀ
ଖଣ୍ଡଗିରିକି ଛାଡ଼ ପୁଣି ।୧ ।
ଏକାନ୍ତ ହୋଇଣ ରହିବୁ
ସେ ନାମ କ୍ଷଣେ ନ ଛାଡ଼ିବୁ ।୨ ।
ସେ ନାମ ପ୍ରସନ୍ନ ହୋଇବ
ସେଣେ ଚାହିଁଲେ ତେଣେ ଥିବ ।୩ ।
ସର୍ବ ଘଟରେ ନାମ ଦେଖ
ତେବେ ପାଇବୁ ତୁହି ସୁଖ ।୪ ।
ସେ ନାମ ଦୟା ଯେ କରିବେ
କ୍ଷୁଧା ତୃଷ୍ଣାହି ଦୂରେ ଯିବେ ।୫ ।
ଖରା ବରଷା ଶୀତ ସେହି
ତୋତେ ଯେ ନ କାଟିବେ କେହି ।୬ ।
ଚୌଷଠି ରୋଗ ସେହି ନାମ
ଦୟା କରିବେ ସେହୁ ପୁଣ ।୭ ।
ରୋଗ ବ୍ୟାଧି ହିଁ ନ କରିବ
ଦେହ ତୋ କଞ୍ଚା ହୋଇଥିବ ।୮ ।
ନିଦ୍ରା ଭୟଟି ତା ଶରୀର
ତୋ ତହୁଁ କରିବେଟି ଦୂର ।୯ ।
ରାତ୍ର ଦିବସ ନ ଜାଣିବୁ
ଯାହା ପାଞ୍ଚିଲେ ତା ପାଇବୁ ।୧୦ ।
ତୋତେ ଟି ନ ଦେଖିବେ କେହି
ତୁହି ଦେଖିବୁ ସର୍ବ ଦେହୀ ।୧୧ ।
ପବନ ଯେମନ୍ତେ ବହୁଛି
ତା ରୂପ ନ ଦିଶଇ କିଛି ।୧୨ ।
ତୁହିଟି ସେହି ରୂପ ହେବୁ
ଯେବେ ତୁ ସେ ରୂପ ଚିହ୍ନିବୁ ।୧୩ ।
ବାଳକ ରୂପ ତୁ ପାଞ୍ଚିଲେ
ବାଳକ ରୂପ ହେବୁ ଭଲେ ।୧୪
ବୃଦ୍ଧ ରୂପକୁ ଇଚ୍ଛା ଯେବେ
ବୃଦ୍ଧ ରୂପ ହୋଇବୁ ତେବେ ।୧୫ ।
ନବ ଯୁବାହିଁ ଇଚ୍ଛା କଲେ
ନବ ଯୁବା ହୋଇବୁ ଭଲେ ।୧୬
ସେ ନାମ ଜାଣିଥିଲେ ତୁହି
ଯେତେ ରୂପ ପାଞ୍ଚିଲେ ପାଇ ।୧୭ ।
ସେ ନାମ ଏମନ୍ତ ମହିମା
କିସ କହିବି ତାର ସୀମା ।୧୮ ।
ସେ ନାମେ ଭକତଟି ହୁଅ
ତେବେ ରଖିବୁ ଏହି ଦେହ ।୧୯ ।
ଭକତ ଯେମନ୍ତେ ହୋଇବୁ
ତୋତେ ମୁଁ କହିଦେବି ସବୁ ।୨୦ ।
ଦେଖ ଆକାଶ ଶୂନ୍ୟେ ଥାଇ
ସେ ଭାବେ ରହ ମୁଁ କହଇ ।୨୧ ।
ଦେଖ ଏ ସୂର୍ଯ୍ୟ ଘୋଟି ଅଛି
ତା ତେଜ କାହିଁ ନ ଛାଡୁଛି ।୨୨ ।

ତୁହିଟି ସେହି ଭାବେ ରହ
ତେବେ ରହିବ ସିନା ଦେହ ।୨୩।
ଦେଖ ଚନ୍ଦ୍ରମା ତେଜ ହୋଇ
ବ୍ରହ୍ମାଣ୍ଡେ ପୂରିଅଛି କହି ।୨୪।
ତୁ ଏବେ ଏକ ଭାବ କର
ଜନ୍ମ ମୃତ୍ୟୁ କୁ ତୁ ନଡ଼ର ।୨୫।
ଦେଖ ଏ ପବନ ବହୁଛି
ସକଳ ସମାନ ଦେଖୁଛି ।୨୬।
ତୁହିଟି ସମାନ ଦେଖିବୁ
ଉତ୍ପତ୍ତି ପ୍ରଳୟ ନୋହିବୁ ।୨୭।
ଦେଖ ଅଗ୍ନିଟି ସର୍ବ ଖାଇ
ପାପ ପୁଣ୍ୟ ହିଁ ତା'ର ନାହିଁ ।୨୮।
ତୁହିଟି ଏହି ଭାବ କର
ପାପ ପୁଣ୍ୟକୁ ତୁ ନ ଡର ।୨୯।
ଜଳ ଯେ ସମାନ ଦେଖଇ
ସ୍ୱର୍ଗ ନରକ ନ ଜାଣଇ ।୩୦।
ତୁହିଟି ସମାନ ଦେଖିବୁ
ସ୍ୱର୍ଗ ନରକ ନ ବାରିବୁ ।୩୧।
ଦେଖ ପୃଥିବୀ ସହୁ ଅଛି
ସକଳ ସମାନ ଦେଖୁଛି ।୩୨।
ତୁହି ସେ ଭାବ ହୃଦେ ଧରି
ସକଳ ସହ ସମ କରି ।୩୩।
ମୁହିଁଟି ସର୍ବ ଭୂତେ ଥାଇ
ପର ଅପର ନ ଜାଣଇ ।୩୪।
ମୁହିଁଟି ଜଗତେ ଘୋଟିଛି
ଧର୍ମ ଅଧର୍ମ ନ ଜାଣୁଛି ।୩୫।
ତୁହିଟି ସମାନ ଦେଖିବୁ
ଧର୍ମ ଅଧର୍ମ ନ କରିବୁ ।୩୬।
ସଂସାରେ ଖେଳ ଲଗାଇଲି
ଧର୍ମ ଅଧର୍ମ ବିଚାରିଲି ।୩୭।
ନୋହିଲେ ଏ ଦୁହେଁ ସମାନ
ତୁ ଏବେ ଶୁଣ ମୋ ବଚନ ।୩୮।
ଭକତି ଭାବ ଶୁଣ ଏହି
ତୋତେ ମୁଁ ଫେଡ଼ି କହିଲଇଁ ।୩୯।
ଏ ଭାବ କେହି ନ ଜାଣନ୍ତି
ଜନ୍ମ ମୃତ୍ୟୁରେ ଘାଣ୍ଟି ହୁନ୍ତି ।୪୦।
ଧ୍ୟାନ ସୂତରେ କ୍ଳେଶ ପାଇ
ଏ ଭାବ ନ ଜାଣନ୍ତି କେହି ।୪୧।
କେ ଅବା ତୀର୍ଥ କରିଯାନ୍ତି
କେ ଅବା ଦେବତା ପୂଜନ୍ତି ।୪୨।
କେ ଅବା ନାନ ଯୋଗ କରି
ମରନ୍ତି ସେ ଭାବ ପାଶୋରି ।୪୩।
କେ ଅବା କନ୍ଦ ଖାଇ ରହି
ଭାବତ କିଛି ନ ଜଣାଇ ।୪୪।
ଏମନ୍ତେ ନାନା ମତେ ଭ୍ରମି
ତେଣୁ ଅଜ୍ଞାନ ହେଲି ପୁଣି ।୪୫।
ଏଣୁ ତୁ ସର୍ବ କର୍ମ ଛାଡ଼
ଭକତି ଭାବ କର ଦୃଢ଼ ।୪୬।

ଭକତି ଭାବେ ତୁ ପଶିଲେ
ସକଳ ଦୂର ଯିବ ଭଲେ ।୪୭ ।
ନିର୍ମାୟା ହୋଇଣ ରହିବୁ
ତୁହିତ କେବେ ନ ମରିବୁ ।୪୮ ।
ଯେବେ ଇଚ୍ଛା ହୋଇବ ତୋର
ମୋ ଦେହେଁ ରହିବୁ ନିକର ।୪୯ ।
ମନ ଆନନ୍ଦ ତାହା ଶୁଣି
ବୋଲଇ ନିସ୍ତରିଲି ପୁଣି ।୫୦ ।
ଏ ଦେହେ କିଛି କାର୍ଯ୍ୟ ନାହିଁ
ତୋ ଅଙ୍ଗେ ମିଶିବିଟି ମୁହିଁ ।୫୧ ।
ଏହି ସୁଦୟା ମୋରେ ହେଉ
ତୋର ଭକତି ଚିତ୍ତେ ଥାଉ ।୫୨ ।
ଏ ମହୀ ମଣ୍ଡଳରେ ମୁହିଁ
କିମ୍ପା ମୁଁ ଭ୍ରମୁଥିବି କହି ।୫୩।
ତୁ ଦଶ ଅବତାର ହେଲୁ
କେତେ କେତେ ହିଁ ମାରି ତାରୁ ।୫୪ ।
ଯେତେ ଦିନଟି ରଖିଥିବ
ତୋ ଭାବ ଅନ୍ତର ନୋହିବ ।୫୫ ।
ଏତେକ ମାଗୁଣି ମାଗଇ
ତୋ ନିଜ ନାମ ଦିଅ କହି ।୫୬ ।
ଆହେ ସୁଜନମାନେ ଶୁଣ
ମହୀମଣ୍ଡଳ ଗୀତା ଗୁଣ ।୫୭ ।

ଯାହାର ଅନୁଭବ ଥିବ
ଏ ଗୀତା ଭେଦି ଯେ ସାଧିବ ।୫୮ ।
ଏ ଗୀତା ଭେଦି ନ ପାରିଲେ
କି ଜ୍ଞାନ ଜାଣିବ ସେ ଭଲେ ।୫୯ ।
ଏ ଗୀତାରେଟି ଭକ୍ତି ଅଛି
ଭେଦିଲା ଲୋକ ଜାଣେ କିଛି ।୬୦ ।
ଯେବେ ସେ ସାଧିବ ନିକର
ଅମର ହେବ ତା'ଶରୀର ।୬୧ ।
ନୋହିଲେ କେବେ ଗତି ନାହିଁ
ସଂସାରେ ଥିବ ସେ କିମ୍ପାଇଁ ।୬୨ ।
ଯେବେ ସେ ନାମ ନ ଚିନ୍ତଇ
ପ୍ରଭୁର ଦୋରେହାଟି ସେହି ।୬୩।
ଯା ଲାଗି ଦେହ ରହିଅଛି
ତା'ନାମ ନ ଭଜଇ କିଛି ।୬୪ ।
ସଂସାର ସୁଖ ସେ ପାଇଲା
ନିଜ ସ୍ୱାମୀକି ଛାଡ଼ି ମଲା । ।୬୫ ।
ହେ ପ୍ରଭୁ ଶରଣ ସୋଦର
ମୋର ଅପ୍ରାଧ କ୍ଷମାକର ।୬୬ ।
ଏବେ କିଞ୍ଚିତେ ଦୟାହେଉ
ଏ ମହୀମଣ୍ଡଳେ ନ ଥାଉ ।୬୭ ।
କହଇ ଅରକ୍ଷିତ ଦାସ
ତ୍ରାହି ତୁ କର ପୀତବାସ ।୬୮ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ସପ୍ତଦଶୋଽଧ୍ୟାୟଃ

---୦---

# ଅଷ୍ଟାଦଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଆଜ୍ଞାଟି ଦେଲେ ସିନା ମୁହିଁ ।୧ ।
ଆଜ୍ଞା ହୋଇଲେ ମୁଁ ନ ଯାଇ
ଭୟତ କରୁଛି ଗୋସାଇଁ ।୨ ।
ତୁମ୍ଭର ଆଜ୍ଞା ଯେବେ ହେବ
ଭୟ ତ କେବେ ଯେ ନୋହିବ ।୩।
ମନ ମୁଖରୁ ଏହା ଶୁଣି
ମନ ନିର୍ମଳ ତା'ର ଜାଣି ।୪ ।
ହେ ମନ ଭୟ କାହିଁ ପାଇଁ
ଆଜ୍ଞା ମୁଁ ଦେଲି ଯାଅ ତୁହି ।୫ ।
ଖଣ୍ଡିଗିରିରୁ ବେଗେ ଯାଓ
ଏକାନ୍ତ ହୋଇ ତୁହି ରହ ।୬ ।
ଲୋଭ ମୁହାଁସ ଛାଡ ତୁହି
ଏଥିରେ କିଛି କାର୍ଯ୍ୟ ନାହିଁ ।୭ ।
ଏକାନ୍ତ ହୋଇଣ ରହିବୁ
କାହାରି ସଙ୍ଗ ନ କରିବୁ ।୮ ।
ଏକାନ୍ତ ହୋଇ ବନେ ରହ
ଆଜ୍ଞା ମୋହର ମାନି ଥାଅ ।୯ ।
ଆଜ୍ଞାରୁ ଦେହ ହୋଇଅଛି
ମାୟାରେ ନ ଜାଣିଲୁ କିଛି ।୧୦ ।
ଏବେ ମୁଁ କହୁଅଛି ଶୁଣ
ଆଗେ ଆଜ୍ଞା ପଛେ ଜନମ ।୧୧ ।
ସ୍ଥାବର ଜୀବଜନ୍ତୁ ଯେତେ
ଆଜ୍ଞାରୁ ଜନ୍ମିଲେ ସମସ୍ତେ ।୧୨ ।
ଆଜ୍ଞାଟି ବ୍ରହ୍ମା ଯେ ପାଇଲେ
ସକଳ ସୃଷ୍ଟି ସେ ସର୍ଜିଲେ ।୧୩।
ଆଜ୍ଞାଟି ବିଷ୍ଣୁ ଯେ ପାଇଣ
ସକଳ ସୃଷ୍ଟି ପାଳେ ପୁଣ ।୧୪ ।
ଆଜ୍ଞାଟି ଈଶ୍ୱର ପାଇଲେ
ସକଳ ସୃଷ୍ଟି ସଂହାରିଲେ ।୧୫ ।
ଆଜ୍ଞାଟି ଚନ୍ଦ୍ର ସୂର୍ଯ୍ୟ ପାଇ
ରାତ୍ର ଦିବସ ଭ୍ରମେ ସେହି ।୧୬ ।
ଆଜ୍ଞାଟି ପାଇ ତାରାଗଣ
ରାତ୍ର ଦିବସ ଭ୍ରବେ ପୁଣ ।୧୭ ।
ଆଜ୍ଞାଟି ଦେବତା ପାଇଲେ
ଅମୃତ ଖାଇ ସେ ରହିଲେ ।୧୮ ।
ଆଜ୍ଞାଟି ଶଚୀ ଯେ ପାଇଲା
ଅମର ପୁରେ ସେ ରହିଲା ।୧୯ ।
ଆଜ୍ଞାଟି ଇନ୍ଦ୍ର ପାଇ କରି
ସ୍ୱର୍ଗେ ହୋଇଛି ଅଧିକାରୀ ।୨୦ ।
ଆଜ୍ଞାଟି ବୃହସ୍ପତି ପାଇ
ସକଳ ବେଦ ସେ କହଇ ।୨୧ ।
ଆଜ୍ଞାଟି କୁବେର ପାଇଛି
ଭଣ୍ଡାର ଘର ସେ ଜଗିଛି ।୨୨ ।
ଆଜ୍ଞାଟି ଯମ ଯେ ପାଇଲା
ପାପ ପୁଣ୍ୟକୁ ସେ ବୁଝିଲା ।୨୩।
ଆଜ୍ଞାଟି ଚାରି ମେଘ ପାଇ
ପୃଥିବୀ ପାଳୁଛନ୍ତି ସେହି ।୨୪ ।
ତେତିଶ କୋଟି ଦେବ ଯେତେ
ଆଜ୍ଞାରେ ଅଛନ୍ତି ସମସ୍ତେ ।୨୫ ।
ଅନନ୍ତ କୋଟି ସାଧୁ ଗଣ
ଆଜ୍ଞାକୁ ଧରି ସେ ଭ୍ରମିଣ ।୨୬ ।
ଆଜ୍ଞାଟି ଧ୍ରୁବ ଯେ ପାଇଲେ
ଧ୍ରୁବ ମଣ୍ଡଳେ ସେ ରହିଲେ ।୨୭ ।

ଆଜ୍ଞାଟି ଅଗସ୍ତି ପାଇଣ
ସପ୍ତ ସମୁଦ୍ର ଶୋଷେ ପୁଣ ।୨୮ ।
ଆଜ୍ଞାଟି ବିଭୀଷଣ ପାଇ
ଅମର ହୋଇଣ ଅଛଇ ।୨୯ ।
ଆଜ୍ଞାଟି ହନୁ ଯେ ପାଇଲେ
ଅମର ହୋଇଣ ରହିଲେ ।୩୦ ।
ଆଜ୍ଞା ଯେ ମୁନିଗଣ ପାଇ
ଗୋପରେ ସ୍ଥିରୀ ରୂପ ହୋଇ ।୩୧ ।
ଆଜ୍ଞାଟି ବାସୁକି ପାଇଣ
ପୃଥିବୀ ବହିଅଛି ପୁଣ ।୩୨ ।
ପୃଥିବୀ ଆଜ୍ଞାଟି ପାଇଲେ
ସକଳ ଭାର ସେ ସହିଲେ ।୩୩ ।
ଅସୁରେ ଆଜ୍ଞା ବଳ ପାଇ
ପୃଥ୍ୱୀକି ବହୁ କ୍ଳେଶ ଦେଇ ।୩୪ ।
ପୃଥ୍ୱୀ ନିମନ୍ତେ ଦେବ ଗଣ
ଗୁହାରୀ କରନ୍ତି ଯେ ପୁଣ ।୩୫ ।
ତାଙ୍କର ବଚନ ଶୁଣନ୍ତି
ଦଶ ଅବତାର ହୁଅନ୍ତି ।୩୬ ।
ଆଜ୍ଞାରୁ ମୀନ ରୂପ ହୋଇ
ଶୁଣ ସୁମନେ ଚିତ୍ତ ଦେଇ ।୩୭ ।
ଆଜ୍ଞାରୁ କୂର୍ମ ରୂପ ଧରି
ସଂସ୍କାର ଖେଳେ ନର ହରି ।୩୮ ।
ଆଜ୍ଞାରୁ ବରାହ ଯେ ରୂପ
ଅବନୀ ବିଦାରଣେ କୋପ ।୩୯ ।
ନରସିଂହ ରୂପ ଆଜ୍ଞାରୁ
ହିରଣ୍ୟେ ନାଶି ଭାରାହରୁ ।୪୦ ।
ବାମନ ରୂପ ଆଜ୍ଞା ପାଇ
ବାଳୀକି ଚାପିଲୁ ଯେ ମହୀ ।୪୧ ।
ବାଳୀକି ପାତାଳେ ରଖିଲୁ
ଆଜ୍ଞାରୁ ଦ୍ୱାରପାଳ ହେଲୁ ।୪୨ ।
ଆଜ୍ଞାରୁ ପର୍ଶୁରାମ ରୂପ
ଅବନୀ ଭରା ହରୁ ଦର୍ପ ।୪୩ ।
ଆଜ୍ଞାରୁ ରାମ ରୂପ ଜାଣ
ରାବଣ ନାଶିଲୁ ଯେ ପୁଣ ।୪୪ ।
ଆଜ୍ଞାରୁ ବଳରାମ ରୂପ
କଂସର ହରିଲୁ ଯେ ଦର୍ପ ।୪୫ ।
ଆଜ୍ଞାରୁ ବୌଦ୍ଧ ରୂପ ହେଲୁ
ଶ୍ରୀ ନୀଳ କନ୍ଦେ ବିଜେ କଲୁ ।୪୬ ।
ଆଜ୍ଞାରୁ କଳ୍କି ରୂପ ହେବ
ଦୁଷ୍ଟ ଯାକ ଯେ ସଂହାରିବ ।୪୭ ।
ଏମନ୍ତେ ଦଶ ଅବତାର
ଅବନୀ ଭାରା କଲୁ ଦୂର ।୪୮ ।
ଏମନ୍ତେ ଆଜ୍ଞାର ମହିମା
ମୁଁ କିସ କହିବି ତା' ସୀମା ।୪୯ ।
ମୁହିଁଟି ଆଜ୍ଞା ପାଇ ଅଛି
ସକଳ ଘଟେ ବିହରୁଛି ।୫୦ ।
ତୁହିଟି ମୋର ସଙ୍ଗେ ଥିବୁ
ଆଜ୍ଞାକୁ ଯେବେ ତୁ ଚିହ୍ନିବୁ ।୫୧ ।
ନୋହିଲେ କେବେ ନାହିଁ ଯଶ
ନମଇଁ ଅରକ୍ଷିତ ଦାସ ।୫୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

--- ୦ ---

# ଊନବିଂଶ ଅଧ୍ୟାୟ

ମନ ଚୈତନ୍ୟ ମୁଖ ଚାହିଁ
ଆଜ୍ଞା ମହିମା କହ ତୁହି ।୧ ।
ଆଜ୍ଞାର ମହିମା ଶୁଣିବି
ତୋ ଆଜ୍ଞା ଘେନି ସୁଖେ ଥିବି ।୨ ।
ମନ ମୁଖରୁ ଏହା ଶୁଣି
ଆଜ୍ଞା ମହିମା ଶୁଣ ପୁଣି ।୩।
ବାରାନିଧି ସେ ଆଜ୍ଞା ପାଇ
ସେ କୂଳ ଲଙ୍ଘି ନ ପାରଇ ।୪ ।
ଆଜ୍ଞା ପାଇଣ ଯେ ବରୁଣ
ଜଳରେ ଅଧିପତି ପୁଣ ।୫ ।
ଆଜ୍ଞା ପାଇଣ ପ୍ରହଲ୍ଲାଦ।
ଭକତି ଯୋଗ କଲା ସାଧ ।୬ ।
ଆଜ୍ଞାଟି ଶଙ୍ଖ ଚକ୍ର ପାଇ
ଯେଣେ ପେଶିଲେ ତେଣେ ଯାଇ ।୭ ।
ଆଜ୍ଞାଟି ଗଦା ପଦ୍ମ ଧରି
ହେ ମନ ଶୁଣ ହେତୁ କରି ।୮ ।
ଆଜ୍ଞାଟି ଗରୁଡ଼ ପାଇଣ
ପ୍ରଭୁଙ୍କ ବାହନ ଯେ ପୁଣ ।୯ ।
କୌସ୍ତୁଭ ମଣି ଆଜ୍ଞ ପାଇ
ଗଳରେ ଲମ୍ବ ଅଛି ସେହି ।୧୦ ।
ଜୟ ବିଜୟ ବେନି ଭାଇ
ଦ୍ୱାର ଜଗନ୍ତି ଆଜ୍ଞା ପାଇ ।୧୧ ।
ସାତ ଖର୍ବଟି ଜଗନ୍ନାଥ
ଆଜ୍ଞା ପାଇ ଦ୍ୱାର ଜଗିତ ।୧୨ ।
ସାତ ଖର୍ବଟି ରାମ ଶୁଣ
ଆଜ୍ଞା ପାଇ ଦ୍ୱାର ଜଗିଣ ।୧୩।
ସାତ ଖର୍ବଟି କୃଷ୍ଣ ହୋଇ
ଆଜ୍ଞା ପାଇ ଦ୍ୱାର ଜଗଇ ।୧୪ ।
ସାତ ଖର୍ବଟି ନାରାୟଣ
ଆଜ୍ଞା ପାଇ ଦ୍ୱାର ଜଗିଣ ।୧୫ ।
ଚାରି ଦେବଟି ଆଜ୍ଞା ଧରି
ଚାରି ଦ୍ୱାରେଟି ସେ ପ୍ରହରି ।୧୬।
ନିତ୍ୟ ସ୍ଥଳରେ କଥା ଏହି
ଶୁଣ ସୁମନ ଚିତ୍ତ ଦେଇ ।୧୭ ।
ତହିଁରୁ ସର୍ବେ ଜନ୍ମୁଛନ୍ତି
ଆଜ୍ଞାରୁ ରୂପ ଯେ ଧରନ୍ତି ।୧୮ ।
ଆଜ୍ଞା ପାଇଣ ଚକ୍ର ଗଲା
ଗଜକୁ ସଙ୍କଟୁ ତାରିଲା ।୧୯ ।
ଆଜ୍ଞା ପାଇ ବାସବ ଯାଇ
ମୃଗୁଣୀ ସଙ୍କଟୁ ତାରଇ ।୨୦ ।

ଆଜ୍ଞା ପାଇ ପବନ ଗଲା
ଦ୍ରୌପଦୀ ଲଜ୍ଜାରୁ ତାରିଲା ।୨୧।
ଭର୍ତ୍ତିୟା ପକ୍ଷୀ ଆଜ୍ଞା ପାଇ
ମହା ସଙ୍କଟୁ ପାରି ହୋଇ ।୨୨।
ଆଜ୍ଞା ପାଇଣ ରାଜାମାନେ
ବନ୍ଦୀରୁ ଫିଟିଲେ ତତ୍‌କ୍ଷଣେ ।୨୩।
ଯୁଧିଷ୍ଠ ଦେବ ଆଜ୍ଞା ପାଇ
ରାଜୁସୀ ଯଜ୍ଞ କଲେ ସେହି ।୨୪।
ଆଜ୍ଞା ପାଇଣ ଜନ୍ମି ଥିଲେ
ସ୍ୱଦେହ ଘେନି ସ୍ୱର୍ଗ ଗଲେ ।୨୫।
ଆଜ୍ଞାକୁ ଉଦ୍ଧବ ଧରିଲା
ବ୍ରହ୍ମ ଶାପରୁ ପାର ହେଲା ।୨୬।
ମାର୍କଣ୍ଡ ଋଷି ଆଜ୍ଞା ପାଇ
ପ୍ରଳୟ ଜଳୁ ପାର ହୋଇ ।୨୭।
କୁବୁଜା ଆଜ୍ଞାଟି ପାଇଲା
ନବ ଯୁବାଟି ସେ ହୋଇଲା ।୨୮।
ଆଜ୍ଞାଟି ଅନ୍ଧ ଯେ ପାଇଣ
ତକ୍ଷଣେ ଦିଶିଲା ନୟନ ।୨୯।
ଆଜ୍ଞା ପାଇ କାଳନ୍ଦୀ ଜଳ
ବିଷ ଯାଇ ହେଲା ନିର୍ମଳ ।୩୦।
ଏମନ୍ତ ଆଜ୍ଞାର ମହିମା
କିସ କହିବି ତା'ର ସୀମା ।୩୧।

ଆଜ୍ଞା ପାଇଁ ଯେ ଜଳ ପୁଣ
ସକଳ ଜୀବର ଜୀବନ ।୩୨।
ଆଜ୍ଞାରୁ ଅଗ୍ନି ଯେ ଜନ୍ମଇ
ସକଳ ଜୀବ ହୃଦେ ଥାଇ ।୩୩।
ଆଜ୍ଞାରୁ ପବନ ଜନ୍ମିଲା
ସକଳ ଘଟେ ବିହରିଲା ।୩୪।
ଆଜ୍ଞାଟି ଲକ୍ଷ୍ମୀ ଯେ ପାଇଲେ
ସର୍ବ ଜୀବଙ୍କୁ ପଡ଼ି ଦେଲେ ।୩୫।
ଆଜ୍ଞାରୁ ବାର ମାସ ହୋଇ
ଶୀତ ବରଷା ଖରା କହି ।୩୬।
ଆଜ୍ଞାରୁ ଷଡ଼ ଋତୁ ହେଲା
ଆଜ୍ଞାରୁ ପୃଥିବୀ ପାଳିଲା ।୩୭।
ଆଜ୍ଞାରୁ ସାତ ବାର ଜାଣ
ଓଲଟ ପାଲଟ ଯେ ପୁଣ ।୩୮।
ଷୋଳ ଘଡ଼ିଟି ଆଜ୍ଞା ପାଇ
ଷାଠିଏ ଦଣ୍ଡେ ଦିନ ଯାଇ ।୩୯।
ଆଜ୍ଞା ପନ୍ଦର ତିଥି ହେଲା
ଅମାବାସ୍ୟା ପୂର୍ଣ୍ଣିମା ଯେ କଲା ।୪୦।
ଆଜ୍ଞାରୁ ଗ୍ରହ ଗଣ ମାନେ
ସପ୍ତବିଂଶ ନକ୍ଷତ୍ର ଗଣେ ।୪୧।
ଆଜ୍ଞାରୁ ସ୍ତ୍ରୀ ପୁରୁଷ ହୋଇ
ଆଜ୍ଞାରୁ ରୂପଟି ହୁଅଇ ।୪୨।

ଆଜ୍ଞାରୁ ରଜ ବୀର୍ଯ୍ୟ ମିଶି
ଶରୀର ଗଢୁଛି ବିଶେଷି ।୪୩।
ଆରୁଙ୍କ ହାଡ଼ ରକ୍ତ ମାଂସ
ରୋମ ନାଡ଼ି ଯେ ଶିରବାସ ।୪୪ ।
ଅନ୍ତପିତ୍ତ ପୁଟି ପିକୋହି
ଚୌଷଠି ରୋଗ ଆଜ୍ଞା ପାଇ ।୪୫ ।
ପାଞ୍ଚ ପଚିଶ ଯେ ପ୍ରକୃତି
ଏମାନେ ଆଜ୍ଞାରେ ଚଳନ୍ତି ।୪୬ ।
ଆଜ୍ଞାରୁ ରୋଗ ମାନ ଚଳେ
ଦେହ ନାଶନ୍ତି ଅବହେଳେ ।୪୭ ।
ଆଜ୍ଞାରୁ ନବ ଦ୍ୱାର କଲା
ଏକା ସୂତ୍ରକେ ଯେ ଖଞ୍ଜିଲା ।୪୮ ।
ଆଜ୍ଞାରୁ ଦେଖି ଶୁଣି ଖାଇ
ଆଜ୍ଞାରୁ ବାସନା ବାରଇ ।୪୯ ।
ଆଜ୍ଞାରୁ ମଳ ମୂତ୍ର କଲରେ
ଦେହ ରହିଛି ଯେ ଆଜ୍ଞାରେ ।୫୦ ।
ଆଜ୍ଞା ହୋଇଲେ ନାଶ ଯାଇ
ଆଜ୍ଞା ହୋଇଲେ ଜାତ କହି ।୫୧ ।
ଏମନ୍ତେ ଆଜ୍ଞା ତା'ର ହୋଇ
ଉତ୍ପତ୍ତି ପ୍ରଳୟ କରଇ ।୫୨ ।
ଆଜ୍ଞାକୁ କର ତୁହି ଆଶ
ନମଇ ଅରକ୍ଷିତ ଦାସ ।୫୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଊନବିଂଶୋଽଧ୍ୟାୟଃ ।

--- ୦ ---

# ବିଂଶ ଅଧ୍ୟାୟ

ଏବେ ସୁମନ ଶୁଣ ତୁହି
ଆଜ୍ଞାରୁ ଆତ ଯାତ ହୋଇ ।୧ ।

ଆଜ୍ଞା ଘେନି ପବନ ଚଳେ
ଆଜ୍ଞା ଖଞ୍ଜାକୁ ଖଞ୍ଜା ଚାଳେ ।୨ ।

ଆଜ୍ଞା ଘେନିଣ ନାସ ଦ୍ୱାରେ
ବିହରେ ରାତ୍ର ଦିବସରେ ।୩ ।

ଆଜ୍ଞାକୁ ଘେନି ସେ ପବନ
ଓଲଟ ପାଲଟ ହୋଇଣ ।୪ ।

ଦ୍ୱାଦଶ ଯୁଣେ ଆତ ଯାତ
ଆଜ୍ଞା ହୋଇଲେ କରେ ହତ ।୫ ।

ଜୀବ ପରମ ଆଜ୍ଞା ପାଇ
ଦେହକୁ ଜାତ କରେ ସେହି ।୬ ।

ମାତା ପିତା ସଂଯୋଗ କାଳେ
ଆଜ୍ଞାଟି ଭାଳି ତେତେ ବେଳେ ।୭ ।

ତିଥି ଲଗ୍ନରେ ବିଚାରଇ
ଆଜ୍ଞାଟି ଶୁଭାଶୁଭ ଦେଇ ।୮ ।

କି ରୂପେ ଥୋକାଏ ଜନ୍ମନ୍ତି
ଆଜ୍ଞାରୁ ଗେଟା କଣା ହନ୍ତି ।୯ ।

କୁଜା କାଲଟି ଜଡା ହୋଇ
ରୋଗୀ ଭିକ୍ଷାସୀ ଆଜ୍ଞା ପାଇ ।୧୦ ।

କି ରୂପେ ଥୋକାଏ ଜନ୍ମନ୍ତି
ଆଜ୍ଞାରୁ ଧନ ବସ୍ତ୍ର ପାନ୍ତି ।୧୧ ।

ଆଜ୍ଞାରୁ ଆଶା ବୃଦ୍ଧି ହୋଇ
ଆଜ୍ଞାରୁ ସୁଗତି ଲଭଇ ।୧୨ ।

କେ ଅବା ମାତା ଗର୍ଭେ ମରେ
କେ ଅବା ଜନ୍ମି ପ୍ରାଣ ହାରେ ।୧୩ ।

କେ ଅବା ଅଳପ ବୟସ
ଆଜ୍ଞାରୁ ହୋଇ ଯାନ୍ତି ନାଶ ।୧୪ ।

କେ ଅବା ବହୁତ ଜୀଅନ୍ତି
ଆଜ୍ଞାରୁ ଜନ୍ମ ମୃତ୍ୟୁ ପାନ୍ତି ।୧୫ ।

ଏମନ୍ତେ ଆଜ୍ଞାରୁଟି ଜାଣ
ଦେହକୁ ସର୍ଜିନାଶେ ପୁଣ ।୧୬ ।

ଆଜ୍ଞାରୁ ପୁଂସ ଅଙ୍ଗ ହୋଇ
ଆଜ୍ଞାରୁ ସ୍ତିରୀ ଅଙ୍ଗ କହି ।୧୭ ।

ଥୋକାଏ ସ୍ତିରୀ ଜନ୍ମ ହ୍ୱନ୍ତି
ବୀଟପୀ ବିଧବା ବୋଲାନ୍ତି ।୧୮ ।

ଥୋକାଏ ସତୀ ଅହ୍ୟ ହେଲେ
ଆଜ୍ଞାରୁ ସୁଗତି ଲଭିଲେ ।୧୯ ।

ଆଜ୍ଞାଟି ହେଲା ମାତା ପିତା
ଆଜ୍ଞାରୁ ଦଇବ ବିଧାତା ।୨୦ ।

ଆଜ୍ଞା ହେଲେଟି ଦେହ ହୋଇ
ବିନା ଆଜ୍ଞାରେ ଦେହ ନାହିଁ ।୨୧ ।
ଆଜ୍ଞାରେ ପ୍ରକୃତି ଚଳନ୍ତି
ଆଜ୍ଞାରେ ରୋଗମାନେ ଥାନ୍ତି ।୨୨ ।
ପ୍ରକୃତି ଗଣ ଆଜ୍ଞା ପାଇ
ଦେହ ନାଶନ୍ତି ଶତ୍ରୁ ହୋଇ ।୨୩ ।
ଆଜ୍ଞାକୁ କେହି ନ ଚିହ୍ନିଲେ
ତେଣୁ ଦେହକୁ ନାଶେ ଭଲେ ।୨୪ ।
ଆଜ୍ଞାକୁ ଯେ ଚିହ୍ନି ପାରଇ
ତାହାର ଜନ୍ମ ମୃତ୍ୟୁ ନାହିଁ ।୨୫ ।
ଆଜ୍ଞାକୁ ଯେ ଚିହ୍ନି ପାରିବ
ମୃତ୍ୟୁ ଥିଲେଟି ସେ ବଞ୍ଚିବ ।୨୬ ।
ହେ ମନ ଆଜ୍ଞାକୁ ତୁ ଚିହ୍ନ
କେଭେ ନ ମରିବୁଟି ପୁଣି ।୨୭ ।
ନବ ଖଣ୍ଡ ପୃଥିବୀ ଜୀବେ
ସଂସାରରେ କେହି ନ ରହିବେ ।୨୮ ।
କେବଳ ମାତ୍ର ଆଜ୍ଞା ଥିବ
ପୃଥିବୀ ପ୍ରଳୟ ହୋଇବ ।୨୯ ।
ଜେ ଜନ ଆଜ୍ଞାକୁ ଚିହ୍ନିବେ
ସେ ଜନ ପ୍ରଳୟେ ନ ଯିବେ ।୩୦ ।
ଅକ୍ଷୟ ପିଣ୍ଡ ସେହୁ ଜାଣ
ପ୍ରଳୟ ହେବ କାହୁଁ ପୁଣ ।୩୧ ।

ବୃକ୍ଷ ପାଷାଣ ତରୁ ତୃଣ
ଆଜ୍ଞାରୁ ନାଶ ଯିବେ ପୁଣ ।୩୨ ।
ଆଜ୍ଞାରୁ ସର୍ବେ ଆତ ଯାତ
ଆଜ୍ଞାରୁ ସର୍ବେ ହନ୍ତି ହତ ।୩୩ ।
ଅଶ୍ୱତ୍‌ଥ ଠାରୁ ବୃକ୍ଷ ତେତେ
ଆଜ୍ଞାରେ ଅଛନ୍ତି ସମସ୍ତେ ।୩୪ ।
ଆଜ୍ଞାରୁ ପୁଷ୍ପ ଯେ ଫୁଟନ୍ତି
ଆଜ୍ଞାରୁ ଫଳ ଯେ ଫଳନ୍ତି ।୩୫ ।
ଆଜ୍ଞାରୁ କାହିଁ ବାସକରେ
କାହିଁବା ଦୁର୍ଗନ୍ଧ ବିଚାରେ ।୩୬ ।
ଆଜ୍ଞାରୁ ଷଢ ରତୁ ହେଲା
ଆଜ୍ଞାରୁ ଅଷ୍ଟ ଧାତୁ କଲା ।୩୭ ।
ଆଜ୍ଞାରୁ ନବ ରତ୍ନ ହୋଇ
ଆଜ୍ଞାରୁ ନାନା ବର୍ଣ୍ଣ କହି ।୩୮ ।
ମେରୁ ଠାରୁ ଯେବେ ପର୍ବତ
ଆଜ୍ଞାରୁ ଅଛନ୍ତି ସମସ୍ତ ।୩୯ ।
ଚାଣ୍ଡାଳୁ ବ୍ରହ୍ମ ଯାଏ ହୋଇ
ଆଜ୍ଞାରୁ ସର୍ବ ଜାତ କହି ।୪୦ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଆଜ୍ଞାରୁ ଅଛନ୍ତି ସମସ୍ତେ ।୪୧ ।
ସିଂହରୁ କୀଟ ଯାଏ ହୋଇ
ଆଜ୍ଞାରୁ ସର୍ବେ ଜାତ କହି ।୪୨ ।

ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଆଜ୍ଞାରୁ ଅଛହିଁ ସେ ସର୍ବ ।୪୩।
ଚଉଦ ବ୍ରହ୍ମାଣ୍ଡ ସହିତେ
ଆଜ୍ଞାରୁ ଅଛନ୍ତି ସମସ୍ତେ ।୪୪।
ନବଖଣ୍ଡ ପୃଥିବୀ ଜାଣ
ଆଜ୍ଞାରୁ ଏମାନ ଭିଆଣ ।୪୫।
ସପ୍ତ ସମୁଦ୍ର ଆଜ୍ଞା ପାଇ
ଆଜ୍ଞାରୁ ସର୍ବେ ଜାତ ହୋଇ ।୪୬।
ଚଳନ୍ତା ଚୌଦ କୋଟି ହୁନ୍ତି
ଆଜ୍ଞାରୁ ଏମାନେ ଚଳନ୍ତି ।୪୭।
ନିଶ୍ଚଳ ଚୌଦ କୋଟି ହୋଇ
ଆଜ୍ଞାରୁ ନ ଚଳିଲେ ସେହି ।୪୮।
ଉଡ଼ା ଚଉଦ କୋଟି ହୁନ୍ତି
ଆଜ୍ଞାରୁ ସେମାନେ ଉଡ଼ନ୍ତି ।୪୯।
ବୁଡ଼ା ଚଉଦ କୋଟି ହୋଇ
ଆଜ୍ଞାକୁ ଘେନି ବୁଡ଼ି ରହି ।୫୦।
ଛପନ କୋଟି ଜୀବ ଜାଣ
ଆଜ୍ଞାରୁ ଜନ୍ମ ଲେଟି ପୁଣ ।୫୧।
ଯେ କାଳେ ପୃଥିବୀ ନ ଥାଇ
ଚନ୍ଦ୍ର ସୂର୍ଯ୍ୟ ଯେ କେହି ନାହିଁ ।୫୨।
ସେ କାଳେ ମହାଶୂନ୍ୟ ଥିଲା
ଶୂନ୍ୟରୁ ଆଜ୍ଞା ପ୍ରକାଶିଲା ।୫୩।
ଆଜ୍ଞାରୁ ପୃଥିବୀ ହୋଇଛି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସଞ୍ଚି ।୫୪।
ଆଜ୍ଞାରୁ ସର୍ବେ ଜାତ ହେଲେ
ଆଜ୍ଞାରୁ ସର୍ବେ ଲୀଳା କଲେ ।୫୫।
କୀଟରୁ ବ୍ରହ୍ମ ଯାଏ ଜାଣ
ଆଜ୍ଞାରୁ ଜାତ ହେଲେ ପୁଣ ।୫୬।
ଏମନ୍ତ ଆଜ୍ଞାର ମହିମା
କହିଲେ ନ ସରଇ ସୀମା ।୫୭।
ସମୁଦ୍ର ବାଲି ଗଣି ହେବ
ଆଜ୍ଞା ମହିଁମା କେ କହିବ ।୫୮।
ଆଜ୍ଞା ମହିଁମା ଭାବେ ରସ
କହଇ ଅରକ୍ଷିତ ଦାସ ।୫୯।
ଆଜ୍ଞାର ମହିଁମା ଅପାର
ସୁଜନେ ଏହା ହେତୁ କର ।୬୦।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ବିଂଶୋଽଧ୍ୟାୟଃ ।

--- ୦ ---

# ଏକବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଆଜ୍ଞାକର
ଆଜ୍ଞାକୁ ଚିହ୍ନିବ ପାମର ।୧ ।
ଆଜ୍ଞାକୁ କେମନ୍ତେ ଚିହ୍ନିବ
ଏ ଭାଷା ମୋତେ କହି ଦେବ ।୨ ।
ଚୈତନ୍ୟ କହେ ମନ ଶୁଣ
ଆଜ୍ଞାକୁ ଚିହ୍ନ ହେ ବହନ ।୩।
ଆଜ୍ଞାରୁ ଜଳ ସ୍ଥଳାନଳ
ଆଜ୍ଞାରୁ ସପତ ପାତାଳ ।୪ ।
ଆଜ୍ଞାରୁ ବ୍ରହ୍ମଲୋକ କହି
ଆଜ୍ଞାରୁ ଦେବଲୋକ ହୋଇ ।୫ ।
ଆଜ୍ଞାରୁ ତପ ଲୋକ କଲା
ଆଜ୍ଞାରୁ ଭୂବ ଲୋକ ହେଲା ।୬ ।
ଆଜ୍ଞାରୁ ସୂର ଲୋକ ହୋଇ
ଆଜ୍ଞାରୁ ଜନ ଲୋକ କହି ।୭ ।
ଆଜ୍ଞାରୁ ଭୂବ ଲୋକ କଲା
ଶୁଣ ସୁମନେ ତା'ର ଲୀଳା ।୮ ।
ଆଜ୍ଞାରୁ ଗ୍ରହଗଣ ମାନ
ଆଜ୍ଞାରୁ ଯମଗଣ ପୁଣ ।୯ ।
ଆଜ୍ଞାରୁ ଭୁତଗଣ କହି
ଆଜ୍ଞାରୁ ପିତୃଗଣ ହୋଇ ।୧୦ ।
ଆଜ୍ଞାରୁ ଯୋଗ୍ନୀଗଣ କଲା
ଆଜ୍ଞାରୁ ପ୍ରେତଗଣ ହେଲା ।୧୧ ।
ଆଜ୍ଞାରୁ ଅପସରା ଗଣ
ଆଜ୍ଞାରୁ ରଦ୍ରଗଣ ଜାଣ ।୧୨ ।
ଆଜ୍ଞାରୁ ପିଶାଚଟି ଜାଣ
ଆଜ୍ଞାରୁ ନାଗ ଗଣ ପୁଣ ।୧୩।
ଆଜ୍ଞାରୁ ବିଷ୍ଣୁଗଣ କଲା
ଆଜ୍ଞାରୁ ତାରା ଗଣ ହେଲା ।୧୪ ।
ଆଜ୍ଞାରୁ ଦେବ ଗଣ ହୋଇ
ଆଜ୍ଞାରୁ ନର ଗଣ କହି ।୧୫ ।
ଆଜ୍ଞାରୁ ସୂରଗଣ ହେଲା
ଆଜ୍ଞା ଅସୁରଗଣ କଲା ।୧୬।
ଆଜ୍ଞାରୁ ଯୋଗ୍ନୀଗଣ ହୋଇ
ଆଜ୍ଞାରୁ ପ୍ରକୃତି ଗଣହିଁ ।୧୭ ।
ଆଜ୍ଞାରୁ ଚରାଚର ପୁଣ
ଆଜ୍ଞାରୁ ସବୁଟି ଭିଆଣ ।୧୮ ।
ଆଜ୍ଞାରୁ ମହାମନ୍ତ୍ର କଲା
ଶୁଣ ସୁମନେ ତାର ଲୀଳା ।୧୯ ।
ଗାୟତ୍ରୀ ସାବିତ୍ରୀ ଆଜ୍ଞାରୁ
ବ୍ରହ୍ମ ସାବିତ୍ରୀ ଯେ ତହିଁରୁ ।୨୦ ।
ଆଜ୍ଞାରୁ ନାରାୟଣ ମନ୍ତ୍ର
ଶୁଣ ସୁମନେ ଦେଇ ଚିତ୍ତ ।୨୧ ।
ଆଜ୍ଞାରୁ ଗୋପାଳ ମନ୍ତ୍ର ହିଁ
ଦେବତା ଭୋଗ ତାରେ ହୋଇ ।୨୨ ।

ଆଜ୍ଞାରୁ ନାନା ମନ୍ତ୍ର ଜାଣ
ଆଜ୍ଞାରୁ ନାନା ଯନ୍ତ୍ର ପୁଣ ।୨୩।
ନାନା ଔଷଧି ଆଜ୍ଞା ପାଇ
ନାନା ମୌଷଧି ଆଜ୍ଞା ହୋଇ ।୨୪।
ଆଜ୍ଞାରୁ ନାନା ଯୋଗ ଜନ୍ମ
ଆଜ୍ଞାରୁ ନାନା ସିଦ୍ଧି ପୁଣ ।୨୫।
ଆଜ୍ଞାରୁ ନାନା ଧ୍ୟାନ ହୋଇ
ଆଜ୍ଞାରୁ ନାନା ଆସନ ହିଁ ।୨୬।
ଆଜ୍ଞାରୁ ନାନା ମାଳ ଶୁଣ
ଆଜ୍ଞାରୁ ନାନା ଜପ ପୁଣ ।୨୭।
ଆଜ୍ଞାରୁ ନାନା ନାମ ହୋଇ
ଶୁଣ ସୁମନେ ଚିତ୍ତ ଦେଇ ।୨୮।
ଆଜ୍ଞାରୁ ନାନା ବୃକ୍ଷ କଲେ
ଆଜ୍ଞାରୁ ଫୁଲ ଯେ ଫୁଟିଲେ ।୨୯।
ଆଜ୍ଞାରୁ ନାନା ପୁଷ୍ପ ହୋଇ
ଆଜ୍ଞାରୁ ନାନା ଫଳ ତହିଁ ।୩୦।
ଆଜ୍ଞାରୁ ନାନା ମଳ କଲା
ଆଜ୍ଞାରୁ ନାନା ଚେର ହେଲା ।୩୧।
ଆଜ୍ଞାରୁ ନାନା ମାଟି ହୋଇ
ଆଜ୍ଞାରୁ ନାନା ବୋଲି କହି ।୩୨।
ଆଜ୍ଞାରୁ ନାନା ଗୋଡ଼ି କଲା
ନାନା ପଥର ବୋଲାଇଲା ।୩୩।
ଅଷ୍ଟ ଧାତୁରେ ନାନା ଦ୍ରବ୍ୟ
ଆଜ୍ଞାରୁ ହୋଇଲେଟି ସର୍ବ ।୩୪।

ଆଜ୍ଞାରୁ ନବରତ୍ନ ହେଲା
ନାନା ପଦାର୍ଥ ବୋଲାଇଲା ।୩୫।
ଆଜ୍ଞାରୁ ନାନା ବସ୍ତ୍ର କହି
ଆଜ୍ଞାରୁ ନାନା ରଙ୍ଗ ହୋଇ ।୩୬।
ଆଜ୍ଞାରୁ ଦଶ ରଙ୍ଗ ହେଲା
ନାନା ବର୍ଣ୍ଣରେ ଭିଆଇଲା ।୩୭।
ଆଜ୍ଞାରୁ ଚାରି ବେଦ ହୋଇ
ନାନାଦି ଶାସ୍ତ୍ର ଆଜ୍ଞାପାଇ ।୩୮।
ଆଜ୍ଞାରୁ ବେଦାନ୍ତଟି ଜାଣ
ଆଜ୍ଞାରୁ ସିଦ୍ଧାନ୍ତ ପ୍ରମାଣ ।୩୯।
ଆଜ୍ଞାରୁ ଯୋଗାନ୍ତଟି ହେଲା
ଆଜ୍ଞାରୁ ନାଗାନ୍ତ ଜନ୍ମିଲା ।୪୦।
ଆଜ୍ଞାରୁ ନାନା ଗ୍ରନ୍ଥ ହୋଇ
ନବ ନାଟକ ଲୀଳା କହି ।୪୧।
ଆଜ୍ଞାରୁ ନାନା ମନ୍ତ୍ର କଲା
ବେଦ ବିଦ୍ୟା ଜ୍ୟୋତିଷ ହେଲା ।୪୨।
ଏମନ୍ତ ନାନା ଗୀତା ହୋଇ
ଆଜ୍ଞାରୁ ସର୍ବ ଜାତ କହି ।୪୩।
ଆଜ୍ଞାରୁ ଷଡରସ କଲା
କଷା ମଧୂର ଯେ ହୋଇଲା ।୪୪।
ଆମ୍ବିଳା ପିତା କ୍ଷାର ହୋଇ
ରାଗ ଆଜ୍ଞରୁ ଜାତ କହି ।୪୫।
ନାନାଦି ଭୋଗ ଯେ ଆଜ୍ଞାରୁ
ଘୃତ ବାହାର ଯେ କ୍ଷୀରରୁ ।୪୬।

ତିଳରେ ତୈଳ ଆଜ୍ଞାପାଇ
ମାଛି ମୁଖରେ ମଧୁ ଥୋଇ ।୪୭ ।
ଆଜ୍ଞାରୁ ଇକ୍ଷୁରେ ଅମୃତ
କାଷ୍ଠରେ ଅଗ୍ନି ଯେ ସମ୍ଭୁତ ।୪୮ ।
ଆଜ୍ଞାରୁ ସବୁ ଯେ ଭିଆଣ
ନାନାଦି ପକ୍ଷୀ ଜନ୍ତୁ ପୁଣ ।୪୯ ।
ଆଜ୍ଞାରୁ ନାନା ସର୍ପ ହେଲେ
ନାନାଦି ବ୍ୟାଘ୍ର ଭାଲୁ କଲେ ।୫୦ ।
ଆଜ୍ଞା ବରାହ ମୃଗ ହୋଇ
ଶଶ କୁରଙ୍ଗ ମର୍କଟହିଁ ।୫୧ ।
ଆଜ୍ଞାରୁ ହସ୍ତ ଘୋଡ଼ା କଲା
ସିଂହ ଶୃଗାଳ ଗଧ ହେଲା ।୫୨ ।
ଆଜ୍ଞାରୁ ଗାଇ ଯେ ମଇଁଷ
ଛେଳି ମେଣ୍ଢା ଘୁଷୁରି ମିଶି ।୫୩।
ଆଜ୍ଞାରୁ ମୂଷା ବେଙ୍ଗ ଜାଣ
ଏଣ୍ଡୁଅ ଝିଟିପିଟି ପୁଣ ।୫୪ ।
ଆଜ୍ଞାରୁ ନାନା ବିଛା କଲା
କୁମ୍ଭୀର ଜୀଆ ନାଡ଼ ହେଲା ।୫୫ ।
ଆଜ୍ଞାରୁ ନାନା ମୀନ ହୋଇ
ଆଜ୍ଞାରୁ ନାନା ପୋକ କହି ।୫୭ ।
ଆଜ୍ଞାରୁ ନାନା ଜନ୍ତୁ ହେଲା
ନାନା ମାଛି ଡାପଁଶ କଲା ।୫୮ ।
ଆଜ୍ଞାରୁ ଯାନା ରୂପ ହୋଇ
ନାନା ଜନ୍ଦା ପିମ୍ପୁଡ଼ି ଓଇ ।୪୮ ।
ଆଜ୍ଞାରୁ ବିରାଡ଼ି କୁକୁର
ଗେଣ୍ଡା କୋଚିଆ ଚରାଚର ।୫୯ ।
ଇତ୍ୟାଦି ଜୀବ ଜନ୍ତୁ ଯେତେ
ଆଜ୍ଞାରୁ ଜାତ ଏଁ ସମସ୍ତେ ।୬୦ ।
କୀଟରୁ ବ୍ରହ୍ମ ଯାଏ ଜାଣ
ଆଜ୍ଞାରୁ ସର୍ବ ଜାତ ପୁଣ ।୬୧ ।
ହେ ମନ ଆଜ୍ଞାକୁ ତୁ ଚିହ୍ନ
ଆଜ୍ଞାରୁ ସବୁଟି ଭିଆଣ ।୬୨ ।
ଆଜ୍ଞାରୁ ଯେତେକ ବ୍ୟବସ୍ଥା
କହିଲେ ନ ସରଇ କଥା ।୬୩।
ଆଜ୍ଞାରୁ ଭିଆଣ ଅଶେଷ
ନମଇ ଅରକ୍ଷିତ ଦାସ ।୬୪ ।
ଆହେ ସୁଜନ ଜନେ ଶୁଣ
ଆଜ୍ଞାରୁ ସବୁଟି ଭିଆଣ ।୬୫ ।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଏକବିଂଷୋଽଧ୍ୟାୟଃ ।

--- ୦ ---

# ଦ୍ୱାବିଂଶ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ଆଜ୍ଞାକୁ ନ ଚିହ୍ନନ୍ତି କେହି ।୧ ।

ଆଜ୍ଞାରୁ ଅକ୍ଷର ଜନ୍ମିଲା
ଆଜ୍ଞାରୁ ନାନା କ୍ଷର ହେଲା ।୨ ।

ଆଜ୍ଞାରୁ କୋଟି କୋଟି ହୋଇ
ଜନ୍ତୁ ଅଛନ୍ତି ଦେହ ବହି ।୩।

ଆଜ୍ଞାରୁ କୋଟି କୋଟି ମରେ
ଆଜ୍ଞାଟି ଏମନ୍ତି ବିଚାରେ ।୪ ।

ଆଜ୍ଞାର ମହିମା ନ ଜାଣି
ଜନ୍ମ ମୃତ୍ୟୁ ଲଭନ୍ତି ପ୍ରାଣୀ ।୫ ।

ଆଜ୍ଞା ନୋହିଲେ ମୃତ୍ୟୁ ନାହିଁ
ଆଜ୍ଞା ହୋଇଲେ ମୃତ୍ୟୁ ହୋଇ ।୬ ।

ଆଜ୍ଞା ହୋଇଲେ ଜାତ ପୁଣ
ଆଜ୍ଞାରୁ ସବୁ ଯେ ଭିଆଣ ।୭ ।

ଆଜ୍ଞାରୁ ବହେଟି ପବନ
ସର୍ବ ଘଟରେ ସେ ଜୀବନ ।୮ ।

ଆଜ୍ଞାରୁ ଅଗ୍ନି ସର୍ବ ଭୂତେ
କାଷ୍ଠ ଭିତରେ ସେ ଗୁପତେ ।୯ ।

ଆଜ୍ଞାରୁ ଜଳ ଜାତ ହୋଇ
ଘଟେ ଘଟେଟି ସେହୁ ଥାଇ ।୧୦ ।

ଆକାଶୁ ମହୀଯାଏଁ ପୁଣ
ଆଜ୍ଞାଟି ତାହାର ପ୍ରମାଣ ।୧୧ ।

ଆଜ୍ଞାରୁ ଶବଦ ଘୋଟିଲା
ନାନା ଶବଦ ପ୍ରକାଶିଲା ।୧୨ ।

ଯାହାକୁ ଯେମନ୍ତ ଶବଦ
ଆଜ୍ଞାରୁ କରୁଛନ୍ତି ନାଦ ।୧୩।

ଜଳ ପବନ ଅଗ୍ନି ହୋଇ
ଆଜ୍ଞାରୁ ଶବଦ କହଇ ।୧୪ ।

ଆଜ୍ଞାରୁ କୋଟି କୋଟି ବାଦ୍ୟ
ଯାହାକୁ ଯେମନ୍ତ ଶବଦ ।୧୫ ।

ଆଜ୍ଞାରୁ କୀଟ ବ୍ରହ୍ମ ଯାଏଁ
ନାନା ଶବଦ ସର୍ବ ଠାଏ ।୧୬।

ଛପନ କୋଟିରେ ଶବଦ
ଆଜ୍ଞାରୁ କରୁଅଛି ନାଦ ।୧୭ ।

ଆଜ୍ଞାରୁ ଜୀବକୁଟି ଜୀବ
ଖାଉ ଅଛନ୍ତି ଅସମ୍ଭବ ।୧୮ ।

ଏଥିରେ ପାପପୁଣ୍ୟ ନାହିଁ
ଧର୍ମ ଅଧର୍ମ ଥିବ କାହିଁ ।୧୯ ।

ଆଜ୍ଞାରୁ ଜୀବକୁଟି ଜୀବ
ଜାତ କରୁଛି ଅସମ୍ଭବ ।୨୦ ।

ଏଥିରେ ଶୁଭାଶୁଭ ନାହିଁ
ସ୍ୱର୍ଗ ନରକ ଅବା କାହିଁ ।୨୧ ।

ଆଜ୍ଞାରୁ ଏହାକୁ ମାନଇ
ଆଜ୍ଞାରୁ ଏହାକୁ ଖଟଇ ।୨୨ ।

ଆଜ୍ଞାରୁ ନାମ ଜାତି ହେଲା
ଆଜ୍ଞାରୁ ଭକତି ଜନ୍ମିଲା ।୨୩।
ଆଜ୍ଞାରୁ ସଂସାର ସାଗର
ଆଜ୍ଞାକୁ ହୃଦେ ହେତୁ କର ।୨୪।
ଆଜ୍ଞାକୁ ହୃଦେ ତୁ ଭାବିଲେ
ସଂସାରେ ଥିବୁ ତୁହି ଭଲେ ।୨୫।
ନୋହିଲେ କେବେ ଗତି ନାହିଁ
ଭ୍ରମୁଛୁ ତୁହି କିସ ପାଇଁ ।୨୬।
ମନ୍ତ୍ର ଯନ୍ତ୍ରରେ ନାହିଁ ଜାଣ
ଧ୍ୟାନ ସୂତ୍ରରେ କାହିଁ ପୁଣ ।୨୭।
ନାନାଦି ଯୋଗ କଲେ ତୁହି
ତହିଲେ କେବେ ଗତି ନାହି ।୨୮।
ନାନାଦି ଦେବତା ପୂଜିଲେ
ଗତିଟି ନାହିଁ କିଛି ଭଲେ ।୨୯।
ନାନାଦି ତୀର୍ଥ କରିଯାଇଁ
ଗତି ତହିଲେ କିଛି ନାହିଁ ।୩୦।
କେବଳ ମନରଟି ଭ୍ରମ
ଏହା ତୁ ଚିତ୍ତେ ଅନୁମାନ ।୩୧।
ଆଜ୍ଞାକୁ କେବେ ନ ଚିହ୍ନିଲା
ନାନା କର୍ମରେ ସେ ଭ୍ରମିଲା ।୩୨।
ସେ କାହିଁ ରହିବ ସଂସାରେ
ଶୁଣ କହିବା କିଛୁ ତୋରେ ।୩୩।
ଏବେ ଆଜ୍ଞାକୁ ତୁହି ଚିହ୍ନ
ଏ ଦେହ ସତ୍ୟ ତୁ ନ ମଣ ।୩୪।
କ୍ଷଣକେ ଏ ଦେହଟି ଯିବ
ଆଜ୍ଞାକୁ ଚିହ୍ନିଲେ ରହିବ ।୩୫।
ମନ କହୁଛି ପ୍ରଭୁ ଶୁଣ
ଆଜ୍ଞାକୁ ଚିହ୍ନିବ କେସନ ।୩୬।
ତୁମ୍ଭର ଦୟା ଯେବେ ହେବ
ଆଜ୍ଞାକୁ ତେବେ ବା ଚିହ୍ନିବି ।୩୭।
ନୋହିଁଲେ ମୁଁ କିସ ଚିହ୍ନିବି
କିମ୍ବା ସଂସାରେ ମୁହିଁ ଥିବି ।୩୮।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମୃଦୁ ବାଣୀ ।୩୯।
ହେ ମନ ଶୁଣ ମୋ ବଚନ
ଖଣ୍ଡ ଗିରିକି ଛାଡ଼ ପୁଣ ।୪୦।
ଏକାନ୍ତ ହୋଇଣ ଭ୍ରମିବୁ
କାହାରି ସଙ୍ଗ ତୁ ନୋହିବୁ ।୪୧।
ଅଗମ୍ୟ ବନସ୍ତ ଭିତରେ
ଆଜ୍ଞାକୁ ଧରିବୁ ହୃଦରେ ।୪୨।
ନିତି ଅରଣ୍ୟେ ବୁଲୁଥିବୁ
ଥିର ହୋଇଣ ନ ରହିବୁ ।୪୩।
ଖରା ବରଷା ଶୀତ ତୁହି
ସହିବୁ ନାନା କଷ୍ଟ ପାଇ ।୪୪।
ବୁଲନ୍ତେ ଯାହାକୁ ପାଇବୁ
ତାହା ତୁ ସୁଖେଣ ଭୁଞ୍ଜିବୁ ।୪୫।
ସକଳ ଜୀବେ ଏକ ଭାବ
ତେବେ ଏ ସଂସାରୁ ତରିବ ।୪୬।

ସକଳ ସମାନ ଦେଖିବୁ
ଆଜ୍ଞାକୁ ମନେ ଭାବୁଥିବୁ ।୪୭ ।
ସେ ପ୍ରଭୁ ଆଜ୍ଞା ହେବ ଜାଣ
ସକଳ କଷ୍ଟ ଯିବ ପୁଣ ।୪୮ ।
ଖରା ବରଷା ଶୀତ ହୋଇ
ତୋତେ ନ କାଟି ବେଟି କେହି ।୪୯ ।
କ୍ଷୁଧା ତୃଷାହିଁ ଦୂରେ ଯିବ
ରୋଗ ବ୍ୟାଧିହିଁ ନ କରିବ ।୫୦ ।
ପ୍ରକୃତି ମାନେ ଯିବେ ଜାଣ
ତେବେ ପାଇବୁ ସୁଖ ପୁଣ ।୫୧ ।
ଆଜ୍ଞାକୁ ନିତ୍ୟେ ଭାବୁଥିବୁ
ତୁହି କେବେହେ ନ ମରିବୁ ।୫୨ ।

ସକଳ ଜୀବେ ଏକ ଦେହୀ
ଭୟତୁ ନ କରିବୁ କାହିଁ ।୫୩ ।
ଆଜ୍ଞାକୁ ନିତି ଚିନ୍ତି ଥିବୁ
ଭୟ ତୁ କାହିଁ ନ ରଖିବୁ ।୫୪ ।
ତୁହି ଦେଖିବୁ ସର୍ବ ଦେହୀ ।
ତେତେ ନ ଦେଖିବେଟି କେହି ।୫୫ ।
କହିଲି ଆଜ୍ଞାରୁ ମହିମା
ଏହି ଭାବକୁ କର ସିନା ।୫୬ ।
ଏବେ ଅରଣ୍ୟେ ତୁହି ପଶ
କହଇ ଅରକ୍ଷିତ ଦାସ ।୫୭ ।
ଆହେ ସୁଜନ ଜନ ମାନେ
ମୋ ଦୋଷ ନ ଧରିବ ମନେ ।୫୮ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱାବିଂଶୋଽଧ୍ୟାଃ

--- ୦ ---

# ତ୍ରୟୋବିଂଶ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ତୁହି ମୁହିଁଟି ଆଜ୍ଞା ପାଇ ।୧ ।
ସେ ଆଜ୍ଞା ତୁହିଟି ଛାଡୁଛି
ସଂସାରେ କିମ୍ପାଇ ଭ୍ରମୁଛୁ ।୨ ।
ସଂସାର ମିଥ୍ୟା ବୋଲି ଜାଣ
ଆଜ୍ଞାକୁ ବେଗେ ତୁହି ଚିହ୍ନ ।୩ ।
ଚଉଦ ବ୍ରହ୍ମାଣ୍ଡଟି ମିଥ୍ୟା
ଆଜ୍ଞାଟି ସତ୍ୟହିଁ ସର୍ବଥା ।୪ ।
ସପ୍ତ ସମୁଦ୍ର ମିଥ୍ୟା ଜାଣ
ଆଜ୍ଞାଟି ସତ୍ୟ ଏ ପ୍ରମାଣ ।୫ ।
ନବ ଖଣ୍ଡ ପୃଥିବୀ ମନ୍ତୁ
ଆଜ୍ଞାଟି ସତ୍ୟ ଏ ପ୍ରତ୍ୟକ୍ଷ ।୬ ।
ତେତିଶ କୋଟି ଜୀବ ପୁଣ
ମିଥ୍ୟାଟି ବୋଲି ସର୍ବ ଜାଣ ।୭ ।
ଭୂଲୋକ ବ୍ରହ୍ମଲୋକ କହି
ମିଥ୍ୟା ବୋଲିଣ ଜାଣ ତୁହି ।୮ ।
ଆକାଶ ଶୂନ୍ୟ ମହାଶୂନ୍ୟ
ମିଥ୍ୟା ବୋଲିଣ ଏହୁ ଜାଣ ।୯ ।
ଜଳ ପବନ ଅଗ୍ନି ହୋଇ
ମିଥ୍ୟା ବୋଲିଣ ଜାଣ ତୁହି ।୧୦ ।
ଚନ୍ଦ୍ର ସୂର୍ଯ୍ୟ ଯେ ତାରା ଗଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୧୧ ।
ଆଜ୍ଞାରୁ ଏମାନେ ଜନ୍ମନ୍ତି
ସଂସାରେ ଲୀଳା କରୁଛନ୍ତି ।୧୨ ।
ସଂସାରେ ଯେତେ ଜାତ ହୋଇ
ମିଥ୍ୟା ବୋଲିଣ ଜାଣ ତୁହି ।୧୩ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ମିଥ୍ୟା ବୋଲିଣ ଜାଣ ଚିତ୍ତେ ।୧୪ ।
ଚାଣ୍ଡାଳୁ ବ୍ରହ୍ମ ଯାଏ ପୁଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୧୫ ।
ମେରୁ ଠାରୁ ଯେତେ ପର୍ବତ
ମିଥ୍ୟା ବୋଲିଣ ଜାଣ ସତ୍ୟ ।୧୬ ।
ଅଶ୍ୱତ୍ ଠାରୁ ବୃକ୍ଷ ଯେତେ
ମିଥ୍ୟା ବୋଲିଣଟି ସମସ୍ତେ ।୧୭ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ମିଥ୍ୟା ବୋଲିଣ ଜାଣ ସର୍ବ ।୧୮ ।
ଛପନ କୋଟି ଜୀବ ଯେତେ
ମିଥ୍ୟା ଏ ଅଟନ୍ତି ସମସ୍ତେ ।୧୯ ।
ଆଜ୍ଞାରୁ ସର୍ବେ ଜନ୍ମୁଛନ୍ତି
ଆଜ୍ଞା ହୋଇଲେ ଯେ ମରନ୍ତି ।୨୦ ।
ଉଡ଼ା ବୁଡ଼ା ଚଳ ନିଶ୍ଚଳ
ମିଥ୍ୟାଟି ଜାଣିବ ସକଳ ।୨୧ ।
ଧର୍ମ ଅଧର୍ମ ପାପ ପୁଣ୍ୟ
ମିଥ୍ୟା ବୋଲିଣ ସର୍ବ ଜାଣ ।୨୨ ।

ସ୍ୱର୍ଗ ନରକ ଶୁଭାଶୁଭ
ମିଥ୍ୟା ବୋଲିଣ ହୃଦେ ଭାବ ।୨୩।
ଏ ଦେହ ମିଥ୍ୟା ତୁହି ଜାଣ
ଆଜ୍ଞାଟି ସତ୍ୟ ଏ ପ୍ରମାଣ ।୨୪।
ନୟନେ ଦେଖୁ ଶୁଣୁ ଯାହା
ଏ ସର୍ବ ମିଥ୍ୟା ବୋଲି ତାହା ।୨୫।
ବେଦ ପୁରାଣ ଶାସ୍ତ୍ର ଯେତେ
ମନ୍ତ୍ରମାଳା ମିଥ୍ୟା ସମସ୍ତେ ।୨୬।
ତିଳକ ଭଜନ ସ୍ମରଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୨୭।
ଯୋଗ ଜ୍ଞାନ ଧ୍ୟାନ ହିଁ ଯେତେ
ମିଥ୍ୟା ବୋଲିଣ ଜାଣ ଚିତ୍ତେ ।୨୮।
ବେଦାନ୍ତ ଯୋଗାନ୍ତ ସିଦ୍ଧାନ୍ତ
ନାଗାନ୍ତ ମିଥ୍ୟା ଏ ସମସ୍ତ ।୨୯।
କାମ କନ୍ଦର୍ପ ମୃତ୍ୟୁ କାଳ
ଜାଣଟି ଏ ମିଥ୍ୟା ସକଳ ।୩୦।
ନବ ଗ୍ରହ ତ୍ରିବେଣୀ ଧାର
ଜାଣିବୁ ମିଥ୍ୟା ଏ ନିକର ।୩୧।
ଷଡ଼ ରିପୁ ଯେ ପାଞ୍ଚମନ
ମିଥ୍ୟା କରିଣ ତୁହି ଘେନ ।୩୨।
ପଚିଶ ପ୍ରକୃତି ଯେ ହୋଇ
ମିଥ୍ୟା ବୋଲିଣ ଜାଣ ତୁହି ।୩୩।
ପଞ୍ଚାଶ ଦଳ ମିଥ୍ୟା ଜାଣ
ଚୌଷଠି ରୋଗ ମିଥ୍ୟା ପୁଣ ।୩୪।

ସାତସ ବାସ୍ତରୀ ନାଡ଼ି ହିଁ
ମିଥ୍ୟା ବୋଲିଣ ଜାଣ ତୁହି ।୩୫।
କ୍ଷୁଧା ତୃଷା ଯେ ନିଦ୍ରା ଭୟ
ମିଥ୍ୟା ବୋଲିଣ ସର୍ବ କହ ।୩୬।
ହିଂସା ମାୟା ମୋହଟି ରାଗ
ଏ ସର୍ବ ମିଥ୍ୟା ବୋଲି ଭାବ ।୩୭।
ମିଥ୍ୟା ଅଣଚାଶ ପବନ
ଆଜ୍ଞାଟି ସତ୍ୟ ଏ ପ୍ରମାଣ ।୩୮।
ଆଜ୍ଞାର ସର୍ବେ ଜାତ ହୋଇ
ଆଜ୍ଞା ବ୍ୟତିତ କେହି ନାହିଁ ।୩୯।
ରାତ୍ର ଦିବସ ଯେ ଗ୍ରୀଷମ
ମିଥ୍ୟା ବୋଲିଣ ତୁହି ଜାଣ ।୪୦।
ଖରା ବରଷା ଶୀତ ହୋଇ
ମିଥ୍ୟା ବୋଲିଣ ଜାଣ ତୁହିଁ ।୪୧।
ଅଷ୍ଟ ଧାତୁ ଯେ ଷଡ଼ ରତୁ
ମିଥ୍ୟା ବୋଲିଣ ଜାଣ ହେତୁ ।୪୧।
ଷଡ଼ ରସ ଯେ ନବ ରତ୍ନ
ଏ ସର୍ବ ମିଥ୍ୟା ମନେ ଘେନ ।୪୩।
ସ୍ୱର୍ଗ ମଞ୍ଚ ପାତାଳ ଭୂଇଁ
ମିଥ୍ୟା ବୋଲିଣ ଏହା କହି ।୪୪।
ସପ୍ତ ପାତାଳ ମିଥ୍ୟା ପୁଣ
ନ ଖଣ୍ଡ ପୃଥ୍ୱୀ ମିଥ୍ୟା ଜାଣ ।୪୫।
ଦେବଗଣ ସୁରଗଣ ହିଁ
ମିଥ୍ୟା ବୋଲିଣ ଜାଣ ତୁହି ।୪୬।

ନର ଗଣ ରାକ୍ଷସ ଗଣ
ଏ ସର୍ବ ମିଥ୍ୟା ବୋଲି ଜାଣ ।୪୭ ।
ଯୋଗି ଗଣଟି ମିଥ୍ୟା କହି
ପିତୃ ଗଣଟି ଅବା କାହିଁ ।୪୮ ।
ପିଶାଚ ଗଣ ନାଗଗଣ
ଏ ସର୍ବ ମିଥ୍ୟା ବୋଲି ଜାଣ ।୪୯ ।
ଗ୍ରହଗଣ ଯମ ଗଣ ହିଁ
ଏ ସର୍ବ ମିଥ୍ୟା ଜାଣ ତୁହି ।୫୦ ।
ଋଷିଗଣ ଯେ ଯୋଗ୍ନୀଗଣ
ମିଥ୍ୟା ବୋଲିଣ ତୁହି ଜାଣ ।୫୧ ।
ବିଷ୍ଣୁ ଗଣ ରୁଦ୍ରଗଣ ହିଁ
ମିଥ୍ୟା ବୋଲିଣ ସର୍ବ କହି ।୫୨ ।
ମିଥ୍ୟାଟି ଭୂତ ପ୍ରେତ ଗଣ
ଅପ୍‌ସରା ଗଣ ମିଥ୍ୟା ଜାଣ ।୫୩।
ତପ ଲୋକ ଦେବ ଲୋକ ହିଁ
ଏ ସର୍ବ ମିଥ୍ୟା ଜାଣ ତୁହି ।୫୪ ।
ପୃଥ୍ୱି ଜଳ ସ୍ଥଳ ଅନଳ
ମିଥ୍ୟାଟି ଜାଣିବ ସକଳ ।୫୫ ।
ଚାରି ମେଘଟି ଚାରି ବେଦ
ମିଥ୍ୟା ବୋଲିଣ ସର୍ବ ଭେଦ ।୫୬।
ଆକାଶୁ ମହୀ ଯାଏ ପୁଣ
ମିଥ୍ୟା ବୋଲିଣ ସର୍ବ ଜାଣ ।୫୭ ।
କୀଟରୁ ବ୍ରହ୍ମ ଯାଏ ତୁହି
ମିଥ୍ୟା ବୋଲିଣ ଜାଣ କହି ।୫୮ ।
କେବଳ ଆଜ୍ଞା ମାତ୍ର ସତ୍ୟ
ଆଜ୍ଞାରୁ ସର୍ବେ ହେଲେ ଜାତ ।୫୯ ।
ଆଜ୍ଞାରୁ ସଂସାର ସାଗର
ସ୍ଥାବର ଯେତେ ଚରାଚର ।୬୦ ।
ହେ ମନ ଆଜ୍ଞାରୁ ଟି ସର୍ବ
ଆଜ୍ଞାହୁଁ ନାହିଁ ଅନ୍ୟ ଦେବ ।୬୧ ।
ଆଜ୍ଞା ଭାବର ରସେ ରସ
ନମଇ ଅରକ୍ଷିତ ଦାସ ।୬୨ ।
ଆହେ ସୁଜନ ମାନେ ଶୁଣ
ସର୍ବ ମିଥ୍ୟା ଆଜ୍ଞା ପ୍ରମାଣ ।୬୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ତ୍ରୟୋବିଂଶୋଽଧ୍ୟାୟଃ

--- ୦ ---

# ଚତୁର୍ବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ବାଣି
ଆଜ୍ଞା କେ ଦେଉଅଛି ପୁଣି ।୧ ।
ତାହାର ସ୍ଥାନ ସ୍ଥିତି କହ
ଯେବେ ତରିବି ମାୟା ମୋହ ।୨ ।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ ସ୍ତମ୍ଭୀଭୂତ ପୁଣ ।୩ ।
ତାହାର ସ୍ଥାନ ସ୍ଥିତି ମୁହିଁ
ଏ ଦେହେ ଜାଣିବଟି କାହିଁ ।୪ ।
ଆଜ୍ଞା ପାଇଣ ମୁଁ ଅଇଲି
ଏ ଦେହେ ଥାଇ ପାଶୋରିଲି ।୫ ।
ସେ ଆଜ୍ଞା ଶିରେ ଧରି ଅଛି
ଏ ଦେହେ ବାସ ମୁଁ କରୁଛି ।୬ ।
ସେ ଆଜ୍ଞା ହେବ ଯେଉଁ ଦିନ
ଏ ଦେହ ଚାଡ଼ି ଯିବି ପୁଣ ।୭ ।
ଏ ଦେହ ଯେବେ ଛାଡ଼ି ଯିବି
ସେ ସ୍ଥାନ ସ୍ଥିତି ମୁଁ ଜାଣିବି ।୮ ।
ଯହିଁରୁ କୋଟି କୋଟି ବ୍ରହ୍ମା
ଆଜ୍ଞା ପାଇ ଜନମ ସିନା ।୯ ।
ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ବିଷ୍ଣୁ ଜନ୍ମ କହି । ।୧୦ ।
ଯହିଁରୁ କୋଟି କୋଟି ଶିବ
ଆଜ୍ଞାରୁ ଜନ୍ମ ଅସମ୍ଭବ ।୧୧ ।
ଯହିଁରୁ କୋଟି କୋଟି ହୋଇ
ଚନ୍ଦ୍ର ଜନ୍ମିଛି ଆଜ୍ଞା ପାଇ ।୧୨ ।
ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ଇନ୍ଦ୍ର ସେ ଜନ୍ମଇ ।୧୩ ।
ଯହିଁରୁ କୋଟି କୋଟି ଜାଣ
ଆଜ୍ଞାରୁ ଜନ୍ମ ସୂର୍ଯ୍ୟ ପୁଣ ।୧୪ ।
ଯହିଁରୁ କୋଟି କୋଟି ଜାଣ
ଆଜ୍ଞାରୁ ଜନ୍ମି ଯୂର୍ଯ୍ୟ ପୁଣ ।୧୫ ।
ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ବେଦ ଯେ ଜନ୍ମଇ ।୧୬ ।
ଯହିଁରୁ କୋଟି କୋଟି ଜାଣ
ଆଜ୍ଞାରୁ ଭକ୍ତଟି ଜନ୍ମିଣ ।୧୭ ।
ଯହିଁ କୋଟି କୋଟି ଗ୍ରନ୍ଥ
ଆଜ୍ଞାରୁ ହୋଇଛନ୍ତି ଜାତ ।୧୮ ।
ଯହିଁରୁ କୋଟି କୋଟି ପୁଣ
ଆଜ୍ଞାରୁ ଅକ୍ଷର ଜନ୍ମିଣ ।୧୯ ।
ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ନାମ ଜନ୍ମ କହି ।୨୦ ।

ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ପବନ ଜନ୍ମଇ ।୨୧।
ଯହିଁରୁ କୋଟି କୋଟି ଜାଣ
ଆଜ୍ଞାରୁ ଅଗ୍ନି ଜନ୍ମ ପୁଣ ।୨୨।
ଯହିଁରୁ କୋଟି କୋଟି ହୋଇ
ଆଜ୍ଞାରୁ ଜଳ ଜାତ ହୋଇ ।୨୩।
ଏକନ୍ତେ ସେ ସ୍ଥାନ ମହିମା
ଆଜ୍ଞାରୁ ସର୍ବ ଜାତ ସିନା ।୨୪।
ତାହାର ସ୍ଥାନ ସ୍ଥିତି କେହି
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।୨୫।
ଆସଇ କେଁ ରୂପ ହୋଇ
ଯାଇଟି କେହି ନ ଜାଣଇ । ।୨୬।
ଆସିବା କଥା ଯେ ଜାଣିବ
ଯିବା କଥାଟି ବଝିଥିବ ।୨୭।
କି ରୂପେ ଦେହ ଧରି ଥାଇ
କି ରୂପେ ଦେହ ଛାଡ଼ି ଯାଇ ।୨୮।
କେଉଁ ସ୍ଥାନରୁ ଆସିଥିଲା
କେଉଁ ସ୍ଥାନକୁ ସେହୁ ଗଲା ।୨୯।
ଏ ଦୁଇ କଥା ଯେ ଜାଣିବ
ସେ ସ୍ଥାନ ମହିମା କହିବ ।୩୦।
ହେ ମନ ତୁହି ପଚାରିଲୁ
ସେ ସ୍ଥାନ ମହିମା ଶୁଣିଲୁ ।୩୧।
ସେ ସ୍ଥାନ ମୁହିଁ ନ ଜାଣଇ
ଏ ଦେହ ଥାଇ ମୁଁ ଭ୍ରମଇ ।୩୨।
ଆଜ୍ଞା ହୋଇଲେ ଏଥୁ ଯିବି
ସେ ସ୍ଥାନ ଭିତରେ ପଶିବି ।୩୩।
ତୁହିତ ମୋର ସଙ୍ଗେ ଥିବୁ
ଅବଶ୍ୟ ସେ ସ୍ଥାନ ଦେଖିବୁ ।୩୪।
ପ୍ରକୃତି ଗଣ ଯେ ମରିବ
ଦେହଟି ମାଟିରେ ମିଶିବ ।୩୫।
ମନ କହୁଛି ପ୍ରଭୁ ଶୁଣ
ଏ ଦେହ ରହିବ କେସନ ।୩୬।
ଏ ଦେହେ ଦିନା କେତେ ତୁହି
ଲୀଳା ତୁ କର ଭାବଗ୍ରାହୀ ।୩୭।
ହେ ମନ ତୁହି ନାଶ କରୁ
ପ୍ରକୃତି ସଙ୍ଗେ ତୁ ବିହରୁ ।୩୮।
ମୋହର କିଛି ଦୋଷ ନାହି
ତୁହିତ ମୋତେ ପାଞ୍ଚ କହି ।୩୯।
ତାହାଙ୍କ ସଙ୍ଗେ ତୁ ଭ୍ରମିଲୁ
ମୋତେ ମାରିବାକୁ ପାଞ୍ଚିବୁ ।୪୦।
ତହିଁ ମୁହିଁଟି ଏକ ଦେହୀ
ମାୟାରେ ମୋତେ ଚାଡ଼ି ଦେଇ ।୪୧।
ମାତା ପିତା ସଙ୍ଗମ କାଳେ
ତୁହି ମୁହିଁଟି ଏକା ବେଳେ ।୪୨।

ଆଜ୍ଞାରୁ ଆମ୍ଭେ ଜାତ ହୋଇ
ଗର୍ଭରେ ଦଶମାସ ରହି ।୪୩।
ପୁଣି ଆମ୍ଭକୁ ଆଜ୍ଞା ଦେଲେ
ପୃଥ୍ୱୀରେ ଜନ୍ମ ହୋ ବୋଇଲେ ।୪୪।
ଗର୍ଭରୁ ପଡ଼ିଣ ପୃଥ୍ୱୀରେ
ଆଜ୍ଞାତ ଛାଡ଼ିଲୁ ମାୟାରେ ।୪୫।
ମୁହିଁ ତୋ ସଙ୍ଗେ ଧନ୍ଦି ହେଲି
ସେ ଆଜ୍ଞା ମୁହିଁ ପାଶୋରିଲି ।୪୬।
ତେଣୁ ହୋଇଲି ହତଜ୍ଞାନ
ହେ ମନ ଶୁଣ ସାବଧାନ ।୪୭।
ତୋତେ ମୁଁ ରାଜ ପଣଦେଲି
ପ୍ରକୃତି ଗଣ ସମର୍ପିଲି ।୪୮।
ବୋଇଲି ଏହାଙ୍କୁ ପୋଷିବୁ।
କିଛି କିଛି ଆହାର ଦେବୁ ।୪୯।
ଏମନ୍ତ କହି ମୁଁ ରହିଲି
ତୋତେ ମୁଁ ଦେବ ସମର୍ପିଲି ।୫୦।
ତୁହି ତାହାଙ୍କ ସଙ୍ଗେ ଥାଇ
ଦେହକୁ ନାଶୁଅଛୁ ତୁହି ।୫୧।
ବହୁତ ଖାଇବାକୁ ଦେଲୁ
ତାଙ୍କ ମହିମା ନ ଜାଣିଲୁ ।୫୨
ଆହାର ଖାଇ ମତ୍ତ ହେଲେ
ଜଣ ଜଣକେ ପାଞ୍ଚ କଲେ ।୫୩।
ତାହାଙ୍କ ବଳ ଯେ ଅଶେଷ
କହଇ ଅରକ୍ଷିତ ଦାସ ।୫୪।
ସୁଜନ ଜନ ମାନେ ଶୁଣ
ପ୍ରକୃତି ମହିମା ଏସନ ।୫୫।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଚତୁର୍ବିଂଶୋଽଧ୍ୟାୟ

--- ୦ ---

# ପଞ୍ଚବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଅନ୍ତର୍ଯ୍ୟାମୀ
କି ବୁଦ୍ଧି କରିବି ମୁଁ ପୁଣି ।୧ ।
ହେ ପ୍ରଭୁ ଜଗତ ଜୀବନ
ଏହାଙ୍କୁ କିଣିବି କେସନ ।୨ ।
ହେ ମନ ତୁହି ଏବେ ରହ
ଅଳ୍ପ ଆହାର ତୁହି ଦିଅ ।୩।
ଆହାର ଖାଇ ତାଙ୍କ ବଳ
ଦେହ ନାଶନ୍ତି ଯେ ସକଳ ।୪ ।
ହିଂସା ରାଗଟି ମୋହ ମାୟା
ଏହାଙ୍କୁ କେବେ ନାହିଁ ଦୟା ।୫ ।
ମିଥ୍ୟା ଅସତ୍ୟ ତମ କାମ
ଲୋଭ କ୍ରୋଧଟି ଚିନ୍ତା ମନ ।୬।
କୁବୁଦ୍ଧି କୁବଚନ ହୋଇ
କୁଟ କପଟ ଜାଣ ତୁହି ।୭ ।
କୁଟିଳ କୁଜନ ଦୁର୍ଜନ
ବିତର୍କ ଅହଙ୍କାର ପୁଣ ।୮ ।
ଦୁଃଖ ଦୁଷ୍ଟ କୁଜ୍ଞାନ ମନ୍ଦ
ପାପ ବିଷୟ ବାଦ ଦ୍ୱନ୍ଦ ।୯ ।
ଟାହି ଟାପରା ଶୁଣ ତୁହି
ଅପର୍ତ୍ତ୍ୟା ଦଣ୍ଡିଆ ଯେ ହୋଇ ।୧୦ ।
ଅସାଧୁକୁ ସାଧୁ ଚଞ୍ଚଳ
ଅଧର୍ମ ଅଶୁଭି ନିର୍ମଳ ।୧୧ ।
କ୍ଷୁଧ ତୃଷା ଯେ ଦୁର୍ବାସନା
ଦୁର୍ଗନ୍ଧ ଅବିଚାର ସିନା ।୧୨ ।
ଆହାର ନିଦ୍ରା ଭୟ ହୋଇ
ମୈଥୁନ ବାୟୁ ନାଶେ ଦେହୀ ।୧୩।
ଚୈଷଠି ରୋଗ ଯାଙ୍କ ମୂଳେ
ଦେହ ଜାଣନ୍ତି ଅବହେଳେ ।୧୪ ।
ଏକାଦଶ ଇନ୍ଦ୍ରିୟେ ଥାନ୍ତି
ଚେଷ୍ଟାର ସଙ୍ଗେ ସେ ଚଳନ୍ତି ।୧୫ ।
ତ୍ରିଗୁଣ ପାଞ୍ଚ ମନ ସଙ୍ଗେ
ପଚିଶ ପ୍ରକୃତି ତରଙ୍ଗେ ।୧୬।
ଏ ଦେହେ ଯେତେ ସୈନ୍ୟ ଛନ୍ତି
କହୁଁ ନସରେ ତାଙ୍କ ରୀତି ।୧୭ ।
ଜଣ ଜଣକେ ଶସ୍ତ୍ର ଧରି
ମାରନ୍ତି ଓପ୍ରୋଧ ନ କରି ।୧୮ ।
ଏହାକୁ ଆହାର ତୁ ଦେଇ
ପୋଷିଲୁ ଦୟା ଭାବ ବହି ।୧୯ ।
ଆହାର ଖାଇ ମତ ହେଲେ
ଆମ୍ଭଙ୍କୁ ନାନା କଷ୍ଟ ଦେଲେ ।୨୦ ।

ଆଜ୍ଞାପାଇଣ ତୁହି ମୁହିଁ
ଏ ଦେହ ଧରିଣ ଅଛଇ ।୨୧ ।
ଆଜ୍ଞା ପାଇଲେ ଆମ୍ଭେ ଯିବା
ପ୍ରକୃତି ଦେହକୁ ଛାଡ଼ିବା ।୨୨ ।
ଏମାନେ ସର୍ବେ ନାଶ ଯିବେ
ଦେହକୁ କେହି ନ ରଖିବେ ।୨୩ ।
ଦେଖ ଅଜ୍ଞାନ ଯାଙ୍କ ରିତି
ଆମକୁ ମାରି ଲୋଡୁଛନ୍ତି ।୨୪ ।
ଆମ୍ଭେ ନିରାଶ ଯେବେ ହେବା
ଆଜ୍ଞା ପାଇ ଦେହ ଚାଡ଼ିବା ।୨୫ ।
ଦେହ ପୃଥିରେ ପଡ଼ି ଥିବ
ବଚନେ କାହିଁ ଯେ ହଜିବ ।୨୬ ।
କର୍ଣ୍ଣ ଶବଦ ଯିବ କାହିଁ
ନୟନ ଜ୍ୟୋତି ହତ ହୋଇ ।୨୭ ।
ନାସାର ପବନ ହଜିବ
ଦେହଟି ସ୍ତମ୍ଭୀଭୂତ ହେବ ।୨୮ ।
ଖଞ୍ଜାକୁ ଖଞ୍ଜା ନ ଚଳଇ
ଚାଲିବା ଲୋକ ଗଲା କାହିଁ ।।୨୯ ।
ଶବଦ ନିଶବଦ ହେବ
ରକ୍ତ ମାଂସଟି ମିଳି ଯିବ ।୩୦ ।
ଏ ଯେ ପ୍ରକୃତି ଗଣମାନେ
କାହିଁ ରହିବେ କେଉଁ ସ୍ଥାନେ ।୩୧ ।

ଏହା ନ ଜାଣି ମୂଢ଼ ପଣ
ଆମ୍ଭଙ୍କୁ ମାରିବା ପାଞ୍ଚିଣ ।୩୨ ।
ଅକ୍ଷୟ ଦେହ ଆମ୍ଭ ହୋଇ
ଖଡ୍‌ଗେ କେବେ ନ ଛିଡ଼ଇ ।୩୩ ।
ଅଗ୍ନିରେ ନ ପୋଡ଼ି ପୁଣ
ଜଳରେ ନ ବୁଡ଼ଇ ଜାଣ ।୩୪ ।
ପବନେ କେବେ ନଉଡ଼ଇ
ଛିଡ଼ିବା ବଢ଼ିବା ନୁହଇଁ ।୩୫ ।
ଶୁଖଇ ନାହିଁ ସଦାକାଳେ
ନବ ଯୁବାଟି ସବୁବେଳେ ।୩୬ ।
ଶରୀର ବଢ଼ି ଛିଡ଼ଇ
ପ୍ରକୃତି ବଳେ ତ୍ରାସ ପାଇ ।୩୭ ।
ଏହାତ ଜାଣି ନ ପାରିଲୁ
ତାଙ୍କ ସଙ୍ଗରେ ବସ ହେଲୁ ।୩୮ ।
ତାଙ୍କୁ ଆହାର ଦେଲୁ ତୁହି
ତେଣୁଟି ପ୍ରବର୍ତ୍ତିଲେ ସେହି ।୩୯ ।
ଏବେ ତୁ ମୋର ବୋଲ ଶୁଣ
ଅଳ୍ପ ଆହାରେ ରହ ପୁଣ ।୪୦ ।
ତାଙ୍କର ବଳ ବୀର୍ଯ୍ୟ ହର
ସର୍ବେ ଖଟିବେ ତୋ ପୟର ।୪୧ ।
ନିର୍ବଳ ହେବ ତାଙ୍କ ଦେହୀ
ସର୍ବେ ରହିବେ ଶାନ୍ତ ହୋଇ ।୪୨ ।

ତେବେଟି ଏ ଦେହ ରହିବ
ଛିଡ଼ିବା ବଢିବା ନୋହିବ ।୪୩।
ନବ ଯୁବାଟି ସବୁଦିନ
ଆମ୍ଭର ପ୍ରାୟ ହେବୁ ପୁଣ ।୪୪।
ଅକ୍ଷୟ ଅମର ହୋଇ
ପ୍ରଳୟ କାଳେ ସେ ନଯିବ ।୪୫।
ହେ ମନ କହିଲି ନିକର
ପାରିଲେ ରଖ ଏ ଶରୀର ।୪୬।
ମନ ବୋଲଇ ତ୍ରାହି ତ୍ରାହି
ଦୟା ତୁ କର ଭାବଗ୍ରାହୀ ।୪୭।
ତୁମ୍ଭର ଦୟା ଯେ ନଥିଲେ
ଏହାଙ୍କୁ କେ ଜାଣିବ ଭଲେ ।୪୮।
ଏବେ କିଞ୍ଚିତେ ଦୟାକର
ଆୟତ୍ତ କାହିଁ ଯେ ମୋହର ।୪୯।
ଏ ଦେହେ ରାଜପଣ ଦେଲ
ପ୍ରକୃତି ଗଣ ସମର୍ପିଲ ।୫୦।
ଦମ୍ପତ୍ତି ପଟଳେ ପଡ଼ିଲି
ତୁମ୍ଭର ସେବା ମୁଁ ଛାଡ଼ିଲି ।୫୧।
ହେ ପ୍ରଭୁ ସର୍ବଜ୍ଞ ପୁରୁଷ
ଅର୍କ୍ଷିତ ଦାସ ରହୁ ପାଶ ।୫୨।
ଆହେ ସୁଜନ ଜନେ ଶୁଣ
ମହୀମଣ୍ଡଳେ ମୁଁ ଭ୍ରମିଣ ।୫୩।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚବିଂଶୋଽଧ୍ୟାୟ

--- ୦ ---

# ଷଡ଼୍‌ବିଂଶ ଅଧ୍ୟାୟ

ହେ ମନ ଶୁଣ ମୋର ବାଣୀ
ତୁ ଏକ ଭାବ କର ପୁଣି ।୧ ।
କ୍ଷୁଧା ତୃଷ୍ଣାକୁ ତୁ ଜିଣିବୁ
ନିଦ୍ରା ଭୟକୁ ତୁ ଛାଡ଼ିବୁ ।୨ ।
ତେବେ ପ୍ରକୃତି ଗଣ ମାନ
ଜିଣି ଦେଖିବୁଟି ସମାନ ।୩।
ତୁହି ମୁହିଁଟି ତୁହି ସେହି
ସର୍ବ ସମାନ ଦେଖ କହି ।୪ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ସମାନ ଦେଖିବୁଟି ସର୍ବ ।୫ ।
ଚାଣ୍ଡାଳୁ ବ୍ରହ୍ମ ଯାଏ ତୁହି
ସର୍ବସମାନ ଦେଖ କହି ।୬।
ମେରୁଠାରୁ ଯେତେ ପର୍ବତ
ସମାନ ଦେଖୁଥିବୁ ତୁତ ।୭ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ସମାନ ଦେଖୁଥିବୁ ନିତ୍ୟେ ।୮ ।
ଅଶ୍ୱତ୍ ଠାରୁ ଯେତେ ବୃକ୍ଷ
ସମାନ ଦେଖିବୁ ପ୍ରତ୍ୟକ୍ଷ ।୯ ।
କୀଟରୁ ସିଂହ ଯାଏ ତୁହି
ସର୍ବ ସମାନ ଦେଖ କହି ।୧୦ ।

ରୂପାରୁ ଲୁହା ପରିଯନ୍ତେ
ସର୍ବ ସମାନ ଦେଖ ଚିତ୍ତେ ।୧୧ ।
ହୀରାରୁ ସୁନା ପରିଯନ୍ତେ
ସର୍ବ ସମାନ ଦେଖ ନିତ୍ୟେ ।୧୨ ।
ଆମ୍ବିଳୁ ରାଗ ଯାଏ ପୁଣ
ଭିନ୍ନ ନ କରି ଦେଖ ସମ ।୧୩।
ନୀଳରୁ ରଙ୍ଗ ଯାଏ କହି
ସର୍ବ ସମାନ ଦେଖ ତୁହି ।୧୪ ।
କୀଟରୁ ବ୍ରହ୍ମ ପରିଯନ୍ତେ
ସମାନ ଦେଖୁଥିବୁ ନିତ୍ୟେ ।୧୫ ।
ପୃଥିବୀ ପରାଏ ସହିବୁ
ସକଳ ସମାନ ଦେଖିବୁ ।୧୬।
ଆକାଶ ପ୍ରାୟେ ତୁହି ରହ
କାହିଁ ନ ଲାଗି ବୁଲୁଥାଅ ।୧୭ ।
ଅଗ୍ନି ପ୍ରାୟେ ସର୍ବ ଭକ୍ଷିବୁ
ବାଛ ବିଚାର ନ କରିବୁ ।୧୮ ।
ଚନ୍ଦ୍ର ସୂର୍ଯ୍ୟଙ୍କ ପ୍ରାୟେ ତୁହି
ସର୍ବ ସମାନ ଦେଖ କହି ।୧୯ ।
ଜଳ ପବନ ପ୍ରୟେ ପୁଣ
ସମାନ ଦେଖ ହୋ ବହନ ।୨୦ ।

ଏକ ବ୍ରହ୍ମଟି ସର୍ବ ଦେହେ
ସକଳ ଘଟେ ପୁରି ରହେ ।୨୧।
ଏକ ଆତ୍ମାଟି ଭିନ୍ନ ନୋହି
ଶୁଣ କହିବି ତୋତେ ମୁହିଁ ।୨୨।
ଗାବଟି ନାନା ବର୍ଣ୍ଣ ଧରେ
କ୍ଷୀର ତା ଏକଇ ପ୍ରକାରେ ।୨୩।
ସୁବର୍ଣ୍ଣ ମୁଣ୍ଡାଏ ଆଣିବା
ନାନା ଅଳଙ୍କାର କରିବା ।୨୪।
ତାହାକୁ ଏକ ଠାବ କରି
ଆଉଟି ଦେବା ଅଗ୍ନି ଭରି ।୨୫।
ଭିନ୍ନଟି କେବେ ନ ଦିଶଇ
ଏକ ବ୍ରହ୍ମଟି ସର୍ବ ଦେହୀ ।୨୬।
ଲକ୍ଷେ ପାଣି କୁମ୍ଭ ରଖିବା
ଲକ୍ଷେ ଲୋକଟି ଯେ ଚାହିଁବା ।୨୭।
ଏକ ସୂର୍ଯ୍ୟଟି ଲକ୍ଷେ ହୋଇ
ଚାହାନ୍ତେ ସର୍ବ ଘଟେ ସେହି ।୨୮।
ଏହି ରୂପେଟି ଆତ୍ମା ଥାଇ
ଭିନ୍ନ ତୁ ନ କରିବୁ କହି ।୨୯।
ରବି ଶଶିଟି ସ୍ୱର୍ଗ ଏକ
ସମାନ ଦେଖ ସ୍ୱର୍ଗ ଲୋକ ।୩୦।
ଆଉ ଉପମା ତୋତେ ଦେବା
ତୋ ମନୁ ସଂସୟ ଫେଡ଼ିବା ।୩୧।

ଦୀପ ଗୋଟିଏ ଜାଳି ଦେବା
ଲକ୍ଷେ ବଳିତା ଯେ ଆଣିବା ।୩୨।
ଲଗାନ୍ତେ କେବେ ନ ସରଇ
ସେହି ଶିକ୍ଷାଟି ଜଳୁ ଥାଇ ।୩୩।
ସର୍ବ ଘଟରେ ଏକ ବ୍ରହ୍ମ
ଏହା ତୁ ଚିତ୍ତେ ଅନୁମାନ ।୩୪।
ତୁହିଟି ସର୍ବ ଭୂତେ ଅଛୁ
ତୋତେ ତୁ ଚିହ୍ନି ନ ପାରୁଛୁ ।୩୫।
ତୋତେ ତୁ ଚିହ୍ନି ଏବେ ରହ
ତେବେ ସଂସାରେ ସୁଖେ ଥାଅ ।୩୬।
ଏ ଭାବେ ତୁହି ଯେ ରହିବୁ
କାହାକୁ ମନେ ନଗଣିବୁ ।୩୭।
ସପ୍ତ ବ୍ରହ୍ମାଣ୍ଡ ରେଣୁ ପ୍ରାୟେ
ତୋତେ ଦିଶିବି ମୁହିଁ କହେ ।୩୮।
ଚନ୍ଦ୍ର ସୂର୍ଯ୍ୟଟି ତୋର ତହି
ଦିଶିବେ ଦୀପ ପ୍ରାୟେ ହୋଇ ।୩୯।
ଲକ୍ଷ୍ମୀ ସହିତେ ହଳପାଣି
ତୋତେ ସରି ନୋହିବେ ପୁଣି ।୪୦।
ବ୍ରହ୍ମା ଶିବ ହିଁ ପୃଥ୍ୱୀ ଜାଣ
କେହି ନୋହିବେ ତୋତେ ସମ ।୪୧।
ଇନ୍ଦ୍ର କୁବେର ଯେ ବରୁଣ
ବୋଲିବୁ ନିର୍ଦ୍ଧନ ଏ ପୁଣ ।୪୨।

ସପ୍ତ ସମୁଦ୍ର ଥୋପ ହୋଏ
କାଳ ମଣିବୁ କୀଟ ପ୍ରାୟେ ।୪୩।
ହିମାଳୟ ପର୍ବତ ଜାଣ
ଦିଶିବ ଗୋଡ଼ି ପ୍ରାୟେ ପୁଣ ।୪୪।
ଆକାଶ ତୁଚ୍ଛ ପ୍ରାୟେ ତୁହି
ମଣିବୁ କେତେଦୂର ଏହି ।୪୫।
କଳ୍ପ ବଟକୁ ଗବ ମଣ
ମର୍କଟ କାମ ଦେବ ଜାଣ ।୪୬।
ତୋ ଆଗେ ବୃହସ୍ପତି ପୁଣ
ଜଡ଼ ପ୍ରାୟ ଦିଶିବ ଶୁଣ ।୪୭।
ଅଣଚାଷ ପବନ ତୁହି
ମଣିବୁ ନାସା ବାୟୁ ଏହି ।୪୮।
ତୋତେ ସଂସାରେ ବଡ଼ କେହି
ନୋହିବେ ଶୁଣ ମୁଁ କହଇ ।୪୯।
ଅଗ୍ନିରେ କେବେ ନ ପୋଡ଼ିବୁ
ଜଳରେ କେବେ ନ ବୁଡ଼ିବୁ ।୫୦।
ହାଣିଲେ କାଟିବଟି ନାହିଁ
ପବନେ ଉଡ଼ିବୁଟି କାହିଁ ।୫୧।
ସର୍ବ ତୁ ଦେଖୁଥିବୁ ପୁଣ
ତୋତେ କେ ନ ଦେଖିବେ ଜାଣ ।୫୨।
ଏ ଭାବ କେହି ନ ଜାଣନ୍ତି
ନାନା କର୍ମରେ ନାଶ ଯାନ୍ତି ।୫୩।
ହେ ମନ ଏହି ଭାବ କର
ଯେବେ ରଖିବୁ ତୋ ଶରୀର ।୫୪।
ନୋହିଲେ କେବେ ନ ରହଇ
ମନ ବୋଲଇ ତ୍ରାହି ତ୍ରାହି ।୫୫।
ହେ ପ୍ରଭୁ ମାୟା କର ନାଶ
ଖଣ୍ଡ ଅର୍ଦ୍ଧିତ ଦାସ କ୍ଳେଶ ।୫୬।
ଆହେ ସୁଜନ ଜନ ମାନେ
ପ୍ରଭୁଙ୍କୁ ଚିନ୍ତ ସର୍ବଜନେ ।୫୭।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଷଡ଼୍‌ବିଂଶୋଽଧ୍ୟାୟଃ

--- ୦ ---

# ସପ୍ତବିଂଶ ଅଧ୍ୟାୟ

ହେ ଅନ୍ତର୍ଯ୍ୟାମୀ ବ୍ରହ୍ମତୁହି
ଦୟା ତୁ କର ଭାବଗ୍ରାହୀ ।୧ ।
ହେ ଅନ୍ତର୍ଯ୍ୟାମୀ ଚନ୍ଦ୍ର ସୂର୍ଯ୍ୟ
ଦୟା ତୁ କର ଦେବରାଜ ।୨ ।
ହେ ଅନ୍ତର୍ଯ୍ୟାମୀ ବ୍ରହ୍ମାଶିବ
ଦୟା ତୁ କର ସର୍ବ ଦେବ ।୩ ।
ହେ ଜୀବ ପରମ ତୁ ଶୁଣ
ଦୟା ତୁ କର ମୋତେ ପୁଣ ।୪ ।
ହେ ଶୂନ୍ୟ ଶୂନ୍ୟ ଶୂନ୍ୟ ତୁହି
ଦୟା ତୁ କର ମୋତେ କହି ।୫ ।
ହେ ଜଳ ଅଗ୍ନି ତୁ ପବନ
ଦୟା ତୁ କର ମୋତେ ପୁଣ ।୬ ।
ହେ ଅନ୍ତର୍ଯ୍ୟାମୀ ଜଗତ୍ କର୍ତ୍ତା
ଦୟା ତୁ କର ସର୍ବଦାତା ।୭ ।
ଆହେ ତ୍ରିଭୁବନ ଗୋସାଇଁ
ଦୟା କର ହେ ମୋତେ କହି ।୮ ।
ଆହେ ହେ ତ୍ରିଭୁବନ ପତି
ଦୟା ତୁ କର ଦାଶରଥି ।୯ ।
ଆହେ ହେ ବ୍ରହ୍ମାଣ୍ଡ ଠାକୁର
ଦୟା ତୁ କର ଚକ୍ରଧର ।୧୦ ।
ଆହେ ତୁ ଅନନ୍ତ ମୂରତି
ଦୟା ତୁ କର ପ୍ରାଣପତି ।୧୧ ।

ଆହେ ଅନନ୍ତ ତୁ ଈଶ୍ୱର
ଦୟା ତୁ କର ପୀତାମ୍ବର ।୧୨ ।
ଆହେ ହେ ସର୍ବଜ୍ଞ ପୁରୁଷ
ଦୟା ତୁ କର ପୀତବାସ ।୧୩ ।
ଆହେ ଅରୂପ ଚିନ୍ତାମଣି
ଦୟା ତୁ କର ଚକ୍ରପାଣି ।୧୪ ।
ଆହେ ଅଜ୍ୟୋତି ତୁ ଅନନ୍ତ
ଦୟା ତୁ କରଭଗବନ୍ତ ।୧୫ ।
ଆହେ ଅଜପା ହୃଷୀକେଶ
ଦୟା ତୁ କର ପୀତବାସ ।୧୬ ।
ଆହେ ହେ ବିଷ୍ଣୁଗର୍ଭ ତୁହି
ଦୟା ତୁ କର ଯଦୁ ସାଇଁ ।୧୭ ।
ଆହେ ଅନାଥନାଥ ଶୁଣ
ଦୟା ତୁ କର ମୋତେ ପୁଣ ।୧୮ ।
ଅହେ ହେ ଶରଣ ପଞ୍ଜର
ଦୟା ତୁ କର ବିଶ୍ୱମ୍ଭର ।୧୯ ।
ଆହେ ହେ ଶରଣ ରକ୍ଷଣ
ଦୟା ତୁ କର ନାରାୟଣ ।୨୦ ।
ଆହେ ଚୌବର୍ଗ ଦାନୀ ତୁହି
ପ୍ରସନ୍ନ ହୁଅ ଦୟା ବହି ।୨୧ ।
ଆହେ ହେ ପତିତପାବନ
ଦୟାକର ଗର୍ବ ଗଞ୍ଜନ ।୨୨ ।

ଆହେ ହେ କଳ୍ପଦ୍ରୁମ ଶୁଣ
ଶରଣ ରଖ ହେ ପାବନ ।୨୩।
ଆହେ ହେ ଜଗତ ସୋଦର
ମୋ ଅପରାଧ କ୍ଷମାକର ।୨୪।
ଆହେ ହେ ହରଣ କରତା
ଦୟା ତୁ କର ମାତା ପିତା ।୨୫।
ଆହେ ଆକାଶ ମହୀଧର
ଦୟା ତୁ କର ଦେବସର ।୨୬।
ହେ କୃଷ୍ଣ ଚାରିବେଦ ତୁହି
ହେ ରାମ ଦୟା କର କହି ।୨୭।
ଆହେ ହେ ମୀନ ରୂପ ଶୁଣ
ନିଦ୍ରା ଭୟକୁ ନାଶ ପୁଣ ।୨୮।
ଆହେ ହେ କୂର୍ମ ରୂପ ତୁହି
କ୍ଷୁଧା ତୃଷାକୁ ନାଶ କହି ।୨୯।
ଆହେ ହେ ବରାହ ଯେ ରୂପ
ନାଶ ମୋହର ଯେତେ ପାପ ।୩୦।
ଆହେ ହେ ନରସିଂହ ରୂପ
ଶତ୍ରୁ ମାନଙ୍କ ହର ଦର୍ପ ।୩୧।
ଆହେ ବାମନ ରୂପ ତୁହି
ମାୟାକୁ ନାଶ ମୁଁ କହଇ ।୩୨।
ଆହେ ହେ ରୂପ ପର୍ଶୁଧର
ପ୍ରକୃତି ମାନ ନାଶକର ।୩୩।
ଆହେ ହେ ରାମ ରୂପ ତୁହି
ଶରୀର ରଖ ମୁଁ କହଇ ।୩୪।

ଆହେ ତୁ ରୂପ ବଳରାମ
ଅରଣ୍ୟେ ମୋତେ ରଖ ପୁଣ ।୩୫।
ଆହେ ଉଦ୍ଧବ ରୂପ ତୁହି
ବନସ୍ତେ ସାହା ହେବୁ କହି ।୩୬।
ଆହେ କଲକି ରୂପ ହେବ
ମୋତେ କଳିରୁ ଯେ ରଖିବ ।୩୭।
ଆହେ କଲକି ରୂପ ହେବ
ମୋତେ କଳିରୁ ଯେ ରଖିବ ।୩୭।
ଏମନ୍ତେ ନାନା ରୂପ ଧର
ଭକତ କଷଣୁ ତାର ।୩୮।
ଭକତେ ଆତଙ୍କେ ଡାକିଲେ
ରୂପ ଯେ ଧରୁ ତେତେ ବେଳେ ।୩୯।
ନୋହିଲେ ରୂପ ନାହିଁ ତୋର
ହେ ପ୍ରଭୁ ଦୟା ତୁହି କର ।୪୦।
ଆହେ ଅଗମ୍ୟ ନାଥ ତୁହି
କରଣ କାରଣ ଯୋ ହୋଇ ।୪୧।
ଆହେ ଆରତ ତୁ ଜୀବନ
ଏ ଦେହେ ହେଲି ମୁଁ ଅଜ୍ଞାନ ।୪୨।
ହେ ପ୍ରଭୁ ଦୟାଶୀଳ ତୁହି
ମୋତେ ନିର୍ଦ୍ଦୟ ନୁହଁ କହି ।୪୩।
ଆହେ ହେ ପରମପୁରୁଷ
ଏଦେହେ ତୁହି ହେଲୁ ବାସ ।୪୪।
ଏ ଦେହେ ଥାଇ ମୁଁ ଭ୍ରମିଲି
ତୋତେ ନ ସେବି ନାଶ ଗଲି ।୪୫।

ହେ ଅନ୍ତର୍ଯ୍ୟାମୀ ଶୁଣ ତୁହି
ସକଳ ଜୀବ ତୋର ଦେହୀ ।୪୬।
ସକଳ ଆତଯାତ କରୁ
କାଳ ରୂପରେ ତୁ ସଂହାରୁ ।୪୭।
ତୁ ନାଥ ସର୍ବ ଜୀବେ ଅଛୁ
ମୋତେ କୁ-ବୁଦ୍ଧି ଯେ ଦେଉଛୁ ।୪୮।
ତୋ ବିନୁ ଏ ଦେହ କେ ପୁଣ
ତ୍ରାହି କରିବି ନିରଞ୍ଜନ ।୪୯।
ଆହେ ହେ ଅନ୍ତର୍ଯ୍ୟାମୀ କହି
ଖଣ୍ଡଗିରିରୁ ନିଅ ତୁହି ।୫୦।
ମୋ ମନ ଉଛନ କରିବୁ
ଏ ସ୍ଥାନ ବେଗେ ଛଡ଼ାଇବୁ ।୫୧।
ତୁମ୍ଭର ଦୟା ଯେ ନୋହିଲେ
ଏସ୍ଥାନ ନ ଛାଡଇ ଭଲେ ।୫୨।
ନମୋ ନମସ୍ତେ ଅନ୍ତର୍ଯ୍ୟାମୀ
ତାର ବା ନ ତାର ଭୋ ସ୍ୱାମୀ ।୫୩।
ତୁମ୍ଭ ବ୍ୟତିତ ମୋତେ କେହି
ତାରିତ କେହି ନ ପାରଇ ।୫୪।
ହେ ପ୍ରଭୁ ଦୟା ହେଲେ ତୋର
ସେ ଭାବେ ପଶିବ ନିକର ।୫୫।

ସେ ଭାବେ ପଶିଲେଟି ମୁହିଁ
ପ୍ରସନ୍ନ ହେବ ଭାବଗ୍ରାହୀ ।୫୬।
ତୁମ୍ଭେ ପ୍ରସନ୍ନ ହେଲେ ସିନା
ସେ ଭାବ କରିବି ଭାବନା ।୫୭।
ତେବେ ମୁଁ ଯୁଗେ ଯୁଗେ ଥିବି
ନୋହିଲେ ଏ ଦେହ ଛାଡ଼ିବି ।୫୮।
ହେ ପ୍ରଭୁ ହେ କାଳ ପୁରୁଷ
ନମଇ ଅରକ୍ଷିତ ଦାସ ।୫୯।
ଆହେ ସୁଜନ ମାନେ ଶୁଣ
ଏ ଗୀତା ହୋଇଲା ବଖାଣ ।୬୦।
ମୂର୍ଖ ପଣରେ ଏହା କଲି
ଏ ଦୋଷ ତୁମ୍ଭଙ୍କୁ ମାଗିଲି ।୬୧।
ଅମୃତମୟ ଗୀତା ରସ
ସୁଜନେ ଏହି ଭାବେ ପଶ ।୬୨।
ଏ ଗୀତା ଭେଦି ସେ ସାଧୀବ
ଜନ୍ମ ମୃତ୍ୟୁକୁ ସେ ଜିଣିବ ।୬୩।
ଅକ୍ଷୟେ ପିଣ୍ଡେ ସେହୁ ଜାଣ
ପ୍ରଳୟେ ନ ଯିବଟି ପୁଣ ।୬୪।
ନୋହିଲେ କେବେ ଗତି ନାହିଁ
ଏ ଭାବ ଯେବେ ନ ଜାଣଇ ।୬୫।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତବିଂଶୋଽଧ୍ୟାୟଃ

--- ୦ ---

# ଅଷ୍ଟାବିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କଥାଏ ପଚାରୁଛି ମୁହିଁ । ୧ ।
ମହାଶୂନ୍ୟର କଥା କହ
ମୋ ମନୁ ସଂଶୟ ଫିଟାଅ । ୨ ।
ମନ ମୁଖରୁ ଏହା ଶୁଣି
ଅଗମ୍ୟ କଥା କେହୁ ଜାଣି । ୩ ।
ଯହିଁରେ ଥଳକୂଳ ନାହିଁ
ମୁଁ କିସ ତୋତେ କହିବଇଁ । ୪ ।
ଚାରିବେଦ ଯେ ନ ଜାଣନ୍ତି
ମୁଁ କିସ କହିବି ତା ଗତି । ୫ ।
ପବନ ତହିଁ ନ ଗମଇ
ଆନକେ ଜାଣିବଟି କହି । ୬ ।
ବ୍ରହ୍ମା ବିଷ୍ଣୁ ଶିବ ସହିତେ
ଗମି ନ ପାରେ କହି ତୋତେ । ୭ ।
ଚନ୍ଦ୍ର ସୂର୍ଯ୍ୟ ହିଁ ନ ଜାଣନ୍ତି
ଆଉ କେ ଜାଣିବ ତୋ ଗତି । ୮ ।
ଜଳ ଅଗ୍ନି ଯେ ନ ଭେଦଇ
ସେ ସ୍ଥାନ ଭେଦି କେ କହଇ । ୯ ।
ଇନ୍ଦ୍ର ଧ୍ରୁବ ଯେ ତାରାଗଣ
ଏମାନେ ନ ଜାଣନ୍ତି ପୁଣ । ୧୦ ।
ଅକ୍ଷରମାନେ ନ ଗମନ୍ତି
ବେଦ ଶାସ୍ତ୍ରହିଁ ନାହିଁ ସ୍ଥିତି । ୧୧ ।
ଯମ ବରୁଣ ଯେ କୁବେର
ଏମାନଙ୍କୁ ହିଁ ଅଗୋଚର । ୧୨ ।
ଚାରି ମେଘ ହିଁ ନ ଜାଣନ୍ତି
ନ ଜାଣେ ପୁଣ ବୃହସ୍ପତି । ୧୩ ।
ମୁନି ଗଣଙ୍କୁ ଅଗୋଚର
ଆଉ କେ ଜାଣିବ ସଂସାର । ୧୪ ।
ତା ଗର୍ଭ କେହି ନ ଜାଣନ୍ତି
ବଡ଼ ସେ ତୁଚ୍ଛ ସେ ଅଟନ୍ତି । ୧୫ ।
ମୋଟହିଁ କେତେ ସେ ହୋଇଛି
ଉଚ୍ଚହିଁ କେହି ନ ଜାଣୁଛି । ୧୬ ।
ଲମ୍ବହିଁ କେହି ନ ଜାଣନ୍ତି
ଛୋଟ ହିଁ କେହି ନ ମଣନ୍ତି । ୧୭ ।
ହସ୍ତ ପାଦ ହିଁ ତାର ନାହିଁ
ନୟନ ମୁଖ କର୍ଣ୍ଣ କାହିଁ । ୧୮ ।
ନାସା ଶିର ହିଁ ନାହିଁ ଶୁଣ
ଅଜ୍ୟୋତି ଅବର୍ଣ୍ଣ ଯେ ପୁଣ । ୧୯ ।
ଅଜପା ଅରୂପ ହିଁ ସେହି
ତହିଁରେ ଥଳକୂଳ ନାହିଁ । ୨୦ ।
ସ୍ୱର୍ଗ ମଞ୍ଚ ପାତାଳ ହୋଇ
ତା ଗର୍ଭେ ଆତ ଯାଜ କହି । ୨୧ ।
ଏମନ୍ତ ଗର୍ଭ ଶୁଣ ତାର
କେହି ନ ଜାଣେ ଅଗୋଚର । ୨୨ ।

ଅକଳିତ ଗର୍ଭ ତା ଦେହୀ
ମାଦଳ ରୂପେ ସେ ଅଟଇ ।୨୩।
ସେ ମାଦଳର ଯେ ମହିମା
କେହି ନ ଜାଣେ ତାର ସୀମା ।୨୪।
ଶୂନ୍ୟକୁ ଶୂନ୍ୟ ଛାଡ଼ି ଦେଇ
ମହାଶୂନ୍ୟରେ ଗଡୁଥାଇ ।୨୫।
ମହାଶୂନ୍ୟଟି ତା ଶରୀର
ତା ଗର୍ଭୁ ଆଜ୍ଞା ଯେ ବାହାର ।୨୬।
ତା ଗର୍ଭୁ ଆଜ୍ଞା ବାହାରୁଛି
ସକଳ ସୃଷ୍ଟି ସେ କରୁଛି ।୨୭।
ତା ଗର୍ଭୁ ଆଜ୍ଞା ବାହାରିଲେ
ସକଳ ସୃଷ୍ଟି ନାଶେ ଭଲେ ।୨୮।
ସେ ମହାଶୂନ୍ୟ କଥା ମୁହିଁ
କିସ କହିବି ତୋତେ ଫେଇ ।୨୯।
ଶୂନ୍ୟରେ ପୃଥ୍ୱୀ ଆତଯାତ
ଶୂନ୍ୟରେ ପାଳୁଛି ଜଗତ ।୩୦।
ଶୂନ୍ୟରେ ପୃଥିବୀ ରହିଛି
ସପ୍ତ ବ୍ରହ୍ମାଣ୍ଡ ଶୂନେ ଅଛି ।୩୧।
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ଶୂନ୍ୟରେ ଆତଯାତ ପୁଣ ।୩୨।
ଚାରି ମେଘଟି ଶୂନ୍ୟୁ ଜାତ
ଶୂନ୍ୟରୁ ଜଳ ଯେ ସମ୍ଭୁତ ।୩୩।
ତେତିଶ କୋଟି ଦେବଗଣ
ଶୂନ୍ୟରେ ଆତଯାତ ପୁଣ ।୩୪।
ଅନନ୍ତ କୋଟି ସାଧୁ ହୋଇ
ଶୂନ୍ୟରେ ଭ୍ରମୁଛନ୍ତି ସେହି ।୩୫।
ରାକ୍ଷସଗଣ ପିତୃଗଣ
ଶୂନ୍ୟରେ ଏହୁ ଯେ ଭ୍ରମିଣ ।୩୬।
ଗ୍ରହଗଣ ଯମଗଣ ହିଁ
ଶୂନ୍ୟରେ ଭ୍ରମୁଛନ୍ତି ରହି ।୩୭।
ଭୂ ଲୋକ ବ୍ରହ୍ମ ଲୋକ ପୁଣ
ତପ ଲୋକ ଶୂନ୍ୟେ ଭ୍ରମିଣ ।୩୮।
ସପ୍ତ ସମୁଦ୍ର ଶୂନ୍ୟେ ଅଛି
ନବ ଦ୍ୱିପ ହିଁ ଶୂନ୍ୟେ ଗଛି ।୩୯।
ଶୂନ୍ୟରେ ନବଖଣ୍ଡ ପୃଥ୍ୱୀ
ସପ୍ତ ପାତାଳ ଶୂନ୍ୟେ ସ୍ଥିତି ।୪୦।
ଚଉଦ ବ୍ରହ୍ମାଣ୍ଡେ ସହିତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୪୧।
ମେରୁଠାରୁ ଯେତେ ପର୍ବତ
ଶୂନ୍ୟରେ ଅଛନ୍ତି ସମସ୍ତ ।୪୨।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୪୩।
ଚାଣ୍ଡାଳୁ ବ୍ରହ୍ମଯାଏ ଜାଣ
ଶୂନ୍ୟରେ ଆତଯାତ ପୁଣ ।୪୪।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଶୂନ୍ୟରେ ଅଛନ୍ତି ଏ ସର୍ବ ।୪୫।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଶୂନ୍ୟରେ ଅଛନ୍ତି ପ୍ରତ୍ୟକ୍ଷ ।୪୬।

ଚଳନ୍ତା ଚୌଦକୋଟି ଜୀବ
ଶୂନ୍ୟରେ ଅଛନ୍ତି ସେ ସର୍ବ ।୪୭ ।
ନିଶ୍ଚଳ ଚୌଦକୋଟି ହୋଇ
ଶୂନ୍ୟରେ ଅଛନ୍ତି ସେ ରହି ।୪୮ ।
ଉଡ଼ା ଚଉଦ କୋଟି ଜାଣ
ଶୂନ୍ୟରେ ଅଛନ୍ତି ସେ ପୁଣ ।୪୯ ।
ବୁଡ଼ା ଚଉଦ କୋଟି ହ୍ଵନ୍ତି
ଶୂନ୍ୟରେ ଏ ସର୍ବେ ଅଛନ୍ତି ।୫୦ ।
ଛପନ କୋଟି ଜୀବ ହୋଇ
ଶୂନ୍ୟରେ ଛନ୍ତି ସର୍ବେ ରହି ।୫୧ ।
କୀଟରୁ ବ୍ରହ୍ମଯାଏ ଜାଣ
ଶୂନ୍ୟରେ ଆତଯାତ ପୁଣ ।୫୨ ।
ଦଶିପୋକରୁ ସିଂହ ଯାଏ
ଶୂନ୍ୟରେ ସିନା ସର୍ବ ରହେ ।୫୩ ।
ରୂପାରୁ ଲୁହା ପରିଯନ୍ତେ
ଶୂନ୍ୟରେ ଅଛନ୍ତି ସମସ୍ତେ ।୫୪ ।
ସୁନାରୁ ହୀରାଯାଏ ପୁଣ
ଶୂନ୍ୟରୁ ଏମାନେ ଭିଆଣ ।୫୫ ।
ଶୂନ୍ୟରୁ ଦଶରଙ୍ଗ ହୋଇ
ଷଡ଼ ଋତୁଟି ଶୂନ୍ୟେଥାଇ ।୫୬ ।
ଷଡ଼ ରସଟି ଶୂନ୍ୟୁ ଜାତ
ଶୂନ୍ୟରେ ଅଛନ୍ତି ସମସ୍ତ ।୫୭ ।

ଜଳ ପବନ ଅଗ୍ନି ହୋଇ
ଶୂନ୍ୟରୁ ଜନ୍ମିଛନ୍ତି ସେହି ।୫୮ ।
ପୃଥିବୀ ଶୂନ୍ୟରେ ରହିଛି
ଏହାତ କେହି ନ ଜାଣୁଛି ।୫୯ ।
ଏ ତୋ ଶରୀର ଶୂନ୍ୟେ ଥାଇ
ଶୂନ୍ୟରେ ଆତଯାତ ହୋଇ ।୬୦ ।
ଶୂନ୍ୟରୁ ଆତଯାତ ହେଲେ
ସର୍ବେ ଶୂନ୍ୟରେ ଲୀଳା କଲେ ।୬୧ ।
ଲୀଳା ସରିଲେ ସର୍ବେ ଯାନ୍ତି
ଶୂନ୍ୟରେ ଲୀନ ସେ ହୁଅନ୍ତି ।।୬୨ ।
ଶୂନ୍ୟରୁ ଆଜ୍ଞା ଯେ ହୋଇଲା
ଓଙ୍କାର ରୂପରେ ଘୋଟିଲା ।୬୩ ।
ମାଦଳ ରୂପ ମହାଶୂନ୍ୟ
ତହିଁରୁ ସବୁ ଯେ ଭିଆଣ ।୬୪ ।
ଏବେ ସୁମନ ହେତୁକର
ମହାଶୂନ୍ୟରୁ ଯେ ଓଙ୍କାର ।୬୫ ।
ଓଙ୍କାର ମହିମା କହିବା
ଆର ଅଧ୍ୟାରେ ବୁଝାଇବା ।୬୬ ।
ମହାଶୂନ୍ୟର ରସେ ରସ
ନମଇ ଅରକ୍ଷିତ ଦାସ ।୬୭ ।
ମହାଶୂନ୍ୟରେ ଥଳକୂଳ
ନାହିଁଟି ଶୁଣ ହେ ସକଳ ।୬୮ ।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ
ଗୀତାକଥନେ ନାମ ଅଷ୍ଟାବିଂଶୋଽଧ୍ୟାୟ

--- ୦ ---

# ଊନତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ସର୍ବଦେବ
ଓଁକାର ମହିମା କହିବ ।୧ ।
ମହାଶୂନ୍ୟ ଅଗମ୍ୟ ଭୂଇଁ
କାହାରି ସମାଗମ ନାହିଁ ।୨ ।
ମନ ଯେ ଗମି ନ ପାରିଲା
କର୍ଣ୍ଣ ହିଁ ଶୁଣି ମୋହ ହେଲା ।୩।
ନାସା ପବନ କେତେ ଦୂର
ଗମିବା ସଖ୍ୟ ନାହି ତାର ।୪ ।
ନୟନ କେତେଦୂର ହୋଇ
ସେ ତାହା ଗମି ନ ପାରଇ ।୫ ।
ମନ ବୁଦ୍ଧି ଯେ ଚଇତନ
ସେ କାହୁଁ ଜାଣିବେ ସେ ସ୍ଥାନ ।୬ ।
ମୁଖରେ କହି ତ ନପରି
ହୃଦେ ଚିନ୍ତିଲେ ସେ ନ ସରି ।୭ ।
ଏମନ୍ତେ ମହାଶୂନ୍ୟ କଥା
ଅତି ଅଗୋଚର ବ୍ୟବସ୍ଥା ।୮ ।
ମହା ଶୂନ୍ୟରୁ ଯେ ଓଁକାର
କି ରୂପେ ହେଲା ସେ ବାହାର ।୯ ।
ଏହା ଶୁଣିତେ ମୋର ମନ
ଦୟା ତୁ କର ମୋତେ ପୁଣ ।୧୦ ।
ହେ ମନ ଶୁଣ ଏବେ ତୁହି
କ୍ଷୀରରୁ ଘୃତ ବାହାରଇ ।୧୧ ।
ଗାବଟି ନାନା ଦ୍ରବ୍ୟ ଭୁଞ୍ଜେ
କ୍ଷୀରଟି ଏକା ରୂପ ଗଞ୍ଜେ ।୧୨ ।
ତା ଗର୍ଭେ ସର୍ବେ ପାକ ହୋଇ
ରସଟି ନିଗିଡ଼ି ଆସଇ ।୧୩।
ଦୁହନ୍ତେ କ୍ଷୀର ସେ ଦେଖନ୍ତି
ଘୃତ ହିଁ କାହିଁ ନ ଜାଣନ୍ତି ।୧୪ ।
କେତେ ଉପାୟ ତହିଁ କଲେ
କ୍ଷୀରୁ ଘୃତ ବାହାରେ ଭଲେ ।୧୫ ।
ସେହି ପ୍ରକାରେ ହୋ ଓଁକାର
ମହାଶୂନ୍ୟରୁ ଯେ ବାହାର ।୧୬ ।
ମହାଶୂନ୍ୟରୁ ଆଜ୍ଞା ପାଇ
ସପ୍ତ ବ୍ରହ୍ମାଣ୍ଡ ଘୋଟେ ସେହି ।୧୭ ।
ଆକାଶୁ ମହୀଯାଏ ପୁଣ
ଶବଦ ରୂପେ ସେ ଭ୍ରମିଣ ।୧୮ ।
ସକଳ ଜୀବ ହୃଦେ ଥାଇ
ଓଁକାର ରୂପେ ବିହରଇ ।୧୯ ।
ଓଁକାରୁ ସର୍ବ ଜାତ ହେଲା
ଓଁକାର ବ୍ରହ୍ମାଣ୍ଡ ଘୋଟିଲା ।୨୦ ।

ଓଁକାରୁ ଦେହ ହୋଇଅଛି
ଚାହୁଁଛି ଶବଦ ଶୁଣୁଛି ।୨୧ ।
ଖାଇଣ ବାସନା ବାରଇ
ସ୍ୱାଦ ଅସ୍ୱାଦ ଜାଣେ ସେହି ।୨୨ ।
ଓଁକାରୁ ନିଦ୍ରା ଭୟ ଜାଣ
ଓଁକାରୁ କ୍ଷୁଧା ତୃଷା ପୁଣ ।୨୩ ।
ଓଁକାରୁ ପାଞ୍ଚ ମନ ହେଲା
ନାନା ପାଞ୍ଚଟି ସେ ପାଞ୍ଚିଲା ।୨୪ ।
ଓଁକାରୁ ପଚିଶ ପ୍ରକୃତି
ଓଁକାରୁ ଷଡ ରିପୁ ସ୍ଥିତି ।୨୫ ।
ଓଁକାରୁ ଚଉଷଠି ରୋଗ
ହିଂସା କାମ ଯେ ମୋହ ରାଗ ।୨୬ ।
ଓଁକାରୁ କୁବୁଦ୍ଧି ସୁବୁଦ୍ଧି
ଧର୍ମ ଅଧର୍ମ ଯେ ପ୍ରସିଦ୍ଧି ।୨୭
ସାତଶ ବାସ୍ତରୀ ଯେ ନାଡ଼ି
ଓଁକାରୁ ହୋଇଛନ୍ତି ଜଡ଼ି ।୨୮ ।
ରକ୍ତ ମାଉଁସ ହାଡ ଚର୍ମ
ଓଁ କାରୁ ସମସ୍ତ ଭିଆଣ ।୨୯ ।
ଓଁ କାରୁ ନବ ଦ୍ୱାର କଲା
ଶବଦ ରୂପେ ବିହରିଲା ।୩୦ ।
ନୟନେ ଦେଖଇ ଶୁଣଇ
ନାସାରେ ବାସନା ବାରଇ ।୩୧ ।
ଜିହ୍ୱାରେ ସ୍ୱାଦ ଯେ ବାରିଲା
ଏକା ଓଁ କାର ଭିନ୍ନ କଲା ।୩୨ ।
ଏକା ଓଁ କାର ଚାରି ବେଦ
ନବ ଦ୍ୱାରରେ ଏ ସମ୍ଭବ ।୩୩ ।
ଷଡ ଚକ୍ର ପଞ୍ଚାଶ ଦଳ
ଓଁ କାର ରୂପେ ସର୍ବ ଠୁଳ ।୩୪ ।
ଓଁ କାର ଶରୀରେ ପୂରିଛି
ଦେଖ ଏ ବ୍ରହ୍ମାଣ୍ଡ ଘୋଟିଛି ।୩୫ ।
ଓଁ କାର ସର୍ବ ଜାତ କରେ
ଓଁ କାର ସର୍ବ ଯେ ସଂହାରେ ।୩୬ ।
ଆଜ୍ଞାରୁ ଓଁ କାର ଜନ୍ମିଲା
ପୃଥିବୀଟି କି ଜାତ କଲା ।୩୭ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ କରି
ଓଁ କାର ରୂପେ ସେ ବିହରି ।୩୮ ।
ଚନ୍ଦ୍ର ସୂର୍ଯ୍ୟ ଯେ ତାରା ଗଣ
ଭିଆଣ କଲା ସେହୁ ପୁଣ ।୩୯ ।
ଜଳ ପବନ ଅଗ୍ନି ସେହି
ଜାତଟି କଲା ସର୍ବ ଦେହୀ ।୪୦ ।
ତେତିଶ କୋଟି ଦେବ କହି
ଓଁ କାରୁ ସର୍ବ ଜାତ ହୋଇ ।୪୧ ।
ବ୍ରହ୍ମା ବିଷ୍ଣୁ ଶିବଟି ଆପେ
ଜାତ କରି ସଂହାରି କୋପେ ।୪୨ ।

ଲୀଳା ନିମନ୍ତେ ଇଚ୍ଛା ହୋଇ
ଜାତ କଲାଟି ସର୍ବ ଦେହୀ ।୪୩।
ନିଶ୍ଚଳ ଚୌଦ କୋଟି ଜାଣ
ଓଁ କାରୁ ଜନ୍ମିଲେଟି ଶୁଣ ।୪୪।
ଚଳନ୍ତା ଚୌଦ କୋଟି ହୋଇ
ଓଁ କାରୁ ସର୍ବ ଜାତ କହି ।୪୫।
ବୁଡ଼ା ଚଉଦ କୋଟି ହେଲେ
ଓଁ କାରୁ ସର୍ବ ଜାତ କଲେ ।୪୬।
ଉଡ଼ା ଚଉଦ କୋଟି ଜାଣ
ଓଁ କାରୁ ଜାତ ହେଲେ ପୁଣ ।୪୭।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଓଁ କାରୁ ଜନ୍ମିଲେ ସମସ୍ତେ ।୪୮।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ଓଁ କାରୁ ଜାତ ଏ ପ୍ରତ୍ୟକ୍ଷ ।୪୯।
ଚାଣ୍ଡାଳୁ ବ୍ରହ୍ମ ଯାଏ ଜାଣ
ଓଁ କାରୁ ଜନ୍ମିଲେଟି ପୁଣ ।୫୦।
ମେରୁ ଠାରୁ ଯେତେ ପର୍ବତ
ଓଁ କାରୁ ଜାତ ଏ ସମସ୍ତ ।୫୧।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଓଁ କାରୁ ଜାତ ହେଲେ ସର୍ବ ।୫୨।
ସିଂହରୁ ଦଶିପୋକ ଯାଏଁ
ଓଁ କାରୁ ସର୍ବ ଜାତ କହେ ।୫୩।
ଏକା ଓଁ କାରୁ ନାନା ବର୍ଣ୍ଣ
ଭିନ୍ନଟି ନାହିଁ ଦେଶ ସମ ।୫୪।
ଓଁ କାର ଭାବେ ତୁହି ପଶ
ନମଇ ଅରକ୍ଷିତ ଦାସ ।୫୫।
ଆହେ ସୁଜନ ଜନ ଶୁଣ
ଓଁ କାରୁ ସବୁଟି ଭିଆଣ ।୫୬।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଊନତ୍ରିଂଶୋଽଧ୍ୟାୟଃ ।

--- ୦ ---

# ତ୍ରିଂଶ ଅଧ୍ୟାୟ

ଏବେ ସୁମନ ଶୁଣ ତୁହି
ଓଁ କାର ଘୋଟି ଅଛି ମହୀ ।୧ ।
କୀଟରୁ ବ୍ରହ୍ମ ଯାଏଁ ଜାଣ
ଓଁ କାରୁ ଜାତ ହେଲେ ପୁଣ ।୨ ।
ଓଁ କାରୁ ଜନ୍ମିଲା ପାତାଳ
ଓ କାରୁ ଜନ୍ମ ରସାତଳ ।୩ ।
ଭୂତଳ ବିତଳ ଅତଳ
ଓଁ କାରୁ ଜାତ ଏ ସକଳ ।୪ ।
ପାତାଳ ମହାତଳ ହୋଇ
ଓଁ କାରୁ ସର୍ବ ଜାତ କହି ।୫ ।
ଭୂଲୋକ ଭୂବଲୋକ ଜାଣ
ଓଁ କାରୁ ସୁର ଲୋକ ପୁଣ ।୬ ।
ଜନ ଲୋକ ତପ ଲୋକ ହିଁ
ଓଁ କାରୁ ଦେବ ଲୋକ କହି ।୭ ।
ବ୍ରହ୍ମ ଲୋକ ଅସୁର ଗଣ
ଓଁ କାରୁ ଜନ୍ମି ସୁର ଗଣ ।୮ ।
ଦେବ ଗଣ ନର ଗଣ ହିଁ
ଓଁ କାରୁ ପିତୃ ଗଣ କହି ।୯ ।
ରାକ୍ଷସ ଗଣ ନାଗ ଗଣ
ଓଁ କାରୁ ଜନ୍ମ ଭୂତ ଗଣ ।୧୦ ।
ବିଷ୍ଣୁ ଗଣ ଦେବ ଗଣ ହିଁ
ଓଁ କାରୁ ଗ୍ରହ ଗଣ କହି ।୧୧ ।
ପିଶାଚ ଗଣ ପେତ୍ର ଗଣ
ଓଁ କାରୁ ଋଷି ଗଣ ପୁଣ ।୧୨ ।
ଯୋଗିନ୍ନିଗଣ ଯମଗଣ ହିଁ
ଓଁ କାରୁ ରୁଦ୍ରଗଣ କହି ।୧୩ ।
ଓଁ କାରୁ ଅପସରା ଗଣ
ଲୀଳା ନିମନ୍ତେ ଜାତ ପୁଣ ।୧୪ ।
ଓଁ କାରୁ କାଳ ମୃତ୍ୟୁ ହୋଇ
ଜାତ କରି ନାଶୁଛି ସେହି ।୧୫ ।
କିମ୍ବା ଜାତକରି ନାଶିଲା
ଏକଥା ସଂଶୟ ଲାଗିଲା ।୧୬ ।
ନୂଆ ପୁରୁଣା ଯେ ନୋହିଲେ
ଲୀଳା ସୁଖ ନାହିଁ ଭଲେ ।୧୭ ।
ମନୁଷ୍ୟ ଗଣଙ୍କର ପାଇଁ
କେତେ ପଦାର୍ଥ କରେ ସେହି ।୧୮ ।
ଛପନ କୋଟିରେଟି ସାର
ମନୁଷ୍ୟ ବୋଲି ଯେ ଶରୀର ।୧୯ ।
ଓଁ କାର ସର୍ବ ଘଟେ ଥାଇ
ମନୁଷ୍ୟ ଗଣେ ହେତୁ ଦେଇ ।୨୦
ଆଜ୍ଞାରୁ ନାନା ଭୋଗ କରେ
ଓଁ କାର ରୂପେ ସେ ଶରୀରେ ।୨୧ ।
ଓଁ କାରୁ ନାନା ଭୋଗ ହେଲା
ସେହି ତାହାକୁ ଭୋଗ କଲା ।୨୨ ।
ପାଟ ପତନୀ ପୀତାମ୍ବର
ଚୁଆ ଚନ୍ଦନ ଅଳଙ୍କାର ।୨୩ ।
ଖଟ ପଲଙ୍କ ଯେ ଶୁପାତି
ନାନାଦି ପୁଷ୍ପ ଯେ ହୁଅନ୍ତି ।୨୪ ।
ନାନାଦି ପକ୍ୱ ଫଳ ଯେତେ
ଓଁ କାରୁ ଜାତ ଏ ସମସ୍ତେ ।୨୫ ।
ଓଁ କାରୁ ଷଡ଼ ରସ ହୋଇ
ମନୁଷ୍ୟ ଗଳେ ଭୋଗ ଦେଇ ।୨୬ ।

ବେଦ ବିଦ୍ୟା ଜ୍ୟୋତିଷ ଜଣେ
ପାପ ପୁଣ୍ୟଟି ଯେ ବଖାଣେ ।୨୭ ।
ମନୁଷ୍ୟ ଗଣ ବିନୁ କେହି
ଆଉ କେ ଭୋଗ ନ କରଇ ।୨୮ ।
ଏ ଯାକୁ ପୂଜଇଟି ଶୁଣ
ଦେବତା ବୋଲିଟି ବଖାଣ ।୨୯ ।
ନୋହିଲେ ଦେବତା ନୁହଁଇ
ଶୁଣ ସୁମନେ ଚିତ୍ତ ଦେଇ ।୩୦ ।
ଏ ଯେ ମନୁଷ୍ୟ ଗଣ ସାର
ନାନା ଉପାୟ ଏହାଙ୍କର ।୩୧ ।
ଓଁ କାର ସର୍ବ ଘଟେ ଥାଇ
ମନୁଷ୍ୟ ଗଣେ ହେତୁ ଦେଇ ।୩୨ ।
ତେଣୁ ଜାଣିଲେ ଏହି ସର୍ବ
ଏ ବିନୁ ନାହିଁ ଅନ୍ୟ ଦେବ ।୩୩।
ଏହାକୁ ଏହି ଯେ ଚିହ୍ନିଲେ
ଏ ପିଣ୍ଡ ରହିବଟି ଭଲେ ।୩୪ ।
ନୋହିଲେ କେବେ ନ ରହଇ
ଓଁକାର ଭାଙ୍ଗିବଟି ଦେହୀ ।୩୫ ।
ଆଜ୍ଞା ପାଇଣ ଯେ ଓଁକାର
ଦେହରେ କରୁଛି ବିହାର ।୩୬ ।
ଆଜ୍ଞା ହୋଇଲେ ଦେହ ଛାଡ଼ି
ମହାଶୂନ୍ୟରେ ଯିବି ବୁଡ଼ି ।୩୭ ।
ତାହାର ଆୟତ୍ତ ନୁହଁଇ
ଆଜ୍ଞାରୁ ସର୍ବ ଘଟେ ସେହି ।୩୮ ।
ଆଜ୍ଞା ପାଇଣ ସେ ଅଇଲା
ସର୍ବ ଘଟରେ ଲୀଳା କଲା ।୩୯ ।
ଯାହାକୁ ଯେମନ୍ତ ଶବଦ
ଓଁ କାର କରୁଛନ୍ତି ନାଦ ।୪୦ ।
ନାନା ବର୍ଣ୍ଣଟି ଜୀବ ଧରେ
ଏକା ଓଁକାର ସର୍ବ କରେ ।୪୧ ।
ଛପନ କୋଟି ଜୀବ ଜାଣ
ଭିନ୍ନାଭିନ୍ନଟି କଲା ପୁଣ ।୪୨ ।
ଏକା ଓଁକାର ସର୍ବ ଦେହୀ
ତାହାର ରୂପ ବର୍ଣ୍ଣ ନାହିଁ ।୪୩।
ତୁହିଟ ଦେଖ ସମ କରି
ଏକା ଓଁକାର ତୁ ବିଚାରି ।୪୪ ।
ଏକା ଓଁକାରୁ ଭିନ୍ନ ନାହିଁ
ସର୍ବ ଜାତ କରୁଛି ସେହି ।୪୫ ।
ଶୀତ ବରଷା ଖରା ଜାଣ
ତା'ର ଶରୀରୁ ଏ ଭିଆଣ ।୪୬ ।
ଷଡ଼ ଋତୁଟି ତା ଶରୀର
ଏହା ତୁ ମନେ ହେତୁ କର ।୪୭ ।
ରାତ୍ର ଦିବସ ଓଁକାର ହିଁ
ବାର ମାସଟି ତା'ର ଦେହୀ ।୪୮ ।
ସାତ ବାରଟି ଯେ ଓଁକାର ହିଁ
ଷୋଳ ଘଡ଼ିଟି ତା ଶରୀର ।୪୯ ।
ଏବେ କହିବା ଶୁଣ ରସ
ନମଇ ଅରକ୍ଷିତ ଦାସ ।୫୦ ।
ଆହେ ସୁଜନ ମାନେ ଶୁଣ
ଚନ୍ଦ୍ର ସୂର୍ଯ୍ୟଙ୍କର ବିଧାନ ।୫୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଏକତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଦୟାକର
ସପ୍ତାଙ୍ଗ ଯୋଗର ବିଚାର ।୧ ।
ଏହା ଶୁଣିଣ ମୋର ମନ
ପୁଜଇ ତୁମ୍ଭ ପାଦେ ପୁଣ ।୨ ।
ମନ ମୁଖରୁ ଏହା ଶୁଣି
ସପ୍ତାଙ୍ଗ ଯୋଗ କହି ପୁଣି ।୩।
ଚନ୍ଦ୍ର ସୂର୍ଯ୍ୟ ଜୀବ ପରମ
ଏ ଦୁଇ ଜଣଙ୍କର ଗୁଣ ।୪ ।
ଜୀବ ପରମ ସେହୁ ହୋଇ
ଦେହକୁ ଧରିଛନ୍ତି ସେହି ।୫ ।
ଓ କାରୁ ଚନ୍ଦ୍ର ସୂର୍ଯ୍ୟ ହେଲେ
ନାସିକା ପଥେ ବିହରିଲେ ।୬ ।
ବାମ ପୁଡ଼ାରେ ଯେବେ ବହି
ଜୀବ ଚନ୍ଦ୍ରଟି ସେ ବୋଲାଇ ।୭ ।
ଡାହାଣ ପୁଡ଼ାରେ ଯେବେ ବହି
ପରମ ସୂର୍ଯ୍ୟ ଅଟେ ଭଲେ ।୮ ।
ଦୁଇ ଘଡ଼ିଟି ବାମେ ବହି
ପୁଣି ଦକ୍ଷିଣକୁ ସେ ଯାଇ ।୯ ।
ଦି ଘଡ଼ି ଦକ୍ଷିଣ ପୁଡ଼ାରେ
ଓଲଟ ପାଲଟେ ବିହରେ ।୧୦ ।
ଦକ୍ଷିଣ ପୁଡ଼ାରେ ବହିଲେ
ସ୍ନାନ ଭୋଜନ କର ଭଲେ ।୧୧ ।

ନାନାଦି ଦ୍ରବ୍ୟ ତୁ ଭକ୍ଷିବୁ
ନିରୋଗ ଶରୀର କରିବୁ ।୧୨ ।
ସୂର୍ଯ୍ୟଙ୍କ ତେଜ ଲାଗି ପୁଣ
ଆହାର ପାକ ତତ୍‌କ୍ଷଣ ।୧୩।
ଆହାର ପାକ ଯେବେ ହୋଇ
ରୋଗଟି କେବେ ନ ପଶଇ ।୧୪ ।
ସୂର୍ଯ୍ୟ ଉଇଁବ ଯେତେବେଳେ
ନିଦ୍ରାକୁ ଜାଗିଥିବୁ ବଳେ ।୧୫ ।
ସେ ଦୁଇ ଘଡ଼ିରେ ନଶୋଇ
ତେବେ ରଖିବୁ ତୋର ଦେହୀ ।୧୬ ।
ରବି ଶନି ଗୁରୁ ମଙ୍ଗଳ
ଏ ଚାରିବାର ସୂର୍ଯ୍ୟ ସ୍ଥଳ ।୧୭ ।
ଏ ଚାରିବାରେ ସ୍ନାନକର
ମନ୍ତ୍ର ମୃତ୍ୟୁକୁ ତୁ ନ ଡର ।୧୮ ।
ବାମ ପୁଡ଼ାରେ ବହୁଥିଲେ
କିଛି ତୁ ନ ଖାଇବୁଟି ଭଲେ ।୧୯ ।
ଚନ୍ଦ୍ରମା ଶୀତଳ ଅଟଇ
ଆହାର ପାକ ଯେ ନୁହଁଇ ।୨୦ ।
ଆହାର ପାକ ଯେ ନୋହିଲେ
ନାନା ରୋଗଟି କରେ ଭଲେ ।୨୧ ।
ତେଣୁ ଅଳପେ ନାଶ ଯାଇ
ତାକୁ ନ ରଖି ପାରେ କେହି ।୨୨ ।

ବାମ ପୁଡ଼ାରେ ବହୁଥିବ
ସ୍ନାହାନ କେବେ ନ କରିବ ।୨୩।
ଏ ଦୁଇ ଘଡ଼ିରେ ଶୋଇବୁ
ଯୋଗ ନିଦ୍ରାଟି ତୁହି ଯିବୁ ।୨୪।
ସୋମ ଶୁକ୍ରେ ତୁ ବୁଧ ବାରେ
ସ୍ନାହାନ ନକର ତହିରେ ।୨୫।
ଏ ତିନିବାର ଚନ୍ଦ୍ରଙ୍କର
ଏଥି ଜାଗିଲେ ଅଜ୍ରାମ୍ବର ।୩୬।
ସୂର୍ଯ୍ରଙ୍କବାର ହୋଇଥିବ
ଏହି ବାରରେ ଦିଗଯିବ ।୨୭।
ଚନ୍ଦ୍ରଙ୍କ ବାର ହୋଇଥିଲେ
ଗଲେଟି ଯଶ ନାହି ଭଲେ ।୨୮।
ସୂର୍ଯ୍ୟଙ୍କ ବାର ହୋଇଥିବ
ଏହି ବେଳରେ ଯେଣେ ଯିବ ।୨୯।
ସୂର୍ଯ୍ୟଙ୍କ ବେଳ ହୋଇଥିଲେ
ଚନ୍ଦ୍ର ବାରରେ ଯେଣେ ଗଲେ ।୩୦।
ଅଶୁଭ ସେଦିନ ଅଟଇ
ଯେଣେ ଗଲେଟି ଯଶ ନାହିଁ ।୩୧।
ଚନ୍ଦ୍ର ସୂର୍ଯ୍ୟଙ୍କୁ ଜାଗିଥିଲେ
ଏ ଦେହ ରଖିବୁଟି ଭଲେ ।୩୨।
ଏହାଙ୍କୁ ନିତ୍ୟେ ଯାଗିଥିବୁ
ଦୁଇ ଘଡ଼ିରେ ତୁ ଛାଡ଼ିବୁ ।୩୩।
ଏ ଦୁହେଁ ଦେହ ଧରିଛନ୍ତି
ଏହାଙ୍କୁ ଜଗିଥିବୁ ନିତି ।୩୪।
ଉଦେ ଅସ୍ତ ତୁ କରୁଥିବୁ
ତିଳାର୍ଦ୍ଧେ ବଳାଇ ନ ଦେବୁ ।୩୫।
ଚନ୍ଦ୍ରମା ତେଜ ଯେ ବଳିଲେ
ଜଳ ଘୋଟିବ ତତକାଳେ ।୩୬।
ସୂର୍ଯ୍ୟଙ୍କ ତେଜ ଯେବେ ବଳି
ଅଗ୍ନି ଉଠିବ ଅସମ୍ଭାଳି ।୩୭।
ଦୁଇ ଘଡ଼ି ଯେ ଦୁଇଦ୍ୱାରେ
ଓଲଟ ପାଲଟ ଯେ କରେ ।୩୮।
ରୋଗ ବ୍ୟାଧିହିଁ ନ ପଶନ୍ତି
ଅମର ହୋଇଣ ରହନ୍ତି ।୩୯।
ନେ ହିଦଲ କେବେ ଯଶ ନାହିଁ
ଏହାକୁ ଯେବେ ନ ଜଗଇ ।୪୦।
ସାତବାରଟି ଯେବେ ବାଇ
ବାମ ପୁଡ଼ାରେ ଯେବେ ବହି ।୪୧।
ଆଠ ଦିନେଟି ମୃତ୍ୟୁ ହେବ
ଡାହାଣେ ଯେବେ ସେ ନଯିବ ।୪୨।
ଡାହାଣ ପୁଡ଼ା ସାତବାର
ଯେବେ ବହିବ ସେ ନିକର ।୪୩।
ଅବଶ୍ୟ ମୃତ୍ୟୁଟି ଘଟିବ
ବାମକୁ ଯେବେ ସେ ନଯିବ ।୪୪।
ସାତବାର ଯେ ଲେଉଟାଇ
ମୃତ୍ୟୁକୁ ଜିଣି ସେ ରହଇ ।୪୫।
ଗଙ୍ଗା ଯମୁନା ସ୍ନାନ କର
କାଳ ମୃତ୍ୟୁକୁ ତ ନଡ଼ର ।୪୬।

ଏକାବେଳେଟି ସ୍ନାନ କଲେ
କୋଟିଏ ସ୍ୱାର୍ଥ ଫଳ ଭଲେ ।୪୭ ।
ଚନ୍ଦ୍ର ସୂର୍ଯ୍ୟଟି ଦୁଇ ନଈ
ଏକା ଓଁ କାରୁ ସର୍ବ ହୋଇ ।୪୮ ।
ଏହା ନ ଜାଣେ ମୂର୍ଖ ପଣେ
ପଥ ନଜାଣି ଏଣେ ତେଲେ ।୪୯ ।
ନାନା ତୀର୍ଥରେ ସ୍ନାନ କଲେ
ଘର ଦିଅଁ ପାଶୋରି ମରେ ।୫୦ ।
ନାନାଦି ଧ୍ୟାନ ମନ୍ତ୍ର ସ୍ମରେ
ନିଜ ଦିଅଁ ପାଶୋରି ମରେ ।୫୧ ।
ଏକା ଓଁ କାର ଦେଖ ତୁହି
କେତେ ପ୍ରକାରେ ସେ ବହଇ ।୫୨ ।
ଆଜ୍ଞା ପାଇଣ ସେ ରହିଛି
ରାତ୍ର ଦିବସ ନ ଜାଣୁଛି ।୫୩ ।
ଏଣୁ ଯେ ମାରଇ ତେଣିକି
ତେଣୁ ଯେ ମାରଇ ଏଣିକି ।୫୪ ।
ଦଣ୍ଡେ ବିଶ୍ରାମ ତା'ର ନାହିଁ
ଆଜ୍ଞାକୁ ଶିରେ ବହିଥାଇ ।୫୫ ।
ଆଜ୍ଞା ହୋଇଲେ ଦେହ ଛାଡ଼େ
ମାଟି ପିଣ୍ଡଟି ଝଡ଼ି ପଡ଼େ ।୫୬ ।
ଏମନ୍ତେ ଆଜ୍ଞା ମାନିଛନ୍ତି ।
ତିଳାର୍ଦ୍ଧେ ବିମୂଖ ନୁହନ୍ତି ।୫୭ ।
ଏବେ ସୁମନ ଶୁଣ ତୁହି
ସାତବାରଙ୍କ ଗୁଣ ଏହି ।୫୮ ।

ରବି ବାରର କଥା ଶୁଣ
କହିବା ହେତୁ କରି ଘେନ ।୫୯ ।
ଚନ୍ଦ୍ର ସୂର୍ଯ୍ୟଙ୍କୁ ଏକ କରି
ତୋଳିବୁ ମିଶାଇଣ ଭରି ।୬୦ ।
ତ୍ରିକୂଟ ସନ୍ଧିରେ ଭରିବୁ
ଉଜାଣି ବାଇ ବୁଲାଇବୁ ।୬୧ ।
ଏଦିନ ସ୍ତିରୀ ସଙ୍ଗ କହି
ନକରି ନ ଛୁଇଁବୁ ତୁହି ।୬୨ ।
ତେବେଟି ଏଦେହ ରହିବ
ଯମ ଦେଖି ଭୟ କରିବ ।୬୩ ।
ସୋମବାରେ ସ୍ତିରୀ ସଙ୍ଗେ
ରତି କରିବୁ ନାନା ରଙ୍ଗେ ।୬୪ ।
ଦକ୍ଷିଣ ପୁଡ଼ାରେ ପବନ
ବହୁ ଯେ ଥିବ କହୁ ଶୁଣ ।୬୫ ।
ତେତେ ବେଳେ ରତି କରିବୁ
ତିଥି ଲଗ୍ନକୁ ଜଗିଥିବୁ ।୬୬ ।
ମଙ୍ଗଳବାରେ ସ୍ତିରୀ ସଙ୍ଗ
ବାରେ କରିବୁ ପରିତ୍ୟାଗ ।୬୭ ।
ଏବାରେ ପବନ ଉଜାଣି
ତୋଳିବୁ ତ୍ରିକୂଟକୁ ପୁଣି ।୬୮
କାଳ ମୃତ୍ୟୁକୁ ତୁ ଜିଣିବୁ
ତେବେଟି ଏଦେହ ରଖିବୁ ।୬୯ ।
ବୁଧବାରରେ ରତି କରି
ତିଥି ଲଗ୍ନକୁ ତୁହି ଧରି ।୭୦ ।

ଗୁରୁବାରରେ ସ୍ତିରୀ ତୁହି
ନକରି ନ ଛୁଇଁବୁ କହି ।୭୧ ।
ନାମକୁ ଚିନ୍ତା କରୁଥିବୁ
ତେବେ ଅଜ୍ରାମରେ ରହିବୁ ।୭୨ ।
ଯମ ଦେଖିଣ ଡରୁଥିବ
ମୃତ୍ୟୁ କେବେ ତୋତେ ନୋହିବ ।୭୩ ।
ଶୁକ୍ରବାରରେ ରତି ତୁହି
କର ହୋ କିଛି ଭୟ ନାହି ।୭୪ ।
ଦକ୍ଷିଣ ପୁଡ଼ାରେ ପବନ
ବହିବ ଯେତେବେଳେ ପୁଣ ।୭୫ ।
ସେତେବେଳଟି ସ୍ତିରୀ ସଙ୍ଗେ
ରତି କରିବୁ ନାନା ରଙ୍ଗେ ।୭୬ ।
ସେ ବୀର୍ଯ୍ୟ ଯାଇଁ ପଦ୍ମେ ରହି
ପୁରୁଷ ଅଙ୍ଗ ଜାତ କହି ।୭୭ ।
ଶନିବାରରେ ତୁହି ଜାଣ
ସ୍ତିରୀକି ନ ଛୁଇଁବୁ ପୁଣ ।୭୮ ।
ଏବାରେ ପବନ ତୋଳିବୁ
ଅବାୟୁ ମଣ୍ଡଳେ ଭରିବୁ ।୭୯ ।
ତେବେ ଅମର ହେବୁ ଶୁଣ
ସାତବାରକୁ ଜାଗ ପୁଣ ।୮୦ ।
ଶନିବାରଟି ସ୍ତିରୀ କହି
ଚାରି ବାରଟି ପୁରୁଷଇଁ ।୮୧ ।
ସାତବାରଟି ଜାଗିଥିବୁ
ତିଳାର୍ଦ୍ଧେ ହେଳା ନକରିବୁ ।୮୨ ।
ହେଳା କଲେଟି କାଳ ମୃତ୍ୟୁ
ମାରି ନେବଟି କର ହେତୁ ।୮୩ ।
ରାତ୍ର ଦିବସ ସାତବାର
ଜଗିଥିବୁଟି ତୁ ନିକର ।୮୪ ।
ଏ ସାତବାର ଜାଗିଥିଲେ
କେବେ ନମରିବୁଟି ଭଲେ ।୮୫ ।
ହେ ମନ ଏ ସାତ ବାରକୁ
ଜାଗ ହୋ କହିଲି ତୁମ୍ଭଙ୍କୁ ।୮୬ ।
ନ ଜଗିଲେଟି ଯଶ ନାହିଁ
ଏବେଟି ନତ୍ୟେ ଜାଗ କହି ।୮୭ ।
ନ ଜଗିଲେଟି ହେବୁ ନାଶ
କହି ଅରକ୍ଷିତ ଦାସ ।୮୮ ।
ଆହେ ସୁଜନମାନେ ଶୁଣ
ସପ୍ତାଙ୍ଗ ଯୋଗର ବିଧାନ ।୮୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଏକତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଦ୍ୱାତ୍ରିଂଶ ଅଧ୍ୟାୟ

ଆହେ ସୁମନ ଶୁଣ ତୁହି
ଓଁକାରୁ ସର୍ବ ଜାତ ହୋଇ । ୧ ।
ଓଁକାରୁ ଆଜ୍ଞା ପାଇକରି
କେତେ ଭଙ୍ଗରେ ସେ ବିଚାରି । ୨ ।
ମନୁଷ୍ୟଗଣ ଯେତେ ଛନ୍ତି
ଗୋଟିକେ ବେଗଳ ଦିଶନ୍ତି ।୩।
ଶୋଭାଟି ଯାହାକୁ ଯେମନ୍ତ
ଓଁକାରୁ ସବୁ ଯେ ଘଡ଼ିତ ।୪ ।
ଯାହାକୁ ଯେଡ଼େ ତେଡ଼େ ସେହି
ଏକା ଓଁ କାର ସର୍ବ ଦେହୀ ।୫ ।
ତୁଚ୍ଛକୁ ତୁଚ୍ଛ ରୂପ ଶୁଣ
ମୋଟକୁ ମୋଟ ରୂପ ପୁଣ ।୬ ।
ଦେଖ କଣ୍ଟାକୁ ଗୋଜା କଲା ।
ପୁଷ୍ପରେ ବାସ ଯେ ଥୋଇଲା ।୭ ।
ବୃକ୍ଷରେ ଫଳ ଯେ ଫଳଇ
ପଇଡ଼େ ଜଳ ଯେ ପୂରଇ ।୮ ।
ହଂସ ବକକୁ କଲା ଶ୍ୱେତ ।
ଆଖୁରେ ପୁରି ଅମୃତ । ୯ ।
ମାଛି ମୁଖରେ ମଧୁ ଥୋଇ
ଗାବ ଚିରରେ କ୍ଷୀର ରହି । ୧ ୦ ।

ଜନନୀ ସ୍ତନେ କ୍ଷୀର ପୁଣ
ସଞ୍ଚିଲା ଏହି ବିଧି ପୁଣ । ୧ ୧ ।
ବ୍ୟାଘ୍ର ହିଁ ମୃଗ ଯେ ମୟୂର
ଏହାଙ୍କୁ ଚିତ୍ରିଲା ଶରୀର । ୧ ୨ ।
ଚଉଦ ପୁର ଚାରି ଖାନି
ଏକା ଓଁକାର ସର୍ବ ଘେନି । ୧ ୩।
ରାତ୍ର ଦିବସ ଗ୍ରୀଷମହିଁ
ଖରା ବରଷା ଶୀତ ସେହି । ୧ ୪ ।
ଶୁଷ୍କ ମାନଙ୍କରେ ସାହେର
ଷଡ଼ ରତୁଟି ଯେ ଓଁକାର । ୧ ୫ ।
କାଷ୍ଠ ପାଷାଣେ ଅଗ୍ନି ଥୋଇ
କ୍ଷୀରରେ ଘୃତ ଯେ ରଖଇ । ୧ ୬।
ତିଳରେ ତୈଳ ଯେ ଥୋଇଲା
କାର୍ଯ୍ୟେ ମଙ୍ଗଳ ସେହୁ ହେଲା । ୧ ୭ ।
ନାନାଦି ପକ୍ୱ ଫଳ ସେହି
ନାନାଦି ବାସ ଗନ୍ଧ ହୋଇ । ୧ ୮ ।
ଷଡ଼ ରସରେ ନାନା ଭୋଗ
ସମ୍ପାଦି କଲାକି ସଂଯୋଗ । ୧ ୯ ।
ଅଷ୍ଟ ଧାତୁରେ ନାନା ଦ୍ରବ୍ୟ
ଭିଆଣ କଲା ଅସମ୍ଭବ । ୨ ୦ ।

ଅଷ୍ଟ ରତ୍ନରେ ଅଳଙ୍କାର
ନାନାଦି ପଦାର୍ଥରେ ସାର ।୨୧ ।
ଏକା ଓଁକାରୁ ସର୍ବ ଜାତ
ଦଶ ରଙ୍ଗରେ ସେ ଘଟିତ ।୨୨ ।
ଛପନ କୋଟି ଜୀବ ସେହି
ଏକା ଓଁକାର ସର୍ବ କହି ।୨୩ ।
ଆକାଶୁ ମହୀ ଯାଏ ପୁରି
ଜୀବେ ଅଜୀବେ ସମସରି ।୨୪ ।
ଲୀଳା ନିମନ୍ତେ ଆଜ୍ଞା ପାଇଁ
କ୍ଷଣେ ବିଶ୍ରାମ ତା'ର ନାହିଁ ।୨୫ ।
ଦେଖ ପବନ ଯେ ଓଁକାର
କ୍ଷଣେ ବିଶ୍ରାମ ନାହିଁ ତା'ର ।୨୬ ।
ଓଁକାର ଜଳ ଜାତ ହୋଇ
କ୍ଷଣେ ବିଶ୍ରାମ ତା'ର ନାହିଁ ।୨୭ ।
ଓଁକାରୁ ଅଗ୍ନି ରୂପ ଜାଣ
କ୍ଷଣେ ବିଶ୍ରାମ ନାହିଁ ପୁଣ ।୨୮ ।
ଓଁକାରୁ ଚାରି ବେଦ ହୋଇ
କ୍ଷଣେ ବିଶ୍ରାମ ତା'ର ନାହିଁ ।୨୯ ।
ଓଁକାରୁ ଅକ୍ଷର ଜନ୍ମୁଛି
କ୍ଷଣେ ବିଶ୍ରାମ ତା' ନୋହୁଛି ।୩୦ ।
ଓଁକାରୁ ଚନ୍ଦ୍ର ଜନ୍ମ ହୋଇ
କ୍ଷଣେ ବିଶ୍ରାମ ତାଙ୍କ ନାହିଁ ।୩୧ ।

ଓଁକାରୁ ସୂର୍ଯ୍ୟ ଜନ୍ମ ଜାଣ
କ୍ଷଣେ ବିଶ୍ରମ ନାହିଁ ପୁଣ ।୩୨ ।
ଓଁକାରୁ ତାରାଗଣ ହୋଇ
କ୍ଷଣେ ବିଶ୍ରାମ ତାଙ୍କ ନାହିଁ ।୩୩ ।
ଓଁକାରୁ ଚାରିମେଘ ଜାଣ
କ୍ଷଣେ ବିଶ୍ରାମ ନାହିଁ ପୁଣ ।୩୪ ।
ଓଁକାରୁ ଇନ୍ଦ୍ର ଜନ୍ମ ହୋଇ
ଅନୁକ୍ଷଣେଟି ଚିନ୍ତା ବହି ।୩୫ ।
ଓଁକାରୁ ଯମଟି ଜନ୍ମିଲା
ଅନୁକ୍ଷଣେଟି ଚିନ୍ତା କଲା ।୩୬ ।
ବୃହସ୍ପତି ଓଁକାରୁ ହୋଇ
ଅନୁକ୍ଷଣେ ସେ ଚିନ୍ତା ବହି ।୩୭ ।
ଓଁକାରୁ କୁବେର ଜନ୍ମିଲା
ଅନୁକ୍ଷଣେଟି ଚିନ୍ତାକଲା ।୩୮ ।
ଓଁକାରୁ ବାରାନିଧି ହୋଇ
କ୍ଷଣେ ବିଶ୍ରାମ ତା'ର ନାହିଁ ।୩୯ ।
ଓଁକାରୁ ଲକ୍ଷ୍ମୀ ଜନ୍ମ ହେଲେ
ଅନୁକ୍ଷଣେଟି ଚିନ୍ତା କଲେ ।୪୦ ।
ଓଁକାରୁ ବାସୁକି ଜନ୍ମିଲା
କ୍ଷଣେଟି ଚିନ୍ତା ନ ଛାଡ଼ିଲା ।୪୧ ।
ଓଁକାରୁ ପୃଥିବୀ ଜନ୍ମିଛି
ଅନୁକ୍ଷଣେ ଚିନ୍ତା କରୁଛି ।୪୨ ।

ଓଁକାରୁ ବ୍ରହ୍ମା ଯେ ଜନ୍ମିଲେ
ଅନୁକ୍ଷଣେ ସୃଷ୍ଟି ସର୍ଜିଲେ ।୪୩।
ଓଁକାରୁ ବିଷ୍ଣୁ ଜାତ କହି
ଅନୁକ୍ଷଣେ ସୃଷ୍ଟି ପାଳଇ ।୪୪।
ଓଁକାରୁ ଈଶ୍ୱର ଜନ୍ମିଲା
ଅନୁକ୍ଷଣେଟି ସହାରିଲା ।୪୫।
ମହାଶୂନ୍ୟରୁ ଆଜ୍ଞା ଦେଲେ
ଏମାନେ ଓଁକାରୁ ଜନ୍ମିଲେ ।୪୬।
ଓଁକାରୁ ଆଜ୍ଞା ବଳପାଇ
ଏ ସର୍ବ ଜାତ କଲା ସେହି ।୪୭।
ଜାତ କରିଟି ଆଜ୍ଞା ଦେଲେ
ପୃଥିବୀ ପାଳ ହୋ ବୋଇଲେ ।୪୮।
ତା' ଆଜ୍ଞା ଶିରେ ଧରିଛନ୍ତି
କ୍ଷଣେ ସ୍ଥିରଟି ସେ ନୁହଁନ୍ତି ।୪୯।
ଛପନ କୋଟି ଜୀବ ପୁଣ
ଏହାଙ୍କୁ ପାଳ ନାଶେ ଜାଣ ।୫୦।
ଏକା ଓଁକାର ଘୋଟି ଅଛି
ଭାବ ତୁ ଭୟ ନାହିଁ କିଛି ।୫୧।
ଓଁକାର ମହିମା ଅଶେଷ
କହଇ ଅରକ୍ଷିତ ଦାସ ।୫୨।
ଆହେ ସୁଜନେ କ୍ଷମା କର
ମୋହର ଦୋଷ ଯେ ନଧର ।୫୩।
ମୂର୍ଖ ପଣରେ ଏହା କହି
ଏ ଦୋଷ ତୁମ୍ଭଙ୍କୁ ମାଗଇ ।୫୪।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଦ୍ୱାତ୍ରିଂଶୋଽଧ୍ୟାୟଃ ।

--- ୦ ---

# ତ୍ରୟୋତ୍ରିଂଶ ଅଧ୍ୟାୟ

ଏବେ ସୁମନ କହି ତୋତେ
ଯେମନ୍ତେ ଭ୍ରମିବୁ ଜଗତେ ।୧ ।
ଓଁକାର ଭାବ ମନେ ଘେନ
ସର୍ବ ଦେଖିବୁ ତୁ ସମାନ ।୨ ।
ଓଁକାର ଯେମନ୍ତେ ଘୋଟିଛି
ଶୁଭ ଅଶୁଭ ନ ଜାଣୁଛି ।୩ ।
ସ୍ୱର୍ଗ ନରକ ନ ଜାଣଇ
ଧର୍ମ ଅଧର୍ମ ତା'ର କାହିଁ ।୪ ।
ପାପ ପୁଣ୍ୟ ହିଁ ନାହିଁ ତା'ର
ଭଲ ମନ୍ଦହିଁ କାହିଁ ଆଉ ।୫ ।
ବିକାର ଅବିକାର ନାହିଁ
ସର୍ବ ସମାନ ଦେଖେ ସେହି ।୬ ।
ଜାତି ଅଜାତି ନାହିଁ ତା'ର
ଏକ ଜାତିଟି ତା' ଶରୀର ।୭ ।
ଏକା ରକ୍ତଟି ସର୍ବ ଜୀବେ
ରୂପଟି ଭିନ୍ନ କଲା ଭାବେ ।୮ ।
ଲୀଳା ନିମନ୍ତେ ଭିନ୍ନ କଲା
ତା'ମାୟା କେହି ନ ଜାଣିଲା ।୯ ।
ମାୟାରେ ମୋହୁଛି ସଂସାର
ତା'ମାୟାକେ ଜାଣିବ ନର ।୧୦ ।
ଚନ୍ଦ୍ର ସୂର୍ଯ୍ୟ ବ୍ରହ୍ମା ଶିବ ହିଁ
ତା'ର ମାୟାରେ ଭ୍ରମେ କହି ।୧୧ ।
ଆଉ କେ ନ ଭ୍ରମିବ ଶୁଣ
ବଡ଼କେ ଅଛି ଆଉ ପୁଣ ।୧୨ ।
ସେହି ଓଁକାର ଦୟା କଲେ
ତା'ମାୟା ଜାଣିବ ସେ ଭଲେ ।୧୩ ।
ନୋହିଲେ କେବେ ଗତି ନାହିଁ
ଖୋଜିଲେ ପାଇବୁଟି କାହିଁ ।୧୪ ।
ଏହି ଦେହରେ ସେ ରହିଛି
ତା'ରୂପ ନ ଦିଶଇ କିଛି ।୧୫ ।
ଦେହରେ ଖାଉ ଅଛି ସେହି
ଏହା ତ କେହି ନ ଜାଣଇ ।୧୬ ।
କର୍ଣ୍ଣରେ କେହୁ ଶୁଣୁ ଅଛି
ଏହା ତ କେହି ନ ଜାଣୁଛି ।୧୭ ।
ନୟନେ କେହୁ ଦେଖେ ଜାଣ
ଏହା କେ କହି ଦେବ ପୁଣ ।୧୮ ।
ନାସାରେ କାହୁଁ ବାୟୁ ବହି
ଏହାତ କେହି ନ ଜାଣଇ ।୧୯ ।
ଶରୀର କେମନ୍ତେ ବଢୁଛି
ଏହାତ କେହି ନ ଜାଣୁଛି ।୨୦ ।
ଦିନକେ କେତେ ବଢ଼େ ପୁଣ
ଏହା କେ କହି ଦେବ ଶୁଣ ।୨୧ ।
ବଢୁଛି ଛିଡୁଛିଟି କେହି
ଏହା ତ କେହି ନ ଜାଣଇ ।୨୨ ।

ବୃଦ୍ଧ ବାଳକ କେ ହୋଇଲା
ଏହାତ କେହି ନ ଜାଣିଲା ।୨୩।
କି ରୂପେ ଶରୀର ଗଢୁଛି
ଏହାତ ଜାଣି ନ ପାରୁଛି ।୨୪।
ପାଣି ଟୋପାଏ ସିନା ଯାଇ
ମାତା ଗର୍ଭରେଟି ସଂଭାଇ ।୨୫।
ରକ୍ତ ମାଉଁସ ହାଡ ଚର୍ମ
କାହୁଁ ଅଇଲା ଶୁଣ ମନ ।୨୬।
ଚୌଷଠି ରୋଗଙ୍କର ଘର
କେମନ୍ତ ରୂପ ତାହାଙ୍କର ।୨୭।
କେଉଁ ସ୍ଥାନରୁ ସେ ଆସନ୍ତି
ଏହାତ କେହି ନ ଜାଣନ୍ତି ।୨୮।
ସାତଶ ବାଆସ୍ତରୀ ନାଡ଼ି
କି ରୂପେ ଶରୀରରେ ବେଢ଼ି ।୨୯।
ଏହାତ କେହି ନ ଜାଣଇ
ଶୁଣ ସୁମନେ ଚିତ୍ତ ଦେଇ ।୩୦।
ପ୍ରକୃତି ଗଣଙ୍କର ଘର
କେଉଁ ସ୍ଥାନରୁ ସେ ବାହର ।୩୧।
ତାଙ୍କର ରୂପଟି କେମନ୍ତ
ଏହା ନ ଜାଣନ୍ତି ଜଗତ ।୩୨।
ଏ ସର୍ବ ଭେଦି ଯେ ଜାଣିବ
ତେବେ ସଂସାରେ ସୁଖେ ଥିବ ।୩୩।
ମୋହିଲେ ମୂର୍ଖ ସେ ଅଟଇ
ଅଜ୍ଞାନ ହୋଇ ସେ ମରଇ ।୩୪।
ଏବେ ତୁ ମୋର ବୋଲ ଶୁଣ
ଏକା ପୁରୁଷ ଯେ ଭିଆଣ ।୩୫।
ଗର୍ଭ ଭିତରେ ଏ ଶରୀର
କି ରୂପେ ସଜାଇଲା ପୁର ।୩୬।
ଏହାକୁ ଧରି ଯେ ପାରିଲେ
ଏ ଦେହ ରହିଁବଟି ଭଲେ ।୩୭।
ଛିଡ଼ିବା ବଢ଼ିବା ନୋହିବ
ସେ ପ୍ରଭୁ ଦୟା ସେ କରିବ ।୩୮।
ଯେହୁଟି ଶରୀର ଗଢ଼ଇ
ତାଙ୍କୁ ଭାବିଲେ ଗତି ପାଇ ।୩୯।
ନୋହିଲେ ଗତି ନାହିଁ ଶୁଣ
ଏ କାହି ରହିବଟି ପୁଣ ।୪୦।
ଏବେ ସୁମନ ତାଙ୍କୁ ଭାବ
ତା' ତହୁଁ ନାହିଁ ଅନ୍ୟ ଦେବ ।୪୧।
ତାଙ୍କୁଟି ମନେ ଭାବୁଥିବୁ
ସର୍ବ କର୍ମଟି ତୁ କରିବୁ ।୪୨।
ନୟନେ ଦେଖୁ ଶୁଣୁ, ଯେତେ
ସମାନ ଦେଖ ସର୍ବ ଭୂତେ ।୪୩।
ତାଙ୍କୁ ନ ଚିହ୍ନି ମୂଢ଼ ନରେ
ସର୍ବ କର୍ମ କରି ସଂସାରେ ।୪୪।
ଅଜ୍ଞାନ ପ୍ରାଣ ସେ ହରାନ୍ତି
ପ୍ରଭୁର ଦୋରେହା ଅଟନ୍ତି ।୪୫।
ମୁହିଁଟି କହୁଅଛି ତୋତେ
ତାଙ୍କୁ ଦେଖିବୁ ସର୍ବ ଭୂତେ ।୪୬।
ତା'ଭାବ ହୃଦେ ତୁହି ଘେନି
କ୍ଷଣେ ନ ଛାଡ଼ିବୁଟି ପୁଣି ।୪୭।

ଯେମନ୍ତେ ସଂସାରେ ଭ୍ରମିବୁ
ତାହା କହିବି ମୁହିଁ ସବୁ ।୪୮ ।
ଏକାନ୍ତ ହୋଇ ତୁହି ରହ
କାହାରି ସଙ୍ଗ ତୁ ଯେ ନୁହଁ ।୪୯ ।
ଏକ ଦିନେ ଗ୍ରାମେ ବଞ୍ଚିବୁ
ଏକ ଦିନେ ବନସ୍ତେ ଥିବୁ ।୫୦ ।
କାହିଁ ବା ଧରଣୀ ଶୟନ
କାହିଁ ଖଟ ପଲଙ୍କେ ପୁଣ ।୫୧ ।
କାହିଁବା ସମ୍ପୂର୍ଣ୍ଣେ ଭୁଞ୍ଜିବୁ
କାହିଁବା ଉପାସେ ରହିବୁ ।୫୨ ।
କାହି ବା ଧୂଳି ଅଙ୍ଗେ ଦେଇ
କାହିଁ ଚନ୍ଦନ ଲଗା ତୁହି ।୫୩।
କାହିଁ ପାଟ ପତମା ପିନ୍ଧି
କାହିଁ ବା ଚର୍ମ ହୃଦେ ବାନ୍ଧି ।୫୪ ।
କାହିଁବା ଦୃଶ୍ୟ ରୂପେ ଥିବୁ
କାହିଁ ଅଦୃଶ୍ୟ ତୁ ହୋଇବୁ ।୫୫ ।
କାହିଁ ବା ନିନ୍ଦା ସ୍ତୁତି ସହ
ମନ ଆନନ୍ଦେ ଭ୍ରମୁ ଥାଅ ।୫୬ ।
ଏକା ଓଁ କାର ଭାବ ଘେନି
ରାତ୍ର ଦିବସ ତୁ ନ ଜାଣି ।୫୭ ।
ତୁଠ ପଥର ପ୍ରାୟେ ସହ
ତେବେ କରିବୁ ମାୟା ମୋହ ।୫୮ ।
ଏକା ଭାବକୁ ଧରିଥିବୁ
କାହାକୁ ଭୟ ନ କରିବୁ ।୫୯ ।
ତୋତେ ରଖିବେ ସେ ପୁରୁଷ
ନମଇ ଅରକ୍ଷିତ ଦାସ ।୬୦ ।
ଆହେ ସୁଜନ ଜନ ମାନେ
ମୋ ଦୋଷ ନ ଘେନିବ ମନେ ।୬୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ତ୍ରୟୋତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଚତୁସ୍ତ୍ରିଂଶ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ସହିବୁ ଗୋରୁ ପ୍ରାୟେ ହୋଇ ।୧ ।
ସର୍ବ ଜୀବଜନ୍ତୁଙ୍କ କ୍ରୋଧ
ସହିବୁ ସମକରି ବୋଧ ।୨ ।
କେ ଅବା ମାଡ଼ ଯେ ମାରିବେ
କେ ଅବା ଭତ୍ସନା କରିବେ ।୩।
ଜୀବ ଜନ୍ତୁଙ୍କ ହିଂସା ମାନ
ସହି ବୋଲୁବୁ ନାରାୟଣ ।୪ ।
ବୋଲିବୁ ପ୍ରଭୁ କୋପ ହୋଇ
ନମିବୁ ତା'ର ପାଦେ ତୁହି ।୫ ।
ମୋର ଅନ୍ୟାୟ ସେ ଦେଖିଲେ
ତେଣୁଟି ମୋତେ କୋପ କଲେ ।୬।
ଏମନ୍ତେ ବୋଲି ମନେ ମନେ
ସର୍ବ ସହିବୁ ସମାଧାନେ ।୭ ।
ବୃକ୍ଷ ପାଷାଣ ପ୍ରାୟେ ସହ
ତେବେ ରଖିବୁ ସିନା ଦେହ ।୮ ।
ଦେଖ ନାସା ପବନ ବହି
ବାସ ଦୁର୍ଗନ୍ଧ ସେ ନିଅଇ ।୯ ।
ସେହି ପ୍ରକାରେ ତୁ ହୋଇବୁ
ଗନ୍ଧ ଦୁର୍ଗନ୍ଧ ତୁ ଭକ୍ଷିବୁ ।୧୦ ।
ଦେଖ କର୍ଣ୍ଣଟି ସର୍ବ ଶୁଣେ
ପାପ ପୁଣ୍ୟଟି ସେ ନ ମଣେ ।୧୧ ।
ଏହି ପ୍ରକାରେ ତୁହି ହୁଅ
ତେବେ କିରବୁ ମାୟା ମୋହ ।୧୨ ।
ଦେଖ ଚକ୍ଷୁ ସର୍ବ ଦେଖଇ
ସଭ୍ୟ ଅସଭ୍ୟ ଦୃଷ୍ଟି ଦେଇ ।୧୩।
ସେହି ପ୍ରକାର ତୁହି ହୁଅ
ତେବେ ସଂସାରେ ସୁଖେ ଥାଅ ।୧୪ ।
ଦେଖ ଜହ୍ୱାଟି ସର୍ବ ଖାଇ
ସ୍ୱାଦ ଅସ୍ୱାଦ ସେ ବାରଇ ।୧୫ ।
ଏହାଙ୍କୁ ଜିଣ ସମ କରି
ତେବେ ତରିବୁ ଭବବାରି ।୧୬।
ମିଛ ସତଟି ଦୁଇ ଜାଣ
ଏ ଦୁହେଁ ଅଟନ୍ତି ସମାନ ।୧୭ ।
ଛୁଆଁ ଅଛୁଆଁ ନ ବାରିବୁ
ଏହାକୁ ସମାନ ଦେଖିବୁ ।୧୮ ।
ସଙ୍କୁଡ଼ି ନିସଙ୍କୁଡ଼ି ଦୁଇ
ସମାନ ଦେଖିବୁଟି ତୁହି ।୧୯ ।
ତୁ ମନ କିଛି ନ ବାରିବୁ
ସର୍ବ ସମାନ ତୁ ଦେଖିବୁ ।୨୦ ।

ଏକା ଓଁକାର ସର୍ବ କରେ
ତା'ଦେହେ ସର୍ବ ଗନ୍ଧ ଧରେ ।୨୧।
ସ୍ୱାଦ ଅସ୍ୱାଦ ସେ ବିଚାରି
ନୟନେ ଦେଖି ଶୁଣି କରି ।୨୨।
ସ୍ୱାଦ ଅସ୍ୱାଦ ତୁ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୨୩।
ଦେଖ ଓଁକାର ସର୍ବେ ଅଛି
ଏ ଦୁଇ ସମାନ ଦେଖୁଛି ।୨୪।
ତୁହିଟି ଏହି ଭାବେ ରହ
ଓଁକାର ଭାବ ଘେନି ଥାଅ ।୨୫।
କର୍ମ ଅକର୍ମ ଦେଖ ସମ
ଏ ଦୁହେଁ ଅଟନ୍ତି ସମାନ ।୨୬।
ଶୁଭ ଅଶୁଭ ନ ମଣିବୁ
ଏ ଦୁହେଁ ସମାନ ଦେଖିବୁ ।୨୭।
ଭଲ ମନ୍ଦଟି ନାହିଁ ଶୁଣ
ଏ ଦୁହେଁ ଅଟନ୍ତି ସମାନ ।୨୮।
ଦୁଃଖ ସୁଖ ହିଁ ନ ଜାଣିବୁ
ଏ ଦୁହେଁ ସମାନ ଦେଖିବୁ ।୨୯।
ଚିନ୍ତା ଅଚିନ୍ତା ତୁ ନ କର
ଏ ଦୁହେଁ ସମାନ ନିକର ।୩୦।
ଭୟ ଅଭୟ ନ କରିବୁ
ଏ ଦୁହେଁ ସମାନ ଦେଖିବୁ ।୩୧।
ସାଧୁ ଅସାଧୁ ତୁ ନ ମଣ
ଏ ଦୁହେଁ ଅଟନ୍ତି ସମାନ ।୩୨।
ଧର୍ମ ଅଧର୍ମ ନ କରିବୁ
ଏ ଦୁହେଁ ସମାନ ଦେଖିବୁ ।୩୩।
ପାପ ପୁଣ୍ୟଟି ତୁ ନକର
ଏ ଦୁହେଁ ସମାନ ନିକର ।୩୪।
ସ୍ୱର୍ଗ ନରକ ନ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୩୫।
ନିନ୍ଦା ସ୍ତୁତିଟି ତୁ ସହିବୁ
ଏ ଦୁଇ ସମାନ ଦେଖିବୁ ।୩୬।
ବିକାର ଅବିକାର ଜାଣ
ଏ ଦୁହେଁ ସମାନଟି ପୁଣ ।୩୭।
ଜାତି ଅଜାତି ନ ବାରିବୁ
ଏ ଦୁହେଁ ସମାନ ଦେଖିବୁ ।୩୮।
ଦେହ ଅଦେହ ତୁ ନ ମଣ
ଏ ଦୁହେଁ ଅଟନ୍ତି ସମାନ ।୩୯।
ଜୀବ ଅଜୀବ ନ ଜାଣିବୁ
ଏ ଦୁଇ ସମାନ ଦେଖିବୁ ।୪୦।
ଚନ୍ଦ୍ର ସୂର୍ଯ୍ୟଟି ଏକ ଜାଣ
ଏ ଦୁହେଁ ଅଟନ୍ତି ସମାନ ।୪୧।
ଦୁଇ ନୟନେ ଯେ ଅଛନ୍ତି
ଏ ଦୁହେଁ ସମାନ ଅଟନ୍ତି ।୪୨।
ଦୁଇ ନାସା ପୁଡ଼ାଟି ଜାଣ
ଏ ଦୁହେଁ ସମାନଟି ପୁଣ ।୪୩।
ଦୁଇ କର୍ଣ୍ଣଟି ଯେ ଅଛନ୍ତି
ଏ ଦୁହେଁ ସମାନ ଅଟନ୍ତି ।୪୪।

ଗୃହ୍ୟ ଦ୍ୱାରଟି ଦୁଇ ଦ୍ୱାର।
ଏ ଦୁହେଁ ସମାନ ନିକର।୪୫।
ମୁଖରେ ବଚନ ବୋଲୁଛି
ଭଲ ମନ୍ଦଟି ଯେ ଭାଷୁଛି।୪୬।
ମୂଖତା ସମାନ ଜାଣଇ
ଏ ଦୁହେଁ ଏକ ବୋଲି ସେହି।୪୭।
ସ୍ତିରୀ ପୁରୁଷ ଦୁହେଁ ଜାଣ
ଏ ଦୁହେଁ ସମାନଟି ପୁଣ।୪୮।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନି
ଏ ତିନି ଏକ ବୋଲି ଘେନି।୪୯।
ବ୍ରହ୍ମା ବିଷ୍ଣୁ ଶିବଟି ଜାଣ
ଏ ତିନି ଏକ ବୋଲି ଘେନ।୫୦।
ଜଳ ପବନ ଅଗ୍ନି ହୋଇ
ଏ ତିନି ଏକ ଅଙ୍ଗ କହି।୫୧।
ଏକା ଓଁକାର ସର୍ବ ଜାଣ
ଭିନ୍ନ ଭିନ୍ନଟି କଳା ପୁଣ।୫୨।
ଲୀଳା ନିମନ୍ତେ ଭିନ୍ନ ହୋଇ
ତା' ମାୟା କେହି ନ ଜାଣଇ।୫୩।
ନବ ଦ୍ୱାରରେ ବିହରିଲା
ଖଞ୍ଜାକୁ ଖଞ୍ଜା ଯେ ଚାଲିଲା।୫୪।
ରୋମ ରୋମକେ ବିହରଇ
ଅନନ୍ତ ରୂପ ତାର କହି।୫୫।
ଆଜ୍ଞାକୁ ଶିରେ ଘେନି ଅଛି
ଦୁଃଖ ସୁଖଟି ସେ ପାଉଛି।୫୬।
ଜନ୍ମୁଛି ମରୁଛିଟି ସେହି
ଏ ଦୁହେଁ ସମାନ ଅଟଇ।୫୭।
ଜନ୍ମ ମୃତ୍ୟୁଟି ତୁ ନୋହିବୁ।
ଏ ଦୁହେଁ ସମାନ ଦେଖିବୁ।୫୮।
ପର ଘରରେ ତୁ ରହିଛୁ
ଆପଣା ଘର ନ ଜାଣୁଛୁ।୫୯।
ଆପଣା ଘର ହେତୁ କର
ପର ଘରରେ ତୁ ବିହର।୬୦।
ଏହା ତୁ ଜାଣି ନ ପାରୁଛୁ
ଦେହକୁେ ମୋର ବୋଲୁ ଅଛଟୁ।୬୧।
ଓଁକାର ପରମ ପୁରୁଷ
କହଇ ଅରକ୍ଷିତ ଦାସ।୬୧।
ଆହେ ସୁଜନ ମାନେ ଶୁଣ
ପର ଘରଟି ଏହୁ ମନ।୬୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଚତୁସ୍ତ୍ରିଂଶୋଽଧ୍ୟାୟଃ।

--- ୦ ---

# ପଞ୍ଚତ୍ରିଂଶ ଅଧ୍ୟାୟ

ନମୋ ନମସ୍ତେ ହେ ଚୈତନ୍ୟ
ପରଂ ପୁରୁଷ କିମ୍ପା ନାମ ।୧ ।
ପର ଘରଟି କେ ବୋଲାଇ
ଏହା କହିବ ମୋତେ ଫେଇ ।୨ ।
ଜୀବେ ଅଜୀବେ ପୂରିଅଛି
ନଥିବା ଠାବ ନାହିଁ କିଛି ।୩ ।
କିମ୍ପାଟି ପରମ ପୁରୁଷ
ସଂଶୟ ଛେଦ ହୃଷୀକେଶ ।୪ ।
ଯାହାର ପରାପର ନାହିଁ
ତା'ଗର୍ଭେ ଆତ ଯାତ ହୋଇ ।୫ ।
ନିଜ ଘରଟି କେ ହୋଇଲା
ପର ଘରେ କାହାକୁ କଲା ।୬ ।
ମାଦକ ରୂପ ନିଜ ଘର
କହିତ ଅଛ ମୋ ଆଗର ।୭ ।
ତହିଁରୁ ସର୍ବେ ଜନ୍ମୁଛନ୍ତି ।
ତା' ଗର୍ଭେ ସର୍ବେ ଯେ ଅଜନ୍ତି ।୮ ।
ପର ଘରଟି କେ ହୋଇଲା
ମୋତେ ତ ସଂଶୟ ଲାଗିଲା ।୯ ।
ପରମ ପୁରୁଷ କିମ୍ପାଇ
ପର ଘରଟି କେ ଅଟଇ ।୧୦ ।
ଏହା ତ ମୋତେ କହି ଦେବ
ଏହି ଦେହରେ ବୁଝାଇବ ।୧୧ ।
ହେ ମନ ଜାଣି ନ ପାରୁଛୁ
ପର ଘରରେ ତୁ ରହିଛୁ ।୧୨ ।
ଏ ଦେହ ପର ଘର କହି
ଏଥିରେ ଲୀଳା କର ତୁହି ।୧୩ ।
ମୁହିଁ ତୋ ସଙ୍ଗେ ରହିଅଛି
ଏ ଦେହେଁ ଥାଇ ମୁଁ ଭ୍ରମୁଛି ।୧୪ ।
ପର ଘରଟି ଦେହ ଜାଣ
ଏଥବରେ ବାସ କଲା ପୁଣ ।୧୫ ।
ତେଣୁଟି ପରମ ପୁରୁଷ
ଏବେ କହିବା ଶୁଣ ରସ ।୧୬ ।
ଲୀଳା ନିମନ୍ତେ ଜାତ ହୋଇ
ଆପେଟି ପର ଘର କହି ।୧୭ ।
ଏବେ ଉପମା ତୋତେ ଦେବା
ତୋ ମନୁ ସଂଶୟ ଫେଡ଼ିବା ।୧୮ ।
କମାର ଭାତି ଯେ ଚାଳଇ
ପବନ ଗର୍ଜନ କରଇ ।୧୯ ।
ଯେବେ ହାତଟି ନ ଚାଳିବ
ବଚନ ନିଶବଦ ହେବ ।୨୦ ।
ଏହି ପ୍ରକାରେ ଏ ଶରୀର
ଏହା ତୁ ବୁଝ ହେତୁ କର ।୨୧ ।
ଶବଦ ନିଶବଦ ହେଲେ
ଏ ଘଟ ନାଶ ଯିବ ଭଲେ ।୨୨ ।

ଶବଦ ପର ଘର କହି
ହେ ମନ ଚେତ ଏବେ ତୁହି ।୨୩।
ନିଶବଦଟି ହେଲେ ଶୁଣ
ନିଜ ଘରକୁ ଯାଏ ପୁଣ ।୨୪।
ସେହ ନୟନ ଦେହେ ଥାଇ
କିଛି ତ ନ ଦିଶଇ କହି ।୨୫।
ଦୁଇ କର୍ଣ୍ଣଟି ଥାଇ ଦେହେ
କିଛି ନ ଶୁଭଇ ଯେ କହେ ।୨୬।
ଦୁଇ ନାଶା ପୁଡ଼ାଟି ଥାଇ
ପବନ ଆଉ ନ ବହଇ ।୨୭।
ସେଇ ମୁଖଟି ଥାଇ ପୁଣ
ବଚନ ନ କହଇ ଜାଣ ।୨୮।
ସେଇ ହସ୍ତ ପାଦ ହିଁ ଥାଇ
ଚାଳିତ ଆଉ ନ ପାରଇ ।୨୯।
ଇନ୍ଦ୍ର ଗୁହ୍ୟଟି ଥାଇ ପୁଣ
ନ କରେ ମୂଳ ମୂତ୍ର ଜାଣ ।୩୦।
ସେଇ ହୃଦୟ ପେଟ ଥାଇ
କ୍ଷୁଧା ତୃଷାଟି ନ କରଇ ।୩୧।
ସେଇ ପବନ ଥାଇ ଦେହେ
ଅଣେଭା ଦିଶଇଟି କାୟେ ।୩୨।
ଭୟ ନିଦ୍ରାଟି ସେ ଛାଡ଼ିଲା
ନିଶ୍ଚିନ୍ତ ହୋଇଣ ରହିଲା ।୩୩।
ସାତଶ ବାସ୍ତରୀ ନାଡି
ଚଳି ନ ପାରନ୍ତି ସେ ବଢ଼ି ।୩୪।
ଚୌଷଠି ରୋଗଙ୍କୁ ଛାଡ଼ିଣ
ପ୍ରକୃତି ଗଣକୁ ତେଜିଣ ।୩୫।
ଦୁଃଖ ସୁଖକୁ ହିଁ ସବୁ ଛାଡ଼ି
ରହିଲା ସେହି ଦେହେ ବୁଡ଼ି ।୩୬।
ସମ୍ପୂର୍ଣ୍ଣ ହୋଇ ପୂରି ଥିଲା
କେମନ୍ତେ ଦେହ ନାଶ ଗଲା ।୩୭।
ଏହାକୁ ଭେଦି ଯେ ଜାଣିବ
ପର ଘରକୁ ସେ ରଖିବ ।୩୮।
ନୋହିଲେ କେବେ ନ ରହଇ
ଅବଶ୍ୟ ଘଟ ନାଶ ଯାଇ ।୩୯।
ସେହି ପବନ ସେହି ଦେହ
ନାଶକେ ହେଉଅଛି କହ ।୪୦।
ପବନ ନାଶ କେବେ ନୋହେ
ଦେହରେ ସେହୁ ପୂରି ଥାଏ ।୪୧।
ଦେହକୁ ନାଶ କରେ ଯେହୁ
ଏହାତ ନ ଜାଣନ୍ତି କେହୁ ।୪୨।
ପରମ ପୁରୁଷଙ୍କୁ ଚିହ୍ନ
ଦେହକୁ ଭାଙ୍ଗେ ସେହୁ ମନ ।୪୩।
ସେହି ପବନ ଦେହେ ଥାଇ
ରକ୍ତ ମାଂସ ମିଳାଇ ଯାଇ ।୪୪।
ଏଣୁଟି ଘଟ ନାଶ ଗଲା
ପର ଘରଟି ବୋଲାଇଲା ।୪୫।
ତେଣୁଟି ପରମ ପୁରୁଷ
ସର୍ବ ଘଟରେ କରି ବାସ ।୪୬।

ଇଚ୍ଛାରେ ଦେହ ବହି ଥାଇଁ
ଇଚ୍ଛା ହେଲେ ଦେହ ନାଶଇ ।୪୭ ।
ଇଚ୍ଛା ହେଲେଟି ଦେହ ଜାତ
ଏକା ପୁରୁଷ ଦୁଇ ମତ ।୪୮ ।
ପର ଘରଟି ସେହି ଜାଣ
ନିଜ ଘରଟି ସେହ ପୁଣ ।୪୯ ।
ଲୀଳା ନିମନ୍ତେ ଭିନ୍ନ ହେଲା
ଆଜ୍ଞାରୁ ସର୍ବ ଜାତ କଲା ।୫୦ ।
ସ୍ୱର୍ଗ ମର୍ଭ୍ୟ ପାତାଳ ହୋଇ
ପର ଘରଟି ଜାଣ କହି ।୫୧ ।
ଛପନ କୋଟି ଜୀବ ଯେତେ
ପର ଘରଟି ଜାଣ ଚିତ୍ତେ ।୫୨ ।
ସପ୍ତ ସମୁଦ୍ର ପର କହି
ନବଖଣ୍ଡ ପୃଥ୍ୱୀ ପରହିଁ ।୫୩।
ଚଉଦ ଭୂବନ ସହିତେ
ପର ଘର ତୁ ଜାଣ ଚିତ୍ତେ ।୫୪ ।
ଚାଣ୍ଡାଳୁ ବ୍ରହ୍ମ ଯାଏ ତୁହି
ପର ଘରଟି ସର୍ବ କହି ।୫୫ ।
କାକୁ ଗରୁଡ଼ ଯାଏଁ ପୁଣ
ପର ଘରଟି ସର୍ବ ଜାଣ ।୫୬।
ଇନ୍ଦ୍ରଙ୍କଠାରୁ ଯେତେ ଦେବ
ପର ଘରଟି ଜାଣ ସର୍ବ ।୫୭ ।
ମେରୁଠାରୁ ଯେତେ ପର୍ବତ
ପର ଘରଟି ଜାଣ ତୁତ ।୫୮ ।
ଅଶ୍ୱତ୍‌ଠାରୁ ଯେତେ ବୃକ୍ଷ
ପର ଘର ଜାଣ ପ୍ରତ୍ୟକ୍ଷ ।୫୯ ।
ଦଶ ପୋକରୁ ସିଂହ ଯାଏ
ପର ଘରଟି ସର୍ବ କହେ ।୬୦ ।
ସୁନାର ହୀରା ଯାଏ ଜାଣ
ପର ଘରଟି ସବୁ ପୁଣ ।୬୧ ।
ରୂପାରୁ ଲୁହା ପରିଯନ୍ତେ
ପର ଘରଟି ଜାଣ ଚିତ୍ତେ ।୬୨ ।
ଆମ୍ବିଲୁ ରାଗ ଯାଏ ପୁଣ
ପର ଘରେଟି ସବୁ ଜାଣ ।୬୩।
ନୀଳରୁ ରଙ୍ଗ ପରିଯନ୍ତେ
ପରଟି ସର୍ବ ଜାଣ ଚିତ୍ତେ ।୬୪ ।
ଷଡ଼ ଋତୁଟି ପର କହି
ଏକା ପୁରୁଷ ସର୍ବ ହୋଇ ।୬୫ ।
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ପର ଘରଟି ସର୍ବ ଜାଣ ।୬୬।
ଚାରି ମେଘଟି ପର କହି
ଚାରି ବେଦଟି ପର ହୋଇ ।୬୭ ।
ଜଳ ପବନ ଅଗ୍ନି ହୋଇ
ପର ଘରଟି ଜାଣ ତୁହି ।୬୮ ।
ଚଳନ୍ତା ଚୌଦ କୋଟି ଜୀବ
ପର ଘରଟି ଜାଣ ସର୍ବ ।୬୯ ।
ନିଶ୍ଚଳ ଚୌଦ କୋଟି ହୋଇ
ପର ଘରଟି ସର୍ବ କହି ।୭୦ ।

ବୁଡ଼ା ଚଉଦ କୋଟି ଜୀବ
ପର ଘରଟି ଜାଣ ସର୍ବ ।୭୧ ।
ଉଡ଼ା ଚଉଦ କୋଟି ହୋଇ
ପର ଘରଟି ସର୍ବ କହି ।୭୨ ।
ଆକାଶୁ ମହୀଯାଏଁ ପୁଣ
ପର ଘରଟି ସର୍ବ ଜାଣ ।୭୩।
ଏକା ପୁରୁଷ ଦୁଇ ହୋଇ
ଲୀଳା କରୁଛି ସର୍ବ ଠଇଁ ।୭୫ ।
ଏକରୁ ନାନା ବର୍ଣ୍ଣ ହୋଇ
ପର ଘରଟି ସେ ଅଟଇ ।୭୬।
ହେ ମନ ପଚାରିଲୁ ତୁହି
ପର ଘରଟି ଏହୁ ଦେହୀ ।୭୭ ।
ଏ ଘର ଯେବେ ଛାଡ଼ିଯିବୁ
ନିଜ ଘରରେ ତୁ ପଶିବୁ ।୭୮ ।
ପର ଘରକୁ ଇଚ୍ଛା ଯେବେ
ଆଜ୍ଞାକୁ ଚିହ୍ନ ତୁହି ବେଗେ ।୭୯ ।
ପରମ ପୁରୁଷଙ୍କୁ ବାନ୍ଧ
ତେବେ ରହିବ ତୋର କନ୍ଧ ।୮୦ ।

ଅଣ ଫାଶରେ ତୁ ବାନ୍ଧିବୁ
ତେବେଟି ଯୁଗେ ଯୁଗେ ଥିବୁ ।୮୧ ।
ଫାଶରେ ଧରା ଯେ ନ ଦେଇ
ଖୋଜିଲେ ବ୍ରହ୍ମାଣ୍ଡରେ ନାହିଁ ।୮୨ ।
ତୋତେ ମୁଁ କହିଅଛି ଯାହା
ସମ କରିଣ ସର୍ବ ଚାହଁ ।୮୩।
ରଖ ତୁ ପରମ ପୁରୁଷ
ନମି ଅରକ୍ଷିତ ଦାସ ।୮୪ ।
ଆହେ ସୁଜନ ମାନେ ଶୁଣ
ରଖ ପରମକୁ ଭାବିଣ ।୮୫ ।
ନୋହିଲେ ଏହୁ ପର ଘର
ଛାଡ଼ି ରହିବ ନିଜ ପୁର ।୮୬।
ପଞ୍ଚତ୍ରିଂଶ ଅଧ୍ୟାୟ ସମ୍ପୂର୍ଣ୍ଣ
ମହୀମଣ୍ଡଳ ଗୀତା ନାମ ।୮୭ ।
ଏ ଗୀତା ଭେଦି ଯେ ଭାବିବ
ଜନ୍ମ ମୃତ୍ୟୁଟି ସେ ନୋହିବ ।୮୮ ।
ଯୁଗେ ଯୁଗେ ଶରୀର ରହି
ପବନ ପ୍ରାୟ ହେବ ସେହି ।୮୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଷଟ୍‌ତ୍ରିଂଶ ଅଧ୍ୟାୟ

ଜୟ ଜୟ ଶୂନ୍ୟ ପୁରୁଷ
ଅରୂପ ରୂପେ କିମ୍ପା ବାସ । ୧ ।
ଜୟ ତୁ ଜୟ ପରଂ ବ୍ରହ୍ମ
ପରମ ପୁରୁଷ ତୋ ନାମ । ୨ ।
ଏପର ଦେହେ ଥାଇ ତୁହି
କିମ୍ପା ଏତେ ତୁ ମାୟା ଦେହୀ ।୩।
ଏ ଦେହେ କି ସୁଖ ପାଉଛ
କିମ୍ପା ଏତେ ଦୁଃଖେ ଭ୍ରମୁଛ ।୪ ।
ତୋ ଦେହୁ ମୋତେ ଜାତ କରି
ଏ ପର ଘରେ ରଖି ମାରି ।୫ ।
ମୁହିଁତ ଏ ଦେହେ ରହିଲି
ତୁମରି ସେବକ ଚାଡ଼ିଲି ।୬ ।
ଆହେ ତୁ ପରମ ପୁରୁଷ
ଏ ପର ଦେହେ କିମ୍ପା ବାସ ।୭ ।
ଏ ପର ଦେହେ ମୋତେ ଥୋଇ
କିମ୍ପା ଧନ୍ଦି ମାରୁଛି କହି ।୮ ।
ଏପରି ଦେହରେ ରହିଲି
ପ୍ରକୃତି ଗଣେ ବଶ ହେଲି । ୯ ।
ଏପରି ଦେହରୁ ତୁ ମୋତେ
ପାରିକର ଜଣାଇ ଚିତ୍ତେ । ୧ ୦ ।
ଏପରି ଦେହରେ ରହିଲି
ତୋତେ ମୁଁ ସେବି ନ ପାରିଲି । ୧ ୧ ।

ପ୍ରକୃତିଗଣ ମୋତେ ଧରି
ନିଅନ୍ତି ଏଣେ ତେଣେ କରି । ୧ ୨ ।
ତାଙ୍କର ଆୟତରେ ମୁହିଁ
ରହିଲି ପରି ଘରେ ଥାଇ । ୧ ୩ ।
ଏପରି ଦେହେ ରହି ତୁହି
କିମ୍ପା ଧନ୍ଦି ମାରୁଛୁ କହି । ୧ ୪ ।
ଏ ପର ଘରେ ରହିଅଛ
କିମ୍ପା ଏତେ କଷ୍ଟ ପାଉଛ । ୧ ୫ ।
ଏ ପର ଦେହ ଛାଡ଼ କହି
ଏଥିରେ କିଛି କାର୍ଯ୍ୟ ନାହିଁ । ୧ ୬ ।
ନିଜ ସ୍ଥାନକୁ ଚାଲ ଯିବା
ଏ ଘର ଦେହକୁ ଛାଡ଼ିବା । ୧ ୭ ।
ଏ ପର ଦେହେଁ ଥାଇ ମୁହିଁ
ଯେମନ୍ତେ ଭ୍ରମିଲି ମୁଁ କହି । ୧ ୮ ।
ପୂର୍ବେ ଖଣ୍ଡଗିରିରେ ଥିଲି
ଛାଡ଼ି ମୁଁ ମନକୁ ଅଇଲି । ୧ ୯ ।
ଆହେ ପରମ ଶୁଣ ତୁମ୍ଭେ
ଓଲାଶୁଣି ପର୍ବତେ ଏବେ । ୨ ୦ ।
ମାୟା କରିଣ ଭୂଲାଇଲ
ଆଣି ତ ଏ ଥାନେ ରଖିଲ । ୨ ୧ ।
ଏବେ ଏ ଥାନେ ଥୟ ରଖ
ଭ୍ରମି ଭ୍ରମି ପାଇଲି ଦୁଃଖ । ୨ ୨ ।

ଭକତି ଯୋଗ ନ ଦେଉଛ
କିମ୍ପାଇ ଭ୍ରମାଇ ମାରୁଛ ।୨୩।
ଭକତି ଯୋଗେ ଆଶା ନାହିଁ।
କଷ୍ଟ ମୁଁ ସହି ନ ପାରଇ ।୨୪।
ଏବେ ଏ ପର୍ବତରୁ ପୁଣ
କାହିଁ ନ ନିଅ ନାରାୟଣ ।୨୫।
ଖଣ୍ଡଗିରିରେ ମୁହିଁ ଥିଲି
ତୁମ୍ଭ ଦୟାରୁ ଗୀତା କଲି ।୨୬।
ଗୀତାରେ ତୁମ୍ଭ ଆଜ୍ଞା ହୋଇ
ଭକ୍ତି ସାଧ ଏବେ ତୁହି ।୨୭।
ପଞ୍ଚତିରିଶ ଅଧ୍ୟା କଲି
ଖଣ୍ଡିଗିରି ଛାଡ଼ି ଅଇଲି ।୨୮।
ବୋଇଲି ଭକତି ସାଧିବି
ମହା ଅରଣ୍ୟରେ ପଶିବି ।୨୯।
ଏ ସ୍ଥାନ ଗହଳ ଅଟଇ
ଏଥି ରହିଲେ କାର୍ଯ୍ୟ ନାହିଁ ।୩୦।
ବହୁତ ଲୋକ ଯେ ମିଳିଲେ
ଅନୁକ୍ଷଣେ ଟି କଳି କଲେ ।୩୧।
ଏହାଙ୍କ ସଙ୍ଗେ ମୁହିଁ ଥାଇ
ଧନ୍ଦି ମରୁଛି କିସ ପାଇଁ ।୩୨।
ବୋଇଲି ପ୍ରଭୁ ମାୟା କଲା
ଏତେ ଧନ୍ଦା ହିଁ ମୋତେ ଦେଲା ।୩୩।
ଏକାନ୍ତେ ରହିବି ପାଞ୍ଚଇ
ମୋ ପାଞ୍ଚ କେବେ ନ ରଖଇ ।୩୪।
ହେ ପ୍ରଭୁ ମାୟାତୁ ନ କର
ଭକତି ଦିଅହେ ନିକର ।୩୫।
ହେ ମନ ଶୁଣ ଏବେ ତୁହି
ସଂସାର ସୁଖ ଛାଡ଼ି କହି ।୩୬।
ବନସ୍ତେ ଏକା ତୁ ଭ୍ରମିବୁ
ଜଳ ଖାଇଣ ତୁ ବଞ୍ଚିବୁ ।୩୭।
ଭୂମିରେ ଶୋଇବୁଟି ତୁହି
ଆସନ ବନସ୍ତରେ ନାହିଁ ।୩୮।
ଜାଡ଼ କାଳରେ ତୁ ସହିବୁ
ବନସ୍ତେ ବସ୍ତ୍ର ନ ପାଇବୁ ।୩୯।
ଖରା ଗ୍ରୀଷମ ଏବେ ତୁହି
ସହିବୁ ପାଷାଣ ପରାଇ ।୪୦।
ବରଷା କାଳେ ତୁ ସହିବୁ
ଘରକି ବନସ୍ତେ ପାଇବୁ ।୪୧।
ଏତେ କଥାଟି ତୁ ସହିଲେ
ଏ ଦେହ ରଖିବୁ ମୁଁ ଭଲେ ।୪୨।
ନ ସହିଲେ ତୁହି ମରିବୁ
ଆମ୍ଭେଟି ଦେହ ଛାଡ଼ିଯିବୁ ।୪୩।
ଏବେ ସେ ସୁଖ ଛାଡ଼ ତୁହି
ଦୁଃଖକୁ ଆଦର ମୁଁ କହି ।୪୪।
ଦୁଃଖ ସୁଖଟି ଦୁଇ ଜାଣ
ଭୋଗ କରନ୍ତି ଦେହେ ପୁଣ ।୪୫।
କେହି କାହାକୁ ନ ଛାଡ଼ନ୍ତି
ଏ ଦୁହେଁ ବାଦ କରୁଛନ୍ତି ।୪୬।

ଦୁଃଖ ବୋଲଇ ବଡ ମୁହିଁ
ମୁଁ ବଡ଼ ବୋଲି ସୁଖ କହି ।୪୭।
ଏମନ୍ତେ ଦୁଃଖ ସୁଖ ଜାଣ
ଆୁ କଥାଏ କହି ଶୁଣ ।୪୮।
ମାତା ଗର୍ଭରେ ଯେବେ ଥିଲୁ
ଅନେକ ଦୁଃଖ ହି ପାଇଲୁ ।୪୯।
ସେ ଦୁଃଖ କହୁଅଛି ଶୁଣ
ମାତା ଗର୍ଭର କଷ୍ଟ ପୁଣ ।୫୦।
ପାଞ୍ଚ ମାସଟି ହେଲା ଯହୁଁ
ଜୀବନ ଦେହେ ପଶେ ତହୁଁ ।୫୧।
ହାତ ଗୋଡ଼ଟି ତହୁଁ ନାଡ଼ି
ଚର୍ମ ମୁଣି ଭିତରେ ପଡ଼ି ।୫୨।
ତହିଁରେ ଘୁରିବାକୁ ସ୍ଥାନ
ନ ପାଇ ଛଟପଟ ପୁଣ ।୫୩।
ପେଟରେ ମଳ ମୂତ୍ର ଥାଇ
ତହିଁରେ ଘାଣ୍ଟି ହେଉ ତୁହି ।୫୪।
ଅନ୍ଧାର ଘରେ ପଡ଼ି ଥାଉ
ଅଧାର ତାଳୁ ବାଟେ ଖାଉ ।୫୫।
ଯହୁଁ ଟି ଦଶମାସ ହେଲା
ତୋ ଦେହେ ହେତୁଟି ବସିଲା ।୫୬।
ଏମନ୍ତେ ସାତ ଦିନ ତୁହି
ନିଜ ନାମକୁ ଚିତ୍ତେ ଧ୍ୟାୟି ।୫୭।
ନିଜ ନାମ ଯହୁଁ ଚିନ୍ତିଲୁ
ପ୍ରଭୁଙ୍କୁ ଗର୍ଭରେ ଦେଖିଲୁ ।୫୮।
ସେ ପ୍ରଭୁ ପ୍ରସନ୍ନ ହୋଇଲେ
କି ଚିନ୍ତା କହ ହୋ ବୋଇଲେ ।୫୯।
ହେ ପ୍ରଭୁ ଗର୍ଭ କଷ୍ଟୁ ତୁହି
ପାରି ହେ କର ନାଥ କହି ।୬୦।
କିମ୍ପାଇ ମୋତେ ଜାତ କଲୁ
ଗର୍ଭ କଷ୍ଟ କିମ୍ପା ରଚିଲୁ ।୬୧।
ଅନ୍ଧାର ଘରେ ପଡ଼ି ମୁହିଁ
ମରୁଛି ଛଟପଟ ହୋଇ ।୬୨।
କେ ଦିଗେ ବାଟ ଅଛି କହ
ପାରି କରିଣ ମୋତେ ନିଅ ।୬୩।
ଏ କଷ୍ଟୁ ଯେବେ ପାରି ହେବି
ଅବଶ୍ୟ ତୁମ୍ଭଙ୍କୁ ସେବିବି ।୬୪।
କହଇ ଅରକ୍ଷିତ ଦାସ
ଗର୍ଭ କଷ୍ଟଟି ବଡ଼ ପ୍ରାସ ।୬୫।
ଆହେ ସୁଜନ ମାନେ କହି
ଗର୍ଭ କଷ୍ଟରୁ କଷ୍ଟ ନାହିଁ ।୬୬।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମଷଟ୍‌ତ୍ରିଂଶୋଽଧ୍ୟାୟ

--- ୦ ---

# ସପ୍ତତ୍ରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ବୋଇଲା କର ତ୍ରାହି ତ୍ରାହି ।୧ ।
ସେ ପ୍ରଭୁ ଦୟା ହେଲା ଜାଣ
ଗର୍ଭୁଟି ପେଲି ଦେଲ ପୁଣ ।୨ ।
ବୋଇଲେ ଯୋନି ବାଟେ ଯାଅ
ପୃଥ୍ୱୀରେ ପଡ଼ି ନାମ ଧ୍ୟାୟ ।୩ ।
ଗର୍ଭରୁ କସିଣ ପୃଥ୍ୱୀରେ
ସେ ନାମ ଛାଡ଼ିଲୁ ମାୟାରେ ।୪ ।
ଆହା ଶବଦ କଲୁ ତୁହି
ନାମତ ଛାଡ଼ି ଦଲୁ କାହିଁ ।୫ ।
ସେଠାରୁ ଗର୍ଭ ହେତୁ ଗଲା
ମାୟା ପ୍ରକୃତି ଯେ ଢାଙ୍କିଲା ।୬ ।
ଅଜ୍ଞାନ ପିଣ୍ଡ ତୋର ହୋଇ
ନିଜ ନାମ ଛାଡିଲୁ ଯହିଁ ।୭ ।
ଏମନ୍ତେ ପୃଥ୍ୱୀରେ ଜନ୍ମିଲୁ
ପୁଣି କେତେ କଷ୍ଟ ପାଇଲୁ ।୮ ।
ନାଡି କାଟିଣ ତୋର ଦେଲେ
ନାଳ ରକ୍ତଟି ଧୋଇ ନେଲେ ।୯ ।
ଅନ୍ତୁଡ଼ି ଲଗାଇ ସେକନ୍ତେ
ତୁଳାରେ କ୍ଷୀର ଯେ ପିଆନ୍ତି ।୧୦ ।
କନା ଖଣ୍ଡିଏ ପାରି ଦେଇ
ତହିଁ ଉପରେ ଯେ ଶୁଆଇ ।୧୧ ।
କନା ଉପରେ ପଡ଼ି ଥାଉ
ମଳ ମୂତ୍ରରେ ଘାଣ୍ଟି ହେଉ ।୧୨ ।
ଆପଣା ମଳ ମୂତ୍ର ତୁହି
ଆପଣା ହସ୍ତେ ଧରି ଖାଇ ।୧୩ ।
ଯେବେ ସେ ଜନନୀ ଦେଖନ୍ତି
କନା ଖଣ୍ଡିକେ ପୋଛି ଦ୍ୟନ୍ତି ।୧୪ ।
ଏମନ୍ତେ ଅଜ୍ଞାନ ତୁ ହୋଇ
ଆପଣା ବିଷ୍ଠା ଆପେ ଖାଇ ।୧୫ ।
ଉତ୍ତାନ ହୋଇ ପଡ଼ି ପୁଣ
କର ଚରଣ ଜାଡୁ ଜାଣ ।୧୬ ।
ଯେତେବେଳେଟି କ୍ଷୁଧା କରେ
ଆହା ଶବଦେ ଡାକୁ ଖରେ ।୧୭ ।
ତା' ଶୁଣି ଜନନୀ ଆସଇ
ସ୍ତନ ପିଆଇ କ୍ଷୀର ଦେଇ ।୧୮ ।
ବଚନ କହିତ ନାପାରୁ
ଅତି କଷ୍ଟରେ ଦିନ ହରୁ ।୧୯ ।
ଦିନକୁ ଦିନ ତୁ ବଢ଼ିଲୁ
ପୁଣି ହିଁ ସୁଖ ତୁ ଭୁଞ୍ଜିଲୁ ।୨୦ ।
ପ୍ରଥମେ ମାତା ଗର୍ଭେ ରହି
ମୀନ ରୂପରେ ଦୁଃକ ସହି ।୨୧ ।
ଦ୍ୱିତୀୟେ ଜନ୍ମ କୂର୍ମ ରୂପ
ଦୁଃଖ ପାଇଲୁ ବହୁ ତାପ ।୨୨ ।
ତୃତୀୟେ ବରାହ ରୂପରେ
ଅଜ୍ଞାନେ ବୁଲୁ ଏ ପୃଥ୍ୱୀରେ ।୨୩ ।
ଚତୁର୍ଥେ ରୂପ ନରସିଂହ
ହେଲାରୁ ବସିଲା ତୋ ଦେହେ ।୨୪ ।

ପଞ୍ଚମ ବାମନ ରୂପରେ
ପୃଥ୍ୱୀରେ ଚାଲୁ ଧୀରେ ଧୀରେ ।୨୫ ।
ଷଷ୍ଠରେ ପର୍ଶୁ ରୂପ ଧରୁ
ଥିର ନ ରହି ପୃଥ୍ୱୀ ଫେରୁ ।୨୬ ।
ସପ୍ତମେ ରାମ ରୂପ ପୁଣ
ଜ୍ଞାନ ବସିଲା ତୋ ଦେହେଣ ।୨୭ ।
ଅଷ୍ଟମେ ବଳରାମ ରୂପ
ହେଲେ ତୋ ହରିନେବ ଦର୍ପ ।୨୮ ।
ନବମେ ବୌଦ୍ଧ ରୂପ ହେବୁ
ବୁଦ୍ଧ ରୂପରେ କି କରିବୁ ।୨୯ ।
ଦଶମେ କଲ୍‌କୀ ରୂପ ହେବ
ମୃତ୍ୟୁ ତୋତେ ଆସି ଘୋଟିବ ।୩୦ ।
ଏବେ ରାମ ରୂପଟି ତୋର
ଏ ରୂପ ରଖ କୁ ନକର ।୩୧ ।
ଯେବେ ଦୁଃଖେ ନାମ ଚିନ୍ତୁବୁ
ଏ ରାମ ଶରୀର ରଖିବୁ ।୩୨ ।
ମତ୍ସ୍ୟ କଚ୍ଛ ବରାହ ରୂପ
ବଢ଼ିଣ ଆଣିଲୁ ଅଦ୍ୟାପ ।୩୩ ।
ନୃସିଂହ ବାମନ ରୂପ ହିଁ
ପର୍ଶୁଦ୍ଧ୍ର ରୂପେ ବଢ଼ି ତୁହି ।୩୪ ।
ଛ ଅବତାର ଘରେ ବଢ଼ି
ସପ୍ତମେ ଘରକୁ ଯେ ଛାଡ଼ି ।୩୫ ।
ରାମ ରୂପରେ ହେତୁ ହୋଇ
ଘର ଛାଡ଼ି ଅଇଲୁ ତୁହି ।୩୬ ।
ଆସନ୍ତେ ବହୁ ଦୁଃଖ ପାଇ
ପୁଣି ସୁଖ ଭୁଞ୍ଜିଲୁ ତୁହି ।୩୭ ।

ଏବେ ତୁ ଦୁଃକ ଭୋଗ କର
ସୁଖ ତୁ ପାଇବୁ ଅପାର ।୩୮ ।
ଏମନ୍ତେ ଦୁଃଖ ସୁଖ ଦୁଇ
ଏ ଦେହେଁ ଭୋଗ କରୁଛଇଁ ।୩୯ ।
ଆଗଟି ଦୁଃଖ ଭୋଗ କଲା
ପଛେଟି ସୁଖ ଯେ ଭୁଞ୍ଜିଲା ।୪୦ ।
ଦୁଃଖକୁ ଆଗ ତୁ କରିବୁ
ସୁଖକୁ ପଛେ ତୁ ରଖିବୁ ।୪୧ ।
ଏମନ୍ତେ ଦୁଃଖ ସୁଖ ଛନ୍ତି
ବାଦ କରି ଦେହ ନାଶନ୍ତି ।୪୨ ।
ଏ ଦୁହେଁ ସଚରା ଚରରେ
ଭୋଗ କରନ୍ତି ସର୍ବ ଠାରେ ।୪୩ ।
ଏହାତ ଜାଣି ନ ପାରନ୍ତି
ଦୁଃଖ ଛାଡ଼ି ସୁଖ ଲୋଡନ୍ତି ।୪୪ ।
ମାତା ଗର୍ଭରୁ ଦୁଃଖ ପାଇ
ଏବେ ଛାଡ଼ିଲେ କି ଛାଡ଼ଇ ।୪୫ ।
ମନୁଷ୍ୟ ଦେହେ ସୁଖ ନାହିଁ
ନାନା ରୋଗ ଏଥି ଅଛଇ ।୪୬ ।
ଚୌଷଠି ରୋଗ ଶସ୍ତ୍ର ଧରି
ଏ ଦେହେ କାଟି ତଳେ ପାରି ।୪୭ ।
ତଳେ ପଡ଼ିଣ ଦୁଃଖପାଇଁ
ମରଣ ପଦକୁ ଇଚ୍ଛଇ ।୪୮ ।
ଅତି ଦୁଃଖରେ ଜନ୍ମ ହେଲା
ମରନ୍ତେ ଦୁଃଖ ପାଇ ମଲା ।୪୯ ।
ସୁଖଟି ଏ ଦେହକୁ କାହିଁ
ଅନୁକ୍ଷଣେ ଦୁଃଖ ଭୁଞ୍ଜାଇ ।୫୦ ।

ଏ ଯେବେ ଦୁଃଖ ଆଦରନ୍ତା
ଯୁଗ ଯୁଗାନ୍ତେ ଦେହ ଥାନ୍ତା ।୫୧ ।
ଅକ୍ଷୟ ଅମର ହେଲାଣ
ରହି ସୁଖ ଭୁଞ୍ଜନ୍ତା ପୁଣ ।୫୨ ।
ଦୁଃଖକୁ ଅନାଦର କରି
ସୁଖ ବିଚାରି ଯାଏ ମରି ।୫୩।
ବଡ ଭାଇଟି ଦୁଃଖ ଜାଣ
ସାନ ଭାଇଟି ସୁଖ ପୁଣ ।୫୪ ।
ବଡ଼ କି ସାନକୁ ରଖଇ
ଅଗ୍ନି ଆଗେ ପତଙ୍ଗ କାହିଁ ।୫୫ ।
ଅଗ୍ନିଟି ଦୁଃକ ବୋଲି ଜାଣ
ପତଙ୍ଗ ସୁଖଟି ପ୍ରମାଣ ।୫୬।
ଦୁଃଖ ଆଗରେ ସୁଖ କାହିଁ
ବ୍ୟଘ୍ରକି ଛେଳିକି ରଖଇ ।୫୭ ।
ବ୍ୟାଘ୍ର ଦୁଃଖ ଛେଳିଟି ସୁଖ
ସର୍ପକି ରଖେ ବେଙ୍ଗ ପାଖ ।୫୮ ।
ସର୍ପ ଦୁଃଖେ ସୁଖ ବେଙ୍ଗ ହିଁ
ବିରାଡ଼ି ମୂଷାକି ରଖଇ ।୫୯ ।
ବିରାଡ଼ି ଦୁଃକ ମୂଷା ସୁଖ
ଅଗ୍ନିକି ରଖେ ଶୀତ ପାଖ ।୬୦ ।
ଅଗ୍ନିଟି ଦୁଃଖ ଶୀତ ସୁଖ
ନଜାଣି ସୁଖ ଚିନ୍ତେ ମୂର୍ଖ ।୬୧ ।
ଯେବେ ଦୁଃଖକୁ ଆଦରନ୍ତା
ନିତ୍ୟେ ସୁଖକୁ ଯେ ଭୁଞ୍ଜନ୍ତା ।୬୨ ।
ଯେବେ ଦୁଃଖେ ନାମ ଚିନ୍ତନ୍ତୁ
କିମ୍ପାଇ ଏ ଦେହ ନାଶନ୍ତୁ ।୬୩।
ଦେଖ ଚନ୍ଦ୍ର ସୂର୍ଯ୍ୟ ଅଛନ୍ତି
ଦୁଃଖେ ନାମକୁ ନିତ୍ୟେ ଚିନ୍ତି ।୬୪ ।
ଜଳ ପବନ ଅଗ୍ନିଙ୍କର
ଦୁଃଖେ ନାମ ଧରି ଅମର ।୬୫ ।
ଆକାଶ ବାସୁକି ପୃଥିବୀ
ଅମର ଦୁଃଖେ ନାମ ଭାବି ।୬୬ ।
ତେତିଶ କୋଟି ଦେବ ଯେତେ
ଅମର ଦୁଃଖେ ନାମ ଚିନ୍ତେ ।୬୭ ।
ବ୍ରହ୍ମା ବିଷ୍ଣୁ ଶିବ ହିଁ ଜାଣ
ରହି ଦୁଃଖେ ନାମ ଭାବିଣ ।୬୮ ।
ଅନନ୍ତ କୋଟି ସାଧୁ ଯେତେ
ରହି ଦୁଃଖ ନାମକୁ ଚିନ୍ତେ ।୬୯ ।
ଏ ସର୍ବେ ଦୁଃଖେ ନାମ ଧରି
ଅଛନ୍ତି ସୁଖ ଭୋଗ କରି ।୭୦ ।
ଏ ସର୍ବେ ଦୁଃକ ଆଦରିଲେ
ଅମର ହୋଇଣ ରହିଲେ ।୭୧ ।
କହଇ ଅରକ୍ଷିତ ଦାସ
ଦୁଃଖ ନ ସହି ମନେ ପ୍ରାସ ।୭୨ ।
ଆହେ ସୁଜନ ମାନେ କହି
ଦୁଃଖ ନ ସହି ନାଶ ମୁହିଁ ।୭୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ସପ୍ତତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଅଷ୍ଟତ୍ରିଂଶ ଅଧ୍ୟାୟ

ଆରେ କୁମନ ତୋତେ କହି
ଏବେ ଦୁଃଖକୁ ସହ ତୁହି ।୧ ।
ତୁ ଯେବେ ଦୁଃଖେ ନାମ ଧରି
ଏ ଦହେ ରଖିବୁ ତୋହରି ।୨ ।
ସୁଖକୁ ଆଦରନ୍ତ ଜାଣ
ନିଷ୍ଠା ଆଚାର ଯେ କରିଣ ।୩ ।
ମିଛେ ହେଁ ଭ୍ରମି ମରୁଥାନ୍ତି
ଅଜ୍ଞାନେ ଦେବତା ପୂଜନ୍ତି ।୪ ।
ନାନା ଦ୍ରବ୍ୟ ଦେବତା ପାଶେ
ଥୋଇଣ ପୂଜନ୍ତି ହରଷେ ।୫ ।
ଜଳ ପବନ ଅଗ୍ନି ତିନି
ନ ଲାଗେ କେଉଁ ଦ୍ରବ୍ୟ ପୁଣି ।୬ ।
ସେ ଦ୍ରବ୍ୟ ଭୋଗ ହୋଇଥାଇଁ
ଅଇଁଠା କାହାକୁ ପୂଜଇ ।୭ ।
ଏ ତିନି ଯହିଁ ନ ଲାଗିବେ
ସେ ଦ୍ରବ୍ୟ ନି ଅଇଁଠା ଦେବେ ।୮ ।
ନୋହିଲେ ସର୍ବେ ଅଇଁଠାଇଁ
ଅଜ୍ଞାନେ ଭ୍ରମଛନ୍ତି କହି ।୯ ।
ଦେବତା ଏହି ଦେହେ ଛନ୍ତି
ଏହା ନ ଜାଣେ ମୂଢ଼ ମତି ।୧ ୦ ।
ପିତଳ କାଷ୍ଠ ପାଷାଣକୁ
ଦେବତା ବୋଲି ପୂଜେ ତାକୁ ।୧ ୧ ।
ଏ କି ଗତି ମୂକତି ଦେବେ
ଏହା ନ ଜାଣେ ମୂଢ଼ କେବେ ।୧ ୨ ।
ଯେଉଁ ଦେବତା ଦେ ଧରେ
ତାକୁ ନ ପୂଜି ମୂଢ଼ ନରେ ।୧ ୩ ।
ଯେବେ ସେ ଦେହ ଛାଡ଼ିଯିବ
ଯେଉଁ ଦେବତା ଏ ପୂଜିବ ।୧ ୪ ।
ଏହା ନ ଜାଣି ଦେବତାକୁ
ଆଚାରୀ ହୋଇ ପୂଜେ ତାକୁ ।୧ ୫ ।
ଏ ଦେହେଁ ଯେଉଁ ଦେବତା ହିଁ
ଅଣଆଚାରୀ ଅଟେ ସେହି ।୧ ୬ ।
ଏତ ଆଚାରୀ ହୋଇ ମଲା
ଦେବତା କେହି ନ ଚିହ୍ନିଲା ।୧ ୭ ।
ଯେତେବେଳେ ଟି ରୋଗ ଧରେ
ଶୋଇଣ ଥାଇ ଆସନରେ ।୧ ୮ ।
କର ଚରଣ ନ ଚଳଇ
ପର ଆଣି ଖୁଆଇ ଦେଇ ।୧ ୯ ।
ଆସନେ ମଳ ମୁତ୍ର କରେ
ବୋଲଇ ମରିଯାନ୍ତ ଖରେ ।୨ ୦ ।
ଏମନ୍ତେ ବହୁ ଦୁଃଖେ ମରି
ଆଚାର ନିଷ୍ଠା ଦୂର କରି ।୨ ୧ ।
ତେତେବେଳେ ଆଚାର କାହିଁ
କେଉଁ ଦେବତା ଯେ ରଖଇ ।୨ ୨ ।

ଜନ୍ମନ୍ତେ ଅଣାଚାର ଜାଣ
ମଲା ଅଣଚାରେଟି ପୁଣ ।୨୩।
ଜନ୍ମନ୍ତେ ବହୁ ଦୁଃଖ ପାଇ
ମରନ୍ତେ ଦୁଃଖେ ଯେ ମରଇ ।୨୪।
ଆଦ୍ୟ ପ୍ରାନ୍ତରେ ଦୁଃଖ ଜାଣ
ସୁଖଟି କାହୁଁ ଥାଏ ପୁଣ ।୨୫।
ଏହା ନ ବୁଝ ମୁଢ ତୁହି
ଆଚାର ସୁଖ କି ରହଇ ।୨୬।
ଦେହେ ମଳ ମୂତ୍ର ଅଛି
କେତେ ଆଚର କରୁ ବାଛି ।୨୭।
ଦନ୍ତ ମୂଳରେ ବିଷ୍ଟା ଥୋଇ
କେତେ ଆଚାର କରୁ ତୁହି ।୨୮।
ବିଷ୍ଟା ବୋଲିଣ କାହୁଁ ଆସି
କହୁଛି ଶୁଣରେ ବିଶେଷି ।୨୯।
ନାନା ପଦାର୍ଥ ଆଣି କରି
ମୁଖରେ ନେଇ ପେଟ ଭରି ।୩୦।
ଜଠରୁ ଅଗ୍ନି ତହିଁ ଥାଇ
ସିଝିଣ ଦ୍ରବ୍ୟ ପାକ ହୋଇ ।୩୧।
ତହିଁରୁ ରସ ନିଗିଡ଼ନ୍ତେ
ରକ୍ତ ମାଉଁସ ହାଡ ହ୍ୱନ୍ତେ ।୩୨।
ତହିଁରୁ ସିଠାଟି ଯେତେକ
ଗୁହ୍ୟରେ ବାହାର ତେତେକ ।୩୩।
ସେ ସିଠା ଅତି ଶୁଦ୍ଧ ଜାଣ
ଜଠର ଅଗ୍ନିରେ ସିଝିଣ ।୩୪।
ସେ ସିଠା ଅତି ଶୁଦ୍ଧ ଜାଣ
ଜଠର ଅଗ୍ନିରେ ସିଝିଣ ।୩୪।
ସେ ସିଠା ବିଷ୍ଟା ବୋଲାଇଲା
ତହିଁରୁ ବାସ ପ୍ରକାଶିଲା ।୩୫।
ସେ ବିଷ୍ଟା ମଳଦ୍ୱାରେ ଯାନ୍ତେ
ବାସନା ନେଉ ନାସାଗ୍ରତେ ।୩୬।
ବିଷ୍ଟାଟି ନିତ୍ୟେ ଖାଉଅଛୁ
କିସ ବିଚାର ତୁ କରୁଛୁ ।୩୭।
ସେ ବିଷ୍ଟା ଅତି ଶୁଦ୍ଧ ଜାଣ
କ୍ଷୀରରୁ ଘୃତଟି ଯେସନ ।୩୮।
ବିଷ୍ଟାଟି କ୍ଷୀର ବୋଲି କହି
ତହିଁରୁ ଘୃତ ବାହାରଇ ।୩୯।
ସେ ଘୃତ ରକ୍ତ ମାଂସ ହେଲା
ଏଥିରେ ଅଭେଦ ରହିଲା ।୪୦।
ଯାହାର ଅନୁଭବ ଥିବ
ପ୍ରଭୁ ଦୟା ଭେଦି ଜାଣିବ ।୪୧।
ପ୍ରଭୁଙ୍କ ଦୟା ଯେ ନଥିଲେ
ଏ ଭେଦ ନ ଜାଣିବ ଭୁଲେ ।୪୨।
ଏ ଭେଦ ନ ଜାଣନ୍ତି କେହି
ମରନ୍ତି ଆଚାରୀ ସେ ହୋଇ ।୪୩।
ଏ ଦେହ ଜନ୍ମ ଅଣାଚାର
ଆଉ ଏ କଥା ହେତୁ କର ।୪୪।
ଦେଖ ଅଣାଚାର ପବନ
ତାଙ୍କ ଠାରୁ କେ ବଡ଼ ପୁଣ ।୪୫।

ଦେଖ ଜଟିଳ ଅଣାଚାର
ତାଙ୍କ ଠାରୁ କି ବଡ଼ ନର ।୪୬।
ଦେଖ ଅଗ୍ନିଟି ଅଣାଚାରେ
ତାଙ୍କ ଠାରୁ କି ବଡ଼ନରେ ।୪୭।
ପୃଥିବୀ ଅଣାଚାର କହି
ବଢୁଛି କ୍ଷୟେ କେବେ ନାହିଁ ।୪୮।
ତାଙ୍କଠାରୁ କି ବଡ଼ ଜାଣ
ମରୁଅଛୁରେ ନ ଚେତିଣ ।୪୯।
ଦେଖ ସୂର୍ଯ୍ୟଟି ଅଣାଚାର
ତାଙ୍କ ଠାରୁ କି ବଡ଼ ନର ।୫୦।
ଦେଖ ଚନ୍ଦ୍ରଟି ଅଣାଚାରେ
ତାଙ୍କ ଠାରୁ କି ବଡ଼ ନରେ ।୫୧।
ଆକାଶ ଅଣାଚାର କହି
ତାଙ୍କ ଠାରୁ କି ବଡ଼ ତୁହି ।୫୨।
ବ୍ରହ୍ମଶ ବିଷ୍ଣୁ ଶିବ ଏ ତିନି
ଅଣାଚାରେ ଭ୍ରମେ ମେଦିନି ।୫୩।
ୟାଙ୍କଠାରୁ କି ବଡ଼ ନରେ
କି ଆଚାର କରେ ସଂସାରର ।୫୪।

ଏ ସର୍ବ ଅଣାଚାରୀ ହୋଇ
ଦୁଃଖ ଆଦରି ସୁଖପାଇ ।୫୫।
ଦୁଃଖ ନାମକୁ ନ ଛାଡ଼ନ୍ତି
ହସି ଖେଳିଣ ନାଚୁଛନ୍ତି ।୫୬।
ଅମରେ ଏ ସର୍ବେ ରହିଣ
ଲୀଳା କରନ୍ତି ଅନୁକ୍ଷଣ ।୫୭।
ମନୁଷ୍ୟଗଣେ ଦେହ ବହି
ଦୁଃଖ ଛାଡ଼ି ସୁଖ ଇଛଇ ।୫୮।
ଦୁଃଖେ ନାମକୁ ଯେ ଚିହ୍ନିବ
ଆଚାର ନିଷ୍ଠା ଯେ ଛାଡ଼ିବ ।୫୯।
ସେଟି ଅମର ହୋଇ ରହେ
ନୋହିଲେ ମରେ ଦୁଃଖ ପାଏ ।୬୦।
ଏ ରୂପେ ଦୁଃଖ ସୁଖ ଜାଣ
ଅର୍କ୍ଷିତ ଦାସ କହେ ଶୁଣ ।୬୧।
ଆହେ ସୁଜନ ମାନେ କହି
ଦୁଃଖକୁ ନ ଆଦରି ମୁହିଁ ।୬୨।
ସୁଖକୁ ନିତ୍ୟେ ଇଚ୍ଛା କଲି
ନାମ ଦୁଃଖେ ନ ଭଜି ମଲି ।୬୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ଅଷ୍ଟତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଊନଚତ୍ୱାରିଂଶ ଅଧ୍ୟାୟ

ଆରେ କୁମନ ତୋତେ କହି
ଦୁଃଖେ ନାମ ଚିନ୍ତରେ ତୁହି ।୧ ।
ଦୁଃଖେ ନାମକୁ ଚିନ୍ତ ବେଗେ
ଆଉ କଥାଏ ଶୁଣ ଏବେ ।
ହିରଣ୍ୟ ପୁତ୍ର ପ୍ରହଲ୍ଲାଦ
କରିଲା କେତେ ପରମାଦ ।୩ ।
ନାମକୁ ଚିନ୍ତା କଲା ଯହୁଁ
ହିରଣ୍ୟ କୋପ କଲା ତହୁଁ ।୪ ।
ବିଷ୍ଣୁ ଯେ ଆମ୍ଭର ବଇରି
କିମ୍ପା ନାମ ତୁ ତାର ଧରି ।୫ ।
ଏବେ ତୁ ବିଷ୍ଣୁ ନାମ ଛାଡ଼
ଶିବ ନାମ ତୁ ନିତ୍ୟେ ପଢ଼ ।୬ ।
ଶିବ ନାମ କର ଭଜନ
ସପ୍ତ ଦୀପେ ହେବୁ ରାଜନ ।୭ ।
ବୋଇଲା ଶୁଣ ଆହେ ତାତ
ଶିବ ନାମେ ନାହିଁ ମୁକତ ।୮ ।
ଶିବ ଯେ ବିଷ୍ଣୁ ନାମ ଧ୍ୟାୟୀ
ଅମର ହୋଇଣ ଅଛଇ ।୯ ।
ଶିବ ନାମରେ ମୁକ୍ତି ନାହିଁ
ବିଷ୍ଣୁ ନାମ ମୁଁ ନ ଛାଡ଼ଇ ।୧ ୦ ।

ଶୁଣି ହରିଣ୍ୟ କୋପ କଲା
ନଗ୍ର ଦଣ୍ଡୁଆସି ଡାକିଲା ।୧ ୧ ।
ବୋଇଲା କୁମରକୁ ନିଅ
ଗ୍ରାମ ବାହାରେ ହାଣି ଦିଅ ।୧ ୨
ରାଜା ମୁଖରୁ ଶୁଣି କରି
ନେଇ ହାଣି ପକାଇ ଡରି ।୧ ୩ ।
ପ୍ରଭୁ ତା' ଜାଣି ବିଜେ କଲେ
ଜୀଆଇ ଘର ଯା' ବୋଇଲେ ।୧ ୪ ।
ଶୁଣି ପ୍ରହଲ୍ଲାଦ ଅଇଲା
ପିତା ଆଗରେ ପହଞ୍ଚିଲା ।୧ ୫ ।
ଦେଖିଣ ରାଜା କୋପ ହୋଇ
ହସ୍ତୀ ଦନ୍ତେ ସର୍ପ ଦଂଶଇ ।୧ ୬ ।
ତେବେ ହେଁ ନାମକୁ ନଛାଡ଼ି
ଶୁଣି ହିରଣ୍ୟ କୋପ ବଢ଼ି ।୧ ୭ ।
ବିଷ ଦେଇଣ ମରାଇଲା
ଢିଙ୍କିରେ କୁଟାଇ ମାରିଲା ।୧ ୮ ।
ପ୍ରଭୁ ତା' ଜାଣିଣ ରଖନ୍ତି
ଦେଖି ହିରଣ୍ୟ କୋପେ ଚିନ୍ତି ।୧ ୯ ।
ସମୁଦ୍ରେ ବାନ୍ଧି ମେଲି ବନେ
ତେବେ ହେଁ ନ ମରେ ନନ୍ଦନେ ।୨ ୦ ।

ଦିନେ ମଣ୍ଡପେ ସେ ଦେଖିଲା
କୁମର କେଶ ଯେ ଧରିଲା ।୨୧ ।
ଆଜ କେ ରଖିବରେ ତୋତେ
କାହିଁ ତୋ ବିଷ୍ଣୁ ଦେଖା ମୋତେ ।୨୨ ।
ବୋଇଲା ସର୍ବ ଘଟେ ଥାନ୍ତି
ଦେଖ ଏ ସ୍ତମ୍ଭରେ ଅଛନ୍ତି ।୨୩ ।
କେଶ ଛାଡ଼ିଣ ବେଗେ ଗଲା
ସ୍ତମ୍ଭକୁ ଗୋଇଠା ମାରିଲା ।୨୪ ।
ନୃସିଂହ ରୂପ ପ୍ରଭୁ ହୋଇ
ସ୍ତମ୍ଭ ଭିତରୁ ଭାବଗ୍ରାହୀ ।୨୫ ।
ଆସିଣ ହିରଣ୍ୟକ ମାରି
ପ୍ରହଲ୍ଲାଦକୁ ଆଜ୍ଞାକରି ।୨୬ ।
ଏ ତୋର ପିତା ଏବେ ମଲା
ତୋତେଟି କେତେ କଷ୍ଟ ଦେଲା ।୨୭ ।
କେତେ ଦୁଃକ ପାଇଲୁ ତୁହି
ଏବେ ତୁ ସୁଖ ଭୁଞ୍ଜ କହି ।୨୮ ।
ସ୍ୱର୍ଗରେ ଇନ୍ଦ୍ର ହେବୁ ଜାଣ
ସୁଖ ଭୋଗ ତହିଁ କରିଣ ।୨୯ ।
ତଦନ୍ତେ ଅମର ତୁ ହୁଅ
ନାମକୁ ନିତ୍ୟେ ଧ୍ୟାୟୁ ଥାଅ ।୩୦ ।
ଏମନ୍ତେ ଆଜ୍ଞା ତାକୁ ଦେଇ
ଅନ୍ତରଧାନ ତହୁଁ ହୋଇ ।୩୧ ।

ଏମନ୍ତେ ପ୍ରହଲ୍ଲାଦ ବୀର
ରାଜ୍ୟରେ ହେଲା ନୃପବର ।୩୨ ।
ଦୁଃଖେ ନାମଟି ସେ ଧଇଲା
ମାରନ୍ତେ କେବେହେଁ ନ ମଲା ।୩୩ ।
ସେ ପ୍ରଭୁ ତାଙ୍କୁ ଦୟ କଲେ
ଅମର କରିଣ ରଖିଲେ ।୩୪ ।
ହିରଣ୍ୟ ନାମ ନ ଭଜିଲା
ସୁଖ ଚିନ୍ତିଣ ସେହୁ ମଲା ।।୩୫ ।
ହେ ମନ ଦୁଃଖେ ନାମ ଧର
କେବେ ନ ମରିବୁ ନିକର ।୩୬ ।
ଅକ୍ଷୟ ଅମର ତୁ ରହି
ଆଉ କଥାଏ ଶୁଣ କହି ।୩୭ ।
ଧ୍ରୁବଟି ମାତା ଛଳେ ଗଲା ।
ଦୁଃଖେ ନାମକୁ ସେ ଭଜିଲା ।୩୮ ।
ପ୍ରଭୁ ପ୍ରସନ୍ନେ ଆଜ୍ଞା ଦେଲେ
ଧ୍ରୁବ ମଣ୍ଡଳରେ ବୋଇଲେ ।୩୯ ।
ଅମର ଯୁଗେ ଯୁଗେ ଥାଅ
ଅନେକ ସୁଖ ତହିଁ ପାଅ ।୪୦ ।
ଦୁଃଖେ ନାମଟି ଯେଣୁ ଧରି
ଏ ଆଜ୍ଞା ଦେଇ ଗଲେ ହରି ।୪୧ ।
ଧ୍ରୁବଟି ଅମରେ ରହିଲେ
ଆଉ କଥାଏ କହି ଭଲେ ।୪୨ ।

ତ୍ରେତୟା ଯୁଗେ ରାମ ପୁଣ
ପିତା ସତ୍ୟଟି ସେ ପାଳିଣ ।୪୩।
ଚଉଦ ବରଷ ବନସ୍ତେ
ଦୁଃଖ ସହିଲେ ସେ ନିରତେ ।୪୪ ।
ଗ୍ରାମ ପାଟଣଶ ନ ଦେଖନ୍ତି
ଝାଡ଼ ପର୍ବତେ ବୁଲୁତାନ୍ତି ।୪୫ ।
ଖରା ବରଷା ଶୀତ ସହି
ପତ୍ର ଶଯ୍ୟାରେ ଦିନ ନେଇ ।୪୬ ।
କନ୍ଦମୂଳ ଖାଇ ବଞ୍ଚନ୍ତି
ଦୁଃଖ ଆଦରି ଦିନ ନ୍ୟନ୍ତି ।୪୭ ।
ଏମନ୍ତେ ବନସ୍ତେ ବୁଲନ୍ତେ
ରାବଣ ଆସି ଯେ ଗୁପତେ ।୪୮ ।
ଏକାନ୍ତେ ସୀତାଙ୍କୁ ଦେଖିଣ
ବଳେ ସେ ଧରିନେଲା ପୁଣ ।୪୯ ।
ଅଶୋକ ବନେ ସେ ରଖିଲା
ଦୁଃଖ ତାହାଙ୍କୁ ନ ଛାଡ଼ିଲା ।୫୦ ।
ଜଗତ ମାତା ଠାକୁରାଣୀ
ଦୁଃଖ ସହି ରହିଲେ ପୁଣି ।୫୧ ।
ନିର୍ଜନେ ଥାଇଣ ବଞ୍ଚନ୍ତି
ଦୁଃଖେ ନାମକୁ ଧାୟୁ ଥାନ୍ତି ।୫୨ ।
ଏମନ୍ତେ ରାମ ଲକ୍ଷଣ ହିଁ
ଆସି ଦେଖିଲେ ସୀତା ନାହିଁ ।୫୩।

ବନସ୍ତେ ଖୋଜି ଖୋଜି ପୁଣ
ସୁଗ୍ରୀବରକୁ ସେ ଭେଟିଣ ।୫୪ ।
ତାଙ୍କ ସଙ୍ଗେତେ ମିତ୍ର ହେଲେ
ମିତ୍ର ଛଳେ ବାଳୀ ନାଶିଲେ ।୫୫ ।
ସୁଗ୍ରୀବର ଯେ ଦୁଃଖ ସହି
ପର୍ବତେ ଲୁଚି ଥିଲା ସେହି ।୫୬ ।
ବାଳୀକି ମାରି ରାମ ପୁଣ
କିଷ୍କିନ୍ଧ୍ୟା ସୁଗ୍ରୀକି ଦେଇଣ ।୫୭ ।
ରାଜ୍ୟରେ ନୃପତି ହୋଇଲେ
ଅନେକ ସୁଖ ସେ ଭୁଞ୍ଜିଲେ ।୫୮ ।
ବାଳୀଟି ସୁଖକୁ ଇଚ୍ଛିଲା
ଅଳପ ଦିନେ ନାଶ ଗଲା ।୫୯ ।
ସୁଗ୍ରୀଟି ଦୁଃଖେ ନାମ ଧରି
ରାଜ୍ୟ ସମ୍ପଦ ଭୋଗ କରି ।୬୦ ।
ଦୁଃଖେ ନାମକୁ ସେ ଧଇଲା
ପ୍ରଭୁଙ୍କ ଦୟା ତାଙ୍କୁ ହେଲା ।୬୧ ।
ବାଳୀକି ନାଶି ରାଜ୍ୟ ଦେଇ
ତାଙ୍କୁ ଘେନି ଲଙ୍କାକୁ ଯାଇ ।୬୨ ।
ରାବଣ ମାରି ସୀତା ଆଣି
ବିଭୀଷଣଙ୍କୁ ଲଙ୍କା ପୁଣି ।୬୩।
ଲଙ୍କାରେ ରାଜା ସେ ହୋଇଲା
ଦୁଃଖକୁ ଯହୁଁ ଆଦରିଲା ।୬୪ ।

ପ୍ରଭୁ ତାହାଙ୍କୁ ଦୟା କଲେ
ଅମରେ ଥାଅ ଆଜ୍ଞା ଦେଲେ ।୬୫ ।
ରାବଣ ସୁଖ ଚିନ୍ତି ମଲା
ଅଳପ ଦିନେ ନାଶ ଗଲା ।୬୬ ।
ବିଭୀଷଣ ଯେ ନାମ ଧ୍ୟାୟୀ
ଅମର ହୋଇଣ ଅଛଇ ।୬୭ ।
ବିଭୀଷଣକୁ ଲଙ୍କା ଦେଇ
ସୀତାଙ୍କୁ ଘେନି ରାମ ଯାଇ ।୬୮ ।
ଅଯୋଧ୍ୟା ପୁରରେ ମିଳିଲେ
ଅଭିଷେକ ତହିଁ ହୋଇଲେ ।୬୯ ।
ଦୁଃଖକୁ ଆଗେ ରାମ ସହି
ପଛେ ସୁଖ ଭୁଞ୍ଜିଲେ କହି ।୭୦ ।
ସେ ପ୍ରଭୁ ସ୍ୱୟଂ ବ୍ରହ୍ମ ଜାଣ
ଦୁଃଖକୁ ଆଦରିଲେ ପୁଣ ।୭୧ ।

ଦୁଃଖ କରତା ଅଟେ ସେହି
ସେ କି ପାଞ୍ଚିଲେ ଦୁଃଖ ରହି ।୭୨ ।
ସୁଗ୍ରୀ ବିଭୀଷଣକୁ ଜାଣ
ସୁଖ ଭୁଞ୍ଜାଇଲେ ଆପଣ ।୭୩ ।
ଯହୁଁ ଦୁଖେଃ ନାମକୁ ଚିନ୍ତି
ସୁଖଟି ଦେଲେ ସୀତାପତି ।୭୪ ।
ଯାର ଅଙ୍ଗରେ ଦୁଃଖ ଯାଇ
ସେତ ଦୁଃଖ ଆଦରି ସହି ।୭୫ ।
ଦୁଃଖକୁ କେହି ନ ଛାଡ଼ନ୍ତି
ବ୍ରହ୍ମ ଶଙ୍କର ଦେବେ ଚିନ୍ତି ।୭୬ ।
କହଇ ଅରକ୍ଷିତ ଦାସ
ଦୁଃଖକୁ ସର୍ବେ କରି ଆଶ ।୭୮ ।
ଆହେ ସୁଜନ ମାନେ ତୁମ୍ଭେ
ଦୁଃଖ ମହିମା ଶୁଣ ସର୍ବେ ।୭୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ଉନତ୍ରିଂଶୋଽଧ୍ୟାୟଃ ।

--- ୦ ---

# ଚତ୍ୱାରିଂଶ ଅଧ୍ୟାୟ

ଆରେ କୁମନ କହି ଶୁଣ
ଦ୍ୱାପର ଯୁଗ କଥା ପୁଣ ।୧ ।
ପଞ୍ଚ ପାଣ୍ଡବେ ଜାତ ହୋଇ
କେତେ ଦୁଃଖ ପାଇଲେ ସେହି ।୨ ।
ଦୁର୍ଯ୍ୟୋଧନ ସୁଖ ଚିନ୍ତିଲା
ରାଜ୍ୟରେ ତାଙ୍କୁ ନ ରଖିଲା ।୩ ।
ଝାଡ଼ ଅରଣ୍ୟେ ଦୁଃଖ ପାଇ
ଖରା ବରଷା ଶୀତ ସହି ।୪ ।
ବାର ବରଷ ସେ ବନସ୍ତେ
ଭ୍ରମିଲ ନାନା ଦେଶେ ଦେଶେ ।୫ ।
ବୁଲନ୍ତେ ଦୃପଦ ଦେଶରେ
ଦୌପଦୀ ବିଭା ସ୍ୱୟମ୍ବରେ ।୬ ।
ଅର୍ଜ୍ଜୁନ ଲାଖ ଯେ ବିନ୍ଧିଲେ
ଦୌପଦୀକି ସେ ବିଭା ହେଲେ ।୭ ।
ବିଭା ହୋଇଣ ତହୁଁ ଆସି
ହସ୍ତିନା ପୁରେ ପରବେଶି ।୮ ।
ଯୁଧିଷ୍ଠି ମାନଗୋବିନ୍ଦାଇ
ପଶା ଖେଳନ୍ତି ଦୁଇଭାଇ ।୯ ।
ପଶାରେ ଯୁଧିଷ୍ଠି ଠାକୁର
ପଞ୍ଚ ରାଜ୍ୟ ହାରିଲେ ଖରେ ।୧୦ ।
ମାନଗୋବିନ୍ଦ ଯେ ଜିଣିଲେ
ପଞ୍ଚ ରାଜ୍ୟଟି ଭୋଗ କଲେ ।୧୧ ।
ଏହଙ୍କୁ ସୂଚୀ ମୂନେ ସ୍ଥାନ
ନ ଦେଇ ନ ରଖେ ରାଜନ ।୧୨ ।
ପୃଥ୍ୱୀ ହାରିଣ ସେହୁ ଗଲେ
ଅନେକ ଦୁଃଖ ସେ ପାଇଲେ ।୧୩ ।
ବିରାଟ ଦେଶରେ ଲୁଚିଣ
ଦୁଃଖେ ନାମକୁ ସେ ଚିନ୍ତିଣ ।୧୪ ।
ସେ ପ୍ରଭୁ ତାଙ୍କ ଦୁଃକ ଜାଣି
ଦୟା କରିଲେ ଚକ୍ରପାଣି ।୧୫ ।
ଦୁର୍ଯ୍ୟୋଧନକୁ କୂଟେ ମାରି
ପଞ୍ଚ ପାଣ୍ଡବେ ରାଜ୍ୟ କରି ।୧୬ ।
ଆଗଟି ଦୁଃଖ ସେ ସହିଲେ
ପଛେଟି ସୁଖ ଯେ ଭୁଞ୍ଜିଲେ ।୧୭ ।
ଦୁର୍ଯ୍ୟୋଧନ ସୁଖ ଚିନ୍ତିଲା
ଭୋଗ କରି ନପାରି ମଲା ।୧୮ ।
ପାଣ୍ଡବେ ଦୁଃଖେ ନାମ ଧରି
ରାଜ୍ୟ ସମ୍ପଦ ଭୋଗ କରି ।୧୯ ।
ଦୁଃଖକୁ ଆଦରିଲେ ଯହୁଁ
ପ୍ରଭୁ ସୁଖ ଭୁଞ୍ଜାଇ ତହୁଁ ।୨୦ ।
ଦୁଃଖକୁ ଏବେ ତୁ ଆଦର
ଆଉ କଥାଏ କହି ସାରି ।୨୧ ।
ଇନ୍ଦ୍ରଟି ସହସ୍ର ବରଷ
ଲୁହା ଚଣାଟି କଲ ଗ୍ରାସ ।୨୨ ।
ଅଗ୍ନିରେ ଶରୀର ଦହିଲା
ଦୁଃଖେ ନାମକୁ ସେ ଚିନ୍ତିଲା ।୨୩ ।
ଅମରେ ସୁରପତି କଲେ
ତାହାଟି ସୁଖ ଭୁଞ୍ଜାଇଲେ ।୨୪ ।

ଦୁଃଖକୁ ଆଦରିଲା ଯହୁଁ
ପ୍ରଭୁଟି ସୁଖ ଦେଲେ ତହୁଁ ।୨୫ ।
ଶଚୀଟି ଦୁଃଖେ ନାମଧରି
ଅମର ସ୍ୱର୍ଗ ଭୋଗ କରି ।୨୬ ।
ତାକୁଟି ପ୍ରଭୁ ଦୟା କଲେ
ଅମରେ ଥାଅ ଆଜ୍ଞା ଦେଲେ ।୨୭ ।
ଦୁଃଖେ ନାମକୁ ସେ ଚିନ୍ତିଲା
ଅମର ବର ସେ ପାଇଲା ।୨୮ ।
ଈଶ୍ୱରେ ତିନି ଲକ୍ଷ ଯୁଗ
ଦୁଃଖେ ସାଧିଲେ ବ୍ରହ୍ମ ଯୋଗ ।୨୯ ।
ତେଣୁ ଅମରେ ସେ ଅଛନ୍ତି
ପୃଥ୍ୱୀ ପ୍ରଳୟେ ନାହିଁ ଭିତ୍ତି ।୩୦ ।
ଦୁଃଖେ ନାମକୁ ସେ ଚିନ୍ତିଲେ
ତେଣୁଟି ପ୍ରଭୁ ଦୟା କଲେ ।୩୧ ।
ବସୁଦେବଟି ଦୁଃଖ ସହି
କଂସଟି ବନ୍ଦୀ କଲା ନେଇ ।୩୨ ।
ବନ୍ଦୀ ଘରରେ ପଡ଼ି ଥାନ୍ତି
ଦୁଃଖେ ନାମକୁ ନିତ୍ୟେ ଚିନ୍ତି ।୩୩ ।
ପ୍ରଭୁ ତାହାଙ୍କ ଦୁଃଖ ଜାଣି
ତାଙ୍କ ଘରେ ଜନ୍ମଲେ ପୁଣି ।୩୪ ।
ଦେବକୀ ଗର୍ଭରୁ ଜନ୍ମିଣ
ଯାଇଁ ଗୋପପୁରେ ବଢ଼ିଣ ।୩୫ ।
ସେ ପ୍ରଭୁ ଦୁଃଖ ଆଦରିଲେ
ଗୋପପୁରେ ଗାଈ ରଖିଲେ ।୩୬ ।
ଲତା ବନସ୍ତେ ଗାଈ ନେଇ
ଚରାଉଥାନ୍ତି ଦୁଃଖ ସହି ।୩୭ ।
ଖରା ବରଷା ସେ ସହନ୍ତି
ନାନା ଦୁଃଖଟି ପାଉଥାନ୍ତି ।୩୮ ।
ନନ୍ଦ ଗଉଡ଼ ନନ୍ଦରାଣୀ
ମାରନ୍ତି ଛାଟ ଘେନି ପୁଣି ।୩୯ ।
ସେ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର
ସେ ମାଡ଼ ସହେ ଚକ୍ରଧର ।୪୦ ।
ଦୁଃଖକୁ ଆଦରନ୍ତି ପୁଣ
ସେ ପ୍ରଭୁ ବ୍ରହ୍ମାଣ୍ଡ କାରଣ ।୪୧ ।
କଂସଟି ଅକ୍ରୁରକୁ ପେଶି
ଘୋନାଇ ଗଲେଟି ବିଶେଷି ।୪୨ ।
କୃଷ୍ଣକୁ ଦେଖି କଂସ ମଲା
ଯେଣୁଟି ସୁଖକୁ ଇଚ୍ଛିଲା ।୪୩ ।
ଉଗ୍ରସେନକୁ ରାଜା କଲେ
ତା'ଦୁଃଖେ ପ୍ରଭୁ ସେ ଫେଡ଼ିଲେ ।୪୪ ।
ଯେଣୁ ଦୁଃଖେ ନାମ ଚିନ୍ତିଲା
ରାଜ୍ୟ ସମ୍ପଦ ଭୋଗ କଲା ।୪୫ ।
ବାସୁଦେବଙ୍କ ବନ୍ଦୀଠାରେ
କୃଷ୍ଣଚନ୍ଦ୍ର ବିଜେ ସେଠାରେ ।୪୬ ।
ବନ୍ଦୀରୁ ଫେଡ଼ିଆଣି କରି
ସୁଖ ଭେଗ ଭୁଞ୍ଜାଇ ହରି ।୪୭ ।
ଆଗଟି ଦୁଃଖ ଯେ ପାଇଲେ
ପଛେଟି ସୁଖକୁ ଭୁଞ୍ଜିଲେ ।୪୮ ।
ସେ ପ୍ରଭୁ ଗୋପପୁରେ ଥାଇ
ଅନେକ ଦୁଃଖ ତହିଁ ପାଇ ।୪୯ ।
ଗୋପରୁ ଯାଇ ଦ୍ୱାରକାରେ
ସୁଖ ଭୁଞ୍ଜିଲେ ନିରନ୍ତରେ ।୫୦ ।

ଆଗଟି ଦୁଃଖ ସେ ପାଇଲେ
ପଛେଟି ସୁଖ ଯେ ଭୁଞ୍ଜିଲେ ।୫୧ ।
ସେ ପ୍ରଭୁ ବ୍ରହ୍ମାଣ୍ଡ କରତା
ଦୁଃଖକୁ ଆଦରି ସର୍ବଥା ।୫୨ ।
ସେତ ପାଞ୍ଚିଲେ ଦୁଃଖ ନାହିଁ
ଦୁଃଖକୁ ନ ଛାଡ଼ନ୍ତି କେହି ।୫୩।
ଉଦ୍ଧବ ଦୁଃଖେ ନାମ ଧରି
ବ୍ରହ୍ମ ଶାପରୁ ହେଲେ ପାରି ।୫୪ ।
ଯା ଶାପେ କୃଷ୍ଣ ନାଶ ଗଲେ
ଯଦୁବଂଶ ନିଅଂଶ ହେଲେ ।୫୫ ।
ଉଦ୍ଧବ ଶାପରୁ ବଞ୍ଚିଣ
ରହି ଦୁଃଖେ ନାମ ଚିନ୍ତିଣ ।୫୬ ।
ତେଡ଼େ ଶାପରୁ ପାରି ହେଲେ
ଯେଣୁ ଦୁଖେ ନାମ ଚିନ୍ତିଲେ ।୫୭ ।
ବ୍ରହ୍ମଶାପ ପତଙ୍ଗ ହେଲା
ନାମ ଅଗ୍ନିରେ ପୋଡ଼ିଗଲା ।୫୮ ।
ତେଣୁଟି ଶାପ ନ କାଟଇ
ନାମ ଅନଳେ ଶାପ ଦହି ।୫୯ ।
ଏମନ୍ତେ ନାମର ମହିମା
ଦୁଃଖେ ନାମ କର ଭାବନା ।୬୦ ।
ସତ୍ୟ ଯୁଗରେ ନାରାୟଣ
ନାମକୁ ଦୁଃଖରେ ଭାବିଣ ।୬୧ ।
ଦୁଃଖକୁ କେହି ନ ଛାଡ଼ନ୍ତି
ପରଶୁରାମ ନାମ ଚିନ୍ତି ।୬୨ ।
ସେହି ଯୁଗେ ଯୁଗେ ରହିଲେ
ଯେଣୁ ଦୁଃଖେ ନାମ ଭଜିଲେ ।୬୩।
କଳିରେ ଚୈତନ୍ୟ ଠାକୁରେ
ନାମ ବିଖ୍ୟାତେ କଲେ ନରେ ।୬୪ ।
ବୋଇଲେ ଦୁଃଖେ ନାମ ଧର
କି ସୁଖ ଲୋଡ଼ରେ ପାମର ।୬୫ ।
ଦୁଃଖେ ନାମ ଯେବେ ଚିନ୍ତିବ
ଗତି ମୁକତିଟି ପାଇବ ।୬୬ ।
କିମ୍ପାରେ ମୂର୍ଖେ ଭ୍ରମି ମର
ନାମକୁ ଦୁଃଖେ ଚିନ୍ତା କର ।୬୭ ।
ତେବେଟି ସୁଖ ଯେ ଭୁଞ୍ଜିବ
ଦୁଃଖଟି କେବେ ନ ପାଇବ ।୬୮ ।
ଏମନ୍ତେ ନର ଲୋକେ କହି
ଅନ୍ତର ହେଲେ ଭାବଗ୍ରାହୀ ।୬୯ ।
ଏବେ କୁମନ ଦୁଃଖେ ନାମ
ଧ୍ୟାୟରେ ନିତ୍ୟ ତୁହି ପୁଣ ।୭୦ ।
କହଇ ଅରକ୍ଷିତ ଦାସ
ଦୁଃଖେ ନାମ ଭଜ ଅବଶ୍ୟ ।୭୧ ।
ଆହେ ସୁଜନ ମାନେ କହି
ଦୁଃଖେ ମହିମା ଏସନ ହିଁ ।୭୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ଚତ୍ୱାରିଂଶୋଽଧ୍ୟାୟଃ ।

--- ୦ ---

# ଏକଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଦୁଃଖକୁ ସହି ନ ପାରଇ ।୧ ।
ଏ ଦେହେ କେହୁ ବାସ କରେ
କିଛି ନ ସହି ମୋତେ ମାରେ ।୨ ।
ନିରତେ ସୁଖକୁ ଇକଇ
ଅନୁକ୍ଷଣେ ମୋତେ ଭ୍ରମାଇ ।୩।
ହେ ପ୍ରଭୁ ଏ ସ୍ଥାନରୁ ତୁହି
ଆଉ କେଣିକି ନେବୁ ନାହିଁ ।୪ ।
କେତେ ପର୍ବତେ ବୁଲାଇଲୁ
ଥୟ କରିଣ ନ ରଖିଲୁ ।୫ ।
ପ୍ରଥମେ କେରାଣ୍ଡି ମାଳରେ
ନ ରଖି ମାୟା କଲୁ ମୋରେ ।୬ ।
ଦ୍ୱିତୀୟେ ତୋଟାରେ ରଖିଣ
ତୋ ମାୟା ହେଲା ମୁଁ ଛାଡ଼ିଣ ।୭ ।
ତୃତୀରେ ଚିତ୍ରକୂଟ ନେଲୁ
ରଖି ସେ ସ୍ଥାନ ଛିଡ଼ାଇଲୁ ।୮ ।
ହୁମା ପର୍ବତେ ଇଚ୍ଛା ହୋଇ
ନ ରଖି ମନ ଯେ ଫେରାଇ ।୯ ।
ପୁଣି ଡୁବୁଡୁବା ପର୍ବତେ
ନ ରଖି ଛଡ଼ାଇଲୁ ମୋତେ ।୧ ୦ ।
ରୋବାଳ ପର୍ବତକୁ ଇଚ୍ଛା
ନ ନେଇ ଭାଙ୍ଗୁ ମନେ ବାଞ୍ଛା ।୧ ୧ ।
ହେମନ୍ତ ଝୋଲା ପର୍ବତ ହିଁ
ଇଚ୍ଛଇ ତୋ ମାୟା ଭାଙ୍ଗଇ ।୧ ୨ ।
ପୁଣି ଶ୍ୟାମ କୁଣ୍ଡ ପର୍ବତ
ନ ନେଇ ଭାଙ୍ଗିଲୁ ଯେ ଚିତ୍ତ ।୧ ୩।
ତଦନ୍ତେ ଯୋଗୀ ଗୁମ୍ଫା ଜାଣ
ରଖି ଛଡ଼ାଇଲୁ ସେ ସ୍ଥାନ ।୧ ୪ ।
ପୁଣି ହିଁ ମହୁରୀ ପର୍ବତେ
ନ ରଖି ମାୟା କଲୁ ଚିତ୍ତେ ।୧ ୫ ।
ଚାଙ୍ଗୁଡ଼ି ଦେଇ ପର୍ବତରେ
ନ ରଖି ଭାଙ୍ଗିଲୁ ମନରେ ।୧ ୬ ।
ପାଣ୍ଡରା ପଡ଼ା ପର୍ବତ ହିଁ
ଇଚ୍ଛା ମୋ ଭାଙ୍ଗିଲୁ ଯେ ତୁହି ।୧ ୭ ।
ପୁଣି ଚିତ୍ର କୂଟକୁ ନେଇ
ନ ରଖି ସେ ସ୍ଥାନ ଛଡ଼ାଇ ।୧ ୮ ।
ଶ୍ରୀ ପୁରୁଷୋତ୍ତମକୁ ନେଲୁ
ରଖି ସେ ସ୍ଥାନ ଛଡ଼ାଇଲୁ ।୧ ୯ ।
ଖଣ୍ଡଗିରି ନେଇଣ ରଖି
ସେ ସ୍ଥାନ ଛଡ଼ାଇ ଉପେକ୍ଷି ।୨ ୦ ।

ନୀଳଗିରି କି ଇଚ୍ଛା କଲି
ତୋ ମାୟା ହେଲା ମୁଁ ନ ଗଲି ।୨୧ ।
ଡ଼ମପଡ଼ା ପର୍ବତେ ନେଇ
ରଖିଣ ସେ ସ୍ଥାନ ଛଡ଼ାଇ ।୨୨ ।
ସପ୍ତ ଶଯ୍ୟାକୁ ବାହାରନ୍ତେ
ସେ ମନ ଭାଙ୍ଗିଲୁ ଯେ ଚିତ୍ତେ ।୨୩ ।
କପିଳାସକୁ ଇଚ୍ଛା କଲି
ତୋ ମାୟା ହେଲା ମୁଁ ନ ଗଲି ।୨୪ ।
ମହା ପର୍ବତକୁ ମୁଁ ଯାଇ
ନ ରଖି ତୋ ମାୟା ଫେରାଇ ।୨୫ ।
ଜ୍ୱାଳା ପର୍ବତକୁ ମୁଁ ଯାନ୍ତେ
ସେ ମନ ଭାଙ୍ଗିଲୁ ଯେ ଚିତ୍ତେ ।୨୬ ।
ଅନ୍ଧାରୁଆ ପର୍ବତେ ଯାଇ
ତୋ ମାୟା ହେଲା ମୁଁ ଫେରଇ ।୨୭ ।
ହଳଦିଆ ପର୍ବତେ ଗଲି
ତୋ ମାୟା ହେଲା ମୁଁ ଫେରିଲି ।୨୮ ।
ପୁଣି ଖଣ୍ଡିଗିରି ଆଣିଲୁ
ରଖି ସେ ସ୍ଥାନ ଛଡ଼ାଇଲୁ ।୨୯ ।
ଗୁମ୍ଫା ମଣ୍ଡଳି କି ସେ ନେଇ
ନ ରଖି ମନ ଯେ ଫେରାଇ ।୩୦ ।
ଧଉଳି ପର୍ବତକୁ ଗଲି
ତୋ ମାୟା ହେଲା ମୁଁ ଫେରିଲି ।୩୧ ।
ଉଦେଗିରି ଇଚ୍ଛା କରଇ
ନ ରଖି ସେ ସ୍ଥାନୁ ଫେରାଇ ।୩୨ ।
ବରୁଣାଇ ପର୍ବତେ ମୁହିଁ
ରହିବି ତୋ ମାୟା ଭାଙ୍ଗଇ ।୩୩ ।
ଅଟଳା ପର୍ବତରେ ପୁଣ
ରହିବି ତୋ ମାୟା ଭାଙ୍ଗିଣ ।୩୪ ।
ଧନଶ୍ରୀ ପର୍ବତ ଇଛଇ
ତୋ ମାୟା ମୋ ମନ ଭାଙ୍ଗଇ ।୩୫ ।
ଖାରଦ ମୁଣ୍ଡିଆରେ ମୁହିଁ
ରହିବି ତୋ ମାୟା ଭାଙ୍ଗଇ ।୩୬ ।
ଗୋଳାବାୟୁ ମୁଣ୍ଡିଆରେଣ
ରହିବି ତୋ ମାୟା ଭାଙ୍ଗିଣ ।୩୭ ।
ସାତପଡ଼ା ବାଲିକୁଦା ହିଁ
ତୋ ମାୟା ହେଲା ମୁଁ ଯାଇ ।୩୮ ।
ମଣିଭଦ୍ରାଟି ଯେ ପର୍ବତ
ରହିବି ତୋ ମାୟା ନାଶିତ ।୩୯ ।
ସମ୍ବଲପୁର ବାହାରିଲି
ତୋ ମାୟା ହେଲା ମୁଁ ନଗଲି ।୪୦ ।
ତାଳଚେର କି ଇଚ୍ଛା ହ୍ୱନ୍ତେ
ତୋ ମାୟା ଭାଙ୍ଗିଲା ଯେ ଚିତ୍ତେ ।୪୧ ।
ବାଙ୍ଗିଣିଆ ପର୍ବତେ ଯାଇ
ତୋ ମାୟା ହେଲା ମୁଁ ଫେରଇ ।୪୨ ।

ବଡ଼ମ୍ବା ପର୍ବତ ଦେଖିଣ
ତୋ ମାୟା ନ ରହିଲା ପୁଣ ।୪୩।
ପୁଣି ଖଣ୍ଡ ଗିରି ଆଣିଲୁ
ନ ରଖି ସେ ସ୍ଥାନୁ ତେଜିଲୁ ।୪୪।
ପ୍ରାଚୀ କୂଳକୁ ନେଲୁ କହି
ସେ ସ୍ଥାନେ ନ ରଖିଲୁ ତୁହି ।୪୫।
ତଦନ୍ତେ ପାରାଦ୍ୱୀପ ଜାଣ
ନ ରଖିଲୁ ଯେ ତହିଁ ପୁଣ ।୪୬।
କନିକା ଯିବା ଇଚ୍ଛା ହୋଇ
ସେ ମନ ହରିଲୁ ଯେ ତୁହି ।୪୭।
କେନ୍ଦ୍ରାପଡ଼ା ଆଣି କରି
ତହିଁ ନ ରଖି ମନ ହରି ।୪୮।
ଏବେ ଓଳାଶୁଣି ପର୍ବତେ
ଆଣି ରଖିଲୁ କହି ମୋତେ ।୪୯।
ଆଉ ତ ନ ଭ୍ରମାଅ ପୁଣ
ଏଠାରେ ରଖି ନାରାୟଣ ।୫୦।
ଓଳାଶୁଣି ପର୍ବତୁ ତୁହି
କାହିଁ ନ ନିଅ ମୁଁ ଜଣାଇ ।୫୧।
ଭକ୍ତି ମାଗନ୍ତେ ନ ଦେଉଛ
କିମ୍ପାଇ ଭ୍ରମାଇ ମାରୁଛ ।୫୨।
ଭକତି ଯୋଗେ ଆଶା ନାହିଁ
ଆଉତ ନ ଭ୍ରମାଅ କହି ।୫୩।
ଏ ସ୍ଥାନେ ସୁଖେ ବସିଥିବି
ଆଉ ଯେ ଭ୍ରମି ନ ପାରିବି ।୫୪।
ତୁମ୍ଭର ଦୟା ଥିଲେ ଶୁଣ
ଭକତି ଦେବ ଯେ ଆପଣ ।୫୫।
ନୋହିଲେ ଆନ ଯୋଗ ମୁହିଁ
ମଲେ ନ ସାଧେ ଶୁଣ ତୁହି ।୫୬।
ହେ ପ୍ରଭୁ ଏ ସ୍ଥାନରୁ ମୋତେ
ନ ନିଅ ନ ଭ୍ରମାଅ ଚିତ୍ତେ ।୫୭।
ଏ ସ୍ଥାନେ ରଖ ପୀତବାସ
ଅର୍କ୍ଷିତ ଦାସ ରହୁ ଆଶ ।୫୮।
ଆହେ ସୁଜନ ଯେ ସମସ୍ତେ
ମୋ ଦୋଷ ନ ଘେନିବ ଚିତ୍ତେ ।୫୯।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ଏକଚତ୍ୱାରିଂଶୋଽଧ୍ୟାୟଃ ।

--- ୦ ---

# ଦ୍ୱିଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ପ୍ରଭୁ ମାୟା
ଏମନ୍ତେ ଭ୍ରମୁଛି ମୋ କାୟା ।୧ ।
ତୁମେ ତ ଏହି ଦେହେ ଅଛ
ଦୁଃଖ ସୁଖ ହିଁ ନ ଜାଣୁଛ ।୨ ।
ମୁହିଁତ ଏହି ଦେହେ ଥାଇ
ଧନ୍ଦି ମରୁଛି ମୁଁ କହଇ ।୩।
ପ୍ରକୃତି ଗଣ ମାନ ଦେହେ
ସ୍ଥିରେ ନ ରଖନ୍ତି ମୋ କାୟେ ।୪ ।
ଚୌଷଠି ରୋଗ ଦେହେ ଛନ୍ତି
ଅନୁକ୍ଷଣେ ଦେହ ନାଶନ୍ତି ।୫ ।
ଏହାଙ୍କ ସଙ୍ଗେ ମୋତେ ଥୋଇ
ନିଶ୍ଚିନ୍ତ ହୋଇ ତୁମ୍ଭେ ରହି ।୬।
ଏହାଙ୍କ ସଙ୍ଗେ ମୁଁ ଭ୍ରମଇ
ବିରାଡ଼ି ମୂଷା କି ରଖଇ ।୭ ।
ମୁଁ ମୂଷା ବିରାଡ଼ି ଯେ ରୋଗ
ତାଙ୍ଗ ସଙ୍ଗେତେ ଦେଲ ଭୋଗ ।୮ ।
ବିରାଡ଼ି ମୂଷା କି ରଖିବେ
ରୋଗତ ଦେହକୁ ନାଶିବେ ।୯ ।
ସର୍ପ କି ବେଙ୍ଗକୁ ରଖଇ
ରୋଗଟି ଦର୍ପ ବେଙ୍ଗ ମୁହିଁ ।୧୦ ।
ବ୍ୟାଘ୍ରକି ଛେଳି ରଖେ ପୁଣ
ମୁଁ ଛେଳି ବ୍ୟାଘ୍ର ରୋଗ ଜାଣ ।୧୧ ।
ଅଗ୍ନି କି ପତଙ୍ଗ ରଖଇ
ରୋଗ ଅଗ୍ନି ମୁଁ ପତଙ୍ଗ ହିଁ ।୧୨ ।
ଏମନ୍ତେ ସଙ୍ଗ ମୋତେ ଦେଲୁ
ପର ହାତରେ ମରାଇଲୁ ।୧୩।
ତୋହର ଦୟା ଯେବେ ହନ୍ତା
ବିରାଡ଼ି ମୂଷାକୁ ଡରନ୍ତା ।୧୪ ।
ତୁମ୍ଭର କୃପା ହେଲେ ଜାଣ
ବେଙ୍ଗକୁ ସର୍ପ ଡରେ ପୁଣ ।୧୫ ।
ତୁମ୍ଭର କରୁଣା ହୋଇଲେ
ଛେଳି କି ବ୍ୟାଘ୍ର ଡରେ ଭଲେ ।୧୬।
ତୁମ୍ଭେ ପ୍ରସନ୍ନ ହେଲେ ପୁଣ
ଅଗ୍ନି ପତଙ୍ଗ ନ ଛୁଇଁଣ ।୧୭ ।
ଏମନ୍ତେ ତୁମ୍ଭର ମହିମା
ନିର୍ଦ୍ଦୟା କଲୁ ମୋତେ ସିନା ।୧୮ ।
ପ୍ରକୃତିମାନଙ୍କୁ ଯେ କହି
ରୋଗମାନଙ୍କୁ ଆଜ୍ଞା ଦେଇ ।୧୯ ।
ତୁମ୍ଭ ଆଜ୍ଞାରୁ ମାରୁଛନ୍ତି
ତିଳାର୍ଦ୍ଧେ ଦୟା ନ କରନ୍ତି ।୨୦ ।

ପର ହାତରେ ମରାଉଛ
ଆପଣା ହସ୍ତେ ନ ମାରୁଛ ।୨୧ ।
ଆପଣା ହସ୍ତେ ମାର କହି
ଯେବେ ଦୟା ମୋର ଅଛଇ ।୨୨ ।
ପର ହାତରେ ନ ମରାଅ
ଏତେକ ଦୟା ମୋର ହୁଅ ।୨୩ ।
ଭକ୍ତି ନ ଦେଇ ପର ହାତେ
କିମ୍ପା ମାରୁଛ କହି ମୋତେ ।୨୪ ।
ଭକତି ଯୋଗ ତୁମ୍ଭେ ଦେଲେ
ଏ ଦେହ କେ ନାଶନ୍ତା ଭଲେ ।୨୫ ।
ପ୍ରକୃତିମାନେ ଖଟିଥାନ୍ତେ
କିମ୍ପାଇ ଦେହକୁ ନାଶନ୍ତେ ।୨୬ ।
ତୁମ୍ଭେ ତ ଦେହ ଜାତ କରି
ନାଶୁଛ ଦୋଷ ଯେ କାହାରି ।୨୭ ।
ଦୟା ସାଗର ବୋଲି ତୁହି
କିଥାଏ ମାଗିଥିଲି ମୁହିଁ ।୨୮ ।
ଭଣତି ସାଧିବି ବୋଲିଣ
ମାଗି ଯେ ଥିଲି ମୁହିଁ ପୁଣ ।୨୯ ।
ଭକତି ଯୋଗ ଯେ ନ ଦେଲୁ
ମାୟାରେ ମୋତେ ଭୁଲାଇଲୁ ।୩୦ ।
ସାତ ବେଳ ବନେ ବାହାରି
ଏକାନ୍ତେ ଭକ୍ତି ଆଶ୍ରେ କରି ।୩୧ ।

ଅଗମ୍ୟ ବନସ୍ତରେ ମୁହିଁ
ଭକତି ଯୋଗ ସାଧିବଇଁ ।୩୨ ।
ଏମନ୍ତେ ପାଞ୍ଚି ମୁଁ ବାହାରି
ତୋ ମାୟା ବାଟୁ ଆସେ ଫେରି ।୩୩ ।
ସାତ ବେଳ ମୁଁ ବାହାରିଲି
ସାତ ବେଳ ଫେରି ଆଇଲି ।୩୪ ।
ତୁମ୍ଭର ଦୟା ଯେବେ ଥାନ୍ତା
କିମ୍ପା ସାତବେଳ ଫେରନ୍ତା ।୩୫ ।
ଏକାବେଳେ ସାଧି କରନ୍ତି
ଭକତି ଯୋଗ ମୁଁ ସାଧନ୍ତି ।୩୬ ।
କିଞ୍ଚିତେ ଦୟା ଯେବେ ଥାନ୍ତା
ଭକତି ପ୍ରାପତ ହୁଅନ୍ତା ।୩୭ ।
ନ ଦେବା ପାଞ୍ଚି ତୁହି କହି
ମାୟା କରି ଫେରି ଆସଇ ।୩୮ ।
ଭକତି ଯୋଗ ବିନୁ ଶୁଣ
ଆଉ ଯୋଗ ମୁଁ ନ ଛୁଇଁଣ ।୩୯ ।
ଭକତି ଯୋଗେ ଆଶା ନାହିଁ
ଆଉ ବନେ ମୁଁ ନ ପଶଇ ।୪୦ ।
ଜାଣିଲି ସେ ଯୋଗ ନ ଦେବ
କିମ୍ପା ବନସ୍ତେ ଏ ପଶିବ ।୪୧ ।
ସାତବେଳ ବୁଝିଲି ମୁହିଁ
ତେଣୁ ଅପା ଛାଡ଼ିଲି କହି ।୪୨ ।

କେବଳ ଭରସା ମୋହର
ଯା ଇଚ୍ଛା ତାହା ତୁହି କର ।୪୩।
କେବଳ ଭରସା ତୁମ୍ଭରେ
ନ ଜାଣେ କିଛି ମୁଁ ମନରେ ।୪୪।
ବେଦାନ୍ତ ମୁହିଁ ନ ଜାଣଇ
ତୁମ୍ଭ ନାମେ ଭରସା ଥାଇ ।୪୫।
ହୋଗାନ୍ତ ନ ସାଧଇ ଶୁଣ
ନାମକୁ ଭରସା କରିଣ ।୪୬।
ସିଦ୍ଧାନ୍ତ ମନେ ନ ଇଚ୍ଛଇ
ତୁମ୍ଭ ନାମେ ଥିବି ପାଞ୍ଚଇ ।୪୭।
ନାଗାନ୍ତ ଦେହେ ନ ରଖିଲି
ନାମ ଆଶ୍ରେ ସବୁ ଛାଡ଼ିଲି ।୪୮।
ତୀର୍ଥ ମୁଁ କରିତ ନ ଯାଇ
ତୁମ୍ଭ ନାମେ ଭରସା ଥୋଇ ।୪୯।
ବ୍ରତ ମୁଁ ନ ଜାଣଇ ଶୁଣ
ନାମ ଭରସା କରି ପୁଣ ।୫୦।
ଦେବତା କେବେ ନ ପୂଜଇ
ନାମ ଭରସାରେ ମୁଁ ଥାଇ ।୫୧।
ହୋମ ଜପ ଯଜ୍ଞାଦି ଜାଣ
ନ ସାଧି ନାମ ଆଶା ପୁଣ ।୫୨।
ତିଳକ ନାମ ସ୍ମରଣ ହିଁ
ନ କରେ ନାମେ ଆଶା ଥାଇ ।୫୩।

ମନ୍ତ୍ର ଯନ୍ତ୍ର ହିଁ ଧ୍ୟାନ ଯେତେ
ନ କରି ନାମେ ଆଶା ନିତ୍ୟେ ।୫୪।
ଅଷ୍ଟାଙ୍ଗ ଠାରୁ ଯୋଗ ଯେତେ
ନ ସାଧେ ନାମ ଆଶା ଚିତ୍ତେ ।୫୫।
ପବନ ସୂତ୍ର ନ ଇଚ୍ଛଇ
ନାମ ଭରସାରେ ମୁଁ ଥାଇ ।୫୬।
ସର୍ବ ଯୋଗ ଉପରେ ସାର
ଭକତି ବୋଲିଣ ଯେ ତୋର ।୫୭।
ସେ ଭକ୍ତ ମାଗନ୍ତେ ନ ଦେଲୁ
କିମ୍ପାଇ ଗୃହ ଛଡ଼ାଇଲୁ ।୫୮।
ଆଉ ଯୋଗରେ ଗତି ନାହିଁ
କିମ୍ପା ସାଧିବି ଶୁଣ ତୁହି ।୫୯।
ଭକତି ଯାକୁ ତୁ ନ ଦେଉ
ତୋତେ ପାଇବ ସେହୁ କାହୁଁ ।୬୦।
ଆଉ ଯୋଗେ ଭ୍ରମି ମରନ୍ତି
ଭକତି କେହି ନ ଜାଣନ୍ତି ।୬୧।
ସେ ତ ଅଗମ୍ୟ ଯୋଗ କହି
ଯହିଁରେ ଥଳ କୂଳ ନାହିଁ ।୬୨।
ଭକ୍ତିରେ ଥଳ ନ ପାଇଣ
ନାନା ଯୋଗ ସାଧନ୍ତ ପୁଣ ।୬୩।
ତୁମ୍ଭର ନିଜ ଧର୍ମ ସେହି
ତାକୁ ଆଶ୍ରେ କରିଛୁ ତୁହି ।୬୪।

ତୋ ବିନୁ କେହି ନ ସାଧନ୍ତି
ବ୍ରହ୍ମା ଶଙ୍କରେ ନ ପାରନ୍ତି ।୬୫ ।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ବରୁଣ
ଏ ଯୋଗେ ନ ପଶିଲେ ଶୁଣ ।୬୬ ।
ଜଳ ପବନ ଅଗ୍ନି କହି
ଏ ଯୋଗେ ନ ପଶିଲେ କେହି ।୬୭ ।
ମୁନିଗଣ ହିଁ ନ ପଶିଲେ
ଧ୍ୟାନ ସୂତ୍ର କରି ରହିଲେ ।୬୮ ।
ନର ଦେହରେ ମୂଢ଼ ମୁହିଁ
ନ ଜାଣି ତୁମ୍ଭଙ୍କୁ ମାଗଇ ।୬୯ ।
ପୁରାଣ ମାନଙ୍କରେ ଶୁଣି
ତୁ ଚୌବର୍ଗ ଦାନୀ ଜାଣି ।୭୦ ।
ମେରୁକୁ ଧୂଳି କରି ପାରୁ
ଧୂଳିକି ମେରୁ ତୁହି କରୁ ।୭୧ ।

ଏହା ଶୁଣି ପୁରାଣେ ମୁହିଁ
ମାଗିଲି କ୍ଷମା କର ତୁହି ।୭୨ ।
ହେ ପ୍ରଭୁ ଯାରେ କୃପାକର ।
ତୁମ୍ଭ ସଙ୍ଗତେ ତା' ବିହାର ।୭୩।
ଭକତି ଯୋଗ ଯେ ସାଧଇ
ତୁମ ସଙ୍ଗତେ ସେହୁ ଥାଇ ।୭୪ ।
ତୋ ଦୟା ହେଲେଟି ଅବଶ୍ୟ
ସାଧିବ ଅରକ୍ଷିତ ଦାସ ।୭୫ ।
ଆହେ ସୁଜନ ମାନେ କହି
ଭକ୍ତିରେ ଥଳ କୂଳ ନାହିଁ ।୭୬ ।
ପ୍ରଭୁଙ୍କ ଦୟା ଯାରେ ଶୁଣ
ସେ ସ୍ଥଳ ପାଇବ ଯେ ପୁଣ ।୭୭ ।
ନୋହିଲେ ସ୍ଥଳ ତହିଁ ନାହିଁ
ଅଥଳ ଯୋଗ ସେ ଅଟଇ ।୭୮ ।
ଆଉ ଯୋଗରେ ସ୍ଥଳ ଅଛି
ଭକ୍ତିରେ ସ୍ଥଳ ନାହିଁ କିଛି ।୭୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ଦ୍ୱିଚତ୍ୱାରିଂଶୋଽଧ୍ୟାୟଃ ।

--- ୦ ---

# ତ୍ରିଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ତୋ ଭରସା
ଭକତି ବିନୁ ନାହିଁ ଆଶା ।୧ ।
ଭକତି ଯୋଗ ଭରସାରେ
କାହାକୁ ନ ଜଗେ ଦେହରେ ।୨ ।
କନ୍ଦର୍ପ ଘର ନ ଜଗଇ
ଜଗଲେ ଭକ୍ତି ଛାଡ଼ିବଇଁ ।୩ ।
ନିଦ୍ରାକୁ ନ ଜଗଇ ଜାଣ
ଜଗିଲେ ଭକ୍ତି ଛାଡ଼େ ପୁଣ ।୪ ।
ଆହାରକୁ ଯେ ନ ଜଗଇ
ଜଗିଲେ ଭକ୍ତି ଛାଡ଼ିବଇଁ ।୫ ।
ତୃଣକୁ ନ ଜାଗଇ ଜାଣ
ଜଗିଲେ ଭକ୍ତି ଛାଡ଼େ ପୁଣ ।୬ ।
ଖରା ବରଷା ଶୀତ ମୁହିଁ
ଏ ତିନିକୁ ମୁଁ ନ ଜଗଇ ।୭ ।
ଜଗିଲେ ମରଣକୁ ଭୟେ
ଭକତି କେବେହେଁ ନ ପାଏ ।୮ ।
ଭୟକୁ ନ ଛାଡ଼ଇ ଜାଣ
ଛାଡ଼ିଲେ ଭକ୍ତ ଯିବ ପୁଣ ।୯ ।
ରୋଗମାନଙ୍କୁ ନ ଜଗଇ
ଜଗିଲେ ଭକ୍ତି ଛାଡ଼ିବଇଁ ।୧୦ ।
ପ୍ରକୃତିମାନଙ୍କୁ ନ ଜଗି
ଜଗିଲେ ଭକ୍ତ ଜିବ ଭାଙ୍ଗି ।୧୧ ।
ପାପ ପୂର୍ଣ୍ୟକୁ ନ ଛାଡ଼ଇ
ଛାଡ଼ିଲେ ଭକ୍ତି ନ ଆସଇ ।୧୨ ।
ଧର୍ମ ଅଧର୍ମ ନ କରିଣ
କଲେ ଭକତି ଛାଡ଼େ ପୁଣ ।୧୩ ।
ଦୁଃଖ ସୁଖ ଭୋଗ କରୁଛି
ଏ ଦୁହିଁଙ୍କିକ ମୁଁ ନ ହୁଡୁଛି ।୧୪ ।
ଛାଡ଼ିଲେ ଭକ୍ତି ଯିବ କହି
ଏ ଘେନି କେବେ ନ ଛାଡ଼ଇ ।୧୫ ।
ଚିନ୍ତା ଅଚିନ୍ତା ନ ଛାଡ଼ିଣ
ଛାଡ଼ିଲେ ଭକ୍ତି କାହି ପୁଣ ।୧୬ ।
ସ୍ୱର୍ଗ ନରକ ଭୋଗ କରି
ନ କଲେ ଭକ୍ତିକି ପାଶୋରି ।୧୭ ।
ଶୁଭ ଅଶୁଭ ନାହିଁ ମୋର
ପାଞ୍ଚନ୍ତେ ଭକ୍ତି ହେବ ଦୁର ।୧୮ ।
ଜନ୍ମ ମୃତ୍ୟୁକୁ ଡରୁ ଥାଇ
ନ ଡରିଲେଟି ଭକ୍ତ ନାହିଁ ।୧୯ ।
ଜୀବ ଅଜୀବ ମୁଁ ନ ଜାଣି
ଜାଣିଲେ ଭକ୍ତି ଛାଡ଼େ ପୁଣ ।୨୦ ।
ବିକାର ଅବିକାର କରି
ନକଲେ ଭକ୍ତ ବି ପାଶୋରି ।୨୧ ।
ଜାତି ଅଜାତି ମୁଁ ନା ଛାଡ଼େ
ଛାଡ଼ିଲେ ଭକ୍ତି ଝଡ଼ି ପଡ଼େ ।୨୨ ।

ସ୍ତିରୀ ପୁରୁଷ ମୁଁ ନ ଜାଣି
ଜାଣିଲେ ଭକ୍ତି ଛାଡ଼େ ପୁଣି ।୨୩।
ଜୀବ ପରମ ନ ଜାଣଇ
ଜାଣିଲେ ଭକ୍ତି କେବେ ନାହିଁ ।୨୪।
ଚନ୍ଦ୍ର ସୂର୍ଯ୍ୟ ତାରା ନ ଜାଣି
ଜାଣିଲେ ଭକ୍ତି କାହିଁ ପୁଣି ।୨୫।
ଚାରି ମେଘଟି ନ ଜାଣଇ
ଜାଣିଲେ ଭକ୍ତି ହେବ କାହିଁ ।୨୬।
ଜଳ ପବନ ଅଗ୍ନି ପୁଣ
ଏ ତିନିକି ମୁଁ ନ ଜାଣିଣ ।୨୭।
ଜାଣିଲେ ଭକ୍ତିକି ଛାଡ଼ିବି
ପ୍ରଭୁଠାରେ ଦୋରେହା ହେବି ।୨୮।
ସ୍ୱର୍ଗ ମଞ୍ଚ ପାତାଳ ପୁଣି
ଏ ତିନିକି ଯେ ମୁଁ ନ ଜାଣି ।୨୯।
ଜାଣିଲେ ଭକ୍ତ ନାହିଁ ପୁଣ
କିସ କରିବ ଏ ଥାଇଣ ।୩୦।
ନବ ଦ୍ୱୀପ ନବ ପୃଥିବୀ
ନ ଜାଣେ ମନେ ମୁହିଁ ଭାବି ।୩୧।
ଭାବିଲେ ଭକ୍ତି କାହିଁ ହେବ
ଏ ଘେନି ନ ଭାବଇ ଦେବ ।୩୨।
ତେତିଶ କୋଟି ଦେବ ଯେତେ
ନ ଭାବି ଭାବି ତାଙ୍କୁ ନିତ୍ୟେ ।୩୩।
ନ ଭାବି ଭାବ ଯେ ନ କଲେ
ଭକ୍ତି ନ ଦିଶଇଟି ଭଲେ ।୩୪।

ଅନନ୍ତ କୋଟି ସାଧୁ ଗଣ
ୟାଙ୍କୁ ନ ଭାବି ଭାବେ ପୁଣ ।୩୫।
ଏ ଘେନି ଭାବି ନ ଭାବଇ
ଭକତି ଯୋଗକୁ ଇଚ୍ଛଇ ।୩୬।
ଛପନ କୋଟି ଜୀବ ଯେତେ
ନ ଭାବି ଭାବି ତାଙ୍କୁ ନିତ୍ୟେ ।୩୭।
ନ ଭାବି ଭାବ ଯେ ନ କଲେ
ଭକ୍ତି ପ୍ରାପତ କାହିଁ ଭଲେ ।୩୮।
ଏହାଙ୍କ ଠାରେ ମିଛ ସତ
କହି ମୁଁ ନ ଭାବଇ ଚିତ୍ତ ।୩୯।
ଲୋଭ ଅଲୋଭ ୟାଙ୍କ ଠାରେ
କରି ମୁଁ ନ ଭାବେ ମନରେ ।୪୦।
ନିର୍ମାୟା ମାୟା ୟାଙ୍କ ତହିଁ
ନକରି କରି ମୁଁ ଯେ ଥାଇ ।୪୧।
କାମ ଅକାମ ୟାଙ୍କ ଠାରେ
ନକରି କରି ଯେ ମନରେ ।୪୨।
ଚଳନ୍ତା ଚୌଦ କୋଟି ଜାଣ
ଏହାଙ୍କୁ ଭାବି ନ ଭାବିଣ ।୪୩।
ନିଶ୍ଚଳ ଚୌଦ କୋଟି କହି
ଭାବି ନ ଭାବି ମୁଁ କରି ।୪୪।
ଉଡ଼ା ଚଉଦ କୋଟି ଛନ୍ତି
ଭାବି ନ ଭାବେ ମୋର ମତି ।୪୫।
ବୁଡ଼ା ଚଉଦ କୋଟି ଜାଣ
ଭାବି ନ ଭାବି ୟାଙ୍କୁ ପୁଣ ।୪୬।

ଚାଣ୍ଡାଳୁ ବ୍ରହ୍ମ ଲୋକ ଯାଏ
ନ ଭାବି ଭାବି ମୁହିଁ କହେ ।୪୭ ।
ମେରୁଠାରୁ ଯେତେ ପର୍ବତ
ଯାଙ୍କୁ ନ ଭାବି ଭାବେ ଚିତ୍ତ ।୪୮ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ଯାଙ୍କୁ ନ ଭାବି ଭାବେ ନିତ୍ୟେ ।୪୯ ।
ଅଶ୍ୱଥ ଠାରୁ ଯେତେ ବୃକ୍ଷ
ଭାବି ନ ଭାବଇ ପ୍ରତ୍ୟକ୍ଷ ।୫୦ ।
ଇନ୍ଦ୍ରଙ୍କଠାରୁ ଯେତେ ଦେବ
ଭାବି ନ ଭାବି ତାଙ୍କ ଠାବ ।୫୧ ।
ଦଶିପୋକରୁ ସିଂହ ଯାଏ
ଭାବି ନ ଭାବି ତାଙ୍କଠାଏ ।୫୨ ।
ଏମନ୍ତେ ଛପନ କୋଟିରେ
ଭକ୍ତି ନ ପାଇଁ ଯାଙ୍କ ଠାରେ ।୫୩।
ପୁଣି ହିଁ ଭକ୍ତି ଯାଙ୍କ ତହିଁ
ଅଛି ଏ ମନ ନ ଜାଣଇ ।୫୪ ।
ଯା'ଠାରେ ପ୍ରଭୁ ଦୟା ହୋଏ
ସର୍ବ ଘଟରେ ଭକ୍ତି ପାଏ ।୫୫ ।
ସର୍ବ ଘଟରେ ସେ ପଶିଣ
ହସି ନାଚେ କାନ୍ଦେ ଖେଳିଣ ।୫୬ ।
ସେ କି ଆଉ ଯୋଗ ସାଧଇ
ସର୍ବେ ଖଟନ୍ତି ତାଙ୍କ ତହିଁ ।୫୭ ।
ଯାହା ଯେତେବେଳେ ପାଞ୍ଚଇ
ତାହା ସେତେବେଳେ ସେ ପାଇ ।୫୮ ।

ଏମନ୍ତେ ସେ ଯୋଗ ମହିମା ।
କିସ କରିବି ତା'ର ସୀମା ।୫୯ ।
ମୋତେ ପ୍ରଭୁଙ୍କ ଦୟା ଥିଲା
ଦେଇ ମାୟାରେ ହରି ନେଲା ।୬୦ ।
ସେ ଯୋଗ ଛାଡ଼ି କରି ମୁହିଁ
ଆଉ କି ଯୋଗ ସାଧିବଇଁ ।୬୧ ।
ଅମୃତ ଯେଉଁ ଲୋକ ଖାଏ
ପିତା ତ କେବେ ହେଁ ନ ଛୁଏ ।୬୨ ।
ଭକତି ଯୋଗ ବିନୁ ଜାଣ
ଆଉ ଯୋଗ ନ ସାଧେ ପୁଣ ।୬୩।
ଯେ ଲୋକ ମିଷ୍ଟା ଅନ୍ନ ଖାଇ
ବଗଡ଼ା ଅନ୍ନ କି ଭୁଞ୍ଜଇ ।୬୪ ।
ଯେ ଲୋକ ପଲଙ୍କେ ଶୁଅନ୍ତି
ଭୂମି ଶଯ୍ୟାକି ସେ ଇଛନ୍ତି ।୬୫ ।
ନାନା ରସ ପଣା ଯେ ଖାଇ
ସେ କି ଗୁଡ଼ପଣା ଇଛଇ ।୬୬ ।
ଭକତି ଯୋଗ ମୁଁ ଛାଡ଼ିବି
ଆଉ କିମ୍ପା ସଂସାରେ ଥିବି ।୬୭ ।
ନାନା ଅଳଙ୍କାର ଯେ ନାଇ
ପଥର ବିଦକି ଇଛଇ ।୬୮ ।
ପାଟ ପତନି ପିନ୍ଧେ ଯେହୁ
ଚିରା କନା କି ଇଚ୍ଛେ ସେହୁ ।୬୯ ।
ଭକତି ଯୋଗ ମୁଁ ଛାଡ଼ିଣ
ଆଉ ଯୋଗ ନ ସାଧେ ପୁଣ ।୭୦ ।

ଯେ ଲୋକ ହସ୍ତୀ କନ୍ଧେ ବସେ
ସେ କି ଗଧ କନ୍ଧକୁ ରସେ ।୭୧ ।
ଯେ ଲୋକ ପାଲିଙ୍କିରେ ଯାଇ
ସେକି ଖଟିଆକୁ ଇଚ୍ଛଇ ।୭୨ ।
ଭକତି ଯୋଗ ଛାଡ଼ି କରି
ଆଉ ଯୋଗକୁ ମୁଁ ନ ଧରି ।୭୩।
ଭକତି ବିନୁ ଯୋଗ ଯେତେ
ମଲେ ମୁଁ ନ ସାଧଇ ଚିତ୍ତେ ।୭୪ ।
ଥାଇ କରି କିସ କରିବ
ଯେବେ ତୁମ୍ଭଙ୍କୁ ନ ଚିହ୍ନିବ ।୭୫ ।
ଭକତି ବିନୁ ଯୋଗ ଯେତେ
ମଲେ ନ ସାଧେ କଦାଚିତେ ।୭୬।
ଆଉ ଯୋଗରେ ତୁ ନ ଥାଉ
ଭକ୍ତିରେ ପରିପୂର୍ଣ୍ଣେ ରହୁ ।୭୭ ।
ଭକତି ଯୋଗରେ ପ୍ରସନ୍ନ
ଆଉ ଯୋଗରେ ମତି ଭ୍ରବ ।୭୮ ।
ଭକତି ପଛେ ମୁକ୍ତି ଥାଇ
ଆଉ ଯୋଗରେ ଗତି ନାହିଁ ।୭୯ ।
ଯେବେ ମୁକ୍ତିକି ନ ଲଭିବ
ସିଦ୍ଧ ହୋଇଣ କି କରିବ ।୮୦ ।
ସିଦ୍ଧ ହୋଇ ଦିନ ବଞ୍ଚଇ
ତୋ ଭାବ କିଛି ନ ଜାଣଇ ।୮୧ ।
ଏ ଘେନି ଭକ୍ତି ମାଗେ ଶୁଣ
ନ ଦେଇ ମାୟା କଲୁ ପୁଣ ।୮୨ ।
ଭକ୍ତି ନ ଦେଲେଟି ଅବଶ୍ୟ
ଅର୍କ୍ଷିତ ଦାସ ଯାଉ ନାଶ ।୮୩।
ଆହେ ସୁଜନ ମାନେ କହି
ସଂସାରେ ଥିବି କାହିଁ ପାଇଁ ।୮୪ ।
ଏଡ଼େ ନିର୍ଦ୍ଦୟା ମୋତେ କଲେ
ଭକ୍ତି ମାଗନ୍ତେ ସେ ନ ଦେଲେ ।୮୫ ।
ତାଙ୍କରି ଭରସା ବିନୁ ହିଁ
ନ ଜାଣେ ହେ ସୁଜନ ମୁହିଁ ।୮୬।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ମହିମଣ୍ଡଳ ଗୀତା କଥନେ
ନାମ ତ୍ରିଚତ୍ୱାରିଂଶୋଽଧ୍ୟାୟଃ ।

--- ୦ ---

# ଚତୁଷ୍ଟତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ତୋ ଭରସା
ତୋ ବିନୁ ଆନେ ନାହିଁ ଆଶା ।୧ ।
ଭକତି ଯୋଗ ତୁ ନ ଦେଲୁ
କିମ୍ପାଇ ଗୃହ ଛଡ଼ାଇଲୁ ।୨ ।
ରାଜ୍ୟଶ୍ରୀ ଛାଡ଼ିଣ ଅଇଲି
ତୋତେ ଭରସା ମୁହିଁ କଲି ।୩।
ତୁମ୍ଭ ଦୟାଟି ମୋତେ ହୋଇ
ତେଣୁ ସର୍ବ ତେଜି ଆସଇ ।୪ ।
ଦୟା କରିଟି ଯେ ଆଣିଲୁ
ଏବେ କିମ୍ପା ନିରାଶ କଲୁ ।୫ ।
ତୋ ବିନୁ ଆନେ ଆଶା ନାହିଁ
ମୋ ମନ ନ ଜାଣୁକି ତୁହି ।୬।
କେ ଅବା ଅନ୍ନ ନ ପାଇଣ
କୌପୀନ ମାରି ଯାନ୍ତି ପୁଣ ।୭ ।
କେ ଅବା ଘରେ ଧନ୍ଦା ପାନ୍ତି
କୌପୀନ ମାରି ଯେ ପଳାନ୍ତି ।୮ ।
କେ ଅବା ବିଭା ଯେ ନୋହିଲେ
ଘରକୁ ତେଜି ଯାନ୍ତି ଭଲେ ।୯ ।
ବୋଲନ୍ତି ଘରେ କିମ୍ପା ଥିବା
କୌପୀନ ମାରିଣ ଫେରିବା ।୧୦ ।

କେ ଅବା କଳି ଗୋଳ କରି
କୌପୀନ ମାରି ଯାନ୍ତି ଫେରି ।୧୧ ।
କେ ଅବା ଅପବାଦ ପାଇ
କୌପୀନ ମାରି ଫେରି ଯାଇ ।୧୨ ।
କେ ଅବା ପାଇଟି ଚିନ୍ତାରେ
କୌପୀନ ମାରି ସେହୁ ଫେରେ ।୧୩।
କେ ଅବା ପରବୁଦ୍ଧି କରି
କୌପୀନ ମାରି ଯାନ୍ତି ଫେରି ।୧୪ ।
କାହାର ପୁତ୍ର ଯେ ନୋହିଲେ
ଘରକୁ ତେଜି ଯାନ୍ତି ଭଲେ ।୧୫ ।
କେ ଅବା ଶିଖା ଶିଖି ହୋଇ
କୌପୀନ ମାରି ସଙ୍ଗେ ଯାଇ ।୧୬।
କେ ଅବା ରୋଗ ପାଇ ଦେହେ
କୌପୀନ ମାରି ଫେରି ଯାଏ ।୧୭ ।
କେ ଅବା ମାତା ପିତା ଦେଲେ
ବୈଷ୍ଣବ ପାଦେ ସମର୍ପିଲେ ।୧୮ ।
ତେଣୁ ସେ କୌପୀନ ମାରଇ
ତାର ଆୟତ୍ତ ଯେ ନ ଥାଇ ।୧୯ ।
କେ ଅବା ଜ୍ଞାନ ପାଇ ଦେହେ
ପଳାନ୍ତି ଘର ଛାଡ଼ି କହେ ।୨୦ ।

ଗୁରୁ ଖୋଜି ସେବା କରଇ
ତାଙ୍କ ଠାରୁ କୌପୀନ ନେଇ । ୨୧ ।
ଗୁରୁ ଯା ଶିଖାଇ ଦିଅନ୍ତି
ତହିଁରେ ମଜ୍ଜି ଥାଇ ନିତି । ୨୨ ।
ସେଟି ତୁମ୍ଭଙ୍କୁ ନ ଚିହ୍ନଇ
ଭକତି ପାଇବ ସେ କାହିଁ । ୨୩ ।
ମୁହିଁ ତ ଏତେ ଯେ କଥାରେ
ଗୃହ ତେଜି ନାହିଁ ମନରେ । ୨୪ ।
କେବଳ ଭରସା ତୁମ୍ଭର
ନ ସେବି ଦେବାସୁର ନର । ୨୫ ।
ତୁମ୍ଭେ ତ ଅନ୍ତର୍ଯ୍ୟାମୀ କହି
କି ଅବା ନ ଜାଣୁ ଯେ ତୁହି । ୨୬ ।
ସବୁ ଯେ ତୁମ୍ଭଙ୍କୁ ଗୋଚର
ମୁଁ କିସ କହିବି ଛାମୁର । ୨୮ ।
ତୁମ୍ଭ ଭରସା ବିନୁ ଜାଣ
କିଛି ମୁଁ ନ ଜାଣଇ ପୁଣ । ୨୮ ।
ପ୍ରଭୁ ଯା ମନେ ପାଞ୍ଚିଥିବେ
ତାହାତ ଅବଶ୍ୟ କରିବେ । ୨୯ ।
ଗୃହ ଛଡ଼ାଇ ଆଣିଛନ୍ତି
ତାଙ୍କ ମନେକି ନାହିଁ ଭ୍ରାନ୍ତି । ୩୦ ।
ମୁଁ କିସ କରିବଇଁ ପୁଣ
ଯାହା କରିବେ ନାରାୟଣ । ୩୧ ।

ଆମ୍ଭ ହାତରେ କିସ ହୋଇ
ଦୟା ନଥିଲେ ଭାବଗ୍ରାହୀ । ୩୨ ।
ଏହା ନ ଜାଣି ମୁଢ଼ ମୁହିଁ
ପ୍ରଭୁଙ୍କୁ ଭକତି ମାଗଇ । ୩୩ ।
ଯେବେ ମୋଠାରେ ଦୟା ଥିବ
ଅବଶ୍ୟ ଯାଚି ମୋତେ ଦେବ । ୩୪ ।
ନିର୍ଦ୍ଦୟା ଥିଲେ ମୋର ତହିଁ
କିମ୍ପା ଭକତି ଦେବେ ସେହି । ୩୫ ।
ମୁହିଁତ ତାଙ୍କ ଭରସାରେ
ଅନ୍ୟ ଦେବ ସେବା ନ କରେ । ୩୬ ।
କେ ଅବା ଈଶ୍ୱର ପୂଜନ୍ତି
ତୁମ୍ଭ ଭକତି ନ ଜାଣନ୍ତୁ । ୩୭ ।
କେ ଅବା ଜଟା ମୁଣ୍ଡେ ବହେ
ତୁମ୍ଭ ଭକତି କାହିଁ ଦେହେ । ୩୮ ।
କେ ଅବା ସାଖି ରୂପ ହ୍ୱନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୩୯ ।
କେ ଅବା ଦୁର୍ଗା ସେବା କରେ
ତୁମ୍ଭ ଭକତି କାହିଁ ତାରେ । ୪୦ ।
କେ ଅବା ସୁରାପାନ ଖାଇ
ତୁମ୍ଭ ଭକତି ନ ଜାଣଇ । ୪୧ ।
ତେ ଅବା ଗଞ୍ଜାଇ ଭକ୍ଷନ୍ତି
ତୁମ୍ଭ ଭକତି ନ ଜାଣନ୍ତି । ୪୨ ।

କେ ଅବା ଆପୁ ଖାଇ ପୁଣ
ତୁମ୍ଭ ଭକତି ନ ଜାଣିଣ ।୪୩।
କେବା ନାନା ଅମଳ ଖାନ୍ତି
ତୁମ୍ଭ ଭକତି ନ ଜାଣନ୍ତି ।୪୪ ।
କେ ଅବା ହନୁମନ୍ତ ଧ୍ୟାୟୀ
ଭଣ୍ଡ ଥାନ୍ତି ସଂସାର ସେହି ।୪୫ ।
କେ ଅବା ବେତାଳ ସାଧନ୍ତି
ସଂସାରେ ଭଣ୍ଡିଣ ଖାଆନ୍ତି ।୪୬ ।
କେ ଅବା ଭୂତ ପ୍ରେତ ସେବି
କେ ଚଣ୍ଡୀ ଚାମୁଣ୍ଡା ଯେ ଭାବି ।୪୭ ।
କେ ଅବା ବରୁଣ ସେବନ୍ତି
ସଂସାରେ କରଣୀ ଦେଖାନ୍ତି ।୪୮ ।
କେ ଅବା ଇନ୍ଦ୍ର ସେବା କରି
ଭଣ୍ଡୁଣ ଥାନ୍ତି ଯେ ସଂସାରି ।୪୯ ।
କେ ଅବା ଚନ୍ଦ୍ର ସୂର୍ଯ୍ୟ ଭାବେ
କେ ଅବା ଜଳକୁ ଯେ ସେବେ ।୫୦ ।
କେ ଅବା ପବନ ସାଧଇ
ବୋଲଇ ବଡ଼ ଯୋଗୀ ମୁହିଁ ।୫୧ ।
କେ ଅବା ଅଗ୍ନି ହୋମ କରେ
ବୋଲଇ ଯୋଗୀ ମୁଁ ସଂସାରେ ।୫୨ ।
କେ ଅବା ଲକ୍ଷ୍ମୀ ଯେ ସେବନ୍ତି
ସଂସାରେ କରାଣୀ ଦେଖାନ୍ତି ।୫୩।
କେ ଅବା ସରସ୍ୱତୀ ଧ୍ୟାୟୀ
କେ ଅବା ଗୋସାଣୀ ସାଧଇ ।୫୪ ।
ଏମନ୍ତେ ସର୍ବେ ଯେ ଭ୍ରମନ୍ତି
ତୋତେ ନ ଭାବେ କେହି ଚିନ୍ତି ।୫୫ ।
ଏତେ କଥାରେ ନାହିଁ ଆଶା
ଅର୍କ୍ଷିତ ଦାସେ ତୁ ଭରସା ।୫୬ ।
ଆହେ ସୁଜନ ମାନେ ଶୁଣ
ଏ ସର୍ବ କଥା ମୁଁ ଛାଡ଼ିଣ ।୫୭ ।
କେବଳ ପ୍ରଭୁଙ୍କ ଭରସା
ନିତ୍ୟେ ମୁଁ କରିଅଛି ଆଶା ।୫୮ ।
ହେ ପ୍ରଭୁ ବିଚାର ବୁଝନ୍ତୁ,
ତେବେ ଭକତି ମୋତେ ଦ୍ୟନ୍ତୁ ।୫୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଚତୁଶ୍ଚତ୍ୱାରିଂ ଶୋଽଧ୍ୟାୟଃ

--- ୦ ---

# ପଞ୍ଚଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ତୁମ୍ଭର ଦୟା ଯାରେ ହୋଇ ।୧ ।
ସେତ ତୁମ୍ଭଙ୍କୁ ମନେ ଜାଣି
ଆଉ ଲୋକ ନ ଚିହ୍ନେ ପୁଣି ।୨ ।
କେ ଅବା କଳ୍ପ କାଇ ରହି
ଅମର ପଦକୁ ଇଚ୍ଛଇ ।୩ ।
ସେ କି ତୁମଙ୍କୁ ଚିହ୍ନିପାରେ
ଅଜ୍ଞାନେ ରହଇ ସଂସାରେ ।୪ ।
ସିଦ୍ଧାନ୍ତ ମନରେ ଇଚ୍ଛଇ
ଭକତି ସେ ଜାଣିବ କାହିଁ ।୫ ।
କେ ଅବା ଯୋଗାନ୍ତ ଇଚ୍ଛନ୍ତି
ନାନା ଯୋଗ ମନେ ଭାବନ୍ତି ।୬ ।
ପେ ଅବା ବେଦାନ୍ତ ସାଧଇ
ନାନା ଶାସ୍ତ୍ରରେ ମନ ଦେଇ ।୭ ।
କେ ଅବା ନାଗାନ୍ତି ସାଧନ୍ତି
ନାନା କରଣୀ ସେ କଟାନ୍ତି ।୮ ।
ଏ ମାନ ନ ଜାଣଇ ମୁହିଁ
ତୁମ୍ଭ ନାମେ ଭରସା ଦେଇ ।୯ ।
କେ ଅବା ତୀର୍ଥ କରି ଯାନ୍ତି
କେ ଅବା ଦେବତା ପୂଜନ୍ତି ।୧ ୦ ।
କେ ଅବା ନାନା ମନ୍ତ୍ର ସୁରେ
ନାନା ମାଳ ହୃଦରେ ଭରେ ।୧ ୧ ।
କେ ଅବା ନାନା ତିଳ କହିଁ
ହୃଦେ କାଟି ଦାସ ବୋଲାଇ ।୧ ୨ ।
କେ ବା ବିଭୁତି ଅଙ୍ଗେ ଘଷି
ବୋଲନ୍ତି ଆମ୍ଭେ ଯେ ସନ୍ନ୍ୟାସୀ ।୧ ୩ ।
କେ ଅବା ଊର୍ଦ୍ଧ୍ୱ ବାହୁ ହୋଇ
କେ ବା ଉଗ୍ର ତପ ସାଧଇ ।୧ ୪ ।
କେ ଅବା ପଞ୍ଚ ଅଗ୍ନି କରେ
ବୋଲଇ ଯୋଗୀ ମୁଁ ସଂସାରେ ।୧ ୫ ।
କେ ଅବା ଆସନ ଛାଡନ୍ତି
କେବା କ୍ଷୀର ଖାଇ ରହନ୍ତି ।୧ ୬ ।
କେବା ଗୁମ୍ଫା ଭିତରେ ଲୁଚେ
କାକୁ ଦେଖା ନ ଦେବି ପାଞ୍ଚେ ।୧ ୭ ।
କେ ଅବା ବସ୍ତ୍ର ଘୋଡ଼ି ହୋଇ
ଅଙ୍ଗ କାହାକୁ ନ ଦେଖାଇ ।୧ ୮ ।
କେ ଅବା ଜଳ ଖାଇ ରହେ
କେ ଅବା କୋମଳ ପତ୍ର ଖାଏ ।୧ ୯ ।
କେବା ଯେ ଉଲଗ୍ନେ ଭ୍ରମନ୍ତି
କେବା ବଚନ ନ କହନ୍ତି ।୨ ୦ ।
କେବା ନାନା ପ୍ରତିମା ଧରି
ବୁଲନ୍ତି ତାଙ୍କୁ ପୂଜା କରି ।୧ ୧ ।
କେବା ଚାରି ଧାମ ବୁଲଇ
ଅଙ୍ଗ ପୋଡ଼ି ଛାପା ଚଢ଼ାଇ ।୨ ୨ ।
କେବା ନାନା ଆସନ ସୁରେ
କେବା ନାନା ଯୋଗ ବିଚାରେ ।୨ ୩ ।
କେବା ନାନା ସାଧନା କରି
କେବା ପବନ ହୃଦେ ଭରି ।୨ ୪ ।
କେ ଅବା ପବନ ଭକ୍ଷଇ
କେ ଅବା ଉଜାଣି ସାଧଇ ।୨ ୫ ।

କେ ଅବା ବିନ୍ଦୁ କୁ ଜଗିଣ
କେବା କନ୍ଦର୍ପ ନାଶେ ପୁଣ ।୨୬।
କେ ଅବା ମନକୁ ସାଧନ୍ତି
କେ ଅବା ଦେହକୁ ଜଗନ୍ତି ।୨୭।
କେ ଅବା ନିଦ୍ରାକୁ ଜଗଇ
କେ ଅବା ଜିହ୍ୱାକୁ ମାରଇ ।୨୮।
କେ ଅବା କ୍ଷୁଧା ତୃଷା ମାରେ
ରୋଗ ମାନଙ୍କୁ କେ ସଂହାରେ ।୨୯।
କେ ଅବା ପ୍ରକୃତି ନାଶନ୍ତି
କେବା ପାଞ୍ଚମନ ମାରନ୍ତି ।୩୦।
କେ ଅବା ଶୀତ ସହେ ପୁଣ
ଅଙ୍ଗରେ ବସ୍ତ୍ର ନ ଦେଇଣ ।୩୧।
କେ ଅବା ଖରାକୁ ସହନ୍ତି
ଛାଇ ନ ଲୋଡ଼ି ସୂର୍ଯ୍ୟ ଚିନ୍ତି ।୩୨।
କେ ଅବା ବରଷା ସହନ୍ତି
ସ୍ଥାନ ଲୋଡ଼ି ତିନ୍ତୁ ଥାନ୍ତି ।୩୩।
କେ ଅବା ଆସନେ ନ ଶୁଅଇ
ଭୂମି ଶଯ୍ୟାରେ ଦିନ ନେଇ ।୩୪।
କେବା ବସନ ନ ପିନ୍ଧନ୍ତି
ବକଳ ପିନ୍ଧି ବୁଲୁ ଥାନ୍ତି ।୩୫।
କେବା ଚୁଆ ଚନ୍ଦନ ଛାଡ଼ି
ପାଉଁଶରେ ଟି ଥାନ୍ତି ଜଡ଼ି ।୩୬।
କେବା ବାସ ନ କରନ୍ତି
ବୃକ୍ଷ ମୂଳରେ ଦିନ ନ୍ୟନ୍ତି ।୩୭।

କେ ଅବା ଆଚାରୀ ହୁଅଇ
ଆପଣା ହସ୍ତେ ରାନ୍ଧି ଖାଇ ।୩୮।
କେ ଅବା ମହୋତ୍ସବି କରି
କେ ଅବା ଗୋଷ୍ଠୀକି ଆଚାରୀ ।୩୯।
କେ ଅବା ଅନେକ ଶିଷ୍ୟରେ
କୌପୀନ ଦ୍ୟନ୍ତି ତାଙ୍କୁ ଖରେ ।୪୦।
ଏ ସର୍ବ କଥା ଛାଡ଼ି ମୁହିଁ
କୌଣସି କଥା ନ କରଇ ।୪୧।
ହେ ପ୍ରଭୁ ତୁମ୍ଭ ଭରସାରେ
ନ ଜଗି ନ ସାଧି ମନରେ ।୪୨।
ହେ ବ୍ରହ୍ମ ତୁମ୍ଭ ନାମେ ଆଶା
କରିଣ ଅଛି ମୁଁ ଭରସା ।୪୩।
ହେ ବ୍ରହ୍ମ ସର୍ବେ ଭ୍ରମି ଗଲେ
ନାମ ଭକତି ନ ଜାଣିଲେ ।୪୪।
ନାନା ନାମ ମୁଖେ ଗାବନ୍ତି
ନିଜ ନାମ କେ ନ ଜାଣନ୍ତି ।୪୫।
କେ ରାମ ନାମ ନରସିଂହ ଗାଇ
କେବା ହରେକୃଷ୍ଣ ବୋଲଇ ।୪୬।
କେ ବୋଲେ ମୁରାରୀ ଅଚ୍ୟୁତ
କେବା ଚିନ୍ତଇ ଜଗତ୍ତାତ ।୪୭।
କେ ନାରାୟଣ ଭଗବାନ
କେବା କେଶବ ଜନାର୍ଦ୍ଦନ ।୪୮।
କେବା ଜଗନ୍ନାଥ ମୁକୁନ୍ଦ
କେବା ଗୋବିନ୍ଦ ଆଦିକନ୍ଦ ।୪୯।

କେବା ପରମ ହୃଷୀକେଶ
କେବା ଚିନ୍ତଇ ପିତବାସ ।୫୦।
କେ ବୋଲେ ପ୍ରଭୁ ଚକ୍ରଧର
କେ ବୋଲେ ରଖ ପୀତାମ୍ବର ।୫୧।
କେ ବୋଲେ ଶରଣ ରକ୍ଷଣ
କେହୁ ଡାକଇ ଆର୍ତ୍ତତ୍ରାଣ ।୫୨।
ଏମନ୍ତେ ନାନା ନାମ ଗାଇ
ନିଜ ଗାମ ପାଇବେ କାହିଁ ।୫୩।
କର୍ଣ୍ଣରେ ଯେତେ ନାମ ଶୁଣି
ଏଥିରେ ଗତି କାହିଁ ପୁଣି ।୫୪।
ଭକତେ ମୁଖରେ ଉଚ୍ଚାରି
ଡାକି ଦିଅନ୍ତି ନାମ ଧରି ।୫୫।
ଭକତେ ପିତା ମାତା ହୋଇ
ପ୍ରଭୁ ତାହାଙ୍କ ପୁତ୍ର କହି ।୫୬।
ପ୍ରଭୁଙ୍କୁ ଜାତ ସେ କରାନ୍ତି
ନାମ ଦେଇଣ ସେ ଡାକନ୍ତି ।୫୭।
ସେ ନାମ ଗ୍ରନ୍ଥରେ ଲେଖିଣ
ନାନା ଶାସ୍ତ୍ରଟି କଲେ ପୁଣ ।୫୮।
ସେ ଶାସ୍ତ୍ର ଜଗତେ ବିଖ୍ୟାତ
ସେ ନାମ ଭଜନ୍ତି ସମସ୍ତ ।୫୯।
ନିଜ ନାମ ଗୋପନେ ଥୋଇ
ଏ ସର୍ବନାମ ଯେ ପ୍ରକାଶଇ ।୬୦।
ଏ ସର୍ବ ନାମ ଯେ ଭାବନ୍ତୁ
ଜନ୍ମ ମୃତ୍ୟୁଟି ଲଭୁଥାନ୍ତୁ ।୬୧।
ତେବେଟି ଲୀଳା ସୁଖ ହେବ
ମାୟା ସଂସାର ବୋଲାଇବ ।୬୨।
ନିଜ ନାମ ଯେବେ ଜାଣିବେ
ଅମର ହୋଇଣ ରହିବେ ।୬୩।
କେବେ କି ଲୀଳା ସୁଖ ହେବ
ତହିଁକି ସୁଖ ଯେ ମିଳିବ ।୬୪।
ଏ ଘେନି ନିଜ ନାମ ଲୁଚି
ନାନା ନାମଟି ସର୍ବେ ପାଞ୍ଚି ।୬୫।
ନିଜ ନାମ ଭକ୍ତି ନ ଜାଣି
ନାନା କର୍ମରେ ଭ୍ରମେ ପୁଣି ।୬୬।
ପ୍ରଭୁ ଦୟା ଯାକୁ କରନ୍ତି
ନିଜ ନାମ ଭକତି ଦ୍ୟନ୍ତି ।୬୭।
ସେହୁ ମୃତ୍ୟୁଟି ଆଉ ନୋହେ
ପୃଥିବୀ ପ୍ରଳୟେ ନ ଯାଏ ।୬୮।
ଅକ୍ଷୟ ଅମର ସେ ଜାଣ
ସର୍ବ ଯୋଗ ପାଦେ ଖଟିଣ ।୬୯।
ନିଜ ନାମ ଭକତି ଆଶ
ଛାଡ଼ିଲା ଅରକ୍ଷିତ ଦାସ ।୭୦।
ଆହେ ନିର୍ଦ୍ଦୟ ଯେ ନ ହୋଇ
ଆହେ ସୁଜନ ମାନେ କହି ।୭୧।
ଦେଲେ ନ ଦେଲେ ନାହିଁ ଇଚ୍ଛା
ନ କରେ ଆଉ ମନେ ବାଞ୍ଛା ।୭୨।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ ନାମ
ପଞ୍ଚଚତ୍ୱାରିଂଶୋଽଧ୍ୟାୟଃ ।

--- ୦ ---

# ଷଟ୍‌ଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ତୁମ୍ଭ ଇଚ୍ଛା
ଛାଡ଼ିଲି ଯେତେ ଥିଲା ବାଞ୍ଛା ।୧ ।
ଭକତି ଯୋଗ ପାଞ୍ଚିଥିଲି
ତୁମ୍ଭଙ୍କୁ ସେବିବି ପାଞ୍ଚିଲି ।୨ ।
ଆଉ ତ କିଛି ନ ପାଞ୍ଚଇ
ନିଜ ନାମ ପାଞ୍ଚି ମାଗଇ ।୩ ।
ଏବେ ସବୁ ଆଶା ଛାଡ଼ିଣ
ଯାଇଚ୍ଛା ତାହା କର ପୁଣ ।୪ ।
ଆଉ କି ଗୃହକୁ ମୁଁ ଯିବି
ତହିଁ ସୁଖ ଭୋଗ ଭୁଞ୍ଜିବି ।୫ ।
ଗୃହେ ମୁଁ ଥିଲି ଯେଉଁ ଦିନ
ଛୋଟ ବସ୍ତ୍ର ନ ପିନ୍ଧେ ମନ ।୬ ।
ଯେବେ ଭୂମିରେ ବସ୍ତ୍ରବାଜି
ତେବେ ମୋ ମନ ହୋଏ ରାଜି ।୭ ।
ଏବେ କନା ଖଣ୍ଡିଏ ମାରି
ଆବର ବୁଲି ଗ୍ରାମେ ଫେରି ।୮ ।
ତୁମ୍ଭର ଭରସାରେ ମୁହିଁ
ଲଜ୍ଜା ସୁଖ ଦୂରେ ଛାଡ଼ଇ ।୯ ।
ବୋଇଲି ଏକା ମୁଁ ଭ୍ରମିବି
ଏ ସର୍ବ ସୁଖ ମୁଁ ଛାଡ଼ିବି ।୧୦ ।
ଏମନ୍ତ ପାଞ୍ଚି ମୁଁ ଅଇଲି
ନିର୍ଦ୍ଦୟା ହେଲୁ ମୁଁ ଜାଣିଲି ।୧୧ ।

ସଂସାରେ ଥିଲେ ଭଲ ହ୍ୱନ୍ତା
ନାନା ଭୋଗଟି କରୁଥାନ୍ତା ।୧୨ ।
ଚୁଆ ଚନ୍ଦନ ଅଙ୍ଗେ ଦେଇ
କେଶେ ପାଟ ବାନ୍ଧି ଖଞ୍ଜାଇ ।୧୩ ।
ତହିଁ ଉପରେ ପୁଷ୍ପ ଖଞ୍ଜେ
ଲଲାଟେ ନାନା ଚିତା ରଞ୍ଜେ ।୧୪ ।
ଏବେ କେଶ ମୁକୁଳା କଲି
ଲଜ୍ଜା ହୁଡ଼ି ଗ୍ରାମେ ଫେରିଲି ।୧୫ ।
ମାଡ ଗାଳିହିଁ ସର୍ବ ସହି
ତୋ ଆଶ୍ରେ ଦିନ ମୁଁ ବଞ୍ଚାଇ ।୧୬ ।
ସର୍ବ ସୁଖ ଛଡ଼ାଇ ଆଣି
ଏବେ ନିର୍ଦ୍ଦୟା କିମ୍ପା ପୁଣି ।୧୭ ।
ଅନ୍ନ ବସ୍ତ୍ର ହିଁ ନ ପାଇଲି
ଏ ଦେହେ କଷ୍ଟ ମୁଁ ସହିଲି ।୧୮ ।
ଘରେ ପଖାଳ ଅନ୍ନ ମୁହିଁ
କେବେହେଁ ଦିନେ ଖାଇ ନାହିଁ ।୧୯ ।
ଏବେ ଚୂଡା ପାଣି ଖାଉଛି
ଏ ଦେହ କଷ୍ଟ ମୁଁ ସହୁଛି ।୨୦ ।
ବ୍ୟଞ୍ଜନ ଊଣା ହେଲ ପୁଣ
ଅନ୍ନ ମୁଁ ଛାଡ଼ି ଯାଏ ଜାଣ ।୨୧ ।
ଏବେ ଆମ୍ବିଳ ଖଣ୍ଡେ ଘେନି
ଜଳ ପାନ ମୁଁ କରେ ପୁଣି ।୨୨ ।

କୁଙ୍କୁମ ଦିନେ ଯେବେ ନୋହେ
ସେଦିନ ନିଦ୍ରା ଯେ ନ ହୁଏ ।୨୩।

ସ୍ନାହାନ ନ କଲେ ମୁଁ ଦିନେ
ନିଦ୍ରା ମୋ ନ ଆସେ ନୟନେ ।୨୪।

ଏବେ ମାସକେ ଦ୍ୱି ମାସରେ
ସ୍ନାନ କରେ ମୁଁ ଅଣାଚାରେ ।୨୫।

ଖଟ ଶଯ୍ୟା ମାଣ୍ଡି ଛାଡ଼ିଲି
ଏବେ ଭୂମିରେ ମୁଁ ଶୋଇଲି ।୨୬।

ଜାତି କୁଳ ମହତ ଏଡ଼ି
ଲଜ୍ଜା ସଙ୍କୋଚ ସବୁ ଛାଡ଼ି ।୨୭।

ନିଲଜ ପଣ ଆଚରିଲି
ଗ୍ରାମେ ଗ୍ରାମେ ମାଗି ଖାଇଲି ।୨୮।

ଚାଣ୍ଡାଳୁ ବ୍ରହ୍ମ ଯାଏ ପୁଣ
ଭକ୍ଷିଲି ସର୍ବ ଘରେ ଜାଣ ।୨୯।

ତୁମ୍ଭେତ ସର୍ବ ଘଟେ ବସ
ତେଣୁ ମୁଁ ଭୁଞ୍ଜାଇ ବିଶ୍ୱାସ ।୩୦।

ଯେ ଯାହା ଯା ମୋତେ ଦେଇ
ନାସ୍ତି ନ କରି ତାହା ଖାଇ ।୩୧।

ଏ ସର୍ବେ ମୋର ଅର୍ଦ୍ଧ ଅଙ୍ଗ
କିମ୍ପା କରିବି ମତି ଭଙ୍ଗ ।୩୨।

ସେ ତ ମୋ ଦେହରେ ଅଛନ୍ତି
ମୁହିଁ ତାହାଙ୍କ ଦେହେ ସ୍ଥିତି ।୩୩।

ଏଥିରେ ଜାତି ଭିନ୍ନ ନାହିଁ
ଏକ ଜାତିଟି ସର୍ବ ଦେହୀ ।୩୪।

ସଂସାରେ ଖେଳିବା ଇଚ୍ଛାରେ
ନାନା ଜାତି ଶାସ୍ତ୍ର ବିଚାରେ ।୩୫।

ଅଷ୍ଟ ପାଟକ ଜାତି କରି
ସଂସାରେ ଖେଳେ ନରହରି ।୩୬।

ଏ ଘେନି ସର୍ବ ଘରେ ଖାଇ
ଏକ ଆତ୍ମାଟି ସର୍ବ ଦେହୀ ।୩୭।

ନାନା ଗାବଟି କ୍ଷୀର ଶ୍ୱେତ
ନାନା ଜାତି ଏକା ରକତ ।୩୮।

ଦେଖଏ ସୂର୍ଯ୍ୟ ଘୋଟି ଅଛି
ତା ତେଜ କାହିଁ ନ ଛାଡୁଛି ।୩୯।

ତାଙ୍କ ଠାରୁ କି ବଡ଼ ତୁହି
ହେ ମୁଢ଼ ଭିନ୍ନ ନାହିଁ କେହି ।୪୦।

ଦେଖ ଚନ୍ଦ୍ରମା ବ୍ରହ୍ମାଣ୍ଡେରେ
ତା ତେଜ ଲାଗେ ସର୍ବ ଠାରେ ।୪୧।

ତାଙ୍କ ଠାରୁ କି ବଡ଼ ପୁଣ
ହେ ମୂଢ଼ ଭିନ୍ନ ତୁ ନ ମଣ ।୪୨।

ଦେଖ ପବନ ବହୁ ଅଛି
ସର୍ବ ଭୂତେ ବାଜି ଯାଉଛି ।୪୩।

ତାଙ୍କ ଠାରୁ କି ବଡ଼ ତୁହି
ଆରେ ପାମର ଭିନ୍ନ ନାହିଁ ।୪୪।

ଦେଖ ଜଟିଳ ବିହେ ପୁଣ
ସଭିଙ୍କୁ ଧୋଇ ନିଏ ଜାଣ ।୪୫ ।
ତାଙ୍କ ଠାରୁ କି ବଡ଼ ତୁହି
ଆରେ ପାମର ମୁଢ଼ କହି ।୪୬ ।
ଦେଖ ଅଗ୍ନିଟି ସର୍ବ ଭକ୍ଷେ
ବାଛବିଚାର ସେକି ରଖେ ।୪୭ ।
ତାଙ୍କ ଠାରୁ କି ବଡ଼ ତୁହି
ଆରେ ମୁଢ଼ ବାଛୁ କିମ୍ପାଇ ।୪୮ ।
ଦେଖ ପୃଥିବୀ ରହିଅଛି
ସର୍ବ ଅର୍ଦ୍ଦଳିଟି ସହୁଛି ।୪୯ ।
ତାଙ୍କ ଠାରୁ କି ତୁହି ବଡ଼
କିସ ସହୁଛୁ ଆରେ ମୁଢ଼ ।୫୦ ।
ଦେଖ ମେଘଟି ବରଷନ୍ତି
ନିନ୍ଦା ସ୍ତୁତିଟି ସହୁଛନ୍ତି ।୫୧ ।
ତାଙ୍କ ଠାରୁ କି ବଡ଼ ତୁହି
ହେ ମୁଢ଼ ନ ସହୁ କିମ୍ପାଇ ।୫୨ ।
ଦେଖ ଆକାଶ ଘୋଟି ଅଚି
କାହିଁ ନ ଲାଗି ସର୍ବେ ଗଛି ।୫୩ ।
ତାଙ୍କ ଠାରୁ କି ବଡ଼ ପୁଣ
ଆରେ ମୁଢ ଭିନ୍ନ ନ ମଣ ।୫୪ ।
ଏକ ଆତ୍ମାଟି ଭିନ୍ନ ନାହିଁ
ଉପମା ଦେବି ଶୁଣ ତୁହି ।୫୫ ।
ସୁବର୍ଣ୍ଣେ ନାନା ଅଳଙ୍କାର
ଆଉଟିଲେଟି ନୋହେ ପର ।୫୬ ।
ଏହି ରୂପେଟି ସର୍ବ ଜାତି
ମଲେ ଏକ ଠାବେ ପଶନ୍ତି ।୫୭ ।
ଏ ଘେନି ଭିନ୍ନ ନାହିଁ ମୋର
ମୁଁହିଁ ବ୍ୟାପିଛି ଚରାଚର ।୫୮ ।
ପ୍ରକୃତି ଭିନ୍ନ ମଣୁଛନ୍ତି
ମୋ ମନେ ଭିନ୍ନ, ମୁ ନ ଚିନ୍ତି ।୫୯ ।
ଭିନ୍ନ ନାହିଁ ଅର୍କ୍ଷିତ ଦାସ
ସର୍ବ ଘଟରେ ମୋର ବାସ ।୬୦ ।
ଆହେ ସୁଜନ ମାନେ କହି
ମୋ ଚିତ୍ତେ ଭିନ୍ନ କେବେ ନାହିଁ ।୬୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଷଟ୍‌ଚତ୍ୱାରିଂଶୋଧ୍ୟାୟଃ ।

--- ୦ ---

# ସପ୍ତଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଭରସା କରି ତୋତେ ମୁହିଁ ।୧ ।
ପୁରାଣ ମାନଙ୍କରେ ଶୁଣି
ଦୟା ସାଗର ଚିନ୍ତାମଣି ।୨ ।
ଏହା ଶୁଣି ଯେ ମୁଁ ଅଇଲି
ଦୟା ନୋହିଲା ଭ୍ରମି ମଲି ।୩ ।
ତୁମ୍ଭ ଭରସା ବିନୁ ମୁହିଁ
କାହାକୁ ମନେ ନ ଗଣଇ ।୪ ।
ସର୍ବେ ଗୁରୁ ସେବା କରନ୍ତି
ତାଙ୍କ ଠାରୁ କୌପୀନ ନ୍ୟନ୍ତି ।୫ ।
ଦୀକ୍ଷା ଶିକ୍ଷା ହିଁ ମନ୍ତ୍ର ଯେତେ
ଗୁରୁଙ୍କୁ ମାଗି ଘେନି ଚିତ୍ତେ ।୬ ।
ଗୁରୁଙ୍କୁ ଘେନି ତାଙ୍କ ମନ
ତୁମ୍ଭଙ୍କୁ କରୁଥାନ୍ତି ଧ୍ୟାନ ।୭ ।
ସେ ତ ଭକତି ନ ଜାଣଇ
ତୁମ୍ଭଙ୍କୁ ଚିହ୍ନିବ ସେ କାହିଁ ।୮ ।
ତୁମ୍ଭ ପ୍ରସନ୍ନ ନୋହେ ଯାକୁ
ସେ କି ଚିହ୍ନି ପାରେ ତୁମ୍ଭଙ୍କୁ ।୯ ।
ତୁମ୍ଭ ଦୟାଟି ଯାକୁ ହୋଇ
ସେଟି ତୁମ୍ଭଙ୍କୁ ଚିହ୍ନି ରହି ।୧୦ ।
ଏ ଘେନି ଗୁରୁ ନ ସେବିଲି
ତୁମ୍ଭ ନାମେ ଆଶା ରଖିଲି ।୧୧ ।
ବୋଇଲେ ସର୍ବ ଗୁରୁ ଏହି
ଆଉ କାହାକୁ ନ ସେବଇ ।୧୨ ।
ଯେବେ ଗୁରୁ ସେବା କରିବି
ସେ ଯାହା ଦେବେ ମୁଁ ଭାବିବି ।୧୩ ।
ନ ଭାବିଲେଟି ଦ୍ରୋହୀ ହୋଇ
ମରିବି ଭକତି ନ ପାଇ ।୧୪ ।
ଭକତି ପ୍ରଭୁ ହାତେ ଅଛି
ଦେଲେ ସେ ଦେଇ ପାରେ କିଛି ।୧୫ ।
ଆଉତ କାହା ହାତେ ନାହିଁ
ମହୀ ମଣ୍ଡଳେ ଜାତ ହୋଇ ।୧୬ ।
ଭକତି ଯୋଗ ପ୍ରଭୁ ଧରି
ବ୍ରହ୍ମାଣ୍ଡ ମଧ୍ୟେ ଅଛି ପୂରି ।୧୭ ।
ଅନନ୍ତ କୋଟି ବ୍ରହ୍ମାଣ୍ଡରେ
ଏହି ଯୋଗକୁ ଧରି ଫେରି ।୧୮ ।
ଆଉ କାହାକୁ ନ ଦିଅଇ
ତାହାଙ୍କ ନିଜ ଧର୍ମ ସେହି ।୧୯ ।
ଯାଠାରେ ଅତି ସ୍ନେହ ବସେ
ତାଙ୍କୁଟି ଦିଅନ୍ତି ହରଷେ ।୨୦ ।

ଏମନ୍ତ ପାଞ୍ଚି ମନେ ମୁହିଁ
ଗୁରୁଙ୍କ ହାତେ ଭକ୍ତି ନାହିଁ ।୨୧ ।
ଗୁରୁ ବୋଲନ୍ତେ କାହୁଁ ଆସି
ମନୁଷ୍ୟ ଦେହେ ସିନା ଭାଷି ।୨୨ ।
ଏ ଘେନି ଗୁରୁ ନ ସେବିଲି
ଏକା ପ୍ରଭୁ ଭରସା କଲି ।୨୩ ।
ଆପଣା ହାତେ କଉପୀନି
ମାରିଲି ପ୍ରଭୁ ଆଶା ଘେନି ।୨୪ ।
ଦୀକ୍ଷା ଶିକ୍ଷା ହିଁ ମନ୍ତ୍ର ଯେତେ
କାହୁଁ ପାଇବି ମୁହିଁ ଚିତ୍ତେ ।୨୫ ।
ନାମହିଁ ନ ଜାଣଇଁ ମୁହିଁ
ଭକତି ପାଇବି ମୁଁ କାହିଁ ।୨୬ ।
କାହାକୁ ସେବା ମୁଁ ନ କରେ
ନ ସେବେ ଦେବାସୁର ନରେ ।୨୭ ।
ତୁମ୍ଭର ଭରସାରେ ମୁହିଁ
କାହାକୁ ମନେ ନ ଗଣଇ ।୨୮ ।
ପ୍ରଭୁ ତାରନ୍ତୁ ବା ମାରନ୍ତୁ
ଯା ଇଚ୍ଛା ତାହା ସେ କରନ୍ତୁ ।୨୯ ।
ଯେ ବୁଦ୍ଧି ଦେଉଥିବେ ସେହି
ତାହା ଯେ କରୁଥିବି ମୁହିଁ ।୩୦ ।
ନାହିଁ ନ କରିବାକୁ ମନ
କେବେହେଁ ନୋହୁ ମତି ଭିନ୍ନ ।୩୧ ।

ସେ ପ୍ରଭୁ ଯାହା ବିଚାରିବେ
ତାହାତ ଅବଶ୍ୟ କରିବେ ।୩୨ ।
ଏ ତ ଆସ୍ତି ନାସ୍ତି କରିବ
କଲେ କି ଯା କଥା ରହିବ ।୩୩ ।
ଗର୍ବ ଗଞ୍ଜନ ସେ ଅଟନ୍ତି
ପାଞ୍ଚିଲେ ପାଞ୍ଚ ନ ରଖନ୍ତି ।୩୪ ।
ଏ ଘେନି ମନେ ନ ପାଞ୍ଚଇ
ଯା ଇଚ୍ଛା ତାହା କରୁ ସେହି ।୩୫ ।
ଆମ୍ଭେ ପାଞ୍ଚିଣ ଯେବେ କରି
ଦଇବ ଯଷ୍ଟି କିମ୍ବା ଧରି ।୩୬ ।
ଆମ୍ଭେ ପାଞ୍ଚିଲେ ସ୍ୱର୍ଗ ଯାଇ
ଦଇବ ଆଉ କି କରଇ ।୩୭ ।
ଦଇବ ତାରୁ ବା ଯେ ମାରୁ
ଯା ଇଚ୍ଛା ତାହା ମୋତେ କରୁ ।୩୮ ।
ମୁହିଁ କାହାକୁ ନ ଜଗଇ
ଜଗିଲେ ମୋର ହାତେ ନାହିଁ ।୩୯ ।
ମୋତେ ଜଗନ୍ତୁ ପୀତବାସ
ନ ଜଗିଲେ କରନ୍ତୁ ନାଶ ।୪୦ ।
ଜୀଇବା ମରିବାକୁ ଆଶା
ନାହିଁ ତୁମ୍ଭ ପାଦେ ଭରସା ।୪୧ ।
ହେ ବ୍ରହ୍ମ ସବୁ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି ।୪୨ ।

ହେ ବ୍ରହ୍ମ ରଖ ବା ନରଖ
ସବୁ ଛାଡ଼ି ହେଲି ନିରେଖ ।୪୩ ।
ହେ ବ୍ରହ୍ମ ମାତା ପିତା ହୋଇ
ଜାତ କରିଛୁ ମୋତେ ତୁହି ।୪୪ ।
ହେ ବ୍ରହ୍ମ ଜାତ କରି ନାଶି
କା ଆଗେ କହିବି ବିଶେଷି ।୪୫ ।
ହେ ବ୍ରହ୍ମ ଦୟା ଲେଶ ନାହିଁ
ଜାଣିଲି ନିର୍ଦ୍ଦୟ ତୋ ଦେହୀ ।୪୬ ।
ହେ ବ୍ରହ୍ମ ତୋ ବିନୁ ସଂସାରେ
କେ ନାହିଁ କହନ୍ତି ମୁଁ ତୋରେ ।୪୭ ।
ହେ ବ୍ରହ୍ମ ତୁମ୍ଭେ ବ୍ୟତୀରେକେ
ନାହାନ୍ତି କେହି ତିନି ଲୋକେ ।୪୮ ।
ହେ ବ୍ରହ୍ମ ସର୍ବ ଜାତ କରୁ
ମାରିଣ ଗର୍ଭେ ତୁହି ହରୁ ।୪୯ ।
ହେ ବ୍ରହ୍ମ ପୁଣି ଜାତ କରି
ପୁଣି ମାରି ଗର୍ଭେ ସଂହରି ।୫୦ ।
ହେ ବ୍ରହ୍ମ ଏମନ୍ତେ ତୋ ଲୀଳା
ସଂସାରେ କରୁଅଛ ଖେଳା ।୫୦ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ହିଁ
ଖେଳୁ ଅଛ ଯେ ରୂପ ବହି ।୫୨ ।
ହେ ବ୍ରହ୍ମ ତୋହର ମାୟାରେ
ଭ୍ରମୁ ଅଛନ୍ତି ଚରାଚରେ ।୫୩ ।

ହେ ବ୍ରହ୍ମ ତୋ ମାୟା ନ ଜାଣି
ବେଦ ଶାସ୍ତ୍ରକୁ ସତ୍ୟ ମଣି ।୫୪ ।
ହେ ବ୍ରହ୍ମ ଭକ୍ତି ନ ବିଚାରି
ଭ୍ରମନ୍ତି ନାନା ପଥ ଧରି ।୫୫ ।
ହେ ବ୍ରହ୍ମ ତେଣୁ ନାଶ ଯାନ୍ତି
ତୁମ୍ଭଙ୍କୁ ନ ଚିହ୍ନି ଭ୍ରମନ୍ତି ।୫୬ ।
ହେ ବ୍ରହ୍ମ ତୁମ୍ଭଙ୍କୁ ଯେ ଚିହ୍ନେ
ସେ କି ସାଧଇ ଯୋଗ ମନେ ।୫୭ ।
ହେ ବ୍ରହ୍ମ ଅଣ ସାଧନାରେ
ସର୍ବ ଦୂର କରେ ମନରେ ।୫୮ ।
ହେ ବ୍ରହ୍ମ ତୁମ୍ଭ ଭାବ ଧରି
ସର୍ବ ଯୋଗକୁ ସେ ପାଶୋରି ।୫୯ ।
ହେ ବ୍ରହ୍ମ ପାପ ପୁଣ୍ୟ ସେହି
ଏ ଦୁହିଁକି ସେ ନ ଛାଡ଼ଇ ।୬୦ ।
ହେ ବ୍ରହ୍ମ ସେହି ତୋ ବିଶ୍ୱାସ
ତାହାଙ୍କୁ ଥାଇ ତୁମ୍ଭ ଆଶ ।୬୧ ।
ହେ ବ୍ରହ୍ମ ତୁମ୍ଭ ଭାବେ ଜଡ଼ି
ତାଙ୍କୁ ନ ପାର ତୁମ୍ଭେ ଛାଡ଼ି ।୬୨ ।
ହେ ବ୍ରହ୍ମ ସେ ଯାହା ମାଗଇ
ତାହା ତୁ ତତକାଳେ ଦେଇ ।୬୩ ।
ହେ ବ୍ରହ୍ମ ଭକ୍ତି ଭାବେ ବଶ
ଅନ୍ୟ ଭାବରେ ତୁ ଅଦୃଶ୍ୟ ।୬୪ ।

ହେ ବ୍ରହ୍ମ ଅନ୍ୟ ଭାବେ ତୁହି
କୋଟି କଳ୍ପାନ୍ତେ ଭେଟ ନୋହି ।୬୫ ।
ହେ ବ୍ରହ୍ମ ଏହା ଜାଣି ଚିତ୍ତେ
ଭକତି ମାଗିଲି ମୁଁ ତୋତେ ।୬୬ ।
ହେ ବ୍ରହ୍ମ ଭକ୍ତି ତୁ ନ ଦେଲୁ
ମୋତେ କିମ୍ପା ତୁ ଜାତ କଲୁ ।୬୭ ।
ହେ ବ୍ରହ୍ମ ଭକ୍ତି ବିନୁ ମୁହିଁ
ଆଉ ଯୋଗ ନ ସାଧେ କହି ।୬୮ ।
ହେ ବ୍ରହ୍ମ ଅଠର ବରଷ
ଭ୍ରମିଲି ମୁହିଁ ନାନା ଦେଶ ।୬୯ ।
ହେ ବ୍ରହ୍ମ ତୁମ୍ଭ ମାୟା ହୋଇ
ସ୍ଥିର ନ ରଖିଲୁଟି କାହିଁ ।୭୦ ।
ହେ ବ୍ରହ୍ମ ଭକ୍ତି ଆଶା ଶୁଣ
ଛାଡ଼ିଲେ ତାହା କର ପୁଣ ।୭୧ ।
ହେ ବ୍ରହ୍ମ ଦୟା ଥିଲେ ତୁହି
ଦେଲେ ଦେବୁ ମୋ ଆଶା ନାହିଁ ।୭୨ ।
ହେ ବ୍ରହ୍ମ ଦୋଷ କ୍ଷମାକର
ଶରଣ ରଖ ଚକ୍ରଧର ।୭୩ ।
ହେ ବ୍ରହ୍ମ ତୋ ବିନୁ ସଂସାରେ
ନାହାନ୍ତି ମୋତେ ତାରିବରେ ।୭୪ ।
ହେ ବ୍ରହ୍ମ ପ୍ରକୃତି ସମସ୍ତେ
ମାରିବା ପାଅନ୍ତି ଯେ ନିତ୍ୟେ ।୭୫ ।
ହେ ବ୍ରହ୍ମ ତୁମ୍ଭ ଭରସାରେ
କାହାକୁ ନ ଡରେ ମନରେ ।୭୬ ।
ହେ ବ୍ରହ୍ମ ତୁମ୍ଭ ନାମ ଧରି
ହୃଦେ ମୁଁ ମନ ଦମ୍ଭ କରି ।୭୭ ।
ବୋଲଇ ପ୍ରକୃତି ଯେ ମୋତେ
କି କରିପାରିବେ ସମସ୍ତେ ।୭୮ ।
ହେ ବ୍ରହ୍ମ ମନେ ମୁଁ ପାଅଇ
ମାରିଲେ ମାରେ ଭାବଗ୍ରାହୀ ।୭୯ ।
ଆଉ କା ହାତେ କିସ ଅଛୀ
ମୋ ମନେ କାହାକୁ ନ ଗଛି ।୮୦ ।
ହେ ବ୍ରହ୍ମ ତୁମର ନାମକୁ
ଭରସା କରିଅଛି ତାକୁ ।୮୧ ।
ହେ ବ୍ରହ୍ମ ତୁମ ନାମେ ଆଶ
କରିଛି ଅରକ୍ଷିତ ଦାସ ।୮୨ ।
ଆହେ ସୁଜନ ମାନେ ଆଶା
ନାମକୁ କରିଛି ଭରସା ।୮୩ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ସପ୍ତ ଚତ୍ୱାରିଂଶୋଽଧ୍ୟାୟ ।

--- ୦ ---

# ଅଷ୍ଟଚତ୍ୱାରିଂଶ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ନାମ ଭରସାରେ ମୁଁ ଥାଇ ।୧ ।
ବେଳହୁଁ ନାମ କରି ଆଶ
ଛାଡ଼ି ଅଇଲି ଗୃହବାସ ।୨ ।
ହେ ବ୍ରହ୍ମ ଅନ୍ନ ସୁଖ ଛାଡ଼ି
ଭୁଜା ମୁଁ ଖାଏ ଦୁଖେ ପଡ଼ି ।୩।
ହେ ବ୍ରହ୍ମ ନାନା ବ୍ୟଞ୍ଜନକୁ
ଛାଡ଼ିଲି ତୋତେ ସେବିବାକୁ ।୪ ।
ହେ ବ୍ରହ୍ମ ଷଡ ରସେ ସୁଖ
ନ ପାଇ ଆହେ ପଦ୍ମ ମୁଖ ।୫ ।
ହେ ବ୍ରହ୍ମ ତେବେ ଦୟା ନାହିଁ
ଏଡ଼େ ନିର୍ଦ୍ଦୟ ତୁମ୍ଭ ଦେହୀ ।୬।
ହେ ବ୍ରହ୍ମ ନାନା ଅଳଙ୍କାର
ତୋ ଆଶ୍ରେ ସର୍ବ କଲି ଦୂର ।୭ ।
ହେ ବ୍ରହ୍ମ ନାନା ବସ୍ତ୍ର ଛାଡ଼ି
କନା ଖଣ୍ଡିଏ ପିନ୍ଧେ ଏଡ଼ି ।୮ ।
ହେ ବ୍ରହ୍ମ ନାନା ବାସନରେ
ନ ଖାଏ ଖାଏ ଖପରାରେ ।୯ ।
ହେ ବ୍ରହ୍ମ ତେବେ ନାହିଁ ଦୟା
କିମ୍ପା କରୁଛ ମୋତେ ମାୟା ।୧୦ ।
ହେ ବ୍ରହ୍ମ ଖଟ ମାଣ୍ଡି ଶଯ୍ୟା
ତୋ ଆଶ୍ରେ ସର୍ବ କଲି ତେଜ୍ୟା ।୧୧ ।
ହେ ବ୍ରହ୍ମ ନାନା ଅଳଙ୍କାର
ତୋ ଆଶ୍ରେ ସର୍ବ କଲି ଦୂର ।୧୨ ।
ହେ ବ୍ରହ୍ମ ଚୁଆ ଚନ୍ଦନ ହିଁ
ତୋ ଆଶ୍ରେ ସର୍ବ ଛାଡ଼ି ଦେଇ ।୧୩।
ହେ ବ୍ରହ୍ମ ନାନା ପୁଷ୍ପ ଯେତେ
ଛାଡ଼ିଲି ତୁମ ଆଶ୍ରେ ନିତ୍ୟେ ।୧୪ ।
ହେ ବ୍ରହ୍ମ ନାନା ବାହାନ ହିଁ
ଛାଡ଼ିଲି ତୁମ ଆଶ୍ରେ କହି ।୧୫ ।
ହେ ବ୍ରହ୍ମ ସଂସାରେ ଯେ ସୁଖ
ତୋ ଆଶ୍ରେ ଛାଡ଼ି ପଦ୍ମ ମୁଖ ।୧୬ ।
ହେ ବ୍ରହ୍ମ ସର୍ବ ସୁଖ ଏଡ଼ି
ତୋ ଆଶ୍ରେ ସର୍ବ ଦେଲି ଛାଡ଼ି ।୧୭ ।
ହେ ବ୍ରହ୍ମ ଖେଳା ଲୀଳା ଯେତେ
ଛାଡ଼ିଲି ତୁମ ଆଶ୍ରେ ନିତ୍ୟେ ।୧୮ ।
ହେ ବ୍ରହ୍ମ ଗୀତ ବାଦ୍ୟ ନୃତ୍ୟ
ତୁମ୍ଭ ଆଶ୍ରେ ନ ଦେଖେ ନେତ୍ର ।୧୯ ।
ହେ ବ୍ରହ୍ମ ଯାତ୍ର ତୀର୍ଥ ଯେତେ
ତୁମ୍ଭ ଆଶ୍ରେ ନ ଦେଖେ ଚିତ୍ତେ ।୨୦ ।
ହେ ବ୍ରହ୍ମ ସଂସାରେ ତୋ ଲୀଳା
ନ ଦେଖି ତୁମ୍ଭ ନାମେ ଭୋଳା ।୨୧ ।
ହେ ବ୍ରହ୍ମ ସର୍ବ ସୁଖ ଏଡ଼ି
ତୋ ଆଶ୍ରେ ବନେ ଥାଏ ପଡ଼ି ।୨୨ ।

ହେ ବ୍ରହ୍ମ ଝାଡ ପର୍ବତରେ
ଏକାନ୍ତେ ଭ୍ରମି ତୋ ଆଶ୍ରାରେ ।୨୩।
ହେ ବ୍ରହ୍ମ ବୃକ୍ଷ ସଙ୍ଗ କରି
ତୁମ୍ଭ ଆଶ୍ରିତେ ନିତ୍ୟେ ଫେରି ।୨୪।
ହେ ବ୍ରହ୍ମ ଏତେ ଦୁଃଖେ ମୁହିଁ
ଭ୍ରମୁଛି ଦୟା ଲେଶେ ନାହିଁ ।୨୫।
ହେ ବ୍ରହ୍ମ ତୁମ୍ଭ ବିନୁ ଶୁଣ
କିଛି ମୁଁ ନଜାଇ ପୁଣ ।୨୬।
ହେ ବ୍ରହ୍ମ ମନ୍ତ୍ର ଯନ୍ତ୍ର ତୀର୍ଥ
ନ ଜାଣେ ଆହେ ଗୋପୀନାଥ ।୨୭।
ହେ ବ୍ରହ୍ମ ଜପ ହୋମ ବ୍ରତ
ନ ଜାଣେ ତୁମ୍ଭ ପାଦେ ଚିତ୍ତ ।୨୮।
ହେ ବ୍ରହ୍ମ ନାନା ଯୋଗ ଯେତେ
ନ ସାଧେ ତୁମ୍ଭ ଆଶ୍ରୀ ନିତ୍ୟେ ।୨୯।
ହେ ବ୍ରହ୍ମ ଜ୍ଞାନ ଧ୍ୟାନ ସୂତ୍ର
ନ ଜାଣେ ତୁମ୍ଭ ଆଶ୍ର ନିତ୍ୟ ।୩୦।
ହେ ବ୍ରହ୍ମ ମାଳା ତିଳକହିଁ
ସର୍ବ ଛାଡ଼ି ତୁମ୍ଭ ଆଶ୍ରାହିଁ ।୩୧।
ହେ ବ୍ରହ୍ମ ଭଜନ ସ୍ମରଣ
ନ ଜାଣେ ତୁମ୍ଭ ଆଶ୍ରା ପୁଣ ।୩୨।
ହେ ବ୍ରହ୍ମ ପବନ ସାଧନା
ଛାଡ଼ି ତୁମ୍ଭ ପାଦେ ଭାବନା ।୩୩।
ହେ ବ୍ରହ୍ମ ଅଗ୍ନି ନ ପୂଜଇ
ତୁମ୍ଭ ଆଶ୍ରୟେ ମୁହିଁ ଥାଇ ।୩୪।
ହେ ବ୍ରହ୍ମ ଜଳହିଁ ନ ପୂଜେ
ଭରସା ତୋ ପାଦ ପଙ୍କଜେ ।୩୫।
ହେ ବ୍ରହ୍ମ ବ୍ରହ୍ମା ବିଷ୍ଣୁ ଶିବ
ନ ସେବେ ଆଶ୍ରା ବାସୁଦେବ ।୩୬।
ହେ ବ୍ରହ୍ମ ଚନ୍ଦ୍ର ସୂର୍ଯ୍ୟ ଦୁଇ
ନ ପୂଜେ ତୁମ୍ଭ ଆଶ୍ରେ ଥାଇ ।୩୭।
ହେ ବ୍ରହ୍ମ ଆକାଶ ପୃଥିବୀ
ନ ସେବେ ତୁମ୍ଭ ଆଶା ଭାବି ।୩୮।
ହେ ବ୍ରହ୍ମ ଯୋଗାନ୍ତ ସିଦ୍ଧାନ୍ତ
ନ ସାଧେ ତୁମ୍ଭ ଆଶ୍ରା ନିତ୍ୟ ।୩୯।
ହେ ବ୍ରହ୍ମ ବେଦାନ୍ତ ନ ଜାଣି
ତୋ ଆଶ୍ରେ ବଞ୍ଚେ ନିତ୍ୟେ ପୁଣି ।୪୦।
ହେ ବ୍ରହ୍ମ ନାଗାନ୍ତ ନ ସାଧି
ତୋ ଆଶ୍ରେ ସର୍ବ ହେଲି ତ୍ୟାଗୀ ।୪୧।
ହେ ବ୍ରହ୍ମ ନାନା ମହୋଷଧି
ନ ଖାଇ ଆଶ୍ରେ କୃପାନିଧି ।୪୨।
ହେ ବ୍ରହ୍ମ ତୁମ୍ଭ ନାମ ମୁହିଁ
ନଜାଣି ଭରସା କରଇ ।୪୩।
ହେ ବ୍ରହ୍ମ ଭକ୍ତି ମୁଁ ନ ଜାଣେ
ଭରସା ଅଛି ଶ୍ରୀ ଚରଣେ ।୪୪।
ହେ ବ୍ରହ୍ମ ପାପ ପୁଣ୍ୟ ଦୁଇ
ନଜାଣେ ତୋ ଆଶ୍ରେ ବଞ୍ଚଇ ।୪୫।
ହେ ବ୍ରହ୍ମ ସ୍ୱର୍ଗ ନର୍କ ବେନି
ନ ଜାଣେ ତୁମ୍ଭ ଆଶ୍ରା ଘେନି ।୪୬।

ହେ ବ୍ରହ୍ମ ଶୁଭାଶୁଭ ଦୁଇ
ନ ଜାଣେ ତୁମ୍ଭ ଆଶ୍ରେ ଥାଇ ।୪୭ ।
ହେ ବ୍ରହ୍ମ ଧର୍ମ ଯେ ଅଧର୍ମ
ନ ଜାଣେ ତୁମ୍ଭ ଆଶ୍ରେ ପୁଣ ।୪୮ ।
ହେ ବ୍ରହ୍ମ ସତ୍ୟ ଯେ ଅସତ୍ୟ
ନ ଜାଣେ ତୁମ୍ଭ ଆଶ୍ରା ନିତ୍ୟ ।୪୯ ।
ହେ ବ୍ରହ୍ମ ଚିନ୍ତା ଅଚିନ୍ତାହିଁ
ନ ଜାଣେ ତୁମ୍ଭେ ଯେ ଆଶ୍ରା ହିଁ ।୫୦ ।
ହେ ବ୍ରହ୍ମ ମାୟା ଯେ ନିର୍ମାୟା
ନ ଜାଣେ ଦୟା କି ନିର୍ଦ୍ଦୟା ।୫୧ ।
ହେ ବ୍ରହ୍ମ ଦୁଃଖ ସୁଖ ଦୁଇ
ନ ଜାଣେ ତୁମ୍ଭ ଆଶ୍ରା କହି ।୫୨ ।
ହେ ବ୍ରହ୍ମ ଲୋଭ ଯେ ନିର୍ଲୋଭ
ନ ଜାଣେ ଆହେ ପଦ୍ମନାଭ ।୫୩ ।
ହେ ବ୍ରହ୍ମ କ୍ରୋଧ ଅକ୍ରୋଧ ହିଁ
ନ ଜାଣେ ତୁଂଭ ଆଶ୍ରେ ରହି ।୫୪ ।
ହେ ବ୍ରହ୍ମ ବିଷୟା ନଜାଣି
ନଜାଣେ ନିର୍ବିଷୟା ପୁଣି ।୫୫ ।
ହେ ବ୍ରହ୍ମ ଭୟ ଯେ ନିର୍ଭୟ
ନଜାଣେ ଆହେ ମୃତ୍ୟୁଞ୍ଜୟ ।୫୬ ।
ହେ ବ୍ରହ୍ମ ନିଦ୍ରା ଅନିଦ୍ରା ହିଁ
ନଜାଣେ ତୁଂଭ ଆଶ୍ରେ ଥାଇ ।୫୭ ।
ହେ ବ୍ରହ୍ମ ଜନ୍ମ ମୃତ୍ୟୁ ପୁଣ
ନଜାଣେ ଆଶ୍ରେ ଶ୍ରୀଚରଣ ।୫୮ ।

ହେ ବ୍ରହ୍ମ କ୍ଷୁଧା ଅକ୍ଷୁଧା ହିଁ
ନଜାଣେ ତୁମ୍ଭ ଆଶ୍ରେ ଥାଇ ।୫୯ ।
ହେ ବ୍ରହ୍ମ ତୃଷ୍ଣା ଯେ ଅତୃଷ୍ଣା
ନଜାଣେ ତୁମ୍ଭରେ ଭରସା ।୬୦ ।
ହେ ବ୍ରହ୍ମ ଶୀତ ଅଶୀତ ହିଁ
ନଜାଣେ ତୁଂଭ ଆଶ୍ରେ ଥାଇଁ ।୬୧ ।
ହେ ବ୍ରହ୍ମ ଗମ୍ୟ ଯେ ନଗମି
ନଜାଣେ ମୁହିଁ ଦେବସ୍ୱାମୀ ।୬୨ ।
ହେ ବ୍ରହ୍ମ କାମ କନ୍ଦର୍ପ ହିଁ
ନଜାଣେ ତୁମ ଆଶ୍ରେ ଥାଇ ।୬୩।
ହେ ବ୍ରହ୍ମ ହେତୁ ମୁଁ ନଜାଣି
ନଜାଣେ ଅଣହେତୁ ପୁଣି ।୬୪ ।
ହେ ବ୍ରହ୍ମ ନାନା ରୋଗଛନ୍ତି
ନଜାଣେ ତୁଂଭ ଭାବ ଚିନ୍ତି ।୬୫ ।
ହେ ବ୍ରହ୍ମ ପାଞ୍ଚ ମନ ମୁହିଁ
ନ ଜାଣେ ତୁମ୍ଭ ଆଶ୍ରେ ଥାଇ ।୬୬ ।
ହେ ବ୍ରହ୍ମ ପଚିଶ ପ୍ରକୃତି
ନଜାଣେ ତୁଂଭ ଆଶ୍ରାନୀତି ।୬୭ ।
ହେ ବ୍ରହ୍ମ ଇନ୍ଦ୍ରି ଏକାଦଶ
ନଜାଣେ ତୁଂଭ ନାମେ ଆଶ ।୬୮ ।
ହେ ବ୍ରହ୍ମ ଷଡ ରିପୁଛନ୍ତି
ନଜାଣେ ତୁଂଭ ନାମ ଚିନ୍ତି ।୬୯ ।
ହେ ବ୍ରହ୍ମ ତ୍ରିଗୁଣ ହିଁ ଅଛି
ନଜାଣେ ଆହେ ଶୀରି ବଛି ।୭୦ ।

ହେ ବ୍ରହ୍ମ ଏ ସର୍ବକୁ ମୁହିଁ
ଛାଡ଼ିଲି ତୁଂଭ ଆଶ୍ରେ ରହି ।୭୧ ।
ହେ ବ୍ରହ୍ମ କାହାକୁ ନଜଗେ
ତୁଂଭ ଆଶ୍ରିତେ ସର୍ବ ତ୍ୟାଗେ ।୭୨ ।
ହେ ବ୍ରହ୍ମ ତୁମ୍ଭ ଭରସାରେ
ନଜଗେ କାହାକୁ ଦେହରେ ।୭୩ ।
ହେ ବ୍ରହ୍ମ ସର୍ବ ଆଶା ଛାଡ଼ି
ତୁମ୍ଭ ଚରଣେ ଅଛି ପଡ଼ି ।୭୪ ।
ହେ ବ୍ରହ୍ମ ଯାହା କଲେ କର
ମୁହିଁ ପାପିଷ୍ଠ ଦୂରାଚାର ।୭୫ ।
ହେ ବ୍ରହ୍ମ ଶରଣ ମୁଁ ତୋରେ
ନିରାଶ ନୁହଁ ମୋ ଶରୀରେ ।୭୬ ।
ହେ ବ୍ରହ୍ମ ଶରଣ ପଶିଛି
ଦୟା ନକଲୁ ଶୀରିବଛି ।୭୭ ।
ହେ ବ୍ରହ୍ମ ଶରଣ ସୋଦର
ଅନ୍ୟ ଭରସା ନାହିଁ ମୋର ।୭୮ ।
ହେ ବ୍ରହ୍ମ ଶରଣ ରକ୍ଷଣ
ନିର୍ଦ୍ଦୟ ନହୁଅ ଆପଣ ।୭୯ ।
ହେ ବ୍ରହ୍ମ କ୍ଷମା ସିନ୍ଧୁ ହୋଇ
ମୋ ଦୋଷ ନ ଘେନିବୁ ତୁହି ।୮୦ ।
ହେ ବ୍ରହ୍ମ ପତିତପାବନ
ନ ତାରିଲେ ମାର ବହନ ।୮୧ ।
ହେ ବ୍ରହ୍ମ ଦିନ ଗଲା ବହି
ତୁମ୍ଭ ମନରେ କି ଅଛଇ ।୮୨ ।
ହେ ବ୍ରହ୍ମ ଭକ୍ତି ନିଜ ନାମ
ନଦେଲେ ଦେହ ଛାଡ଼ ପୁଣ ।୮୩ ।
ହେ ବ୍ରହ୍ମ ସଂସାରେ କିମ୍ପାଇ
ଥିବି ହେ ନାଶ କର ତୁହି ।୮୪ ।
ହେ ବ୍ରହ୍ମା ଦୟା ତୁ ଛାଡ଼ିଲୁ
ନିର୍ଦ୍ଦୟ ମୋରେ ତୁହି ଦେଲୁ ।୮୫ ।
ହେ ବ୍ରହ୍ମ ଆଉ ନଭ୍ରମଇ
ଏ ସ୍ଥାନେ ବସିଥିବି ମୁହିଁ ।୮୬ ।
ହେ ବ୍ରହ୍ମ ଯାହା ଇଚ୍ଛା କର
ଭକତି ଛାଡ଼ିଲି ନିକର ।୮୭ ।
ହେ ବ୍ରହ୍ମ ଦୟା ଥିଲେ ତୋର
ଯାଚି କରି ଦେବୁ ନିକର ।୮୮ ।
ହେ ବ୍ରହ୍ମ କେବେ ନ ମାଗଇ
ମାଗିଲେ ନ ଦେଲୁ ଯେ ତୁହି ।୮୯ ।
ହେ ବ୍ରହ୍ମ ଭକ୍ତି ଯୋଗେ ଆଶ
ଭଣଇ ଅରକ୍ଷିତ ଦାସ ।୯୦ ।
ଆହେ ସୁଜନ ମାନେ କହି
ପ୍ରଭୁ ନିର୍ଦ୍ଦୟ ଯେ ନ ଦେଇ ।୯୧ ।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଅଷ୍ଟଚତ୍ୱାରିଂଶୋଽଧ୍ୟାୟ

--- ୦ ---

# ଊନପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଭକତି ଆଶା ଛାଡ଼ି ମୁହିଁ ।୧ ।
ହେ ବ୍ରହ୍ମ ତୋ ଚିତ୍ତେ ମୁଁ ଥିଲେ
ଅବଶ୍ୟ ଜାଚି ଦେବୁ ଭଲେ ।୨ ।
ହେ ବ୍ରହ୍ମ ଏହି ପରବତେ
ତୋ ଠାରେ ଆଶ୍ରା କରି ନିତ୍ୟେ ।୩ ।
ହେ ବ୍ରହ୍ମ ଏହି ପର୍ବତରୁ
କାହିଁ ନ ନେବୁ ଆନଦୁରୁ ।୪ ।
ହେ ବ୍ରହ୍ମ ଆଉ ନ ଭ୍ରମଇ
ଭ୍ରମି ଭ୍ରମି ଫୁଟିଲି ମୁହିଁ ।୫ ।
ହେ ବ୍ରହ୍ମ ଏତେ ପାଞ୍ଚି ମୋରେ
ରଖିଣ ଥିଲୁ ହୃଦୟରେ ।୬ ।
ହେ ବ୍ରହ୍ମ ମୁହିଁ ନ ଜାଣଇ
ତୋର ମାୟାରେ ଭ୍ରମୁଥାଇ ।୭ ।
ହେ ବ୍ରହ୍ମ ମୁହିଁ ଜାଣିଥିଲେ
କିମ୍ପା ଭ୍ରମନ୍ତି ଏଥି ଭଲେ ।୮ ।
ହେ ବ୍ରହ୍ମ ସ୍ଥାନ ଦେଖି ମୁହିଁ
ନିଶ୍ଚନ୍ତେ ବସିଥାନ୍ତି କହି ।୯ ।
ହେ ବ୍ରହ୍ମ ଏତେ ଦୁଃଖ ଦେଲୁ
କିମ୍ପାଇଁ ମୋତେ ଭ୍ରମାଇଲୁ ।୧୦ ।

ହେ ବ୍ରହ୍ମ ଦୋଷ ମୋର କହ
କିମ୍ପା ରଖିବି ଏହି ଦେହ ।୧୧
ହେ ବ୍ରହ୍ମ ଦ୍ରୋହ ଅର୍ଜି ମୁହିଁ
କିମ୍ପା ସଂସାରେ ଥିବି ରହି ।୧୨ ।
ହେ ବ୍ରହ୍ମ ମାୟା ତୁ ନକର
ଫିଟାଇ କହ ମୋ ଆଗର ।୧୩ ।
ହେ ବ୍ରହ୍ମ ମାୟା ତୁ ନକର
ଫିଟାଇ କହ ମୋ ଆଗର ।୧୩ ।
ହେ ବ୍ରହ୍ମ ତେବେ ମୁଁ ଜାଣିବି
ଏ ନର ଦେହକୁ ଛାଡ଼ିବି ।୧୪ ।
ହେ ବ୍ରହ୍ମ ଏ ଦେହରୁ ଛାଡ଼ି
ତୋ ଅଙ୍ଗେ ହୋଇଯିବି ଜଡ଼ି ।୧୫ ।
ହେ ବ୍ରହ୍ମ ଏ ଦେହରେ ମୁହିଁ
ଦ୍ରୋହ କର୍ମ ଯେ ଅର୍ଜିଲଇଁ ।୧୬ ।
ହେ ବ୍ରହ୍ମ ନୋହିଲେ କି ପୁଣ
ନିର୍ଦ୍ଦୟା କରୁଛ ଆପଣ ।୧୭ ।
ହେ ବ୍ରହ୍ମ ଏହି ଦେହ ତୁହି
ନାଶ ତୁ କର ବେଗେ କହି ।୧୮ ।
ହେ ବ୍ରହ୍ମ ମୀନ ରୂପ ପୁଣ
ଏ ଦେହ ନାଶ ହେ ବହନ ।୧୯ ।

ହେ ବ୍ରହ୍ମ କୂର୍ମ ରୂପ ତୁହି
ଏଦେହେ ଛାଡ଼ି ମୁଁ କହଇ ।୨୦ ।
ହେ ବ୍ରହ୍ମ ବରାହ ରୂପରେ
ନାଶ ଦେହକୁ ମୋର ଖରେ ।୨୧ ।
ହେ ବ୍ରହ୍ମ ରୂପ ନରସିଂହ
ଏ ଦେହ ଛାଡ଼ି ଶୂନ୍ୟେ ରହ ।୨୨ ।
ହେ ବ୍ରହ୍ମ ବାମନ ରୂପରେ
ପାଦ ଚାପିଣ ମାର ଖରେ ।୨୩ ।
ହେ ବ୍ରହ୍ମ ରୂପ ପର୍ଶୁଧର
ଆମେ ହିଁ ଖଡଗେ ନାଶକର ।୨୪ ।
ହେ ବ୍ରହ୍ମ ରାମ ରୂପ ଜାଣ
ଅମୋହ ଶରେ ନାଶ ପୁଣ ।୨୫ ।
ହେ ବ୍ରହ୍ମ କୃଷ୍ଣ ରୂପ ଧରି
ଅମୋହ ଚକ୍ରେ ନାଶ ହରି ।୨୬ ।
ହେ ବ୍ରହ୍ମ ବୌଦ୍ଧ ରୂପ ଶୁଣ
ହୋଇ ନଥିବ ନାଶ ପୁଣ ।୨୭ ।
ହେ ବ୍ରହ୍ମ କଲ୍‌କୀ ରୂପଯାଏ
ରହିଲେ ନିନ୍ଦା ଦେବି କହେ ।୨୮ ।
ହେ ବ୍ରହ୍ମ ଛଅ ଅବତାରେ
ଭୋଗ କଲି ମୁଁ ଏ ଶରୀରେ ।୨୯ ।
ହେ ବ୍ରହ୍ମ ରାମ ରୂପ ଏବେ
ନାଶ ନକରୁ ତୁହି କେବେ ।୩୦ ।

ହେ ବ୍ରହ୍ମ ରାମ ରୂପ ଜାଣ
ରଖିଲେ ଭକ୍ତି ଦିଅ ପୁଣି ।୩୦ ।
ହେ ବ୍ରହ୍ମ ଯୁଗେ ଯୁଗେ ଥିବି
ତୁମ୍ଭ ଭକତି ଯେ ସାଧବି ।୩୨ ।
ହେ ବ୍ରହ୍ମ ଅକ୍ଷୟ ଅମରେ
ଶରୀର ରଖି ଲୀଳା କରେ ।୩୩ ।
ହେ ବ୍ରହ୍ମ ନବଖଣ୍ଡ ପୃଥ୍ୱୀ
ପ୍ରଳୟ ହେଲେ ନାହିଁ ଭିତ୍ତି ।୩୪ ।
ହେ ବ୍ରହ୍ମ ଦୟା ଅଛି ଯେବେ
ଜଣାଇ ଭକ୍ତି ଦିଅ ଏବେ ।୩୫ ।
ହେ ବ୍ରହ୍ମ ନ ଦେଲେ ଯେ କହି
ଏରାମ ରୂପ ନାଶ ତୁହି ।୩୬ ।
ହେ ବ୍ରହ୍ମ ଏତେକ ମାଗୁଛି
ଦୋଷ କ୍ଷମାକର କହୁଛି ।୩୭ ।
ହେ ବ୍ରହ୍ମ ବାରମ୍ବାର ମୁହିଁ
ଭକତି ମାଗିଲ ଯେ କହି ।୩୮ ।
ହେ ବ୍ରହ୍ମ ନ ଦେଲୁ ତୁ ଜାଣ
ଏବେ ମୋ ଦୋଷ ନାହିଁ ପୁଣ ।୩୯ ।
ହେ ବ୍ରହ୍ମ ତୁମ୍ଭ ପାଦେ ଆଶା
କରି ଅନୁକ୍ଷଣେ ଭରସା ।୪୦ ।
ହେ ବ୍ରହ୍ମ ତୁମ୍ଭ ଦୟା ଯେଣୁ
ଗୀତା ଲେଖନ କଲି ତେଣୁ ।୪୧ ।

ହେ ବ୍ରହ୍ମ ଭକ୍ତି ମୁଁ ମାଗନ୍ତେ
ମାୟା ସିନା କରୁଛ ମୋତେ ।୪୨ ।
ନୋହିଲେ ଦୟା ଅଛି ତୋର
ଏହା ମୁଁ ଜାଣିଛି ହୃଦର ।୪୩।
ତୁମ୍ଭର ଦୟା ଯେଣୁ ମୋରେ
ଏ ଗୀତା ପାଞ୍ଚିଲି ହୃଦରେ ।୪୪ ।
ନୋହିଲେ ମୁଁ କିସ ପାଞ୍ଚନ୍ତି
ପାଦେ ତ କହି ନ ପାରନ୍ତି ।୪୫ ।
ତୁମ୍ଭ ଦୟାରୁ ପରକାଶ
ଦୋଷ ନ ଧର ପୀତବାସ ।୪୬।
ହେ ବ୍ରହ୍ମ ଦେବ ନାରାୟଣ
ଅର୍କ୍ଷିତ ଦାସ ତୁ ଶରଣ ।୪୭ ।
ଆହେ ସୁଜନ ମାନେ କହି
ମୋ ଦୋଷ ନ ଘେନିବ କେହି ।୪୮ ।
ଏ ଗୀତା ଯେ ଜନ ପଢ଼ିବ
ପ୍ରଭୁଙ୍କ ଦୟା ତାଙ୍କୁ ହେବ ।୪୯ ।
ଧନାଦି ପୁତ୍ର ବାଞ୍ଛା ଯେତେ
ମାଗିଲେ ପାଇବ ସେ ଚିତ୍ତେ ।୫୦ ।
ଯେ ଜନ ଭକତି ଇଚ୍ଛିବ
ପ୍ରଭୁ ଯା ଠାରେ କୃପାଥିବ ।୫୧ ।
ତେବେ ଟି ଏଗୀତାର ଅର୍ଥ
ଜାଣିବ ସିନା ସେହି ତଥ୍ୟ ।୫୨ ।
ନୋହିଲେ ସେ ଜାଣିବ କାହିଁ
ପ୍ରଭୁ କୃପା ଯା ଠାରେ ନାହି ।୫୩।
ଏ ଗୀତାରେଟି ଭକ୍ତି ଅଛି
ଏଥିରେ ଆଉ ନାହିଁ କିଛି ।୫୪ ।
ଯେ ଜନ ଭକତି ଇଚ୍ଛିବ
ପଢ଼ି ଅନୁଭବେ ବାଣ୍ଟିବ ।୫୫ ।
ଯେବେ ସେ ସାଧିବ ନିକର
ଯୁଗ ଯୁଗାନ୍ତେ ସେ ଅମର ।୫୬ ।
ପ୍ରଭୁ କୃପା ତା ଠାରେ ହେବ
ତା ସଙ୍ଗ କ୍ଷଣେ ନ ଛାଡ଼ିବ ।୫୭ ।
ଏମନ୍ତେ ସେ ଯୋଗ ମହିମା
କିସ କହିବି ତାର ସୀମା ।୫୮ ।
ମୋତେ ପ୍ରଭୁଙ୍କ ଦୟା ଥିଲା
ଏ ଗୀତା ହୃଦରେ ସ୍ଫୁରିଲା ।୫୯ ।
ମୋହର ଅନୁଭବ ଯେତେ
ଗୀତାରୁ ଶୁଣ ହେ ସମସ୍ତେ ।୬୦ ।
ପ୍ରଭୁ ଦୟାରୁ ଗୀତା କଲି
ଏଥିର ଭେଦ ନ ପାଇଲି ।୬୧ ।
ମହା ଗୁପତ ଗୀତା ଏହି
ଏଥିର ଥଳ କୂଳ ନାହିଁ ।୬୨ ।
କରି ମୁଁ ଥଳ ନ ପାଇଲି
ଭ୍ରମି ଭ୍ରମିଣ ମୁଁ ଫୁଟିଲି ।୬୩।

ପ୍ରଭୁ ନିର୍ଦ୍ଦୟା ମୋର ଠାରେ
ଭକ୍ତି ନ ଦେଇ ମାୟା କରେ ।୬୪ ।
ମୋତେ ସେ ତାରନ୍ତୁ ମାରନ୍ତୁ
ଯା ଇଚ୍ଛା ତାହା ସେ କରନ୍ତୁ ।୬୫ ।
ଭକତି ଯୋଗ ବିନୁ ଆନ
ମଲେ ନ ସାଧେ କେଉଁ ଜ୍ଞାନ ।୬୬ ।
ହେ ପ୍ରଭୁ ଏ ଗୀତାରେ ମୁହିଁ
ମିଛ ସତ ବା କହିଛଇଁ ।୬୭ ।
ଏଥିରେ ଯେତେ ଦୋଷ ମୋର
କ୍ଷମା କର ହେ ଚକ୍ରଧର ।୬୮ ।
ମୁହିଁ ତ ସଦା ଅପରାଧି
ତୁମ୍ଭେ ତ ଅଟ କ୍ଷମାନିଧି ।୬୯ ।
ହେ ପ୍ରଭୁ ତୁମ୍ଭ ଭରସାରେ
ପାପ ପୁଣ୍ୟକୁ ମୁଁ ନ ଡରେ ।୭୦ ।
ହେ ପ୍ରଭୁ ପତିତପାବନ
ଅର୍କ୍ଷିତ ଦାସ ତୁ ଶରଣ ।୭୧ ।
ତୁମ୍ଭେ ବା ମୋତେ ଦୂର କରି
ମୁଁ ତ ନ ଛାଡ଼େ ମନେ ଧରି ।୭୨ ।
ତାର ବା ନ ତାର ମୋ ଆଶା
ତୋ ବିନୁ ନାହିଁ ମୋ ଭରସା ।୭୩ ।
ଆହେ ସୁଜନ ମାନେ କହି
ମହୀମଣ୍ଡଳେ ଜାତ ମୁହିଁ ।୭୪ ।
ପ୍ରଭୁଙ୍କୁ ସେବି ନ ପାରିଲି
ଏ ମହୀମଣ୍ଡଳେ ଭ୍ରମିଲି ।୭୫ ।
ତେଣୁ ମହୀମଣ୍ଡଳେ ଗୀତା
କହିଲି ମୋର ଯେତେ ଚିନ୍ତା ।୭୬ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଊନପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ପଞ୍ଚଶତ୍ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଜୟ ଶବଦେ କରଯୋଡ଼ି ।୧ ।
ଭୟେ କମ୍ପଇ ଥରହର
ବୋଲଇ ମୁହିଁ ଦୂରାଚାର ।୨ ।
ମୁଁ ପାପୀ ଅଟଇ ପାମର
ଜୟ ତ୍ରିଭୁବନ ଈଶ୍ୱର ।୩।
କିମ୍ବା ପୃଥ୍ୱୀରେ ଜାତ କଲୁ
ମନୁଷ୍ୟ ଜନ୍ମ ମୋତେ ଦେଲୁ ।୪ ।
ପଶୁରେ ଜାତ ଯେ କରାନ୍ତୁ
ତୋର ମାୟାରେଟି ମାରନ୍ତୁ ।୫ ।
ଅକ୍ଷୟ ଦେହ ଯେ ଦେଇଛ
କିମ୍ବା ମାୟାରେ ମାରୁଅଛ ।୬ ।
ତୋର ମାୟାକୁ ସତ୍ୟ କଲି
ମୁଁ ନାନା କର୍ମେଭ୍ରମି ହେଲି ।୭ ।
ତୁ ପ୍ରଭୁ ମୋତେ ମାୟା କଲୁ
ମାୟା ପଥରେ ଭ୍ରମାଇଲୁ ।୮ ।
ଏବେ ଦୁଦୟା ମୋରେ ହେଉ
ତୋ ମାୟା ବେଗେ ଦୂର ଯାଉ ।୯ ।
ଏ ବିନୁ ଅନ୍ୟ ନ ଜାଣଇ
ଜୟ ତୁ ଜୟ ଯଦୁସାଇଁ ।୧୦ ।
ଜୟ ତୁ ଜୟ ଭାବଗ୍ରାହୀ
ସଚରାଚର ସ୍ୱାମୀ ତୁହି ।୧୧ ।
ଜୟ ତୁ ଜୟ ଯୋଗେଶ୍ୱର
ମୁଁ ତୁମ୍ଭ ଚରଣେ କିଙ୍କର ।୧୨ ।
ଜୟ ତୁ ଜୟ ନିରଞ୍ଜନ
ଜୟ ତୁ ଜୟ ଭଗବାନ ।୧୩।
ଜୟ ତୁ ଜୟ ଅନ୍ତର୍ଯ୍ୟାମୀ
ତୁ ଦିନମଣି ଦେବ ସ୍ୱାମୀ ।୧୪ ।
ଜୟ ତୁ ଜୟ ପରଂବ୍ରହ୍ମ
ସକଳ ଘଟେ ତୁ ବିଶ୍ରାମ ।୧୫ ।
ଜୟ ତୁ ଜୟ ହେ ଜୀବନ
ଜୟ ତୁ ଜୟ ହେ ପରମ ।୧୬ ।
ଜୟ ତୁ ଜୟ ଭାବଗ୍ରାହୀ
ଛପନ କୋଟି ଜୀବ ତୁହି ।୧୭ ।
ଜୟ ତୁ ଜୟ ଚିନ୍ତାମଣି
ତୋ ନାମ କେ ପାରିବ ଗୁଣି ।୧୮ ।
ଜୟ ତୁ ଜୟ ଭାଗଗ୍ରାହୀ
ତୋ ନାମ ଗାଇ ନ ସରଇ ।୧୯ ।
ଅନେକ ନାମ ତୁ ବୋଇଲୁ
ତୋ ନିଜ ନାମ ଗୁପ୍ତ କଲୁ ।୨୦ ।

ନିଜ ନାମ ଗୋପନେ ଥୋଇ
ଭକତ ନାମ ଖ୍ୟାତ ହୋଇ ।୨୧ ।
ଭକତେ ପିତା ତୋ ଅଟନ୍ତି
କେତେ ନାମଟି ଦେଇଛନ୍ତି ।୨୨ ।
ସେ ନାମ କହୁଅଛି ମୁହିଁ
ଯେତେ ନାମଟି ଛନ୍ତି ଦେଇ ।୨୩
ସବୁତ କହି ନ ପାରିବି
କିଛି କିଛି ବା ମୁଁ କହିବି ।୨୪ ।
ଅନେକ ନାମ ବହି ତୁହି
ଶୁଣ କହିବି କିଛି ମୁହିଁ ।୨୫ ।
ତୁ ବ୍ରହ୍ମା ବିଷ୍ଣୁ ମହେଶ୍ୱର
ସକଳ ଘଟେ ତୋ ବିହାର ।୨୬ ।
ତୁହିଟି ମତ୍ସ୍ୟ ଯେ କୁରୁମ
ବରାହ ନୃସିଂହ ତୋ ନାମ ।୨୭ ।
ତୁହି ବାମନ ପର୍ଶୁରାମ
ରାମ ତୁ ବଳରାମ ପୁଣ ।୨୮ ।
ବୌଦ୍ଧ କଲ୍‌କୀ ନାମ ତୋର
ତୁହିତ ଦଶ ଅବତାର ।୨୯ ।
ଜଗତ କରତା ଯେ ତୁହି
ବ୍ରହ୍ମାଣ୍ଡ କତରାଟି ହୋଇ ।୩୦ ।
ତୁ ମହୀପତି ସୁଲୋଚନ
କୁଣ୍ଡଳି ସବୁଙ୍କରି ଧନ ।୩୧ ।
ବ୍ରହ୍ମାଣ୍ଡ ନାୟକ ଶିଖର
ଆକାଶ ପତି ଧରାଧର ।୩୨ ।
ତୁ ଲୋକ ସ୍ୱାମୀ କ୍ଷେମେଶ୍ୱର
ଲୋକ ସାରଙ୍ଗ ଚକ୍ରଧର ।୩୩ ।
ଶ୍ୟାମ ସୁନ୍ଦର ବଂଶୀଧର
ତୁ ସନାତନ ସର୍ବାକ୍ଷର ।୩୪ ।
ତୁ ସତ୍ୟ ବସୁ ସତ୍ୟସମ
ମଙ୍ଗଳ ପରମ ଈଶାନ ।୩୫ ।
ହେ ପ୍ରଭୁ ତୁ ପୁରୁଷୋତ୍ତମ
ଭୁଜ ଗୌତମ ତୁମ୍ଭେ କାମ ।୩୬ ।
ବେଦ ନିୟମ ମଧୁ ଯମ
ତୁ ପ୍ରଜାପତି ପରଂବ୍ରହ୍ମ ।୩୭ ।
ନାମ ତୋ ଲଜ୍ଜା ନିବାରଣ
ଯଭୁତ ତୁ ପ୍ରୀତି ବର୍ଦ୍ଧନ ।୩୮ ।
ଗୋବିନ୍ଦ କମଳ ନୟନ
ପୁରଜିତ ବିଧାତା ପୁଣ ।୩୯ ।
ତୁ ମହାରାଜା ନାମ ବହି
ଜାନକୀ ନାୟକ ନାମ ହିଁ ।୪୦ ।
ରାଧା ବଲ୍ଲଭ ଯଦୁମଣି
ତୋ ନାମ ଘଟିଅଟି ପୁଣି ।୪୧ ।
ବୃନ୍ଦାବତୀ ବଲ୍ଲଭ ନାମ
ସରସ୍ୱତୀ ବଲ୍ଲଭ ପୁଣ ।୪୨ ।

କାଚରା ମାଧୋଇ ପବନ
ନିର୍ମାୟା ବାୟାଧର ପୁଣ ।୪୩।
ନନ୍ଦି କୋଦଣ୍ଡ ଚାପପାଣି
ସୁଘଟ ନାଗର ଯେ ପୁଣି ।୪୪
ଚକା ନୟନ ଯେ ଶ୍ରୀଧର
ଅମାନ୍ୟମାନ୍ୟ ଜ୍ୟେଷ୍ଠାକ୍ଷର ।୪୫ ।
ତୁ ଚକ୍ରୀ କୌଶଲ୍ୟା ନନ୍ଦନ
ତୁ ପ୍ରଭୁ ସକଳ ଜୀବନ ।୪୬ ।
ନନ୍ଦୀ ଅଧମ ଉଦ୍ଧାରଣ
କୌସ୍ତୁଭ ମଣିଧାରୀ ନାମ ।୪୭
ଲବଣୀ ଚୋର ଯେ ବକାରି
ଅର୍ଘାରି ନାମ ତୋ ଶଣ୍ଢାରି ।୪୮ ।
ତୁ ଜଗଦୀଶ ଗଙ୍ଗାଧର
ଯଶୋଦା ବାଳ ନାମ ତୋର ।୪୯ ।
ନୃପତି ରକ୍ଷକ ତୋ ନାମ
ସୁଦାମା ଦାରିଦ୍ର୍ୟ ଭଞ୍ଜନ ।୫୦ ।
ଗୋକୁଳ କୃଷ୍ଣ ଅନ୍ତକାରି
ଗୋପାଳ କୃଷ୍ଣ ନାମ ଧରି ।୫୧ ।
ସାରଥି ହଟିଆ ନାଗର
ତ୍ରୈଲୋକ୍ୟନାଥ ନାମ ତୋର ।୫୨ ।
ଲକ୍ଷ୍ମଣ ଲଜ୍ଜା ଉଦ୍ଧାରଣ
ତୋ ନାମ ଦୀନ ଅବଧନ ।୫୩।
ଲକ୍ଷ୍ମୀ ନାୟକ ଉଦ୍ଧାରଣ
ଆତ୍ମା ସବୁରି ବୈଶା ପୁଣ ।୫୪ ।
ଏମନ୍ତେ ତୋ ନାମ ପ୍ରକାଶ
ନମୁଛି ଅରକ୍ଷିତ ଦାସ ।୫୫ ।
ଆହେ ସୁଜନ ମାନେ ଶୁଣ
ଭକ୍ତେ ଦେବା ନାମ ବଖାଣ ।୫୬ ।

ଇତିଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚାଶତୋଽଧ୍ୟାୟ ।

--- ୦ ---

# ଏକ ପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଆଉ ଯେତେ ନାମ ତୁ ବହି ।୧ ।
ସେ ନାମ କହୁ ଅଛି ଶୁଣ
ଭକ୍ତି ଦେବା ନାମ ବଖାଣ ।୨ ।
ମହାଭୟ ନାଶନ ତୁହି
ନିଳାଦ୍ରି ସିଂହ ତୁମ୍ଭେ ହୋଇ ।୩ ।
ନାମ ଅନନ୍ତ ପତିହାରି
ଜଗମୋହନୀ ନାମ ଧରି ।୪ ।
ମହାବୀର୍ଯ୍ୟ ସ୍ୱରାନନ୍ଦ ହିଁ
ସମ୍ପୂର୍ଣ୍ଣ ପୂର୍ଣ୍ଣ ବସୁ ହୋଇ ।୫ ।
ବ୍ରହ୍ମ ବିବର୍ଦ୍ଧନ ବ୍ରାହ୍ମଣ
ହିରଣ୍ୟ ବକ୍ଷ ବିଦାରଣ ।୬ ।
ବହୁ ଶିରଭୂତ ଭାବନ
ପରମ ଗତି ତୁମ ନାମ ।୭ ।
ଭାବନ ଧରଣୀ ଯେ ଧର
ପ୍ରଧାନ ପୁରୁଷ ଈଶ୍ୱର ।୮ ।
ସ୍ୱୟମ୍ଭୁ ଲୋହିତାକ୍ଷ ବୀର
ଅପ୍ରମୟ ଯେ ସର୍ବେଶ୍ୱର ।୯ ।
ହିରଣ୍ୟ ଗର୍ଭ ବିଶ୍ୱ ଯୋନି
ଅମୃତ ବିରାରୋହ ପୁଣି ।୧ ୦ ।
ଅମୋଘ ଯେ ସର୍ବ ଦର୍ଶନ
ହିରଣ୍ୟ ନାଭ ଆବର୍ତ୍ତନ ।୧ ୧ ।
ନରସିଂହ ବପୁ ତୋ ନାମ
ତୁ ସଦା ଯୋଗୀ ଗୋପ୍ତା ପୁଣ ।୧ ୨ ।
ସ୍ୱ ଧାତା ମହାବୁଦ୍ଧି ତୁହି
ଗୋବିନ୍ଦ ପତି ନାମ ବିହି ।୧୩ ।
ଅଦୃଶ୍ୟ ଶ୍ରୀ ଖଣ୍ଡି ତୁ ନର
ତୁହିଟି ଖିଳ ବିଶୋଦର ।୧ ୪ ।
କ୍ରାଧ ହା ତୁ ଶ୍ରୁତି ସାଗର
ତୁ ପ୍ରକାଶନ ସର୍ବେଶ୍ୱର ।୧ ୫ ।
ବିରାମ ସତ୍ୟ ଧର୍ମ ପ୍ରାଣ
କରେଣ ପଦ୍ମ ନବେକ୍ଷଣ ।୧ ୬ ।
ମୃତ୍ୟୁଞ୍ଜୟ କାଳ କାରଣ
ବିଂଶ ବାହୁ ସର୍ବ ଲକ୍ଷଣ ।୧ ୭ ।
ତୁ ପଦ୍ମଗର୍ଭ ମହୀଧର
ବୀର ବାହୁ ଯେ ନାମ ତୋର ।୧ ୮ ।
ଗୁପତ ଧର୍ମ ବିଦ୍ୱତ୍ତମ
ତୁ ପରମେଷ୍ଠି ମହାଧନ ।୧ ୯ ।
ତୁ ଜ୍ଞାନ ଗମ୍ୟ ପୁରାତନ
ଅମୂଲ୍ୟ ନିଧି ଯେ ଦାରୁଣ ।୨ ୦ ।
ତୁ ସତ୍ୟ ଧର୍ମ ସତ୍ୟ ସନ୍ଧ
ମେଦିନୀ ପତି ଯେ କପୀନ୍ଦ୍ର ।୨ ୧ ।
ମରିଚି ମହା ଶୃଙ୍ଗ ତୁହି
କପିଳାଚାର୍ଯ୍ୟ ଗୋପ୍ତା ହୋଇ ।୨ ୨ ।
ତୁ ମହା ବରାହ ଗଭୀର
ଶ୍ୟାମାଙ୍ଗ ଶୁକ୍ର ଗଦାଧର ।୨୩ ।
ଅଷ୍ଟବଂଶୀଙ୍କ କାନ୍ତ ତୁହି
ବିମଳାକ୍ଷ ବଲ୍ଲଭ ହୋଇ ।୨ ୪ ।
ଦ୍ରୌପଦୀ ରକ୍ଷକ ଯେ ତୁହି
ଜାମୁ ଡାଳିଆ ନାମ ବହି ।୨ ୫ ।
ତୁ ଭକ୍ତ ପ୍ରାଣ ଭକ୍ତ ଧନ
ତୁ ଚତୁବର୍ଗ ଦାତା ପୁଣ ।୨ ୬ ।

ଦୁଃଖି ଲୋକଙ୍କ ବିତ୍ତ ତୁହି
ଭକ୍ତ ରକ୍ଷଣ ନାମ ବହି ।୨୭ ।
ଇନ୍ଦ୍ର କର୍ମା ବାୟୁ ବାହନ
ସର୍ବତ୍ର ସୁଖ ତୁହି ପୁଣ ।୨୮ ।
ଅପରାଜିତ ସୁଲଭ ହିଁ
ଅନନ୍ତ ଚାପତୁମ୍ଭେ ହୋଇ ।୨୯ ।
ସର୍ବଂସହ ପାପ ନାସନ
ତୁ ସତ୍ୟ ଧର୍ମ ପରାୟଣ ।୩୦ ।
ତୁ ସତ୍ୟ ଆଚାର ଅକ୍ଷର
ଆଦିତ୍ୟ ନାମ ଧନେଶ୍ୱର ।୩୧ ।
ଅରୁପା ନଦ ଶ୍ୟାମଘନ
ରଘୁମଣି ରଘୁ ନନ୍ଦନ ।୩୨ ।
ବୈକୁଣ୍ଠ ନାୟକ ତୋ ନାମ
ରଘୁକୁଳ ତିଳକ ପୁଣ ।୩୩ ।
ନୀଳାଚଳ ଦୁର୍ବାଦଳ ହିଁ
ଜଗ ମୋହନ ନାମ ବହି ।୩୪ ।
ଯଜ୍ଞପତି ରଥାଙ୍ଗ ପାଣି
ଆତ୍ମ ଯୋନି ଯେ ନାମ ପୁଣି ।୩୫ ।
ଅନନ୍ତ ଶ୍ରୀ ତୁମ୍ଭର ନାମ
ତୁମ୍ଭେ ଯେ ଜନ୍ମ ମୃତ୍ୟୁ ପୁଣ ।୩୬ ।
ଅଯୋଧ୍ୟା ନାୟକ କୃତଘ୍ନ
ଦ୍ୱାରକା ନାୟକ ନିର୍ଗୁଣ ।୩୭ ।
ବର ପତିତ ଉଦ୍ଧାରଣ
ଜାନକୀ ବଲ୍ଲଭ ବ୍ୟାଖ୍ୟାନ ।୩୮ ।
ନୀଳାଦ୍ରି ନାୟକ ତୋ ନାମ
ଅଚଳ ସତ୍ୟ ନାରାୟଣ ।୩୯ ।
ତୁ ପୁଷ୍ପ ରାଗ ଯେ ବହନ
ରଣପ୍ରିୟ ଯେ ଶରାଶନ ।୪୦ ।
ତୁ ନିଷ୍ଠା ଶାନ୍ତି ପରାୟଣ
ଶୁଭାଙ୍ଗୀ ନାମ ଶଙ୍କର୍ଷଣ ।୪୧ ।
ଖଣ୍ଡ ପରଶୁ ବିଶୋଧନ
ତୁଧ୍ୱା ଶୋକ ବିନାଶନ ।୪୨ ।
ହଳାୟୁଧ ଶ୍ରୀ ମହାବୀର
ତୁ ଶ୍ରୀନିବାସ ଯେ ଶ୍ରୀଧର ।୪୩ ।
କେଶୀହା ସତ୍ୟ ପରାୟଣ
ତୁ ଅନିର୍ଦ୍ଦେଶ୍ୟ ବପୁ ପୁଣ ।୪୪ ।
ତୁ ପ୍ରତିରଥ କୃପାଗମ୍ୟ
ତୁ ମହାରୋଗ ମହାକର୍ମ ।୪୫ ।
ତୁ ମହାକର୍ମା ବିଶ୍ୱମୂର୍ତ୍ତି
ତୁ ବସୁରେତା ପ୍ରଜାପତି ।୪୬ ।
ତୁ ଲୋକ ବନ୍ଧୁ ପ୍ରଜାଗର
ଧନୁର୍ବେଦ ସର୍ବରୀ କର ।୪୭ ।
ଏ ସର୍ବ ନାମ ତୁମ୍ଭେ ବହି
ଭକତେ ଦେଇଛନ୍ତି କହି ।୪୮ ।
ତୋ ନିଜ ନାମଟି ଅଦୃଶ୍ୟ
କହୁଛି ଅରକ୍ଷିତ ଦାସ ।୪୯ ।
ଆହେ ସୁଜନମାନେ କହି
ନିଜ ନାମ ଗୋପନେ ରହି ।୫୦ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ ନାମ
ନାମ ଏକପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ଦ୍ୱିପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ମୁଁ କହୁଛି
ଆଉ ଯେତେ ନାମ ତୋ ଅଛି ।୧ ।
ସେ ନାମ କହୁଅଛି ଶୁଣ
ଭକତେ ଦେଇଛନ୍ତି ପୁଣ ।୨ ।
ଅନେକ ମୂର୍ତ୍ତି ବିଶୋଚନ
ହେମାଙ୍ଗୀ ଭୟ ଯେ ନାଶନ ।୩ ।
ମାନବେ ସତ୍ୟ ମେଧା ତୁହି
ଦୁର୍ଗମ ଦୁରାବାସ ହୋଇ ।୪ ।
କୋଟି ବ୍ରହ୍ମାଣ୍ଡ ନାଥ ତୁହି
ତେ ନାମ କାଳିଆ କହ୍ନାଇ ।୫ ।
ଭୋ ପ୍ରଭୁ ଭୂପତି ତୋ ନାମ
ଦଶଶିର ବଇଚି ପୁଣ ।୬ ।
ବିଭୀଷଣ ରକ୍ଷଣ ତୁହି
ଯମଦଗ୍ନି ସୁତଟି ହୋଇ ।୭ ।
ଲକ୍ଷ୍ମଣ ସଖା ତୁମ୍ଭେ ହେଲ
ବିଶିଷ୍ଟ ଶିଷ୍ୟ ବୋଲାଇଲ ।୮ ।
ଅହଲ୍ୟା ନିସ୍ତାରଣ ହୋଇ
ବିଶ୍ୱାମିତ୍ରଙ୍କ ଶିଷ୍ୟ ତୁହି ।୯ ।
ପ୍ରଲମ୍ବା ବଧକାରୀ ନାମ
ପୁତନା ଶୋଷା ତୁମ୍ଭେ ପୁଣ ।୧ ୦ ।
ଅନନ୍ତ ରୂପ ତୁହି ଧରି
ଖର ଦୂଷଣ ବଧକରି ।୧ ୧ ।
କୁବୁଜା ନିସ୍ତାରଣ ହୋଇ
ବାଳୀବଧକାରୀ ଯେ ତୁହି ।୧ ୨ ।
ବୀରବର ପଦ୍ମ ନୟନ
ତୋ ନାମ ଜଗତ ଧାରଣ ।୧୩ ।
ତୁ ରାଧା ପତି ନାମ ବହି
ଜଗତ ପତି ତୁମ୍ଭେ ହୋଇ ।୧ ୪ ।
ତୁ ଭୂତତତ୍ତ୍ୱ ଜ୍ଞାତା ପୁଣ
ଭୁବନ କାରଣ ତୋ ନାମ ।୧ ୫ ।
ତୁ ବିଶ୍ୱରୂପୀ ଯୁକ୍ତେଶ୍ୱର
ଋଷଭ ବୁଦ୍ଧ ଅବତାର ।୧ ୬ ।
ତୁ ଦିବ୍ୟ ରୂପ ଶତ୍ରୁଘନ
ତୁ ହଂସ ରୂପ ଶୁକ୍ର ପୁଣ ।୧ ୭ ।
ଧର୍ମର ପତ୍ନୀ ଗର୍ଭେ ତୁହି
ତୁ ନାରାୟଣ ଜନ୍ମ ହୋଇ ।୧ ୮ ।
ଲକ୍ଷ୍ମୀ ସୀତାପତି ହିଁ
ଦଣ୍ଡକା ଅନୁଭବ ତୁହି ।୧ ୯ ।
ଦେଖନ୍ତା କୁଞ୍ଜ ବିନୋଦିଆ
ଡରନ୍ତା ଗୁଞ୍ଜା ଯେ ମାଳିଆ ।୨ ୦ ।
ତୁ ଚଉବର୍ଗ ଅଧିକାରୀ
ଭୋ ଦେବ ସାମନ୍ତ ମୁରାରୀ ।୨ ୧ ।
ତୁମ୍ଭେ ତ ବ୍ରହ୍ମାଣ୍ଡେ ଈଶ୍ୱର
ଜଗନ୍ନିବାସ ନାମ ତୋର ।୨ ୨ ।
ଜଗତ ଈଶ୍ୱର ଯେ ତୁହିଁ
ହସ୍ତିନାପୁରେକ ନାମ ହିଁ ।୨୩ ।
ଦେବକୀ ବଳା ଜ୍ଞାନ ଗୁରୁ
କାଳ ରୂପ ଯେ ତୁହି ଧରୁ ।୨ ୪ ।
ଅଭୟ ବରା ମହୀ ଧର
ଦୀକ୍ଷା ଗୁରୁ ଯେ ନାମ ତୋର ।୨ ୫ ।
ବିଚିତ୍ର କର୍ମା ତୁହି ପ୍ରଭୁ
କର୍ମ ଅକର୍ମା ତୁହି ସବୁ ।୨ ୬ ।

ତୁ ଦୀନ ଜନର କାରଣ
ବିଚିତ୍ର ମାୟା ତୁହି ପୁଣ ।୨୭ ।
ରାଜର୍ଷି ରାଜନ ଯେ ତୁହି
ଭୂତାତ୍ମା ପୂତାତ୍ମା ଯେ ହୋଇ ।୨୮ ।
ଈଶ୍ୱର ରକ୍ଷକ ତୋ ନାମ
ଇନ୍ଦ୍ର ରକ୍ଷକ ତୁହି ପୁଣ ।୨୯ ।
ଭକ୍ତ ରକ୍ଷକ ତୋର ନାମ
ବ୍ରହ୍ମା ରକ୍ଷକ ତୁହି ପୁଣ ।୩୦ ।
ହନୁମନ୍ତ ପ୍ରଭୁ ଯେ ତୁହି
ସୁଗ୍ରୀବର ସଖା ଯେ ହୋଇ ।୩୧ ।
ଭ୍ରାତ ବିଦିତ ତୋର ନାମ
ବିଶ୍ୱାମିତ୍ରଙ୍କ ପ୍ରିୟ ପୁଣ ।୩୨ ।
କୌଶଲ୍ୟା ତନୟ ଯେ ତୁହି
ବିଦ୍ୟା ନିଧିପତି ଯେ ହୋଇ ।୩୩ ।
ନାମ ତୋ ଶରଣ ରକ୍ଷଣ
ସୌମିତ୍ରୀ ବତ୍ସଳ ଯେ ପୁଣ ।୩୪ ।
ତୁହି ତ ରାମ ରାଜା ହେଲୁ
ନୀଳାଦ୍ରିରାଜ ବୋଲାଇଲୁ ।୩୫ ।
ପଥର ଘର ଶାନ୍ତ ତୁହି
ସାମନ୍ତ ପତି ନାମ ବହି ।୩୬ ।
କୃଷ୍ଣ ରାଜଟି ନାମ ବହି
ବଣିଆ ରଘୁ ବଚ୍ଛା ତୁହି ।୩୭ ।
ତୁ ଚଉବର୍ଗ ଦାନୀ ହୋଇ
ତୁ ପୂର୍ଣ୍ଣାନନ୍ଦ ନାମ ବହି ।୩୮ ।
ତୁ କୋଟି ବ୍ରହ୍ମାଣ୍ଡ ନାୟକ
ତୁ ଚଉବର୍ଗ ଯେ ଦାୟକ ।୩୯ ।

ବିଭୀଷଣ ଆଶ୍ରିତ ହୋଇ
ବିଦ୍ୟା ଆୟୁଧଧାରୀ ତୁହି ।୪୦ ।
ଶଙ୍ଖାସୁର ଅଇରି ହେଲ
କଂସ ଅଇରି ବୋଲାଇଲ ।୪୧ ।
କଳପତରୁ ଭଗବାନ
ତୁ ନିରଞ୍ଜନ ନାରାୟଣ ।୪୨ ।
ଗୋପୀ ଜୀବନ ହେ ମୁରାରି
ତୁ ବସୁଦେବ ସୁତ ହରି ।୪୩ ।
ତୁ ନାଗ ଦର୍ପ ଗଞ୍ଜା ହେଲୁ
ଅର୍ଜନ ଭଞ୍ଜା ବୋଲାଇଲୁ ।୪୪ ।
ଆହେ ତୁ କମଳା ବିଳାସ
ମହାରାଜ ନାମେ ପ୍ରକାଶ ।୪୫ ।
କେଶୀ ସୁଦନ କୃପାସିନ୍ଧୁ
ପୀତ ବସନ ଦୀନବନ୍ଧୁ ।୪୬ ।
ବୈକୁଣ୍ଠ ପତି ଶୂନ୍ୟ ନାଥ
ନିଳାଦ୍ରି ନାଥ ତୁମ୍ଭେ ଅଟ ।୪୭ ।
ତୁ ବସୁଦେବ ଚକ୍ରଧର
ଇନ୍ଦ୍ରାଧିପତି ନାମ ତୋର ।୪୮ ।
ତୁ ରଘୁନାଥ ବେଣୁଧର
ବୈକୁଣ୍ଠ ନାଥ ନାମ ତୋର ।୪୯ ।
ଯାଦବ ପତି ହେ ଅନନ୍ତ
ବୈକୁଣ୍ଠ ସାଇଁ ହେ ଅଚ୍ୟୁତ ।୫୦ ।
ଏ ସର୍ବ ନାମ ତୋ ପ୍ରକାଶ
କହୁଛି ଅରକ୍ଷିତ ଦାସ ।୫୧ ।
ଆହେ ସୁଜନ ଜନ ତୁମ୍ଭେ
ପ୍ରଭୁଙ୍କ ନାମ ଶୁଣ ସର୍ବେ ।୫୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଦ୍ୱିପଞ୍ଚାଶତୋଧ୍ୟାୟଃ ।

--- ୦ ---

# ତ୍ରିପଞ୍ଚାଶତ୍ ଅଧ୍ୟାୟ

ଆହେ ଚୈତନ୍ୟ ମୁଁ କହଇ
ଆଉ ଯେତେ ନାମ ଅଛଇ ।୧ ।
ଦୈତାରି ନାମ ଜନାର୍ଦ୍ଦନ
ତୋ ନାମ ଚାଣୁର ମର୍ଦ୍ଦନ ।୨ ।
ଜଗଜ୍ଜୀବନ ହେ ମୁକୁନ୍ଦ
ପୁରୁଷୋତ୍ତମ ରାମଚନ୍ଦ୍ର ।୩ ।
ରଘୁପତି ମୁରଲିଧର
ବାସୁକି ପତି ନାମ ତୋର ।୪ ।
ଅଖିଳ ବ୍ରହ୍ମାଣ୍ଡ ନାଥ ତୁହି
ନିରେଖି ନିସ୍ତାରଣ ହୋଇ ।୫ ।
ଶଙ୍ଖ ଚକ୍ର ଧାରୀଟି ତୁହି
ନୃସିଂହ ଆଦିମୂଳ ହୋଇ ।୬ ।
ସୁପର୍ଣ୍ଣ ସାଇଁ ବିଦ୍ୟାଧର
ଅଚିନ୍ତା ମଣି ପିତାମ୍ବର ।୭ ।
ତୁ ସତ୍ୟଭାମା ପତି ହେଲୁ
ଜଳାଧି ପତି ବୋଲାଇଲୁ ।୮ ।
ତୁ ଦିବ୍ୟ ସିଂହ ପଦ୍ମମୁଖ
ତୋ ଭୂଜ ତଳେ ମୋତେ ରଖ ।୯ ।
ଗରୁଡ ଆସନ ରାଘବ
ପରାତ୍ପର ନାଥ ମାଧବ ।୧୦ ।
ପତିତପାବନ ତୋ ବାନା
ଗଉର ଚନ୍ଦ୍ର ବଜ୍ର ସେନା ।୧୧ ।
ତୁ ତ୍ରିଭୁବନ ପତି ହେଲୁ
ତୁ ଉପଇନ୍ଦ୍ର ବୋଲାଇଲୁ ।୧୨ ।
ଶ୍ରୀବତ୍ସ ଲାଞ୍ଛନ ମୋହନ
ତ୍ରୈଲୋକ୍ୟ ସତ୍ୟ ଜୀବ ନାମ ।୧୩ ।
ପଦ୍ମ ଚରଣ ଦୀନ ଜନ
ତୁ ବଜ୍ର ସେନା ଦେବାରୁଣ ।୧୪ ।
ଆହେ ତୁ ଆତଙ୍କ ନାଶନ
ଶକଟ ଭଞ୍ଜା ତୋର ନାମ ।୧୫ ।
ରାଜୀବ ଲୋଚନ ଅମ୍ବୁଜ
କାଳନ୍ତକ ଗରୁଡ ଧ୍ୱଜ ।୧୬ ।
ଆରତ ଭଞ୍ଜନ ରାଜୀବ
କରୁଣା କଟାକ୍ଷ ମାଧବ ।୧୭ ।
ଶ୍ରୀ ରଙ୍ଗାଧର ଦୀନବନ୍ଧୁ
ଅଖିଳ ପତି ଦୟା ସିନ୍ଧୁ ।୧୮ ।
ପରମ ପୁରୁଷ ତୋ ନାମ
ଶ୍ରୀ ଜଗନ୍ନାଥ ହେ ଶ୍ରୀରାମ ।୧୯ ।
ଖଗତିଳେକ କାନ୍ତ ତୁହି
ଶରଣ ନିସ୍ତାରଣ ହୋଇ ।୨୦ ।

ସୁଖ ସାଗର ରତ୍ନକର
ଅମ୍ବୁଜ ଚରଣ ତୁମ୍ଭର ।୨୧ ।
ପରମାନନ୍ଦ ଦାଶରଥି
ତୁ ମୋର ଅଟୁ ପ୍ରାଣ ପତି ।୨୨ ।
ଶ୍ରୀ ରାମଚନ୍ଦ୍ର ଘନଶ୍ୟମ
ନିଳାଦ୍ରି ଚନ୍ଦ୍ର ତୋର ନାମ ।୨୩ ।
ଅଭୟ ପଙ୍କଜ ଶ୍ରୀରଙ୍ଗ
ସଂସାର ଯାକ ତୋର ରଙ୍ଗ ।୨୪ ।
କମଳ ଲକ୍ଷଣ ନିର୍ଗୁଣ
ତୁ ଚୁଡ଼ାମଣି ପ୍ରହାରଣ ।୨୫ ।
ଠାକୁର ଶିରୋମଣି ହେଲୁ
ଆରତ ତ୍ରାଣ ବୋଲାଇଲୁ ।୨୬ ।
ନୀଳାଦ୍ରି ବାଞ୍ଛାନିଧି ତୁହି
ଅନନ୍ତ ଶୟନ ଗୋସାଇଁ ।୨୭ ।
ମୁରଲୀ ପାଣି ତୁମ୍ଭେ ହେଲ
ବେଣୁପାଣି ସେ ବୋଲାଇଲ ।୨୮ ।
ତ୍ରୈଲୋକ୍ୟ ଚିନ୍ତାମଣି ତୁହି
ତ୍ରୈଲୋକ୍ୟ ଈଶ୍ୱର ଗୋସାଇଁ ।୨୯ ।
କମଳା କାନ୍ତ ଦେବ ରାୟ
ନର୍କ ନାଶନ ନନ୍ଦ ପୁଅ ।୩୦ ।
କରୁଣା ନିଧି ଗୋବର୍ଦ୍ଧନ
ତୁ ଲଛମନ ଜନାର୍ଦ୍ଦନ ।୩୧ ।
ବୈକୁଣ୍ଠ ବେହାରୀ କେଶବ
ତୋ ନାମ ଜଗତ ବଲ୍ଲଭ ।୩୨ ।
ତ୍ରୈଲୋକ୍ୟ ମୋହି ନିଳାମ୍ବର
ଆରତ ଭଞ୍ଜନ ସୁନ୍ଦର ।୩୩ ।
ଜଗତ ନାଥ ଆଦିକନ୍ଦ
ପରମ ବ୍ରହ୍ମ ନିତ୍ୟାନନ୍ଦ ।୩୪ ।
ତ୍ରୈଲୋକ୍ୟ ପତି ନବଘନ
ତୋ ନାମ ଶଙ୍କଟ ଭଞ୍ଜନ ।୩୫ ।
ଜଗତବନ୍ଧୁ ରାଧା କାନ୍ତ
ଦୟା ସାଗର ନନ୍ଦ ସୁତ ।୩୬ ।
ଦଧିବାମନ ଦୟାଶୀଳ
ତୁ ପ୍ରଭୁ ସକଳ ମଙ୍ଗଳ ।୩୭ ।
ତୁ ପୀତାମ୍ବର ଚଇତନ
ବିଶ୍ୱେଶ୍ୱରଟି ଘନଶ୍ୟାମ ।୩୮ ।
ଖଳ ମର୍ଦ୍ଦଳ ମହୋଦର
ପଙ୍କଜ କର କ୍ଷମା ଶୀଳ ।୩୯ ।
ଜଗତ ଜୀବନ ଯେ ହେଲୁ
ଭକ୍ତ ଜୀବନ ବୋଲାଇଲୁ ।୪୦ ।
ଦୁର୍ଗା ମାଧବ ରୂପ କାନ୍ତି
କଂସାରି ତାମସ ମୂରତି ।୪୧ ।
କୃଷ୍ଣ ଅନାଦି ନିରାକାର
ତୋ ନାମ କରୁଣା ସାଗର ।୪୨ ।

ନୀଳ ସୁନ୍ଦର ପଦ୍ମ ଧର
ତୁ ବୃନ୍ଦାବନ ଚନ୍ଦ୍ର କର ।୪୩।
ମହିମା ମେରୁ ମହାବାହୁ
ଶ୍ରୀକୃଷ୍ଣ ଚନ୍ଦ୍ର ନାମ ବହୁ ।୪୪ ।
ପୁରୁଷୋତ୍ତମ ପଦ୍ମ ମୁଖ
ଗରୁଡ଼ ବିହାରୀ ସୁରେଖ ।୪୫ ।
ପୁରୁଷୋତ୍ତମ ପଦ୍ମ ମୁଖ
ଗରୁଡ଼ ବିହାରୀ ସୁରେଖ ।୪୫ ।
ଭକ୍ତ ବତ୍ସଳ ଭକ୍ତ ପତି
କୃପା ଜଳଧି ହେ ଶ୍ରୀପତି ।୪୬ ।
ତୁମ୍ଭେ ଯେ କ୍ଷତ୍ରୀ ଶିରୋମଣି
ବୋଲାଅ ପୁଣି ଚକ୍ରପାଣି ।୪୭ ।
ପୁଣ୍ଡରୀକାକ୍ଷ ଯେ ଶ୍ରୀହରି
ତୁ ବନମାଳୀ ଚକ୍ରଧାରୀ ।୪୮ ।
କପଟ ଭଞ୍ଜନ ଶ୍ରୀପତି
ତୁମ୍ଭେ ଯେ ଚତୁର୍ଦ୍ଧା ମୂରତି ।୪୯ ।
ଶୂନ୍ୟ ପୁରୁଷ ହେ ପରମ
ଆତଙ୍କ ଭଞ୍ଜନ ତୋ ନାମ ।୫୦ ।
ଏମନ୍ତେ ନାନା ନାମ ବହୁ
ନିଜ ନାମ ଗୋପନେ ଥୋଉ ।୫୧ ।
କହଇ ଅରକ୍ଷିତ ଦାସ
ତୋ ନିଜ ନାମେ ଅଛି କିସ ।୫୨ ।
ତୋହର ଦୟା ମୋରେ ଥିଲେ
ଅବଶ୍ୟ ଜଣାଇବୁ ଭଲେ ।୫୩।
ଆହେ ସୁଜନ ମାନେ କହି
ନିଜ ନାମ ନ ଜାଣେ କେହି ।୫୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ତ୍ରିଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ଚତୁଃପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଆଉ ଯେତେ ନାମ ତୁ ବହି ।୧ ।
ସେ ନାମ କହିବି ଛାମୁର
ହେ କ୍ଷମାଶୀଳ ଦୟା କର ।୨ ।
ତୁମ୍ଭେ ଯେ ତ୍ରିବେଦେ ଉତ୍ତମ
ପରମେଶ୍ୱର ତୁମ୍ଭ ନାମ ।୩ ।
ତୁ ବିଶ୍ୱରୂପୀ ଦୟାନିଧି
ଶ୍ରୀକୃଷ୍ଣ ଗୋପାଳ ଜଳଧି ।୪ ।
ଶତ୍ରୁ ତାପନ ବୋଲାଇଲ
ପଦ୍ମ ଲୋଚନ ତୁମ୍ଭେ ହେଲ ।୫ ।
ଦାରୁବ୍ରହ୍ମ ବିରାଟ ତୁହି
ଆତଙ୍କ ନାଥ ହେ ଗୋସାଇ ।୬ ।
କେଶୀ ସୂଦନ ତୋର ନାମ
ବୋଲାଅ ଅରୁଣ ବଦନ ।୭ ।
ଗୋବିନ୍ଦ ଚନ୍ଦ୍ର ବୃନ୍ଦାବନ
ମଥୁରା ନାଥ ତୁମ ନାମ ।୮ ।
ତୋ ନାମ କୋଦଣ୍ଡ ଧାରଣ
ବୋଲାଅ ଲକ୍ଷ୍ମୀର ଜୀବନ ।୯ ।
ଶ୍ୟାମବନ୍ଧୁ ସାରଙ୍ଗ ଧର
ହଂସ ପୁରୁଷ ହେ ଈଶ୍ୱର ।୧୦ ।
ଦ୍ୱାରିକା ନାଥ ଗିରିଧାରୀ
ରମା ପତି କୁଞ୍ଜ ବିହାରୀ ।୧୧ ।
କୋଦଣ୍ଡ ଧାରୀ ନାମ ତୋର
ବିଶ୍ୱନାଥ ପଙ୍କଜ ଧର ।୧୨ ।
ମଧୁସୁଦନ ଅବଧୂତ
ତୁ ଚକ୍ରପାଣି ଯେ ଅଚ୍ୟୁତ ।୧୩ ।
ତୁମେ ଯେ ନନ୍ଦିଘୋଷ ଧ୍ୱଜ
ବୋଲାଅ ଆତ୍ମା ଯେ ଅନୁଜ ।୧୪ ।
ତୁ ସଦାନନ୍ଦ ଦାମୋଦର
ତୁ ପଦ୍ମନାଭ ଚକ୍ରଧର ।୧୫ ।
ତୁମେ ଯେ ଗୋପୀଙ୍କର ପତି
ବୋଲାଅ ଅରୁଣ ମୂରତି ।୧୬ ।
ଲକ୍ଷ୍ମୀ ବଲ୍ଲଭ ରମାନାଥ
ତୁ ସତ୍ୟବାଦୀ ସୀତାକାନ୍ତ ।୧୭ ।
ତୁ କାହ୍ନୁ କାଳିଆ ଶ୍ରୀଧର
ମହିମା ଅପମେୟ ତୋର ।୧୮ ।
ଶରଣ ପଞ୍ଜର ହେ ନାଥ
ଆହେ ହେ ବ୍ରହ୍ମାଣ୍ଡର ତାତ ।୧୯ ।
ଗିରିଧାରୀ ନାମ ତୁ ବହି
ଅଜ୍ୟୋତି ଅବର୍ଣ୍ଣ ଯେ ତୁହି ।୨୦ ।
ଅଜ୍ୟେତି ପତି ବ୍ରହ୍ମରାଶି
ତୁ ରାଧାପତି ବିଶ୍ୱବାସୀ ।୨୧ ।
ଓଁକାର ଜ୍ୟୋତି ବୌଦ୍ଧ ରୂପ
ବୋଲାଅ ବେଦ ଯେ ଅଦ୍ୟାପ ।୨୨ ।

ଅର୍ଯ୍ୟମା ଦେବ ନାରାୟଣ
ଆହେ କମଳା ବର ଶୁଣ ।୨୩।
ପାଣ୍ଡବ ଧନ ବୋଲାଇଲ
ମୁକୁନ୍ଦ ମୋହନ ଯେ ହେଲ ।୨୪।
ଶ୍ୟାମ ସୁନ୍ଦର ବ୍ରଜ ବନ୍ଧୁ
ମଦନ ସୁନ୍ଦର ହେ ସିନ୍ଧୁ ।୨୫।
ଅମ୍ବୁଜ ଧାରୀ ନାମ ବହ
ନରସିଂହଟି ତୁମ ହୁଅ ।୨୬।
ତୁ ମଧୁରିପୁ ରାବଣାରି
ମଦନ ମୋହନ ଶ୍ରୀହରି ।୨୭।
ତୋ ଦେବ ନାମ ମହାବଳ
ନାମ କରୁଣା ମହୀସ୍ଥଳ ।୨୮।
ଦେବକୀ ସୁତ ଦୀକ୍ଷ ଗୁରୁ
ତୁ ଚାପଧାରୀ ମହାମେରୁ ।୨୯।
କଳା ଶ୍ରୀମୁଖ ଚକାଡୋଳା
ଈଶ୍ୱର ତୋ ନାମ ସେ ଭେଳା ।୩୦।
କମଳା ପତି ଶୂନ୍ୟ ବାସୀ
ଦେବକୀ ନନ୍ଦନ ଶ୍ରୀବତ୍ସି ।୩୧।
ଯଶୋଦା ସୂତ ନନ୍ଦକାହ୍ନା
ଶରଣ ସୋଦର ତୋ ବାନା ।୩୨।
ବୈକୁଣ୍ଠ ବାସୀ ବଳଭଦ୍ର
କୋଦଣ୍ଡ ଧାରୀ ଅନିରୁଦ୍ଧ ।୩୩।
ଜଳଧି ନାଥ ହୃଷୀକେଶ
ଆହେ ତୁ ସର୍ବଜ୍ଞ ପୁରୁଷ ।୩୪।

ତୁ ସର୍ବ ଭୂତ ଦାମୋଦର
ତୁ ନିରପେକ୍ଷ ନିର୍ବିକାର ।୩୫।
ବାଳକୃଷ୍ଣ କାଳୀ ମର୍ଦ୍ଦନ
ମହାପ୍ରଭୁ ରଘୁ ନନ୍ଦନ ।୩୬।
କହ୍ନାଇ ଗରୁଡ଼ ବାହନ
ବୈକୁଣ୍ଠ ପୁରୁଷ ପ୍ରଦ୍ୟୁମ୍ନ ।୩୭।
ତୁ ମନୋହାରୀ ଚିନ୍ତାମଣି
ଆହେ କାରୁଣ୍ୟ କମ୍ବୁପାଣି ।୩୮।
ରୁକ୍ମିଣୀ ବଲ୍ଲଭ ତୋ ନାମ
ତୁ ଦୀନ ଜନଙ୍କ ତାରଣ ।୩୯।
ନନ୍ଦ ନନ୍ଦନ ହେ ଲକ୍ଷ୍ମୀଶ
ବିଶ୍ୱ କେସନ ଦେବଈଶ ।୪୦।
ତୁ ଅନ୍ତରୀକ୍ଷ ଗଦାଧର
ତୁ ନନ୍ଦସୁତ ଗୋପବାଳ ।୪୧।
କିଶୋରା ନନ୍ଦ ଯେ ଶ୍ରୀ ଗର୍ଭ
କୁଞ୍ଚି ଲୋଚନ ଚତୁଃର୍ଭୁଜ ।୪୨।
କୃପାନିଧାନ ଦାନ ବାରି
କୃପାଳୁ ରାମ ହେ ଶବରୀ ।୪୩।
କ୍ଷୀରୋଦା ସୁତା ପତି ଅଜ
ବଦ୍ରିନାଥ ଗରୁଡ ଧ୍ୱଜ ।୪୪।
ଅନାଥ ବନ୍ଧୁ ଧରାଧର
ଶ୍ରୀବାସ ହରି ହେ ଶ୍ରୀଧର ।୪୫।
କଦମ୍ବଧାରୀ ତ୍ରିବିକ୍ରମ
ଜଗବନ୍ଧୁ କେଶୀ ସୂଦନ ।୪୬।

କାଳ ପୁରୁଷ ନବଘନ
ଅଲେଖ କମଳ ଲୋଚନ ।୪୭ ।
ଆହେ ତୁ ଗୋବର୍ଦ୍ଧନ ଧାରୀ
ଆହେ ନନ୍ଦିଘୋଷ ବିହାରୀ ।୪୮ ।
ଗର୍ବ ଗଞ୍ଜନ ନିରଞ୍ଜନ
କରୁଣା ବାରିଧି ତୋ ନାମ ।୪୯ ।
ରମା ରମଣ କ୍ଷମା ସିନ୍ଧୁ
ଗୌରାଙ୍ଗ ଇଷ୍ଟ ଦାତା ବନ୍ଧୁ ।୫୦ ।
ପାତାଳ ପତି କଳ୍ପଦ୍ରୁମ
ପଦ୍ମଲୋଚନ ତାର ନାମ ।୫୧ ।
ଗୋପାଳ କଦମ୍ବ ବିହାରୀ
ମହିନ୍ଦ୍ର ନାମ ଯେ ତୋହରି ।୫୨ ।
ବିଧୁନ୍ତୁଦ ଇନ୍ଦ୍ରା ବରଜ
ସାରଙ୍ଗ ଦେବ ଅଧୋକ୍ଷଜ ।୫୩।
ବିଶ୍ୱ କେସନ ବିଶ୍ୱମ୍ଭର
କୈଟଭ ଜିତ ପୀତାମ୍ବର ।୫୪ ।
କଂସାରାତି ବୈକୁଣ୍ଠ ବାସୀ
ଶୁଭ ଶଉରି ବାଳଧ୍ୱଂସୀ ।୫୫ ।
ତୁ ବଳିଆର ଭୁଜ ହେଉ
ଚକ୍ରାୟୁଧ ଯେ ମହାବାହୁ ।୫୬ ।
ହେ ପ୍ରଭୁ ଏ ସର୍ବ ତୋ ନାମ
ସଂସାରେ ଖ୍ୟାତ ହେଲା ପୁଣ ।୫୭ ।
ନିଜ ନାମ ଗୋପନେ ରହି
ଏ ସର୍ବ ନାମ ପ୍ରକାଶଇ ।୫୮ ।
ଏ ସର୍ବ ନାମ ଯେ ଭାବିଲେ
ନିଜ ନାମ କେ ନ ଜାଣିଲେ ।୫୯ ।
ତେଣୁ ଅଜ୍ଞାନ ହେଲେ ପୁଣ
ନାନା କର୍ମରେ ଭ୍ରମେ ଜାଣ ।୬୦ ।
ତୁମ୍ଭ ଦୟା ଯାହାକୁ ହୋଇ
ତୋ ନିଜ ନାମ ସେ ଜାଣଇ ।୬୧ ।
ନୋହିଲେ ତୋ ନାମ ଅଦୃଶ୍ୟ
କହୁଛି ଅରକ୍ଷିତ ଦାସ ।୬୨ ।
ଆହେ ସୁଜନ ସର୍ବେ ଶୁଣ
ମହୀମଣ୍ଡଳ ଗୀତା ଗୁଣ ।୬୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଚତୁଃପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ପଞ୍ଚପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ ସର୍ବ ତୁହି
ଜାତ କରୁଛୁ ସର୍ବ ଦେହୀ । ୧ ।
ଦୁଷ୍ଟଙ୍କୁ ନିବାରଣ କଲ
ସୃଷ୍ଟି କରତା ତୁମ୍ଭେ ହେଲ । ୨ ।
ପାପୀଙ୍କି ନାଶି ସନ୍ଥ ରଖୁ
ମୋ ଦୁଃଖ ବାରେ ତୁ ନ ଦେଖୁ ।୩।
ମୁହିଁ ତ ମହାପାପୀ ଜନ
ଦୟା ତୁ କର ଏବେ ପୁଣ ।୪ ।
ମୋତେ ନିର୍ଦ୍ଦୟା କାହିଁ ପାଇଁ
ସର୍ବ ଜୀବନ ଅଟୁ ତୁହି ।୫ ।
ମୁଁ ମହାପାପୀ ଦୟାକର
ଅନ୍ୟ ଭରସା ନାହିଁ ମୋର ।୬।
ତୁ ପ୍ରଭୁ ତାର ବା ନ ତାର
ଜଣାଉଅଛି ମୁଁ ଛାମୁର ।୭ ।
ଆହେ ହେ ଜଗତ ସୋଦର
ମୋ ଅପରାଧ କ୍ଷମାକର ।୮ ।
ଆହେ ହେ ଶରଣ ସୋଦର
ତୋର ମାୟାରୁ ପାରିକର ।୯ ।
ଆହେ ହେ ଅଭୟ କରଣ
ମୁ ତୁମ୍ଭ ଚରଣେ ଶରଣ । ୧ ୦ ।
ଆହେ ଅଭୟ ପଦ୍ମପାଦ
ହରିବ ବିଷୟା ବିଷାଦ । ୧ ୧ ।
ଆହେ ହେ କମଳ ଲୋଚନ
ଦୁଃଖୀ ଲୋକର ଅଟୁ ଧନ । ୧ ୨ ।
ଦରିଦ୍ର ଦୁଃଖୀ ମୁଁ ଅଟଇ
ତୋ ନାମ ଭଜି ନ ପାରଇ । ୧ ୩।
ସଂସାରେ ଯେତେ ପାପୀ ଛନ୍ତି
ମୋ ତହୁଁ ପାପୀ ଯେ ନାହାନ୍ତି । ୧ ୪ ।
ମୁଁ ଏବେ ଜଣାଉଛି ଶୁଣ
ମୁଁ ପାପୀ ଅଟଇ ଅଧମ । ୧ ୫ ।
ଜୟ ଅଜପା ପରଂବ୍ରହ୍ମ
ମୋ ପାପ କର ହେ ଦହନ । ୧ ୬ ।
ତୋହର ରୂପ ବର୍ଣ୍ଣ ନାହିଁ
ନାମ ଭଜିଲେ ତୋତେ ପାଇ । ୧ ୭ ।
ଛପନ କୋଟି ଜୀବ ଯେତେ
ତୋ ନାମ ଭଜନ୍ତି ସମସ୍ତେ । ୧ ୮ ।
ଚଳନ୍ତା ଚୌଦ କୋଟି ହୁନ୍ତି
ତୋ ନାମ ଘେନି ଯେ ଚଳନ୍ତି । ୧ ୯ ।
ନିଶ୍ଚଳ ଚୌଦ କୋଟି ହେଲେ
ତୋ ନାମ ଘେନି ଯେ ଚଳିଲେ । ୨ ୦ ।
ବୁଡା ଚଉଦ କୋଟି ହୋଇ
ତୋ ନାମ ଘେନି ବୁଡ଼ି ରହି । ୨ ୧ ।
ଉଡ଼ା ଚଉଦ କୋଟି ହୁନ୍ତି
ତୋ ନାମ ଘେନି ଯେ ଉଡନ୍ତି । ୨ ୨ ।

ତୋ ନିଜ ନାମ ଏସନ ହିଁ
ସର୍ବ ଘଟରେ ଗୁପ୍ତେ ଥାଇ ।୨୩।
ତୋ ନାମ ପ୍ରସନ୍ନ ଯାହାକୁ
ତୋ ଦୟା ହୋଇଟି ତାହାକୁ ।୨୪।
ନୋହିଲେ କେବେ ଗତି ନାହିଁ
ହେ ପ୍ରଭୁ ଦୟାକର ତୁହି ।୨୫।
ଏ ଯେ ଛପନ କୋଟି ଜୀବ
ଅଜ୍ଞାନ ପିଣ୍ଡ ଏହୁ ସର୍ବ ।୨୬।
ଏଥୁ ଯେ ତରକି ପାରିବ
ତୋ ନାମ ଧରି ନିସ୍ତରିବ ।୨୭।
ତୋ ନାମ ମହିମା ଅପାର
ମୁଁ କାହୁଁ ଜାଣିବି ପାମର ।୨୮।
ମନୁଷ୍ୟ ଗଣ ଆଦି ଯେତେ
ତୋ ନାମେ ଅଛନ୍ତି ସମସ୍ତେ ।୨୯।
ବୃକ୍ଷ ପାଷାଣ କରୁ ତୃଣ
ସର୍ବ ଜପନ୍ତି ତୋର ନାମ ।୩୦।
ତୋ ନାମ ଯାହାକୁ ଛାଡ଼ଇ
ସେ ପ୍ରାଣୀ ନିଶ୍ଚେ ନାଶ ଯାଇ ।୩୧।
ତୋ ନାମ ଯାକୁ କୃପାକରେ
ସେ ପ୍ରାଣୀ କେବେହେଁ ନ ମରେ ।୩୨।
ତୋ ନାମ ମୋତେ ଦୟାକରୁ
ଅକଳିତ ମହିମା ମେରୁ ।୩୩।
ଏକାଗ୍ର ବ୍ରହ୍ମ ରୂପ ତୁହି
ନିତ୍ୟ ମଣ୍ଡଳେ ଅଛ ଶୋଇ ।୩୪।
ସେ ନିତ୍ୟ ମହିମା ଅପାର
ବ୍ରହ୍ମା ଶିବଙ୍କୁ ଅଗୋଚର ।୩୫।
ସେ ନିତ୍ୟ ମହିମା ଅଶେଷ,
କହଇ ଅରକ୍ଷିତ ଦାସ ।୩୬।
ଆହେ ସୁଜନ ମାନେ ଶୁଣ
ନିଜ ନାମଟି ନିତ୍ୟ ପୁଣ ।୩୭।
ସେ ନିତ୍ୟ ନାମେ ସ୍ଥୂଳ ନାହିଁ
ତା ଗର୍ଭେ ସର୍ବେ ଛନ୍ତି ରହି ।୩୮।
ତା ଗର୍ଭୁ ଜନ୍ମ ମୃତ୍ୟୁହନ୍ତି
ସୁଜନ ମାନେ ଜାଣ ଚିନ୍ତି ।୩୯।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ପଞ୍ଚପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ଷଟ୍‌ପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ତୋ ନାମ ଯେ ଯେମନ୍ତେ ଧ୍ୟାୟି ।୧ ।
ତାହା କହିବି ମୁହିଁ ଶୁଣ
ଯେ ଯେମନ୍ତେ ଭାବିଲେ ପୁଣ ।୨ ।
ତାକୁ ତେମନ୍ତ ଆଜ୍ଞା ହୋଇ
ଯେ ଯେଉଁ ମତେଣ ଭାବଇ ।୩ ।
ତୋ ନାମ ଚାରି ବେଦେ ଧ୍ୟାନ୍ତି
ଚାରି ଦିଗରେ ସେ ଫେରନ୍ତି ।୪ ।
ତୋ ନାମ ଜଗନ୍ନାଥ ଧ୍ୟାୟି
ପୂର୍ବ ଦ୍ୱାରକୁ ସେ ଜଗଇ ।୫ ।
ରାମ ଯେ ତୋ ନାମ ଚିନ୍ତିଲେ
ଦକ୍ଷିଣ ଦ୍ୱାରେ ଦ୍ୱାରୀ ହେଲେ ।୬ ।
କୃଷ୍ଣ ଯେ ତୋ ନାମ ଚିନ୍ତନ୍ତି
ପଶ୍ଚିମ ଦ୍ୱାର ସେ ଜଗନ୍ତି ।୭ ।
ନାରାୟଣ ଯେ ନାମ ଧ୍ୟାୟି
ଉତ୍ତର ଦ୍ୱାର ସେ ଜଗଇ ।୮ ।
ତୋ ନିତ୍ୟ ମହିମା ଏମନ୍ତ
ତୋ ନାମ କେ କରିବ ଅନ୍ତ ।୯ ।
ତୋ ନାମ ଜପିଣ ଶଙ୍କର
ଯୁଗ ଯୁଗାନ୍ତେ ଅଜାମର ।୧୦ ।
ତୋ ନାମ ଜପିଣ ପାର୍ବତୀ
ଈଶ୍ୱର ବର ପାଇଛନ୍ତି ।୧୧ ।
ବ୍ରହ୍ମା ଯେ ତୋ ନାମ ଚିନ୍ତଇ
ସକଳ ସୃଷ୍ଟି ସେ ସର୍ଜଇ ।୧୨ ।
ବିଷ୍ଣୁ ଯେ ତୋର ନାମ ଜପି
ବ୍ରହ୍ମାଣ୍ଡ ପାଳୁଛି ଅଦ୍ୟାପି ।୧୩ ।
ଈଶ୍ୱର ତୋର ନାମ ଧ୍ୟାୟି
ସକଳ ସୃଷ୍ଟିକି ନାଶଇ ।୧୪ ।
ବରୁଣ ତୋ ନାମ ଚିନ୍ତଇ
ଜଳରେ ଅଧିପତି ହୋଇ ।୧୫ ।
ତୋ ନାମ ଚିନ୍ତି ପ୍ରହଲ୍ଲାଦ
ସ୍ୱର୍ଗେ ପାଇଲା ଇନ୍ଦ୍ରପଦ ।୧୬ ।
ଯମ ଯେ ତୋ ନାମ ଜପଇ
ପାପ ପୁଣ୍ୟକୁ ସେ ବୁଝଇ ।୧୭ ।
ଇନ୍ଦ୍ର ଯେ ତୋର ନାମ ଧରି
ସ୍ୱର୍ଗେ ହୋଇଛି ଅଧିକାରୀ ।୧୮ ।
ଶଚୀ ଯେ ତୋର ନାମ ଧ୍ୟାୟିଲା
ସ୍ୱର୍ଗରେ ପାଟରାଣୀ ହେଲା ।୧୯ ।
ତା ଦେହ ନବଯୁବା ହୋଇ
ଯୁଗ ଯୁଗାନ୍ତେ ଅଛି ରହି ।୨୦ ।

ରୋମାଞ୍ଚ ନାରଦ ବଶିଷ୍ଠ
ଭୃଗୁ ଅଙ୍ଗ ରାଯେ ଦୁର୍ବାସ । ୨୧ ।
ମଛିନ୍ଦ୍ର ଗୋରେଖ ଅଗସ୍ତି
ଏ ସର୍ବ ଋଷି ଯେ ଅଛନ୍ତି । ୨୨ ।
ଏ ସର୍ବେ ତୋ ନାମ ଚିନ୍ତିଲେ
ଅମର ହୋଇଣ ରହିଲେ । ୨୩ ।
ତାରାଗଣେ ନାମ ଧରନ୍ତି
ରାତ୍ର ଦିବସ ବିହରନ୍ତି । ୨୪ ।
ଅଗସ୍ତି ତୋ ନାମ ଜପିଲେ
ସପ୍ତ ସମୁଦ୍ରି ଚଳୁ କଲେ । ୨୫ ।
ତୋ ନାମ ବୃହସ୍ପତି ଧ୍ୟାୟି
ସକଳ ବେଦ ସେ କହଇ । ୨୬ ।
ଗଙ୍ଗା ତୋ ନାମ ଧରଇ
ସେ ପୁଣ୍ୟ ତୀର୍ଥଟି ବୋଲାଇ । ୨୭ ।
ସୂର୍ଯ୍ୟ ଚନ୍ଦ୍ର ନାମ ଧରନ୍ତି
ରାତ୍ର ଦିବସ ବିହରନ୍ତି । ୨୮ ।
ପବନ ତୋର ନାମ ଧରି
ସକଳ ଘଟେ ସେ ବିହରି । ୨୯ ।
ଜଳ ଯେ ତୋର ନାମ ବହି
ସକଳ ଘଟେ ସେ ରହଇ । ୩୦ ।
ଅଗ୍ନି ଯେ ତୋ ନାମ ଜପଇ
ସେ ସର୍ବ ଘଟେ ଅଛି ରହି । ୩୧ ।
ଲକ୍ଷ୍ମୀଯେ ତୋ ନାମ ଚିନ୍ତଇ
ସବୁଙ୍କୁ ପଡ଼ି ସେ ଦିଅଇ । ୩୨ ।
ସୀତା ଯେ ତୋ ନାମ ଚିନ୍ତିଲେ
ତେଡେ ବନ୍ଦୀରୁ ପାରି ହେଲେ । ୩୩ ।
ବାରାନଧି ଯେ ନାମ ବହି
ଯୁଗ ଯୁଗାନ୍ତେ ଅଛି ରହି । ୩୪ ।
ତୋ ନାମ ଚାରି ମେଘେ ଧ୍ୟାୟି
ପୃଥିରେ ଜଳ ବରଷଇ । ୩୫ ।
ତୋ ନାମ ଅନନ୍ତ ମହିମା
ଅନ୍ତ ନ କରେ ସୁରବ୍ରହ୍ମା । ୩୬ ।
ତେତିଶ କୋଟି ଦେବ ଯେତେ
ତୋ ନାମ ଜପନ୍ତି ସମସ୍ତେ । ୩୭ ।
ତୋ ନାମ ଧରି ବିଭୀଷଣ
ଅମର ହୋଇଅଛି ପୁଣ । ୩୮ ।
ତୋ ନାମ ହନୁମନ୍ତ ଧ୍ୟାୟି
ଅମର ହୋଇଣ ଅଛଇ । ୩୯ ।
ରାମ ଯେ ତୋ ନାମ ଚିନ୍ତିଲେ
ବ୍ରହ୍ମ ହତ୍ୟାରୁ ପାରିହେଲେ । ୪୦ ।
ଗରୁଡ ତୋ ନାମ ଚିନ୍ତିଲା
ତୁମ୍ଭ ବାହାନ ସେହୁ ହେଲା । ୪୧ ।
ନନ୍ଦ ଯେ ତୋ ନାମ ଚିନ୍ତିଲେ
ତୋତେ ପୁତ୍ର କରି ପାଇଲେ । ୪୨ ।

ଦଶରଥ ଯେ ନାମ ଧ୍ୟାୟି
ପୁତ୍ର କରିଣ ତୋତେ ପାଇ ।୪୩।
ପୁରୁ ଯେ ତୋ ନାମ ଚିନ୍ତିଲେ
ମରିବା ପୁତ୍ର ସେ ପାଇଲେ ।୪୪ ।
ସୁଗ୍ରୀବର ଯେ ନାମ ଧ୍ୟାୟି
ତା ସଙ୍ଗେ ମଇତ୍ର ଟି ହୋଇ ।୪୫ ।
ଶବର ତୋ ନାମ ଚିନ୍ତିଲା
ଚିନ୍ତିଣ ନିସ୍ତାର ହୋଇଲା ।୪୬ ।
ରାଜା ତୋ ନାମ ଚିନ୍ତିଲେ
ତେଡେ ବନ୍ଦୀରୁ ପାରି ହେଲେ ।୪୭ ।
ବାଳକେ ତୋ ନାମ ଚିନ୍ତିଲେ
ନର୍କ କୁଣ୍ଡରୁ ପାରି ହେଲେ ।୪୮ ।
ବଳି ଯେ ତୋ ନାମ ଚିନ୍ତଇ
ତାକୁ ଜଗଛ ଭାବଗ୍ରହୀ ।୪୯ ।
ଏମନ୍ତେ ତୋ ନାମର ଗୁଣ
ଭାବିଲେ ହେଉ ତୁ ପ୍ରସନ୍ନ ।୫୦ ।
ଯେ ଯେମନ୍ତେ ଭାବଇ ତୋତେ
ତାଙ୍କୁ ପ୍ରସନ୍ନ ହେଉ ଚିତ୍ତେ ।୫୧ ।
କହଇ ଅରକ୍ଷିତ ଦାସ
ତୋ ନିଜ ନାମେ ମୋର ଆଶ ।୫୨ ।
ଅନ୍ୟେ ମୋହର ଆଶ୍ରା ନାହିଁ
ଆହେ ସୁଜନ ମାନେ କହି ।୫୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା
କଥନେ ନାମ ଷଟ୍‌ପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ସପ୍ତପଞ୍ଚାଶତ ଅଧ୍ୟାୟ

ଆହେ ଚୈତନ୍ୟ କହି ଶୁଣ
ନାମ ଭାବି ତରିଲେ ଜାଣ ।୧ ।
ଭକତେ ତୋ ନାମ ଚିନ୍ତିଲେ
ନାନା ଶଙ୍କଟୁ ପାରି ହେଲେ ।୨ ।
ମାର୍କଣ୍ଡ ଋଷି ନାମ ଧ୍ୟାୟି
ତେଢ଼େ ଶଙ୍କଟୁ ପାରି ହୋଇ ।୩ ।
ରୁକ୍ମଣୀ ତୋ ନାମ ଚିନ୍ତିଲେ
ତୋହର ପ୍ରିୟା ସେ ହୋଇଲେ ।୪ ।
ବସୁଦେବ ଯେ ନାମ ଧ୍ୟାୟି
ପୁତ୍ର କରିଣ ତୋତେ ପାଇ ।୫ ।
ଶଙ୍ଖ ଚକ୍ର ଯେ ଗଦା ପଦ୍ମ
ତୋ ନାମ ନିତ୍ୟେ ଯେ ଚିନ୍ତିଣ ।୬ ।
କୌସ୍ତୁଭ ରାଜା ନାମ ଧ୍ୟାୟି
ଗଳାରେ ଅଛୁ ତାକୁ ବହି ।୭ ।
ତୋ ନାମ ଗଜ ଯେ ଡାକିଲା
ତେଢ଼େ ଶଙ୍କଟୁ ପାରି ହେଲା ।୮ ।
ଭର୍ତ୍ତିଆ ପକ୍ଷୀ ନାମ ଧ୍ୟାୟି
ତେଢ଼େ ଶଙ୍କଟୁ ପାରି ହୋଇ ।୯ ।
ତୋ ନାମ ମୃଗଣୀ ଡାକିଲା
ମହା ଶଙ୍କଟୁ ପାରି ହେଲା ।୧୦ ।
ତୋ ନାମ ଦ୍ରୌପଦି ଡ଼ାକିଲା
ତେଢ଼େ ଲଜ୍ଜାରୁ ପାରି ହେଲା ।୧୧ ।
ବ୍ରହ୍ମା ଯେ ତୋ ନାମ ଚିନ୍ତିଲେ
ତେଢ଼େ ଶଙ୍କଟ ପାରି ହେଲେ ।୧୨ ।
ତୋ ନାମ ଅନ୍ଧ ଯେ ଧଇଲା
ସେ ଦିବ୍ୟ ଚକ୍ଷୁ ଯେ ପାଇଲା ।୧୩ ।
ପାଣ୍ଡବେ ତୋ ନାମ ଜପିଲେ
ଘୋର ସଙ୍କଟୁ ପାରି ହେଲେ ।୧୪ ।
ତୋ ନାମ ଧ୍ରୁବ ଯେ ଧଇଲା
ଧ୍ରୁବ ମଣ୍ଡଳେ ବାସ କଲା ।୧୫ ।
ଗୋପୀ ଯେ ତୋ ନାମ ଧଇଲେ
କେତେ ଶଙ୍କଟୁ ପାରି ହେଲେ ।୧୬ ।
କୁବେର ତୋ ନାମ ଚିନ୍ତିଲା
ସେ ଧନ ପାଇ ଶାନ୍ତ ହେଲା ।୧୭ ।
ଜୟ ବିଜୟ ନାମ ଧ୍ୟାୟି
ତୋ ଦ୍ୱାର ଜଗିଛନ୍ତି ସେହି ।୧୮ ।
ଇନ୍ଦ୍ର ଯେ ତୋ ନାମ ଚିନ୍ତିଲା
ବ୍ରହ୍ମ ହତ୍ୟାରୁ ପାରି ହେଲା ।୧୯ ।
ଗଙ୍ଗାଧର ବିପ୍ର ବୋଲିଣ
ତୋ ନାମ ଭାବିଲା ସେ ପୁଣ ।୨୦ ।
ତାଙ୍କୁ ତୋ ନିଜ ରୂପ ଦେଲୁ
ତୋ ଠାରେ ଦୟା ତୁ ବହିଲୁ ।୨୧ ।
ଉଦ୍ଧବ ତୋ ନାମ ଚିନ୍ତିଲେ
ବ୍ରହ୍ମ ଶାପରୁ ପାରି ହେଲେ ।୨୨ ।

ଅଜାମିଳ ନାମ ଧଇଲା
ମହାପାତକୁ ପାରି ହେଲା ।୨୩।
ଭକତେ ତୋ ନାମ ଚିନ୍ତିଲେ
ନାନା ପୁରାଣ ମାନ କଲେ ।୨୪।
ତୋ ମିତ୍ର ବ୍ରାହ୍ମଣ ଯେ ନାମ
ଚିନ୍ତି ସ୍ୱର୍ଗ ଭୋଗ କରିଣ ।୨୫।
ରାଜା ଯେ ତୋ ନାମ ଚିନ୍ତିଲା
ବ୍ରହ୍ମ ଶାପରୁ ପାର ହେଲା ।୨୬।
ଅହଲ୍ୟା ତୋ ନାମ ଚିନ୍ତିଣ
ପାଷାଣୁ ମୁକ୍ତ ହେଲା ପୁଣ ।୨୭।
କୁବୁଜା ତୋ ନାମ ଚିନ୍ତିଲା
ନବ ଯୁବତୀ ସେ ହୋଇଲା ।୨୮।
ଦେବତା ମାନେ ନାମ ଧ୍ୟାନ୍ତି
ନାନା ସଙ୍କଟୁ ତରି ଯାନ୍ତି ।୨୯।
ତୋ ନାମ ବାସୁକୀ ଧରଇ
ପୃଥିବୀ ଶିରେ ଅଛି ବହି ।୩୦।
ତୋ ନାମ ପୃଥିବୀ ଚିନ୍ତଇ
ପୃଥିବୀ ଭରା ଅଛି ବହି ।୩୧।
ତୋ ନାମ ଚିନ୍ତିଲା ଅବନୀ
ତୁ ଦଶ ଅବତାର ପୁଣି ।୩୨।
ଅବନୀ ଭରା କଲୁ ଶେଷ
ତୋ ନାମ ମହିମା ଅଶେଷ ।୩୩।
ତୋ ନାମ ଜୀବେ ଯେ ଅଜୀବେ
ପୂରି ରହିଛି ସର୍ବ ଠାବେ ।୩୪।
ସମୁଦ୍ର ବାଲି ଯେ ଗଣିବ
ତୋ ମାୟା କଳି ନ ପାରିବ ।୩୫।
ତୋ ନାମ ଯେତେ ଖ୍ୟାତ ହୋଇ
ସେ ନାମେ ମୁକତି ଯେ ନାହିଁ ।୩୬।
ତୁମ୍ଭଙ୍କୁ ନାମ ଦେଲେ ଭକ୍ତ
ସେ ନାମ ଭକତେ ବିଖ୍ୟାତ ।୩୭।
ତୋ ନିଜ ନାମ ନ ଜାଣନ୍ତି
ଭକ୍ତେ ଦେବା ନାମ ଭଜନ୍ତି ।୩୮।
ତୋହର ଦୟା ଯାକୁ ହୋଇ
ତୋ ନିଜ ନାମ ସେ ଜାଣଇ ।୩୯।
ତୋ ନାମ ଯେ ଯେମନ୍ତେ ଧ୍ୟାୟି
ତାକୁ ତେମନ୍ତେ ଦୟା ହୋଇ ।୪୦।
ମୁଁ ପାପୀ କିଛି ନ ମାଗଇ
ତୋ ନିଜ ନାମେ ଆଶା ଥାଇ ।୪୧।
ତୋ ନାମ କୃପା ମୋତେ ହେଉ
ଅନ୍ୟେ ମୋ ଆଶା ଯେ ନରହୁ ।୪୨।
ଏବେ ସଦୟ ମୋରେ ହୁଅ
ଭକତି ଯୋଗ ମୋତେ ଦିଅ ।୪୩।
ଏ ବିନୁ ଅନ୍ୟ ନ ମାଗଇ
ଜୟ ଜୟ ତୁ ଭାବଗ୍ରାହୀ ।୪୪।
ମୁଁ ଏବେ ଜଣାଉଛି ଶୁଣ
ମୋତେ ଉଦ୍ଧାର ଭଗବାନ ।୪୫।
ମୁଁ ଯେଣୁ ପାପିଷ୍ଠ ପାମର
ମୋ ଦୋଷ ବାରେ କ୍ଷମା କର ।୪୬।

କ୍ଷମା ସାଗର ତୁ ବୋଲାଉ
ଜୟ ତୁ ଜୟ ମହାବାହୁ ।୪୭ ।
ମୋରେ ସୁଦୟା ଏବେ ହେଉ
ତୋ ନିଜ ନାମେ ମନ ରହୁ ।୪୮ ।
ଏ ନାମ ଯେ କରିବ ଲୟେ
କାଳେ ନ ଥିବ ଯମ ଭୟେ ।୪୯ ।
ଏ ନାମ ଯେ ଜନ ପଢ଼ିବ
ପାପାଧି ପାପ ନାଶ ଯିବ ।୫୦ ।
ଏ ନାମ ଯେ ପଢ଼ିବ ନିତି
ବୈକୁଣ୍ଠ ପୁରେ ତାର ସ୍ଥିତି ।୫୧ ।
ଏ ନାମ ଲୟ ଯେ କରିବ
ଯା ଇଚ୍ଛା ତେଣେ ଯାଉଥିବ ।୫୨ ।
ଭୂତ ପ୍ରେତ ହିଁ ନ ଆସିବେ
ବ୍ୟାଘ୍ର ଭାଲୁ ହିଁ ଦୂରେ ଯିବେ ।୫୩
ମହା ସଂଗ୍ରାମେ ଯେ ପଶିବ
ଏ ନାମ ହୃଦରେ ଗୁଣିବ ।୫୪ ।
ଅଜୟ ଜୟ ଯେ କରିବ
ସେ ସର୍ବ ବିପତ୍ତି ନାଶିବ ।୫୫ ।

ଏ ନାମ ନିତି ଯେ ଚିନ୍ତିବ
ତା ରୋଗ ବ୍ୟାଧି ନାଶ ଯିବ ।୫୬ ।
ଏ ନାମ ଦୃଢ଼େ ଜପୁଥିଲେ
ଧନ ବସ୍ତ୍ର ପ୍ରାପତ ଭଲେ ।୫୭ ।
ଏ ନାମ ଯେ ଜନ ପଢ଼ିବେ
ଗ୍ରହ ଦୋଷରୁ ପାରି ହେବେ ।୫୮ ।
ଏ ନାମ ଦୃଢେ ଜପୁଥିବ
ସର୍ବ ପାତକ ନାଶଯିବ ।୫୯ ।
ଗୋ ହତ୍ୟା ବ୍ରହ୍ମ ହତ୍ୟାମାନ
ଏ ସର୍ବ ହୋଇବ ଦହନ ।୬୦ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୬୧ ।
ଆହେ ସୁଜନ ମାନେ କହି
ଓଳାସୁଣି ପର୍ବତେ ରହି ।୬୧ ।
ପ୍ରଭୁଙ୍କୁ ସେବି ନ ପାରିଲି
ଏ ମହୀ ମଣ୍ଡଳେ ଭ୍ରମିଲି ।୬୩ ।
ପ୍ରଭୁଙ୍କ ମାୟା ମୋତେ ହୋଇ
ତେଣୁ ମୁଁ ଭ୍ରମୁଅଛି କହି ।୬୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ଅଷ୍ଟପଞ୍ଚାଶତ ଅଧ୍ୟାୟ

ଜୟ ଜୟ ଜୀବ ପରମ
ସ୍ତିରୀ ପୁରୁଷ ତୁ ହୋଇଣ ।୧ ।
ଛପନ କୋଟି ଜୀବ ହେଲୁ
ସ୍ତିରୀ ପୁରୁଷେ ବିହରିଲୁ ।୨ ।
ସ୍ତିରୀ ଅଙ୍ଗେ ଜୀବ ପରମ
ବିହାର କରୁଛୁ ଯେ ପୁଣ ।୩।
ପୁରୁଷ ଅଙ୍ଗେ ଦୁଇ ହେଲ
ଜୀବ ପରମ ବିହରିଲ ।୪ ।
ଏକା ଅଙ୍ଗଟି ଦୁଇ ହୋଇ
ଖେଳୁଛ ତିନି ରୂପେ ରହି ।୫ ।
ତିନିରୁ ପାଞ୍ଚ ଯେ ହୋଇଛ
ସଂସାରେ ଲୀଳା କରୁଅଛ ।୬ ।
ଏକରୁ ପାଞ୍ଚ ରୂପ ହୋଇ
ଲୀଳା ନିମନ୍ତେ ଭିନ୍ନ କହି ।୭ ।
ନୋହିଲେ ଏକ ରୂପ ଜାଣ
ଭିନ୍ନଟି ନାହିଁ କେଭେ ଶୁଣ ।୮ ।
ଆପେଟି ଖେଳଘର କଲୁ
ଭିନ୍ନା ଭିନ୍ନ କରି ତୁ ମଲୁ ।୯ ।
ପାଞ୍ଚ ରୂପଟି ନାଶ ଗଲା
ବ୍ରହ୍ମରେ ଯାଇ ସମ୍ଭାଇଲା ।୧ ୦ ।
ସେଠାରୁ ଭିନ୍ନା ଭିନ୍ନ ନାହିଁ
ଏକା ଅଙ୍ଗଟି କ୍ଷୁର୍ଣ୍ଣ ତୁହି ।୧ ୧ ।
ସେଠାରେ ଏକ ରୂପ ଜାଣ
ଏଠାରେ ଦୁଇ ରୂପ ପୁଣ ।୧ ୨ ।
ଏଠାରେ ଦୁଇ ରୂପ ହେଲ
ସ୍ତିରୀ ପୁରୁଷ ବୋଲାଇଲ ।୧ ୩।
ଜୀବ ପରମ ରୂପ ଧରି
ଖେଳୁଛ ସର୍ବ ଘଟେ ପୁରି ।୧ ୪ ।
ପ୍ରକୃତି ଗଣ ଜାତ କଲ
ଜୀବ ପରମେ ମିଶାଇଲ ।୧ ୫ ।
ତାଙ୍କ ସଙ୍ଗେ ଜୀବ ପରମ
ପଡ଼ି ମାୟାରେ ହେଲେ ଭ୍ରମ ।୧ ୬ ।
ତେଣୁ ଭିନ୍ନା ଭିନ୍ନ କରନ୍ତି
ଏକ ବ୍ରହ୍ମଟି ନ ଜାଣନ୍ତି ।୧ ୭ ।
ହେ ପ୍ରଭୁ ମାୟା ପ୍ରକାଶିଲୁ
ପ୍ରକୃତି ସଙ୍ଗେ ତୁ ଭ୍ରମିଲୁ ।୧ ୮ ।
ମୋହର କିଛି ଦୋଷ ନାହିଁ
ତୋ ମାୟା ଶୁଣ ଏବେ କହି ।୧ ୯ ।
ଏକ ଦିନେ ମନେ ପାଞ୍ଚିଣ
ଗ୍ରାମ ବୁଲି ଆସିବା ପୁଣ ।୨ ୦ ।
ସେ ଦିନ ସଙ୍ଗେ କେ ନ ଥିଲେ
ଏକାନ୍ତେ ବୁଲି ଆସି ଭଲେ ।୨ ୧ ।
ଆମ୍ଭ କୁ ଦେଖି ଏକ ସ୍ତିରୀ
ଚମକି ପଡ଼ି ଯାଏ ଡରି ।୨ ୨ ।

ବୁକୁରେ ଛେପ ସେ ପକାଇ
ଏକ ସ୍ତିରୀକି ଯାଏ କହି ।୨୩।
ବୋଇଲା ଭଲା ଗୋ ବଞ୍ଚିଲି
ବାୟା ହାବୁଡେ ପଡିଥିଲି ।୨୪।
ଦେଖ ଗୋ ଯାଉଅଛି କାହିଁ
ଏ ବାୟା କାହୁଁ ଅସିଛଇ ।୨୫।
ଏମନ୍ତ ବୋଲି ତାକୁ କହେ
ସେ ଭାଷା ମୋ କର୍ଣ୍ଣେ ସମ୍ଭାଏ ।୨୬।
ବୋଇଲି ପ୍ରଭୁ ମାୟା ଦେଖ
କିମ୍ପାଇ ପଳାଇ ବିମୁଖ ।୨୭।
ସେ ତ ଭାରିଯା ଆମ୍ଭକୁ ହିଁ
କିମ୍ପା ବାୟା ମୋତେ ବୋଲଇ ।୨୮।
ମୁହିଁ ବା ତାକୁ ନ ପଚାରି
ତେଣୁ ସେ ବାୟା ବୋଲି ଡରି ।୨୯।
ତା ହୃଦେ ମୁହିଁ ରହିଅଛି
ସେତ ମୋ ହୃଦେ ବିହରୁଛି ।୩୦।
ସେତ ଜୀବ ଆତ୍ମ ଅଟଇ
ମୁହିଁ ପରମ ଆତ୍ମା କହି ।୩୧।
ଜୀବଟି ସ୍ତିରୀ ବୋଲି ଜାଣ
ପରମ ପୁରୁଷ ଯେ ପୁଣ ।୩୨।
ଏ ଘେନି ନିଜ ପତ୍ନୀ ମୋର
ନର ଦେହରେ ଅଗୋଚର ।୩୩।
ସେ ହରି ସର୍ବ ଘଟେ ଥାଇ
ସ୍ତିରୀ ପୁରୁଷ ବେନି ହୋଇ ।୩୪।
ଏକା ଅଙ୍ଗଟି ଦୁହେଁ ହେଲା
ସଂସାରେ ଖେଳ ଲଗାଇଲ ।୩୫।
ପ୍ରକୃତି ଗଣ ଜାତ କରି
ଖେଳ ହୋ ଦେହେ ତୁମ୍ଭେ ପୁରି ।୩୬।
ତେଣୁ ପ୍ରକୃତ ଯେ ଖେଳିଲେ
ଭିନ୍ନା ଭିନ୍ନ ସେ କରି ମଲେ ।୩୭।
ଜୀବ ପରମ ଦୁହେଁ ଯାନ୍ତି
ପ୍ରକୃତି ଦେହକୁ ଛାଡ଼ନ୍ତି ।୩୮।
ଯେ ଜନ ପ୍ରଭୁଙ୍କୁ ଚିନ୍ତଇ
ପ୍ରକୃତି ମାନଙ୍କୁ ନାଶଇ ।୩୯।
ବୋଲଇ ମୁହିଁ ସର୍ବ ଭୂତେ
ବିହାର କରୁଛି ଗୁପତେ ।୪୦।
ସ୍ତରୀ ପୁରୁଷ ମୁହିଁ ହୋଇ
ମୋ ବିନୁ ଅନ୍ୟ କେହି ନାହିଁ ।୪୧।
ଏମନ୍ତ ମଣି ସେ ଭ୍ରମିଣ
ମୁହିଁଟି ଲକ୍ଷ୍ମୀ ନାରାୟଣ ।୪୨।
ମୁଁ ଯେବେ ଏମନ୍ତ ମଣନ୍ତି
ବାୟା ପଦ କିମ୍ପା ଶୁଣନ୍ତି ।୪୩।
ପ୍ରକୃତି ଗଣ ଭିନ୍ନ କରି
ଭିନ୍ନା ଭିନ୍ନ ମୁଁ ନ ବିଚାରି ।୪୪।
ଭାରିଯା ହୋଇ ବାୟା ବୋଲେ
ପ୍ରଭୁ ତ ମୋତେ ମାୟା କଲେ ।୪୫।
କିମ୍ପାଇ ମୋତେ ବାୟା କରି
ପଳାଇ ଗଲା ସେ ପାମରୀ ।୪୬।

ଏ କଥା ବୁଝିବା ନା ହେଲେ
ତାର ମୋରଟି ଭେଟ ବେଳେ ।୪୭।
କିମ୍ପାଇ ଭୟ ସେ କରୁଛି
ମୋତେ ଡରିଣ ପଳାଉଛି ।୪୮।
ମୋତେ ଅନୁକ୍ଷଣେ ସେବଇ
କିମ୍ପାଇ ଡରି ସେ ପଳାଇ ।୪୯।
ପ୍ରଭୁତ ମାୟା କଲେ ମୋତେ
କି ଅପରାଧ କଲି ଚିତ୍ତେ ।୫୦।
ପୂର୍ବେ ପ୍ରଭୁଙ୍କ ଦୟା ଥିଲା
ଏବେ ନିର୍ଦ୍ଦୟା ମୋତେ କଲା ।୫୧।
ନୋହିଲେ ସେ କିମ୍ପା ପଳାଇ
ଚିହ୍ନି ନ ପାରେ ମୋତେ ସେହି ।୫୨।
ଏକଥା ବୁଝିବା ଅବଶ୍ୟ
ଆଉ କଥାଏ ଶୁଣ ରସ ।୫୩।
ଚିତ୍ରକୁଟରେ ମୁହିଁ ଥିଲି
ଏକ ଗ୍ରାମକୁ ମୁହିଁ ଗଲି ।୫୪।
ଯାନ୍ତେଣ ଖରା ଯେ କାଟିଲା
ଶରୀର ଗରମି ଉଠିଲା ।୫୫।
ବାମ୍ଫୀ ଭିତରକୁ ମୁଁ ଗଲି
ପାହାଚେ ବସି ସ୍ନାନ କଲି ।୫୬।
ସ୍ତିରୀ ପାଞ୍ଚଜଣ ଅଇଲେ
ପାଣି ନେବାକୁ ଉଭା ହେଲେ ।୫୭।
ତାହାଙ୍କୁ ଦେଖିଲିଟି ଯହୁଁ
ତତକାଳେ ଅଇଲି ତହୁଁ ।୫୮।

ଏକ ସ୍ତିରୀ ବୋଇଲା ଶୁଣ
ଏ ପାଣି ନେବା ଗୋ କେସନ ।୫୯।
କିମ୍ପାଇ ବୈଷ୍ଣବ ଅଇଲା
ଏଥି ଭିତରେ ଗାଧୋଇଲା ।୬୦।
କେମନ୍ତେ ଏ ପାଣିଟି ନେବା
ଚାଲ ଗୋ ଏଥୁ ଫେରି ଯିବା ।୬୧।
ଏଡ଼େ ଅଜ୍ଞାନ ସେ ଅଟଇ
ବାମ୍ଫୀ ଭିତରେ ସେ ଗାଧୋଇ ।୬୨।
ଏମନ୍ତେ ପାଣି ସେହୁ ନେଲେ
ବାହାରେ ରଖିବା ଗୋ ଭଲେ ।୬୩।
ସେ ଗାଳି ସ୍ତିରୀ ଗଣେ ଶୁଣି
ସବୁ ଆମ୍ଭଙ୍କୁ କହେ ପୁଣି ।୬୪।
କିମ୍ପା ପୋଖରୀକି ନ ଗଲ
ଏତେ ଗାଳି କିମ୍ପା ଶୁଣିଲ ।୬୫।
ସେତ ଅଜ୍ଞାନ ସ୍ତିରୀ କହି
କେତେ ଗାଳିଟି ଦେଲା ସେହି ।୬୬।
ଲୁଚିଣ ସବୁ ଗାଳି ଶୁଣି
ମୋ ମନେ କ୍ରୋଧ ଚିନ୍ତା ପୁଣି ।୬୭।
ସହି ନପାରି ତୁମ୍ଭ ଆଗେ
କହିଲି ବୁଝ କି ନା ବେଗେ ।୬୮।
ବୋଇଲୁ ତୁମ୍ଭେ ଏବେ ଶୁଣ
ସେତ ଭାରିଯା ଆମ୍ଭେ ଜାଣ ।୬୯।
ତା କଥା ନ ବୁଝିଲି ଯହୁଁ
କୋପ କରି ଯାଇଛି ତହୁଁ ।୭୦।

ସେ କି ଆମ୍ଭଙ୍କୁ ଦୂର କରି
ଆମ୍ଭେ କି ତାଙ୍କୁ ଛାଡ଼ି ପାରି ।୭୧ ।
ବୋଲଇ ଅସମ୍ଭବ ବାଣୀ
କିମ୍ପା କହିଲ ଏହା ପୁଣି ।୭୨ ।
ତୁମ୍ଭ ତାଙ୍କର ଦେଖା ନାହିଁ
କେମନ୍ତେ ଭାରିଯା ଅଟଇ ।୭୩ ।
ସେ ଗ୍ରାମ ଦିନେ ଯାଇଛ
କିମ୍ପାଇ ଏ ଭାଷା କହୁଛ ।୭୪ ।
ବୋଇଲୁ ତୁମ୍ଭେ ଏବେ ଶୁଣ
ତୁମ୍ଭେଟି ଆମ୍ଭର ଜୀବନ ।୭୫ ।
ମାୟା ଦେହରେ ରହି ତୁହି
ପୂର୍ବ ହେତୁଟି ଛାଡୁ କହି ।୭୬ ।
ଜୀବଟି ସ୍ତିରୀ ଅଙ୍ଗ ଜାଣି
ପରମ ପୁରୁଷଟି ପୁଣି ।୭୭ ।
ଏ ଦୁହେଁ ଦେହରେ ଅଛନ୍ତି
ଅନୁକ୍ଷଣେ ଲୀଳା କରନ୍ତି ।୭୮ ।
ସଂସାରେ ସେହି ଦୁହେଁ ଜାଣ
ସ୍ତିରୀ ପୁରୁଷ ସେ ହୋଇଣ ।୭୯ ।
ତୁହିଟି ଜୀବ ଆତ୍ମା କହି
ମୁହିଁ ପରମ ଆତ୍ମା ହୋଇ ।୮୦ ।
ଏ ଘେନି ଭାରିଯା ମୋହର
ପୁତ୍ର ନିମନ୍ତେ ଚିନ୍ତା ତାର ।୮୧ ।
ଯେଣୁ ପୁତ୍ର ତାକୁ ନ ଦେଲି
ତେଣୁ ଭର୍ତ୍ସନା ମୁଁ ଶୁଣିଲି ।୮୨ ।
ଅବଶ୍ୟ ପୁତ୍ର ତାକୁ ଦେବି
ତା' ଚିନ୍ତା ଅବଶ୍ୟ ଫେଡ଼ିବି ।୮୩ ।
ତାହାର କୋପ ଶାନ୍ତି ହେଲେ
ବଳେ ଡକାଉ ନେବ ଭଲେ ।୮୪ ।
ବୋଇଲେ କେମନ୍ତେ ଡକାଇ
ଦେଦୁବା ଶୁଣିବା ନ କହି ।୮୫ ।
ଯେବେ ସେ ଡାକି ନେବ ଘର
ଯେତେ କହିଲ ଯେ ନିକର ।୮୬ ।
ତେବେ ମୁଁ ମନେ ପ୍ରତେ ଯାଇ
ତୁମ୍ଭଙ୍କୁ ମନୁଷ୍ୟ କେ କହି ।୮୭ ।
ବୋଇଲୁ ପନ୍ଦର ଦିନରେ
ଡକାଇ ନେବ ସେହୁ ଖରେ ।୮୮ ।
ଆମ୍ଭଙ୍କୁ ଛାଡ଼ିଲେ ସେ ମରି
ତାକୁ ଛାଡ଼ିଲେ ମୁଁ କି କରି ।୮୯ ।
ପନ୍ଦର ଦିନେ ସତ ପାଇ
ଯାଉଛି ଟାକିଥିବୁ ତୁହି ।୯୦ ।
ଏମନ୍ତେ ତାକୁ କହିଗଲି
ଚିତ୍ରକୁଟେ ଯାଇ ମିଳିଲି ।୯୧ ।
କହଇ ଅରକ୍ଷିତ ଦାସ
ଜୀବ ପରମକୁ ନିରାଶ ।୯୨ ।
ଆହେ ସୁଜନମାନେ କହି
ଜୀବଟି ମୋର ଭୟ ପାଇ ।୯୩ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଅଷ୍ଟପଞ୍ଚାଶତୋଽଧ୍ୟାୟଃ ।

--- ୦ ---

# ଉନଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ମୋ ମନେ ବଡ ଚିନ୍ତା ହୋଇ । ୧ ।
ଭାରିଜା ହୋଇ ଗାଳଦେଲା
କିମ୍ବା ସେ ମୋତେ କୋପ କଲା । ୨ ।
ତୁମ୍ଭେ ତ ସର୍ବ ଘଟେ ଅଛ
ଯୁଗଳ ରୂପରେ ଖେଳୁଛ । ୩ ।
ସ୍ତିରୀ ପୁରୁଷ ତୁମ୍ଭେ ହୋଇ
ଖେଳୁଛ ତିନି ଆଉ ନାହିଁ । ୪ ।
ଏକା ଅଙ୍ଗଟି ଦୁହେଁ ଜାଣ
ଲକ୍ଷ୍ମୀ ନାରାୟଣଟି ପୁଣ । ୫ ।
ସଂସାରେ ଯେତେ ସ୍ତିରୀଛନ୍ତି
ଲକ୍ଷ୍ମୀଟି ସର୍ବେ ଯେ ଅଟନ୍ତି । ୬ ।
ସଂସାରେ ଯେତେଟି ପୁରୁଷ
ନାରାୟଣ ବୋଲି ଅବଶ୍ୟ । ୭ ।
ଏ ଘେନି ଭାରିଯା ସେ ମୋର
ଏକଥା ବୁଝ ହେ ସତ୍ୟର । ୮ ।
ଦେଖ ପ୍ରଭୁଙ୍କ ଦୟା ହୋଇ
ତା ମନ ଉଛନ୍ନ କରାଇ । ୯ ।
ଗେରସ୍ତକୁ ତାର କହିଲା
ଚିତ୍ରକୂଟ ଯାଅ ବୋଇଲା । ୧ ୦ ।
ସେତ ଆମ୍ଭ ଚିନ୍ତା ଫେଡ଼ିବେ
ଆମ୍ଭକୁ ପୁତ୍ର ସେହୁ ଦେବେ । ୧ ୧ ।
ନୋହିଲେ କାହା ହାତେ ନାହିଁ
ଆମ୍ଭ ଦୁଃଖ ଫେଡ଼ିବେ ସେହି । ୧ ୨ ।
କହି ଘରକୁ ଘେନିଆସ
ମୁହିଁ ଜଣାଇ ତାଙ୍କ ପାଶ । ୧ ୩ ।
ତା ଶୁଣି ଗେରସ୍ତ ବୋଲଇ
ଭୟେ କେ ତାଙ୍କ ଆଗେ କହି । ୧ ୪ ।
ତାଙ୍କ ଆଗରେ ମୁଁ ରହିଣ
ବଚନ ନ ଫିଟିବ ପୁଣ । ୧ ୫ ।
ବୋଇଲେ ତାଙ୍କ ପାଶେ ଯେହି
ବିଶ୍ୱାସୀ ଲୋକେ ଥିବ କହି । ୧ ୬ ।
ତାଙ୍କ ଆଗରେ ସେ କହିବ
ଜଣାଇ ଘେନିଣ ଆସିବ । ୧ ୭ ।
ତୁମ୍ଭଙ୍କୁ ଦେଖିଲେଟି ସେହି
ବେଳେ ପଚାରିବେଟି କହି । ୧ ୮ ।
ଅନ୍ତର୍ଯ୍ୟାମୀ ପୁରୁଷ ଜାଣ
ଯାହା ମୁଁ ସ୍ୱପନେ ଦେଖିଣ । ୧ ୯ ।
ଭୟ ନ କରି ଜଣାଇବ
ଡାକି ଆସିଛି ଯେ କହିବ । ୨ ୦ ।
ଶୁଣିଲେ ଅବଶ୍ୟ ଆସିବେ
ନାସ୍ତିତ କେବେ ନ କରିବେ । ୨ ୧ ।
ଡାକିଲେ ଅବଶ୍ୟ ଆସନ୍ତି
ବ୍ରହ୍ମ ଚାଣ୍ଡାଳ ଘରେ ଯାନ୍ତି । ୨ ୨ ।

ଏମନ୍ତ ଶୁଣି ଅଛି ମୁହିଁ
ଶୀଘ୍ର ତାଙ୍କୁ ଆଣ ଏଠାଇ ।୨୩।
ଏମନ୍ତ ଶୁଣି ତା ଗେରସ୍ତ
ଚିତ୍ରକୂଟ ଗଲା ତ୍ୱରିତ ।୨୪।
ଆମ୍ଭଙ୍କୁ ଏକାନ୍ତେ ଭେଟିଲା
ସବୁ କଥାଟି ସେ କହିଲା ।୨୫।
ବୋଇଲୁ କାଲି ଯେ ରାତ୍ରରେ
ଯାଅ ହୋ ଯିବୁ ତୁମ୍ଭ ଘରେ ।୨୬।
ତା ଶୁଣି ବେଗେ ଚଳିଗଲା
ଏଥି ଉତ୍ତାରୁ ଶୁଣ ଭଲା ।୨୭।
ସେଦିନ ଚିତ୍ରକୂଟେ ରହି
ଆରଦିନ ରାତ୍ରରେ ଯାଇଁ ।୨୮।
ଜଗି ବସିଣ ସେହୁ ଥିଲେ
କବାଟ ଫେଡ଼ି ଘେନିଗଲେ ।୨୯।
ଆସନ ପଡ଼ିଛି ଦେଖିଲୁ
ଯାଇଣ ତହିଁରେ ବସିଲୁ ।୩୦।
ଦର୍ଶନ କରି ସେହୁ ଗଲା
ସାରିବା ପାଇଁ ସେ ଆଣିଲା ।୩୧।
ସାରିଣ ଆସନରେ ଶୋଇ
ତାର ଭାରିଯାକୁ ସେ କହି ।୩୨।
ବୋଇଲା ଦର୍ଶନ କରିଣ
ପାଦ ମଞ୍ଚାଳି ଜଣା ପୁଣ ।୩୩।
ଆମ୍ଭ ଦୁଃଖଟି ଜଣାଇବ
ଆଜ୍ଞା ହେଲେ ତେବେ ଆସିବ ।୩୪।
ଏମନ୍ତ କହି ସେହୁ ଗଲା
ସେ ଆସି ଦର୍ଶନ ଯେ କଲା ।୩୫।
ପାଦ ମଞ୍ଚାଳି ସେ ବସଇ
ମୋ ମନେ କଥାଏ ପାଞ୍ଚଇ ।୩୬।
ସେ ଦିନ କୋପ କରି ଆସି
ଏବେ ପାଦ ମଞ୍ଚାଳେ ବସି ।୩୭।
ଗାଧୁଆ ପାଣି ନ ଖାଇଲା
ଏବେ ଅଇଁଠା ସେ ଭକ୍ଷିଲା ।୩୮।
ଦୂର କଲେ କି ଦୁର ହୋଇ
ସେ ଜୀବ ପରମଟି ମୁହିଁ ।୩୯।
ଏକ ଆତ୍ମାଟି ଦୁଇ ଜାଣ
ସ୍ତିରୀ ପୁରୁଷ ବୋଲି ପୁଣ ।୪୦।
କୋପ ତ ମୋତେ ହୋଇଥିଲା
ଏବେ ତ କିସ କହି ଭଲା ।୪୧।
ବିଛେହେଁ ନିଦ୍ରା ଯାଇଥିବି
କିସ କହିବ ମୁଁ ପୁଣିବି ।୪୨।
ଏମତ ପାଞ୍ଚି ମିଛେ ଶୋଇ
ସେତ କହଇ ମୁଁ ଶୁଣଇ ।୪୩।
ମୋତେ ନିର୍ଦ୍ଦୟା ଯେ କରୁଛ
କିମ୍ପାଇ ନିଦ୍ରାରେ ଶୋଉଛ ।୪୪।
ମୁହିଁ ତ ସଦା ଅପରାଧୀ
ତୁମ୍ଭେ ତ କରୁଣା ବାରିଧି ।୪୫।
ମୋ ଦୁଃଖ ନ ଶୁଣିବା ପାଇଁ
ଶୋଇଲ ଏବେ ତୁନୀ ହୋଇ ।୪୬।

ନିଦ୍ରା ଭାଙ୍ଗିଲେ ତୁମ୍ଭେ ଯିବ
ଆଉ କି ଏଠାକୁ ଆସିବ ।୪୭ ।
କିଃ ଦୁଃଖ ଜଣାଇବି ମୁହିଁ
ନିର୍ଦ୍ଦୟା କରୁଛ କିମ୍ପାଇ ।୪୮ ।
ବୋଇଲୁ ନିଦ୍ରା ନାହିଁ ଶୁଣ
କି ଦୁଃଖ କହ ଏବେ ପୁଣ ।୪୯ ।
ଆମ୍ଭ ନିର୍ଦ୍ଦୟା ତୋରେ ନାହିଁ
ମୋତେ ନିର୍ଦ୍ଦୟା ତୋରେ କହି ।୫୦ ।
ବୋଇଲେ କିମ୍ପା ଆଜ୍ଞା କରି
ସର୍ବଦା ଦାସୀ ମୁଁ ତୁମ୍ଭର ।୫୧ ।
ମୋ ଦୋଷ ନ ଘେନିବ କହି
କଥାଏ ମାଗୁଅଛି ମୁହିଁ ।୫୨ ।
ପୁତ୍ର ନିମନ୍ତେ ଚିନ୍ତା ମୋର
ମୋ ଚିନ୍ତା ଫେଡ଼ିବ ନିକର ।୫୩।
ତୁମ୍ଭେ ତ ଅନ୍ତର୍ଯ୍ୟାମୀ ଶୁଣ
ସ୍ତିରୀଙ୍କ କଥା କି ନ ଜାଣ ।୫୪ ।
ତୁମ୍ଭର ଆଜ୍ଞା ଯେବେ ହୋଇ
ତେବେ ମୁଁ ପୁତ୍ର ପାଇବଇଁ ।୫୫ ।
ନୋହିଲେ ମରିବି ନିକର
ରଖିଲେ ଦିଅ ହେ କୁମର ।୫୬ ।
ମୋ ଠାରେ ଦୟା ଯେବେ ଅଛି
ଦିଅ ହେ ଆଜ୍ଞା ମୁଁ କହୁଛି ।୫୭ ।
ମୁହିଁ ତ ଜାଣିଛି ମନରେ
ଦୟା ତ ଅଛି ମୋର ଠାରେ ।୫୮ ।
ନୋହିଲେ କିମ୍ପା ବିଜେ ହନ୍ତା
ଦୟା ଯେବେ ମୋରେ ନଥାନ୍ତା ।୫୯ ।
ମୋ ଚିନ୍ତା ଫେଡ଼ିବାର ପାଇଁ
ଆସିଛ ମୁହିଁ ଜାଣିଛଇଁ ।୬୦ ।
ଏବେ ତ ଆଜ୍ଞା ମୋତେ ଦିଅ
ମୋ ମନୁ ସଂଶୟ ଫିଟାଅ ।୬୧ ।
ତାଙ୍କ ବଚନ ମୁହିଁ ଶୁଣି
ଏବେ ତୁ ଚିନ୍ତା ଛାଡ଼ ପୁଣି ।୬୨ ।
କହଇ ଅରକ୍ଷିତ ଦାସ
ତୁହିଟି ମୋହର ବିଶ୍ୱାସ ।୬୩।
ଆହେ ସୁଜନମାନେ ଶୁଣ
ଜୀବ ପରମକୁ ଭାବିଣ ।୬୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଊନଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଷଷ୍ଠିତମ ଅଧ୍ୟାୟ

ଏବେ ତୁ ଶୁଣ ମୋ ବଚନ
ତୋ ଚିନ୍ତା ଫେଡ଼ିବି ବହନ । ୧ ।
ପୁତ୍ର ନିମନ୍ତେ ଚିନ୍ତା ତୋର
ଆମ୍ଭେ ତ ଜାଣିଛୁ ନିକର । ୨ ।
ପ୍ରଭୁଙ୍କ ଠାରେ ମୁଁ ଜଣାଇ
ଅବଶ୍ୟ ପୁତ୍ର ଦେବୁ କହି ।୩।
ପୁତ୍ର ନିମନ୍ତେ ଚିନ୍ତା କରି
ତେଣୁଟି ମୋତେ କୋପ ଭରି ।୪।
ତୁତ ଆମ୍ଭ ଜୀବନ ଶୁଣ
ମୁଁ ତୋର ନିଜ ପତି ଜାଣ ।୫।
ଯାକୁ ଟି ବିଭା ହୋଇଅଛୁ
ସେହିଟି ମୁହିଁ ନ ଜାଣୁଛୁ ।୬।
ମାୟାରେ ଜାଣି ନ ପାରୁଛୁ
ଭିନ୍ନା ଭିନ୍ନ କରି ମରୁଛୁ ।୭।
ତୋ ଦେହେଁ ମୁହିଁ ଅଛି ଜାଣ
ମୋ ଦେହେ ତୁହି ଅଛୁ ପୁଣ ।୮।
ଜୀବଟି ସିନା ଅଟୁ ତୁହି
ମୁହିଁଟି ପରମ ଅଟଇ । ୯ ।
ସର୍ବ ଦେହେ ଜୀବ ପରମ
ବିହାର କରୁଛନ୍ତି ପୁଣ । ୧ ୦ ।
ଏ ଦୁହେଁ ଯେବେ ଛାଡ଼ିଯାନ୍ତି
ମଲା ବୋଲି ସର୍ବେ କହନ୍ତି । ୧ ୧ ।
ଭୁହି ମୁହଁଟି ସର୍ବେ ଦେହେ
ନାଶା ଦୁଇ ପୁଡ଼ାରେ ବହେ । ୧ ୨ ।
ବାମ ପୁଡ଼ାଟି ତୁହି ଜାଣ
ଡାହାଣ ପୁଡ଼ା ମୁହିଁ ପୁଣ । ୧୩।
ସଂସାରେ ଯେତେ ସ୍ତିରୀ ହୋଇ
ଗୋଟିଏ ସ୍ତିରୀ ଜାଣ କହି । ୧ ୪ ।
ସଂସାରେ ଯେତେକ ପୁରୁଷ
ଗୋଟିଏ ଜାଣି ମୁଁ ଅବଶ୍ୟ । ୧ ୫ ।
ପ୍ରକୃତି ଦେହରେ ଅଛନ୍ତି
ଭିନ୍ନା ଭିନ୍ନ କରି ମରନ୍ତି । ୧ ୬ ।
ଏମନ୍ତ ତାଙ୍କ ସଙ୍ଗ କରି
ମରେ ପୂର୍ବ କଥା ପାଶୋରି । ୧ ୭ ।
ମାୟାରେ ପଡ଼ି ଭିନ୍ନ ମଣି
ଆଉ କଥାଏ ଶୁଣ ପୁଣି । ୧ ୮ ।
ଯେ ଦିନ ସ୍ନାନକୁ ମୁଁ ଗଲି
କୁଅ ଭିତରେ ଗାଧୋଇଲି । ୧ ୯ ।
ତୁମ୍ଭେ ତ ପାଣି ନେବା ପାଇଁ
ଯାଇ ଯେ ଥିଲ ମୁଁ କହଇ । ୨ ୦ ।
ତୁମ୍ଭଙ୍କୁ ଦେଖି ମୁହିଁ ଯାନ୍ତେ

ପଛରେ ଗାଳି ଦେଲ ମୋତେ ।୨୧ ।
ତୁମ୍ଭ ଗାଳି ଦେବାର ଶୁଣି
ଜଣେ ଆମ୍ଭଙ୍କୁ କହେ ପୁଣି ।୨୨ ।
ତା ଶୁଣି ଚିନ୍ତା ମୁହିଁ କଲି
କିମ୍ପା ମୁଁ ଗାଳି ଯେ ଶୁଣିଲି ।୨୩ ।
ବୋଇଲା ଭାରିଯା ମୋ ସେହି
କିମ୍ପା କ୍ରୋଧରେ ଗାଳି ଦେଇ ।୨୪ ।
ତା କଥା ନ ବୁଝିଲି ଯେଣୁ
ଦେଖି ଗାଳି ଦେଲାଟି ତେଣୁ ।୨୫ ।
ଚା ଚିନ୍ତା ଫେଡ଼ିବି ନିକର
ବଳେ ଡକାଇ ନେବି ଘର ।୨୬ ।
ଭିନ୍ନ କଲେ କି ଭିନ୍ନ ହୋଇ
କ୍ଷୀରରେ ନୀର ଯେ ପୁରାଇ ।୨୭ ।
ତୁମ୍ଭର କ୍ରୋଧ ଶାନ୍ତି ହ୍ୱନ୍ତେ
ଡକାଇ ଆଣିଲୁ ଯେ ମୋତେ ।୨୮ ।
ବୋଇଲା ସତ୍ୟ ଏ ପ୍ରମାଣ
ଗାଳି ଦେଇ ଆସିଲି ପୁଣ ।୨୯ ।
ଗାଳି ଦେବାରୁ ଦିନେ ଯାଇଁ
ଆର ଦିନେ ସ୍ୱପନେ କହି ।୩୦ ।
ବୋଇଲା କିମ୍ପା ଗାଳି ଦେଲ
ମୋତେ କି ଚିହ୍ନି ନ ପାରିଲା ।୩୧ ।
ନର ଦେହରେ ତୁହି ଥାଇ
କିମ୍ପା ତୁ ଭିନ୍ନ କରୁ କହି ।୩୨ ।
ପୁତ୍ର ନିମନ୍ତେ ଚିନ୍ତା କରି
ତେଣୁଟି ମୋତେ କୋପ ଭରି ।୩୩ ।
ଅବଶ୍ୟ ତୁମ୍ଭ କଥା ମୁହିଁ
ବୁଝିବି ଚିନ୍ତା ଛାଡ଼ ତୁହି ।୩୪ ।
ଏମନ୍ତେ ସପନରେ ଜାଣ
କହି ହେ ଯାଇଥିଲ ପୁଣ ।୩୫ ।
ସେଦିନୁ ମନ ମୋ ଉଛନ୍ନ
କେମନ୍ତେ କରିବି ଦର୍ଶନ ।୩୬ ।
କେ ଆଣି ମୋତେ ଭେଟାଇବ
ସତେ କି ପ୍ରଭୁ ଦୟା ହେବ ।୩୭ ।
ମୋ ଚିତ୍ତ ହରି ନେଲେ ସେହି
କା ଆଗେ କହିବଟି ମୁହିଁ ।୩୮ ।
ଏମନ୍ତେ ମନେ ମୁଁ ପାଞ୍ଚିଣ
ଗେରସ୍ତଙ୍କୁ ସବୁ କହିଣ ।୩୯ ।
ତାଙ୍କୁ ପେଷିଣ ଆପଣଙ୍କୁ
ଡକାଇ ଭେଟିଲି ତୁମ୍ଭଙ୍କୁ ।୪୦ ।
ଆମ୍ଭେ ତ ସ୍ତିରୀ ମୁଢ଼ ଜନ
ତୁମ୍ଭଙ୍କୁ ଚିହ୍ନିବୁ କେସନ ।୪୧ ।
ବେଦ ପୁରାଣ ଯେ ନ ଶୁଣୁ
ସ୍ତିରୀ କୂଳରେ ଜନ୍ମ ଯେଣୁ ।୪୨ ।
ଯେତେ କଥା ପୁଣିଲି ଆଜ
ତୁମ୍ଭେ ତ ଅଟ ଦେବରାଜ ।୪୩ ।
ମନୁଷ୍ୟ ଦେହ ବହି ଜାଣ

କେ କହି ପାରେ ଏ ବଚନ ।୪୪ ।
ଆପଣଙ୍କୁ ମନୁଷ୍ୟ କରି
ବୋଲନ୍ତି ଚିହ୍ନିଣ ନ ପାରି ।୪୫ ।
ମୁହିଁ ଜାଣିଲି ପ୍ରଭୁ ଏହି
ଗର୍ବ କଲେଟି ନ ସହଇ ।୪୬ ।
ଗର୍ବ କରିଣ ଗାଳି ଦେଲି
ଏତେ ଅପ୍ରାଧ ମୁଁ ଅର୍ଜିଲି ।୪୭ ।
ଏବେ ଅପ୍ରାଧ କ୍ଷମା କର
ମୋ ଦୋଷ ବାରେ ଯେ ନ ଧର ।୪୮ ।
ବୋଇଲି ମେଲାଣି ତୁ ହୁଅ
ଦୟା ଆମ୍ଭର ସୁଖେ ଥାଅ ।୪୯ ।
ଏବେ ମୁଁ ଯାଉଅଛି ଶୁଣ
ତୁମ୍ଭେ ତ ଆମ୍ଭର ଜୀବନ ।୫୦ ।
ଏମନ୍ତ ଆମ୍ଭ ମୁଖୁ ଶୁଣି
ଦର୍ଶନ ଦେଉଥିବ ପୁଣି ।୫୧ ।
ଦି ମାସେ ତିନିମାସେ କହି
ଦର୍ଶନ ହେବ ମୁଁ ଜାଣଇ ।୫୨ ।
ବୋଇଲୁ ଚିତ୍ରକୂଟେ ଥିଲେ
ଦର୍ଶନ ପାଇବ ଯେ ଭଲେ ।୫୩।
ନୋହିଲେ ଦେଖିବଟି କାହିଁ
ଭାବିଲେ ସ୍ୱପ୍ନେ ଦେଖ ତୁହି ।୫୪ ।
ଏମନ୍ତ ଶୁଣିଲାକ ଯହୁଁ
ମେଲାଣି ମାଗିଲୋ ତହୁଁ ।୫୫ ।
ମେଲାଣି ମାଗି ସେହୁ ଯାଇ
ଆମ୍ଭେ ଆଇଲୁ ପଥ ବାହି ।୫୬।
କହଇ ଅରକ୍ଷିତ ଦାସ
ଚିତ୍ରକୂଟେ ହେଲୁ ପ୍ରବେଶ ।୫୭
ଆହେ ସୁଜନ ତୁମ୍ଭେ ଶୁଣ
ଜୀବ ପରମ ବିଚାରଣ ।୫୮ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଏକଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଚିତ୍ରକୂଟରୁ ମୁହିଁ ଯାଇ ।୧ ।
ଯାହାକୁ ପନ୍ଦର ଦିନକୁ
କଷ୍ଟ ମୁଁ କରିଥିଲି ତାକୁ ।୨ ।
ଯାଇଁ ମୁଁ ତାହାଙ୍କୁ ଯେ କହି
ଶୁଣ ତୁ ସାବଧାନ ହୋଇ ।୩।
ଯେ ଗାଳି ଦେଇଥିଲା ପୁଣ
ଡକାଇ ଥିଲା ଗଲୁ ଜାଣ ।୪ ।
ରାତ୍ରକ ରହିଣ ଆସିଲୁ
ପ୍ରତ୍ୟେକ ଏବେ ତୁହି ଗଲୁ ।୫ ।
ବୋଇଲେ କାଲିଠାରୁ ମୁହିଁ
ଶୁଣିଣ ମନେ ମୁଁ ଭାଳଇ ।୬ ।
ଯାହା ତ କହିଥିଲେ ମୋତେ
ପ୍ରତ୍ୟକ୍ଷ ଯାଣିଲି ମୁଁ ଚିତ୍ତେ ।୭ ।
ଆମ୍ଭେ ସର୍ବ ଅଜ୍ଞାନ ହୋଇ
ମନୁଷ୍ୟ ବୋଲି ତାଙ୍କୁ କହି ।୮ ।
ସେତ ଅନ୍ତର୍ଯ୍ୟାମୀ ପୁରୁଷ
କୋଇତଙ୍କ ଅନ୍ତଲେଶ ।୯ ।
ଏମନ୍ତ ଭାଳି ମୁଁ ରାତ୍ରରେ
ନିଦ୍ରାତ ନାହିଁ ନୟନରେ ।୧୦ ।
ଆପଣ କଥା ଗୁଣି ଗୁଣି
ରାତ୍ରପାହିଲା ମୁଁ ନ ଜାଣି ।୧୧ ।
ଏଠାରେ ପରତେ ହେବାରୁ
ପାଞ୍ଚ ମୁଁ ଆଣିଲି ଆଦ୍ୟରୁ ।୧୨ ।
ସେକଥାମାନ ମୁଁ ରଖିଛି
ପିଲାଟି ଦିନୁ ଶୁଣି ଅଛି ।୧୩।
ମୋତେ ଆଠ ବରଷ ଜାଣ
ତୁମ୍ଭେ ପରତେ ଏଥେ ପୁଣ ।୧୪ ।
ସେ ଦିନକୁ ଯେ ଆଜ କହି
ମୋତେ ସତର ବରଷଇଁ ।୧୫ ।
ନବ ବରଷ ହେଲା ଶୁଣ
ତୁମ୍ଭ କଥା ଦେଖି ଶୁଣିଣ ।୧୬।
କେତେ କଥାଏ ଶୁଣିଥିଲି
ଏ କଥା ପ୍ରତ୍ୟକ୍ଷ ପାଇଲି ।୧୭ ।
କେଉଁ ପୁରୁଷ ତୁମ୍ଭେ କହ
ମୋ ମନୁ ସଂଶୟ ଫିଟାଅ ।୧୮ ।
ଏମନ୍ତେ କହି ତୁନି ହୋଇ
ମୁହିଁ ବୋଇଲି ଶୁଣ କହି ।୧୯ ।
ସତର ବରଷ ଯେ ମୋତେ
ଏ ହେତୁ ପାଇଲୁ କେମନ୍ତେ ।୨୦ ।

ସ୍ୱଭାବେ ସ୍ତବ ଅଙ୍ଗ ବହି
ଅକ୍ଷର ଦେଖିବାକୁ ନାହିଁ ।୨୧ ।
ବେଦ ପୁରାଣ ନ ଶୁଣିଲୁ
ଏ ହେତୁ କାହୁଁ ତୁ ପାଇଲୁ ।୨୨ ।
ବେଦ ପୁରାଣ ଯେ ଶୁଣନ୍ତି
ହେତୁ ବଚନ ନ କହନ୍ତି ।୨୩ ।
ତୁ ଯେବେ ସ୍ତିରୀ ନୋହିଥାନ୍ତୁ
ଅବଶ୍ୟ ଆମେ ତୋତେ ନ୍ୟନ୍ତୁ ।୨୪ ।
ତୁମ୍ଭେତ କଥା ଯେ ପାଇଲେ
ଅବଶ୍ୟ ସାଧନ୍ତ ଯେ ଭଲେ ।୨୫ ।
ଆମ୍ଭେ ତ ଜାଣି ନ ସାଧିଛୁ
ପ୍ରଭୁ ମାୟାରେ ଭ୍ରମୁଅଛୁ ।୨୬ ।
ସେ ହରି ସର୍ବ ଘଟେ ଥାଇ
କା ହୃଦେ କେଉଁ ବୁଦ୍ଧି ଦେଇ ।୨୭ ।
ତୋ ହୃଦେ ହେତୁରେ ଅଛନ୍ତି
ଏହା ମୁଁ ଜାଣିଲି ଯେ ଚିନ୍ତି ।୨୮ ।
ଏକା ପୁରୁଷ ଦୁଇ ହୋଇ
ସର୍ବ ଘଟରେ ବିହରଇ ।୨୯ ।
ମୋତେ ଯେ ପଚାରିଲ ତୁମ୍ଭେ
କେଉଁ ପୁରୁଷ କହ ଏବେ ।୩୦ ।
ମୁହଁଟି ବ୍ରହ୍ମାଣ୍ଡେ ଘୋଟିଚି
ଜୀବେ ଅଜୀବେ ପୁରିଅଛି ।୩୧ ।
ତୋ ଦେହେ ଅଛି ମୁହିଁ ଜାଣ
ମୋ ଦେହେ ଅଛୁ ତୁହି ପୁଣ ।୩୨ ।
ଏକ ଅଙ୍ଗଟି ଭିନ୍ନ ନାହିଁ
ପ୍ରତ୍ୟକ୍ଷେ ବୁଝିଅଛୁ ତୁହି ।୩୩ ।
ତୁତ ଜୀବ ଆତ୍ମା ମୋହର
ମାଗ ହୋ ଦେବଇଁ ନିକର ।୩୪ ।
ଯେ ଇଚ୍ଛା ମାଗ ମନେ ତୁହି
ଦେବଇଁ ପ୍ରଭୁ ଆଗେ କହି ।୩୫ ।
ବୋଇଲେ ଶୁଣ ମୋର ବାଣୀ
ମୋତେ ସଙ୍ଗତେ ରଖ ପୁଣି ।୩୬ ।
ଏ ବିନୁ ଅନ୍ୟ ନ ମାଗଇ
କଥାଏ ଏବେ କର କହି ।୩୭ ।
ମୋତେ ମାରିଣ ପୋତାଇବ
ରାତ୍ରେ ଆସି ଉଠାଇ ନେବ ।୩୮ ।
ତେବେଟି ନିନ୍ଦା ନ କହିବେ
ମଲା ବୋଲି ସର୍ବେ କହିବେ ।୩୯ ।
ବୋଇଲୁ ଅବଶ୍ୟ ନିଅନ୍ତୁ
ଏ କଥା ଅବଶ୍ୟ କରନ୍ତୁ ।୪୦ ।
ତୁମ୍ଭ ମନରେ ପାଞ୍ଚ ଅଛ
ସଂସାରେ ଭୋଗକୁ ଇଚ୍ଛିଛ ।୪୧ ।
ସେ ଭୋଗ କରିବ ଯେ ଶୁଣ
ବିଭାଟି ହେବ ତୁମ୍ଭେ ପୁଣ ।୪୨ ।

ବାଳକୃଷ୍ଣ ବୋଲି ଜଣେ ହିଁ
ତାହାଙ୍କୁ ବିଭା ହେବୁ ତୁହି ।୪୩।
ସେହିଟି ମୁହିଁ ବୋଲି ଜାଣ
ତୁମ୍ଭଙ୍କୁ ବିଭାହେବି ପୁଣ ।୪୪ ।
ଏକା ପୁରୁଷ ସର୍ବ ଦେହେ
ଭିନ୍ନ କିମ୍ପା ମଣୁଛ କାୟେ ।୪୫ ।
ଏକା ସୂର୍ଯ୍ୟଟି ଦେଖ ତୁହି
ସପ୍ତ ବ୍ରହ୍ମାଣ୍ଡ ଘୋଟେ ସେହି ।୪୬ ।
ଏକ ଚନ୍ଦ୍ରମା ତେଜେ ପୁଣ
ବ୍ରହ୍ମାଣ୍ଡେ ଘୋଟି ଅଛି ଜାଣ ।୪୭ ।
ଏକା ପବନ ଦେଖ ତୁହି
ବ୍ରହ୍ମାଣ୍ଡେ ପୁରି ଅଛି ସେହି ।୪୮ ।
ଏକା ଜଳଟି ଘୋଟି ଅଛି
ଦେଖ ଏ ବ୍ରହ୍ମାଣ୍ଡେ ପୁରିଛି ।୪୯ ।
ଏକ ଅଗ୍ନିଟି ଦେଖ ତୁହି
ବ୍ରହ୍ମାଣ୍ଡେ ପୂରି ଅଛି ସେହି ।୫୦ ।
ପୃଥ୍ୱୀ ଆକାଶ ଦେଖ ପୁଣ
ବ୍ରହ୍ମାଣ୍ଡେ ଘୋଟିଅଛି ଜାଣ ।୫୧ ।
ଏକା ପୁରୁଷ ସର୍ବ ଦେହେ
ବେହାର କରୁଛି ମୁଁ କହେ ।୫୨ ।
ଛପନ କୋଟି ଜୀବ ଯେତେ
ଗୋଟିଏ ଜାଣିବୁ ସାକ୍ଷାତେ ।୫୩।
ଭିନ୍ନ କଳାକୁ ମରୁଛନ୍ତି
ଏକ ଆତ୍ମାଟି ନ ଜାଣନ୍ତି ।୫୪ ।
ଯେହ୍ନୁ ଏକ ଆତ୍ମା ମଣଇ
ତାହାର ଜନ୍ମ ଭାତ୍ୟୁ ନାହିଁ ।୫୫ ।
ମୁହିଁ ଏକ ଆତ୍ମା ନ ମଣି
ପ୍ରଭୁଙ୍କ ମାୟା ମୋତେ ପୁଣି ।୫୬ ।
ଯେବେ ପ୍ରଭୁଙ୍କ ଦୟା ହେବ
ପୁଣି ଯୁଗାନ୍ତେ ଏ ରହିବ ।୫୭ ।
ନୋହିଲେ ଦେହ ମୁଁ ଛାଡ଼ିବି
ନିଜ ସ୍ଥାନକୁ ମୋର ଯିବି ।୫୮ ।
ମୋ ସଙ୍ଗେ ସୁଖ ନାହିଁ ତୋତେ
ଭୋଗ ତୁ କର ଏ ଜଗତେ ।୫୯ ।
ଦିନ କେତେ ଭୋଗ କରିଣ
ଆସି ଭେଟିବ ମୋତେ ପୁଣ ।୬୦ ।
ମୋ ଅଙ୍ଗେ ଆସି ଲୀନ ହେବ
ମାୟା ପିଣ୍ଡଟି କ୍ଷୟ ଯିବ ।୬୧ ।
ମାୟା ଦେହରେ ସୁଖ ନାହିଁ
ଭୁଞ୍ଜି ତୁ କହୁଅଛି ମୁହିଁ ।୬୨ ।
ଦେହାନ୍ତେ ମୋର ପାଶେ ଆସ
ମେଲାଣି ହୋଇ ଯାଅ ବାସ ।୬୩
ତୁମ୍ଭ ଅମ୍ଭର ଭିନ୍ନ ନାହିଁ
ଏକା ଅଙ୍ଗଟି ଦୁହେଁ କହି ।୬୪ ।

ଏମନ୍ତ ଆମ୍ଭ ମୁଖୁ ଶୁଣି
ମେଲାଣି ହେଲା ତତକ୍ଷଣି ।୬୫ ।
ବୋଇଲା ତୁମ୍ଭର ମାୟାରେ
କେ ନ ଭୁଲିବ ଏ ସଂସାରେ ।୬୬ ।
ରହିଲି ଦୋଷ କ୍ଷମାକର
ଜନ୍ମେ ଜନ୍ମେ ଦାସୀ ତୁମ୍ଭର ।୬୭ ।
ଏମନ୍ତ କହି ସେହୁ ଯାଇ
ଚିତ୍ରକୂଟକୁ ଗଲି ମୁହିଁ ।୬୮ ।
ହେ ପ୍ରଭୁ ତେବେ ଦୟା ଥିଲା
ଏବେ କିମ୍ପା ନିର୍ଦ୍ଦୟା ହେଲା ।୬୯ ।
ମୋ ଚିତ୍ତେ କେବେ ଭିନ୍ନ ନାହିଁ
ପ୍ରକୃତି ସଙ୍ଗେ ମୁଁ ଭ୍ରମଇ ।୭୦ ।
ମୋର ଆୟତ୍ତ ହରୁଛନ୍ତି
ପ୍ରକୃତି ମାନେ ମନ୍ଦ ଚିନ୍ତି ।୭୧ ।
ତେଣୁ ବାୟା ବୋଲି ଡରିଲା
ମୋତେ ନ ଚିହ୍ନି ନ ପାରିଲା ।୭୨ ।
ପ୍ରଭୁ ନିର୍ଦ୍ଦୟା ମୋତେ ଶୁଣ
ନୋହିଲେ କିମ୍ପା ଡରେ ଜାଣ ।୭୩।
ହେ ପ୍ରଭୁ ନିର୍ଦ୍ଦୟା କିମ୍ପାଇ
ମୁତ ତୁମ୍ଭଙ୍କୁ ଛାଡ଼ିନାହିଁ ।୭୪ ।
ତୁମ୍ଭର ଭରସାରେ ଶୁଣ
ଗର୍ବ ମୁଁ ନ ସହଇ ଜାଣ ।୭୫ ।
ତୁମ୍ଭେତ ଏହି ଦେହେ ଥାଇ
ଗର୍ବତ କେବେ ସହ ନାହିଁ ।୭୬ ।
ମାଡ ଗାଳିହିଁ ସର୍ବ ସହ
ଗର୍ବ କଲେଟି ଯେ ନ ସହ ।୭୭ ।
କହୁଛି ଅରକ୍ଷିତ ଦାସ
ହେ ପ୍ରଭୁ ତା ଗର୍ବ ତୁ ଜାଣ ।୭୮ ।
ଆହେ ସୁଜନ ମାନେ କହେ
ଗର୍ବଟି କେବେ ହେଁ ନ ସଗେ ।୭୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଦ୍ୱିଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ କହ ଶୁଣ
ତୁମ୍ଭର ଦୟାରୁ ମୁଁ ଜାଣ ।୧ ।
ଗର୍ବଟି କେବେ ନ ସହଇ
ଯେ କରେ ତା ଗର୍ବ ଚୁରଇ ।୨ ।
ମୋ ଠାରେ ଗର୍ବ ଯେ କରନ୍ତି
ପ୍ରଭୁ ତା ଜାଣି ଯେ କଷନ୍ତି ।୩।
ଏମନ୍ତ ଏକ ସ୍ତିରୀ ଜାଣ
ଗର୍ବ କଲା କହିବା ଶୁଣ ।୪ ।
ଆମ୍ଭଙ୍କୁ ଗର୍ବେ ଗାଳି ଦେଇ
ଭାବଗ୍ରାହୀଙ୍କ ଘରେ କହି ।୫ ।
ବୋଇଲା ବୈଷ୍ଣବକୁ ତୁମ୍ଭେ
କିମ୍ପା ଗୋ ଦେଖା ଦିଅ ସର୍ବେ ।୬।
ବଡ଼ ଘରର ବୋହୂ ହୋଇ
ନ ଲୁଚି ଦେଖା ଦିଅ କହି ।୭ ।
ତାର ଜନମ କେଉଁଠାଇ
ପଳାଇ ଆସିଛି କିମ୍ପାଇ ।୮ ।
ତାକୁ ତ ତୁମ୍ଭେ ଦେଖାଦିଅ
ଲଜ୍ଜା ଶଙ୍କୋଚ ଦୂରେ ଥୁଅ ।୯ ।
ଏମନ୍ତେ ତାକୁ ଗାଳି ଦେଇ
ସେହୁ ବୋଇଲେ ଶୁଣ ତୁହି ।୧୦ ।
କିମ୍ପାଇ ଏଡ଼େ ଗର୍ବ ତୋର
ନ ବୁଝି ଗାଳି ଦେଉ ଛାର ।୧୧ ।
ଗର୍ବଟି କେବେ ନ ସହନ୍ତି
ଅନ୍ତର୍ଯ୍ୟାମୀ ସେହୁ ଅଟନ୍ତି ।୧୨ ।
ତୋ ଗାଳି ସେ ନିଶ୍ଚେ ଜାଣିବେ
ତୋହର ଗର୍ବ ବିନାଶିବେ ।୧୩।
ବଳେ ଡକାଇ ତୁ ଆଣିବୁ
ତାଙ୍କର ପାଦ ମଞ୍ଜାଳିବୁ ।୧୪ ।
ଏକଥା ଦୃଢ଼ କରି ଧର
ଆସିଲେ କହିବି ଛାମୁର ।୧୫ ।
ବୋଇଲେ ଦେହେ ପ୍ରାଣ ଥିଲେ
କେବେ ଗୋ ନ ଡକାଇ ଭଲେ ।୧୬।
ଏମନ୍ତ କହି ଗଲା ଶୁଣ
ଗଡକୁ ଦିନେ ଗଲି ଜାଣ ।୧୭ ।
ଭାବଗ୍ରାହୀଙ୍କ ଜାୟା ଦେଖି
ସମସ୍ତେ କହିଲେ ଉପେକ୍ଷି ।୧୮ ।
ମୁହିଁ ବୋଇଲି ତୁମ୍ଭେ ଶୁଣ
କିମ୍ପା ସେ ମୋତେ କୋପ ପୁଣ ।୧୯ ।
ସେତ ଆମ୍ଭ ଜୀବନ କହି
ବଳେ ଡକାଇ ନେବ ସେହି ।୨୦ ।

ତହିଁକି ଚିନ୍ତା ତୁ ନ କର
ତା ଗର୍ବ ବୁଝିବ ନିକର ।୨୧।
ତୁମ୍ଭ ଆଗରେ କହି ଯାଇଁ
ମଲେ ନ ଡକାଇବି ମୁହିଁ ।୨୨।
କେମନ୍ତେ ନ ଡକାଇ ପୁଣ
ବୁଝିବା କେଡ଼େ ଟାଣ ପଣ ।୨୩।
ସେ ତ ଜୀବ ପରମ ମୁହିଁ
ପ୍ରକୃତି ଗଣେ ଗର୍ବ ବହି ।୨୪।
ପ୍ରକୃତି ଗଣ ସଙ୍ଗେ ପଡ଼ି
ମୋତେ ପାଶୋରି ଅଛି ହୁଡ଼ି ।୨୫।
ବଳେ ଡକାଇ ନେବ ସେହି
ଦୂର କଲେ କି ଦୂର ହୋଇ ।୨୬।
ଏକ ଆତ୍ମାଟି ଦୁହେଁ ଜାଣ
କ୍ଷୀରରେ ନୀରଟି ଯେସନ ।୨୭।
ଏ କଥା ବୁଝ ତଥ୍ୟ କରି
ଦିନା କେତେ ଯାଉ ବାହାରି ।୨୮।
ଏମନ୍ତ କହି ତାଙ୍କୁ ମୁହିଁ
ଚିତ୍ରକୂଟକୁ ଗଲୁ କହି ।୨୯।
ଏମନେ୍ତ ଦିନା କେତେ ଯାଇ
ତା ମନ ଉଛନ ଯେ ହୋଇ ।୩୦।
ଦିନେ ବିଶ୍ୱାସୀ ଜଣେ ଦେଖି
ସମସ୍ତ କହିଲା ଉପେକ୍ଷି ।୩୧।

ବୋଇଲା ବାବାଜୀ କି ଆଣ
ଦର୍ଶନ କରିବି ମୁଁ ପୁଣ ।୩୨।
ଆମ୍ଭେ ଦୁଇ ପ୍ରାଣଟି ଥିବୁ
ରାତ୍ର ଅର୍ଦ୍ଧେ ଘେନି ଆସିବୁ ।୩୩।
ତୁମ୍ଭେ କହିଲେ ଯେ ଆସିବେ
ନାସ୍ତିତ କେବେ ନ କରିବେ ।୩୪
ମୋ ଚିତ୍ତ ହରି ନେଲେ ସେହି
ତୁମ୍ଭେ ଭେଟ କରାଅ କହି ।୩୫।
ତୁମ୍ଭ ପ୍ରସନେ ମୁହିଁ ଜାଣ
ପାଇବି ତାଙ୍କ ଦରଶନ ।୩୬।
କାଲି ରାତ୍ରେ ଯେବେ ଆଣିବ
ଜାଣିବି ତୁମ୍ଭ ତାଙ୍କ ଭାବ ।୩୭।
ନୋହିଲେ ତୁମ୍ଭଠାରେ ସେହି
ବିଶ୍ୱାସ ତାଙ୍କ କେବେ ନାହିଁ ।୩୮।
ଏମନ୍ତ ତାଙ୍କ ଭାଷା ଶୁଣି
କାଲି ଆଣିବି ଥାଅ ଜାଣି ।୩୯।
ସେଠାରେ ଜବାବ ଦେଇଣ
କେହି ଆମ୍ଭଙ୍କୁ ନେଲେ ପୁଣ ।୪୦।
ଘର ଭିତରକୁ ଯେ ଗଲୁ
ଆସନ ଉପରେ ବସିଲୁ ।୪୧।
ସେ ଆସି ଦର୍ଶନ ଯେ କଲା
ପାଦ ମଞ୍ଜାଳି ସେ ବସିଲା ।୪୨।

ବୋଇଲା ପଶିଲି ଶରଣ
ଆମ୍ଭେତ ଅପରାଧୀ ଜନ ।୪୩।
ତୁମ୍ଭଙ୍କୁ ଚିହ୍ନି ଯେ ପାରିବ
ଆମ୍ଭଠାରେ ଦୟା ଯେ ଥିବ ।୪୪।
ମୋ ଠାରେ କୋପ ଯେ ବହିଛ
ଫେଡ଼ ବଚନ ନ କହୁଛ ।୪୫।
ମୁହଁଟି ସଦା ଦୋଷକାରୀ
ଜନ୍ମେ ଜନ୍ମେ ଯେ ପରିଚାରୀ ।୪୬।
ଏତେ ଦିନେଟି ଦୟା କଲ
ଦର୍ଶନ ଆଜ ତୁମ୍ଭେ ଦେଲ ।୪୭।
ବହୁତ ଦିନୁ ଇଚ୍ଛା ହୋଇ
ଦର୍ଶନ କରିବାର ପାଇଁ ।୪୮।
ରାତ୍ର ଦିବସ ଭାଳେ ପୁଣ
କେ ଆଣି ଭେଟାଇବ ଜାଣ ।୪୯।
ଏମନ୍ତେ ଭାଳି ଭାଳି ମୁହିଁ
ଗୋପବନ୍ଧୁଙ୍କୁ ମୁଁ ଯେ କହି ।୫୦।
ତାଙ୍କ ବଚନେ ଯେ ଆସିଛ
ମୋ ଠାରେ କୋପ ଯେ ବହିଛ ।୫୧।
ବୋଇଲୁ କୋପ ନାହିଁ ଶୁଣ
ତୁମ୍ଭେଟି ଆମ୍ଭର ଜୀବନ ।୫୨।
ତୁମ୍ଭେଟି ଆମ୍ଭରେ ନିରାଶ
କହଇ ଅରକ୍ଷିତ ଦାସ ।୫୩।
ଆହେ ସୁଜନମାନେ କହି
ଗର୍ବ ଗଞ୍ଜନ ଭାବ ଗ୍ରାହୀ ।୫୪।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱିଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ତ୍ରିଷଷ୍ଠିତମ ଅଧ୍ୟାୟ

ବୋଇଲୁ ଶୁଣ ଏବେ ତୁହି
ତୁତ ଜୀବ ପରମ ମୁହିଁ ।୧ ।
ମାୟା ଦେହରେ ତୁ ରହିଣ
ଆମ୍ଭଙ୍କୁ କିମ୍ପା ଛାଡୁ ପୁଣ ।୨ ।
ତୁହି ମୁହିଁଟି ଦୁଇ ହୋଇ
ସର୍ବ ଘଟକୁ ଧରିଛଇଁ ।୩ ।
ଆମ୍ଭେ ଦୁହେଁଟି ଛାଡ଼ିଗଲେ
ଏ ଦେହ ନାଶ ଯାଇ ଭଲେ ।୪ ।
ଏକା ପୁରୁଷ ଦୁହେଁ ହୋଇ
ସଂସାରେ ଲୀଳା କରୁଛଇଁ ।୫ ।
ବିଭାଟି ହୋଇ ଅଛୁ ଯାକୁ
ସେହିଟି ମୁହିଁଜାଣ ତାକୁ ।୬ ।
ଏକ ଆତ୍ମାଟି ସର୍ବ ଦେହେ
ଭିନ୍ନଟି କେବେ ହେଁ ନ କହେ ।୭ ।
ତୁମ୍ଭେଟି ଭିନ୍ନ କରି ଚିତ୍ତେ
କିମ୍ପା ଗାଳି ଦେଲଟି ମୋତେ ।୮ ।
ଭିନ୍ନ କି କଲେ ଭିନ୍ନ ହୋଇ
ବଳେ ଡାକି ଆଣିଲୁ କହି ।୯ ।
ବୋଇଲା ସତ୍ୟ ଏହୁ ବାଣୀ
ନଚିହ୍ନି ଗାଳି ଦେଲି ପୁଣି ।୧୦ ।
ଆମ୍ଭେ ତ ସ୍ତିରୀ ମୁର୍ଖ ଜନ
ତୁମ୍ଭଙ୍କୁ ଚିହ୍ନିବୁ କେସନ ।୧୧ ।
ଗାଳି ଦେଇଣ ମୁଁ ଅଇଲି
ତୁମ୍ଭଙ୍କୁ ସପନେ ଦେଖିଲି ।୧୨ ।
ବୋଇଲେ କିମ୍ପା ଗାଳି ଦେଲ
ମୋତେ କି ଚିହ୍ନି ନ ପାରିଲ ।୧୩ ।
ତୁ ମୋର ନିଜ ପତ୍ନୀ କହି
ନ ଚିହ୍ନି କିମ୍ପା ଗାଳି ଦେଇ ।୧୪ ।
ଆମ୍ଭର କୋପ ହେଲେ ଶୁଣ
ତୋ ଦେହୁ ଛାଡ଼ି ଯିବୁ ପୁଣ ।୧୫ ।
ଏକାକୀ ଦେହ ରଖି ପାରୁ
କିମ୍ପା ଅଜ୍ଞାନ ହୋଇ ମରୁ ।୧୬
ଆମର ଦୟା ତୁମ ତହିଁ
କୋତେ ନିର୍ଦ୍ଦୟା ତୋ କିମ୍ପାଇଁ ।୧୭ ।
ଏମନ୍ତେ ସ୍ୱପନେ କହିଲ
ସେ ଦିନୁମନ ମୋ ହରିଲ ।୧୮ ।
ସେ ଦିନୁ ମନ ଉଚ୍ଛନ୍ନ ହିଁ
ସାକ୍ଷାତେ ଭେଟ ହେବା ପାଇଁ ।୧୯ ।
ଗୋପବନ୍ଧୁଙ୍କୁ ପଠାଇଲି
ଡକାଇ ତୁମ୍ଭଙ୍କୁ ଭେଟିଲି ।୨୦ ।
ମୋ ଠାରେ ଦୟା ଥିଲା ଯେଣୁ
ଆପଣେ ବିଜେ କଲେ ତେଣୁ ।୨୧ ।
ନିର୍ଦ୍ଦୟା ଥିଲେ ମୋର ତହିଁ
କିମ୍ପା ଆସନ୍ତ ମୁଁ କହଇ ।୨୨ ।
ଦୟାଶୀଳଟି ଅଟ ତୁମ୍ଭେ
ଜାଣିଲି ସ୍ୱପନର ଭାବେ ।୨୩ ।
ଏମନ୍ତେ କହନ୍ତେଣ ସେହୁ
ବୋଇଲୁ ଏବେ ଆମେ ଯାଉ ।୨୪ ।
ଶୁଣିଣ ମେଲାଣି ହୁଅଇ
ସେଠାରୁ ଆସୁ ଏବେ କହି ।୨୫ ।

ଭାବଗ୍ରାହୀ ଘରେ ମିଳିଲୁ
ଡକାଇ ତାହାକୁ କହିଲୁ ।୨୬।
ବୋଇଲୁ ଏବେ ତୁମ୍ଭେ ଶୁଣ
ଯେ ଗାଳି ଦେଇଥିଲା ପୁଣ ।୨୭।
ଗୋପବନ୍ଧୁଙ୍କୁ ପଠିଆଇ
ଆମ୍ଭଙ୍କୁ ଡକାଇ ସେ ନେଇ ।୨୮।
ରାତ୍ରେଟି ରହିଣ ଆସିଲୁ
ପ୍ରତ୍ୟକ୍ଷ ଏବେ ଯେ ପାଇଲୁ ।୨୯।
ବୋଇଲେ ଆପଣଙ୍କ ଠାରେ
ଗର୍ବ କରିବେ ଦେହ ଧରେ ।୩୦।
ତୁମ୍ଭଙ୍କୁ ମନୁଷ୍ୟ ବୋଲିଣ
ବୋଲୁ ଯେ ଥାଉ ମୁର୍ଖ ପଣ ।୩୧।
ତୁମ୍ଭଙ୍କୁ କେ ଚିହ୍ନି ପାରଇ
ଆମ୍ଭେ ସର୍ବେଟି ଅଜ୍ଞାନ ହିଁ ।୩୨।
ନଜାଣି ଗର୍ବ ଯେ କରୁଛୁ
ତୁମ୍ଭରେ ଅପ୍ରାଧ ଅର୍ଜୁଛୁ ।୩୩।
ଏମନ୍ତେ କହି ସେହୁ ଗଲେ
ଆମ୍ଭେ ଲେଉଟି ଆସୁ ଭଲେ ।୩୪।
ଆମ୍ଭ ପାଶରୁ ସେହୁ ଯାଇ
ତାହାକୁ ଡକାଇ ଅଣାଇ ।୩୫।
ବୋଇଲେ ଆଜ ରାତ୍ରେ ଶୁଣ
କା ସଙ୍ଗେ କଥା ହେଲା ପୁଣ ।୩୬।
ଜୀବନ ଥିଲେ ତୁମ୍ଭେ କହି
କେବେ ଗୋ ନ ଡକାଏ ମୁହିଁ ।୩୭।
ଏବେ ତାଙ୍କ ପାଦ ଧଇଲୁ
ପୁଣି ଅଇଁଠା ଯେ ଖାଇଲୁ ।୩୮।
ବଡ଼ ଘରର ବୋହୂ ହୋଇ
ନଲୁଚି ଦେଖା ଦେଲ ତୁହି ।୩୯।
କିମ୍ପାଇଁ ଏଡ଼େ କର୍ମ କଲୁ
ଟାଣ ପଣ କାହିଁ ରଖିଲୁ ।୪୦।
ଆମ୍ଭଙ୍କୁ ଗାଳି ଦେଇ ତୁହି
ଏବେ କିସ ଯେ କଲୁ କହି ।୪୧।
କିମ୍ପାଇ ଡକାଇ ଆଣିଲୁ
ଲଜ୍ଜା ସଙ୍କୋଚ କି ନ କଲୁ ।୪୨।
ତାଙ୍କ ଠାରେ ଗୋ ଗର୍ବ କରି
ଜୀବନ କେ ପାରିବ ଧରି ।୪୩।
ବୋଇଲେ ଅଜ୍ଞାନ ମୁଁ ଜାଣ
ତୁମ୍ଭଙ୍କୁ ଗାଳି ଦେଲି ପୁଣି ।୪୪।
ପୁଣି ହିଁ ତାଙ୍କୁ ଗାଳି ଦେଇ
ଅପ୍ରାଧ ଅର୍ଜିଲି ମୁଁ କହିଁ ।୪୫।
ସେତ ଗୋ ମନୁଷ୍ୟ ନୁହଁନ୍ତି
ସ୍ୱୟଂ ଭଗବାନ ଅଟନ୍ତି ।୪୬
ତୁମ୍ଭୁ ଗାଳି ଦେଇ ଗଲି
ତାହାଙ୍କୁ ସ୍ୱପନେ ଦେଖିଲି ।୪୭।
ସେ ଦିନ ମୋ ପାଶରେ କେହି
ନଥିଲେ ଶୁଏ ମୁଁ କହଇ ।୪୮।
ଶଯ୍ୟା ଉପରେ ଯାଇ ବସି
ଉଠାଇ ବଚନ ପ୍ରକାଶି ।୪୯।
ବୋଇଲେ ମୋତେ ଶୁଣ ସହୀ
କିମ୍ପା ତୁ ମୋତେ କୋପ ବହି ।୫୦।
ତୋର ଦେହରେ ଥାଇ ଜାଣ
ମୋତେ ପାଶୋରୁ ଅଛୁ ପୁଣ ।୫୧।

ତୁ ମୋର ନିଜ ପତ୍ନୀ ହୋଇ
ମାୟାରେ ମୋତେ ଛାଡୁ ତୁହି ।୫୨ ।
ତୁହିଟି ଜୀବ ଆତ୍ମା ଜାଣ
ମୁହିଁ ପରମ ଆତ୍ମା ଶୁଣ ।୫୩ ।
ଦୁଇରୁ ଆଉ ତିନି ନାହିଁ
ବ୍ରହ୍ମାଣ୍ଡେ ପୁରି ଛନ୍ତି ସେହି ।୫୪ ।
ଆମ୍ଭେ ଦୁହେଁଟି ଏ ଦେହରେ
ବିହରୁ ରାତ୍ର ଦିବସରେ ।୫୫ ।
ବାମ ଅଙ୍ଗଟି ତୁହି ଜାଣ
ଡାହାଣ ଅଙ୍ଗ ମୁହିଁ ପୁଣ ।୫୬ ।
ଏକ ଅଙ୍ଗଟି ଭିନ୍ନ ନାହିଁ
କିମ୍ପା ମୋତେ ପାଶୋରୁ ତୁହି ।୫୭ ।
ଏମନ୍ତେ ସ୍ୱପନେ କହିଲେ
ସେ ଦିନୁ ମନ ମୋ ହରିଲେ ।୫୮ ।
ସେ ଦିନୁ ମନ ମୋ ଉଛନ
କେମନ୍ତେ କରିବି ଦର୍ଶନ ।୫୯ ।
କେ ଆଣି ମୋତେ ଭେଟାଇବ
ସତେ କି ପ୍ରଭୁ ଦୟା ହେବ ।୬୦ ।
ଗୋପବନ୍ଧୁଙ୍କୁ ପଠାଇଲି
ଡକାଇ ଦର୍ଶନ ଗୋ କଲି ।୬୧ ।
ଅନ୍ତର୍ଯ୍ୟାମୀ ପୁରୁଷ ସେହି
ଆମ୍ଭେଟି ଜାଣିବା ଗୋ କାହିଁ ।୬୨ ।
କେଉଁ ପୁରୁଷ ଗୋ ଜନ୍ମିଛି
ଚିହ୍ନା ନ ପଡ଼ି ଗୋ ଭ୍ରମୁଛି ।୬୩ ।
ମୁଁ ଯେ ମନରେ ଦମ୍ଭ କଲି
ମଲେ ନ ଡାକିବି ପାଞ୍ଚିଲି ।୬୪ ।
ତୁମ୍ଭ ବଚନ ନ ମାନିଣ
ଗର୍ବ ଗୋ କଲି ମନେ ମନ ।୬୫ ।
ଏମନ୍ତ ତାଙ୍କ ମାୟା ହୋଇ
ବଳେ ମୁଁ ଡକାଇ ଅଣାଇ ।୬୬ ।
ଏବେ ଗୋ ତାଙ୍କୁ କେ ମୁର୍ଚ୍ଛିବ
ଜୀବନ ଦେହେ ଯେବେ ଥିବ ।୬୭ ।
କେଉଁ କଥା କହିଲେ ମୋତେ
ପ୍ରତ୍ୟକ୍ଷେ ଜାଣିଲି ମୁଁ ଚିତ୍ତେ ।୬୮ ।
ମନୁଷ୍ୟ ଏ ବଚନ ନୋହି
ମୁହିଁ ଜାଣିଲି ପ୍ରଭୁ ସେହି ।୬୯ ।
ଏମନ୍ତେ କୁହାକୁହି ହେଲେ
ଯେ ଯାହା ଘରକୁ ସେ ଗଲେ ।୭୦ ।
ଆହେ ଚୈତନ୍ୟ ଶୁଣ ତୁହି
ପ୍ରଭୁଙ୍କ ଦୟା ମୋରେ ଥାଇ ।୭୧ ।
ଏବେ ପ୍ରଭୁଙ୍କ ଯେ ନିରାଶ
କହଇ ଅରକ୍ଷିତ ଦାସ ।୭୨ ।
ଆହେ ସୁଜନ ମାନେ କହି
ଏବେ ପ୍ରଭୁ ନିର୍ଦ୍ଦୟା ହୋଇ ।୭୩ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ତ୍ରିଷଷ୍ଟିତମୋଽଧ୍ୟାୟଃ ।

--- ୦ ---

# ଚତୁଃଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ତୁହି ମୁହିଁଟି ସର୍ବ ଦେହୀ ।୧ ।
ଏକା ପୁରୁଷ ଦୁହେଁ ଜାଣ
ସର୍ବ ଘଟରେ ପରିପୂର୍ଣ୍ଣ ।୨ ।
ଏ ଘେନି ସେ ମୋର ଭାରିଯା
କିମ୍ପା କରୁଛ ମୋତେ ତେଜ୍ୟା ।୩ ।
ସେତ ଜୀବ ପରମ ମୁହିଁ
କିମ୍ପା ମୋତେ ଭୟ କରଇ ।୪ ।
ମୋତେ ଲୁଚାଇ ସେ ରଖଇ
ତା ରୂପ ଜଗତେ ଦେଖାଇ ।୫ ।
ଏତେ ଦୟାଟି ତାର ପୁଣ
ଏବେ ନିର୍ଦ୍ଦୟ କି କେ ପୁଣ ।୬ ।
ମୁହିଁତ ତାକୁ ନ ଛାଡ଼ଇ
କିମ୍ପା ସେ ମୋତେ ଛାଡ଼ିଦେଇ ।୭ ।
ଏ ଘରେ ମୋତେ ଧନ୍ଦି ମରି
ବାହାରେ ମୋତେ ଦେଖି ଡରି ।୮ ।
ମୋତେ ପାଶକୁ ସେ ନ ନେଇ
ଆଡ ହୋଇଣ ଯାଉ ଥାଇ ।୯ ।
ନିର୍ଦ୍ଦୟା ଦୟା ନାହିଁ ତାର
ମୋତେ ଛାଡ଼ିଲା ସେ ନିକର ।୧୦ ।
ଲେଉଟି କେବେ ନ ଚାହିଁଲା
ଏଡ଼େ ନିର୍ଦ୍ଦୟା ମୋତେ କଲା ।୧୧ ।
ମୋତେ ବାୟା ବୋଲି ଡରଇ
ପର ପୁରୁଷେ ରମୁ ଥାଇ ।୧୨ ।
ମୁଁ ଯେ ନିଜ ସ୍ୱାମୀ ତାହାରି
ମୋତେ ଛାଡ଼ିଲା ସେ ପାମରୀ ।୧୩ ।
ଦୋଚାରି ପଣ ଅରଜିଲା
ଅଙ୍ଗ ପରକୁ ସମର୍ପିଲା ।୧୪ ।
ତାଙ୍କର ବଳ ଥିଲେ ଶୁଣ
ତୋ ସଙ୍ଗେ ରମୁ ଥିବେ ଶୁଣ ।୧୫ ।
ନିର୍ବଳ ହେଲେ ତାଙ୍କ ଦେହୀ
ତୋତେ ନ ପଚାରିବେ କେହି ।୧୬ ।
କେବେ କି କରିବୁ ଯେ ଶୁଣ
କା ସଙ୍ଗେ ବିହରିବୁ ପୁଣ ।୧୭ ।
ମୁହିଁତ ତୋତେ ନ ଛୁଇଁବି
ତୋତେ ମାରି ଦେହ ଭାଙ୍ଗିବି ।୧୮ ।
ପର ପୁରୁଷେ ଯେ ମରିବେ
ତୋତେଟି ସାହା କେ ନୋହିବେ ।୧୯ ।
ତେବେ ରହିବୁ କାହିଁ ଶୁଣ
ମରିବୁ ଦେହକୁ ଛାଡ଼ିଣ ।୨୦ ।

ମୋହର ଦୋଷ ନାହିଁ କିଛି
ଲେଉଟି ଚାହାଁ ମୁଁ କହୁଛି ।୨୧।
ଲେଉଟି ମୋତେ ତୁ ଚାହିଁଲେ
ଦେହ ରଖିବ ମୁଁ ଭଲେ ।୨୨।
ତୋ ଠାରେ ଦୟା ହେବ ଶୁଣ
ମୁଁ ମଲେ ମରିବୁ ଯେ ପୁଣ ।୨୩।
ଅନୁକ୍ଷଣେ ତୋ ସଙ୍ଗେ ଥିବି
ଯେଣେ ନେଉଟି ତେଣେ ଯିବି ।୨୪।
ଅନୁକ୍ଷଣେ ଟଇ ତୋର ସଙ୍ଗେ
ରତି କରିବି ନାନା ରଙ୍ଗେ ।୨୫।
ଯା ଇଚ୍ଛା ତାହା ମାଗୁଥିଲେ
ଆଣି ମୁଁ ହେଉଥିବି ଭଲେ ।୨୬।
ତୋ ମନ ବୋଧିବାକୁ ମୁହିଁ
ତୋତେ ବୋଧି ନ ପାରେ କେହି ।୨୭
ତୁହିତ ଅବୋଧ ତରୁଣୀ
ତୋ ମନ ମୁହିଁ ସିନା ଜାଣି ।୨୮।
ଆଉ ତୋ ମନ କେ ଯାଣଇ
ଏ ଦେହେ ଯେତେଛନ୍ତି କହି ।୨୯।
ଏବେ ତୋ ସଙ୍ଗେ ପ୍ରୀତି କରି
ପଛେ ମାରିବେ ତୋତେ ଧରି ।୩୦।
ଏହା ତୁ ଜାଣି ନ ପାରୁଛୁ
ତାଙ୍କ ସଙ୍ଗରେ ଭ୍ରମୁଅଛୁ ।୩୧।
ତୋତେ ଟି ନାନା ବୁଦ୍ଧି ଦେଇ
ତୁମ୍ଭ ଆମ୍ଭ ସଙ୍ଗ ଛଡ଼ାଇ ।୩୨।
ତେଣୁ ଆମ୍ଭଙ୍କୁ ନ ଚିହ୍ନିଲୁ
ବାୟା ବୋଲି ଡରିଣ ଗଲୁ ।୩୩।
ତୁହି ମୁହିଁଟି ଏକ ଦେହୀ
ଶୂନ୍ୟରୁ ଆମ୍ଭେ ଜନ୍ମ ହୋଇ ।୩୪।
ସେଠାରେ ଏକ ରୂପ ଜାଣ
ଏଠାରେ ଦୁଇ ରୂପ ପୁଣ ।୩୫।
ସ୍ତିରୀ ଅଙ୍ଗଟି ହେଲୁ ତୁହି
ପୁରୁଷ ଅଙ୍ଗ ମୁଁ ଅଟଇ ।୩୬।
ତୁହି ମୁହିଁ ସଙ୍ଗ ହେବାରେ
ଜାତ ହୁଅନ୍ତି ଚରାଚରେ ।୩୭।
ଯେବେ ଭିନ୍ନା ଭିନ୍ନଟି ହେବା
ସଂସାରେ କି ଲୀଳା କରିବା ।୩୮।
ଏଠାରେ ତୁହି ମୁହିଁ ଦୁହେଁ
ଲୀଳା ନିମନ୍ତେ ଜାତ କହେ ।୩୯।
ଏଠାରୁ ଯେବେ ଛାଡ଼ି ଯିବା
ଶୂନ୍ୟରେ ଏକ ଅଙ୍ଗ ହେବା ।୪୦।
ସେଠାରେ ଏକ ଅଙ୍ଗ ଜାଣ
ସ୍ତିରୀ ପୁରୁଷ କାହିଁ ପୁଣ ।୪୧।
ସେ ପ୍ରଭୁ ସର୍ବ ଘଟେ ଥାଇ
ସ୍ତିରୀ ପୁରୁଷ ସେ ଅଟଇ ।୪୨।

ଅନନ୍ତ କୋଟି ବ୍ରହ୍ମାଣ୍ଡରେ
ତା ତହୁଁ କେହି ନାହିଁ ପରେ ।୪୩।
ସର୍ବ ଘଟରେ ବିହରଇ
ଜୀବଅଜୀବ ପୁରିଛଇ ।୪୪।
ଚାଣ୍ଡାଳୁ ବ୍ରହ୍ମ ଲୋକ ଯାଏ
ସର୍ବ ଘଟରେ ସେହୁ ଥାଏ ।୪୫।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ସର୍ବ ଘଟରେ ଯେ ମାଧବ ।୪୬।
ମେରୁ ଠାରୁ ଯେତେ ପର୍ବତ
ସର୍ବ ଘଟରେ ଗୋପୀନାଥ ।୪୭।
ଅଶ୍ୱତ୍‌ଥ ଠାରୁ ଯେତେ ବୃକ୍ଷ
ସର୍ବ ଘଟରେ ଅନ୍ତରୀକ୍ଷ ।୪୮।
କାକୁ ଗରୁଡ ଯାଏ ପୁଣ
ସର୍ବ ଘଟରେ ନାରାୟଣ ।୪୯।
ସିଂହରୁ ଦଶିପୋକ ଯାଏ
ସବୁରି ଘଟେ ଦେବ ରାଏ ।୫୦।
ଚଳନ୍ତା ଚୌଦ କୋଟି ସେହି
ଉଡ଼ା ବୁଡ଼ା ନିଶ୍ଚଳ ହୋଇ ।୫୧।
ସେହି ଛପନ କୋଟି ଜୀବ
ସର୍ବ ଘଟରେ କରି ଠାବ ।୫୨।
ଏମନ୍ତେ ଲୀଳା ଯେ କରୁଛି
ଏକରୁ ଦୁଇ ହୋଇଅଛି ।୫୩।
କିମ୍ପା ମୋତେ ବାୟା ବୋଇଲା
ତୁମ୍ଭ ନିର୍ଦ୍ଦୟା ମୋତେ ହେଲା ।୫୪।
ତୁମ୍ଭ ଭରସାରେ ମୁଁ ଅଛି
ମୋ ଚିତ୍ତେ ଭିନ୍ନ ନାହି କିଛି ।୫୫।
ପ୍ରକୃତି ଭିନ୍ନ ମଣୁଛନ୍ତି
ଜୀବକୁ ଶିଖାଇ ମାରନ୍ତି ।୫୫।
ମୋହର କିଛି ନାହିଁ ଦୋଷ
ଭ୍ରମୁଛି ଅରକ୍ଷିତ ଦାସ ।୫୭।
ଆହେ ସୁଜନ ମାନେ କହି
ଜୀବ ପରମେ ଭୟ ପାଇ ।୫୮।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଚତୁଃଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ପଞ୍ଚଷଷ୍ଠିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ସ୍ତିରୀ ପୁରୁଷ ତୁମ୍ଭେ ହୋଇ ।୧ ।
ଜୀବ ପରମ ରୂପ ଧରି
ସର୍ବ ଘଟରେ ତୁ ବିହାରି ।୨ ।
ସ୍ତିରୀ ରୂପରେ ଦେଖା ଦେଲୁ
ପରମ ଗୁପତେ ରହିଲୁ ।୩ ।
ପରମ ରୂପ ବର୍ଣ୍ଣ ନାହିଁ
ଜୀବ ସ୍ତିରୀ ରୂପଟି କହି ।୪ ।
ସଂସାରେ ଯେତେ ଯାତ କଲୁ
ସ୍ତିରୀ ଅଙ୍ଗଟି ବୋଲାଇଲୁ ।୫ ।
ଛପନ କୋଟି ଜୀବ ଯେତେ
ସ୍ତିରୀଟି ଅଟନ୍ତି ସମସ୍ତେ ।୬ ।
ମେରୁଠାରୁ ଯେତେ ପର୍ବତ
ସ୍ତିରୀଟି ଅଟନ୍ତି ସମସ୍ତ ।୭ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ସ୍ତିରୀ ଅଙ୍ଗଟି ଜାଣ ସର୍ବ ।୮ ।
କାକରୁ ଗରୁଡ ପର୍ଯନ୍ତେ
ସ୍ତିରୀଟି ଅଟନ୍ତି ସମସ୍ତେ ।୯ ।
ଅଶ୍ୱତ୍ଥ ଠାରୁ ଯେତେ ବୃକ୍ଷ
ସ୍‌ତିରୀଟି ଅଟନ୍ତି ପ୍ରତ୍ୟକ୍ଷ ।୧୦ ।
ଚଣ୍ଡାଳୁ ବ୍ରହ୍ମଲୋକ ଯାଏ
ସ୍ତିରୀ ଅଙ୍ଗଟି ସର୍ବ କହେ ।୧୧ ।
ସିଂହରୁ ଦଶିପୋକ ଯାଏ
ସ୍ତିରୀ ଅଙ୍ଗଟି ସର୍ବ କହେ ।୧୨ ।
ରୂପାରୁ ଲୁହା ପରିଯନ୍ତେ
ସ୍ତିରୀଟି ଅଟନ୍ତି ସମସ୍ତେ ।୧୩ ।
ସୁନାରୁ ହୀରା ଯାଏ ପୁଣ
ସ୍ତିରୀ ବୋଲିଣ ସର୍ବ ଜାଣ ।୧୪ ।
ଆମ୍ବିଳୁ ରାଗ ପରିଯନ୍ତେ
ସ୍ତ୍ରୀଟି ଜାଣିବୁ ସମସ୍ତେ ।୧୫ ।
ନୀଳରୁ ରଙ୍ଗଯାଏ ଶୁଣ
ସ୍ତ୍ରୀ ବୋଲିଣ ସର୍ବ ଜାଣ ।୧୬ ।
ଚଳନ୍ତା ଚୌଦ କୋଟି ହୋଇ
ସ୍ତ୍ରୀଟି ଜାଣ ସର୍ବ କହି ।୧୭ ।
ନିଶ୍ଚଳ ଚୌଦ କୋଟି ଛନ୍ତି
ସ୍ତ୍ରୀଟି ଏ ସର୍ବେ ଅଟନ୍ତି ।୧୮ ।
ଉଡ଼ା ଚଉଦ କୋଟି ଶୁଣ
ସ୍ତ୍ରୀ ଅଙ୍ଗଟି ସର୍ବ ଜାଣ ।୧୯ ।
ବୁଡ଼ା ଚଉଦ କୋଟି ଛନ୍‌ତି
ସ୍ତ୍ରୀଟି ଏ ସର୍ବେ ଅଟନ୍ତି ।୨୦ ।

ଏମନ୍ତେ ଛପନ କୋଟି ହିଁ
ଏ ସର୍ବେ ସ୍ତ୍ରୀ ଜାଣ ତୁହି ।୨୧।
ବ୍ରହ୍ମା ବିଷ୍ଣୁ ଶିବ ହିଁ ଜାଣ
ସ୍ତିରୀ ଅଙ୍ଗଟି ଏ ପ୍ରମାଣ ।୨୨।
ଦେବଗଣ ଯକ୍ଷଗଣହିଁ
ସ୍ତ୍ରୀ ଅଙ୍ଗଟି ଏହା କହି ।୨୩।
ନରଗଣ ରାକ୍ଷାସ ଗଣ
ଏ ସର୍ବ ସ୍ତ୍ରୀ ବୋଲି ଜାଣ ।୨୪।
ଯେଗ୍ନୀଗଣ ପିତୃଗଣହିଁ
ଏ ସର୍ବ ସ୍ତ୍ରୀ ବୋଲି କହି ।୨୫।
ଭୂଲୋକ ତପ ଲୋକ ଜାଣ
ବ୍ରହ୍ମ ଲୋକଟି ସ୍ତ୍ରୀ ପୁଣ ।୨୬।
ଯୋଗାନ୍ତ ସିଦ୍ଧାନ୍ତ ବେଦାନ୍ତ
ନାଗାନ୍ତ ସ୍ତ୍ରୀ ଏ ସମସ୍ତ ।୨୭।
ମନ୍ତ୍ର ଯନ୍ତ୍ର ହିଁ ଧ୍ୟାନ ଯେତେ
ସ୍ତିରୀଟି ଅଟନ୍ତି ସମସ୍ତେ ।୨୮।
ତିଳକ ଭଜନ ସ୍ମରଣ
ଏ ସର୍ବ ସ୍ତ୍ରୀ ବୋଲି ଜାଣ ।୨୯।
ତୀର୍ଥ ବାର ବ୍ରତଟି ଯେତେ
ସ୍ତ୍ରୀଟି ଅଟନ୍ତି ସମସ୍ତେ ।୩୦।
ଅକ୍ଷର ମାନ ଯେତେ ଛନ୍ତି
ଏସେର୍ବ ସ୍ତ୍ରୀ ଟି ଅଟନ୍ତି ।୩୧।
ଉନକୋଟି ବାଦ୍ୟଟି ପୁଣ
ଏ ସର୍ବ ସ୍ତ୍ରୀ ବୋଲି ଜାଣ ।୩୨।
ସ୍ୱର୍ଗ ମଞ୍ଚ ପାତାଳ ଜାଣ
ସ୍ତ୍ରୀ ଅଙ୍ଗଟି ଯେ ପ୍ରମାଣ ।୩୩।
ସପ୍ତ ସମୁଦ୍ର ସ୍ତ୍ରୀ କହି
ସପ୍ତ ବ୍ରହ୍ମାଣ୍ଡ ସ୍ତିରୀ ହୋଇ ।୩୪।
ନବଦ୍ୱୀପ ନବ ପୃଥିବୀ
ସ୍ତ୍ରୀ ବୋଲିଣ ସର୍ବ ଭାବି ।୩୫।
ସପ୍ତ ପାତାଳ ସପ୍ତ ଦ୍ୱୀପ
ସ୍ତ୍ରୀ ବୋଲିଣ ଯେ ଅଦ୍ୟାପ ।୩୬।
ଚଉଦ ବ୍ରହ୍ମାଣ୍ଡ ସହିତେ
ସ୍ତିରୀଟି ଅଟନ୍ତି ସମସ୍ତେ ।୩୭।
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ସ୍ତ୍ରୀ ବୋଲିଣ ସର୍ବ ଜାଣ ।୩୮।
ଜଳ ପବନ ଅଗ୍ନି ହୋଇ
ସ୍ତ୍ରୀ ବୋଲିଣ ସର୍ବ କହି ।୩୯।
ଚାରି ମେଘଟି ଚାରି ବେଦ
ସ୍ତ୍ରୀ ବୋଲିଣ ହୃଦେ ଭାବ ।୪୦।
ଆକାଶ ବାସୁକି ପୃଥିବୀ
ସ୍ତ୍ରୀ ବୋଲିଣ ତୁହି ଭାବି ।୪୧।
ଇତ୍ୟାଦି ଜୀବ ଜନ୍ତୁ ଯେତେ
ସ୍ତ୍ରୀଟି ଅଟନ୍ତି ସମସ୍ତେ ।୪୨।

କୀଟରୁ ବ୍ରହ୍ମଯାଏ ପୁଣ
ସ୍ତ୍ରୀ ବୋଲିଣ ସର୍ବ ଜାଣ ।୪୩।
କୀଟ ପତଙ୍ଗ ତରୁ ତୃଣ
ଏ ସର୍ବେ ସ୍ତ୍ରୀ ବୋଲି ଜାଣ ।୪୪।
ଏ ଦେହେ ସ୍ତ୍ରୀ ଯେ ଅଟଇ
ହେ ମନ ଚେତ ଏବେ ତୁହି ।୪୫।
ରକ୍ତ ମାଉଁସ ହାଡ଼ ଚର୍ମ
ସ୍ତ୍ରୀ ବୋଲିଣ ସର୍ବ ଜାଣ ।୪୬।
ପାଞ୍ଚ ମନହିଁ ସ୍ତ୍ରୀ ଜାଣ
ଷଡ଼ ଗୁଣଟି ସ୍ତ୍ରୀ ମଣ ।୪୭।
ପଚିଶ ପ୍ରକୃତି ଯେ ହୋଇ
ସ୍ତ୍ରୀ ବୋଲିଣ ସର୍ବ କହି ।୪୮।
ଏକାଦଶ ଇନ୍ଦ୍ରିଟି ଜାଣ
ସ୍ତିରୀ ବୋଲିଟି ଏ ପ୍ରମାଣ ।୪୯।
ପଞ୍ଚାଶ ଦଳ ତ୍ରିଗୁଣ ହିଁ
ସ୍ତିରୀ ବୋଲିଣ ସର୍ବ କହି ।୫୦।
ଚୌଷଠି ରୋଗ ସ୍ତିରୀ ଜାଣ
ଏବେ କହିବି ତୁହି ଶୁଣ ।୫୧।
ନୟନ ନାଶା ମୁଖ କର୍ଣ୍ଣ
ଏ ସର୍ବ ସ୍ତିରୀ ମନେ ଘେନ ।୫୨।
ଇନ୍ଦ୍ରି ଗୁହ୍ୟଟି ସ୍ତିରୀ କହି
ଶୁଣ ସୁମନେ ଚିତ୍ତ ଦେଇ ।୫୩।

ରାତ୍ର ଦିବସ ଅନ୍ଧକାର
ସ୍ତିରୀ ବୋଲିଟି ହେତୁକର ।୫୪।
ସାତ ବାରଟି ସ୍ତିରୀ ଜାଣ
ବାର ମାସଟି ସ୍ତିରୀ ଶୁଣ ।୫୫।
ଷୋଳ ଘଡ଼ିଟି ସ୍ତିରୀ କହି
ପନ୍ଦର ତିଥି ସ୍ତିରୀ ହୋଇ ।୫୬।
ସତାଇଶ ନକ୍ଷତ୍ର ପୁଣ
ସ୍ତିରୀ ବୋଲିଣ ସର୍ବ ଜାଣ ।୫୭।
ଏଗାର କରଣଟି କହି
ସ୍ତିରୀ ବୋଲିଣ ଜାଣ ତୁହି ।୫୮।
ବାର ଚନ୍ଦ୍ରଟି ସ୍ତିରୀ ଜାଣ
ଖରା ବରଷା ସ୍ତିରୀ ପୁଣ ।୫୯।
ଶୀତ ଗ୍ରୀଷମ ସ୍ତିରୀ କହି
ଷଡ଼ ଋତୁଟି ସ୍ତିରୀ ହୋଇ ।୬୦।
ସଂସାରେ ଯେତେ ଆତଯାତ
ସ୍ତିରୀଟି ଅଟନ୍ତି ସମସ୍ତ ।୬୧।
ତୁ ଏହା ଅନୁଭବ କର
ପରମ ଭାବେ ତୁ ବିହର ।୬୨
ପରମରୁଟି ଜୀବ ଜାତ
ଏକା ପୁରୁଷ ଦୁଇ ମତ ।୬୩।
ସଂସାରେ ଖେଳିବା ନିମନ୍ତେ
ଏକରୁ ଦୁଇ ହେଲେ ଚିତ୍ତେ ।୬୪।

ଜୀବ ପରମ ରୂପ ଧରି
ସର୍ବ ଘଟରେ ଯେ ବିହରି ।୬୫ ।
ସ୍ତିରୀ ରୂପଟି ଯେ ହୋଇଲୁ
ପୁରୁଷ ରୂପେ ବିହରିଲୁ ।୬୬ ।
ଏହାତ କେହି ନ ଜାଣନ୍ତି
ସ୍ତିରୀ ପୁରୁଷ ଭିନ୍ନ ଛନ୍ତି ।୬୭ ।
ତେଣୁଟି ସର୍ବେ ନାଶ ଗଲେ
ଏ ଦୁଇ ଏକ ଯେ ନକଲେ ।୬୮ ।
ଏ ଦୁଇ ଏକ ବୋଲେ ଯେହି
ମୋ ବିନୁ ଅନ୍ୟ ନାହିଁ କେହି ।୬୯ ।
ମୁହିଁଟି ବ୍ରହ୍ମାଣ୍ଡେ ଘୋଟିଛି
ଜୀବେ ଅଜୀବେ ପୂରିଅଛି ।୭୦ ।
ମୋ ବିନୁ ବ୍ରହ୍ମାଣ୍ଡ ଭିତରେ
ନାହାନ୍ତି କେହି ଯେ ସଂସାରେ ।୭୧ ।
ଛପନ କୋଟି ଜୀବ ମୁହିଁ
ମୋ ବିନୁ ଅନ୍ୟ କେହି ନାହିଁ ।୭୨ ।
ଏମନ୍ତେ ବୋଲି ମନେ ମନେ
ସର୍ବ ଦେଖିବି ସମାଧାନେ ।୭୩ ।
ସେଟି ଅମର ହୋଇ ରହେ
ନୋହିଲେ ଦେହ ଛାଡ଼ି ଯାଏ ।୭୪ ।
କହଇ ଅରକ୍ଷିତ ଦାସ
ଏକରୁ ଦୁଇଟି ପ୍ରକାଶ ।୭୫ ।
ଆହେ ସୁଜନ ମାନେ କହି
ସ୍ତ୍ରୀ ପୁରୁଷ ଏକା ଦେହୀ ।୭୬ ।
ଏକା ଅଙ୍ଗ ଜୀବ ପରମ
ସର୍ବ ଘଟରେ ପରିପୂର୍ଣ୍ଣ ।୭୭ ।
ଏ ଦୁଇ ଏକ ମୁଁ ନକରି
ଭ୍ରମୁଛି ମାୟା ପଥ ଧରି ।୭୮ ।
ପ୍ରଭୁଙ୍କ ଦୟା ମୋତେ ନାହିଁ
ଆହେ ସୁଜନମାନେ କହି ।୭୯ ।
ଖଣ୍ଡଗିରିରେ ମୁହିଁ ରହି
ଜୀବକୁ ନଚିହ୍ନି ଭ୍ରମଇ ।୮୦ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ପଞ୍ଚଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଷଷ୍ଠଷଷ୍ଠିତମ ଅଧ୍ୟାୟ

ମନ ଚୈତନ୍ୟ ପାଦେ ପଡ଼ି
ଉଠି କପାଳେ କରଯୋଡ଼ି ।୧ ।
ଭୋନାଥ ଜଗତ ଜୀବନ
ବ୍ରହ୍ମ ବିଚାର କହ ପୁଣ ।୨ ।
ସଂସାରେ ଯେତେ ଆତଯାତ
ଏ ସର୍ବ ସ୍ତ୍ରୀ ଜାଣ ସତ୍ୟ ।୩।
ପୁରୁଷ କଥା ମୋତେ କହ
ଯେବେ ତରିବି ମାୟା ମୋହ ।୪ ।
ଅର୍ଥରେ ମୋତେ କହିଦେବ
ଯେବେ ମୋଠାରେ ଦୟା ଥିବ ।୫ ।
ବ୍ରହ୍ମକୁ କେମନ୍ତେ ଭାବିବି
କହ ହେ କେମନ୍ତେ ଚିହ୍ନିବି ।୬ ।
ସେ ବ୍ରହ୍ମ କଥା ଅଗୋଚର
କହ ହେ ଭ୍ରମ ଯାଉ ମୋର ।୭ ।
ମନ ମୁଖରୁ ଶୁଣି ଏହା
ସେ ବ୍ରହ୍ମ ଯାକୁ କରେ ଦୟା ।୮ ।
ତାହାକୁ ଦୃଶ୍ୟ ଯେ ହୁଅନ୍ତି
ନୋହିଲେ ଦୃଶ୍ୟ ଯେ ନୁହନ୍ତି ।୯ ।
ସେ ବ୍ରହ୍ମ କଥା ଶୁଣ କହି
ହେ ମନ ତାକୁ ଭାବ ତୁହି ।୧ ୦ ।
ଅର୍ଥରେ ଏବେ କହିଦେବା
ତୋ ମନୁ ସଂସୟ ଫେଡ଼ିବା ।୧ ୧ ।

### ଶ୍ଳୋକ

ନାମ ବ୍ରହ୍ମସାର ଯେ ଭଜନ୍ତି ନର
ପୃଥ୍ୱୀ ନାଶେ କ୍ଷୟ ନୁହନ୍ତି
ଯୁଗେ ଯୁଗେ ସେ ଅମର

### ଗୀତ

ହେ ମନ ଶୁଣ ଏବେ ତୁହି
ଏକ ବ୍ରହ୍ମକୁ ଭାବ କହି ।୧ ୨ ।
ତୁହିଟି ସର୍ବ ଜୀବେ ଅଛୁ
ନ ଚିହ୍ନି କିମ୍ପାଇଁ ଭ୍ରମୁଛୁ ।୧ ୩।
ଛପନ କୋଟି ଜୀବ ହୋଇ
କିମ୍ପାଇ ଭୟ କରୁ ତୁହି ।୧ ୪ ।
ମେରୁଠାରୁ ପର୍ବତ ଯେତେ
ତୁହି ହୋଇଛୁ ଜାଣ ଚିତ୍ତେ ।୧ ୫ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ତୁହିଟି ହୋଇଅଛୁ ସର୍ବ ।୧ ୬।
ସିଂହରୁ ଦଶିପୋକ ଯାଏ
ତୁହି ହୋଇଛୁ ସର୍ବ କହେ ।୧ ୭ ।
କାକରୁ ଗରୁଡ଼ ପର୍ଯ୍ୟନ୍ତେ
ତୁହି ହୋଇଛୁ ଜାଣ ଚିତ୍ତେ ।୧ ୮ ।
ଚଣ୍ଡାଳୁ ବ୍ରହ୍ମ ଯାଏ ପୁଣ
ତୁହିଟି ସର୍ବ ହେଉ ଜାଣ ।୧ ୯ ।
ଚଳନ୍ତା ଚୌଦ କୋଟି ଜୀବ
ତୁହିଟି ହୋଇଅଛୁ ସର୍ବ ।୨ ୦ ।

ନିଶ୍ଚଳ ଚୌଦ କୋଟି ତୁହି
କିମ୍ପା ନ ଚିହ୍ନି ଭ୍ରମୁ କହି ।୨୧।
ବୁଡ଼ା ଚଉଦ କୋଟି ହେଲୁ
କିମ୍ପାଇ ନ ଚିହ୍ନି ଭ୍ରମିଲୁ ।୨୨।
ଭଡ଼ା ଚଉଦ କୋଟି ତୁହି
କିମ୍ପା ନ ଚିହ୍ନି ଭ୍ରମୁ କହି ।୨୩।
କୀଟରୁ ବ୍ରହ୍ମ ପରିଯନ୍ତେ
ତୁହିଟି ଜାଣ ସର୍ବଭୂତେ ।୨୪।
ପୃଥ୍ୱୀ ଜଳ ସ୍ଥଳ ଅନଳ
ତୁହିଟି ହୋଇଛୁ ସକଳ ।୨୫।
ଚଉଦ ବ୍ରହ୍ମାଣ୍ଡଟି ତୁହି
ହୋଇଛୁ କିମ୍ପା ଚେତୁ ନାହିଁ ।୨୬।
ସପ୍ତ ପାତାଳ ସପ୍ତ ଦୀପ
ତୁହିଟି ହୋଇଛୁ ଅଦ୍ୟାପ ।୨୭।
ନବ ଖଣ୍ଡ ପୃଥିବୀ ଜାଣ
ତୁହିଟି ହୋଇଅଛୁ ପୁଣ ।୨୮।
ସପ୍ତ ସମୁଦ୍ର ନବ ଦ୍ୱୀପ
ତୁହିଟି ହୋଇଛୁ ଅଦ୍ୟାପ ।୨୯।
ସ୍ୱର୍ଗ ମଞ୍ଚ ପାତାଳ ତୁହି
ହୋଇଛୁ କିମ୍ପା ଚେତୁ ନାହିଁ ।୩୦।
ଚନ୍ଦ୍ର ସୂର୍ଯ୍ୟ ଯେ ତାରାଗଣ
ତୁ ହୋଇଅଛୁ ନ ଚେତିଣ ।୩୧।
ଜଳ ପବନ ଅଗ୍ନି ତୁହି
ହୋଇଛୁ କିମ୍ପା ଚେତୁ ନାହିଁ ।୩୨।
ଚାରିମେଘ ଯେ ଚାରିବେଦ
ତୁହି ହୋଇଛୁ ମନେ ଭେଦ ।୩୩।
ବ୍ରହ୍ମା ବିଷ୍ଣୁ ଶିବଟି ତୁହି
ସର୍ବ ଦେବତା ତୁହି ହୋଇ ।୩୪।
ନର ରାକ୍ଷସ ଭୂତଗଣ
ତୁହିଟି ହେଲୁ ସର୍ବ ଜାଣ ।୩୫।
ମଙ୍ଗଳା ଦୁର୍ଗା ଚଣ୍ଡୀ ତୁହି
କାଳୀ କପାଳୀ ହେଲୁ କହି ।୩୬।
ନାଗଗଣ ଯେ ପିତୃଗଣ
ତୁହିଟି ସର୍ବ ହେଲୁ ଜାଣ ।୩୭।
ରାତ୍ର ଦିବସ ସାତବାର
ତୁ ହୋଇଅଛୁ ହେତୁକର ।୩୮।
ବାର ମାସ ଷୋଳ ଘଡ଼ି ହି
ତୁହିଟି ହୋଇଅଛୁ କହି ।୩୯।
ଷଡ଼ ଋତୁଟି ଷଡ଼ ରସ
ତୁହିଟି କରୁଛୁ ପ୍ରକାଶ ।୪୦।
ବ୍ରହ୍ମାଣ୍ଡେ ତୋତେ ଆତଯାତ
ସେ ସର୍ବ ହୋଇଅଛୁ ତୁତ ।୪୧।
ତୋ ବିନୁ ବ୍ରହ୍ମାଣ୍ଡରେ କେହି
ନାହିଁଟି ଚେତ ଭାବ କହି ।୪୨।
ଅର୍ଥରେ ଏବେ କହି ଦେବା
ତୋ ମନୁ ସଂସୟ ଫେଡ଼ିବା ।୪୩।
ଯେ ଭାବେ ସେହୁ ବଶ୍ୟ ହୋଇ
ଶୁଣ ସୁମନ ଚିତ୍ତ ଦେଇ ।୪୪।

## ଶୁଣ ହୋ ମନ ଅଥ

ଅଦେଖା ଦେଖିବ, ଅତୋଳା ତୋଳିବ, ଅମପା ମାପିବ, ଅସାଧ ସାଧିବ, ଅଭକ୍ଷ ଭକ୍ଷିବ, ଅଜପା ଜପିବ, ଅକର୍ମ କରିବ, ଶୁଣ ହୋ ମନ, ଏତେ କର୍ମ ଯେ କରି ପାରଇ, ସେଇଟି ବ୍ରହ୍ମକୁ ଚିହ୍ନଇ, ଅତି ଅନୁଭବେ ବ୍ରହ୍ମକୁ ଚିହ୍ନଇ ବ୍ରହ୍ମକୁ ଚିହ୍ନି କରି ଯେତେ କଥା କରଇ, ତାହା କହିବା ଶୁଣ - ଆହାରକୁ ନ ଜଗଇ, ନିଦ୍ରାକୁ ନ ଜଗଇ; ମୈଥୁନକୁ ନ ଜଗଇ, ବାୟୁକୁ ନ ଜଗଇ, ତୃଷାକୁ ନ ଜଗଇ, ଖରା, ବରଷା, ଶୀତକୁ ନ ଜଗଇ, ନୟନ, ନାସା, ମୁଖ, କର୍ଣ୍ଣ ଇନ୍ଦ୍ର ଗୁହ୍ୟ ଏମାନଙ୍କୁ କେବେ ନ ଜଗଇ, ପାଞ୍ଚ ମନକୁ ନ ଜଗଇ, ପଚିଶ ପ୍ରକୃତିକୁ ନ ଜଗଇ, ଏକାଦଶ ଇନ୍ଦ୍ରିକି ନ ଜଗଇ, ଷଡ଼ ରିପୁ ନ ଜଗଇ; ତ୍ରିଗୁଣକୁ ନ ଜଗଇ, ରୋଗମାନଙ୍କୁ ନ ଜଗଇ, ପାପ, ପୁଣ୍ୟ ଧର୍ମ, ଅଧର୍ମ, ସ୍ୱର୍ଗ, ନର୍କ, ଶୁଭ, ଅଶୁଭ, ସତ୍ୟ, ଅସତ୍ୟ, ଭଲ, ମନ୍ଦ, ମାୟା, ନିର୍ମାୟା, ଦୁଃଖ, ଅଦୁଃଖ, ସୁଖ, ଅସୁଖ, ଲୋଭ, ଅଲୋଭ, କାମ, ଅକାମ, ସାଧୁ, ଅସାଧୁ, ଲାଭ, ଅଲାଭ, ସାର, ଅସାର, ବିକାର, ଅବିକାର, ଜାତି ଅଜାତି, ସ୍ଥିରୀ ଅସ୍ଥିରୀ, ପୁରୁଷ ଅପୁରୁଷ, ଜୀବ ଅଜୀବ, ଜପା ଅଜପା, ଶୁଣ ହୋ ମନ, ଏ ସର୍ବ କଥାମାନଙ୍କୁ କେବେ ନ ଜଗଇ। ଜୀବ ପରମ, ଚନ୍ଦ୍ର, ସୂର୍ଯ୍ୟ, ବ୍ରହ୍ମା, ବିଷ୍ଣୁ, ଶିବ, ଇନ୍ଦ୍ର, ଶଚୀ, ଯମ, କୁବେର, ବରୁଣ, ନୈରୁତ, ବୃହସ୍ପତି, ଦଶଦିଗପାଳ, ତାରାଗଣ, ମେଘମନା, ସ୍ୱର୍ଗ, ମଞ୍ଚ, ପାତାଳ, ଆପ, ତେଜ, ବାୟୁ, ଆକାଶ, ଶୁଣ ହୋ ମନ, ଏମାନଙ୍କୁ କେବେ ନ ଜଗଇ। ଚାରି ବେଦ, ଯୋଗାନ୍ତ, ବେଦାନ୍ତ, ସିଦ୍ଧାନ୍ତ, ନାଗାନ୍ତ, ଶୁଣ ହୋ ମନ ଏମାନଙ୍କୁ କେବେ ନ ସାଧଇ। ନ ଜଗଇ, ବ୍ରହ୍ମକୁ ଯେବେ ଚିହ୍ନ ଥାଇ ଭଜନ, ସ୍ମରଣ; ଅର୍ଚ୍ଚନ, ବନ୍ଦନ, ଜ୍ଞାନ ଧ୍ୟାନ, ଜପ ମନ୍ତ ଯୋଗ, ସୂତ୍ର, ଲୟ ତୀର୍ଥ, ବ୍ରତ, ଉପାସ, ଶୁଣ ହୋ ମନ, କେବେ ନ ଜଗାଇ, କେବେ ନ ଜଗଇ। ନାନା ତୀର୍ଥ, ନାନାଦି ଉପାସ, ନାନାଦି ଯୋଗ, ନାନାଦି ଜ୍ଞାନ, ନାନାଦି ଧ୍ୟାନ, ନାନାଦି ନାମ, ନାନାଦି ଭକ୍ତି, ନାନାଦି ସ୍ମରଣ, ନାନାଦି ଜପ, ନାନାଦି କୀର୍ତ୍ତନ, ନାନାଦି ଭ୍ରମଣ, ନାନାଦି ତିଳକ, ନାନାଦି ମନ୍ତ୍ର,

ନାନାଦି ଯନ୍ତ୍ର, ନାନାଦି କଳପ, ନାନାଦି ମଉଷଧି, ନାନାଦି ଦେବତା, ନାନାଦି ଚଣ୍ଡୀ ଚାମୁଣ୍ଡା, ନାନାଦି ଭୂତପ୍ରେତ, ନାନାଦି ଢ଼ାଏଣୀ, ନାନାଦି ଚିରିଗୁଣି, ଶୁଣ ହୋ ମନ, ଏ ସର୍ବଙ୍କୁ କେବେ ନ ଜଗଇ, କେବେ ନ ଭଜଇ, କେବେ ନ ସାଧଇ କେବେ, ଭୟ ନ କରଇ, ମନେ ନ ଗଣଇ ଏହାଙ୍କୁ ସମାନ କରି ବୋଲଇ ମୁହିଁ ମୋ ବିନୁ ଅନ୍ୟ ନାହିଁ, ମୁହିଁଟି ସଂସାରେ ଘୋଟିଅଛି, ମୁହିଁଟି ସ୍ୱୟଂ ବ୍ରହ୍ମ, ଏମନ୍ତେ ମନେ ପାଞ୍ଚି ସର୍ବ ସମାନ କରି ମଣଇ; ନାନାଦି ବୃକ୍ଷ; ନାନାଦି ପୁଷ୍ପ, ନାନାଦି ଫଳ, ନାନାଦି ମାଟି ନାନାଦି ଗୋଡ଼ି ନାନାଦି ପାଷାଣ; ନାନାଦି ପକ୍ଷୀ ଯନ୍ତୁ; ନାନାଦି ପୋକ; ନାନାଦି ମାଛ, ନାନାଦି ମାଛି ଡାଆଁଶ, ନାନାଦି ଗୋରୁ ମଇଁଷି; ନାନଦି ହସ୍ତୀ ଘୋଡ଼ା; ନାନାଦି ଛେଳି ମେଣ୍ଢା; ଘୁଷୁରି; ନାନାଦି ବିରାଡ଼ି କୁକୁର ମୂଷା, ନାନା ସର୍ପ; ନାନାଦି ଜନ୍ତୁ ଜୁନ୍ତା; ନାନାଦି ଜନ୍ଦା ପିମ୍ପୁଡ଼ି; ଉଇ ନାନାଦି ଏଣ୍ଡୁଅ ଝିଟିପିଟି; ବିଛା; ନାନାଦି ମନୁଷ୍ୟ ନାନାଦି ଦେବତା; ନାନାଦି ରାକ୍ଷାସ; ନାନାଦି ଶସ୍ତ୍ର ଶାସ୍ତ୍ର; ନାନାଦି ପୁରାଣ; ନାନାଦି ଗୀତା; ନାନାଦି ବିବାଦ୍ୟ ନାନାଦି ବାଦ; ନାନାଦି ବେଦ ବିଦ୍ୟା ଜ୍ୟୋତିଷ; ନାନାଦି ଭୋଗ; ନାନାଦି ରୋଗ; ନାନାଦି ନୃତ୍ୟ ଗୀତ; ବାଦ୍ୟ ନାନାଦି ବସ୍ତ୍ର ନାନାଦି ଆହାର; ଷଡ ରସ; ଅଷ୍ଟ ଧାତୁ ନବରତ୍ନ, ଷଡ଼ ଋତୁ; ଚଳ ଅଚଳ; ଉଡା; ବୁଡା; ସ୍ଥାବର; ଜଙ୍ଗମ; କୀଟ, ପତଙ୍ଗ; ଚାରିଖାନି, ଏ ସମସ୍ତ ଛପନା କୋଟି ଜୀବ; ଶୁଣ ହୋ ମନ; ଏ ସର୍ବକୁ ସମାନ କରି ମଣଇ; କୀଟରୁ ବ୍ରହ୍ମ ପର୍ଯ୍ୟନ୍ତ ବ୍ରହ୍ମ ବୋଲି ମଣଇ, ଏମନ୍ତ ଲୋକକୁ ବ୍ରହ୍ମ ଭକ୍ତି ବୋଲି ଜାଣିବ। ଜଳରେ ନ ବୁଡ଼ଇ ଅଗ୍ନିରେ ନ ପୋଡଇ ପବନରେ ନ ଉଡ଼ଇ; ଖଡ୍‌ଗେ ନ ଛିଡ଼ଇ; ପୃଥ୍ୱୀ କ୍ଷୟ ଗଲେ ପିଣ୍ଡ କ୍ଷୟ ନୁହଁଇ: ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ହୋଇ ପାରଇ ଛପନା କୋଟି ଜୀବରେ ମିଶଇ କେତେବେଳେ କେତେ ରୂପ ହୁଅଇ; ସପ୍ତ ବ୍ରହ୍ମାଣ୍ଡ ତାକୁ ତୃଣ ପ୍ରାୟ ଦିଶଇ, ବ୍ରହ୍ମା; ଇନ୍ଦ୍ର; ଚନ୍ଦ୍ର; ସୂର୍ଯ୍ୟ; ତାକୁ କେହି ସରି ନୁହଁନ୍ତି; ତେତିଶ କୋଟି ଦେବ, ନର ରାକ୍ଷସ, ପୃଥ୍ୱୀ, ଆପ, ତେଜ, ବାୟୁ ଆକାଶ, ତାକୁ କେହି ସରି ନୁହଁନ୍ତି। ଶୁଣ ହୋ ମନ ଭକ୍ତିର ମହିମା,

କିଛି ମନେ ନ ଜାଣଇ, କେବଳ ବ୍ରହ୍ମକୁ ଜାଣଇ, ବ୍ରହ୍ମ ବ୍ୟତୀରେକ କାହାକୁ ନ ଜାଣଇ, ଜଗତ ଯାକ ବ୍ରହ୍ମ ମଣଇ, ଏକାନ୍ତେ ଭ୍ରମୁଥାଇ, ଏକା ବ୍ରହ୍ମକୁ ଭାବଇ, କାହାରି ସଙ୍ଗତେ ନ ରହଇ, ବ୍ରହ୍ମକୁ ସଙ୍ଗ କରିଥାଇ, କୌଣସି କଥାକୁ ଭୟ ନ କରଇ, ବ୍ରହ୍ମ ବ୍ୟତୀରେକେ କିଛି ନ ଜାଣଇ, ସେ ବ୍ରହ୍ମକୁ ଜାଣଇ, କାହାକୁ ମନେ ନ ଜାଣେ କେବଳ ବ୍ରହ୍ମକୁ ଜାଣେ ବ୍ରହ୍ମରେ ଧ୍ୟାନ ବ୍ରହ୍ମରେ ସ୍ମରଣ ବ୍ରହ୍ମରେ ଉପାସନା ବ୍ରହ୍ମରେ ରଚନା ବ୍ରହ୍ମରେ ଗାୟନ ବ୍ରହ୍ମରେ ଶୟନ ଶୁଣ ହୋ ମନ ଯାହା ପଚାରିଲୁ ତାହାତ କହିଲୁ। ଏକାକାର ଲୋକକୁ ଏହି ଲୋକ ଜାଣଇ, ଅନ୍ୟ ସେ ବ୍ରହ୍ମକୁ ଜାଣିବ କାହିଁ। ବ୍ରହ୍ମକୁ କେହି ନ ଜାଣଇ, ତାହାଙ୍କର ରୂପବର୍ଣ୍ଣ ନାହିଁ। ନୟନ ନାହିଁ, ମୁଖ ହିଁ ନାହିଁ, କର୍ଣ୍ଣ ହିଁ ନାହିଁ, ନାଶା ନୟନ ହିଁ ନାହିଁ, ହସ୍ତ ପାଦ ହିଁ ନାହିଁ, ହୃଦୟ ନାହିଁ ପେଟ ହିଁ ନାହିଁ, କଟୀ ହିଁ ନାହିଁ, ପିଠି ହିଁ ନାହିଁ, ଶରୀର ଚର୍ମ ହିଁ ନାହିଁ ରୂପ ବର୍ଣ୍ଣ ଚିହ୍ନ ହିଁ ନାହିଁ ରକ୍ତ ମାଂସ ହାଡ଼ ହିଁ ନାହିଁ ଅଦୃଷ୍ଟି ଅଶ୍ରୁତ, ଅବର୍ଣ୍ଣ ଅବାୟୁ, ଅରୂପ, ଅଜପା, ଶୁଣ ହୋ ମନ, ଏମନ୍ତେ ସେ ବ୍ରହ୍ମ, ତାହାକୁ କେହି ନ ଦେଖନ୍ତି, ଭକ୍ତି ଭାବରେ ବଶ ହ୍ୱନ୍ତି, ଯେ ଏକାକାର ବ୍ରହ୍ମକୁ ଭାବଇ ତାହାକୁ ଦୃଶ୍ୟ ହୁଅନ୍ତି ନୋହିଲେ କେବେ ଦୃଶ୍ୟ ନୁହଁନ୍ତି, ବ୍ରହ୍ମରୁ କ୍ଷରି ଜୀବ ରୂପରେ ବିହାର କରୁଅଛନ୍ତି, ଏ ଦେହରୁ ଯେବେ ଯାଇ, ବ୍ରହ୍ମରେ ଲୀନ ହୁଅଇ ସଂସାରେ ବୁଲୁଥାନ୍ତି। ମଲେ ଜନ୍ମ ହୁଅଇ, ଶୁଣ ହୋ ମନ ଏ ମିଛ, ତହିଁକି ଉପମା କହିବା ଶୁଣ, ପାଣି କୁମ୍ଭେ ମିଷ୍ଟକ ଗୋଳି ପୋଖରୀକି ଘେନିଯିବା, ସେ ପାଣି ପୋଖରୀ ଭିତରେ ନଉଡ଼ି ଦେବା, ନିଉଡ଼ି ଦେଇ ନେଉଟି ପାଣି କୁମ୍ଭେ ଆଣବା, ସେ ପାଣି ଆଉକି ମିଷ୍ଟକ ଲାଗିବ ? ଏହି ରୂପେଟି ଗଲେ ନ ଆସଇ, ବ୍ରହ୍ମରେ ଲୀନ ହୁଅଇ, ଶୁଣ ହୋ ମନ, ଆଉ ଜନ୍ମ କେ ହୋଇ, ଏ ମଲେ ଆଉ ଜନ୍ମ ନୁହଇ, ଏ ଦେହ ଗଲେ ଆଉ ନ ପାଇ, ଯେବେ ଏ ଦେହ ରଖିବ ତେବେ ଏକାକାର ବ୍ରହ୍ମକୁ ଚିହ୍ନିବ। ଶୁଣ ହୋ ମନ, ଏକାକାର ଭାବକର ବିକାର ନ ରଖ ବିକାର କଲେ କେବେ ବ୍ରହ୍ମକୁ ନ ଚିହ୍ନଇ।

ହେ ମନ ଏବେ ଶୁଣ ତୁହି
ବ୍ରହ୍ମକୁ ନ ଜାଣନ୍ତି କେହି ।୪୫ ।
ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ କେ ଜାଣିବ ସଂସାରେ ।୪୬ ।
କେବଳ ଭାବେ ବଶ୍ୟ ସେହି
ହେ ମନ ଭାବ ତାକୁ ତୁହି ।୪୭ ।
ସେ ବ୍ରହ୍ମ ଦୟା ଯେ କରିବେ
ସର୍ବ ଘଟରେ ଦୃଶ୍ୟ ଦେବେ ।୪୮ ।
ସର୍ବ ଘଟରେ ସେହୁ ଥାଇ
ନ ଲାଗି ବିଲଗେ ଖେଳଇ ।୪୯ ।
ଏ ଘେନି ନିଷ୍କାମେ ଭାବିବୁ
ବେବ ଶାସ୍ତ୍ରରେ ନ ଭୁଲିବୁ ।୫୦ ।
ବେଦଟି ନାନା ମତେ କହି
ଏଭାବେ ନ ଭୁଲିବୁ ତୁହି ।୫୧ ।
ଏକ ବ୍ରହ୍ମକୁ କର ଆଶ
ପାଇବୁ ପରମରେ ବାସ ।୫୨ ।

ମନ ଶୁଣି ଆନନ୍ଦ ହୋଇ
ବୋଲଇ ନିସ୍ତରିଲି ମୁହିଁ ।୫୩।
ଏବେ ମୁଁ ସଂଶୟ ଛାଡ଼ିଲି
ବ୍ରହ୍ମର ମହିମା ଶୁଣିଲି ।୫୪ ।
ପୂର୍ବେ ତୁ କିମ୍ପା ନ କହିଲୁ
କିମ୍ପାଇ ଏତେ କଷ୍ଟ ଦେଲୁ ।୫୫ ।
ଘରୁ ଆସିଲି ଯେଉ ମନେ
ସେ ମନ ହରିଲୁ କେସନେ ।୫୬।
ତୋର ମାୟାରେ ମୁଁ ଭ୍ରମିଲି
କେତେ କଷ୍ଟ ହିଁ ମୁଁ ପାଇଲି ।୫୭ ।
ସେ କଷ୍ଟ କହୁଅଛି ଶୁଣ
ଯେମନ୍ତେ ଭ୍ରମିଲି ମୁଁ ପୁଣ ।୫୮ ।
କହଇ ଅରକ୍ଷିତ ଦାସ
ତୋ ମାୟା ଭ୍ରମାଇଲା ଦେଶ ।୫୯ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଷଷ୍ଠଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ସପ୍ତଷଷ୍ଠିତମ ଅଧ୍ୟାୟ

ମନ କହୁଛି ହେ ଚୈତନ୍ୟ
ଏ ମହୀ ମଣ୍ଡଳରେ ପୁଣ।୧।
ତୁମେ ତ ମୋତେ ମାୟା କଲ
ଦୟା ତ କେବେ ଯେ ନୋହିଲ।୨।
ତୁମ୍ଭ ବ୍ୟତୀତ ଏ ସଂସାରେ
ଅଛି କେ ବ୍ରହ୍ମାଣ୍ଡ ଭିତରେ।୩।
କା ଆଗେ କହିବିଟି ମୁହିଁ
ତୁମ୍ଭ ବ୍ୟତୀତ କେ ଅଛଇ।୪।
ଆହେ ଚୈତନ୍ୟ ତୁ ବିଧାତା
ସକଳ ଜୀବେ ତୁ କରତା।୫।
ଆହେ ଚୈତନ୍ୟ ବିଷ୍ଣୁ ତୁହି
ପାଳନ କରୁ ନାଥ ମହୀ।୬।
ଆହେ ଚୈତନ୍ୟ ତୁ ଈଶ୍ୱର
ସକଳ ସଂହାରୁ ଗର୍ଭର।୭।
ଆହେ ଚୈତନ୍ୟ ଅନ୍ତର୍ଯ୍ୟାମୀ
ସବୁରି ମନ ତୁମ୍ଭେ ଜାଣି।୮।
ଆହେ ଚୈତନ୍ୟ ଶୂନ୍ୟ ଦେହୀ
ମୋହର ରୂପ ବର୍ଣ୍ଣ ନାହିଁ।୯।
ଆହେ ଚୈତନ୍ୟ ସର୍ବ ଦେବ
ସକଳ ଘଟେ ଶୁଭାଶୁଭ।୧୦।
ଆହେ ଚୈତନ୍ୟ ଶୁଣ ତୁହି
ତୋତେ ମୁଁ ଚିହ୍ନି ନ ପାରଇ।୧୧।
ଆହେ ଚୈତନ୍ୟ ଦୟା କର
ପାପ ପୁଣ୍ୟରେ ତୁ ନ ମାର।୧୨।
ପାପକୁ ଛାଡ଼ିଲେ ମାରିବି
ପୁଣ୍ୟ କଲେ ମୁଁ ନାଶ ହେବି।୧୩।
ଏ ଦୁଇ ଏକ ଯେ କରିବ
ତୋର ମାୟାରୁ ସେ ତରିବ।୧୪।
ତାରିଲେ ମୁହିଁ ଯେ ତରିବି
ନୋହିଲେ ମୁଁ ନିଶ୍ଚେ ମରିବି।୧୫।
ତୁମ୍ଭଙ୍କୁ ସେବିବି ବୋଲିଣ
ଯେତେ ରୂପରେ ମୁଁ ଭ୍ରମିଣ।୧୬।
ମନୁଷ୍ୟ ଜନ୍ମ ମୋତେ ଦେଲୁ
କ୍ଷୁଧା ତୃଷାରେ ଯେ ମାଇଲୁ।୧୭।
ନିଦ୍ରା ଭୟକୁ ନ ଛାଡ଼ିଲି
ନିରତେ କାମ ବଶ ହେଲି।୧୮।
ହିଂସା ରାଗ ମୋହ ମାୟାରେ
ଚୌଷଠି ରୋଗ ଏ ଶରୀରେ।୧୯।
ଏ ପାଞ୍ଚ ପଚିଶ ପ୍ରକୃତି
ଏମାନେ ଶରୀର ନାଶନ୍ତି।୨୦।

ଏହାଙ୍କୁ କେ ଜିଣି ପାରିବ
ଏ ପିଣ୍ଡ ନିଶ୍ଚେ ନାଶ ଯିବ ।୨୧ ।
ଏହାଙ୍କ ସଙ୍ଗେ ବଶ ହେଲି
ନିରତେ ଭୂମି ମୁଁ ଭ୍ରମିଲି ।୨୨ ।
ତୁମ୍ଭର ଦୟା ଯେବେ ହୁଅନ୍ତା
ଏ କିମ୍ପା ମାୟାରେ ଭ୍ରମନ୍ତା ।୨୩।
ତୁମ୍ଭ ନିର୍ଦ୍ଦୟା ମୋରେ ହୋଇ
ଘରୁ ଆଣିଲା କିସ ପାଇଁ ।୨୪ ।
ଘରେ ମୁଁ ଥିଲି ଯେଉଁ ଦିନେ
ତୋତେ ମୁଁ ଭାବୁଥିଲି ମନେ ।୨୫ ।
ସତର ବରଷ ଯେଠାରୁ
ସୁବୁଦ୍ଧି ହେଲା ମୋ ହୃଦରୁ ।୨୬ ।
ଦୁଇ ବରଷ ଘର ଠାରେ
ରହିଲି ତୁମ୍ଭ ଭାବନାରେ ।୨୭ ।
ତୁମ୍ଭର ଭାବେ ଚିତ୍ତ ଦେଲି ।
ରାତ୍ର ଦିବସ ନ ଜାଣିଲି ।୨୮ ।
ଭାବିଲି ଘରେ କାର୍ଯ୍ୟ ନାହିଁ
ଅରଣ୍ୟେ ପଶିବିଟି ମୁହିଁ ।୨୯ ।
ଏକା ହୋଇଣ ବନେ ଥିବି
ଗ୍ରାମକୁ କେବେ ନ ଆସିବି ।୩୦ ।
ଏମନ୍ତେ ମନେ ମୁଁ ପାଞ୍ଚିଲି
ଘରେ ମୁଁ ଦିବସେ ଅଇଲି ।୩୧ ।
ଏକ ଗ୍ରାମରେ ବସାଘର
ଦିଗି ପଣ୍ଡା ନାମ ତାହାର ।୩୨ ।
ମୁଁ ତହିଁ କୌପିନୀ ମାରିଲି
ଲେଖା ଘରକୁ ଚାଲି ଦେଲି ।୩୩।
ବୋଇଲି ଖୋଜିବଟି ନାହିଁ
ଖୋଜିଲେ ପାଇବ ବା କାହିଁ ।୩୪ ।
ଏମନ୍ତେ ଲେଖା ଲେଖିଦେଲି
ରାତ୍ର ଅଧରେ ବାହାରିଲି ।୩୫ ।
ବୈଶାଖ ମାସ ହୋଇଥିଲା
ଅଷ୍ଟମୀ ଚନ୍ଦ୍ର ଅସ୍ତଗଲା ।୩୬ ।
ଏମନ୍ତ ବେଳେ ବାହାରନ୍ତେ
ମେଘ ଘୋଟିଲା ଯେ ତୁରିତେ ।୩୭ ।
ପବନ ବହେ ଖରତର
ପଥ ନ ଦିଶେ ଅନ୍ଧକାର ।୩୮ ।
ବରଷା ଝିପି ଝିପି କଲା
ଗଗନେ ବିଜୁଳି ।ମଇଲା ।୩୯ ।
ଏହା ଦେଖନ୍ତେ ମୋର ମନ
ଭାବିଲି କି କରିବି ପୁଣ ।୪୦ ।
ପ୍ରଭୁଙ୍କ ମାୟା ମୋତେ ହେଲା
ଏ ଅନ୍ଧକାର ଯେ ଘୋଟିଲା ।୪୧ ।
କି ବୁଦ୍ଧି କରିବଇଁ ମୁହିଁ
କାହିଁ ପଶିବି କେଉଁଠାଇଁ ।୪୨ ।

ଏ ମନ ବଡ଼ ଭୟ କଲା
ଯିବଇଁ ନାହିଁ ଯେ ବୋଇଲା ।୪୩।
କାଲି ପ୍ରଭାତୁ ମୁହିଁ ଯିବି
ଏ କଷ୍ଟ ସହି ନ ପାରିବି ।୪୪ ।
ପୁଣି ହିଁ ମନେ ଦମ୍ଭ କଲି
ସେଠାରୁ ବାହାର ହୋଇଲି ।୪୫ ।
ପଥ ନ ଦିଶେ ଅନ୍ଧକାର
ଶୀତରେ କମ୍ପଇ ଶରୀର ।୪୬ ।
ଖାଲ ଠିକର ନ ଜାଣିଲି
ଅରଣ୍ୟ ଭିତରେ ପଶିଲି ।୪୭ ।
କେତେ ଯେ ଦୂର ପଥ ଯାନ୍ତେ
ଭାଲୁଏ ଦେଖିଲି ତୁରିତେ ।୪୮ ।
ବିଜୁଳି ତେଜ ଘାତେ ମୁହିଁ
ଦେଖିଲି ବାଟରେ ଅଛଇଁ ।୪୯ ।
ଏ ମନ ବଡ଼ ଭୟ କଲା
ଆଉତ ବାଟ ନ ଦିଶିଲା ।୫୦ ।
ଭାବିଲି ନିଶ୍ଚେ ଏ ଖାଇବ
ବାନାକୁ ବଡ଼ ନିନ୍ଦା ହେବ ।୫୧ ।
ଏମନ୍ତେ ମନେ ପାଞ୍ଚ କଲି
ଖାଉ ବୋଲିଣ ପେଲି ଗଲି ।୫୨ ।
ସେ ଭାଲୁ ଛୁଇଁ ନ ପାରିଲା
ସେହି ଠାବରେ ବସିଥିଲା ।୫୩ ।
ତହୁଁ ଉତୁରି ମୁହିଁ ଗଲି
ଅରଣ୍ୟ ଭିତରେ ପଶିଲି ।୫୪ ।
ବଣା ହୋଇଣ ମୁଁ ଭ୍ରମନ୍ତେ
ରାତ୍ରପାହିଲା ଯେ ତୁରିତେ ।୫୫ ।
ଉଦୟ ହେଲେ ଦିବାକର
ମେଘ ପବନ ହେଲା ସ୍ଥିର ।୫୬ ।
ଜଗତ ଆଲୁଅ ଦିଶିଲା
ମୋ ମନ ଆନନ୍ଦ ହୋଇଲା ।୫୭ ।
ଆନନ୍ଦେ ପଥ ଚଳି ଯାନ୍ତେ
ମିଳିଲି ଏକଇ ପର୍ବତେ ।୫୮ ।
କେରାଣ୍ଡ ମାଳ ତାର ନାମ
ଭାବିଲି ଏଥି ମୁଁ ରହିଣ ।୫୯ ।
ଏ ସ୍ଥାନେ ଭକତି ସାଧିବି
କାହାର ସଙ୍ଗ ନ କରିବି ।୬୦ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୬୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଅଷ୍ଟଷଷ୍ଠିତମ ଅଧ୍ୟାୟ

ଏଥି ଉତ୍ତାରୁ ଯେତେ କଥା
କହିବି ଶୁଣ ସେ ବ୍ୟବସ୍ଥା ।୧ ।
ଏମନ୍ତେ ମନେ ମୁଁ ପାଞ୍ଚନ୍ତେ
ତୋ ମାୟା ଘୋଟିଲା ତ୍ୱରିତେ ।୨ ।
କ୍ଷୁଧା ତୃଷା ହିଁ ବଡ଼ କଲା
ଭୟତ ମୋତେ ଦେଖାଇଲା ।୩ ।
ଭାବିଲି କି ବୁଦ୍ଧି କରିବି
କାହିଁ ମୁଁ କିସ ଯେ ଖାଇବି ।୪ ।
ଜଳ ଖୋଜନ୍ତେ ନ ପାଇଲି
ତୃଷାରେ ଆକୁଳ ହୋଇଲି ।୫ ।
ବିଧିରେ ବୈଶାଖ ଯେ ମାସ
ଖରା ଯେ କଲା ବଡ ତ୍ରାସ ।୬ ।
ଭାବିଲି ନିଶ୍ଚେ ପ୍ରାଣ ଗଲା
ପ୍ରଭୁଙ୍କୁ ସେବି ନ ପାରିଲା ।୭ ।
ସଂସାରେ ସୁଖ ଯେ ଛାଡ଼ିଲି
ଅରଣ୍ୟ ଭିତରେ ମୁଁ ମଲି ।୮ ।
ଭଲା ବିଧାତା ଏହା କଲା
ଏତେକ ପାଞ୍ଚ ତାର ଥିଲା ।୯ ।
ଏମନ୍ତ ଚିନ୍ତା ମୁଁ କରନ୍ତେ
ବୁଦ୍ଧି ଏ ଦିଶିଥିଲା ମୋତେ ।୧୦ ।
ଭାବିଲି ଏଥେ କାର୍ଯ୍ୟ ନାହିଁ
ଗ୍ରାମକୁ ଏବେ ଯିବି ମୁହିଁ ।୧୧ ।

ଏଥି ରହିଲେ ପ୍ରାଣ ଯିବ
ଜଳ ଆହାର ନ ମିଳିବ ।୧୨ ।
ଏବେ ଗ୍ରାମକୁ ମୁହିଁ ଯିବି
ଅନ୍ନ ଖାଇ ପ୍ରାଣ ରଖିବି ।୧୩ ।
ପ୍ରଭୁଙ୍କ ଦୟା ହେବ ଯେବେ
ବନସ୍ତେ ପଶିବି ମୁଁ ତେବେ ।
ଏମନ୍ତେ ମନେ ମୁଁ ପାଞ୍ଚିଲି
ସେ ସ୍ଥାନୁ ବାହାର ହୋଇଲି ।୧୫ ।
ଆସନ୍ତେ ପର୍ବତୁ ଓହ୍ଲାଇ
ଗ୍ରାମ ଗୋଟିଏ ଦେଖିଲାଇଁ ।୧୬ ।
ଗ୍ରାମ ମୁଣ୍ଡରେ ବଟ ବୃକ୍ଷ
ଗୀତ ଗାବନ୍ତି ବାଳବସ୍ଥ ।୧୭ ।
ସେ ସ୍ଥାନେ ଆସି ମୁଁ ମିଳିଲି
ପଦ ହୁଡ଼ନ୍ତେ କହିଦେଲି ।୧୮ ।
ତା'ଶୁଣି ବାଳକେ ଧାଇଁଲେ
ପିତା ମାତାଙ୍କୁ ଯେ କହିଲେ ।୧୯ ।
ତାଙ୍କ ବଚନ ଶୁଣି କରି
ଆସିଲେ ଜଣ ପାଞ୍ଚ ଚାରି ।୨୦ ।
ବୋଇଲେ ଏ ସ୍ଥାନରେ ରହ
ପିଲାଙ୍କୁ ପାଠ ଯେ ପଢ଼ାଅ ।୨୧ ।
ତା'ଶୁଣି ସନମତ କଲି
ଲେଉଟି ଆସିବି ବୋଇଲି ।୨୨ ।

ପୁରୁଷୋତ୍ତମ ଲେଉଟାଣି
ଆସି ରହିବି ଏଥେ ପୁଣି ।୨୩।
ସେମାନେ ସନମତ କଲେ
ରାନ୍ଧଣା କରନ୍ତୁ ବୋଇଲେ ।୨୪।
ବୋଇଲି ରାନ୍ଧି ନ ପାରିବି
ଅନ୍ନହିଁ ଦେଲେ ମୁଁ ଖାଇବି ।୨୫।
ତା'ଶୁଣି ବଡ଼ ଭୟ କଲେ
ଶବର ଜାତି ସେ ବୋଇଲେ ।୨୬।
ମୁହିଁ ବୋଲିଲି ତୁମ୍ଭ ଜାତି
ଏଥି ନ କରି ତୁମ୍ଭେ ଭିତ୍ତି ।୨୭।
ତା'ଶୁଣି ବେଗେ ଚଳିଗଲେ
ଅନ୍ନ ଛେଲୁଏ ଆଣି ଦେଲେ ।୨୮।
ତୃଣ ଶାକ ହିଁ କିଛି ନାହି
ଆମ୍ବ କଷି ଗୋଟିଏ ଦେଇ ।୨୯।
ତା' ଦେଖି ବିଧାତା ସୁମରି
ଖାଇଲି ଗୁଣ୍ଡା ପାଞ୍ଚ ଚାରି ।୩୦।
ଆଉ ତ ଖାଇ ନ ପାରିଲି
ଛାଡ଼ି ମୁଁ ବାହାର ହୋଇଛି ।୩୧।
ଆସନ୍ତେ ଏକଇ ଗ୍ରାମରେ
ବେଳ ବୁଡ଼ିଲା ସେହିଠାରେ ।୩୨।
ସେ ଗ୍ରାମ ଭିତରେ ପଶନ୍ତେ
ପିଲାଏ ଘଉଡ଼ିଲେ ମୋତେ ।୩୩।
ବୋଇଲେ ବାୟା ଆସିଅଛି
ମାରରେ ଟେକା ସର୍ବେ ମିଶି ।୩୪।
ତାଙ୍କ କୁବଚନ ଶୁଣିଲି
ଲୁଚି ମେଲା ଘରେ ରହିଲି ।୩୫।
ଏକ ବ୍ରାହ୍ମଣ ଦେଖିଥିଲା
ରାତ୍ର ଅଧରେ ଡାକିନେଲା ।୩୬।
ବୋଇଲା ଭୋଜନ ତୁ କର
ଆମ୍ଭର ବିଭା ଲଗ୍ନ ଘର ।୩୭।
ଏମନ୍ତ ବୋଲି ଚଳି ଗଲା
ରାଣ୍ଡ ଝିଅକୁ କହିଦେଲା ।୩୮।
ତା'ଶୁଣି ବ୍ରାହ୍ମଣ କୁମାରୀ
ଅନ୍ନ ହିଁ ଦେଲା ଯତ୍ନ କରି ।୩୯।
କ୍ଷୀରି ପିଠା ହିଁ ଆଣି ଦେଲା
ବହୁତ ତିଆରି କହିଲା ।୪୦।
ବୋଇଲା ଶୁଣ ମୋର ବାଣୀ
ଅଳପ ବୟସ ତରୁଣୀ ।୪୧।
ମୋତେ ଯେ ବିଧାତା ପାଞ୍ଚିଲା
ସ୍ୱାମୀ ମୋହର ନାଶ ଗଲା ।୪୨।
ସ୍ୱାମୀର ସୁଖ ମୁଁ ନ ପାଇ
ଅତି କଷ୍ଟରେ ଦିନ ନେଇ ।୪୩।
ଅଳପ ବୟସ ତୁମ୍ଭର
କିମ୍ପା ଅଇଲା ଛାଡ଼ି ଘର ।୪୪।
ବିବାହ ହୋଇଛ କି ନାହିଁ
ଲେଉଟି ଯାଅ ମୁଁ କହଇ ।୪୫।
ବିଭା ହୋଇଣ ସୁଖେ ରହ
ଏ କଷ୍ଟ ସହିବ କି ଦେହ ।୪୬।

ସ୍ତ୍ରୀ କି ଭୋଗ ଯେ ନ କରେ
ମୂର୍ଖଟି ବୋଲି ଏ ସଂସାରେ ।୪୭ ।
ଏବେ ବଚନ ମୋର କର
ଲେଉଟି ଯାଅ ତୁମ୍ଭେ ଘର ।୪୮ ।
ଅନ୍ନ ବସ୍ତ୍ର ହିଁ ମିଳିବ
ନାନାଦି କଷ୍ଟଟି ପାଇବ ।୪୯ ।
ଏମନ୍ତେ ସେ ତରୁଣୀ କହି
ମୋ ମନ ଉଚ୍ଛନ୍ନ କରାଇ ।୫୦ ।
ବୋଇଲି ଲେଉଟିଣ ଯିବି
ଏତେ କଷ୍ଟ କି ମୁଁ ସହିବ ।୫୧ ।
ସତ କହିଲା ସେ ତରୁଣୀ
କି ବୁଦ୍ଧି କରିବି ମୁଁ ପୁଣି ।୫୨ ।
ଘରୁ ଅଇଲି ଯେଉଁ ମନେ
ଲେଉଟି ଯିବଇଁ କେସନେ ।୫୩।
ଏମନ୍ତେ ମନେ ମନେ ଭାଳି
ସେ ସ୍ଥାନୁ ଅଇଲି ମୁଁ ଚଳି ।୫୪ ।
ଭାବିଲି ଘରେ କାର୍ଯ୍ୟ ନାହିଁ
ଭ୍ରମି ଭ୍ରମି ପଛେ ମରଇ ।୫୫ ।
ଏମନ୍ତେ ବିଚାରନ୍ତେ ପୁଣ
ରାତ୍ରି ପାହିଲା ତତ୍କ୍ଷଣ ।୫୬ ।
ବୋଇଲି ମୁଁ ଗ୍ରାମେ ପଶିଲେ
ମାଡ଼ ମାରିବେ ମୋତେ ଭଲେ ।୫୭ ।
କାହିଁ ମୁଁ କିସ ଯେ ଖାଇବି
ଏ ଭୋକ କେମନ୍ତେ ସହିବି ।୫୮ ।
ମାଗି ତ ମୋତେ ନ ଆସଇ
ଗ୍ରାମେ ତ ପଶି ନ ପାରଇ ।୫୯ ।
ଯାଚି ମୋତେ କିଛି ନ ଦେଲେ
ଗ୍ରାମେ ପଶନ୍ତେ ଘଉଡ଼ିଲେ ।୬୦ ।
କେମନ୍ତେ ଏ ପ୍ରାଣ ରହିବ
ମୋତେ ତ ପାଞ୍ଚିଲା ଦଇବ ।୬୧ ।
ଘରକୁ ମୁହିଁ ଯେବେ ଯିବି
ପ୍ରଭୁଙ୍କ ନିନ୍ଦା ଶୁଣାଇବି ।୬୨ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳେ ବଡ଼ ପ୍ରାସ ।୬୩।
ସୁଜନେ ମୋର କଷ୍ଟ ଶୁଣ
ନିର୍ଦ୍ଦୟା କଲେ ଭଗବାନ ।୬୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଅଷ୍ଟଷଷ୍ଠିତମୋଽଧ୍ୟାୟଃ ।

--- ୦ ---

# ଊନସପ୍ତତିତମ ଅଧ୍ୟାୟ

ଏବେ ଚୈତନ୍ୟ ଶୁଣ ତୁହି
ଯେତେ କଷ୍ଟ ପାଇଲି ମୁହିଁ ।୧ ।
ତହୁଁ ମୁଁ ଗଲି ପଥେ ଚଳି
ପ୍ରଭୁଙ୍କ ନାମ ହୃଦେ ଭାଳି ।୨ ।
ଏମନ୍ତ ପଥ ଚଳି ଯାନ୍ତେ
ସନ୍ଧ୍ୟା ହୋଇଲା ଦିନ ଅନ୍ତେ ।୩ ।
ଏକ ଗ୍ରାମ ମଝି ଦାଣ୍ଡରେ
ରହିଲି ଭୋକ ଉପାସରେ ।୪ ।
କେହି ନ ପଚାରିଲେ ମୋତେ
ରାତ୍ର ପାହିଲା ଗଲି ପଥେ ।୫ ।
ସେ ଗ୍ରାମୁ ଚଳିଲି ବହନ
ଭୋକେ ମୋ ମନ ଛନ ଛନ ।୬ ।
ଚାଲନ୍ତେ ଚାଲି ନପାରଇ
ଭୋକେ ଆକୁଳ ମୋର ଦେହୀ ।୭ ।
କେତେ ହେଁ ଦୂର ମୁଁ ଆସନ୍ତେ
ବେଳ ବୁଡ଼ିଲା ଦିନ ଅନ୍ତେ ।୮ ।
ତିମିରି ପ୍ରକାଶିଲା ନିଶି
ଏକ ଗ୍ରାମରେ ଗଲି ପଶି ।୯ ।
ସେ ଗ୍ରାମେ କିଛି ନମିଳିଲା
ଶରୀର ବ୍ୟାକୁଳ ହୋଇଲା ।୧୦ ।
ଭୋକରେ ନିଦ୍ରା ନ ମାଡ଼ଇ
ରାତ୍ର ପାହିଲା ଗଲି ତହି ।୧୧ ।
ଖଲିକୋଟ ଗ୍ରାମ ଭିତରେ
ଜଳପାନ କଲି ସେଠାରେ ।୧୨ ।
ତହୁଁ ଅଇଲି ବାଣପୁର
କୈବର୍ତ୍ତ ଦେଖିଲା ବାଟର ।୧୩
ବୋଇଲା ମୋର ଘରେ ଆସ
ଭୋଜନ କରି ଯାଅ ଦେଶ ।୧୪ ।
ତା'ର ଘରକୁ ମୁହିଁ ଗଲି
ଭୋଜନ କରି ମୁଁ ଅଇଲି ।୧୫ ।
ଆସନ୍ତେ ବେଳ ଅସ୍ତ ହେଲା
ସ୍ଥାନ ହିଁ କାହିଁ ନ ମିଳିଲା ।୧୬ ।
ବହୁତ କଷ୍ଟ ଦେହେ ପାଇ
ସେ ସ୍ଥାନୁ ଅଇଲି ପଳାଇ ।୧୭ ।
ଆସନ୍ତେ ସୋରଣ ଭିତରେ
ବେଳ ବୁଡ଼ିଲା ସେହିଠାରେ ।୧୮ ।
ମଣ୍ଡପ ଗୋଟିଏ ଦେଖିଲି
ରାତ୍ରକ ତହିଁରେ ରହିଲି ।୧୯ ।
ମଣ୍ଡପ ପାଖେ ତା'ର ଘର
ବିଭା କରିଛି ସେ ଦିନର ।୨୦ ।
ମୋତେ ତ ଦେଖିଣ କହିଲା
ଅନ୍ନ କି ଖାଇବୁ ବୋଇଲା ।୨୧ ।
ତାଙ୍କୁ ବୋଇଲି ଦେଲେ ଖାଇ
ମୋତେ ତ ମାଗି ନ ଆସଇ ।୨୨ ।

ବୋଇଲା ଏହି ସ୍ଥାନେ ଥାଅ
ଡାକିଣ ନେବ ମୋର ପୁଅ ।୨୩।
ଏମନ୍ତେ କହି ସେହୁ ଗଲା
ରାତ୍ର ପାଆନ୍ତେ ନ ଲୋଡ଼ିଲା ।୨୪।
ଭୋକରେ ଆକୁଳ ମୋ ଦେହୀ
ତହୁଁ ମୁଁ ଗଲି ପଥ ବାହି ।୨୫।
ପତ ବାହିଣ ମୁଁ ଆସନ୍ତେ
ବ୍ରାହ୍ମଣ ଦେଖିଲାକ ମୋତେ ।୨୬।
ବୋଇଲା ଆସ ଯିବା ଘରେ
ଅନ୍ନ ମୁଁ ଦେବଇଁ ତୁମରେ ।୨୭।
ତାଙ୍କ ସଙ୍ଗତେ ମୁହିଁ ଗଲି
ଅନ୍ନ ଖାଇ ସନ୍ତୁଷ୍ଟ ହେଲି ।୨୮।
ସେଦିନ ରହିଲି ମୁଁ ତହିଁ
ରାତ୍ର ପାହିଲା ଗଲି ମୁହିଁ ।୨୯।
ଏମନ୍ତେ ପଥ ବାହିଯାନ୍ତେ
ବେଳ ବୁଡ଼ିଲା ଦିନ ଅନ୍ତେ ।୩୦।
ବ୍ରାହ୍ମଣ ଶାସନ ଭିତରେ
ପଶିଲି ଘଡ଼ିକ ଅନ୍ତରେ ।୩୧।
ବ୍ରାହ୍ମଣ ଏକ ଯେ ଦେଖିଲା
ଅନ୍ନ ମୁଠିଏ ସେହୁ ଦେଲା ।୩୨।
ବୋଇଲା ଏ ଗ୍ରାମେ ନ ରହ
ଆଉ ଗ୍ରାମକୁ ବେଗେ ଯାଅ ।୩୩।
ରାତ୍ର ଦୁଇଘଡ଼ି ଭିତରେ
ସମସ୍ତେ ମିଳି କଲେ ଦୂରେ ।୩୪।
ବୋଇଲେ ଏ ଗ୍ରାମେ ନ ଥାଅ
ବ୍ୟାଘ୍ର ଭାଲୁଙ୍କ ବଡ଼ ଭୟ ।୩୫।
ବ୍ୟାଘ୍ର ଯେ ଦେଖିଲେ ଖାଇବ
ରାଜା ତ ଘର ବହି ନେବ ।୩୬।
ଏମନ୍ତ ବୋଲି ଗାଳି ଦେଲେ
ଗ୍ରାମୁ ବାହାର କରି ଦେଲେ ।୩୭।
ତାଙ୍କ ବଚନ ମୁଁ ଶୁଣିଲି
ଲଟି କାଳ ବଣେ ପଶିଲି ।୩୮।
ରାତ୍ର ବୁଲଇ ଏଣେ ତେଣେ
ନିଦ୍ରା ମୋ ନ ଆସେ ନୟନେ ।୩୯।
ମଶା ଯେ ବଡ଼ କଷ୍ଟ ଦେଇ
ସମ୍ଭାଳି ନପାରି କାନ୍ଦଇ ।୪୦।
ବୋଇଲି ଭଲା ସେ ବ୍ରାହ୍ମଣୀ
ତା'ର ବୋଲ ନ କଲି ପୁଣି ।୪୧।
ଏ କଷ୍ଟ ସହି କେ ପାରିବ
ମଲେ ସିନା ଭଲ ହୋଇବ ।୪୨।
ଏମନ୍ତେ ମନେ ମୁଁ ଭାଳନ୍ତେ
ରାତ୍ର ହିଁ ଥିଲା ଗଲି ପଥେ ।୪୩।
ବ୍ୟାଘ୍ର ଭାଲୁ ହିଁ ଖାଇ ଯାଉ
ଏ କଷ୍ଟ ଏ ଦେହ ନ ପାଉ ।୪୪।
ଏମନ୍ତ ବିଚାରି ଚାଲନ୍ତେ
ରାତ୍ର ପହିଲା ଦୂର ପଥେ ।୪୫।
ବଡ଼ ଦେଉଳ ଦୂରୁ ଦେଖି
ସମସ୍ତ ଚିନ୍ତା ମୁଁ ଉପେକ୍ଷି ।୪୬।

ଚାଲି ମୁଁ ଗଲି ଖରତର
ମିଳିଲି ମିଟିକିଣି ଦ୍ୱାର ।୪୭ ।
ସେ ଦ୍ୱାରୀ ବାଟ ନ ଛାଡ଼ିଲା
ଅଠର ନଳା ଯା ବୋଇଲା ।୪୮ ।
ତାଙ୍କ ବଚନ ମୁ ଶୁଣଲି
ଅଠର ନଳା ଦ୍ୱାର ଗଲି ।୪୯ ।
ସେ ଦ୍ୱାରୀ ବାଟ ନ ଛାଡ଼ିଲେ
ବେତ ଦେଖାଇ ଘଉଡ଼ିଲେ ।୫୦ ।
ତହୁଁ ମୁଁ ଲେଉଟିଣ ଆସି
ବଉଳ ଗଛ ମୂଳେ ବସି ।୫୧ ।
ମନେ ବିଚାର କଲି ମୁହିଁ
ଦ୍ୱାରୀ ତ ଛାଡ଼ି ଦେଲେ ନାହିଁ ।୫୨ ।
କେମନ୍ତେ ଭିତରେ ପଶିବି
ପ୍ରଭୁଙ୍କୁ ଦର୍ଶନ କରିବି ।୫୩ ।
ଏମନ୍ତ ମନେ ମୁଁ ପାଞ୍ଚିଣ
ରହିଲି କିଛି ନ ଖାଇଣ ।୫୪ ।
ଏମନ୍ତେ ପାଞ୍ଚ ଦିନ ଗଲା
ଭୋକରେ ସାହସ ଉଡ଼ିଲା ।୫୫ ।
ଭାବିଲି ଏଥି କାର୍ଯ୍ୟ ନାହିଁ
ନିର୍ଦ୍ଦୟା କଲେ ଭାବଗ୍ରାହୀ ।୫୬ ।
ଲେଉଟି ଘରକୁ ମୁଁ ଯିବି
ଏତେ କଷ୍ଟ କି ମୁଁ ସହିବି ।୫୭ ।
ଏମନ୍ତ ଭାବି ମୁଁ ଅଇଲି
ସତ୍ୟବାଦୀ ଆସି ରହିଲି ।୫୮ ।
ରାତ୍ର ପାହିଲା ତହୁଁ ମୁହିଁ
ବାଟ ଚାଲନ୍ତେ ବଣା ହୋଇ ।୫୯ ।
ପୂର୍ବ ପଶ୍ଚିମ ନ ଜାଣିଲି
ଅଠର ନଳାରେ ମିଳିଲି ।୬୦ ।
ଦେଖି ପୁରୁଷ ଏଡ଼େ ମାୟା
ନିଶ୍ଚୟ ବୁଲିଲା ମୋ କାୟା ।୬୧ ।
ସେ ପ୍ରଭୁ ପାଦେ ଚିତ୍ତ ଦେଲି
ରାତ୍ର ଦିବସ ନ ଜାଣିଲି ।୬୨ ।
ଏମନ୍ତ ମନେ ମୁଁ ପାଞ୍ଚିଲି
ବଉଳ ମୂଳେ ମୁଁ ରହିଲି ।୬୩ ।
ଏମନ୍ତେ ସାତ ଦିନ ଗଲା
ଅନ୍ନ ହିଁ କାହୁଁ ନ ମିଳିଲା ।୬୪ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ସୁଖ କିସ ।୬୫ ।
ଆହେ ସୁଜନ ଜନ ମାନେ
ମୋ କଷ୍ଟ ଶୁଣ ସର୍ବ ଜନେ ।୬୬ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଊନସପ୍ତତିତମୋଽଧ୍ୟାୟଃ ।

--- ୦ ---

# ସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ନାରାୟଣ
ଏଥି ଉତ୍ତାରୁ କଷ୍ଟ ଶୁଣ ।୧ ।
ଏମନ୍ତେ ସାତଦିନ ଅନ୍ତେ
ପୋଖରୀ ଦେଖାଇଲା ମୋତେ ।୨ ।
ନଟୀ କାଳ ବାଗ ଭିତରେ
ଶାମୁକା ତହିଁର ଭିତରେ ।୩ ।
ପୋଖରୀ ବସି ମୁଁ ଅଇଲି
ଶାମୁକା ଭିତରେ ପଶିଲି ।୪ ।
ପାଣି ଘେନି ବାହାର ହେଲି
ବାଉରି ହାବୁଡେ ପଡ଼ିଲି ।୫ ।
ବୋଇଲା ଚୋର କାହିଁ ଯାଉ
ଆଜ ତ କେ ରଖିବ କହୁ ।୬ ।
ଏମନ୍ତ ବୋଲିଣ ଧାଇଁଲା
କେଶ ଦରିଣ ଝିଙ୍କି ଦେଲା ।୭ ।
ଭୂମିରେ ପଡ଼ନ୍ତେଣ ମୁହିଁ
ଗୋଇଠା ମାରିଲାକ ନେଇ ।୮ ।
ପୁଣି ଉଠାଇ ମୋତେ ଦେଲା
ଖୁନ୍ଦା କହୁଣି ସେ ମାଇଲା ।୯ ।
ହାବୁକା ମାରି ପେଲି ଦେଇ
ବାଳ ଧରି କଚାଡ଼େ ଭୂଇଁ ।୧୦ ।
ପୁଣି ବିଧା ଚାପୁଡ଼ା ମାରି
ଉପ୍ରୋଧ ନାହିଁ ଯେ ତାହାରି ।୧୧ ।
ନିତି ମୋ ତୋଟାରେ ପଶିଲୁ
ନଡ଼ିଆ ଚୋରାଇ ବିକିଲୁ ।୧୨ ।
ଏମନ୍ତ ବୋଲି ଗାଳି ଦେଇ
କ୍ରୋଧରେ ଶରୀର କମ୍ପାଇ ।୧୩ ।
ବୋଇଲା ଆଜି ତୁହି ମଲୁ
ନଡ଼ିଆ ସବୁ ଯେ ଖାଇଲୁ ।୧୪ ।
ବାଳ ଧରି ଘୋସାରି ନେଇ
ରାଜାଙ୍କୁ କହିବି ମୁଁ ଯାଇ ।୧୫ ।
ଏମନ୍ତେ ଘୋସାରି ନିଅନ୍ତେ
ବୁଢ଼ୀଏ ଦେଖିଲାକ ମୋତେ ।୧୬ ।
ବୋଇଲା ମାରୁ କାହିଁ ପାଇଁ
କହତୁ ଦୋଷ ଆର ତୁହି ।୧୭ ।
ବୋଇଲା ଚୋର ଏହି ଶୁଣ
ନଡ଼ିଆ ନେଇ ନିତି ପୁଣ ।୧୮ ।
ତା'ଶୁଣି ବୁଢ଼ୀ ଯେ ବୋଲଇ
ଛାଡ଼ିଣ ଦିଅ ବେଗେ ତୁହି ।୧୯ ।
ଉପାସ ଆଠ ଦିନ ହେଲା
ବଉଳ ମୁଳେ ପଡ଼ି ଥିଲା ।୨୦ ।

ତୃଷା କରନ୍ତେ ଅବା ସେହି
ପାଣି ଖାଇବାକୁ ସେ ଯାଇ ।୨୧ ।
ଏ ଯେବେ ରାଜାଙ୍କୁ କହିବ
ମାଡ଼ ମରାଇ ବେଡ଼ି ଦେବ ।୨୨ ।
ତା'ର ବଚନେ ଭୟ କଲା
ଛାଡ଼ି ଦେଇଣ ପଳାଇଲା ।୨୩ ।
ତହୁଁ ମୁଁ ଉଠିଣ ଅଇଲି
ବଉଳ ମୂଳରେ ଶୋଇଲି ।୨୪ ।
ବୋଇଲି ନିଶ୍ଚେ ପ୍ରାଣ ଗଲା
ଦଇବ ଏହା ଲେଖିଥିଲା ।୨୫ ।
ବ୍ରାହ୍ମଣୀ ବଚନ ମେଣ୍ଟିଲି
ଆଖର ପ୍ରାଣ ହରାଇଲି ।୨୬ ।
ଏ ଯେ ମନୁଷ୍ୟ ଜନ୍ମ ସାର
କି ଭୋଗ କରିଛି ସଂସାର ।୨୭ ।
ବୟସ ଊଣେଇଶ ବରଷ
ବିଧାତା ମୋତେ କଲା ନାଶ ।୨୮ ।
ବନ୍ଧୁ କୁଟୁମ୍ବ ନ ଦେଖିଲି
ମାଡ ଖାଇଣ ଏଥେ ମଲି ।୨୯ ।
ଘରେ ମୁଁ ଥିଲେ କେ ମାରନ୍ତା
ଏ କଷ୍ଟ କହିଲା ବିଧାତା ।୩୦ ।
ପୁରାଣ ମାନଙ୍କରେ କହି
ଦୟା ସାଗର ବୋଲି ତୁହି ।୩୧
ଏହା ଶୁଣନ୍ତେ ମୁଁ ଅଇଲି
ଦୟା ବା କରିବ ବୋଇଲା ।୩୨ ।
ମୋତେ ନିର୍ଦ୍ଦୟା ତୋର ଦେହି
ତୋତେ ନ ସେବି ପ୍ରାଣ ଗଲା ।୩୩ ।
ଏବେ ସୁଦୟା ମୋର ହୁଅ
ଏ ଦେହୁ ବେଗେ ଛାଡ଼ିଯାଅ ।୩୪ ।
ଏତେକ ମାଗୁଣି ମାଗଇ
ଏ କଷ୍ଟ ସହି ନ ପାରଇ ।୩୫ ।
ଆଜକୁ ଦଶ ଦିନ ହେଲା
ଅନ୍ନ ହିଁ କିଛି ନ ମିଳିଲା ।୩୬ ।
ପାଣି ଖାଇଣ ଏହୁ ପ୍ରାଣ
ରହିଛି କାହିଁ ପାଇଁ ପୁଣ ।୩୭ ।
କ୍ଷୁଧା ତୃଷାରେ ଦହି ହୋଇ
ତହିଁ ଉପରେ ମାଡ଼ ଖାଇ ।୩୮ ।
ତୋତେ ଭରସା କରେ ଯେହୁ
ଏତେ କଷ୍ଟ କି ପାଏ ସେହୁ ।୩୯ ।
ଏମନ୍ତ ବିଚାରି ଶୋଇଲି
ରାତ୍ର ପାହିଲା ଯେ ଉଠିଲି ।୪୦ ।
ବ୍ୟଥା ପରାଶ କିଛି ନାହିଁ
ମନ ମୋହର ଦମ୍ଭ ହୋଇ ।୪୧ ।
ବେଳ ହୋଇଲା ଦୁଇ ଘଡି
ଦ୍ୱାର ଛାଡ଼ିଲେ ଯେ ପ୍ରାହାରୀ ।୪୨ ।

ମୋତେ ଦେଖିଣ ସେ କହିଲେ
ଟଙ୍କା ତୁ ଆଣ ସେ ବୋଇଲେ ।୪୩।
ମୁହିଁ ବୋଇଛି କିଛି ନାହିଁ
ଛାଡ଼ ବା ନଛାଡ଼ ଯେ କହି ।୪୪।
ତା'ଶୁଣି ମୋତେ ଛାଡ଼ି ଦେଲେ
ଭିତରେ ପଶିଲି ମୁଁ ଭଲେ ।୪୫।
ଅରୁଣ ଖମ୍ବଠାରେ ମୁହିଁ
ବସିଲି ସିଂହଦ୍ୱାର ଚାହିଁ ।୪୬।
ବେତ ବାଡ଼ିରେ କୋଳାହର
ତା' ଦେକି ମୋ ମନ ବିକଳ ।୪୭।
ବୋଇଲି ଯେବେ ପେଲି ଯିବି
ଅବଶ୍ୟ ମାଡ଼ ମୁଁ ଖାଇବି ।୪୮।
କେମନ୍ତ ଭିତରକୁ ମୁହିଁ
ଯିବି ହେ ପ୍ରଭୁ ଭାବଗ୍ରାହୀ ।୪୯।
ଏମନ୍ତେ ମନେ ବିଚାରିଲି
ପାଞ୍ଚଦିନ ତହିଁ ରହିଲି ।୫୦।
ବୋଇଲି ପ୍ରଭୁ ଦୟା ନାହିଁ
ଏଥି ମୁଁ ଥିବି କାହିଁ ପାଇଁ ।୫୧।
ଅନ୍ନ ପାଣିହିଁ ନ ମିଳିଲା
ଭୋକରେ ସ ହଂସା ବୁଡ଼ିଲା ।୫୨।
ବୋଇଲି ଏଥି କାର୍ଯ୍ୟ ନାହିଁ
ବ୍ରହ୍ମାଣ୍ଡେ ପୁରୁଅଛି ସେହି ।୫୩।
ଏମନ୍ତେ ମନେ ମୁଁ ପାଞ୍ଚିଲି
ଅଠର ନଳା ପାର ହେଲି ।୫୪।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳେ ବଡ଼ କ୍ଳେଶ ।୫୫।
ଆହେ ସୁଜନ ଶୁଣ ଏବେ
ମୋ କଷ୍ଟ ଶୁଣ ଅନୁଭବେ ।୫୬।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଏକସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ନାରାୟଣ
ତୁ ଏତେ କଷ୍ଟ ଦେଲୁ ପୁଣ । ୧ ।
ଆଉ ଏଣିକି କି କରିବୁ
ମୋତେ କି ସୁଖ ଭୋଗ ଦେବୁ । ୨ ।
ଏମନ୍ତେ ବିଚାରି ଚାଲନ୍ତେ
ମେଘ ଘୋଟିଲା ଯେ ତୁରିତେ ।୩।
ପବନ ବହେ ଟାଣ କରି
ରେତୁ ଉଡ଼ନ୍ତେ ଦିଗ ପୁରି ।୪।
ବରଷା କଲା ମହା ଘୋରେ
ଘଡ଼ଘଡ଼ି ମାରେ ଉଚ୍ଚ ସ୍ୱରେ ।୫।
ପବନ ଘାତେ ମୁଁ ପଳାଇ
ଛିଡ଼ା ହେବାକୁ ଶକ୍ତି ନାହିଁ ।୬।
ଆଗରୁ ପଛକୁ ଯେ ନେଲା
ବୋଇଲି ନିଶ୍ଚେ ପ୍ରାଣ ଗଲା ।୭।
ଶୀତରେ କମ୍ପିଲା ଶରୀର
ଜଳ ପବନ ବାଜି ଖର ।୮।
ଏମନ୍ତେ ପବନ ବହିଲା
କେତେ ହେଁ ଦୁର ଘେନି ଗଲା । ୯ ।
ବରଷା ଘାତେ ରେଣୁ ଯାଇ
ବଟ ବୃକ୍ଷ ଦେଖିଲି ମୁହିଁ । ୧୦ ।
ସମ୍ଭାଳି ମୁହିଁ ନ ପାରିଲି
ଗଛକୁ ଜାବୁଡ଼ି ଧରିଲି । ୧୧ ।
ଏମନ୍ତେ ଦୁଇ ଘଡ଼ି ଗଲା
ପାଣି ପବନ ଥିର ହେଲା । ୧୨ ।
ଦେଖିଲି ପାଶେ ଗ୍ରାମ ନାହିଁ
ବେଳ ବୁଡ଼ିଲା ସେହି ଠାଇଁ । ୧୩ ।
ଉଠନ୍ତେ ଚାଲି ନ ପାରିଲି
ଭଲ ପ୍ରଭୁଙ୍କୁ ସେବା କଲି । ୧୪ ।
ଏଡ଼େ ନିର୍ଦ୍ଦୟା ସେ ପୁରୁଷ
ନିଶ୍ଚୟେ ମୋତେ କଲ ନାଶ । ୧୫ ।
ଏ ରାତ୍ର ଯେବେ ମୁଁ ବଞ୍ଚିବି
ଅବଶ୍ୟ ଗରକୁ ମୁଁ ଯିବି । ୧୬ ।
ଆଉ ତ ଭ୍ରମି ନ ପାରଇ
ଏ ଭୋକ ଜ୍ୱାଳା କେ ସହଇ । ୧୭ ।
ଘରେ ମୁଁ ଥିଲି ଯେଉଁଦିନ
କି ଭୋଗ କରି ନାହିଁ ପୁଣ । ୧୮ ।
ପାଟ ପତନୀ ପୀତାମ୍ବର
ଚୁଆ ଚନ୍ଦନ ଅଳଙ୍କାର । ୧୯ ।
ଖଟ ପଲଙ୍କ ଯେ ଶୁପାତି
କୁଙ୍କୁମ ଶରୀରେ ଲୋପନ୍ତି । ୨୦ ।
ନାନା ପୁଷ୍ପ ଯେ ଶିରେ ଘେନି
ତୁରଙ୍ଗ ଉପରେ ଯେ ପୁଣି । ୨୧ ।
ଖିରି ଖେଚଡ଼ି ପିଠା ଅନ୍ନ
ଖଣ୍ଡ ଶାକର ଘୃତି ପୁଣ । ୨୨ ।
ନାନାଦି ଭୋଗ ଆଉ ଯେତେ
ମୁଁ କିସି କହିବଇଁ ଚିତ୍ତେ । ୨୩ ।
ଏ ସର୍ବ ସୁଖ ଛାଡ଼ି ମୁହିଁ
ତୋତେ ସେବିଲି କଷ୍ଟ ପାଇ । ୨୪ ।

ଦୁଇ ବରଷ ଘର ଠାରେ
ପିତା ଖାଇଲି ନିରନ୍ତରେ ।୨୫ ।
ଏତେ କଷ୍ଟରେ ସେବାକଲି
ଦୟା ନୋହିଲା ଏଥେ ମଲି ।୨୬ ।
ଏମନ୍ତେ ବିଚାରିଲି ମୁହିଁ
ଯାଉ ଯାଉ ପଛେ ମରଇ ।୨୭ ।
ରାତ୍ର ହୋଇଛି ଦୁଇ ଘଡ଼ି
ସେ ସ୍ଥାନୁ ଅଇଲି ମୁଁ ଛାଡ଼ି ।୨୮ ।
ଏମନ୍ତେ ଦୁଇଦିନ ଅନ୍ତେ
ମିଳିଲି ଓଶେଣା ଅଗ୍ରତେ ।୨୯ ।
ଦେଉଳ ଭିତରେ ରହିଲି
ରାତ୍ରକ ତହିଁରେ ବଞ୍ଚିଲି ।୩୦ ।
ରାତ୍ର ପାହିଲା ଗଲି ମୁହିଁ
ଓଶୋଣା ଗ୍ରାମେ ପଶିଲଇଁ ।୩୧ ।
ବ୍ରାହ୍ମଣ ମୋତେ ସେ ଦେଖିଲା
ଭୋଜନ କର ସେ ବୋଇଲା ।୩୨ ।
ସତର ଦିନ ପରିଯନ୍ତେ
ଅନ୍ନ ହିଁ ନ ମିଳିଲା ମତେ ।୩୩ ।
ଆମ୍ଭ ମୁଖରୁ ଏହା ଶୁଣି
ଅନ୍ନ ହିଁ ଦେଲା ତତ୍କ୍ଷଣି ।୩୪ ।
ଗୁଣ୍ଡା ଚାରି ପାଞ୍ଚ ଖାଇଲି
ଆଉତ ଖାଇ ନ ପାରିଲି ।୩୫ ।
ବୋଇଲି ଯାଉଛି ମୁଁ ଶୁଣ
ସେଠାରୁ ଚଳିଲି ବହନ ।୩୬ ।
ଏମନ୍ତେ କେତେ ଦୁର ଯାନ୍ତେ
ଗହଳ ତୋଟା ଦେଖି ଚିତ୍ତେ ।୩୭ ।
ବୋଇଲି ଆମ୍ଭ ପଡ଼ିଥିବ
ଦେଖିଲେ କେ ଅବା ମାରିବ ।୩୮ ।
ଏମନ୍ତ ଭୟ ଚିତ୍ତ ହୋଇ
ମିଳିଲି ତୋଟା ପାଶେ ଯାଇ ।୩୯ ।
ଦେଖିଲି ଦେଉଳ ପୋଖରୀ
ଅତି ନିର୍ମଳ ସେହୁ ପୁରି ।୪୦ ।
ବୋଲିଲି ଏ ସ୍ଥାନେ ରହିବି
ଦେହ ସୁସ୍ଥ ହୋଇଲେ ଯିବି ।୪୧ ।
ଏମନ୍ତେ ମନେ ମୁଁ ପାଞ୍ଚିଲି
ଦେଉଳ ପାଖରେ ବସିଲି ।୪୨ ।
ବେଳ ଯେ ଦୁଇ ଘଡ଼ି ଅଛି
ବ୍ରାହ୍ମଣ ସର୍ବେ ମଳି ଆସି ।୪୩ ।
ପାଚିଲା ଆମ୍ଭ ଆଣିଥିଲେ
ଦେବତା ଭୋଗ କରାଇଲେ ।୪୪ ।
ଭୋଜନ କରି ଯେଝା ମତେ
ବଳନ୍ତେ ନେଲେ ଘର ପଥେ ।୪୫ ।
ମୁହିଁ ତ ବସିଥିଲି ତହିଁ
ଗୋଟିଏ ମୋତେ ଦେଲେ ନାହିଁ ।୪୬ ।
ଏଡ଼େ ନିର୍ଦ୍ଦୟା ତାଙ୍କ ଦେହ
ବୋଇଲେ ଏ ସ୍ଥାନରୁ ଯାଅ ।୪୭ ।
ତାଙ୍କ ବଚନ ମୁଁ ଶୁଣିଲି
ସନ୍ଧ୍ୟା ହୁଅନ୍ତେ ତହୁଁ ଗଲି ।୪୮ ।
ଡ଼ିଆ ଗ୍ରାମ ମଝି ଦାଣ୍ଡରେ
ଶଗଡ଼ ଗୋଟିକ ଉପରେ ।୪୯ ।
ରାତ୍ରକ ତହିଁ ମୁଁ ଶୋଇଲି
ଉପାସେ ସେଦିନ ରହିଲି ।୫୦ ।

ରାତ୍ର ପାହିଲା ତହୁଁ ଯାଇ
ଦେଉଳ ପାଶରେ ବସଇ ।୫୧ ।
ଏମନ୍ତେ ଦୁଇ ଦିନ ଅନ୍ତେ
ବୁଢ଼ୀ ବ୍ରାହ୍ମଣୀ ଦେଖି ମୋତେ ।୫୨ ।
ସେହୁ ଖଣ୍ଡିଆ ଆମ୍ବ ଦୁଇ
ବୋଇଲା ଖାଆ ବେଗେ ତୁହି ।୫୩।
ତା'ର ବଚନ ମୁଁ ଶୁଣିଲି
ଖାଇବି ବୋଲିଣ ବୋଇଲି ।୫୪ ।
ବେଳ ଦୁଇ ପ୍ରହର ଠାରେ
ବ୍ରାହ୍ମଣ ସ୍ନାନ କରିବାରେ ।୫୫ ।
କୃଷ୍ଣ ଦାସ ବୋଲି ବ୍ରାହ୍ମଣ
ପୁତ୍ରକୁ ସଙ୍ଗତେ ଘେନିଣ ।୫୬।
ମୋର ଆଗରେ ସେ ବସିଲା
ପୁତ୍ରକୁ ଗୀତ ବୋଲାଇଲା ।୫୭ ।
ତା'ଶୁଣି ମନେ ଛନ ଛନ
ଚୌତିଶା ବୋଇଲ ବହନ ।୫୮ ।
କ ଅକ୍ଷରୁ କ୍ଷ ପରିଯନ୍ତେ
ବୋଇଲି ମନ ତୋଷ ଚିତ୍ତେ ।୫୯ ।
ତା'ଶୁଣି ବ୍ରାହ୍ମଣ ଯେ ମାନେ
ବିଚାର କଲେ ଜଣେ ଜଲେ ।୫୦।
ବୋଇଲେ ବାୟା ଏ ନୁହଁଇ
ଗୁପତ ଏ ବେଶ ଧରଇ ।୬୧ ।
ଏମନ୍ତେ ବୋଲି ଯେଝା ମତେ
ବ୍ରାହ୍ମଣେ ଗଲେ ସେ ସମସ୍ତେ ।୬୨ ।
ଏମନ୍ତେ ଦିନ ଅସ୍ତ ଗଲା
ସନ୍ଧ୍ୟା ବେଳ ଆସି ହୋଇଲା ।୬୩।
ମାଳି ପୁଝାରି ଯେ ଅଇଲେ
ସନ୍ଧ୍ୟା ସାରିଣ ଧୂପ କଲେ ।୬୪ ।
ଦହି ପଖାଳ ମୋତେ ଦେଇ
ବୋଇଲେ ଖାଅ ବେଗେ ତୁହି ।୬୫ ।
ଏ ପାତ୍ରରେ ନେଇ ଦେଲେ
ତାହା ମୁଁ ବେଗେ ଖାଇ ଭଲେ ।୬୬।
ଖାଇ ସାରନ୍ତେ ମୁହିଁ ପୁଣ
ବୋଇଲେ ଆସନ୍ତୁ ବହନ ।୬୭ ।
ସଙ୍ଗେତେ ଘେଡ଼ିଗଲେ
ଶୋଇବାକୁ ଯେ ସ୍ଥାନ ଦେଲେ ।୬୮ ।
ଏମନ୍ତେ ଆଠ ଦିନ ରହି
ଏ ଥାନୁ ମୁହିଁ ଛାଡି ଯାଇ ।୬୯ ।
କହଇ ଅରକ୍ଷିତ ଦାସ
ଭ୍ରମିଲି ମୁହିଁ ନାନା ଦେଶ ।୭୦ ।
ଆହେ ସୁଜନ ମାନେ କହି
ଖଣ୍ଡଗିରିରେ ଏବେ ରହି ।୭୧ ।
ଏବେ ପ୍ରଭୁଙ୍କୁ ତୁମ୍ଭେ କହ
ମୋ ଠାରେ ଦୟା ତୁମ୍ଭେ ଥାଅ ।୭୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଦ୍ୱିସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କହି
ମୋ ଚିତ୍ତ ପ୍ରଭୁ ଯେ ଭ୍ରମଇ ।୧ ।
ତୁମ୍ଭେ ତ ସାକ୍ଷୀ ରୂପେ ଅଛ
ମୋତେ କିମ୍ପା ଯେ ଭ୍ରମାଉଛ ।୨ ।
ପ୍ରକୃତି ସଙ୍ଗେ ପଡ଼ି ମୁହିଁ
ଭ୍ରମିଲି ମାୟା ମତ୍ତ ହୋଇ ।୩।
ପ୍ରକୃତି ଗଣ ମୋତେ ଧରି
ନିଅନ୍ତି ଏଣେ ତେଣେ ଭରି ।୪ ।
ତାହାଙ୍କ ଆୟତରେ ମୁହିଁ
ଭ୍ରମିଲି ନାନା ରୂପେ କହି ।୫ ।
ପ୍ରଥମେ ଯେମନ୍ତେ ଭ୍ରମିଲି
ତାହା ତ ଶୁଣିଛ କହିଲି ।୬।
ନାନା ପର୍ବତେ ବୁଲାଇଲ
ଆଣି ଖଣ୍ଡଗିରି ରଖିଲ ।୭ ।
ପୁଣି ମୋ ଚିତ୍ତ ଯେ ଭ୍ରମାଇ
ଖଣ୍ଡଗିରିରୁ ବାହାରଇ ।୮ ।
ବୋଇଲି ଭକତି ସାଧିବି
ମହା ଅରଣ୍ୟରେ ପଶିବି ।୯ ।
ଏମନ୍ତେ ମନେ ମୁଁ ପାଞ୍ଚିଲି
ଖଣ୍ଡଗିରି ଛାଡ଼ି ଅଇଲି ।୧୦ ।

ଜାଗର ଅମାସ୍ୟା ଯେ ବାସୀ
ଛାଡ଼ି ମୁଁ ଅଇଲି ବିଶେଷି ।୧୧ ।
ଆସନ୍ତେ ମନେ ମୁଁ ପାଞ୍ଚଇ
ଗ୍ରାମେ ନପଶି ଯିବି ମୁହିଁ ।୧୨ ।
ବାୟା ବୋଲି ମତେ ମାରିବେ
ଚିହ୍ନିତ କେହି ନ ପାରିବେ ।୧୩।
ଭେକତ ମୋର କିଛି ନାହିଁ
ଏତ ମାୟା ସଂସାର କହି ।୧୪ ।
ସେ ପ୍ରଭୁ ସର୍ବ ଘଟେ ଅଛି
ଭଲ ମନ୍ଦ ହିଁ ନ ଜାଣୁଛି ।୧୫ ।
ପ୍ରକୃତି ଦେହରେ ଅଛନ୍ତି
ହିଂସା ରାଗରେ ଯେ ଭ୍ରମାନ୍ତି ।୧୬।
ଏ ଘେନି ଗ୍ରାମେ ନ ପଶଇ
ବାଟ ଭାଙ୍ଗିଣ ଯିବି ମୁହିଁ ।୧୭ ।
ଏମନ୍ତେ ବିଚାରି ଚାଲନ୍ତେ
ବ୍ରାହ୍ମଣ ଦୁଇ ଯେ ଭେଟନ୍ତେ ।୧୮ ।
ବୋଇଲୁ କେତେ ଦୂର ଯାଅ
ଆମ୍ଭଙ୍କୁ ସଙ୍ଗେ ତୁମ୍ଭେ ନିଅ ।୧୯ ।
ବୋଇଲେ କଣ୍ଟିଲୋଟି ଯାଏ
ଆସ ହେ ସଙ୍ଗୀ ହେବା ।୨୦ ।

ନୀଳ ମାଧବ ଦେବତାହିଁ
ପର୍ବତ ପରେ ଛନ୍ତି ରହି ।୨୧ ।
ପୂର୍ବେଟି ଜଗନ୍ନାଥ ଏଥି
ଶବର ପୂଜୁଥିଲା ନିତି ।୨୨ ।
ଏଥି ବ୍ରାହ୍ମଣ ଦେଖାଗଲା
ରାଜାଙ୍କୁ ଯାଇଣ କହିଲା ।୨୩ ।
ଇନ୍ଦ୍ରଦ୍ୟୁମନ ରାଜା ଦେଖି
ଘେନାଇ ଗଲା କି ଉପେକ୍ଷି ।୨୪ ।
ନେଇଣ ଶ୍ରୀ ନୀଳ କନ୍ଦରେ
ବିଜେ କରାଇ ନୃପ ବରେ ।୨୫ ।
ଏମନ୍ତେ କହି ସେ ବ୍ରାହ୍ମଣେ
ଆଜ ହୋ ରହ ସେହି ସ୍ଥାନେ ।୨୬ ।
ନୀଳ ମାଧବଙ୍କୁ ଦେଖିବ
ସେଠାରେ ପ୍ରସାଦ ସାରିବ ୨୭ ।
ଏମନ୍ତେ କେତେ ଦୁର ଯାଇ
ଦେଖ ଦେଉଳ ଦିଶୁଛଇ ।୨୮ ।
ସ୍ନାହାନ ସାରି ଆମ୍ଭେ ଜାଣ
ତୁମ୍ଭେ ତ ଆଗେ ଯାଅ ପୁଣ ।୨୯ ।
ତାଙ୍କ ବଚନେ ମୁହିଁ ଗଲି
ନୀଳ ମାଧବଙ୍କୁ ଦେଖିଲି ।୩୦ ।
ଅତି ନିର୍ମଳ ସ୍ଥାନ ସେହି
ମହାନଦୀ କୂଳ ପାଖଇ ।୩୧ ।

ନୋହିଲେ କିମ୍ବା ଜଗନ୍ନାଥ
ପୂର୍ବେ ତ ରହିଥିଲେ ଏତ ।୩୨ ।
ତାଙ୍କ ଲାଖି ଯେ ସ୍ଥାନ ଏହି
ନୋହିଲେ କିମ୍ବା ଥିଲେ ରହି ।୩୩ ।
ଏମନ୍ତେ ମନେ ପାଞ୍ଚି ବସି
ପ୍ରସାଦ ଦେଲେକି ବିଶେଷି ।୩୪ ।
ରାତ୍ରକ ସେ ସ୍ଥାନରେ ରହି
ରାତ୍ର ପାହାନ୍ତେ ତହୁଁ ଯାଇ ।୩୫ ।
ଏମନ୍ତେ କେତେ ଦୂର ଯାନ୍ତେ
ବ୍ରାହ୍ମଣ ଜଣେ ଯେ ଭେଟନ୍ତେ ।୩୬ ।
ବୋଇଲେ ମୋତେ ସଙ୍ଗେ ନିଅ
କେଉଁ ଠାବକୁ ଯିବ କହ ।୩୭ ।
ବୋଇଲୁ ମଣିଭଦ୍ରା ଯାଏ
ତୁମ୍ଭେ କେଉଁ ଗ୍ରାମ ଯିବ ହେ ।୩୮ ।
ବୋଇଲେ ବେଲପଡ଼ା ଜାଣ
ଆଜ ସେ ସ୍ଥାନେ ରହ ପୁଣ ।୩୯ ।
କାଲି ମଣିଭଦ୍ରାଟି ଯିବ
ଚାଲି ବେଲପଡ଼ା ରହିବ ।୪୦ ।
ଏମନ୍ତେ କେତେ ଦୂର ଯାଇ
ସ୍ନାହାନ ସାରିବା ଯେ କହି ।୪୧ ।
ମହାନଦୀରେ ସ୍ନାନ କଲୁ
ଜଳ ପାନ ତହିଁ ସାରିଲୁ ।୪୨ ।

ଏମନ୍ତେ ପଥ ବହି ଯାନ୍ତେ
ବେଲପଡ଼ା ଗଲୁ ତୁରିତେ ।୪୩।
ବୋଇଲେ ମଣ୍ଡବକୁ ଯାଅ
ରହିଲି ଦୟା ରଖି ଥାଅ ।୪୪।
ବୋଇଲୁ ଦୟା ଯେ ତୁମ୍ଭର
ଆସି ମିଳିଲୁ ମଣ୍ଡପର ।୪୫।
ମଣ୍ଡପ ଭଙ୍ଗା ଦଦରା ହିଁ
ଦଧିବାମନ ଛନ୍ତି ରହି ।୪୬।
ବୋଇଲୁ ପ୍ରଭୁର ମାୟା
କାକୁ ନିର୍ଦ୍ଦୟା କାକୁ ଦୟା ।୪୭।
ନୀଳମାଧବ ଯେ ଅଛନ୍ତି
କେତେ ଭୋଗଟି ପାଉଛନ୍ତି ।୪୮।
ଏଥି ଦଧିବାମନ ପୁଣ
ସେରେ ଚାଉଳକୁ ଭୋଜନ ।୪୯।
ସେତ ପଥର ଘରେ ଛନ୍ତି
ଏତ ଭଙ୍ଗା ମଣ୍ଡପେ ସ୍ଥିତି ।୫୦।
ସେ ପ୍ରଭୁ ପଢ଼ି ଦାତା ହୋଇ
ଯାହାକୁ ଯେମନ୍ତେ ଖଞ୍ଜାଇ ।୫୧।
କାହାକୁ ପାଟପଟ୍ଟୀ ପୁର
କାକୁ ନ ଦିଏ କନା ଜାଣ ।୫୨।
କାହାକୁ ଷଡ଼ ରସ ଦେଇ
କାକୁ ବଗଡ଼ା ନ ମିଳଇ ।୫୩।
କାହାକୁ ଖଟ ପଲଙ୍କ ହିଁ
କାକୁ କତରା ନ ଦିଅଇ ।୫୪।
ଏମନ୍ତେ ସେ ପ୍ରଭୁ ଭିଆଣ
ଯାହାକୁ ଯେମନ୍ତେ ଖଞ୍ଜିଣ ।୫୫।
କହଇ ଅରକ୍ଷିତ ଦାସ
ପ୍ରଭୁଙ୍କ ମହିଁମା ଅଶେଷ ।୫୬।
ଆହେ ସୁଜନ ଜନ ମାନେ
ପ୍ରଭୁଙ୍କ ମାୟାଟି ଏସନେ ।୫୭।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱିସପ୍ତତିତମୋଽଧ୍ୟାୟଃ ।

--- ୦ ---

# ତ୍ରିସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଏମନ୍ତେ ତୋର ମାୟା କହି ।୧ ।
ଘରୁ ଆସିବାବେଳେ ଶୁଣ
ଯେତେ କଷ୍ଟ ପାଇଲି ପୁଣ ।୨ ।
ସେ କଷ୍ଟୁ ଏ କଷ୍ଟ ବଳଇ
କବିବି ଶୁଣ ଏବେ ତୁହି ।୩ ।
ମଣ୍ଡପ ଉପରେ ବସିଲି
ତୃଷାରେ ଆକୁଳ ହୋଇଲି ।୪ ।
ବେଳ ତିନି ପ୍ରହର ହେଲା
ଭୋକ ତ ବଡ଼ ଦେଖାଇଲା ।୫ ।
ଜଳ ତ ପାଶେ ନାହିଁ ଜାଣ
କାହାକୁ ମାଗିବି ମୁଁ ପୁଣ ।୬ ।
ଓଳିଏ ଉପାସ ନ ସହି
ବନସ୍ତେ ବଞ୍ଚିବି ମୁଁ କାହିଁ ।୭ ।
ଏ ଦେହେ କେହୁ ରହିଅଛି
ମୋତେ ତ ଧନ୍ଦି ଯେ ମାରୁଛି ।୮ ।
ଏମନ୍ତେ ବିଚାରନ୍ତେ ଜାଣ
ଏକ ଜଣେ ଆସିଲା ପୁଣ ।୯ ।
ବୋଇଲା କାହୁଁ ଯେ ଅଇଲା
ଏ ସ୍ଥାନେ କିମ୍ପାଇ ରହିଲ ।୧୦ ।
ବୋଇଲୁ ଖଣ୍ଡ ଯେ ଗିରିରୁ
ଖରା ସାରିଣ ଯିବୁ ଦୂରୁ ।୧୧ ।
ବୋଇଲା କିସ ଯେ ସାରିବ
ମୁହିଁ ବୋଇଲି ଯାହା ଦେବ ।୧୨ ।
ତା'ଶୁଣି ବେଗେ ଚଳି ଗଲା
ଜଳପାନ ଘେନି ଆସିଲା ।୧୩ ।
ତାହା ସାରନ୍ତେ ମୁହିଁ ପୁଣ
ଆସି ଭେଟିଲେ ଚାରିଜଣ ।୧୪ ।
ଦର୍ଶନ କରିଣ କହିଲେ
ଏ ରାତ୍ର ରହନ୍ତୁ ବୋଇଲେ ।୧୫ ।
କାଲି ସଙ୍ଗରେ ଜଣେ ଯିବୁ
ପର୍ବତ ପାଖରେ ଛାଡ଼ିବୁ ।୧୬ ।
ଏମନ୍ତେ କହିଣ ରଖିଲେ
ରାତ୍ର ପାଆନ୍ତେ ଜଣେ ଲେ ।୧୭ ।
ବୋଇଲେ ଆଗେ ତୁମ୍ଭେ ଚାଲ
ବାଟ ତ ନ ଜାଣଇ ଭଲ ।୧୮ ।
ତା'ଶୁଣି ଆଗେ ସେ ଚାଲଇ
ମୁହିଁ ତ ପଚରେ ଗୋଡ଼ଇ ।୧୯ ।
ସେ ଦିନ କୁହୁଡ଼ି ଯେ କଲା
ଶୀତ ହିଁ ଚଡ଼ ଦେଖାଇଲା ।୨୦ ।

ବୋଇଲି ଚଇତ ମାସରେ
ଶୀତ ଯେ ମୋତେ ବଡ଼ କରେ ।୨୧ ।
ଜାଡ଼ କାଳରେ ଶୀତ ମୁହିଁ
ବନେ କେମନ୍ତେ ବଞ୍ଚିବଇଁ ।୨୨ ।
ମକ୍କା ଯେ କମ୍ପଇ ମୋହର
ସେତ ଡାକଇ ଆସ ଖର ।୨୩ ।
ତା'ଶୁଣି ମନେ ବିଚାରଇ
ଏତ ଅଇଲା କିସ ପାଇଁ ।୨୪ ।
ଏ ଯେବେ ସଙ୍ଗେରେ ନ ଥିଲେ
ଓହାଡ଼େ ବସନ୍ତି ମୁଁ ଭଲେ ।୨୫ ।
କାକର ଛାଡ଼ିଲେ ଯାଆନ୍ତି
ଏତେ ଶୀତ କିମ୍ପା ପାଆନ୍ତି ।୨୬ ।
ଏମନ୍ତେ ବିଚାରି ଚାଲଇ
ବେଳ ଯେ ପ୍ରହରଟି ହୋଇ ।୨୭ ।
କୁହୁଡ଼ି ହତ ହୋଇ ଗଲା
ସୂର୍ଯ୍ୟଙ୍କ ତେଜ ପ୍ରକାଶିଲା ।୨୮ ।
ସୂର୍ଯ୍ୟଙ୍କ ତେଜ ଲାଗି ଦେହେ
ଶୀତଟି କେଳେ ଗଲା କହେ ।୨୯ ।
ଚାଲନ୍ତେ ଏକଇ ଗ୍ରାମରେ
ଦଶପଲା ସୀମା ଭିତରେ ।୩୦ ।
ସଙ୍ଗରେ ଯେଉଁ ଜଣ ଥିଲା
କହି ଆମ୍ଭଙ୍କୁ ଘେନି ଗଲା ।୩୧ ।

ବୋଇଲା ଆସ ଯିବା ଘରେ
ସାରି କରିର ଯିବ ଖରେ ।୩୨ ।
ତା'ର ବଚନେ ମୁହିଁ ଗଲି
ସାରିଣ ସେ ଛାମୁ ଚଳିଲେ ।୩୩ ।
ମହାନୀ ଭିତରେ ଯାଇ
ମଣିଭଦ୍ରା ପର୍ବତ ପାଇ ।୩୪ ।
ଉପରକୁ ଚାହିଁଣ କହି
ଚାରି କୋଷ ଉଦେ ହେବଇଁ ।୩୫ ।
ଉପରେ ପାଣି ନାହିଁ ଶୁଣ
କିସ ଖାଇ ରହିବି ପୁଣ ।୩୬ ।
ତଳକୁ ଅସି ଜଳ ଖାଇ
ଉଠି ଯିବାକୁ ସକ୍ଷ ନାହିଁ ।୩୭ ।
ବଡ଼ ଭରସା କରିଥିଲି
ଏଥି ମୁଁ ରହିବି ପାଞ୍ଚିଲି ।୩୮ ।
ସେ ପାଞ୍ଚ ନିଷ୍ଫଳ ତ ହେଲା
କାହିଁ ରହିବି ମୁହିଁ ଭଲା ।୩୯ ।
ମହାନଦୀ ଦୁଇ କୂଳରେ
ଗ୍ରାମ ତ ବସିଛି ନିର୍ଭରେ ।୪୦ ।
ନଦୀ ତଟରେ ଲଟା ନାହିଁ
ଗ୍ରାମକୁ ଗ୍ରାମ ବସିଛଇଁ ।୪୧ ।
ପର୍ବତ ମାନଙ୍କରେ ଶୁଣ
ଜଳ ତ ନ ପାଇବି ପୁଣ ।୪୨ ।

ଗ୍ରାମେ ତ ପଶି ନ ପାରଇ
କାହିଁ ରହିବି ବୁଦ୍ଧି ନାହିଁ ।୪୩।
ଏମନ୍ତେ ବିଚାରି ଚାଲନ୍ତେ
ବେଳ ବୁଡ଼ିଲା ଦିନ ଅନ୍ତେ ।୪୪ ।
ରାତ୍ରରେ ବାଟ ଚାଲି ଯାଇ
ଚନ୍ଦ୍ର ବୁଡ଼ନ୍ତେ ଯେ ରହଇ ।୪୫ ।
ମହାନୀ ଭିତରେ ପୁଣ
ବସିଣ ବିଚାରଇ ଜାଣ ।୪୬ ।
ଆଜ ତ ରବିବାର ହୋଇ
ତିଥିତ ସପତମୀ କହି ।୪୭ ।
ରାତ୍ରଟି ସାତ ଘଡ଼ି ହୋଇ
ତେଣୁ ଚନ୍ଦ୍ରମା ଅସ୍ତଯାଇ ।୪୮ ।
ଅନ୍ଧାରେ ବାଟ ନ ଦିଶଇ
ନଈ ମଧ୍ୟରେ ଅଛି ରହି ।୪୯ ।
ଗଲେ ମୁଁ ବାଟ ନ ପାଇବି
କାହୁଁ ବା ଜଳରେ ପଶିବି ।୫୦ ।
ଏଠାରେ ରାତ୍ରକ ବଞ୍ଚିଣ
ରାତ୍ର ପାଆନ୍ତେ ଯିବି ପୁଣ ।୫୧ ।
ଏମନ୍ତ ବିଚାରିଲି ମୁହିଁ
କାଲି ବାଲି ଉପରେ ଶୋଇ ।୫୨ ।
କନା ଖଣ୍ଡିକି ଦେହେ ଦେଇ
ଏହାତ ଅର୍ଜିଥିଲି ମୁହିଁ ।୫୩।
ହେ ପ୍ରଭୁ ଏହା ବିଚାରିଲୁ
ପଡ଼ି ହିଁ ଆଜକୁ କାଟିଲୁ ।୫୪ ।
ଏମନ୍ତେ ପାଞ୍ଚି ମୁଁ ଶୁଅଇ
ଭୋକରେ ନିଦ୍ରା ନ ମାଡ଼ଇ ।୫୫ ।
ହେ ଅନ୍ତର୍ଯ୍ୟାମି ପିତବାସ
ଖଣ୍ଡ ଅର୍ଦ୍ଧିତ ଦାସ କ୍ଲେଶ ।୫୬ ।
ଆହେ ସୁଜନ ମାନେ ଶୁଣ
ଏମସ୍ତ ପାଞ୍ଚି ମୁଁ ଶୋଇଣ ।୫୭ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ତ୍ରିସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଚତୁଃସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ରାତ୍ର ତିନି ପ୍ରହର ହୋଇ ।୧ ।
ପବନ ବଡ଼ ହିଁ ବହିଲା
ଶୀତରେ ଶରୀର କମ୍ପିଲା ।୨ ।
ମନକୁ ଦମ୍ଭ କଲି ମୁହିଁ
ଶରୀର ଦମ୍ଭ କେବେ ନୋହି ।୩।
ଯେତେ ଦମ୍ଭ କରି ରହିଲେ
କମ୍ପଇ ଥରହରେ ଭଲେ ।୪ ।
ପବନ ବେଳୁ ବେଳ ବହି
ବହିଲା ଖରତର ହୋଇ ।୫ ।
ଜଳରେ ବାଜି ସେ ପବନ
ମହା ଶୀତର ଲାଗେ ପୁଣ ।୬ ।
ବୋଲଇ ପ୍ରଭୁ ମାୟା ଏହି
ଏ ଦିନେ ଏ ଶୀତ କରଇ ।୭ ।
ଏବେ ମୁଁ କି ବୁଦ୍ଧି କରିବି
କାହିଁ କେଉଁଠାକୁ ଯିବି ।୮ ।
ନଈ ମଧ୍ୟରେ ମୁଁ ରହିଲି
ଗ୍ରାମେ ତ ଭୟେ ନ ପଶିଲି ।୯ ।
ଏବେ ତ ଅନ୍ଧାର ଘୋଟିଲା
ରାତ୍ର ତିନି ପ୍ରହର ହେଲା ।୧୦ ।
କୋଷେ ଲେଉଟି ଯେବେ ଯିବି
ତୋତେ ମୁଁ ଗ୍ରାମକୁ ଦେଖିବି ।୧୧ ।
ଏତେ ରାତ୍ରରେ ମୁହିଁ ଗଲେ
ଚୋର ବୋଲି ମାରିବେ ଭଲେ ।୧୨ ।
ଏଥି ରହିଲେ ପ୍ରାଣ ଯିବ
ଶୀର କମ୍ପେ ଅସମ୍ଭବ ।୧୩।
କିମ୍ପା ମୁଁ ଖଣ୍ଡଗିରି ଛାଡ଼ି
ଅଇଲି ଏଡ଼େ ସୁଖ ଏଡି ।୧୪ ।
ଏ ରାତ୍ର ଯେବେ ମୁଁ ବଞ୍ଚିବି
ଅବଶ୍ୟ ଖଣ୍ଡଗିରି ଯିବି ।୧୫ ।
ଆଉ ତ ଭ୍ରମି ନ ପାରଇ
କେତେ କଷ୍ଟ ପାଇଲି ମୁହିଁ ।୧୬ ।
ଏହିତ କଷ୍ଟ ନ ସହିଲା
ପ୍ରଭୁଙ୍କ ମାୟା ମୋତେ ହେଲା ।୧୭ ।
ସାତ ବେଳେ ଭାବିଲି ମୁହିଁ
ବନେ ଭକତି ସାଧିବଇଁ ।୧୮ ।
ପ୍ରଭୁଙ୍କ ମାୟା ମୋତେ ହେଲା
ସାତ ବେଳହିଁ ଲେଉଟିଲା ।୧୯ ।
ଆଉ ତ ବନେ ନ ପଶଇ
ଏ କଷ୍ଟ କେ ସହି ପାରଇ ।୨୦ ।
ଆଉ ଯୋଗ ମୁଁ ସାଧିଥିଲେ
ଅବଶ୍ୟ ସାଧ ହନ୍ତା ଭଲେ ।୨୧ ।
ଭକତି ଯୋଗ ଯେ ବୋଲିଣ
ପ୍ରଭୁଙ୍କ ନିଜ ଧର୍ମ ପୁଣ ।୨୨ ।
ତେଣୁଟି ମୋତେ ମାୟା ହୋଇ
ଭକତି ଯୋଗ ଦେବା ପାଇଁ ।୨୩।
ହେ ପ୍ରଭୁ ମାୟା ତୁ ନ କର
ଏ କଷ୍ଟୁ ବେଗେ ତୁ ଉଦ୍ଧର ।୨୪ ।
ଭକତି ଯୋଗେ କାର୍ଯ୍ୟ ନାହିଁ
ଏ କଷ୍ଟୁ ପାରିକର ତୁହି ।୨୫ ।
ଭକତି ଯୋଗ ବିନୁ ଆନ
ଆଉ ଯୋଗ ନ ସାଧେ ପୁଣ ।୨୬ ।

ଅବଶ୍ୟ କୌପୀନ ଛାଡ଼ିବି
ଖଣ୍ଡଗିରି ବସି ରହିବି ।୨୭ ।
ତୁମ୍ଭର ଦୟା ଯେବେ ଥିବ
ଅବଶ୍ୟ ଭକ୍ତି ମୋତେ ଦେବ ।୨୮ ।
ନୋହିଲେ ଆନ ଯୋଗ ମୁହିଁ
ମଲେ କେବେହେଁ ନ ସାଧଇ ।୨୯ ।
ହେ ପ୍ରଭୁ ମାୟା ମୋରେ ହୋଇ
ଏଠାରୁ ଲେଉଟିଲି ମୁହିଁ ।୩୦ ।
ଏ ଦେହେଁ କେହୁ ରହିଅଛି
କିଛି ତ ସହି ନଚପାରୁଛି ।୩୧ ।
ତୁ ନାଥ ମାୟା ଦେହେ ଥାଇ
କିଛି ନ ସହିଲୁଟି କହି ।୩୨ ।
ଏବେ ମୁଁ ଜଣାଉଛି ଶୁଣ
ଲେଉଟି ଖଣ୍ଡଗିରି ପୁଣ ।୩୩ ।
ଏ ଦୋଷ କ୍ଷମା ଯେ କରିବ
କଷ୍ଟ ନ ସହିଲି ଯେ ଦେବ ।୩୪ ।
ବେଳକୁ ବେଳ ଶୀତ ହୋଇ
ସେ ସ୍ଥାନୁ ଲେଉଟି ଆସଇ ।୩୫ ।
କେତେ ହେଁ ଦୁର ମୁଁ ଆସନ୍ତେ
ଅଗ୍ନି ଦେଖିଲି ଦୁରୁପଥେ ।୩୬ ।
ନଦୀ ମଧ୍ୟରେ ଅଗ୍ନି ଦିଶେ
ଗୋସାଣୀ ନିଆଁ ଅବା ଦିଶେ ।୩୭ ।
କେ ଅବା ମଡ଼ା ପୋଡି ଯାଇ
ସେଠାକୁ ଏବେ ଯିବି ମୁହିଁ ।୩୮ ।
ଅଗ୍ନି ପାଖରେ ମୁଁ ବସିବି
ଶରୀର ଦମ୍ଭ ମୁଁ କରିବି ।୩୯ ।
ଏମନ୍ତେ ପାଞ୍ଚି ମୁହିଁ ଗଲି
ଅଗ୍ନି ପାଖରେ ଯେ ପାଇଲି ।୪୦ ।
ମନୁଷ୍ୟ ତୁଣ୍ଡ ଯେ ଶୁଭିଲା
ଭାବିଲି ପ୍ରଭୁ ଦୟା କଲା ।୪୧ ।
ନଦୀ ମଧ୍ୟରେ ଅଗ୍ନି କାହିଁ
ଏତ ପ୍ରଭୁଙ୍କ ଦୟା ହୋଇ ।୪୨ ।
ଏମନ୍ତେ ବିଚାରି ମୁଁ ଗଲି
ଅଗ୍ନି ପାଖରେ ଛିଡ଼ାହେଲି ।୪୩ ।
ତିନି ଜଣ ଯେ ବସିଥିଲେ
ଦେଖିଣ ଭୟେ ପଚାରିଲେ ।୪୪ ।
ବୋଇଲେ କାହୁଁ ଯେ ଅଇଲି
ଏତେ ରାତ୍ରରେ କାହିଁ ଥିଲି ।୪୫ ।
ଶୀତରେ କମ୍ପୁଛି ଶରୀର
ଅଗ୍ନି ପାଖରେ ବିଜେ କର ।୪୬ ।
ଏମନ୍ତେ କହିଲେକ ଯହୁଁ
ଅଗ୍ନି ପାଖରେ ବସେ ତହୁଁ ।୪୭ ।
ଅଗ୍ନିଙ୍କ ତେଜ ସେ ଲାଗିଲା
ଶରୀର ତମ୍ଭ ମୋ ହୋଇଲା ।୪୮ ।
କହଇ ଅରକ୍ଷିତ ଦାସ
ଏ ଦେହେ ପାଇ ବହୁ କ୍ଲେଶ ।୪୯ ।
ଆହେ ସୁଜନ ମାନେ କହି
ଲେଉଟି ଖଣ୍ଡଗିରି ଯାଇ ।୫୦ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଚତୁଃସପ୍ତତିତମୋଽଧ୍ୟାୟଃ ।

--- ୦ ---

# ପଞ୍ଚସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କହି
ଶୀତ ଛାଡ଼ିଲା ଯହୁଁ ମୁହିଁ ।୧ ।
ବୋଇଲୁ ଖଣ୍ଡ ଯେ ଗିରିରୁ
ଯାଉ ଯେ ଥିଲୁ ବହୁଦୂରୁ ।୨ ।
ରାତ୍ରଟି ବାଟେ ପାହିଯାଇ
ଚନ୍ଦ୍ର ବୁଡନ୍ତେ ରହିଲଇଁ ।୩।
ନଦୀ ମଧ୍ୟରେ ସେ ରହିଲୁ
ଶୀତ କରନ୍ତେ ଯେ ଆସିଲୁ ।୪ ।
ଅଗ୍ନିକୁ ଦୂରୁ ଦେଖି ଜାଣ
ଅଇଲୁ ଏଥବ ତୁମ୍ଭେ ଶୁଣ ।୫ ।
ବୋଇଲେ ଉପାସେ ରହିଲ
କିମ୍ପା ଗ୍ରାମକୁ ଯେ ନଗଲ ।୬ ।
ଗ୍ରାମକୁ ଯାଇଥିଲେ ଜାଣ
ରନ୍ଧା ଯେ କରିଥାନ୍ତ ପୁଣ ।୭ ।
ବୋଇଲୁ ରାନ୍ଧି ନ ପାରଇ ।
ଯେ ଦେଲେ ତା ଘରେ ସାରଇ ।୮ ।
ବୋଇଲେ ଆମ୍ଭ ଯେ ଉଦ୍ଧାରେ
ସାରିବ ଜଣାଇ ଛାମୁରେ ।୯ ।
ବୋଇଲୁ ସାରିବୁ ଯେ ଶୁଣ
ବାଛ ବିଚାର ନାହିଁ ପୁଣ ।୧୦ ।
ତା' ଶୁଣି ବେଗେ ରାନ୍ଧିସାରି
ଅନ୍ନ ବ୍ୟଞ୍ଜନ ଦେଲେ ଭରି ।୧୧ ।
ସାରନ୍ତେ ରାତ୍ର ପାହି ପୁଣ
କହିଣ ଆସିଲୁ ବହନ ।୧୨ ।
ସେଠାରୁ ଚାଲି ମୁଁ ଆସନ୍ତେ
ଜଳ ଦେଖିଣ ମୁଁ ବସନ୍ତେ ।୧୩।
ସ୍ତିରୀ ପାଞ୍ଚ ସାତ ଅଇଲେ
ଦୂରୁ ଦେଖିଣ ସେ କହିଲେ ।୧୪
ବୋଇଲେ ବାୟା ଏ ଅଟଇ
ଏଥେ ବସିଛି କାହି ପାଇଁ ।୧୫ ।
କେମନ୍ତେ ପାଣି ଗୋ ଆଣିବା
ଚାଲ ଗୋ ଏଥୁ ଫେରିଯିବା ।୧୬ ।
ଗଲେଟି ଘଉଡ଼ିବ ସେହି
ଚାଲ ଗୋ ଫେରିଯିବା କହି ।୧୭ ।
ଏମନ୍ତେ ବୋଲି ଫେରିଗଲେ
ତାହା ମୁଁ ମନେ ପାଞ୍ଚେ ଭଲେ ।୧୮ ।
ଦେଖ ଏ ପୁରୁଷଙ୍କ ମାୟା
ଅଜ୍ଞାନ ସବୁ କରି କାୟା ।୧୯ ।
ସେ ହରି ସର୍ବ ଘଟେ ଥାଇ
ଯୁଗଳ ରୂପେ ବିହରଇ ।୨୦ ।

ଏ ଦେହି ଜୀବଟି ପରମ
ବିହରେ ରାତ୍ର ଦିବସେଣ ।୨୧ ।
ସଂସାରେ ଖେଳ ଲଗାଇଲା
ସ୍ତିରୀ ପୁରୁଷ ଜାତି କଲା ।୨୨ ।
ଯେତେ ସ୍ତିରୀ ପୁରୁଷ ଛନ୍ତି
ଲକ୍ଷ୍ମୀ ନାରାୟଣ ଅଟନ୍ତି ।୨୩ ।
ଏ ଯେତେ ସ୍ତୀରି ଆସିଥିଲେ
ଆମ୍ଭର ପତ୍ନୀ ଅଟେ ଭଲେ ।୨୪ ।
କିମ୍ପାଇଁ ଭୟେ ଯେ ପଳାଇ
ବାୟା ବୋଲିଣ ଗାଳି ଦେଇ ।୨୫ ।
ଗେର୍ତ୍ତ ଠାରେ କୋପ କରି
କିମ୍ପାଇଁ ଏଥୁ ଗଲେ ଫେରି ।୨୬ ।
ମୁହିଁ ବା ଚିହ୍ନି ନପାରଇ
ତେଣୁ ଭତ୍ସନା ବୋଲେ ସେହି ।୨୭ ।
ମୁଁ ଯେବେ ଚିହ୍ନି ପାରି ଥାନ୍ତି
କିମ୍ପାଇ ଭର୍ତ୍ସନା ଶୁଣନ୍ତି ।୨୮ ।
ଯହୁଁ ମୁଁ ଭିନ୍ନା ଭିନ୍ନ କଲି
ତେଣୁ ବାୟା ପଦ ବହିଲି ।୨୯ ।
ସେ ପ୍ରଭୁ ସର୍ବ ଘଟେ ଥାଇ
ଭଲ ମନ୍ଦ ଯେ ନ ଜାଣଇ ।୩୦ ।
ଦେହରେ ପ୍ରକୃତି ଭ୍ରମନ୍ତି
ଭିନ୍ନା ଭିନ୍ନ କରି ମରନ୍ତି ।୩୧ ।
ହିଂସ ଲୋଭ କାମ ମାୟାରେ
ଚୌଷଠି ରୋଗ ସଙ୍ଗତରେ ।୩୨ ।
ଏହାଙ୍କ ସଙ୍ଗେ ମୁଁ ଭ୍ରମିଲି
ଦୁର୍ଯ୍ୟୋଧନ ପରାୟେ ହେଲି ।୩୩ ।
ଏମନ୍ତେ ମନେ ମୁଁ ପାଞ୍ଚଇ
ସେଠାରୁ ଅଇଲି ପଳାଇ ।୩୪ ।
ରାତ୍ରକ ବେଳପଡ଼ା ଜାଣ
ରାତ୍ର ପାଆନ୍ତେ ଯେ ଆସିଣ ।୩୫ ।
ନୀଳ ମାଧବ ସ୍ଥାନେ ରହି
ରାତ୍ର ପାଆନ୍ତେ ମୁଁ ଆସଇ ।୩୬ ।
ମହାନଦୀ ଭିତରେ ଜାଣ
ଏକ ପର୍ବତେ ରହି ପୁଣ ।୩୭ ।
ବୋଇଲି ଏଥୁ ଗୁମ୍ଫା ଥିଲେ
ଏ ସ୍ଥାନେ ରହିବି ମୁଁ ଭଲେ ।୩୮ ।
ଏମନ୍ତେ ପାଞ୍ଚି ମୁହିଁ ଗଲି
ଗୁମ୍ଫା ଖୋଜନ୍ତେ ନ ପାଇଲି ।୩୯ ।
ପର୍ବତ ବୁଲି ମୁଁ ଆସନ୍ତେ
ମହାଦେବ ସ୍ଥାନ ଦେଖନ୍ତେ ।୪୦ ।
ସେଠାରେ ଆସି ମୁଁ ମିଳିଲି
ପ୍ରସାଦ ଦେଲେ ମୁଁ ସାରିଲି ।୪୧ ।
ସାରିଣ ଚଳିଲି ବହନ
ମିଳିଲି ବୈଦେଶ୍ୱର ଜାଣ ।୪୨ ।

ପର୍ବତ ପରେ ମହାଦେବ
ରାତ୍ରକ ରହି ସେହି ଠାବ ।୪୩।
ଦହି ପଖାଳ ତହିଁ ଖାଇ
ରାତ୍ର ପାଆନ୍ତେ ମୁଁ ଆସଇ ।୪୪ ।
ବାଙ୍କୀ ସୀମା ତୁଳସୀ ପୁର
ଦି ରାତ୍ର ରହିଲି ତହିଁର ।୪୫ ।
ଦୁଇ ରାତ୍ର ରହି ଛାଡ଼ିଲୁ
ହଳଦିଆ ପର୍ବତ ଅଇଲୁ ।୪୬ ।
ସେଠାରେ ସ୍ଥାନ କିଛି ନାହିଁ
ଲେଉଟି ଡ଼ମପଡ଼ା ଯାଇ ।୪୭ ।
ରାତ୍ରକ ସେଠାରେ ରହିଲୁ
ରାତ୍ର ପାଆନ୍ତେ ଯେ ଆସିଲୁ ।୪୮ ।
ଆସିଣ ଖଣ୍ଡଗିରି ଯାଇ
କାହାକୁ ଦେଖା ଯେ ନ ଦେଇ ।୪୯ ।
ବାର ଦିନ ଲୁଚି ରହିଲି
ପୁଣି କଥାଏ ପାଞ୍ଚ କଲି ।୫୦ ।
କେତେ ହେଁ ଲୁଚି ରହିଥିବା
ପ୍ରାଚୀ କୂଳ ଦେଖି ଆସିବା ।୫୧ ।
ବାହାରେ ଅରକ୍ଷିତ ଦାସ
ମାୟାଟି କଲେ ପୀତବାସ ।୫୨ ।
ଆହେ ସୁଜନ ମାନେ କହି
ଖଣ୍ଡଗିରି କି ଛାଡ଼ି ମୁହିଁ ।୫୩।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ପଞ୍ଚସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଷଷ୍ଠସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ କହି
ଖଣ୍ଡଗିରିରୁ ମୁହିଁ ଯାଇ ।୧ ।
ରାତ୍ରରେ ଚାରି କୋଶ ଗଲୁ
ବାଲକାଟି ପାଖେ ମିଳିଲୁ ।୨ ।
ରାତ୍ର ପାହିଲା ସୂର୍ଯ୍ୟ ଉଇଁ
ଗଲୁ ଯେ ଖରତର ହୋଇ ।୩ ।
ବୋଇଲୁ କେ ଅବା ଚିହ୍ନିବେ
ଆମ୍ଭଙ୍କୁ ଆକଟି ରଖିବେ ।୪ ।
ଏ ଘେନି ବେଗେ ଚାଲିଯାଇଁ
ଏକ ଗ୍ରାମରେ ମିଳିଲଇଁ ।୫ ।
ବେଳ ଯେ ସାତ ଘଡ଼ି ଜାଣ
ଦେଉଳ ପାଶରେ ବସିଣ ।୬ ।
ଦେଉଳ ପୂଜାରୀ ଦେଖିଲା
ଭୋଗ ସାରିବୁ ଆ ବୋଇଲା ।୭ ।
ଧୂପ ସାରିଣ ଘେଡ଼ି ଯାଇ
ଆମ୍ଭଙ୍କୁ କିଛି ସେ ନ ଦେଇ ।୮ ।
ତା' ଦେଖି ମନେ ମୁଁ ପାଞ୍ଚଇ
ଏ ଦ୍ୱିଜ ମୂର୍ଖ ଯେ ଅଟଇ ।୯ ।
ପଚାରି ଘେନି ଗଲା ଜାଣ
ଆଶା କରାଇ ଯେ ବ୍ରାହ୍ମଣ ।୧୦ ।
ସେଠାରେ ଖରା ଯେ ସାରିଲୁ
ଭୋକରେ ଆକୁଳ ହୋଇଲୁ ।୧୧ ।
ଖରା ଶାନ୍ତ ପଡ଼ିଲା ଯହୁଁ
ସେଠାରୁ ବେଗେ ଚଳେ ତହୁଁ ।୧୨ ।
ଯାଆନ୍ତେ ଦିନ ଅସ୍ତ ଯାଇ
ଏକ ଗ୍ରାମରେ ମିଳିଲଇଁ ।୧୩ ।
ବୈଷ୍ଣବ ଦେଖି ପଚାରିଲା
ରାତ୍ର ହୁଅନ୍ତେ ଅନ୍ନ ଦେଲା ।୧୪ ।
ରାତ୍ର ପାଇଲା ମୁଁ ଆସଇ
ପ୍ରାଚୀ କୂଳରେ ମିଳିଲଇଁ ।୧୫ ।
ଦେଖିଲି ଲଟୀ ନାହିଁ କିଛି
ଗ୍ରାମରୁ ଗ୍ରାମ ବସିଅଛି ।୧୬ ।
ବୋଇଲି କାହିଁକି ମୁଁ ଯିବି
କାହିଁ ମୁଁ କୁଆଡ଼େ ପଶିବି ।୧୭ ।
ଏମନ୍ତେ ମନେ ବିଚାରଇ
ଲେଉଟି ଖଣ୍ଡଗିରି ଯାଇ ।୧୮ ।
ଏମନ୍ତେ ମନେ ମୁଁ ପାଞ୍ଚିଲି
ଲେଉଟି ଖଣ୍ଡେ ଦୁର ଗଲି ।୧୯ ।
ପୁଣିହିଁ ମନେ ବିଚାରଇ
ଖଣ୍ଡଗିରି ଯିବି କି ନାହିଁ ।୨୦ ।
ଯୋଗୀ ଗୁମ୍ଫା ଯାଇ ରହିବି
ଆଉ ତ ଭ୍ରମି ନ ପାରିବି ।୨୧ ।
ଏଠାକୁ ଦୂର ଶହେ କୋଶ
ଖରା ତ କରେ ବଡ଼ ତ୍ରାସ ।୨୨ ।

ବୈଶାଖ ମାସ ଝାଞ୍ଜି ବହି
କେମନ୍ତେ ବାଟ ଚାଲିବଇଁ ।୨୩।
ବାଟରେ କିସ ଯେ ଖାଇବି
ଗ୍ରାମେ ତ ଭୟେ ନ ପଶିବି ।୨୪।
ପ୍ରାଣ ଗଲେତ ନ ମାଗଇ
ଭୋକ ତ ସହି ନ ପାରଇ ।୨୫।
କିମ୍ପା ବିଧାତା ଏହା କଲୁ
ସୁଖ ଭୋଗହିଁ ଛଡ଼ାଇଲୁ ।୨୬।
ଜଳ ପାନ ମୁଠାଏ ଦେଇ
ସ୍ତ୍ରୀରି ନ ରଖିଲୁଟି ତୁହି ।୨୭।
ଷଡ଼ ରସ ଭୋଗ ଛାଡ଼ିଲି
ଅନ୍ନ ବସ୍ତ୍ରହିଁ ଦୂର କଲି ।୨୮।
ଭାବିଲି ଭକତି ସାଧିବି
ମହା ଅରଣ୍ୟେ ଭ୍ରମୁଥିବି ।୨୯।
ସେ ପାଞ୍ଚ ନ ରଖିଲୁ ତୁହି
କିମ୍ପାଇଁ ଏତେ କଷ୍ଟ ଦେଇ ।୩୦।
ପୂର୍ବେ ମୁଁ କି ପାପ ଅର୍ଜିଛି
ତେଣୁ ମୁଁ ଏ କଷ୍ଟ ଭୁଞ୍ଜୁଛି ।୩୧।
ପୂର୍ବ କଥାକୁ ଆଦରିବା
କିମ୍ପାଇଁ ତୁମ୍ଭଙ୍କୁ ସେବିବା ।୩୨।
ଏମନ୍ତେ ପାଞ୍ଚି ଲେଉଟିଲି
ସମୁଦ୍ର ଦେଖି ଇଚ୍ଛା କଲି ।୩୩।
ଲହଡ଼ି ଦେଖୁଥିବି ମୁହିଁ
ସେହି ତଟରେ ରହି ବଇଁ ।୩୪।
ପୁଣି ଭାବିଲି କ୍ଷାର ପାଣି
କିସ ଖାଇ ରହିବି ପୁଣି ।୩୫।
ବ୍ରାହ୍ମଣେ ସମୁଦ୍ରକୁ କୋପେ
ଶାପତ ଦେଲେ ମହାତପେ ।୩୬।
ବୋଇଲେ ଆମ୍ଭ ଜାତି ନେଲୁ
ତୋ ଜାତି ଯାଉ ଶାପ ଦେଲୁ ।୩୭।
କ୍ଷାର ପାଣିଟି ହୁଅ ତୁହି
ତୋତେଟି ନ ଭକ୍ଷନ୍ତୁ କେହି ।୩୮।
ଶାପେ ସମୁଦ୍ର କ୍ଷାର ପୁଣ
ସେ ପାଣି ନ ଖାଇଲେ ଜାଣ ।୩୯।
କେମନ୍ତେ କ୍ଷାର ପାଣି ଖାଇ
ସେ ସ୍ଥାନେ ରହି ନ ପାରଇ ।୪୦।
ଏମନ୍ତେ ପାଞ୍ଚି ମୁହିଁ ଗଲି
ହରି ହର ପୁରେ ମିଳିଲି ।୪୧।
ମହାଦେବ ଦେଉଳେ ମୁହିଁ
ସନ୍ଧ୍ୟା ବେଳେ ଆସି ମୁଁ ପାଇଁ ।୪୨।
ମାଳି ପୂଜାରୀ ଯେ ଅଇଲେ
ଦହି ପଖାଳ ଭୋଗ କଲେ ।୪୩।
ବୋଇଲୁ ଦହି ପଖାଳ ହିଁ
ଆମ୍ଭଙ୍କୁ କିଛି ଦିଅ କହି ।୪୪।
ଦି ଦିନ ଓପାସେ ରହିଛୁ
ତହିଁରୁ ଦେଇ ଯାଅ କିଛୁ ।୪୫।
ତା'ଶୁଣି ବ୍ରାହ୍ମଣ ବୋଲଇ
ଗ୍ରାମରେ ମାଗି ଖାଅ ଯାଇ ।୪୬।

ଏମନ୍ତ ବୋଲି ଘେନି ଗଲା
ମନକୁ ମନ କ୍ରୋଧ କଲା ।୪୭ ।
ଆରେ ପାମର ମନ କହି
କିମ୍ପାଇ ମାଗିଲୁରେ ତୁହି ।୪୮ ।
ହେତୁ ବସିବା ଦିନୁ ଜାଣ
କାହାକୁ ନ ମାଗୁରେ ପୁଣ ।୪୯ ।
ତୁ ଅବା କାକୁ କେତେ ଦେଇ
ତୋତେ ତ ମାଗି ନ ଆସଇ ।୫୦ ।
ଏବେ ନିର୍ଲଜ୍ଜ ପଣ କଲୁ
ନ ମରି କମ୍ପାରେ ମାଗିଲୁ ।୫୧ ।
ଘରୁ ଆସିବା ବେଳେ ତୁହି
ସତର ଦିନ ଭୋକ ସହି ।୫୨ ।
ତେବେଟି ନ ମଲୁରେ ମନ
ଦି ଦିନେ ମରନ୍ତୁ କି ପୁଣ ।୫୩ ।
ଦି ଦି ଭୋକ ତୁ ନ ସହି
ନ ମରି ଅଛୁରେ କିମ୍ପାଇ ।୫୪ ।
ଚିତ୍ରକୂଟରେ ତୁହି ଜାଣ
ଆହାର ଛାଡ଼ିବା ପାଞ୍ଚଣ ।୫୫ ।
ଏକୋଇଶ ଦିନ ଉପାସ
ରହିଲୁ ଜଳ କରି ଗ୍ରାସ ।୫୬ ।
ତେବେଟି ମନ ଦୁଃକ ନାହିଁ
ସମସ୍ତେ କହିବାରୁ ଖାଇ ।୫୭ ।
ଦି ଦିନ ସହି ନ ପାରିଲୁ
ନିକୁଛ ବୁଦ୍ଧିରେ ଧଇଲୁ ।୫୮ ।
ଏମନ୍ତେ ମନକୁ ବୁଝାଇ
ସେ ମହାଦେବଙ୍କୁ ଜଣାଇ ।୫୯ ।
ହେ ମହାଦେବ ତୁମ୍ଭେ ଶୁଣ
ଭୋକେ ଆକୁଳ ମୋର ମନ ।୬୦ ।
ଦି ଦିନ ଓପାସ ରହିଛି
ଖାଇବାକୁ ଯେ ଦିଅ କିଛି ।୬୧ ।
ନୋହିଲେ ତୁମ୍ଭର ସ୍ଥାନରେ
ଉପାସେ ରହିଯିବୁ ଖରେ ।୬୨ ।
ଏମନ୍ତେ ଜଣାଇ ଶୋଇଲୁ
ରାତ୍ର ପାହିଲା ଯେ ଉଠିଲୁ ।୬୩ ।
ବୋଇଲୁ ପଥର ଅଟଇ
ଏତ ମହାଦେବ ନୁହଁଇ ।୬୪ ।
ଯେବେ ଦେବତା ହୋଇଥାନ୍ତା
ଅବଶ୍ୟ ଖାଇବାକୁ ଦ୍ୟନ୍ତା ।୬୫ ।
କହଇ ଅରକ୍ଷିତ ଦାସ
ମନକୁ ମନ କରି ରୋଷ ।୬୬ ।
ଆହେ ସୁଜନ ମାନେ ଶୁଣ
ଏ ମନ ଚଣ୍ଡାଳଟି ଜାଣ ।୬୭ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଷଷ୍ଟସପ୍ତତିତମୋଽଧ୍ୟାୟଃ ।

--- ୦ ---

# ସପ୍ତସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ ଏବେ କହି
ମହାଦେବ ସ୍ଥାନରୁ ଯାଇ ।୧ ।
ଯାଆନ୍ତେ ଜଣକୁ ଦେଖିଲୁ
ମହାଦେବ କଥା କହିଲୁ ।୨ ।
ତା ଶୁଣି ଆମ୍ଭଙ୍କୁ ଯେ ନେଲା
ବେଗେ ଅନ୍ନ ଆଣିଣ ଦେଲା ।୩।
ସେ ଦିନ ସେଠାରେ ରହିଲୁ
ରାତ୍ର ପାଆନ୍ତେ ତହୁଁ ଗଲୁ ।୪ ।
ଯାଆନ୍ତେ ଝଙ୍କଡ଼ରେ ପୁଣ
ଶାରଦା ଦେବୀଙ୍କି ଦେଖିଣ ।୫ ।
ହେ ଦେବୀ ଜଣାଉଛି ମୁହିଁ
ଖାଇବାକୁଟି ଦେବୁ ତୁହି ।୬ ।
ତୁମ୍ଭେ ନ ଦେଲେ ମୋତେ ଶୁଣ
କେହି ମୋତେ ନ ଦେବେ ଜାଣ ।୭ ।
ବ୍ରାହ୍ମଣେ ନିରପେକ୍ଷ କହି
ମୋତେ ନ ପଚାରିବେ କେହି ।୮ ।
ମୁହିଁତ ନ ମାଗିବି ଶୁଣ
ମୋ ମନ ନ ଜାଣୁକି ପୁଣ ।୯ ।
ଏକା ପ୍ରଭୁଙ୍କ ଭରସାରେ
ଭ୍ରମୁଛି ଦେଶ ବନ ଘୋରେ ।୧୦ ।
ଭକ୍ତି ମାଗନ୍ତେ ନ ଦେଉଛି
ଭ୍ରମାଇ ମୋତେ ଯେ ମାରୁଛି ।୧୧ ।
ହେ ଦେବୀ ତୁମ୍ଭେ ମୋର ପାଇଁ
ଜଣାଅ ଦୟାକରୁ ସେହି ।୧୨ ।
ତୁମ୍ଭ ବଚନ ପ୍ରଭୁ ରଖେ
ଏହା ମୁଁ ଜାଣିଛି ପ୍ରତ୍ୟକ୍ଷେ ।୧୩।
ତୁମ୍ଭେ ତ ମୋତେ ଦୟାହୁଅ
ପ୍ରଭୁଙ୍କ ଛାମୁରେ ଯେ କହ ।୧୪ ।
ତୁମ୍ଭ ବଚନେ ଅବା ସେହି
ମୋତେ ଭକତି ଯୋଗ ଦେଇ ।୧୫ ।
ଭକତି ଯୋଗ ବିନୁ ଶୁଣ
ମଲେ ନ ସାଧେ କେଉଁ ଜ୍ଞାନ ।୧୬।
ଏମନ୍ତେ ଶାରଦାଙ୍କ ପାଶେ
ମୋ ଦୁଃଖ କରିଲି ହରଷେ ।୧୭ ।
ବେଳ ଯେ ଦ୍ୱିପ୍ରହର ହେଲା
ଧୂପ ତାହାଙ୍କର ବଢ଼ିଲା ।୧୮ ।
ବ୍ରାହ୍ମଣ ମୋତେ ଡାକିକରି
ପ୍ରସାଦ ଦେଲେ ଯତ୍ନ ଭରି ।୧୯ ।
ବୋଇଲି ବାକ୍ୟ ଦେବୀ ଏହି
ମୁହିଁ କହିଲାରୁ ଜାଣଇ ।୨୦ ।

ବ୍ରାହ୍ମଣ ହୃଦରେ ପଶିଲେ
ଡାକିଣ ପରସାଦ ଦେଲେ ।୨୧ ।
ନୋହିଲେ ବ୍ରାହ୍ମଣ କି ଦ୍ୟନ୍ତେ
କିମ୍ପାଇ ଏମାନେ ଡାକନ୍ତେ ।୨୨ ।
ଯାଙ୍କ ପ୍ରସାଦେ ଶୁଦ୍ର ମୁନି
ସେ ମହାଭାରତ ବଖାଣି ।୨୩
ଶାରଳା ହୃଦରେ ପଶିଲେ
ତେଣୁ ଭାରତ ଯେ କହିଲେ ।୨୪ ।
ନୋହିଲେ ସେ କାହୁଁ ଜାଣନ୍ତେ
ଯାଙ୍କର ଦୟା ତାଙ୍କୁ ଚିତ୍ତେ ।୨୫ ।
ଏମନ୍ତ ବିଚାରି ସାରିଲି
ଆସି ସିଂହଦ୍ୱାରେ ବସିଲି ।୨୬ ।
ଜଣକୁ ଦେଖି ପଚାରଇ
କୁଜଙ୍ଗ ବାଟ ଦିଅ କହି ।୨୭ ।
ବୋଇଲା କାହିଁକିଟି ଯିବ
ରାଜାଙ୍କୁ ତହିଁ ନଦେଖିବ ।୨୮ ।
ରାଜାତ ପାରାଦ୍ୱୀପେ ଜାଣ
ଏବାଟେ ଯାଅ ତୁମ୍ଭେ ପୁଣ ।୨୯ ।
ତା'ର ବଚନ ମୁଁ ଶୁଣିଲି
ପାରାଦ୍ୱୀପକୁ ବାହାରିଲି ।୩୦ ।
ଯାଆନ୍ତେ ବେଳ ଅସ୍ତ ହୋଇ
ଏକ ଗ୍ରାମରେ ମିଳିଲଇଁ ।୩୧ ।
ବୈଷ୍ଣବ ମଠ ଥିଲା ଜାଣ
ତହିଁକି ଗଲି ମୁହିଁ ପୁଣ ।୩୨ ।
ବୈଷ୍ଣବ ମୋତେ ସେ ଦେଖିଲା
ଏଠାରୁ ଯାଅ ସେ ବୋଇଲା ।୩୩ ।
ବୋଇଲି ମଠକୁ ନଯାଇ
ଏ ବଟ ମୂଳେ ଶୋଇବଇଁ ।୩୪ ।
ରାତ୍ର ପାହିଲେ ଯିବୁ ଶୁଣ
କିମ୍ପାଇ କୋପ କର ପୁଣ ।୩୫ ।
ଖାଇବାକୁ ତ ନ ମାଗଇ
ରାତ୍ରକ ବଞ୍ଚି ଏଥୁ ଯାଇ ।୩୬ ।
ଏମନ୍ତ କହିଣ ବସନ୍ତେ
ରାତ୍ର ହୁଅନ୍ତେ ଡାକି ମୋତେ ।୩୭ ।
ଖାଇବାକୁଟି ଦେଲେ ପୁଣ
ରାତ୍ର ପାହାନ୍ତେ ଗଲୁ ଶୁଣ ।୩୮ ।
ଏମନ୍ତେ କେତେ ଦୂର ଯାନ୍ତେ
ବେଳ ଏଗାର ଘଡ଼ି ହ୍ୱନ୍ତେ ।୩୯ ।
ବଟ ବୃକ୍ଷ ମୂଳେ ରହିଲି
ଶ୍ରମ ପାଇଣ ମୁଁ ଶୋଇଲି ।୪୦ ।
ଏକ ବ୍ରାହ୍ମଣ ସେ ଦେଖିଲା
ଡାକି ନେଇଣ ଅନ୍ନ ଦେଲା ।୪୧ ।
ସାରିଣ ପଥ ବହିଗଲୁ
ଏକ ଗ୍ରାମ ମୁଣ୍ଡେ ବସିଲୁ ।୪୨ ।

ଏମନ୍ତ ବେଳ ଅସ୍ତ ଯାଇ
ସେ ଗ୍ରାମ ଲୋକେ ଦେଖି କହି ।୪୩।
ଏ ଗ୍ରାମେ ଥାନା ନାହିଁ ଶୁଣ
ଆଗ ଗ୍ରାମକୁ ଯାଅ ପୁଣ ।୪୪।
ଆଗ ଗ୍ରାମରେ ମଠ ଅଛି
ଆଜ ଭାଗବତ ବଢୁଛି ।୪୫।
ସେ ଠାବକୁଟି ବିଜେ କର
ସାରିବାକୁ ଦେବେ ତତ୍ପର ।୪୬।
ସଙ୍ଗରେ ଜଣେ ସେହୁ ଦେଲେ
ମଠ ଦେଖାଇ ଦେବ ଭଲେ ।୪୭।
ତା'ର ସଙ୍ଗତେ ମୁହିଁ ଗଲି
ମଠ ଦେଖିଣ ମୁଁ ରହିଲି ।୪୮।
ଆମ୍ଭଙ୍କୁ ଦେଖିଲେଟି ଯହୁଁ
ଦହି ଚୁଡ଼ାଟି ଦେଲେ ତହୁଁ ।୪୯।
ସାରିଣ ରାତ୍ରକ ମୁଁ ରହି
ରାତ୍ର ପାଆନ୍ତେ ତହୁଁ ଯାଇ ।୫୦।
ଦୁଇ ନଈ ପାରି ହୋଇଲୁ
ପ୍ରଥମ ଘାଟରେ ମିଳିଲୁ ।୫୧।
କହଇ ଅରକ୍ଷିତ ଦାସ
ପ୍ରଥମ ଖାଟେ ପରବେଶ ।୫୨।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଅଷ୍ଟସପ୍ତତିତମ ଅଧ୍ୟାୟ

ଆହେ ଚୈତନ୍ୟ କହେ ଶୁଣ
ପ୍ରଥମ ଘାଟରେ ରହିଣ ।୧ ।
ଘାଟିଆ ଦେଖି ଆକଟଇ
କାହିଁ ଯାଉଛ ରହ କହି ।୨ ।
ବୋଇଲୁ ପାରାଦ୍ୱୀପ ଯିବୁ
ରାଜାଙ୍କୁ କହିଣ ରହିବୁ ।୩ ।
ବୋଇଲେ ଗୋଚର କରିଣ
ତେବେଟି ଛାଡ଼ିଦେବୁ ଜାଣ ।୪ ।
ବୋଇଲୁ ବେଗେ ତୁମ୍ଭେ ଯାଅ
ଗୋଚର କରି ବେଗେ ନିଅ ।୫ ।
ନୋହିଲେ ବାହୁଡିଣ ଯିବୁ
ବସିତ ଆଉ ନ ପାରିବୁ ।୬ ।
ଆମ୍ଭ ମୁଖରୁ ଏହା ଶୁଣି
ଆର ଘାଟକୁ ଯିବା ପୁଣି ।୭ ।
ସେ ଲୋକ ଗୋଚର କରିବେ
ତୁମ୍ଭଙ୍କୁ ତତ୍‌କାଳ ନେବେ ।୮ ।
ଏମନ୍ତ କହି ଘେନି ଗଲେ
ଆର ଘାଟେ ଛାଡ଼ି ଆସିଲେ ।୯ ।
ସେ ଲୋକ ଆମ୍ଭଙ୍କୁ ଦେଖିଣ
ଘଡ଼ିଏ ବିଜେ କର ପୁଣ ।୧୦ ।
ରାଜାଙ୍କୁ ଜଣାଇବୁ ଯାଇ
ଆଜ୍ଞା ହେଲେଟି ଯିବ କହି ।୧୧ ।
ତା' ଶୁଣି ମୁହିଁ କହି ପୁଣ
ବେଗେଟି ଯାଅ ହେ ବହନ ।୧୨ ।
ନୋହିଲେ ଏଥୁ ଫେରି ଯାଇ
କିମ୍ପାଇ ବସିଥିବୁ କହି ।୧୩ ।
ଏମନ୍ତ ଶୁଣି ସେହୁ ଗଲା
ଜଣାଇ ଆସିବି ବୋଇଲା ।୧୪ ।
ଏମନ୍ତ କହି ସେହି ଯାଇ
ସେଠାରେ ବସି ବିଚାରଇ ।୧୫ ।
ଦ୍ୱାପର ଯୁଗ କଥା ଶୁଣ
ଜରାସନ୍ଧ ବୋଲି ରାଜନ ।୧୬ ।
ଛୟାଳୋଇ ଶସ୍ର ରାଜାଙ୍କୁ
ବନ୍ଦୀ ଯେ କରିଥିଲା ତାଙ୍କୁ ।୧୭ ।
ପୁଣି ହିଁ ମନେ ବିଚାରଇ
ରାଜା ମାନଙ୍କୁ ହାଣିବଇଁ ।୧୮ ।
ବଳି କରିଣ ଦେବୀ ଆଗେ
ହାଣିବି ଦେବୀ ତୋଷ ହେବେ ।୧୯ ।
ମନୁଷ୍ୟ ବଳି ଦେବୀ ଖାଇ
ମୋତେ ସନ୍ତୋଷ ହେବେ ସେହି ।୨୦ ।
ଏମନ୍ତ ବିଚାର କରନ୍ତେ
ରାଜାଏ ଜାଣିଲେ ସମସ୍ତେ ।୨୧ ।
ଯହୁଁ ସେ କ୍ଷରବାର କଲା
ଭଲ ବସ୍ତ୍ର ହିଁ ପିନ୍ଧାଇଲା ।୨୨ ।
ବୋଇଲେ ନାମଚିନ୍ତା କର
ନିୟତ ହେଲାଟି ଆମ୍ଭର ।୨୩ ।
ଆମ୍ଭଙ୍କୁ ବଳି କରି ନେଇ
ଦେବୀ ଆଗରେ ହାଣିବଇଁ ।୨୪ ।

ତେଣୁ ଅମ୍ଭଙ୍କୁ ସଜ କରେ
ନାମଟି ଚିନ୍ତ ସର୍ବେ ଖରେ ।୨୫ ।
ଆଉତ କେହି ନ ରଖିବେ
ରଖିଲେ ପ୍ରଭୁ ଯେ ରଖିବେ ।୨୬ ।
ଆରତ ତ୍ରାଣ ସେ ଅଟନ୍ତି
ଡାକିଲେ ଅବଶ୍ୟ ଶୁଣନ୍ତି ।୨୭ ।
ନୋହିଲେ ସର୍ବେ ଯିବା ନାଶ
ଚିନ୍ତା କରହେ ପୀତବାସ ।୨୮ ।
ରାଜାଙ୍କ ଚିନ୍ତା ସେ ଜାଣିଲେ
ଜରାସନ୍ଧ ପୁରେ ମିଳିଲେ ।୨୯ ।
ବ୍ରାହ୍ମଣ ତିନି ମୂର୍ତ୍ତି ହୋଇ
କୃଷ୍ଣ ଅର୍ଜ୍ଜୁନ ଭୀମ କହି ।୩୦ ।
ପ୍ରଥମ ଦ୍ୱାରରେ ମିଳିଲେ
ଭୀମକୁ ଶତ୍ରୁ ନାଶ ବୋଲେ ।୩୧ ।
ପ୍ରଥମ ଦ୍ୱାର ଜିଣିଯାଇ
ଦ୍ୱିତୀୟ ଦ୍ୱାର ଯାଇଁ ପାଇ ।୩୨ ।
ସେ ଦ୍ୱାରେ ଅର୍ଜ୍ଜୁନ ଜିଣିଲେ
ତୃତୀୟ ଦ୍ୱାର ଯେ ପାଇଲେ ।୩୩।
ଆପଣେ ବ୍ରହ୍ମାଣ୍ଡ ଗୋସାଇଁ
ଗଧ ପାଦ ଧଇଲେ ତହିଁ ।୩୪ ।
ଭକ୍ତ ନିମନ୍ତେ ଯେ ଧଇଲେ
ଜିଣି ଯାଇଁ ଯୁଦ୍ଧ ମାଗିଲେ ।୩୫ ।
ସତ୍ୟ କରାଉ ଯେ ରାଜାକୁ
ଭୀମ ହାତେ ମରାଇ ତାକୁ ।୩୬ ।
ରାଜା ମାନଙ୍କୁ ଆଜ୍ଞା ଦେଲେ
ରାଜ୍ୟ ମାନଙ୍କୁ ଯାଅ ଭଲେ ।୩୭ ।
ଭକ୍ତ ମାନଙ୍କୁ ମୁକୁଳାଇ
ନିଜ ଭୁବନେ ବିଜେ କହି ।୩୮ ।
କାର୍ଯ୍ୟ ନିମନ୍ତେ ଗଧ ପାଦ
ଧରି ତରିଲେ ପରମାଦ ।୩୯ ।
ମୁହିଁତ ଏ ସ୍ଥାନେ ରହିବି
କାର୍ଯ୍ୟ ନିମନ୍ତେ ବସିଥିବି ।୪୦ ।
ନୋହିଲେ କିମ୍ପା ମୁଁ ବସନ୍ତି
ଆକଟେ କିମ୍ପା ମୁଁ ରହନ୍ତି ।୪୧ ।
ରାଜାଙ୍କୁ କହିଣ ରହିବି
କିମ୍ପା ମୁଁ ଏଥୁ ଫେରିଯିବି ।୪୨ ।
ଫେରିଗଲେ ମୁଁ କାହିଁ ଯାଇ
ଆଉତ ଭ୍ରମି ନ ପାରଇ ।୪୩।
ଏମନ୍ତେ ବିଚାରନ୍ତେ ଶୁଣ
ଆସି ବୋଇଲା ଯାଅ ପୁଣ ।୪୪ ।
ତା'ର ବଚନେ ମୁହିଁ ଗଲି
ପାରାଦ୍ୱୀପ ଗଡ଼େ ପଶିଲି ।୪୫ ।
କହଇ ଅରକ୍ଷିତ ଦାସ
ପାରାଦ୍ୱୀପେ ହୋଏ ପ୍ରବେଶ ।୪୬ ।
ଆହେ ସୁଜନମାନେ ଶୁଣ
ଏମନ୍ତେ ମୁହିଁ ଯେ ଭ୍ରମିଣ ।୪୭ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଅଷ୍ଟସପ୍ତତିତମୋଽଧ୍ୟାୟଃ ।

--- ୦ ---

# ଏକୋନାଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ଏଥି ଉତ୍ତାରୁ କଥା ଯେହି ।୧ ।
ଲୋକନାଥ ଦେଉଳେ ରହି
ରାତ୍ରକ ବଞ୍ଚିଲି ଯେ ତହି ।୨ ।
ସେଠାରେ ପରସାଦ ଦେଲେ
ତାହା ମୁଁ ନ ଖାଇ ଯେ ଭଲେ ।୩ ।
ଅନ୍ନତ ରଙ୍ଗମଯେ ଦିଶି
ଜାଉ ପରାଏ ଥିଲା ମିଶି ।୪ ।
ବ୍ୟଞ୍ଜନ କିଛି ହିଁ ନ ଦେଲେ
ସାର ବୋଲିଣ ଥୋଇ ଗଲେ ।୫ ।
ତା' ଦେଖି ଶୀଘ୍ର ମୁଁ ସାରିଲି
ସବୁତ ଫୋପାଡାଇ ଦେଲି ।୬ ।
ରାଜାତ ଭଲା ଖଞ୍ଜି ଅଛି
ଏହାତ ଦେବତା ଖାଉଛି ।୭ ।
ଏ ଯାହା ଦେଲେ ତାହା ପାଇ
ଅଜ୍ଞାନ ଦେବତା ଅଟଇ ।୮ ।
ଯେତେକ ଭୋଗ ଯେ କରାନ୍ତି
ଦେବତା କିସ ଯେ ଖାଆନ୍ତି ।୯ ।
ଆଗରେ ଥୋଇଣ ଦେଖାଇ
ସେଠାରୁ ଆଣନ୍ତି ଉଠାଇ ।୧୦ ।
ଯେଝା ଇଚ୍ଛାଯେ ଘେନିଯାନ୍ତି
ଦେବତା କିସ ଯେ ଖାଆନ୍ତି ।୧୧ ।
ଏହି ଦେଖାଇ ଏହି ଖାଇ
ଦେବତା ଏହି ଯେ ଅଟଇ ।୧୨ ।
ଏହାତ ଜାଣି ନ ପାରନ୍ତି
ମିଛେ ଦେବତା ପୂଜୁଥାନ୍ତି ।୧୩ ।
ଏ ଟି ସ୍ୱୟଂବ୍ରହ୍ମ ଅଟଇ
ଦେଖି ଶୁଣିଣ ଖାଉଛଇ ।୧୪ ।
ଚାଲୁଛି ବସୁଛି ଶୋଉଛି
ସବୁ ଭୋଗଟି କରୁଅଛି ।୧୫ ।
ଆକୁ ଚିହ୍ନିଲେ ଏ ତରଇ
ନୋହିଲେ ଗତି କାହିଁ ନାହିଁ ।୧୬ ।
ଏମନ୍ତେ ବିଚାର କରନ୍ତେ
ଏକ ବ୍ରାହ୍ମଣେ ଖେି ମୋତେ ।୧୭ ।
ମଠକୁ ଘେନି ସେହୁ ଗଲା
ମହନ୍ତ ଦେଖି ପଚାରିଲା ।୧୮ ।
କାହିଁ ଯେ ପୂର୍ବେ ତୁମ୍ଭେ ଥିଲ
ଏଠାକୁ କିମ୍ପାଇ ଅଇଲ ।୧୯ ।
ବୋଇଲୁ ଖଣ୍ଡଗିରି ଥିଲୁ
ଛାଡ଼ିଣ ଏଠାକୁ ଅଇଲୁ ।୨୦ ।
ଏକାନ୍ତ ସ୍ଥାନ ଯେ ମିଳିଲେ
ଦିନା କେତେ ରହିବୁ ଭଲେ ।୨୧ ।
ବୋଇଲେ ପାରେଶ୍ୱର ଠାରେ
ଏକାନ୍ତ କହିଲୁ ତୁମ୍ଭରେ ।୨୨ ।

ତାଙ୍କ ବଚନେ ମୁହିଁ ଗଲି
ମେଳାଘର ଥିଲା ରହିଲି ।୨୩।
ଦେଉଳ ପରିଛାକୁ କହି
ଜଳପାନ ଖଞ୍ଜା ହୋ ତୁହି ।୨୪।
ବୋଇଲା ଚାରିମାସ ଜାଣ
ଚାଲିବି ମୁହିଁ ତୁମ୍ଭେ ଶୁଣ ।୨୫।
କହିଣ ନ ଚାଲିଲା ସେହି
ମୂର୍ଖ ସ୍ୱଭାବ ବ୍ରାହ୍ମଣହିଁ ।୨୬।
ସେବକ ଭୋଗ ମତେ ଦ୍ୟନ୍ତି
ତା'ଦେଖି ଚିନ୍ତା ମୋର ମତି ।୨୭।
ବଗଡ଼ା ଅନ୍ନ ମତେ ଦେଇ
ସରୁ ଅନ୍ନଟି ସେହୁଁ ଖାଇ ।୨୮।
କୌଦିନ ଦ୍ୱିପ୍ରହରେ ମିଳେ
କୌଦିନ ନ ଦିଅନ୍ତି ଭଲେ ।୨୯।
କୌଦିନ ରାତ୍ର ପାହି ଯାଇ
କୌଦିନ ସନ୍ଧ୍ୟାକୁ ମିଳଇ ।୩୦।
ଏମନ୍ତେ ବାଇଶି ଯେ ଦିନ
ସେଠାରେ ରହି ଚିନ୍ତେ ମନ ।୩୧।
ବୋଇଲି ନଳ ଯେ ରାଜାକୁ
ଶନି ସପତା ପଡ଼େ ତାକୁ ।୩୨।
ରାଜ୍ୟ ସମ୍ପଦ କେଣେ ଗଲା
ବନ୍ଧୁ କୁଟୁମ୍ବକୁ ଛାଡ଼ିଲା ।୩୩।
ଅନ୍ନ ବସ୍ତ୍ର ହିଁ ତ ମିଳଇ
ଘୋଡ଼ା ଶାଳରେ ସେ ରହଇ ।୩୪।
ଏମନ୍ତ ଦଶା ଯେ ପଡ଼ିଲା
ବାଆନ ପଥ ସେ ବୁଲିଲା ।୩୫।
ମତେ ତ ସେହି ଦଶା ପଡ଼ି
ରାଜ୍ୟ ସମ୍ପଦ ଦୂରେ ଏଡ଼ି ।୩୬।
ବାଆନେ ପଥେ ବୁଲୁ ଅଛି
ଥିର କରିଣ ନ ରଖୁଛି ।୩୭।
ଅନ୍ନ ବସ୍ତ୍ର ହିଁ ନ ମିଳଇ
ଭଙ୍ଗା ଦଦଦରା ଘରେ ରହି ।୩୮।
ଯେ ଲୋକ ତୁମ୍ଭର ଭରସା
ତାକୁ କି କରିପାରେ ଦଶା ।୩୯।
ମୁହିଁ ତ ଭରସା କରିଛି
ହେ ପ୍ରଭୁ ଦଶା କି ଭୁଞ୍ଜୁଛି ।୪୦।
ଦଶା ଯେବେ ମୋତେ ପଡ଼ଇ
ତୁମ୍ଭଙ୍କୁ ସେବେ କିସ ପାଇଁ ।୪୧।
ଦଶା କରତା ତୁହି ଜାଣ
ସବୁଠି ତୁମ୍ଭର ଭିଆଣ ।୪୨।
ସଭିଙ୍କ ପଡ଼ି ଦାତା ତୁହି
ଯାହାକୁ ଯେମନ୍ତେ ଖଞ୍ଜଇ ।୪୩।
ମୁଁ ତୁମ୍ଭଠାରେ ଦ୍ରୋହ କଲି
କି ପାପ ମୁହିଁ ଯେ ଅର୍ଜିଲି ।୪୪।

ସେ ଘେନି ଏ ଅନ୍ନ ଖଞ୍ଜିଲୁ
ତେଣୁଟି ନାନା କଷ୍ଟ ଦେଲୁ ।୪୫ ।
କିମ୍ପାଇ ଏ ଥାନେ ରହନ୍ତି
ଏ ଅନ୍ନ ମୁହିଁ ନ ଭକ୍ଷନ୍ତି ।୪୬ ।
ତୁମ୍ଭ ବିଚାର ସିନା ଏହି
ଏତେ କଷ୍ଟଟି ଦେଉ ତୁହି ।୪୭ ।
ଏଠାକୁ ଆଶା କରି ମୁହିଁ
ଆସିଲି ଏତେ ପଥ ବହି ।୪୮ ।
ଏ ସ୍ଥାନୁ କେଉଁଆନେ ଯିବି
କାହିଁ କେଉଁସ୍ଥାନେ ରହିବି ।୪୯ ।
ରାଜାତ ଦେଖି ପଚାରିଲା
କିଛି ହିଁ ଖଞ୍ଜି ସେ ନ ଦେଲା ।୫୦ ।
ମୁହିଁ କହନ୍ତେ ମନା କଲେ
ଦୂରେ ଯା ବୋଲିଣ ବୋଇଲେ ।୫୧ ।
ଏ ଗ୍ରାମେ ଯେତେ ଜନ ଛନ୍ତି
ମୂର୍ଖ ସ୍ୱଭାବ ମୂଢ଼ ମତି ।୫୨ ।
ଏ ରାଜା ମୂର୍ଖ ଯେ ଅଟଇ
ସ୍ୱଭାବେ ଷଣ୍ଢ ନାମ ବହି ।୫୩।
ଗୋରୁ କି ଜ୍ଞାନ ଜାଣେ ଶୁଣ
ଆମ୍ଭଙ୍କୁ ଚିହ୍ନିବ ଏ ପୁଣ ।୫୪ ।
ଏ ଥାନ ମୁହିଁ ଛାଡ଼ିଯିବି
କନିକା ରାଜାକୁ କହିବି ।୫୫ ।
ସେ ରାଜା ଭକତି ଅଟଇ
ଚିହ୍ନି ରଖିବ ଅବା ସେହି ।୫୬ ।
ଏ ଥାନୁ କେଉଁଆଡ଼େ ଯିବି
କାହାକୁ ମୁହିଁ ଯେ ପୁଛିବି ।୫୭ ।
ଏମନ୍ତେ ବିଚାରିଲି ଶୁଣ
ପାରାଦ୍ୱିପକୁ ମୁଁ ଛାଡ଼ିଣ ।୫୮ ।
ବାଇଶୀ ଦିନ ତହିଁ ରହି
ସେ ସ୍ଥାନ ଛାଡ଼ି ମୁଁ ଆସଇ ।୫୯ ।
କହଇ ଅରକ୍ଷିତ ଦାସ
ପାରାଦ୍ୱିପକୁ ଛାଡ଼ି ଆସ ।୬୦ ।
ଆହେ ଜନ ମାନେ କହି
ପାରାଦ୍ୱିପ ନଯିବ କେହି ।୬୧ ।
ତହିଁରେ ଦୟାଧର୍ମ ନାହିଁ
ଏ ଘେନି ତୁମ୍ଭଙ୍କୁ କହଇ ।୬୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକୋନାଶୀତିତମୋଽଧ୍ୟାୟଃ ।

--- ୦ ---

# ଅଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
ପାରାଦ୍ୱୀପ ଛାଡ଼ି ଆସଇ ।୧ ।
ଆସନ୍ତେ ମନେ ପାଞ୍ଚେ ପୁଣ
ଏତେ ନିରପେକ୍ଷ ସେ ସ୍ଥାନ ।୨ ।
ଦେବତା ତହିଁ ଯେତେ ଛନ୍ତି
ଅଜ୍ଞାନ ସମସ୍ତେ ଅଟନ୍ତି ।୩।
ଏକ ଦିନେ ମୁଁ ଏକାନ୍ତେଣ
ପାରେଶ୍ୱରକୁ କହେ ପୁଣ ।୪ ।
ରାଜାଙ୍କୁ କହି ମୋତେ ରଖ
ବହୁତ ପାଇଲି ମୁଁ ଦୁଃଖ ।୫ ।
ସେ କାହିଁ ବଚନ ଶୁଣଇ
ପାଷାଣ ମୂର୍ତ୍ତି ଅଜ୍ଞାନ ହିଁ ।୬ ।
ବୋଇଲି ଏ ତ ନ ଶୁଣିଲା
ଲୋକନାଥକୁ କହି ଭଲା ।୭ ।
ହେ ଲୋକନାଥ କହି ଶୁଣ
ଏ ଥାନେ ରଖ ମୋତେ ପୁଣ ।୮ ।
ରାଜାକୁ କହି ମୋତେ ରଖ
ଭ୍ରମି ଭ୍ରମି ପାଇଲି ଦୁଃଖ ।୯ ।
ସେହି ଯେ ନ ବୁଝିଲା ଶୁଣ
ଅଜ୍ଞାନ ମୂର୍ତ୍ତି ସେ ପାଷାଣ ।୧୦ ।
ମିଛେ ହେଁ ପୂଜା ପାଉଛନ୍ତି
ଏମନ୍ତ ଭାଳେ ମୋର ମତି ।୧୧ ।
ଆସନ୍ତେ ଏମନ୍ତେ ପାଞ୍ଚଇ
ଏକ ଗ୍ରାମରେ ମିଳିଲଇଁ ।୧୨ ।
ବଟବୃକ୍ଷ ଗ୍ରାମ ମୁଣ୍ଡରେ
ସେଠାରେ ବସି ଖରା ପାରେ ।୧୩।
ବେଳ ଯେ ଦଶଘଡ଼ି ହୋଇ
ଆମ୍ଭଙ୍କୁ ନ ପଚାରେ କେହି ।୧୪ ।
କ୍ଷୁଧା ତୃଷା ହିଁ ବଡ଼ କଲା
ଶରୀର ବ୍ୟାକୁଳ ହୋଇଲା ।୧୫ ।
ବୋଇଲି କାହାକୁ ମାଗଇ
ଏମନ୍ତେ ପାଞ୍ଚ ଜଣେ ପାଇ ।୧୯ ।
ବୋଇଲୁ ଏ ଗ୍ରାମରେ ଶୁଣ
ଦୟା ଧର୍ମଟି ନାହିଁ ପୁଣ ।୧୭ ।
ଏ ଗ୍ରାମେ ଯେତେ ଜନଛନ୍ତି
ନିରପେକ୍ଷ ସର୍ବେ ଅଟନ୍ତି ।୧୮ ।
ଭୋକି ଶୋଷିକି ଦେଖି କରି
ଯାଆନ୍ତି ଆଡ଼ ହୋଇ ଫେରି ।୧୯ ।
ଏମନ୍ତ ଦେଖିଲୁଟି ଶୁଣ
ଅନ୍ୟାୟ ହେଉଅଛି ପୁଣ ।୨୦ ।

କେ ଅବା ଭକତେ ଆସିବେ
ନପାଇ କୋପ ଯେ କରିବେ ।୨୧।
ତେବେ କି କରିବଟି ଶୁଣ
ଭକ୍ତ ବଚନ ନୋହେ ଆନ ।୨୨।
ଧନ ବସ୍ତ୍ରହିଁ ନ ମାଗନ୍ତି
ଗୁପତେ ଭୂମି ମାଗି ଖାନ୍ତି ।୨୩।
ଯେ ଗ୍ରାମେ ନ ମିଳଇ ଶୁଣ
ବାହୁଡ଼ି ଯାନ୍ତି ସେହୁ ପୁଣ ।୨୪।
ନିରାଶ ହୋଇ ଫେରିଯାନ୍ତି
ପ୍ରଭୁ ତା’ ଜାଣି ଯେ କଷନ୍ତି ।୨୫।
ଏମନ୍ତ ପୁରାଣରେ ଅଛି
ତୁମ୍ଭେ କି ଶୁଣି ନାହଁ କିଛି ।୨୬।
ଏମନ୍ତେ କହି ତାକୁ ମୁହିଁ
ଆଜହେ ଯଦୁପୁରେ ରହି ।୨୭।
କାଲି କନ୍ଦରା ପାରି ଯିବୁ
କେତେ କୋଶଟି କହ ସବୁ ।୨୮।
ବୋଇଲା ଯଦୁପୁର ଜାଣ
ଏଠାକୁ କୋଶେ ହେବ ପୁଣ ।୨୯।
କନ୍ଦରା ପାରି ଯଦୁପୁର
ପାଞ୍ଚ କୋଶଟି ହେବ ଦୂର ।୩୦।
ଏଠାରେ ଆଜ ରାତ୍ର ରହ
କାଲି ପ୍ରଭାତୁ ତୁମ୍ଭେ ଯାଅ ।୩୧।
ତାର ବଚନେ ମୁଁ ରହିଲି
ରାତ ପାହାନ୍ତେ ମୁଁ ଆସିଲି ।୩୨।
ବେଳ ଯେ ଦୁଇଘଡ଼ି ହୋଇ
ଯଦୁପୁରରେ ମିଳିଲଇଁ ।୩୩।
କହଇ ଅରକ୍ଷିତ ଦାସ
ଯଦୁ ପୁରରେ ପରବେଶ ।୩୪।
ଆହେ ସୁଜନ ମାନେ କହି
ଯଦୁ ପୁରରେ ମୁହିଁ ରହି ।୩୫।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଅଶୀତିତମୋଽଧ୍ୟାୟଃ ।

--- ୦ ---

# ଏକଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ କହି ଶୁଣ
ଯଦୁପୁରରେ ମୁଁ ରହିଣ ।୧ ।
ଦଶ ଦିନ ମୁଁ ରହିଲି
ଅତି ସୁଖରେ ଦିନ ନେଲି ।୨ ।
ବାଇଶି ଦିନ ତହିଁ ରହି
ସେ ସ୍ଥାନ ଛାଡ଼ି ମୁଁ ଆସଇ ।୩ ।
ଆସେ ମୁଁ କନ୍ଦରା ପାରିରେ
ଚାରିମାସ ରହି ତହିଁରେ ।୪ ।
ଚାରିମାସ ରହି ଛାଡ଼ିଲୁ
ସେ ସ୍ଥାନ ଛାଡ଼ିଣ ଆସିଲୁ ।୫ ।
ଆସିଲେ ନାବ ପରେ ଜାଣ
ସମସ୍ତେ ବସିଲୁ ଯେ ପୁଣ ।୬ ।
ଭାଦ୍ରବମାସ ଚତୁଃର୍ଦ୍ଦଶୀ
ମଙ୍ଗଳବାର ଯେ ବିଶେଷି ।୭ ।
ପଶ୍ଚିମକୁ ଯେ ଶୁଭ ନୋହେ
ହୃଦେ ମୋ ଥାଇ କିଛି ଭୟେ ।୮ ।
ଦେଖ ଇନ୍ଦ୍ରଙ୍କ ବାଦ କହି
ମେଘ ଘୋଟିଣ ବରଷଇ ।୯ ।
ମୋତେ ଅନୁକ୍ଷଣେ ପାଞ୍ଚୁଛି
ତା'ପାଞ୍ଚେ ମୋର କିଶ ଅଛି ।୧୦ ।
ବାହାର ଭିତରେ ପାଞ୍ଚଇ
ତହିଁକି ଶୋଚନା ମୋ ନାହିଁ ।୧୧ ।
ଏହା ପ୍ରଭୁଙ୍କ ଦୟା ଥାଉ
କାହାକୁ ଭୟ ନାହିଁ ଆଉ ।୧୨ ।
ତେତିଶ କୋଟି ଦେବ ଯେତେ
କାକୁ ମୋ ଭୟ ନାହିଁ ଚିତ୍ତେ ।୧୩ ।
ଏକା ପ୍ରଭୁ ଭରସା କରି
କାହାକୁ ଭୟ ମୁଁ ନ ଡରି ।୧୪ ।
ସେ ପ୍ରଭୁ ନିର୍ଦ୍ଦୟା ଯାହାକୁ
ବ୍ରହ୍ମାଣ୍ଡେ ଠାବ ନାହିଁ ତାକୁ ।୧୫ ।
ମୁହିଁ ପ୍ରଭୁଙ୍କ ଭରସାରେ
କାହାକୁ ନଗଣେ ମନରେ ।୧୬ ।
ଏତ ପାଞ୍ଚି କିସ କରଇ
ବରଷୁ ଥାଉ ଯିବି ମୁହିଁ ।୧୭ ।
ଏମନ୍ତ ମନେ ମୁଁ ପାଞ୍ଚିଣ
କଇବର୍ତ୍ତକୁ ମୁଁ ଡାକିଣ ।୮ ।
ବେଗେ ହୋ ନାମ ବାହା ତୁହି
ରାତ୍ରଟି ପାହି ଯିବି କହି ।୧୯ ।
ଆମ୍ଭ ସତ୍ୟଟି ଭଗ୍ନ ହେବ
ରାତ୍ରଟି ଯେବେ ପାହି ଯିବ ।୨୦ ।
ଏମନ୍ତ ଶୁଣିଲାକ ଯହୁଁ
ନାବ ବାହିଲା ବେଗେ ତହୁଁ ।୨୧ ।
ସେଠାରୁ ନାବ ଆସେ ବାହି
ମେଘ ଯେ ବରଷୁଣ ଥାଇ ।୨୨ ।
ରାତ୍ରଟି ବାଟେ ପାହି ଯାଇ
ନାବଟି ଆସୁଥାଇ ବାହି ।୨୩ ।

ବେଳ ଯେ ଛ' ଘଡ଼ି ଭିତରେ
ଆସି ଯେ ପର୍ବତ ପାଖରେ ।୨୪।
ବୋଇଲୁ ନାବ ଏହି ଠାଇଁ
ଖଟାଅ ଯିବା ସଜ ହୋଇ ।୨୫।
ଏହି ସଲଖେ ଉଠି ଯିବା
ଗୁମ୍ଫାରେ ଯାଇଣ ପାଇବା ।୨୬।
ସମସ୍ତେ ଭୋଜନ ଯେ କର
ଗୁମ୍ଫାକୁ ଯିବା ତତ୍‌ପର ।୨୭।
ଆମ୍ଭ ମୁଖରୁ ଏହା ଶୁଣି
ବେଗେ ସାରି ବାହାରେ ପୁଣ ।୨୮।
ଭାଦ୍ରବ ମାସ ଭୋଗ ଯାଇ
ଆଶ୍ୱିନ ମାସ ଦିନେ ହୋଇ ।୨୯।
ସେଦିନ ଗୁରୁବାର ଜାଣ
ପର୍ବତୁ ଉଠି ଆସୁ ପୁଣ ।୩୦।
ହେ ଓଳଶୁଣି ଗିରି ବର
ଦୟା ରଖିବ ମୋହ ଠାର ।୩୧।
ତୁମ୍ଭର ଦୟା ମୋତେ ଥିଲେ
ଦିନା କେତେ ରହିବି ଭଲେ ।୩୨।
ମୋର ଅନ୍ୟାୟ ଯେ ସହିବୁ
ଦୟା ମୋତେ କୋପ ନହେବୁ ।୩୩।
ଗୁମ୍ଫାରେ ରହିବି ମୁଁ ଶୁଣ
ଯାଉଛ ଦୟା ଥିବ ପୁଣ ।୩୪।
ବହୁତ ଭ୍ରମି ମୁଁ ଫୁଟିଲି
ତୋତେ ଆଶ୍ରା କରି ଅଇଲି ।୩୫।
ଆଉତ ଭ୍ରମି ନ ପାରଇ
ମୋତେ ରଖିବ ଦୟା ବହି ।୩୬।
ପ୍ରଭୁ ନିର୍ଦ୍ଦୟା ମୋର ଠାରେ
ଭକ୍ତି ନ ଦେଇ ମାୟା କରେ ।୩୭।
ତେଣୁ ମୁଁ ଭ୍ରମୁଅଛି ଶୁଣ
ସ୍ଥିରେ ନ ରଖେ କାହିଁ ପୁଣ ।୩୮।
ଏବେ ତୋଠାକୁ ଆସିଅଛି
ଯାଉଛି ଦୟାଥିବ କିଛି ।୩୯।
ତୁମ୍ଭେ କି ପ୍ରଭୁଠାରେ କହି
ରଖହେ ଆଉ ନ ଭ୍ରମାଇ ।୪୦।
ତୋର ଉପରେ ମୋର ବାସ
ନମୁଚି ଅରକ୍ଷିତ ଦାସ ।୪୧।
ଏମନ୍ତେ ପର୍ବତକୁ କହି
ଆସି ମୁଁ ଗୁମ୍ଫାରେ ମିଳଇ ।୪୨।
ଏବେ ପ୍ରଭୁଙ୍କ ଇଚ୍ଛା ଯେହି
ଯାହା ଇଚ୍ଛା ତାହା କରୁ ସେଇ ।୪୩।
ଆଉତ ନଭ୍ରମାଅ ଶୁଣ
ଏଠାରେ ରଖ ନାରାୟଣ ।୪୪।
ଭକତି ଯୋଗ ନ ଦେଉଛ
କିମ୍ପାଇ ଭ୍ରମାଇ ମାରୁଛ ।୪୫।
ଯେବେ ମୋଠାରେ ଦୟାଅଛି
ଭକତି ଦିଅହେ କହୁଛି ।୪୬।
ନୋହିଲେ ଦେହ ଛାଡ଼ିଯାଅ
କିମ୍ପା ଭ୍ରମୁଥିବି କହ ।୪୭।
ହେ ପ୍ରଭୁ ମାୟାଧର ତୁହି
କିମ୍ପାଇ ମାୟୁ କରୁ କହି ।୪୮।
ତୁ ମାୟା କଲେ କେହୁ ତରେ
ବ୍ରହ୍ମାଦି ଦେବାସୁର ନରେ ।୪୯।

ମୁହିଁତ ଭରସା କରିଛି
ହେ ପ୍ରଭୁ ଦୟା କର କିଛି ।୫୦ ।
ଯେତେ କହିଲେ ନ ଶୁଣୁଛ
କିମ୍ପାଇ ନିରାଶ କରୁଛ ।୫୧ ।
ଦୟା ସାଗର ବୋଲି ତୁହି
ଭରସା କଲି ତେଣୁ ମୁହିଁ ।୫୨ ।
ନିର୍ଦ୍ଦୟା କଠିନ ତୋ ଦେହ
ଦୟା ସାଗର କିମ୍ପା କହ ।୫୩।
ହେ ପ୍ରଭୁ ସଂସାରେ ନଥିବ
ଯେବେ ତୁମ୍ଭଙ୍କୁ ନ ସେବିବ ।୫୪ ।
ତୁମ୍ଭର ଦୟା ମୋରେ ନାହିଁ
କିମ୍ପା ସଂସାରେ ଥିବି ରହି ।୫୫ ।
ହେ ପ୍ରଭୁ କଲୁ ତୁହି ନାଶ
ମୋହର ନାହିଁ କିଛି ଦୋଷ ।୫୬ ।
ତୋହର ଦୟା ଯେବେ ହ୍ୱନ୍ତା
ଏ କିମ୍ପା ଏତେ ଯେ ଭ୍ରମନ୍ତା ।୫୭ ।
ତୋର ଦୟା ନାହିଁ ମୋତେ
କି ଅପରାଧ କଲି ଚିତ୍ତେ ।୫୮ ।
ତେଣୁଟି ମାୟା ମୋତେ କଲୁ
ନାନା କର୍ମରେ ଭୁଲାଇଲୁ ।୫୯ ।
ମୁହିଁତ ସଦା ଦୋଷକାରୀ
କିମ୍ପା ଦୋଷ କ୍ଷମା ନ କରି ।୬୦ ।
ହେ ଦେବ ଦେବ ହୃଷିକେଶ
ମୋ ଦୋଷ ଖଣ୍ଡ ପୀତବାସ ।୬୧ ।
ହେ ଦେବ ଦେବ ନାରାୟଣ
ମୋ ଦୋଷ ନ ଘେନିବ ପୁଣ ।୬୨ ।
ହେ ଦେବ ଦେବ ଚକ୍ରଧର
ମୋ ଦୋଷ ବାରେ କ୍ଷମା କର ।୬୩।
ହେ ଦେବ ଦେବ ଭାବଗ୍ରାହୀ
କଥାଏ ମନେ ପଡ଼ିଲଇଁ ।୬୪ ।
ସେ କଥା ଜଣାଉଛି ଶୁଣ
ମୋ ଦୋଷ ନ ଘେନିବ ପୁଣ ।୬୫ ।
ଆର ଅଧ୍ୟାରେ ଜଣାଇବି
କହିଲେ ଭ୍ରାନ୍ତି ମୁଁ ଛାଡ଼ିବି ।୬୬ ।
ମୋଠାରେ ଦୟା ଯେବେ ଥିବ
ଅବଶ୍ୟ ଫେଡ଼ି ଯେ କହିବ ।୬୭ ।
ନିର୍ଦ୍ଦୟା ଥିଲେ ମୋର ତହିଁ
କିମ୍ପା କହିବ ଭାବଗ୍ରାହୀ ।୬୮ ।
ମହୀମଣ୍ଡଳେ ଯେତେ କଥା
କହିତା ଦେଲ ଯେ ବ୍ୟବସ୍ଥା ।୬୯ ।
ଯେତେ କଥାକୁ ମୁହିଁ ପୁଛି
କହିଣ ଦେଲ କିଛି ବାଛି ।୭୦ ।
କଥାଏ ଗୁପତେ ରଖିଛ
କିମ୍ପାଇଁ ମାୟା ଯେ କରୁଛ ।୭୧ ।
କହଇ ଅରକ୍ଷିତ ଦାସ
ଦୟା ତୁ କର ପୀତବାସ ।୭୨ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକଶୀତିତମୋଽଧ୍ୟାୟଃ ।

--- ୦ ---

# ଦ୍ୱାଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ମାୟାଧର
କଥାଏ ଜଣାଏ ଛାମୁର ।୧ ।
ଅକ୍ଷର ମହିମା କହିବ
ଯେବେ ମୋଠାରେ ଦୟାଥିବ ।୨ ।
ଅକ୍ଷର ମହିମା ଶୁଣିବି
ତେବେ ମୁଁ ସଂଶୟ ଛାଡ଼ିବି ।୩ ।
ଯେବେ ମୋଠାରେ ଦୟାଅଛି
ମାୟା ନ କରି କହ କିଛି ।୪ ।
ତେତେ କଥାକୁ ମୁଁ ପଚାରି
ସବୁତ କହିଲ ବିସ୍ତାରି ।୫ ।
ପୃଥ୍ୱୀର ମହିମା କହିଲ
ମୋ ମନୁ ସଂଶୟ ଫେଡ଼ିଲ ।୬ ।
ଜଳର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି ।୭ ।
ଅଗ୍ନିର ମହିମା ତୁ ମୋତେ
କହିଣ ଦେଲୁ ଯେ ଗୁପତେ ।୮ ।
ପବନ କଥା ମୁହିଁ ଶୁଣି
ଅତି ଅସମ୍ଭବ ଯେ ବାଣୀ ।୯ ।
ଆକାଶ କଥା ଯେ କହିଲ
ଅତି ଗୁପତେ ଯେ ଫେଇଲ ।୧୦ ।
ପଞ୍ଚ ଭୂତଙ୍କ କଥା ଯେତେ
କହିଣ ଦେଲି ଯେ ଗୁପତେ ।୧୧ ।
ବିଭୂତି ମହିମା ପଚାରି
କହିଣ ଦେଲ ଯେ ବିସ୍ତାରି ।୧୨ ।
ଆସର କଥା ଜାଣି ମୁହିଁ
ସଂଶୟ ଛାଡ଼ିଲୁ ଯେ କହି ।୧୩
ନାମର ମହିମା କହିଲ
ମନୁ ମୋ ସଂଶୟ ଫେଡ଼ିଲ ।୧୪ ।
ଆଜ୍ଞାର ମହିମା ମୁଁ ଶୁଣି
ଅତି ଗୁପତ ଏହୁ ବାଣୀ ।୧୫ ।
ଭକତି ମହିମା ତୁ ମୋତେ
କହିଣ ଦେଲ ଯେ ଗୁପତେ ।୧୬ ।
ମହାଶୂନ୍ୟ କଥା କହିଲ
ମନୁ ମୋ ଭ୍ରାନ୍ତି ଯେ ଫେଡ଼ିଲ ।୧୭ ।
ଓଁ କାର ମହିମା ଶୁଣିଲି
ମନେ ମୁଁ ଆଶ୍ଚର୍ଯ୍ୟ ହୋଇଲି ।୧୮ ।
ଚନ୍ଦ୍ର ସୂର୍ଯ୍ୟଙ୍କ ଯେତେ ଗୁଣ
ଅତି ଗୁପତ ଯେ କହିଣ ।୧୯ ।
ପର ପୁରୁଷ କଥା ଶୁଣି
ମୋ ମନୁ ଭ୍ରାନ୍ତି ଗଲା ପୁଣି ।୨୦ ।

ଦୁଃଖ ସୁଖର କଥା ଯେତେ
କହିଲ ଦେଲ ଯେ ଗୁପତେ ।୨୧।
ଏ ଦେହ ଦଶ ଅବତାର
କହିଣ ଦେଲ ମୋତେ ସାର ।୨୨।
ଆଚାର ଅଣାଚାର ଯେତେ
କହିଣ ଦେଲ ଯେ ଗୁପତେ ।୨୩।
ଜୀବ ପରମ କଥା ଶୁଣି
ମୋ ମନୁ ଭ୍ରାନ୍ତ ଗଲା ପୁଣି ।୨୪।
ବ୍ରହ୍ମର ମହିମା କହିଲା
ଅତି ଗୁପତେ ଭେଦାଇଲ ।୨୫।
ଏବେ ଅକ୍ଷର ଭେଦ ଯେତେ
କହିଣ ଦେବ ମୋ ଅଗ୍ରତେ ।୨୬।
ଅକ୍ଷର ମହିଁମା ଶୁଣିବି
ତେବେ ମୁଁ ସଂଶୟ ଛାଡ଼ିବି ।୨୭।
ହେ ପ୍ରଭୁ ମାୟା ତୁ ନ କର
କହ ହେ ଅକ୍ଷର ବିଚାର ।୨୮।
ଯେଉଁ ଅକ୍ଷର ଯେଉଁ ଗୁଣ
କହିଣ ଦେବ ମୋତେ ପୁଣ ।୨୯।
ହେ ପ୍ରଭୁ ଦୋଷ କ୍ଷମା କର
କହ ହେ ଅକ୍ଷ ବିଚାର ।୩୦।
ଯେବେ ମୋ ଠାରେ ଦୟାଥିବ
ଅକ୍ଷର ଭେଦ ଯେ କହିବ ।୩୧।
ନିର୍ଦ୍ଦୟା ନ କର ଜଣାଇ
କହ ହେ ମୋତେ ଦୟା ବହି ।୩୨।
ମୁହିଁ ତୋ ଚରରେ ଶରଣ
ମାୟା ନ କରି କହ ପୁଣ ।୩୩।
ମନ ମୁଖରୁ ଏହା ଶୁଣି
ଅତି ଗୁପତ କଥା ପୁଣି ।୩୪।
ଚିତ୍ତରେ ଭୟ ତ ନ କଲୁ
ଅକ୍ଷର ମହିଁମା ପୁଚ୍ଛିଲୁ ।୩୫।
ଅକ୍ଷର ମହିଁମା ମୁଁ ତୋତେ
ମୁଁ କିସ କହିବି ଯୁବତେ ।୩୬।
ବ୍ରହ୍ମା ବିଷ୍ଣୁ ଶିବ ନ ଜାଣେ
ଆଉ କେ କହିବଟି ଜଣେ ।୩୭।
ୟା'ଙ୍କ ଠାରୁ କେ ବଡ଼ ପୁଣ
ଅକ୍ଷର ମହିଁମା କହିଣ ।୩୮।
ଅକ୍ଷର ମହିଁମା ଅପାର
ମୁଁ କିସ କହିବି ଗୋଛର ।୩୯।
କହିଲେ କେବେ ନ ସରଇ
ହେ ମନ ପୁଚ୍ଛୁ କାହିଁ ପାଇଁ ।୪୦।
ମନ କହୁଛି ପ୍ରଭୁ ଶୁଣ
କିଛି କହିବା ତାଙ୍କ ଗୁଣ ।୪୧।
ମୁହିଁ ତ ଭରସା କରିଛି
ମୋତେ କିମ୍ପା ମାୟା ହେଉଛି ।୪୨।

ଯେବେ ଟି ମାୟା ମୋତେ ତୋର
ଏ ଦେହ ଛାଡ଼ ହେ ନିକର ।୪୩।
କିମ୍ବା ସଂସାରେ ମୁହିଁ ଥିବି
ଯେବେ ତୁମ୍ଭଙ୍କୁ ନ ସେବିବି ।୪୪।
ହେ ପ୍ରଭୁ କର ତ୍ରାହି ତ୍ରାହି
ମାୟା ନ କରି କୁହ ଫେଇ ।୪୫।
ଅକ୍ଷତ ମହିଁମା ଶୁଣିଲେ
ତରିବି ମୁହିଁ ସିନା ଭଲେ ।୪୬।
ନୋହିଲେ ତରି ନ ପାରଇ
କିମ୍ବା ସଂସାରେ ଥିବି ରହି ।୪୭।
ଅକ୍ଷର ମହିଁମା କହିବ
ଅକ୍ଷିତ ଦାସକୁ ତରିବ ।୪୮।
ନୋହିଲେ ବେଗେ ମାର କହି
ସଂସାରେ ଥିବ ସେ କିମ୍ପାଇଁ ।୪୯।
କହଇ ଅରକ୍ଷିତ ଦାସ
ତୋ ମାୟା ମୋତେ କଲା ନାଶ ।୫୦।
ଆହେ ସୁଜନମାନେ ଶୁଣ
ପ୍ରଭୁ ନିର୍ଦ୍ଦୟା ମୋତେ ଜାଣ ।୫୧।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱାଶୀତିତମୋଽଧ୍ୟାୟଃ।

--- ୦ ---

# ତ୍ର୍ୟେଶୀତିତମ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ତୋ ଠାରେ ମୋର ମାୟା ନାହିଁ ।୧ ।
ଅତି ଗୁପତ ପଚାରିଛୁ
କହିବା ଶୁଣ ତୁହିଁ କିଛୁ ।୨ ।
ଅକ୍ଷର ମହିଁମା ମୁଁ ତୋତେ
ଯାହାଙ୍କ ଗୁଣ ଅଛି ଯେତେ ।୩ ।
ତାହା କହିବି ଶୁଣ ଏବେ
ହେ କନ ପଚାରିଲୁ ଯେବେ ।୪ ।
ସି-ଇ ଅକ୍ଷର ଶୂନ୍ୟେ ରହି
ବ୍ରହ୍ମାଣ୍ଡେ ଘୋଟିଅଛି କହି ।୫ ।
ଦ୍ଵି-ଇ ଅକ୍ଷର ଧୀରେ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ପୂରିଛି ।୬ ।
ର-ଅ ଅକ୍ଷର ରାଉ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ପୂରିଛି ।୭ ।
ଆ-ର ଅକ୍ଷର ରଜ ଗୁଣ
ସର୍ବ ଜାତ କରୁଛି ପୁଣ ।୮ ।
ସ୍ତୁ-ଉ ଅକ୍ଷର ଯାହା କହି
ଉଦେ ଅସ୍ତଟି ସେ କରଇ ।୯ ।
ଅ-ଅ ଅକ୍ଷର ନିତ୍ୟେ କହି
ତା ଗର୍ଭୁ ସର୍ବେ ଜାତ ହୋଇ ।୧୦ ।
ଅ-ଅ ଅକ୍ଷର ନ ଲାଗିଲେ
ଶବଦ କେବେ ନୋହେ ଭଲେ ।୧୧ ।
ଅ-ଅ ଶବଦ ପୂରି ଅଛି
ବ୍ରହ୍ମାଣ୍ଡେ ଲୀଳା ଯେ କରୁଛି ।୧୨ ।
ଅ-ଅ ଅକ୍ଷର ନ ଲାଗିଲେ
ଲୀଳାଟି କେବେ ନାହିଁ ଭଲେ ।୧୩ ।
ଅ-ଅ ଅକ୍ଷର ଲାଗି ଶୁଣ
ଆଉ ଅକ୍ଷର ଚଳେ ଜାଣ ।୧୪ ।
ନୋହିଲେ କେବେ ନ ଚଳିବେ
ସଂସାରେ କି ଲୀଳା କରିବେ ।୧୫ ।
ଅ-ଅ ଅକ୍ଷର ଲାଗି କହି
ସମସ୍ତ ଅଛଇ ଆବୋରି ।୧୬ ।
ଅ-ଅର ଏମନ୍ତ ବେଭାର
ତା'ଲାଗି ଅଛଇ ସଂସାର ।୧୭ ।
ନୋହିଲେ ଶୂନ୍ୟ ହୋଇ ଯିବ
ପୃଥ୍ୱୀରେ କେହି ନ ରହିବ ।୧୮ ।
ଅ-ଅ ଅକ୍ଷର ଲାଗି ଶୁଣ
ସବେଟି ଆତ ଯାତ ପୁଣ ।୧୯ ।
ବ୍ରହ୍ମାଦି ଦେବାସୁର ନରେ
ତାଙ୍କୁ ଘେନିଟି ଲୀଳା କରେ ।୨୦ ।
ଛପନ କୋଟି ଜୀବ ଯେତେ
ତା'ଲାଗି ଅଛନ୍ତି ସମସ୍ତେ ।୨୧ ।
ନୋହଲେ ସର୍ବେ ନାଶ ଯିବେ
ସେତ ବଞ୍ଚି ନ ପାରିବେ ।୨୨ ।

ଅ-ଅର ଏମନ୍ତ ମହିଁମା
କହିଲେ ନ ସରଇ ସୀମା ।୨୩।
ଆ-ଆ ଅକ୍ଷର ଆସୁଅଛି
ଦେଖ ଏ ବ୍ରହ୍ମାଣ୍ଡେ ପୂରିଛି ।୨୪।
ଇ-ଇ ଅକ୍ଷରଟି ଈଶ୍ୱର
ପୂରିଛି ଦେଖ ଏ ସଂସାର ।୨୫।
ଉ-ଉ ଅକ୍ଷର ଉଇଁ ଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୬।
ଋ-ଉ ଅକ୍ଷର ରୂପ ଜାଣ
ଘୋଟିଛି ବ୍ରହ୍ମାଣ୍ଡରେ ପୁଣ ।୨୭।
ଲୁ-ଉ ଅକ୍ଷର ଲୁଚି ଅଛି
ଖେ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୮।
ଏ-ଏ ଅକ୍ଷର ଏକ ବ୍ରହ୍ମ
ଏକ କରିଣ ଭାବ ମନ ।୨୯।
ଐ-ଇ ଅକ୍ଷର ମହାଶୂନ୍ୟ
ଘୋଟିଛି ବ୍ରହ୍ମାଣ୍ଡରେ ଜାଣ ।୩୦।
ଓ ଅକ୍ଷର ଶରୀର କହି
ବ୍ରହ୍ମାଣ୍ଡେ ପୂରିଅଛି ସେହି ।୩୧।
ଔ-ଉ ଅକ୍ଷର ଏ ସମ୍ଭୂତ
ଦେଖ ଏ ବ୍ରହ୍ମାଣ୍ଡେ ପୁରିତ ।୩୨
ଅଂ ଅକ୍ଷର ଯେ ଓଁ କାର
ଘୋଟିଛି ସଂସାର ସାଗର ।୩୩।
ଅଙ୍ଗ ଅକ୍ଷର ଏ ଶରୀର
ବ୍ୟାପିଛି ଏହୁ ଚରାଚର ।୩୪।
ହେ ମନ ଏ ଷୋଳ ଅକ୍ଷର
କହିଲି ମନେ ହେତୁ କର ।୩୫।
ତୋ ଠାରେ ମୋର ମାୟା ନାହିଁ
ତେଣୁ ଫେଡ଼ିଣ କହିଲଇଁ ।୩୬।
ଏ ଷୋଳ ଅକ୍ଷରଙ୍କ ଗୁଣ
କହିଲି ଛାଡ଼ିଲୁ କି ଭ୍ରମ ।୩୭।
ମନ ବୋଲାଇ ତ୍ରାହି ତ୍ରାହି
ମନୁ ମୋ ଭ୍ରାନ୍ତି ଛାଡ଼ିଲଇଁ ।୩୮।
ତୁମ୍ଭର ଦୟା ମୋର ଯେଣୁ
ଫେଡ଼ି କହିଲ ମୋତେ ଯେଣୁ ।୩୯।
ଏ ଷୋଳ ଅକ୍ଷର ମହିଁମା
ଶୁଣିଲି ତୁମ୍ଭ ମୁଖ ସିନା ।୪୦।
କହଇ ଅରକ୍ଷିତ ଦାସ
ତୁମ୍ଭ ଚରଣେ ମୋର ଆଶ ।୪୧।
ଆହେ ସୁଜନ ମାନେ ଶୁଣ
ଏ ଷୋଳ ଅକ୍ଷରଙ୍କ ଗୁଣ ।୪୨।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ତ୍ର୍ୟେଶୀତିତମୋଽଧ୍ୟାୟଃ ।

--- ୦ ---

# ଚତୁର୍ଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଶୁଣ ତୁହି
କିମ୍ପାଇଁ ମାୟା କରୁ କହି ।୧ ।
କ-ଅ ରୁ କ୍ଷ-ୟ ପରିଯନ୍ତେ
କହ ହେ ପ୍ରଭୁ ଦୟା ଚିତ୍ତେ ।୨ ।
ତେବେ ମୁଁ ସଂଶୟ ଛାଡ଼ିବି
ତୋ ନାମ ନିତ୍ୟେ ଭାବୁଥିବି ।୩।
କହ ହେ ପ୍ରଭୁ ନାରାୟଣ
କେଉଁ ଅକ୍ଷର କେଉଁ ଗୁଣ ।୪ ।
ମନ ମୁଖରୁ ଏହା ଶୁଣି
ତୁ ଯାହା ପଚାରିଲୁ ପୁଣି ।୫ ।
ତୁହି ମୁହିଁଟି ଏକ ଦେହୀ
ତେଣୁ ସିନା ମୁଁ କହିବଇଁ ।୬।
ନୋହିଲେ କେବେ ନ କହନ୍ତି
ଏବେ ତୁ ଶୁଣ ଦେଇ ମତି ।୭ ।
କ-ଅ ଅକ୍ଷର କହୁଅଛି
ସଂସାର ଖେଳ ଲଗାଇଛି ।୮ ।
ଖ-ଅ ଅକ୍ଷର ଖସି ଯାଇ
ବ୍ରହ୍ମାଣ୍ଡେ ଖେଳୁଅଛି କହି ।୯ ।
ଗ-ଅ ଅକ୍ଷର ଗଲୁ ଅଛି
ଗୁପତେ ବ୍ରହ୍ମାଣ୍ଡେ ପୂରିଛି ।୧୦ ।

ଘ-ଅ ଅକ୍ଷର ଘୋଟି ରହି
ହେ ମନ ଶୁଣ ଏବେ ତୁହି ।୧୧ ।
ଙ-ଅ ଅକ୍ଷର ଉଇଁ ଅଛି
ଦେଖ ଏ ସଂସାରେ ପୂରିଛି ।୧୨ ।
ଚ-ଅ ଅକ୍ଷର ଚାଲେ ଶୁଣ
ହେ ମନ ଚେତ ତୁ ବହନ ।୧୩।
ଛ-ଅ ଅକ୍ଷର ଛନ୍ଦି ଅଛି
ଦେଖ ଏ ବ୍ରହ୍ମାଣ୍ଡ ଛନ୍ଦିଛି ।୧୪ ।
ଜ-ଅ ଅକ୍ଷର ଜଳେ ଶୁଣ
ବ୍ରହ୍ମାଣ୍ଡ ପାଳୁଅଛି ପୁଣ ।୧୫ ।
ଝ-ଅ ଅକ୍ଷର ଝରୁଅଛି
ବ୍ରହ୍ମାଣ୍ଡ ତା ଲାଗି ରହିଛି ।୧୬।
ଞ-ଅ ଅକ୍ଷର ନିତ୍ୟେ ରହି
ହେ ମନ ଚେତ ଏବେ ତୁହି ।୧୭ ।
ଟ-ଅ ଅକ୍ଷର ଟଳୁଅଛି
ଟାକିଣ ବ୍ରହ୍ମାଣ୍ଡେ ଖେଳୁଛି ।୧୮ ।
ଠ-ଅ ଅକ୍ଷର ଠୁଳେ ରହି
ମହାଶୂନ୍ୟଟି ସେ ଅଟଇ ।୧୯ ।
ଡ-ଅକ୍ଷର ଡାକୁ ଅଛି ।
ଦେଖ ଏ ବ୍ରହ୍ମାଣ୍ଡେ ଶୁଭୁଛି ।୨୦ ।

ଢ-ଅ ଅକ୍ଷର ଢାଳେ ଶୁଣ
ଢାଙ୍କି ଖେଳୁଛି ବ୍ରହ୍ମାଣ୍ଡେଣ ।୨୧ ।
ଣ-ଅ ଅକ୍ଷର ମହାଶୂନ୍ୟ
ହେ ମନ ହେତୁ କରି ଘେନ ।୨୨ ।
ତ-ଅ ଅକ୍ଷର ତତ୍ତ୍ୱ କହି
ତତ୍ତ୍ୱରେ ଭାବ ମନ ତୁହି ।୨୩ ।
ଥ-ଅ ଅକ୍ଷର ଥୟେ ଅଛି
ଦେଖ ଏ ବ୍ରହ୍ମାଣ୍ଡ ପୂରିଛି ।୨୪ ।
ଦ-ଅ ଅକ୍ଷର ଦହୁଅଛି
ଦେଖ ଏ ବ୍ରହ୍ମାଣ୍ଡେ ଘୋଟିଛି ।୨୫ ।
ଧ-ଅ ଅକ୍ଷର ଧରି ରହି
ବ୍ରହ୍ମାଣ୍ଡେ ପୁରିଅଛି ସେହି ।୨୬ ।
ନ-ଅ ଅକ୍ଷର ମହାଶୂନ୍ୟ
ତହିଁରୁ ସମସ୍ତେ ଭିଆଣ ।୨୭ ।
ପ-ଅ ଅକ୍ଷର ପୂରି ଅଛି
ପରାପର ଯେ ନାହିଁ କିଛି ।୨୮ ।
ଫ-ଅ ଅକ୍ଷର ଫଳେ ଶୁଣ
ଫୁଟିଛି ବ୍ରହ୍ମାଣ୍ଡରେ ଜାଣ ।୨୯ ।
ବ-ଅ ଅକ୍ଷର ବହୁଅଛି
ବ୍ରହ୍ମାଣ୍ଡ ଯାକ ବିହରୁଛି ।୩୦ ।
ଭ-ଅ ଅକ୍ଷର ଭାସେ ଶୁଣ
ଭାବୁଛି ବ୍ରହ୍ମାଣ୍ଡରେ ଜାଣ ।୩୧ ।
ମ-ଅ ଅକ୍ଷର ମହାଶୂନ୍ୟ
ମାଦଳ ରୂପ ସେହି ଜାଣ ।୩୨ ।
ତହିଁରୁ ସର୍ବେ ଜନ୍ମୁଛନ୍ତି
ମିଶିଣ ବ୍ରହ୍ମାଣ୍ଡେ ଖେଳନ୍ତି ।୩୩ ।
ମ-ଅ ଅକ୍ଷର ପୁରୁଷ ହିଁ
ହେ ମନ ଭାବ ତାଙ୍କୁ ତୁହି ।୩୪ ।
ଯ-ଅ ଅକ୍ଷର ଯାଇଅଛି
ଦେଖ ଏ ବ୍ରହ୍ମାଣ୍ଡେ ନାଶୁଛି ।୩୫ ।
ଳ-ଅ ଅକ୍ଷର ଲୀଳା କରେ
ହେ ମନ ଶୁଣ କହି ତୋରେ ।୩୬ ।
ଶ୍ରୀ-ଅ ଅକ୍ଷର ଶୂନ୍ୟେ ତହିଁ
ଶିଶୁ ବେଦଟି ସେ ଅଟଇ ।୩୭ ।
ଶ-ଅ ଅକ୍ଷର ଏ ଶରୀର
ଘୋଟିଛି ସଂସାର ସାଗର ।୩୮ ।
ଷ-ଅ ଟି ସଚରାଚରରେ
ଘୋଟି ରହିଛି ପରାପରେ ।୩୯ ।
ହ-ଅଟି ହ'ରୁ ଅଛି ଜାଣ
ପୁରିଛି ବ୍ରହ୍ମାଣ୍ଡରେ ଶୁଣ ।୪୦ ।
କ୍ଷ-ଅ ଟି କ୍ଷରୁ ଅଛି କହି
କ୍ଷ-ଅ ଟି ବ୍ରହ୍ମାଣ୍ଡ ନାଇଶ ।୪୧ ।
ତୁ ଯେ ପଚାରିଲୁ ହୋ ମନ
ଯେଉଁ ଅକ୍ଷର ଯେବା ଗୁଣ ।୪୨ ।

କହିଲି ମନେ ହେତୁ କର
ଅକ୍ଷର ପୁରିଛି ସଂସାର ।୪୩।
ଅକ୍ଷର ମୂଳଟି ଅଟଇ
ଡାଳ ପତ୍ରଟି ମାତ୍ରା କହି ।୪୪ ।
ଡାଳ ପତ୍ର ନଥିଲେ ଶୁଣ
ମୁଣ୍ଡା ବୃକ୍ଷ କି ଶୋଭା ପୁଣ ।୪୫ ।
ମାତ୍ରାଟି ବର୍ଣ୍ଣିଛି ଅକ୍ଷର
ବ୍ୟାପିଛି ଦେଖ ଚରାଚର ।୪୬ ।
ହେ ମନ ଅକ୍ଷରଙ୍କ ଗୁଣ
କହିଲେ ନ ସରଇ ଜାଣ ।୪୭ ।
ତାଙ୍କ ମହିମା ଏ ପୃଥ୍ୱୀରେ
କେ କହି ପାରିବ ଶରୀରେ ।୪୮ ।
ବ୍ରହ୍ମା ଶିବଙ୍କୁ ଅଗୋଚର
ଆଉ କେ ଜାଣିବ ସଂସାରେ ।୪୯ ।
ତୁ ଯେ ପଚାରିଲୁ ହୋ ମନ
କିଛି କହିଲି ତାଙ୍କ ଗୁଣ ।୫୦ ।
ଆଉ କହିବି ମୁହିଁ ଯେତେ
ତାହାଙ୍କ ଗୁଣ ଅଛି କେତେ ।୫୧ ।
ଆର ଅଧ୍ୟାରେ ବୁଝାଇବା
ତୋ ମନୁ ସଂଶୟ ଫେଡ଼ିବା ।୫୨ ।
କହଇ ଅରକ୍ଷିତ ଦାସ
ହେ ପ୍ରଭୁ ମାୟା କର ନାଶ ।୫୩।
ଆହ ସୁଜନ ମନେ ଶୁଣ
ଅକ୍ଷର ସେବା ଯେଉଁ ଗୁଣ ।୫୪ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଚତୁରଶୀତିତମୋଽଧ୍ୟାୟଃ ।

--- ୦ ---

# ପଞ୍ଚାଶୀତିତମ ଅଧ୍ୟାୟ

ଚୈତନ୍ୟ କହେ ମନ ଶୁଣ
ଅକ୍ଷରକୁ ଯେ ମୁଁ ଧରିଣ ।୧ ।
ତେଣୁଟି ଏ ଦେହେ ରହିଲି
ଅକ୍ଷରକୁ ସେ ଆଶ୍ରେ କଲି ।୨ ।
ତୁହିଟି ଅକ୍ଷର ଧରିଛୁ
ଏ ଦେହେ ଲୀଳା ତୁ କରୁଛୁ ।୩ ।
ଅକ୍ଷର ନ ଧରିଲେ ଶୁଣ
କେମନ୍ତେ ବଞ୍ଚିବୁଟି ପୁଣ ।୪ ।
କା ଲାଗି ଖାଇବୁ ଶୋଇବୁ
କା ଲାଗି ଚାଲିବୁ କହିବୁ ।୫ ।
ଅକ୍ଷର ନ ଲାଗିଲେ ଶୁଣ
ଶବଦ କାହୁଁ ହେବ ଜାଣ ।୬ ।
ଅକ୍ଷର ଲାଗି ଦେହ ଅଛି
ନୋହିଲେ ଦେହ ନାହିଁ କିଛି ।୭ ।
ଅକ୍ଷର ନ ଲାଗିଲେ ଜାଣ
ଏ ଦେହ କାହୁଁ ଜାତ ପୁଣ ।୮ ।
ଅକ୍ଷର ଲାଗି ଦେହ ଜାତ
ହେ ମନ କହି ଦେଲି ସତ୍ୟ ।୯ ।
ଅକ୍ଷର ଥିବାକୁଟି କହି
ଦେହ ବୋଲିଣ ଜାଣୁ ତୁହି ।୧୦ ।
ରକ୍ତ ମାଏଁଶ ହାଡ଼ ଚର୍ମ
ଅକ୍ଷର ଥିବାକୁ ଜାଣିଣ ।୧୧ ।
ଆନ୍ତଃ ପିତ୍ତ ପୁଟି ପିଳୋହି
ଅକ୍ଷର ଥିବାକୁ ଜାଣଇ ।୧୨ ।
ନୟନ ନାଶା ମୂଖ କର୍ଣ୍ଣ
ଅକ୍ଷର ଥିବାକୁ ଜାଣିଣ ।୧୩ ।
ଇନ୍ଦ୍ରି ଗୁହ୍ୟଟି ନବ ଦ୍ୱାର
ଅକ୍ଷର ଥିବାକୁଟି ସାର ।୧୪ ।
ଅକ୍ଷର ନ ଲାଗିଲେ ଶୁଣ
ମୂଖ ବଚନ ନ କହିଣ ।୧୫ ।
ଅକ୍ଷର ନ ଲାଗିଲେ କହି
ନାଶା ପବନ ନ ବହଇ ।୧୬ ।
ଅକ୍ଷର ନ ଲାଗିଲେ ଶୁଣ
ଚକ୍ଷୁକୁ ନ ଦିଶଇ ଜାଣ ।୧୭ ।
ଅକ୍ଷର ନ ଲାଗିଲେ କହି
କର୍ଣ୍ଣ ଶୁଣିବ ଅବା କାହିଁ ।୧୮ ।
ଅକ୍ଷର ନ ଲାଗିଲେ ଶୁଣ
ନକରେ ମଳମୂତ୍ର ଜାଣ ।୧୯ ।
ଅକ୍ଷର ନ ଲାଗିଲେ କହି
ହସ୍ତ ପାଦଟି ନ ଚଳଇ ।୨୦ ।
ଅକ୍ଷର ଦେହକୁ ଧରିଛି
ଅକ୍ଷର ସବୁଟି କରୁଛି ।୨୧ ।
ଅକ୍ଷର ସବୁକୁ ଟି ନାମ
ଦେଇଛି ନାନା ରୂପେ ଶୁଣ ।୨୨ ।
ପାଞ୍ଚ ମନଟି ଯାହା କହି
ଅକ୍ଷର ଥିବାକୁ ଜାଣଇ ।୨୩ ।
ପଚିଶ ପ୍ରକୃତି ବୋଲିଣ
ଅକ୍ଷର ନାମ ଦେଲା ଶୁଣ ।୨୪ ।
ଏକାଦଶ ଇନ୍ଦ୍ରଟି କହି
ଅକ୍ଷର ନାମଟି ଦିଅଇ ।୨୫ ।
ଷଡ଼ ରିପୁଟି ତୁହି ଜାଣ
ଅ-କ୍ଷର ନାମ ଦେଲା ଶୁଣ ।୨୬ ।

ସାତଶ ବାସ୍ତରୀ ଯେ ନାଡ଼ି
ଅକ୍ଷର ନାମ ଦେଲା ଧାଡ଼ି ।୨୭ ।
ଚୌଷଠି ରୋଗ ତ୍ରି ଗୁଣ ହିଁ
ଅକ୍ଷର ନାମ ଦେଲା କହି ।୨୮ ।
ଏ ଦେହେ ଯେତେ ଆତଯାତ
ଅକ୍ଷର ନାମ ଦେଲା ସତ୍ୟ ।୨୯ ।
ଅକ୍ଷର ନ ଲାଗିବ ଯହିଁ
ସେ ନାମ ବହିବଟି କାହିଁ ।୩୦ ।
ଅକ୍ଷର ଶରୀରେ ପୂରିଛି
ଅକ୍ଷର ଲାଗି ଦେହ ଅଛି ।୩୧ ।
ଅକ୍ଷର ଦେହରୁ ଛାଡ଼ିଲେ
ନିଶବଦଟି ହେବ ଭଲେ ।୩୨ ।
ନିଶବଦଟି ହେଲେ ଶୁଣ
ଏ ଦେହ ନାଶ ଯିବ ପୁଣ ।୩୩ ।
ଶବଦ ଦେହେ ଯେବେ ଅଛି
ଅକ୍ଷର ଲାଗି ଯେ ରହିଛି ।୩୪ ।
ନିଶବଦରେ କାର୍ଯ୍ୟ ନାହିଁ
ଶବଦ ଲୀଳାଟି କରଇ ।୩୫ ।
ଅକ୍ଷର ଯେତେ ନ ଲାଗିବ
ମହାଶୂନ୍ୟଟି ବୋଲାଇବ ।୩୬ ।
ଅକ୍ଷର ଯେବେ ଚଳୁଥାଇ
ଏ ଦେହେ କେବେ ହେଁ ନ ଯାଇ ।୩୭
ଅକ୍ଷର ଶୂନ୍ୟ ସିନା କହି
ଲୀଳା ନିମନ୍ତେ ଚଳେ ସେହି ।୩୮ ।
ଅକ୍ଷରୁ ଶରୀର ଜନ୍ମିଲା
ଅକ୍ଷର ବ୍ରହ୍ମାଣ୍ଡ ଘୋଟିଲା ।୩୯ ।
ଅକ୍ଷର ମାୟା କେ ଜାଣିବ
କହିବା ଶୁଣ ତା' ଭାବ ।୪୦ ।
ଅକ୍ଷର ମୂଖେ କହୁ ଥାଇ
ପୋଥିରେ କିଛି ନ ଦିଶଇ ।୪୧ ।
ଜଳକା ହୋଇ ଚାହେଁ ଶୁଣ
ବୋଲଇ କିଛି ଦିଶିଣ ।୪୨ ।
ମୁଖରେ ସେହି କ୍ଷର କହି
ସେହି ଅକ୍ଷର ଲେଖା ହୋଇ ।୪୩ ।
କିମ୍ପାଇ ନ ଦିଶିଲା ଜାଣ
ମୂଖରେ କହୁଥାଏ ଶୁଣ ।୪୪ ।
ଯେବେ ପାଠଟି ପଢ଼ିଥାଇ
ପୋଥିରେ ତାହାକୁ ଦିଶଇ ।୪୫ ।
ନୋହିଲେ ନ ଦିଶଇ ଶୁଣ
ସେ କାହିଁ ଅକ୍ଷର ଜାଣିଣ ।୪୬ ।
ଅକ୍ଷର ମୂଖେ କହୁ ଥାଇ
ଅକ୍ଷର ତାକୁ ନ ଦିଶଇ ।୪୭ ।
ଏମନ୍ତ ଅକ୍ଷରଟି ମାୟା
କହିଣ ନ ଦେଖାଇ କାୟା ।୪୮ ।
ମାୟାରେ ମୋହୁଛି ସଂସାର
ଏହା ତୁ ବୁଝି ହେତୁ କର ।୪୯ ।
କହଇ ଅରକ୍ଷିତ ଦାସ
ହେତୁ ହେ ଦିଅ ପୀତବାସ ।୫୦ ।
ଆହେ ସୁଜନ ମାନେ ଶୁଣ
ଅକ୍ଷର ଭାବି ମନେ ଗୁଣ ।୫୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ପଞ୍ଚାଶୀତିତମୋଽଧ୍ୟାୟଃ ।

--- ୦ ---

# ଷଡଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଦୟାକର
କହ ହେ ଅକ୍ଷର ବେଭାର ।୧ ।
ଅକ୍ଷର ଏମନ୍ତ ମୋହୁଛି
ଶୁଣି ମୋ ନ ସ୍ଫୁରଇ କିଛି ।୨ ।
ତୁମ୍ଭ ମୁଖରୁ ଶୁଣି କରି
ଭାଳୁଛି କିଛି ଯେ ନ ସ୍ଫୁରି ।୩ ।
ମୋ ମନେ ହେତୁ ଯେ କରାଅ
ହେ ପ୍ରଭୁ ଦୟା ମୋରେ ହୁଅ ।୪ ।
ମନ ମୁଖରୁ ଶୁଣି ଏହା
ତୋ ଠାରେ ଅଛି ଆତ୍ମ ଦୟା ।୫ ।
ସବୁତ କହିବି ବିସ୍ତାରି
ହେ ମନ ଶୁଣ ହେତୁ କରି ।୬ ।
ଅକ୍ଷର ମହିମା ତୁ ଶୁଣ
ତା ଲାଗି ସର୍ବେ ଜାତ ପୁଣ ।୭ ।
ଅକ୍ଷର ନ ଥିଲେଟି କହି
କେହୁ ବଞ୍ଚିବ ଦେହ ବହି ।୮ ।
ଅକ୍ଷର ଲାଗି ସର୍ବେ ଛନ୍ତି
ସଂସାରେ ଲୀଳା ଯେ କରନ୍ତି ।୯ ।
ବଚନେ ସର୍ବେ ଆତଯାତ
ଅକ୍ଷର ଲାଗି ଯେ ସମସ୍ତ ।୧ ୦ ।
ବଚନ ନ କହିଲେ ଜାଣ
କେମନ୍ତେ ବଞ୍ଚିବଟି ପୁଣ ।୧ ୧ ।
ଶବଦ ଅକ୍ଷର ଧଇଲା
ତେଣୁଟି ସର୍ବ ଜାତ କଲା ।୧ ୨ ।
ଅକ୍ଷର ନ ଧଇଲେ ଶୁଣ
ଶବଦ କାହୁଁ ଜାତ ପୁଣ ।୧୩ ।
ଅକ୍ଷର ଲାଗି ନାମ କହି
ନ ଲାଗିଲେଟି ନାମ ନାହିଁ ।୧ ୪ ।
ଅକ୍ଷର ମନ୍ତ୍ର ଯନ୍ତ୍ର କଲା
ନାନା ନାମଟି ବୋଲାଇଲା ।୧ ୫ ।
ନାନା ଧ୍ୟାନଟି ସୂତ୍ର କହେ
ଅକ୍ଷର ସବୁଟି ଉଦୟେ ।୧ ୬ ।
ନାନା ମାଳା ତିଳକ ହୋଇ
ଅକ୍ଷର ସବୁଟି କରଇ ।୧ ୭ ।
ନାନା ଭଜନ ଯେ ଆସନ
ଅକ୍ଷର ସବୁଟି କରିଣ ।୧ ୮ ।
ନାନା ଯୋଗଟି ଯେ ଅଛଇ
ଅକ୍ଷର ସବୁଟି କରଇ ।୧ ୯ ।
ନାଗାନ୍ତ ଅକ୍ଷର ଜନ୍ମିଲା
ବେଦାନ୍ତ ଅକ୍ଷର ହୋଇଲା ।୨ ୧ ।
ସିଦ୍ଧାନ୍ତ ଅକ୍ଷରୁଟି ଜାତ
ଯୋଗାନ୍ତ ଅକ୍ଷରୁ ସମ୍ଭୁତ ।୨ ୧ ।
ନାନା ଔଷଧ ଯେବେ ଅଛି
ଅକ୍ଷର ସବୁଙ୍କୁ ଧରିଛି ।୨ ୨ ।
ନାନା କଳ୍ପଟି ମଉଷଧି
ଅକ୍ଷର ସବୁଙ୍କୁଟି ବାନ୍ଧି ।୨୩ ।
ଅମୃତ ଅକ୍ଷରୁ ଜନ୍ମିଲା
ବିଷଟ ଅକ୍ଷର ହୋଇଲା ।୨ ୪ ।
ଅକ୍ଷର ନ ଲାଗିଲେ ଶୁଣ
କିଛିଟି ଜାତି ନୋହେ ପୁଣ ।୨ ୫ ।

ଅକ୍ଷର ତାରୁଛି ମାରୁଛି
ଅକ୍ଷର ସବୁଟି କରୁଛି ।୨୬।
ଅକ୍ଷର ନ ଲାଗିଲେ କହି
କୌଣସି ପାର୍ଥ ଯେ ନାହିଁ ।୨୭।
ଅକ୍ଷର ନ ଲାଗିଲେ ଶୁଣ
ଲୁହାଟି କାହୁଁ ଜାତ ପୁଣ ।୨୮।
ଅକ୍ଷର ଲାଗିବାରୁ କହି
ଲୁହାଟି ଅକ୍ଷରୁ ଜନ୍ମଇ ।୨୯।
ଲୁହା ନ ଥିଲେ ନରଗଣ
କେମନ୍ତେ ବଞ୍ଚନ୍ତେଟି ପୁଣ ।୩୦।
ଲୁହା ଥିଲାକୁ ଘର କରି
ଜଗତୀ ଅଟାଳି ପାଚେରି ।୩୧।
କୂଅ ପୋଖରୀ ଦେଉଳ ହିଁ
ଲୁହା ଥିଲା କୁଟି କରଇ ।୩୨।
ଅକ୍ଷର ଲାଗି ଲୁହା ଜାତ
ତେଣୁଟି ନରେ ଯେ ବଞ୍ଚିତ ।୩୩।
ଚାଷ ବଣିଜ ଯେ ଉପାୟେ
ଲୁହା ନ ଥିଲେ କିଛି ନୋହେ ।୩୪।
ନାନା ଶସ୍ତ୍ରଟି ଲୁହା ଜାଣ
ଅକ୍ଷର ଲାଗି ଜାତ ପୁଣ ।୩୫।
ତମ୍ବା ପିତଳ ସୀସା ହୋଇ
ଅକ୍ଷର ଲାଗି ଜାତ କହି ।୩୬।
ରୂପା ରସଟି କଂସା ଜାଣ
ଅକ୍ଷର ଲାଗି ଜାତ ପୁଣ ।୩୭।
ଖପର ମିଶି ଅଷ୍ଟ ଧାତୁ
ଶୁଣ ସୁମନେ ଦେଇ ହେତୁ ।୩୮।
ଅଷ୍ଟ ଧାତୁରୁ ନାନା ଦ୍ରବ୍ୟ
ଅକ୍ଷର ଲାଗି ହେଲେ ସର୍ବ ।୩୯।
ନବରତ୍ନଟି ଯାହା କହି
ଅକ୍ଷର ଲାଗି ଜାତ ହୋଇ ।୪୦।
ଅକ୍ଷର ନ ଥିଲେଟି ଶୁଣ
ଏ ସର୍ବଜାତ କାହୁଁ ପୁଣ ।୪୧
ଅକ୍ଷର ଧରିଣ ଶବଦ
ଜାତ କରୁଛି ଶୁଣ ଭେଦ ।୪୨।
ଅକ୍ଷର ନ ଧଇଲେ ଶୁଣ
ଶବଦ ନ ବାହାରେ ପୁଣ ।୪୩।
ଶବଦ ନ ବାହାରେ ଯେବେ
ଜ୍ଞାତ ହୋଇବେ କାହୁଁ ସର୍ବେ ।୪୪।
ଶବଦ ଅକ୍ଷର ଧଇଲା
ତେଣୁଟି ଲୀଳା ଆରମ୍ଭିଲା ।୪୫।
ଲୀଳାରେ ଅକ୍ଷର ଶବଦ
ରାତ୍ର ଦିବସ ନାହିଁ ଭେଦ ।୪୬।
ଅକ୍ଷର ଶବ ମିଶିଣ
ଦେହକୁ ଧରିଛନ୍ତି ଶୁଣ ।୪୭।
ଯେବେ ଯେ ଦେହ ଛାଡ଼ିଯାନ୍ତି
ଅକ୍ଷର ଶବଦେ ଲୁଚନ୍ତି ।୪୮।
ଏମନ୍ତ ଦେହ ହଏ ନାଶ
ନମଇ ଅରକ୍ଷିତ ଦାଶ ।୪୯।
ଆହେ ସୁଜନ ମାନେ ଶୁଣ
ଅକ୍ଷର ମହିମା ଏସନ ।୫୦।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଷଡଶୀତିତମୋଽଧ୍ୟାୟଃ ।

--- ୦ ---

# ସପ୍ତାଶୀତିତମ ଅଧ୍ୟାୟ

ହେ ମନ ଶୁଣ ମୁଁ କହଇ
ଅକ୍ଷର ଲାଗି କଥା ଯେହି ।୧ ।
ଅକ୍ଷର ଥିଲାକୁଟି ଶୁଣ
ରାତ୍ର ଦିବସକୁ ଜାଣିଣ ।୨ ।
ଷୋଳ ଘଡ଼ିଟି ଯାହା କହି
ଅକ୍ଷର ଥିବାକୁ ଜାଣଇ ।୩।
ସାତ ବାରଟି ଅଛି ଜାଣ
ଅକ୍ଷର ଥିବାରୁ ଜାଣିଣ ।୪ ।
ବାର ମାସଟି ଯେ ହୋଇଲା
ଅକ୍ଷର ଥିବାରୁ ଜାଣିଲା ।୫ ।
ପନ୍ଦର ତିଥି ଯେ ଅଛଇ
ଅକ୍ଷର ସବୁଟି କହଇ ।୬ ।
ଏଗାର କାରଣଟି ଜାଣ
ଅକ୍ଷର ଥିବାକୁ ଜାଣିଣ ।୭ ।
ବାର ଚନ୍ଦ୍ରଟି ଯାହା କହି
ଅକ୍ଷର ଲାଗି ସର୍ବ ହୋଇ ।୮ ।
ନବ ଗ୍ରହଟି ଛନ୍ତି ଶୁଣ
ଅକ୍ଷର ସବୁ କହେ ଜାଣ ।୯ ।
ଷଡ଼ ଋତୁ ଯାହା କହି
ଅକ୍ଷର ଲାଗି ସବୁ ହୋଇ ।୧ ୦ ।
ଦଶ ରଙ୍ଗଟି ଷଡ଼ରସ
ଅକ୍ଷର କରଇ ପ୍ରକାଶ ।୧ ୧ ।
ଅକ୍ଷର ସବୁକୁଟି ନାମ
ଦେଇଛି ତୁହି ଏବେ ଶୁଣ ।୧ ୨ ।
ଦେବଗଣଟି ଯାହା କହି
ଅକ୍ଷର ନାମଟି ଦିଅଇ ।୧ ୩।
ଯାହାକୁ ଯେମନ୍ତ ସେ ନାମ
ଅକ୍ଷର ଦେଇଅଛି ପୁଣ ।୧ ୪ ।
ନରଗଣ ଯେତେ ଅଛଇ
ଅକ୍ଷର ନାମଟି ଦିଅଇ ।୧ ୫ ।
ରାକ୍ଷସଗଣ ନାଗଗଣ
ଅକ୍ଷର ନାମଟି ଦେଇଣ ।୧ ୬।
ଭୂତଗଣ ଯମଗଣ ହିଁ
ଅକ୍ଷର ନାମଟି ଦିଶଇ ।୧ ୭ ।
ରୁଦ୍ରଗଣ ଯେ ପିତୃଗଣ
ଅକ୍ଷର ନାମଟି ଦେଇଣ ।୧ ୮ ।
ତପଲୋକ ଦେବ ଲୋକ ହିଁ
ଅକ୍ଷର ନାମ ଦେଇଛଇଁ ।୧ ୯ ।
ଇହ ଲୋକ ଯେ ମର ଲୋକ
ଅକ୍ଷର କହିଛି ଅନେକ ।୨ ୦ ।

ଧ୍ରୁବ ଲୋକ ବ୍ରହ୍ମ ଲୋକ ହିଁ
ଅକ୍ଷର ସବୁଟି କହଇ ।୨୧।
ନାନା ରସଟି ଅଛି ଜାଣ
ଅକ୍ଷର ନାମଟି ଦେଇଣ ।୨୨।
ଚାରି ଯୁଗ ବୋଲି ଅଛଇ
ଅକ୍ଷର ନାମଟି ଦିଅଇ ।୨୩।
ସଭାରେ କେତେ ସଭା ଅଛି
ଅକ୍ଷର ନାମଟି ଦେଇଛି ।୨୪।
ଅକ୍ଷର ନ ଲାଗିବ ଯହିଁ
କୌଣସି କଥା ନ କହଇ ।୨୫।
ଯେତେକ ଗ୍ରନ୍ଥ ଅଛି ଶୁଣ
ଅକ୍ଷର ସବୁଟି କହିଣ ।୨୬।
ପୁରାଣ ବାରସ୍କନ୍ଧ ହୋଇ
ଅକ୍ଷର ସବୁଟି କହଇ ।୨୭।
ଅଠର ଖଣ୍ଡ ଯେ ଭାରତ
ଅକ୍ଷର ସବୁଟି କହିତ ।୨୮।
ସାତ କାଣ୍ଡ ଯେ ରାମାୟଣ
ଅକ୍ଷର ସବୁଟି କହିଣ ।୨୯।
ଷଡ ଖଣ୍ଡ ଯେ ହରିବଂଶ
ଅକ୍ଷର କରଇ ପ୍ରକାଶ ।୩୦।
ଭୀଷ୍ମକେଶରୀ ପୁରାଣହିଁ
ଅକ୍ଷର ସବୁଟି କହଇ ।୩୧।
ନାନା ପୁରାଣ ଯେତେ ଛନ୍ତି
କହିଲେ ନସରଇ ରୀତି ।୩୨।
ଅକ୍ଷର ସବୁଟି କହଇ
ନାନା ପୁରାଣ ସେ ହୁଅଇ ।୩୩।
ନାନା ଗୀତଟି ଯେତେଛନ୍ତି
ଅକ୍ଷର ସବୁ ଯେ କହନ୍ତି ।୩୪।
ନାନାଦି ଶାସ୍ତ୍ର ଅଛି ପୁଣ
ଅକ୍ଷର ସବୁ କହେ ଜାଣ ।୩୫।
ନାନା ବିଦ୍ୟା ଜ୍ୟୋତିଷ ପାଞ୍ଜି
ଅକ୍ଷର ସବୁ ଅଛି ଛନ୍ଦି ।୩୬।
ନାନା ତୀର୍ଥଟି ଯେତେ ଶୁଣ
ଅକ୍ଷର ସବୁଟି କହିଣ ।୩୭।
ନାନାଦି ଦେବତା ଅଛନ୍ତି
ଅକ୍ଷର ସବୁଟି କହନ୍ତି ।୩୮।
ନାନାଦି ଯାତ୍ରା ଉପାସ ହିଁ
ଅକ୍ଷର ସବୁଟି କହଇ ।୩୯।
ନାନାଦି ଗ୍ରାମ ଯେ ଅଛନ୍ତି
ଅକ୍ଷର ସବୁଟି କହନ୍ତି ।୪୦।
ନାନା କୂଟ କପଟ ଅଛି
ଅକ୍ଷର ସବୁଙ୍କୁ ବାନ୍ଧିଛି ।୪୧।
ନାନା ଉପାୟ ଯେ ଅଛଇ
ଅକ୍ଷର ସବୁଟି କରଇ ।୪୨।

ଛନ୍ଦ ମନ୍ଦ ହିଁ ଭଲ ଜାଣ
ଅକ୍ଷର ସବୁଟି କରିଣ ।୪୩।
ନିର୍ମାୟା ମାୟା ଯେ ସଂସାରେ
ଅକ୍ଷର ସିନା ସର୍ବ କରେ ।୪୪
ଧର୍ମ ଅଧର୍ମ ପାପ ପୁଣ୍ୟ
ଅକ୍ଷର ସର୍ବ କରେ ଜାଣ ।୪୫ ।
ଅକ୍ଷର ଲାଗି ସିନା ମରେ
ଅକ୍ଷର ଲାଗି ସିନା ତରେ ।୪୬ ।
ଅକ୍ଷର ଲାଗି ଜାତ ହୋଇ
ଅକ୍ଷର ଲାଗିଟି ମରଇ ।୪୭ ।
ବିଚିତ୍ର ମାୟା କୂଟ କରି
ଅକ୍ଷର ମାରୁଅଛି ଧରି ।୪୮ ।
ଅକ୍ଷର ସର୍ବ ଜାତ କରେ
ଅକ୍ଷର ସର୍ବଟି ସଂହାରେ ।୪୯ ।
ଅକ୍ଷର ତେଜ ବଳେ ଶୁଣ
ସମସ୍ତେ ହୁଅନ୍ତି ଦହନ ।୫୦ ।
ଅକ୍ଷର ଶୀତଳ ଅଟନ୍ତି
ହେମ ଲାଗି ସର୍ବେ ମରନ୍ତି ।୫୧ ।
ଅକ୍ଷର ଏମନ୍ତଟି ଗୁଣ
ହେ ମନ ସାବଧାନେ ଶୁଣ ।୫୨ ।
ମନ ଶୁଣି ଭୟେ ବୋଲଇ
ହେ ପ୍ରଭୁ ଦୟାକର ତୁହି ।୫୩।
ତୁମ୍ଭ ମୁଖରୁ ଏହା ଶୁଣି
ମୋ ମନେ ବଡ଼ ଭୟ ପୁଣି ।୫୪ ।
ଅକ୍ଷର ଏମନ୍ତ ବେଭାର
ହେ ପ୍ରଭୁ ଏଥୁ ପାରିକର ।୫୫ ।
ହେ ପ୍ରଭୁ ଭୟ କର ନାଶ
ଜଣାଇ ଅରକ୍ଷିତ ଦାସ ।୫୬ ।
ଆହେ ସୁଜନ ମାନେ ତୁମ୍ଭେ
ଅକ୍ଷରକୁ ଯେ ଧର ସର୍ବେ ।୫୭ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ସପ୍ତାଶୀତିତମୋଽଧ୍ୟାୟଃ ।

--- ୦ ---

# ଅଷ୍ଟାଶୀତିତମ ଅଧ୍ୟାୟ

ଆହେ ଚୈତନ୍ୟ ଦୟାକର
ଏ ଦେହ ଛାଡ଼ିବି ନିକର ।୧ ।
ଏ ଦେହେ ମୁହିଁ ଯେ ଭ୍ରମିଲି
ନାନା କଷ୍ଟଟି ଯେ ପାଇଲି ।୨ ।
ଏ କଷ୍ଟ ସହି ନ ପାରଇ
ଏ ଦେହୁ ପାରିକର ତୁହି ।୩ ।
ମନ ମୁଖରୁ ଏହାଶୁଣି
ଭୟ ନ କର ଏବେ ପୁଣି ।୪ ।
ତୋର ଭୟଟି ଛଡ଼ାଇବା
ତୋ ମନୁ ସଂଶୟ ଫେଡ଼ିବା ।୫ ।
ଏବେ ତୁ ଶୁଣ ମନ ଦେଇ
ଅକ୍ଷର ମହିମା କହଇ ।୬ ।
ମହାଶୂନ୍ୟ ବୋଲିଣ ଯେହି
ଅକ୍ଷର ହୋଇଅଛି କହି ।୭ ।
ତହିଁରୁ ଆକାଶ ଜନ୍ମିଲା
ଅକ୍ଷର ନାମ ସିନା ଦେଲା ।୮ ।
ଅକ୍ଷର ଥିବାରୁଟି କହି
ଆକାଶ ନାମ ଛନ୍ଦି ଦେଇ ।୯ ।
ଆକାଶୁ ପବନ ଜନ୍ମଇ
ଅକ୍ଷର ନାମଟି ଦିଅଇ ।୧୦ ।
ଅକ୍ଷର ନ ଥିଲେଟି ଶୁଣ
ପବନ ବୋଲି କେ ଜାଣିଣ ।୧୧ ।
ପବନୁ ଅଗ୍ନି ଜାତ ହୋଇ
ଅକ୍ଷର ନାମଟି ଦିଅଇ ।୧୨ ।
ଅକ୍ଷର ନ ଥିଲେଟି ଶୁଣ
ଅଗ୍ନି ବୋଲିଟି କେ ଜାଣିଣ ।୧୩ ।
ଅଗ୍ନିରୁ ଜଳ ଜାତ ହୋଇ
ଅକ୍ଷର ନାମଟି ଦିଅଇ ।୧୪ ।
ଅକ୍ଷର ନ ଥିଲେଟି ଶୁଣ
ଜଳ ବୋଲିଟି କେ ଜାଣିଣ ।୧୫ ।
ଜଳରୁ ପୃଥିବୀ ଜନ୍ମିଲା
ଅକ୍ଷର ନାମ ସିନା ଦେଲା ।୧୬ ।
ଅକ୍ଷର ନ ଥିଲେଟି କହି
ପୃଥ୍ୱୀ ବୋଲିଟି କେ ଜାଣଇ ।୧୭ ।
ଅକ୍ଷରୁ ପଞ୍ଚଭୂତ ଜନ୍ମ
ଲୀଳା ନିମନ୍ତେ ଜାତ ଶୁଣ ।୧୮ ।
ଏ ପଞ୍ଚଭୂତ ଏ ସଂସାରେ
ଅକ୍ଷର ଧରି ଲୀଳା କରେ ।୧୯ ।
ଅକ୍ଷର ନ ଲାଗିଲେ ଶୁଣ
ଆକାଶ କାହୁଁ ଜାତ ପୁଣ ।୨୦ ।

ଅକ୍ଷର ନ ଲାଗିଲେ କହି
ପବନ କେବେ ନ ବହଇ ।୨୧ ।
ଅକ୍ଷର ନ ଲାଗିଲେ ଶୁଣ
ଅଗ୍ନିଟି ଜାତ ନୋହେ ପୁଣ ।୨୨ ।
ଅକ୍ଷର ନ ଲାଗିଲେ କହି
ଜଳଟି କେବେ ଜାତ ନୋହି ।୨୩।
ଅକ୍ଷର ନ ଲାଗିଲେ ଶୁଣ
ପୃଥ୍ୱୀଟି ଜାତ ନୋହେ ପୁଣ ।୨୪ ।
ପୃଥ୍ୱୀ ଅକ୍ଷର ଧରିଛି
ମାଦଳ ରୂପରେ ପଡ଼ିଛି ।୨୫ ।
ତା'ର ଉପରେ ଲୀଳା କରେ
ସମସ୍ତ ଭରା ସହି ଧିରେ ।୨୬।
ବାସୁକି ଅକ୍ଷର ଧରିଛି
ପୃଥିବୀ ତା'ର ଶିରେ ଅଛି ।୨୭ ।
ଅକ୍ଷରକୁ ଯେ ଆଶ୍ରେ କଲା
ତିଳେ ପ୍ରାୟେ ପୃଥ୍ୱୀ ଧଇଲା ।୨୮ ।
ଏମନ୍ତେ ଅକ୍ଷର ମହିମା
କେହି ନ ଜାଣେ ତା'ର ସୀମା ।୨୯ ।
ଅକ୍ଷର ଆକାଶ ଧରି
ତା'ଗର୍ଭେଛନ୍ତି ସର୍ବେ ଶୁଣ ।୩୦ ।
ଜଳ ପବନ ଅଗ୍ନିଛନ୍ତି
ଅକ୍ଷର ଧରିଣ ଭ୍ରମନ୍ତି ।୩୧ ।

ଏ ତିନି ଆକାଶ ଗର୍ଭରେ
ଭ୍ରମୁ ଅଛନ୍ତି ନିରନ୍ତରେ ।୩୨ ।
ଅକ୍ଷର ନ ଧରିଲେ ଜାଣ
ଭ୍ରମିବେ ଏହୁ କାହିଁ ପୁଣ ।୩୩।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ କହି
ଅକ୍ଷରୁ ଜାତ ହେଲେ ସେହି ।୩୪ ।
ଅକ୍ଷର ନ ଥିଲେଟି ଶୁଣ
ମର୍ତ୍ତ୍ୟ ବୋଲିଟି କେ ଜାଣିଣ ।୩୫ ।
ଅକ୍ଷର ନ ଥିଲେଟି କହି
ପାତାଳ ବୋଲି କେ ଜାଣଇ ।୩୬ ।
ଅକ୍ଷର ନ ଥିଲେଟି ଶୁଣ
ସ୍ୱର୍ଗ ବୋଲିଟି କେ ଜାଣିଣ ।୩୭ ।
ଅକ୍ଷର ନ ଥିଲେଟି କହି
ଇନ୍ଦ୍ର ବୋଲିଟି କେ ଜାଣଇ ।୩୮ ।
ଇନ୍ଦ୍ରଟି ଅକ୍ଷର ଧଇଲା
ସ୍ୱର୍ଗରେ ଅଧିପତି ହେଲା ।୩୯ ।
ଅକ୍ଷର ଶଚୀଟି ଧରିଣ
ନବ ଯୁବାରେ ଅଛି ପୁଣ ।୪୦ ।
ଅକ୍ଷର ନ ଥିଲେଟି କହି
ଶଚୀ ବୋଲିଣ କେ ଜାଣଇ ।୪୧ ।
ଅକ୍ଷର ନ ଥିଲେଟି ଶୁଣ
ରମ୍ଭା ମେନକା କେ ଜାଣିଣ ।୪୨ ।

ଅକ୍ଷର ନ ଥିଲେଟି କହି
ଅପସରା ବୃନ୍ଦ କେ ଜାଣଇ ।୪୩।
ଅକ୍ଷର ନ ଥିଲେଟି ଶୁଣ
ଅଇରାବତ କେ ଜାଣିଣ ।୪୪ ।
ଅକ୍ଷର ନ ଥିଲେଟି କହି
ଯମ ବୋଲିଣ କେହ ଜାଣଇ ।୪୫ ।
ଅକ୍ଷର ନ ଥିଲେଟି ଶୁଣ
ମୃତ୍ୟୁ ବୋଲିଟି କେ ଜାଣିଣ ।୪୬ ।
ଅକ୍ଷର ନ ଥିଲେଟି କହି
କାତ ବୋଲିଟି କେ ଜାଣଇ ।୪୭ ।
ଅକ୍ଷର ନ ଥିଲେଟି ଶୁଣ
ଚିତ୍ର ଗୁପତେ କେ ଜାଣିଣ ।୪୮ ।
ଅକ୍ଷର ନ ଥିଲେଟି କହି
କୁବେର ବୋଲି କେ ଜାଣଇ ।୪୯ ।
ଅକ୍ଷର ନ ଥିଲେଟି ଶୁଣ
ବୃହସ୍ପତି କେ ଜାଣିଣ ।୫୦ ।
ବୃହସ୍ପତି ଅକ୍ଷର ଧରିଛି
ଦେବ ଗୁରୁଟି ବୋଲାଉଛି ।୫୧ ।
ଅକ୍ଷର ନ ଥିଲେଟି କହି
ପାଞ୍ଜି କହନ୍ତା କାକୁ ଚାହିଁ ।୫୨ ।
ଅକ୍ଷର ଧରିବାକୁ ସେହି
ସକଳ ତାକୁ ଦୃଶ୍ୟ ହୋଇ ।୫୩।
ଅକ୍ଷର ନ ଥିଲେଟି ଶୁଣ
ସେ କାହୁଁ ବେଦ ଯେ କହିଣ ।୫୪ ।
ଏମନ୍ତେ ଅକ୍ଷରଙ୍କ ଗୁଣ
ହେ ମନ ଚେତି ମନେ ଘେନ ।୫୫ ।
ନମଇ ଅରକ୍ଷିତ ଦାସ
ତୁମ୍ଭ ଚରଣେ ମୋର ଆଶ ।୫୬।
ଆହେ ସୁଜନ ମାନେ ଶୁଣ
ଅକ୍ଷର ଭାବି ମନେ ଘେନ ।୫୭ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଅଷ୍ଟାଶୀତିତମୋଽଧ୍ୟାୟଃ ।

--- ୦ ---

# ଊନନବତିତମ ଅଧ୍ୟାୟ

ହେ ପ୍ରଭୁ ଅକ୍ଷରଙ୍କ ଗୁଣ
ଶୁଣିବି କହହେ ବହନ ।୧ ।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ମୃଦୁ ବାଣୀ ।୨ ।
ଅକ୍ଷର ମହିମା ମୁଁ ତୋତେ
କହିବି ଶୁଣ ତୁ ଗୁପତେ ।୩।
ଅକ୍ଷର ସବୁଟିକି ନାମ
ହୋଇଛି ତୁହି ଏବେ ଶୁଣ ।୪ ।
ଅକ୍ଷର ନ ଥିଲେଟି କହି
ବରୁଣ ବୋଲି କେ ଜାଣଇ ।୫ ।
ଅକ୍ଷର ନ ଥିଲେଟି ଶୁଣ
ଚନ୍ଦ୍ର ବୋଲିଟି କେ ଜାଣିଣ ।୬।
ଅକ୍ଷର ନ ଥିଲେଟି କହି
ସୂର୍ଯ୍ୟ ବୋଲିଟି କେ ଜାଣି ।୭ ।
ଅକ୍ଷର ନ ଥିଲେଟି ଶୁଣ
ନକ୍ଷତ୍ର ବୋଲି କେ ଜାଣିଣ ।୮ ।
ତାହାଙ୍କ ନାମ ଅଛି ଯେତେ
ଅକ୍ଷର ଦେଲାଯି ଗୁପତେ ।୯ ।
ଅକ୍ଷର ନ ଥିଲେଟି ଶୁଣ
ଆଦି ଶକ୍ତିଟି କେ ଜାଣିଣ ।୧୦ ।
ଅକ୍ଷର ନ ଥିଲେଟି କହି
ଅନାଦି ବୋଲି କେ ଜାଣଇ ।୧୧ ।
ଅକ୍ଷର ନ ଥିଲେଟି ଶୁଣ
ନିରାକାରଙ୍କୁ କେ ଜାଣିଣ ।୧୨ ।
ଅକ୍ଷର ନ ଥିଲେଟି କହି
ବ୍ରହ୍ମା ବୋଲିଟି କେ ଜାଣଇ ।୧୩।
ଅକ୍ଷର ନ ଥିଲେଟି ଶୁଣ
ବ୍ରହ୍ମା ବୋଲିଟି କେ ଜାଣିଣ ।୧୪ ।
ବ୍ରହ୍ମା ଅକ୍ଷର ଆଶ୍ରେ କଲେ
ସକଳ ସୃଷ୍ଟିକି ସର୍ଜିଲେ ।୧୫ ।
ଅକ୍ଷର ନ ଥିଲେଟି କହି
ବିଷ୍ଣୁ ବୋଲିଟି କେ ଜାଣଇ ।୧୬ ।
ବିଷ୍ଣୁ ଅକ୍ଷରକୁ ଧରିଣ
ସକଳ ସୃଷ୍ଟି ପାଳେ ପୁଣ ।୧୭ ।
ଅକ୍ଷର ନ ଥିଲେଟି କହି
ଶିବ ବୋଲିଟି କେ ଜାଣଇ ।୧୮ ।
ଈଶ୍ୱର ଅକ୍ଷର ଧରିଣ
ସକଳ ସୃଷ୍ଟି ନାଶେ ପୁଣ ।୧୯ ।
ଏମନ୍ତେ ଅକ୍ଷର ମହିମା
ଯାଙ୍କ ଆଶ୍ରିତେ ସବେ ସିନା ।୨୦ ।

ସମସ୍ତ ଅକ୍ଷର ଧରିଣ
ଲୀଳା ଯେ କରୁଥାଇ ପୁଣ ।୨୧।
ଅକ୍ଷର ଆଶ୍ରେ ଯେ ନ କଲେ
ଲୀଳାଟି କେବେ ନାହିଁ ଭଲେ ।୨୨।
ମେଘଟି ଅକ୍ଷର ଧଇଲେ
ପୃଥ୍ୱୀରେ ଜଳ ବରଷିଲେ ।୨୩।
ଅକ୍ଷର ନ ଲାଗିଲେ ଜାଣ
ମେଘ ବରଷେ କାହୁଁ ପୁଣ ।୨୪।
ମେଘ ବରଷିଲେ କହି
କେହୁ ବଞ୍ଚି ଦେହ ବହି ।୨୫।
ଅକ୍ଷର ଲାଗି ଜଳ ପଡ଼େ
ପୃଥ୍ୱୀରେ ଜଳଟି ବିହରେ ।୨୬।
ଅକ୍ଷର ଜଳଟି ଧରିଣ
ତେଣୁ ବିହରେ ସର୍ବ ସ୍ଥାନ ।୨୭।
ଅକ୍ଷର ନ ଲାଗିଲେ କହି
ଜଳଟି କେବେ ନ ବହଇ ।୨୮।
ଅକ୍ଷର ସର୍ବ ଲୀଳା କରେ
ତାକୁ କେ ନ ଜାଣେ ସଂସାରେ ।୨୯।
ଅକ୍ଷର ନ ଥିଲେଟି କହି
ଚାରି ମେଘଟି କେ ଜାଣଇ ।୩୦।
ଆବର୍ତ୍ତ ମେଘ ବୋଲି ଜାଣ
ଅକ୍ଷର ନାମ ଦେଇ ଶୁଣ ।୩୧।
ପୁଷ୍କର ମେଘ ବୋଲି କହି
ଅକ୍ଷର ନାମଟି ଦିଅଇ ।୩୨।
ସମ୍ବର୍ତ୍ତ ମେଘ ବୋଲି ଜାଣ
ଅକ୍ଷର ନାମଟି ଦେଇଣ ।୩୩।
ଦ୍ରୋଣ ମେଘ ବୋଲିଣ କହି
ଅକ୍ଷର ନାମଟି ଦିଅଇ ।୩୪।
ଏମନ୍ତେ ଚାରିମେଘ ଛନ୍ତି
ଅକ୍ଷର ଲାଗିଟି ଭ୍ରମନ୍ତି ।୩୫।
ଅକ୍ଷର ନ ଲାଗିଲେ ଜାଣ
ମେଘ ଗରଜେ କାହୁଁ ପୁଣ ।୩୬।
ଅକ୍ଷର ଲାଗିଲେଟି କହି
ଘଡ଼ଘଡ଼ି ସେ ଶୁଣ ତୁହି ।୩୭।
ଅକ୍ଷର ଯେବେ ନ ଲାଗିବ
ଶବଦ କାହୁଁ ପ୍ରକାଶିବ ।୩୮।
ଅକ୍ଷର ନ ଲାଗିଲେ କହି
ବେଦଟି କେବେ ନ ଆସଇ ।୩୯।
ଅକ୍ଷର ତ ଲାଗିଲେ ପୁଣ
ଚାରି ବେଦଟି କେ କହିଣ ।୪୦।
ଋକ୍ ବେଦ ବୋଲିଣ କହି
ଅକ୍ଷର ନାମଟି ଦିଅଇ ।୪୧।
ଶ୍ୟାମ ବେଦ ବୋଲିଣ ଜାଣ
ଅକ୍ଷର ନାମଟି ଦେଇଣ ।୪୨।

ଅଥର୍ବ ବେଦ ବୋଲି ଯେହି
ଅକ୍ଷର ନାମଟି ଦିଅଇ ।୪୩।
ଯଦୁର୍ବେଦ ବୋଲିଟି ଶୁଣ
ଅକ୍ଷର ନାମଟି ଦେଇଣ ।୪୪।
ଏମନ୍ତେ ଚାରିବେଦ ଛନ୍ତି
ଅକ୍ଷର ଲାଗିଯି ଚଳନ୍ତି ।୪୫।
ଶିଶୁ ବେଦଟି ଶୂନ୍ୟେ ରହି
ଏମନ୍ତେ ପଞ୍ଚବେଦ ହୋଇ ।୪୬।
ଏମନ୍ତ ଅକ୍ଷରଙ୍କ ଗୁଣ
ନାମ ଦେଇଛି ଯେ ଡାକିଣ ।୪୭।
ଏମନ୍ତ ଅକ୍ଷରଙ୍କ ମାୟା
ଲୁଚିଣ ଭ୍ରମୁଅଛି କାୟା ।୪୮।
ମନ ଶୁଣି ଆନନ୍ଦ ହୋଇ
ବୋଲଇ କର ତ୍ରାହି ତ୍ରାହି ।୪୯।
ମୁଁ ତୁମ୍ଭ ଚରଣେ ଶରଣ
ମୋତେ ଉଦ୍ଧର ଭଗବାନ ।୫୦।
କହଇ ଅରକ୍ଷିତ ଦାସ
ମୁଁ ତୁମ୍ଭ ଚରଣରେ ଆଶ ।୫୧।
ଆହେ ସୁଜନ ଯେ ସମସ୍ତେ
ମୋଠାରେ ଦୟା ଥିବ ଚିତ୍ତେ ।୫୨।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଊନନବତିତମୋଽଧ୍ୟାୟଃ ।

--- ୦ ---

# ନବତିତମ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ଅକ୍ଷର ଲୀଳା କରୁଛଇ ।୧ ।
ସପ୍ତ ସମୁଦ୍ର ତୁହି ଶୁଣ
ଅକ୍ଷର ନାମ ଦେଲା ପୁଣ ।୨ ।
ସମୁଦ୍ରି ଅକ୍ଷର ଧରିଛି
ଲହଡ଼ି ଆସୁଛି ଯାଉଛି ।୩।
ଅକ୍ଷର ଲାଗି ଗରଜଇ
ନ ଲାଗିଲେ ଚଳିବ କାହିଁ ।୪ ।
ଅକ୍ଷର ପେଲି ଯେ ଆଣଇ
ଅକ୍ଷର ପେଲି ଯେ ନିଅଇ ।୫ ।
ଅକ୍ଷର ଲହରୀ ମାରିଣ
କ୍ଷଣେ ବିଶ୍ରାମ ନାହିଁ ଶୁଣ ।୬ ।
ହେ ମନ ଶୁଣ ଏବେ ତୁହି
ଅକ୍ଷର ଏମନ୍ତ ଅଟଇ ।୭ ।
ଅକ୍ଷର ସବୁକୁଟି ଚାଲେ
ଭୂମି ଆଚ୍ଛାଦି ଦିଗପାଳେ ।୮ ।
ଅକ୍ଷର ସବୁକୁଟି ନାମ
ଦେଇଛି ତୁହି ଏବେ ଶୁଣ ।୯ ।
ମୀନ ରୂପଟି ଯାହା କହି
ଅକ୍ଷର ନାମଟି ଦିଅଇ ।୧୦ ।
କୂର୍ମ ରୂପଟି ଯାହା ଶୁଣ
ଅକ୍ଷର ନାମ ଦେଇ ପୁଣ ।୧୧ ।
ବରାହ ରୂପ ବୋଲି କହି
ଅକ୍ଷର ନାମଟି ଦିଅଇ ।୧୨ ।
ନରସିଂହ ରୂପଟି ଜାଣ
ଅକ୍ଷର ନାମଟି ଦେଇଣ ।୧୩।
ବାମନ ରୂପ ଯାହା କହି
ଅକ୍ଷର ନାମଟି ଦିଅଇ ।୧୪ ।
ପରଶୁ ରୂପ ଯାହା ଶୁଣ
ଅକ୍ଷର ନାମଟି ଦେଇଣ ।୧୫ ।
ରାମ ରୂପଟି ଯାହା କହି
ଅକ୍ଷର ନାମଟି ଦିଅଇ ।୧୬ ।
ବଳରାମ ରୂପଟି ଶୁଣ
ଅକ୍ଷର ନାମଟି ଦେଇଣ ।୧୭ ।
ବଉଦ୍ଧ ରୂପ ଯାହା କହି
ଅକ୍ଷର ନାମଟି ଦିଅଇ ।୧୮ ।
କଳକି ରୂପ ବୋଲି ଶୁଣ
ଅକ୍ଷର ନାମଟି ଦେଇଣ ।୧୯ ।
ଏମନ୍ତେ ଦଶ ଅବତାର
ଅକ୍ଷର ନାମ ଦେଲା ସାର ।୨୦ ।

ଆଉଟି ଅବତାର ଯେତେ
ଅକ୍ଷର ନାମ ଦେଲା ଚିତ୍ତେ ।୨୧ ।
ନବ ଖଣ୍ଡ ପୃଥିବୀ ଜାଣ
ଅକ୍ଷର ନାମ ଦେଲା ପୁଣ ।୨୨ ।
ନବ ଦ୍ୱୀପଟି ଯାହା କହି
ଅକ୍ଷର ନାମଟି ଦିଅଇ ।୨୩ ।
ଚଉଦ ବ୍ରହ୍ମାଣ୍ଡଟି ଜାଣ
ଅକ୍ଷର ନାମ ଦେଲା ପୁଣ ।୨୪ ।
ସପ୍ତ ପାତାଳ ଯାହା କହି
ଅକ୍ଷର ନାମଟି ଦିଅଇ ।୨୫ ।
ବ୍ରହ୍ମାଣ୍ଡେ ଯେତେ ଜାତ ଜାଣ
ଅକ୍ଷର ନାମ ଦେଲା ପୁଣ ।୨୬ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ହିଁ
ଅକ୍ଷର ନାମଟି ଦିଅଇ ।୨୭ ।
ଚାରି ଖାନି ଯାକୁ ଟି ପୁଣ
ଅକ୍ଷର ନାମଟି ଦେଇଣ ।୨୮ ।
ସ୍ଥାବର ଯେତେକ ଅଛଇ
ଅକ୍ଷର ନାମଟି ଦିଅଇ ।୨୯ ।
ଜଙ୍ଗମ ଯେତେକ ଅଛନ୍ତି
ଅକ୍ଷର ନାମଟି ଦିଅନ୍ତି ।୩୦ ।
କୀଟ ଅଛନ୍ତି ଯେତେ ପୁଣ
ଅକ୍ଷର ନାମଟି ଦେଇଣ ।୩୧ ।

ପତଙ୍ଗ ଯେତେକ ଅଛଇ
ଅକ୍ଷର ନାମଟି ଦିଅଇ ।୩୨ ।
ଚଳନ୍ତା ଚୌଦ କୋଟି ଜାଣ
ଅକ୍ଷର ଚାଳଇଟି ପୁଣ ।୩୩ ।
ନିଶ୍ଚଳ ଚୌଦ କୋଟି ହୋଇ
ଅକ୍ଷର ଚଳୁଣ ଅଛଇ ।୩୪ ।
ଭଡ଼ା ଚଉଦ କୋଟି ଜାଣ
ଅକ୍ଷର ଉଡ଼ାଉଛି ଶୁଣ ।୩୫ ।
ବୁଡ଼ା ଚଉଦ କୋଟି ଛନ୍ତି
ଅକ୍ଷର ବୁଡ଼ାଇ ରଖନ୍ତି ।୩୬ ।
ଚାଣ୍ଡାଳୁ ବ୍ରହ୍ମଯାଏ ଜାଣ
ଅକ୍ଷର ଆଶ୍ରେ ରହେ ପୁଣ ।୩୭ ।
ମେଣୁଠାରୁ ଯେତେ ପର୍ବତ
ଅକ୍ଷର ଆଶ୍ରେ କରି ସତ୍ୟ ।୩୮ ।
ଇନ୍ଦ୍ରଙ୍କ ଠାରୁ ଯେତେ ଦେବ
ଅକ୍ଷର ଆଶ୍ରେ ଛନ୍ତି ସର୍ବ ।୩୯ ।
କାକୁ ଗରୁଡ଼ ଯାଏ ଜାଣ
ଅକ୍ଷର ଆଶ୍ରେ ରହେ ପୁଣ ।୪୦ ।
ଅଶ୍ୱତ୍ଥ ଠାରୁ ବୃକ୍ଷ ଯେତେ
ଅକ୍ଷର ଆଶ୍ରେଟି ସମସ୍ତେ ।୪୧ ।
ସିଂହରୁ ଦଶିପୋକ ଯାଏ
ଅକ୍ଷର ଆଶ୍ରେ ସର୍ବ ରହେ ।୪୨ ।

ଛପନ କୋଟି ଜୀବ ଜାଣ
ଅକ୍ଷର ଲାଗି ଲୀଳାପୁଣ ।୪୩।
ଅକ୍ଷର ଆତ ଯାତ କରେ
ଅକ୍ଷର ସର୍ବଟି ସଂହାରେ ।୪୪।
ଅକ୍ଷର ନ ଥିଲେଟି କହି
ବଞ୍ଚିତ ରହି ନ ପାରଇ ।୪୫।
ଊନକୋଟି ବାଦ୍ୟଟି ପୁଣ
ଅକ୍ଷର ନାମଟି ଦେଇଣ ।୪୬।
ଅକ୍ଷର ନ ଲାଗିଲେ କେହି
ବାଦ୍ୟ ବାଜିବ ଅବା କାହିଁ ।୪୭।
ଊନ କୋଟି ବାଦ୍ୟଟି ଛନ୍ତି
ଅକ୍ଷର ଲାଗିଣ ବାଜନ୍ତି ।୪୮।
ଅକ୍ଷର ନ ଲାଗିଲେ କେହି
ଶବଦ ବାହାର ନ ହୋଇ ।୪୯।
ଅକ୍ଷର ଶବଦ ଘୋଡ଼ାଇ
ରଖିଛି ତାହାଙ୍କୁ ଲୁଚାଇ ।୫୦।
ଅକ୍ଷର ଚଳିଲେ ବାଜିଲା
ଶବଦେ ବ୍ରହ୍ମାଣ୍ଡେ କମ୍ପିଲା ।୫୧।
ଅକ୍ଷର ଶବଦ ଘାତରେ
ପୃଥ୍ୱୀ କମ୍ପଇ ଥରହରେ ।୫୨।
ଅକ୍ଷର ମହା ଭାରି ହୋଇ
ଅକ୍ଷର ମହା ଉଶ୍ୱାସଇ ।୫୩।
ଏମନ୍ତେ ଅକ୍ଷରଙ୍କ ଗୁଣ
କେହି ନ ଜାଣନ୍ତି ଯେ ପୁଣ ।୫୪।
ତୋ ଠାରେ ମୋର ଦୟା ଯେଣୁ
ପଚାରିଲୁ ଯେ କହେ ତେଣୁ ।୫୫।
ଅତି ଗୁପତ ଏହୁ ବାଣୀ
କେହି ନ ଜାଣନ୍ତି ଯେ ପୁଣି ।୫୬।
ତୁ ଯେଣୁ ପଚାରିଲୁ ମୋତେ
ତେଣୁ ମୁଁ କହିଲି ଗୁପତେ ।୫୭।
ତୋ ଠାରେ ମୋର ମାୟା ନାହି
ତେଣୁ ମୁଁ କହିଲି ବୁଝାଇ ।୫୮।
ହେ ମନ ଅକ୍ଷରକୁ ଧର
କାହାକୁ ଭୟ ତୁ ନ କର ।୫୯।
ହେ ମନ ଅକ୍ଷରକୁ ଘୋଷ
ନମି ଅରକ୍ଷିତ ଦାସ ।୬୦।
ଆହେ ସୁଜନମାନେ ଶୁଣ
ଅକ୍ଷର ଭାବ ମନେ ଘେନ ।୬୧।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ନବତିତମୋଽଧ୍ୟାୟଃ ।

--- ୦ ---

# ଏକନବତିତମ ଅଧ୍ୟାୟ

ମନ କହୁଛି ପ୍ରଭୁ ଶୁଣ
ଅକ୍ଷର ଧରିବ କେସନ ।୧ ।
ମୋର ସୁଦୟା ତୁମ୍ଭେ ହୁଅ
କି ରୂପେ ଧରିବି ମୁଁ କହ ।୨ ।
ମନ ମୁଖରୁ ଏହା ଶୁଣି
ଚୈତନ୍ୟ କହେ ଶୁଣ ପୁଣି ।୩।
ଅଣଫାସରେ ତୁ ବାନ୍ଧିବୁ
ତେବେ ଅକ୍ଷରକୁ ଧରିବୁ ।୪ ।
ନୋହିଲେ କେବେ ନ ରହଇ
ହେ ମନ ଭାବି ରଖ ତୁହି ।୫ ।
ଅକ୍ଷର ଯେବେ ତୁ ଭାବିବୁ
ଯାହା ପାଞ୍ଚିବୁ ତା କରିବୁ ।୬।
ଅକ୍ଷର ଆଣି ତୋତେ ଦେବ
ତୋ ପାଦ ତଳେ ଖଟାଇବ ।୭ ।
ବ-ଅକ୍ଷର ସବୁକୁନ୍ଧିଣ
ରଖିଛି ମନ ତୁହି ଶୁଣ ।୮ ।
ଯା'ନାମ ଧରି ତୁ ଡାକିବୁ
ଅବଶ୍ୟ ତାହାକୁ ଦେଖିବୁ ।୯ ।
ଅକ୍ଷର ବାନ୍ଧିଟି ଆଣିବ
ତା'ର ଆୟତ ଯେ ନ ଥିବ ।୧୦ ।

ବିନା ଫାସଟି ଏ ଅଟଇ
ଅକ୍ଷର ବାନ୍ଧିଟି ଆଣଇ ।୧୧ ।
ଅକ୍ଷର ମନ୍ତ୍ର ଯେ ହୋଇଛି
ସବୁକୁ ବାନ୍ଧିଣ ରଖିଛି ।୧୨ ।
ବ୍ରହ୍ମାଦି ଦେବାସୁର ନରେ
ବାନ୍ଧିଛି ଅକ୍ଷର ଭିତରେ ।୧୩।
ଯାହାର ରୂପ ବର୍ଣ୍ଣ ନାହିଁ
ଅକ୍ଷର ବାନ୍ଧିଛି ଯେ କହି ।୧୪ ।
ଯେଉଁ ଦେବତା ନାମ ଧରି
ମନ୍ତ୍ର ପଢ଼ିବୁ ହୃଦେ ଧରି ।୧୫ ।
ଅକ୍ଷର ଧରିଟି ଆଣିବ
ତୋ ଆଗେ ଛିଡ଼ା କରାଇବ ।୧୬ ।
ତୋ ମନେ ଯାହା ପାଞ୍ଚିଥିବୁ
ମାଗିଣ ତାହା ତୁ ଘେନିବୁ ।୧୭ ।
ଆଜ୍ଞା ଦେଇଣ ସେହୁ ଯିବେ
ଅକ୍ଷର ଭୋଗ କରାଇବେ ।୧୮ ।
ଅନ୍ୟଥା ତାହା ନ କରଇ
ଆଜ୍ଞାଟି ଅକ୍ଷର ପାଳଇ ।୧୯ ।
ଆଜ୍ଞା ବୋଲିଣ ଯାହା କହି
ଅକ୍ଷର ସିନାଟି ଅଟଇ ।୨୦ ।

ବଚନ ମୁଖେ ଯେ କହିଣ
ବଚନ ଆଜ୍ଞାଟି ପ୍ରମାଣ । ୨୧ ।
ବଚନ ଅକ୍ଷର ଅଟଇ
ଶୁଦ୍ଧ ଅଶୁଦ୍ଧଟି କରାଇ । ୨୨ ।
କେହୁ ବଚନ ଶୁଦ୍ଧ ଜାଣ
କେଉଁ ଅଶୁଦ୍ଧଟି ବଖାଣ । ୨୩ ।
ଅକ୍ଷର ସବୁ କରୁଅଛି
ଶୁଦ୍ଧ ଅଶୁଦ୍ଧ ଯେ ହୋଇଛି । ୨୪ ।
କେଉଁ ବଚନେ ନାଶ ଯାଇ
କେଉଁ ବଚନେ ବଞ୍ଚି ରହି । ୨୫ ।
ଅମରେ ଅଛି କି ବଚନେ
ଶୁଣ କହିବା ସାବଧାନେ । ୨୬ ।
ଶଚୀ ଈଶ୍ୱର ବିଭୀଷଣ
ଅମରେ ଅଛନ୍ତି ଯେ ପୁଣ । ୨୭ ।
ବଚନେ ତାଙ୍କୁ ଆଜ୍ଞା ଦେଲେ
ସେ ଆଜ୍ଞା ଅକ୍ଷର ପାଳିଲେ । ୨୮ ।
ତେଣୁ ଅମରେ ସେ ରହିଣ
ଅକ୍ଷର ରଖିଅଛି ପୁଣ । ୨୯ ।
କେଉଁ ବଚନେ ନାଶ ଯାଇ
ଶୁଣ ସୁମନେ ଚିତ୍ତ ଦେଇ ।୩୦ ।
କଂସାସୁର ଭଷ୍ମାସୁର ହିଁ
ରାବଣ କୁମ୍ଭକର୍ଣ୍ଣ ଦୁଇ ।୩୧ ।
ଏମାନେ ବଚନରେ ମରି
ଆଜ୍ଞା ଅକ୍ଷର ଧରି ମାରି ।୩୨ ।
ଏମନ୍ତେ କେତେ ନାଶ ଯାଇ
କେତେ ଅଛନ୍ତି ଦେହ ବହି ।୩୩ ।
ଅକ୍ଷର ତାରୁଛି ମାରୁଛି
ଅକ୍ଷର ସବୁଟି କରୁଛି ।୩୪ ।
ସଂସାରେ ଯେତେ ଦେବତାହିଁ
ଅକ୍ଷର ଲାଗି ଜାତ କହି ।୩୫ ।
ଅକ୍ଷର ଯେବେ ଶୁଦ୍ଧ କରେ
ଦେବତା ବୋଲିଟି ସଂସାରେ ।୩୬ ।
ଅକ୍ଷର ମନ୍ତ୍ର ନ୍ୟାସ କରି
ତେଣୁ ପୂଜିଲେ ଭାବେ ଧରି ।୩୭ ।
ନାନା ବସ୍ତ୍ରରେ ପୁଷ୍ପ ଆଣି
ଶୁଦ୍ଧ କରାନ୍ତି ଆଗେ ପୁଣି ।୩୮ ।
ଯେବେ ଅକ୍ଷର ଶୁଦ୍ଧ କରେ
ତେଣୁ ଚଢ଼ାନ୍ତି ଯେ ଶିରରେ ।୩୯ ।
ନାନା ପଦାର୍ଥ ଭୋଗ ଆଣି
ଦେବତା ଆଗେ ଥିବନ୍ତି ପୁଣି ।୪୦ ।
ମନ୍ତ୍ର ସକାଶୁ ଭୋଗ ପାନ୍ତି
ଅକ୍ଷର ସବୁ କରୁଛନ୍ତି ।୪୧ ।
କୂଅ ପୋଖରୀ ଘର ଯେତେ
ଅକ୍ଷର ଶୁଦ୍ଧ କରି ଚିତ୍ତେ ।୪୨ ।

ଅକ୍ଷର ମନ୍ତ୍ର ଯେ ଲାଗିଲେ
ଶୁଦ୍ଧ ହୁଅନ୍ତି ସେହୁ ଭଲେ ।୪୩।
ମନୁଷ୍ୟଗଣ ଛନ୍ତି ଯେତେ
କହିବା ଶୁଣ ଏକ ଚିତ୍ତେ ।୪୪ ।
କର୍ଣ୍ଣରେ ମନ୍ତ୍ର ନ କହିଲେ
ସେ ପିଣ୍ଡ ଶୁଦ୍ଧ ନୋହେ ଭଲେ ।୪୫ ।
ପୃଥ୍ୱୀ ଜଳ ଅଗ୍ନି ପବନ
ମନ୍ତ୍ର ଲାଗିଟି ଶୁଦ୍ଧ ଜାଣ ।୪୬ ।
ଏମନ୍ତେ ଅକ୍ଷର ମହିମା
ହେ ମନ ଭାବ ତାଙ୍କୁ ସିନା ।୪୭ ।
ମନ କହୁଛି ପ୍ରଭୁ ଶୁଣ
ମୁହିଁ ତ ହୀନ ମୂଢ଼ ଜନ ।୪୮ ।
ମୁଁ ମହା ପାପୀ ଏ ସଂସାରେ
ଅକ୍ଷର ଦୟାକରୁ ମୋରେ ।୪୯ ।
ଅକ୍ଷର ଦୟା ମୋରେ କଲେ
ତୋତେ ମୁଁ ଭାବୁଥିବି ଭଲେ ।୫୦ ।
ନୋହିଲେ ଭାବି ନ ପାରଇ
ଯା' ଇଚ୍ଛା ତାହା କରୁ ସେହି ।୫୧ ।
ଅକ୍ଷର ମାୟା ମୋତେ କରି
ଭ୍ରମାଉଅଛି ଦେହ ଧରି ।୫୨ ।
ତୁମ୍ଭଙ୍କୁ ପୁପତେ ରଖିଣ
ଭ୍ରମାଉଅଛି ମୋତେ ପୁଣ ।୫୩।
କହିଇ ଅରକ୍ଷିତ ଦାସ
ଅକ୍ଷର କଲେଟି ନିରାଶ ।୫୪ ।
ଆହେ ସୁଜନମାନେ କହି
ଅକ୍ଷର ଦୟା ମୋତେ ନାହିଁ ।୫୫ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଏକନବତିତମୋଽଧ୍ୟାୟଃ ।

--- ୦ ---

# ଦ୍ୱିନବତିତମ ଅଧ୍ୟାୟ

ହେ ମନ ଶୁଣ ଏବେ ତୁହି
ଅକ୍ଷର ଦୟା ତୋତେ ହୋଇ । ୧ ।
ଅକ୍ଷର ଦୟା ତୋତେ ଅଛି
ତେଣୁ ତାହାଙ୍କ କଥା ପୁଛି । ୨ ।
ନୋହିଲେ ତୁ କିମ୍ପା ପୁଚ୍ଛନ୍ତୁ
ଆମ୍ଭଙ୍କୁ ତୁ କିମ୍ପା ଦେଖନ୍ତୁ । ୩ ।
ଏ ଯେ ତୋହର ବଡ଼ ଭାଗ୍ୟ
ଅକ୍ଷର କଲେ ଅନୁରାଗ । ୪ ।
ତାଙ୍କ ଦୟା ଯେବେ ନୁହଁନ୍ତା
ପଦେ କି ତୋମୁଖୁ ଭାରନ୍ତା । ୫ ।
ଅକ୍ଷର କହିଲାକୁ ଶୁଣ
ଏତେ ପଦଟି ଯେ ଭାରିଣ । ୬ ।
ଯେତେ ପଦଟି ତୋର ହୋଇ
ଅକ୍ଷର କହି ଶୁଣ ତୁହି । ୭ ।
ଅକ୍ଷର ଲାଗିବାରୁ ତୁହି
ତୁ ପୁଛୁ ସିନା ମୁହିଁ କହି । ୮ ।
ଅକ୍ଷର ନ ଲାଗିଲେ ଶୁଣ
ମୂଖେ ଗାଇବୁ କାହିଁ ପୁଣ । ୯ ।
ଅକ୍ଷର ଦୟା ତୋରେ ହୋଇ
ତୁ କିମ୍ପା ନିନ୍ଦୁ ତାଙ୍କୁ କହି । ୧ ୦ ।
ଅକ୍ଷର ଦୟା ସର୍ବଠାରେ
ତାଙ୍କୁ ନ ଚିହ୍ନେ ମୂଢ଼ ନରେ । ୧ ୧ ।
ହେତୁ ଦେହଟି ପାଇଛନ୍ତି
ନ ଚିହ୍ନି  ବି ଅର୍ଥେ ମରନ୍ତି । ୧ ୨ ।
ଛପନ କୋଟି ଜୀବ ଯେତେ
ଜାତ ହୁଅନ୍ତି ଏ ସମସ୍ତେ । ୧ ୩ ।
ଏଥିରେ ମନୁଷ୍ୟ ଯେ ସାର
ଅକ୍ଷର କରିଛି ବିଚାରି । ୧ ୪ ।
ବେଦ ବିଦ୍ୟା ଜ୍ୟୋତିଷ ଜାଣେ
ପାପ ପୁଣ୍ୟଟି ଯେ ବଖାଣେ । ୧ ୫ ।
ଅକ୍ଷର ସର୍ବ ଘଟେ ରହି
ମନୁଷ୍ୟଠାରେ ଦୟା ବହି । ୧ ୬ ।
ତେଣୁଟି ସର୍ବ ଭୋଗ କରେ
ଅକ୍ଷର ଦୟା ଯାଙ୍କ ଠାରେ । ୧ ୭ ।
ଏ ଯେବେ ଅକ୍ଷର ଧରନ୍ତେ
କିମ୍ପାଇ ମରଣ ଲଭନ୍ତେ । ୧ ୮ ।
ଅକ୍ଷର ନ ଧଇଲେ ଯେଣୁ
ଅକ୍ଷର ମାୟା କଲେ ତେଣୁ । ୧ ୯ ।
ଅକ୍ଷର ସର୍ବ ଗତି ପତି
ହେ ମନ ତୁ କିମ୍ପା ନଚିନ୍ତି । ୨ ୦ ।
ଯେବେ ଅକ୍ଷର ତୁ ଚିନ୍ତିବୁ
ମୃତ୍ୟୁଟି କେବେ ନ ଲଭିବୁ । ୨ ୧ ।
ଅକ୍ଷଇ ଦୟା ହେବ ଶୁଣ
ସର୍ବ କଥାକୁ ତୁ ଜାଣିଣ । ୨ ୨ ।

ଅକ୍ଷର ସର୍ବ ଘଟେ ଥାଇ
ଦୟା କରିବେ ତୋତେ ସେହି ।୨୩।
ସର୍ବ ଜୀବ ଜନ୍ତୁ ବଚନ
ଜାଣିବୁ ଅକ୍ଷର ଧରିଣ ।୨୪।
ଯେ ଯାହା ବଚନ ଭାଷନ୍ତି
ଅକ୍ଷର ଲାଗି ସେ କହନ୍ତି ।୨୫।
ଅକ୍ଷର ନ ଲାଗିଲେ କହି
ଶବଦ ବାହାରିବ କାହିଁ ।୨୬।
ଅକ୍ଷର ଯେବେ ସେବିଥିବୁ
ସର୍ବ ଭାଷାକୁ ତୁ ଜାଣିବୁ ।୨୭।
ସର୍ବ ଭାଷାକୁ ତୁ ଜାଣିଲେ
ଭକ୍ତି ପ୍ରାପତ ହେବ ଭଲେ ।୨୮।
ଅକ୍ଷର ସର୍ବ ଘଟେ ଥାଇ
ପରାପର ତାହାର ନାହିଁ ।୨୯।
ବ୍ରହ୍ମା ଯେଉଁ ଅକ୍ଷର ଧରି
ସକଳ ସୃଷ୍ଟିକି ବିଚାରି ।୩୦।
ସର୍ବ ଘଟରେ ସେ ଅକ୍ଷର
ବିହରେ ଭେଦ ନାହିଁ ତା'ର ।୩୧।
ଅକ୍ଷର ବ୍ରହ୍ମାଟି ଚିହ୍ନିଲେ
ସକଳ ସୃଷ୍ଟିକି ସର୍ଜିଲେ ।୩୨।
ଏ ସର୍ବେ ଅକ୍ଷର ନ ଚିହ୍ନି
ଅକ୍ଷର ଭ୍ରମାଇଲ ପୁଣି ।୩୩।
ଅକ୍ଷର ଯେ ଚିହ୍ନି ପାରିବ
ବ୍ରହ୍ମାଙ୍କ ତହୁଁ ବଡ଼ ହେବ ।୩୪।
ତାକୁ ସଂସାରେ ବଡ଼ କହି
ନୋହିବେ ଶୁଣ ମୁଁ କହଇ ।୩୫।
ଅକ୍ଷର ଦୟାଟି କରିବ
ବ୍ରହ୍ମାଣ୍ଡ ଯାକ ଫେରାଇବ ।୩୬।
ଯେ ଠାରେ ଯେଉଁ ଲୀଳା ହୋଇ
ଇଚ୍ଛା ହେଲେ ଦେଖିବ ସେହି ।୩୭।
ଅକ୍ଷର ଉଡ଼ାଇଟି ନେବ
ଦେଖାଇ ନେଉଟି ଆଣିବ ।୩୮।
ଏମନ୍ତେ ଅକ୍ଷରଙ୍କ ଗୁଣ
ହେ ମନେ ଭାବ ତାଙ୍କୁ ପୁଣ ।୩୯।
ଅକ୍ଷର ଯେବେ ଭାବିଥିବୁ
ସର୍ବ ଦେବତାଙ୍କୁ ଦେଖିବୁ ।୪୦।
ଯା ନାମ ଧରି ତୁ ଡାକିଲେ
ସେ ଆସି ଦେଖା ଦେବ ଭଲେ ।୪୧।
ଅକ୍ଷର ବାନ୍ଧିଟି ଆଣିବ
ତୋତେ ଟି ଭେଟ କରାଇବ ।୪୨।
ଅକ୍ଷରେ ସର୍ବେ ବନ୍ଧା ହୋଇ
ଅଛନ୍ତି ଶୁଣ ମନ ତୁହି ।୪୩।
ଏହା ନ ଜାଣି ମୂଢ଼ ନରେ
ଅକ୍ଷର ନିନ୍ଦନ୍ତି ସଂସାରେ ।୪୪।
ଅକ୍ଷରକୁ ଯେ ନିନ୍ଦା କରେ
ସେ ଛାର ପାପିଷ୍ଠ ପାମରେ ।୪୫।
ସେ ନର ଜୀଇ ଥାଉ ମରି
ଅକ୍ଷରକୁ ଯେ ନିନ୍ଦା କରି ।୪୬।

ଅକ୍ଷରକୁ ଯେ ନ ନିନ୍ଦେ ପୁଣ
ତା'ଠାରୁ ପାପୀ ନାହିଁ ଜାଣ ।୪୭ ।
ଅକ୍ଷରକୁ ଯେ ନ ଦେଖନ୍ତି
ସେ ନର ହୀନ ମୂଢ଼ ମତି ।୪୮ ।
ଗୀତା ପୁରାଣ ଶାସ୍ତ୍ର ଯେହି
ମୂଖ ଥାଉଟି ନ ବୋଲଇ ।୪୯ ।
ସେ ମୁଖ ଅଶୁଦ୍ଧ ଅଟଇ
ତା'ଠାରୁ ପାପୀ କେହି ନାହିଁ ।୫୦ ।
ଅକ୍ଷର ମୂଖେ କହି ଶୁଣ
କିଛି ନ ଜାଣଇଟି ପୁଣ ।୫୧ ।
ସେ ନର ଅନ୍ଧ ବୋଲି ଜାଣି
ତାକୁ ଅକ୍ଷର ମାରେ ପୁଣି ।୫୨ ।
ଯେ ନର ଅକ୍ଷର ଚିହ୍ନଇ
ମୂଖରେ ଗାୟନ କରାଇ ।୫୩।
ସେ ନର ତିନି ପୁରେ ଧନ୍ୟ
ଦେବେ କରନ୍ତି ତାକୁ ମାନ୍ୟ ।୫୪ ।
ସେ ଲୋକ ଜୀବନ୍ତା ଅଟଇ
ତାହାକୁ ତୁଲ୍ୟ କେହି ନାହିଁ ।୫୫ ।
ସେ ନର ତିନି ପୂରେ ଧନ୍ୟ
ଯେ ମୁଖେ କରନ୍ତି କୀର୍ତ୍ତନ ।୫୬ ।
ତାହାକୁ ସର୍ବେ ବଶ ହୁନ୍ତି
ଅକ୍ଷର ଅମୃତ ପିଅନ୍ତି ।୫୭ ।
ହେ ମନ ଅକ୍ଷରକୁ ଭାବ
ତୋତେ ଦୟାଟି ମୋର ଥିବ ।୫୮ ।

ହେ ମନ ଅକ୍ଷରଙ୍କ ଗୁଣ
ନିତି ତୁ କରିବୁ ଗାୟନ ।୫୯ ।
ଅକ୍ଷର ବ୍ରହ୍ମଟି ଅଟଇ
ହେ ମନ ଭାବ ତାଙ୍କୁ ତୁହି ।୬୦ ।
ଅକ୍ଷର ବ୍ରହ୍ମ ବୋଲି ଜାଣ
ହେ ମନ ଭାବ ତାଙ୍କୁ ପୁଣ ।୬୧ ।
ଅକ୍ଷର ବ୍ରହ୍ମ ସର୍ବ ଦେବ
ହେ ମନ ତାଙ୍କୁ ନିତ୍ୟେ ଭାବ ।୬୨ ।
ଅକ୍ଷର ବ୍ରହ୍ମ ରୂପ ଧରି
ଶୂନ୍ୟରେ ଦେଖ ଅଛି ପୂରି ।୬୩।
ଅକ୍ଷର ଜୀବ ରୂପ ହୋଇ
ସଂସାରେ ଘୋଟିଅଛି ସେହି ।୬୪ ।
ମୁହିଁ ଅକ୍ଷର ରୂପ ଧରି
ଏ ଦେହ ରଖିଛି ତୋହରି ।୬୫ ।
ମୁହିଁ ଅକ୍ଷର ଜୀବ ହୋଇ
ସର୍ବ ଘଟଟି ହେଲି ମୁହିଁ ।୬୬ ।
ମୁହିଁ ଅକ୍ଷର ବ୍ରହ୍ମ ହେଲି
ମହାଶୂନ୍ୟଟି ବୋଲାଇଲି ।୬୭ ।
ଅକ୍ଷର ସ୍ତିରୀ ପୁରୁଷ ହିଁ
ସର୍ବ ଜାତ କରୁଛି ସେହି ।୬୮ ।
ଅକ୍ଷର ନ ଲାଗିଲେ ପୁଣ
ସ୍ତିରୀ ପୁରୁଷ ନ ଭେଟିଣ ।୬୯ ।
ଅକ୍ଷର ଲାଗିଲେଟି କହି
ସ୍ତିରୀ ପୁରୁଷ ଭେଟ ହୋଇ ।୭୦ ।

ନାନା କୌତୁକ ରସ କେଳି
କରନ୍ତି ଅକ୍ଷର ଯେ ମେଳି ।୭୧ ।
ନାନା କୌତୁକେ ସର୍ବ ଘଟେ
ରତି କରନ୍ତି ଯେ ଉଚ୍ଚାଟେ ।୭୨ ।
ଅନୁକ୍ଷଣେ ରତି କରନ୍ତି
ତେଣୁଟି ସର୍ବେ ଜାତ ହୁଅନ୍ତି ।୭୩।
ଅକ୍ଷର ନ ଲାଗିଲେ ଜାଣ
ରତି କରିବେ କାହୁଁ ପୁଣ ।୭୪ ।
ସଂସାର ଶୂନ୍ୟ ହୋଇଯିବ
ଜାତଟି କେମନ୍ତ ହୋଇବ ।୭୫ ।
ଅକ୍ଷର ଜୀବ ପରମ ହିଁ
ସର୍ବଜାତ କରନ୍ତି ସେହି ।୭୬।
ସ୍ତ୍ରୀରୀଟି ଜୀବ ବୋଲି ଜାଣ
ପରମ ପୁରୁଷ ପ୍ରମାଣ ।୭୭ ।
କେଉଁ ଅକ୍ଷର ସ୍ତିରୀ କହି
କେଉଁ ଅକ୍ଷର ପୁରୁଷ ହିଁ ।୭୮ ।
ଏ ଦୁହେଁ ରତି ଯେ କରନ୍ତି
ତେଣୁଟି ସର୍ବ ଜାତ ହୁଅନ୍ତି ।୭୯ ।
ନୋହିଲେ ଏକା ଅଙ୍ଗ ଶୁଣ
ଭିନ୍ନଟି କେବେ ନାହିଁ ଜାଣ ।୮୦ ।
ଲୀଳା ନିମନ୍ତେ ଭିନ୍ନ ହେଲେ
ସଂସାରେ ଖେଳ ଲଗାଇଲେ ।୮୧ ।
ଯୁଗଳ ନୋହିଲେଟି ପୁଣ
ଲୀଲଶଟି କାହୁଁ ହେବ ଜାଣ ।୮୨ ।
ଯୁଗଳ ଅକ୍ଷର ହେବାରେ
ଜାତ ହୁଅନ୍ତି ଚରାଚରେ ।୮୩।
ଅକ୍ଷର ସ୍ତିରୀ ପୁରୁଷ ହିଁ
ହେ ମନ କିମ୍ପା ଚେତୁ ନାହିଁ ।୮୪ ।
ଅକ୍ଷର ସର୍ବ ଘଟେ ଜାଣ
ଲୀଳା ସେ କରୁଛନ୍ତି ପୁଣ ।୮୫ ।
ଏ ଘେନି ସମାନ ଦେଖିବୁ
ଭିନ୍ନ ତ କେବେ ନ ମଣିବୁ ।୮୬।
ଏ ଘେନି ଅକ୍ଷରକୁ ଘୋଷ
ନମଇ ଅରକ୍ଷିତ ଦାସ ।୮୭ ।
ଆହେ ସୁଜନ ମାନେ କହି
ଅକ୍ଷର ଭାବ ଚିତ୍ତେ ଧ୍ୟାୟି ।୮୮ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ
ନାମ ଦ୍ୱିନବତିତମୋଽଧ୍ୟାୟଃ ।

--- ୦ ---

# ତ୍ରିନବତିତମ ଅଧ୍ୟାୟ

ଆହେ ଚୈତନ୍ୟ ବ୍ରହ୍ମ ତୁମ୍ଭେ
ମୋ ଦୋଷ ନ ଘେନିବ କେବେ ।୧ ।
ମୁହିଁତ ମାୟା ଦେହେ ଅଛି
ଏ ଦୋଷ ତୁମ୍ଭଙ୍କୁ ମାଗୁଛି ।୨ ।
ଯେତେ ଦୋଷ ମୁଁ କରିଥିଲେ
କ୍ଷମା ଯେ କରୁଥିବ ଭଲେ ।୩ ।
ହେ ବ୍ରହ୍ମ କ୍ଷମାଶୀଳ ତୁହି
ଦକ୍ଷା ତ ରଖିଥିବୁ କହି ।୪ ।
ହେ ବ୍ରହ୍ମ ସର୍ବାକ୍ଷର ହେଲ
ବ୍ରହ୍ମାଣ୍ଡ ଯାକରେ ଘୋଟିଲେ ।୫ ।
ହେ ବ୍ରହ୍ମ ତୋ ବିନୁ କେ ପୁଣି
ଅକ୍ଷର ମାନ ତୁ ହୋଇଣ ।୬ ।
ହେ ବ୍ରହ୍ମ ସି ଅକ୍ଷର ତୁହି
ଦୟା ତୁ କର କର ମୋତେ କହି ।୭ ।
ହେ ବ୍ରହ୍ମଦ୍ଧି ଅକ୍ଷର ଜାଣ
ଦୟାତୁ କର ମୋତେ ପୁଣ ।୮ ।
ହେ ବ୍ରହ୍ମର ଅକ୍ଷର ତୁହି
ଦୟାତୁ କରି ମୋତେ କହି ।୯ ।
ହେ ବ୍ରହ୍ମସ୍ତୁ ଅକ୍ଷର ଜାଣ
ଦୟା ତୁ କର ମୋତେ ପୁଣ ।୧୦ ।
ହେ ବ୍ରହ୍ମ ଅ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୧୧ ।
ହେ ବ୍ରହ୍ମା ଆ ଅକ୍ଷର ଶୁଣ
ଦୟାତୁ କର ମୋତେ ପୁଣ ।୧୨ ।
ହେ ବ୍ରହ୍ମ ଇ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୧୩ ।
ହେ ବ୍ରହ୍ମ ଉ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୪ ।
ହେ ବ୍ରହ୍ମ ର ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୧୫ ।
ହେ ବ୍ରହ୍ମ ଲୁ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୬ ।
ହେ ବ୍ରହ୍ମ ଏ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୧୭ ।
ହେ ବ୍ରହ୍ମ ଐ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୧୮ ।
ହେ ବ୍ରହ୍ମ ଓ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୧୯ ।
ହେ ବ୍ରହ୍ମ ଔ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୦ ।
ହେ ବ୍ରହ୍ମ ଅଂ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୨୧ ।
ହେ ବ୍ରହ୍ମ ଅଃ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୨ ।

ହେ ବ୍ରହ୍ମ ଏ ଷୋଳ ଅକ୍ଷର
ତୁହି ହୋଇଲୁଟି ନିକର ।୨୩।
ହେ ବ୍ରହ୍ମ କ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୪।
ହେ ବ୍ରହ୍ମ ଖ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୨୫।
ହେ ବ୍ରହ୍ମ ଗ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୬।
ହେ ବ୍ରହ୍ମ ଘ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୨୭।
ହେ ବ୍ରହ୍ମ ଙ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୨୮।
ହେ ବ୍ରହ୍ମ ଚ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୨୯।
ହେ ବ୍ରହ୍ମ ଛ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୂଣ ।୩୦।
ହେ ବ୍ରହ୍ମ ଜ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୩୧।
ହେ ବ୍ରହ୍ମ ଝ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୨।
ହେ ବ୍ରହ୍ମ ଞ ଅକ୍ଷର ତୁହି
ଦୟା ତୁ କର ମୋତେ ବହି ।୩୩।
ହେ ବ୍ରହ୍ମ ଟ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୪।
ହେ ବ୍ରହ୍ମ ଠ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୩୫।
ହେ ବ୍ରହ୍ମ ଡ଼ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୬।
ହେ ବ୍ରହ୍ମ ଢ଼ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୩୭।
ହେ ବ୍ରହ୍ମ ଣ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୩୮।
ହେ ବ୍ରହ୍ମ ତ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୩୯।
ହେ ବ୍ରହ୍ମ ଥ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୪୦।
ହେ ବ୍ରହ୍ମ ଦ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୪୧।
ହେ ବ୍ରହ୍ମ ଧ ଅକ୍ଷର ଶୁଣ
ଦୟା ତୁ ମୋତେ କର ପୁଣ ।୪୨।
ହେ ବ୍ରହ୍ମ ନ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୪୩।
ହେ ବ୍ରହ୍ମ ପ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୪୪।
ହେ ବ୍ରହ୍ମ ଫ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୪୫।
ହେ ବ୍ରହ୍ମ ବ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୪୬।

ହେ ବ୍ରହ୍ମର ଅକ୍ଷର ତୁହି
ଦୟା ତୁ କର ମୋତେ ବହି ।୪୭ ।
ହେ ବ୍ରହ୍ମ ମ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୪୮ ।
ହେ ବ୍ରହ୍ମ ଯ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୪୯ ।
ହେ ବ୍ରହ୍ମ ଳ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୫୦ ।
ହେ ବ୍ରହ୍ମ ଶ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୫୧ ।
ହେ ବ୍ରହ୍ମ ଷ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୫୨ ।
ହେ ବ୍ରହ୍ମ ସ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୫୩।
ହେ ବ୍ରହ୍ମ ହ ଅକ୍ଷର ଶୁଣ
ଦୟା ତୁ କର ମୋତେ ପୁଣ ।୫୪ ।
ହେ ବ୍ରହ୍ମ କ୍ଷ ଅକ୍ଷର ତୁହି
ଦୟା ତୁ କର ମୋତେ କହି ।୫୫ ।
ହେ ବ୍ରହ୍ମ ମାତ୍ରା ମାନେ ଶୁଣ
ଦୟା ତୁ କର ମୋତେ ପୁଣ ।୫୬ ।
ହେ ବ୍ରହ୍ମ ଏ ସର୍ବ ଅକ୍ଷର
ଦୟା କରିଣ ବେଗେ ତାର ।୫୭ ।
ହେ ବ୍ରହ୍ମ ସର୍ବାକ୍ଷର ଶୁଣ
ବ୍ୟାପିଛ ବ୍ରହ୍ମାଣ୍ଡରେ ପୁଣ ।୫୮ ।

ହେ ବ୍ରହ୍ମ ଅକ୍ଷର ସଂସାର
ବ୍ୟାପିଅଛ ଯେ ଚରାଚର ।୫୯ ।
ହେ ବ୍ରହ୍ମ ଜୀବ ଅଜୀବରେ
ଅକ୍ଷର ପୂରି ସର୍ବଠାରେ ।୬୦ ।
ହେ ବ୍ରହ୍ମ ଜଳ ସ୍ଥଳାନଳ
ଅକ୍ଷର ପୂରିଛି ସଖଳ ।୬୧ ।
ହେ ବ୍ରହ୍ମ ଅକ୍ଷର ତୁ ଶୁଣ
ଦୟା ତୁ କଲେ ତରିବି ପୁଣ ।୬୨ ।
ହେ ବ୍ରହ୍ମ ସର୍ବାକ୍ଷର ମୋତେ
ଦୟା କରିଣ ତା'ର ଚିତ୍ତେ ।୬୩।
ହେ ବ୍ରହ୍ମ ସର୍ବାକ୍ଷର ତୁହି
ଦୟା କରହେ ମୁଁ ଜଣାଇ ।୬୪ ।
ନମୋ ନମସ୍ତେ ସର୍ବାକ୍ଷର
ମୋ ଅପରାଧ କ୍ଷମାକର ।୬୫ ।
ନମସ୍ତେ ଅକ୍ଷର ତୁ ବ୍ରହ୍ମ
ଦୟା ତୁ କର ମୋତେ ପୁଣ ।୬୬ ।
ନମସ୍ତେ ଅକ୍ଷର ତୁ ଜୀବ
ଦୟା ତୁ କର ମୋତେ ଦେବ ।୬୭ ।
ନମସ୍ତେ ଅକ୍ଷର ପରମ
ଦୟା ତୁ କର ମୋତେ ପୁଣ ।୬୮ ।
ନମୋ ନମସ୍ତେ ସର୍ବ ତୁମ୍ଭେ
ଦୟା ତୁ କର ମୋତେ ଏବେ ।୬୯ ।
ତୁମ୍ଭର ଦୟା ଯେବେ ନାହିଁ
ବେଗେଟି ନାଶ କର କହି ।୭୦ ।

ଯେବେ ତୁମ୍ଭର ଦୟା ଅଛି
ବେଗେ ହେଁ ତା'ର ମୁଁ କହୁଛି ।୭୧ ।
ମୁଁ ହିଁ ତ କିଛି ନ ମାଗଇ
ତୁମ୍ଭଙ୍କୁ ସେବିବି ଜଣାଇ ।୭୨ ।
ନମୋ ନମସ୍ତେ ଦୟାକର
ମୁଁ ହୀନ ପାପିଷ୍ଠ ପାମର ।୭୩।
ନମୋ ନମସ୍ତେ ସର୍ବାକ୍ଷର
ଏ ସ୍ତୁତି କଲଇଁ ତୁମ୍ଭର ।୭୪ ।
ଅଠଚାଳିଶ କ୍ଷର ତୁମ୍ଭ
ଜଣାଉ ଅଛୁ ଶୁଣ ସର୍ବେ ।୭୫ ।
ଏ ତୁମ୍ଭ ସ୍ତୁତି ମୁହିଁ ମୁଖେ
ଗାୟନ କରୁଥିବି ସୁଖେ ।୭୬ ।
ଏତକ ଦୟା ରଖିଥିବ
ମାୟା ତ କେବେ ନ କରିବ ।୭୭ ।
ତୁମ୍ଭେ ଯେବେ ମାୟାଟି କରି
କିମ୍ପାଇ ଥିବି ଦେହ ଧରି ।୭୮ ।
ତୁମ୍ଭର ମାୟା ମୋତେ ନୋହୁ
ତୁମ୍ଭ ସ୍ତୁତି ମୋ ମୁଖେ ଗାଉ ।୭୯ ।
ଏତକ ଜଣାଉଛି ମୁହିଁ
ହେ ସର୍ବାକ୍ଷର କର ତ୍ରାହି ।୮୦ ।
ହେ ବ୍ରହ୍ମ ଅକ୍ଷର ଯେ ତୁମ୍ଭେ ।
ମୋ ଦୋଷ ନ ଧରିବ କେବେ ।୮୧ ।
ହେ ବ୍ରହ୍ମ ଅକ୍ଷର ଯେ ସ୍ତୁତି
ଯେ ଏହା ପଢୁଥିବ ନିତି ।୮୨ ।
ସେ ନର ତ୍ରିଭୁବନେ ଧନ୍ୟ
ଧନ୍ୟ ଜୀବନ ଧନ୍ୟ ଧନ୍ୟ ।୮୩।
ସେ ନର ଜୀଅନ୍ତା ଅଟଇ
ତାକୁ ସଂସାରେ ଭୟ ନାହିଁ ।୮୪ ।
ଅକ୍ଷର ଦୟାଟି କରିବେ
ତା'ର ବିପତ୍ତି ଯେ ନାଶିବେ ।୮୫ ।
ଯେଣେ ସେ ଯାଉଥିଲେ ଶୁଣ
ତାକୁଟି ଜଗିଥିବେ ପୁଣ ।୮୬ ।
ଅକ୍ଷର ସର୍ବ ଘଟେ ଥାଇ
ତାକୁ ବିପତ୍ତି ଅବା କାହିଁ ।୮୭ ।
ଅକ୍ଷର ଦୟାଟି କରିବେ
ଯାହା ମାଗିବ ତାହା ଦେବେ ।୮୮ ।
ଆମର ପଦ ଯେ ମାଗିବ
ଅମର ହୋଇଣ ରହିବ ।୮୯ ।
ସିଦ୍ଧାନ୍ତ ପଦ ଯେ ମାଗିଲେ
ସିଦ୍ଧାନ୍ତ ହେବ ସେହୁ ଭଲେ ।୯୦ ।
ଯୋଗାନ୍ତ ମାଗିଲେଟି ଶୁଣ
ଯୋଗାନ୍ତ ତାକୁ ଦେବେ ପୁଣ ।୯୧ ।
ନାଗାନ୍ତ ମାଗିଲେଟି କହି
ନାଗାନ୍ତ ପ୍ରାପତ ହେ ହୋଇ ।୯୨ ।
ବେଦାନ୍ତ ମାଗିଲେଟି ଶୁଣ
ବେଦାନ୍ତ ପ୍ରାପତ ଯେ ପୁଣ ।୯୩।
ଇନ୍ଦ୍ରାଦି ବ୍ରହ୍ମ ପଦ ଯେତେ
ମାଗିଲେ ପାଇବ ସେ ଚିତ୍ତେ ।୯୪ ।

ନବଧା ଭକ୍ତି ଯେବେ ମାଗି
ପାଇବ ତେବେ ତାକୁ ଭାଗୀ ।୯୫ ।
ନିଷ୍କାମ ଭକ୍ତି ଯେ ମାଗିଲେ
ପ୍ରାପତ କରାଇବେ ଭଲେ ।୯୬ ।
କାମନା ଭକ୍ତି ଯେ ମାଗିବ
ଯେ ପାଞ୍ଚିଥିବ ତା' ପାଇବ ।୯୭ ।
ଧନ ବା ପୁତ୍ର ବାଞ୍ଛା ଯେତେ
ମାଗିଲେ ପାଇବ ସେ ଚିତ୍ତେ ।୯୮ ।
ଯେତେ ପୃଥ୍ୱୀରେ ଭୋଗ ଅଛି
ମାଗିଲେ ଦେବେ ତାକୁ ବାଛି ।୯୯ ।
ଅଧର ସର୍ବ ଘଟେ ଥାଇ
ମାଗିଲେ ଦେବେ ତାକୁ କହି ।୧୦୦ ।
ଅକ୍ଷର ସର୍ବକୁ ବାନ୍ଧିଣ
ତାଙ୍କୁ ଆୟତ୍ତେ ଛନ୍ତି ପୁଣ ।୧୦୧ ।
ତେଣୁଟି ସର୍ବ ଦେଇ ପାରେ
ତାଙ୍କୁ ନ ଭଜେ ମୃତ ନରେ ।୧୦୨ ।
ଏମନ୍ତେ ଅକ୍ଷର ମହିମା
ମୁଁ କି କହିବି ତାଙ୍କ ସୀମା ।୧୦୩ ।
ଅକ୍ଷର ମୋତେ ଦୟା କଲେ
କିଛି ମହିମା କହି ଭଲେ ।୧୦୪ ।
କହଇ ଅରକ୍ଷିତ ଦାସ
ମହୀମଣ୍ଡଳ ଗୀତା ରସ ।୧୦୫ ।
ଆହେ ସୁଜନ ମାନେ କହି
ଓଳାଶୁଣି ପର୍ବତେ ରହି ।୧୦୬ ।
ଅକ୍ଷର ମହୀମା କହିଲି
ଏ ଦୋଷ ତୁମ୍ଭଙ୍କୁ ମାଗିଲି ।୧୦୭ ।
ଏ ମହୀମଣ୍ଡଳ ଯେ ଗୀତା
ଅତି ଗୁପତ ଏହୁ କଥା ।୧୦୮ ।
ଏ ମହୀ ପୃଥ୍ୱୀରେ ଯେ ଗୁଣ
ହେତୁ କରିଣ ଭାବ ପୁଣ ।୧୦୯ ।
ଅକ୍ଷର ଦୟା ଯେ କରିବେ
ଯେ ଭାବିବ ତାକୁ ତାରିବେ ।୧୧୦ ।
ନୋହିଲେ ଅକ୍ଷର ବାରଇ
ଆହେ ସୁଜନ ମାନେ କହି ।୧୧୧ ।

ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ ମହୀମଣ୍ଡଳ ଗୀତା କଥନେ ନାମ
ତ୍ରିନବତିତମୋଧ୍ୟାୟଃ

ଭୀମ ସ୍ୟାପି ରଣୋ ଭଙ୍ଗୋ
ମୁନେ ରପି ମତି ଭ୍ରମଃ
ଯଦି ଶୁଦ୍ଧ ମଶୁଦ୍ଧ ବା
ମମ ଦୋଷୋ ନ ବିଦ୍ୟତେ ।

ସମାପ୍ତ

--- ୦ ---

ଦ୍ୱିତୀୟ ସଂସ୍କରଣ--- ୧୯୭୮

ମୁଦ୍ରାକର :—

**ଗଗନ ବେହାରା ସ୍ୱାଇଁ**

ଭାରତୀ ପ୍ରେସ୍, ଚଣ୍ଡୀଖୋଲ ଛକ, କଟକ

ଲଳିତଗିରି ଗ୍ରାମ ନିବାସୀ ୰କନ୍ଥ ମହାରଣାଙ୍କ ତୃତୀୟ ପିଢୀର ବଂଶଜ ଶ୍ରୀଯୁକ୍ତ ଲୋକନାଥ ମହାରଣା, ଶ୍ରୀମତୀ ସଂଯୁକ୍ତା ମହାରଣା, ଦ୍ୱିତୀୟ ମୁଦ୍ରଣ **'ମହୀମଣ୍ଡଳ ଗୀତା'** ପ୍ରସ୍ତୁତ କରିବାର ସୁଯୋଗ ଦେଇ ଥିବାରୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ଜ୍ଞାପନ କରୁଛୁ ତତ୍‌ସହିତ ମହାପୁରୁଷ ସନ୍ଥ ଅରକ୍ଷିତଙ୍କ ପବିତ୍ର ଜନ୍ମ ମସିହା ୨୦୨୪ ବାହୁଡା ବଡଏକାଦଶୀ ସୁନାବେଶ ଅବସରରେ ଭକ୍ତ ତଥା ଶୁଭେଚ୍ଛୁଙ୍କ ଉଦ୍ଦେଶ୍ୟରେ ତା ୧୭.୦୭.୨୦୨୪ ବୁଧବାରରେ ଲୋକାର୍ପିତ କରୁଛୁ ।

**ନବ କିଶୋର ସାମଲ**
ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ

## ଓଲାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି

ମୁଖ୍ୟ କାର୍ଯ୍ୟାଳୟ: ୬୧୨, ଶବରସାହି, ରସୁଲଗଡ, ଭୁବନେଶ୍ୱର, ଖୋର୍ଦ୍ଧା, ପିନ-୭୫୧୦୧୦
ଶାଖା କର୍ଯ୍ୟାଳୟ : ଲଳିତଗିରି, ମାହାଙ୍ଗା, କଟକ, ପିନ୍-୭୫୪୨୦୫

www.olasuni.com Olasuni App
Mahapurusa Arakhita Das's - Olasuni Gumpha YouTube

Contact - 9776343503, 9438534310, 9692504243, 9937632393
E-mail - nabakishoresamal9@gmail.com